# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ
# ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ ମହାନଗର ନିଗମରେ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥାର ସମ୍ପାଦନ ସମୀକ୍ଷା

SUPREME AUDIT INSTITUTION OF INDIA
लोकहितार्थ सत्यनिष्ठा
Dedicated to Truth in Public Interest

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 8 ବର୍ଷ 2024*

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ
# ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ ମହାନଗର ନିଗମରେ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥାର ସମ୍ପାଦନ ସମୀକ୍ଷା

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 8 ବର୍ଷ 2024*

# ସୂଚୀପତ୍ର


| ଅନୁଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା ସଂଖ୍ୟା |
|---|---|---|
| | ମୁଖବନ୍ଧ | vii |
| | କାର୍ଯ୍ୟନିର୍ବାହୀ ସାରାଂଶ | ix |
| **ଅଧ୍ୟାୟ I** | **ଉପକ୍ରମ** | |
| 1.1 | ଉପକ୍ରମ | 1 |
| 1.2 | ଓଡ଼ିଶାର ଭୌଗୋଳିକ ସ୍ଥିତି | 2 |
| 1.3 | ମହାନଗର ନିଗମର ବିହଙ୍ଗାବଲୋକନ | 2 |
| 1.4 | ମହାନଗର ନିଗମରେ ବର୍ଷା ଜଳ ନିଷ୍କାସନ ନେଟ୍‌ୱାର୍କ | 3 |
| 1.5 | ସାଂଗଠନିକ ବ୍ୟବସ୍ଥା | 5 |
| 1.6 | ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ କାର୍ଯ୍ୟ ହସ୍ତାନ୍ତର | 6 |
| 1.7 | ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନାରେ (ୟୁଏଲ୍‌ବିର) ଭୂମିକା | 6 |
| **ଅଧ୍ୟାୟ II** | **ସମୀକ୍ଷା ଢାଞ୍ଚା, ପରିସର ଏବଂ ପଦ୍ଧତି** | |
| 2.1 | ସମୀକ୍ଷା ଉଦ୍ଦେଶ୍ୟ | 7 |
| 2.2 | ସମୀକ୍ଷା ମାନଦଣ୍ଡ | 7 |
| 2.3 | ସମୀକ୍ଷା ପରିସର ଏବଂ ପଦ୍ଧତି | 8 |
| 2.4 | ସ୍ୱୀକୃତି | 9 |
| 2.5 | ସମୀକ୍ଷା ପ୍ରତିବନ୍ଧକ | 9 |
| 2.6 | ପୂର୍ବ ସମୀକ୍ଷା | 9 |
| **ଅଧ୍ୟାୟ III** | **ବର୍ଷା ଜଳ ନିଷ୍କାସନ ଓ ସ୍ୱେରେଜ ବ୍ୟବସ୍ଥା ସମ୍ପର୍କରେ ଯୋଜନା** | |
| 3.1 | ବର୍ଷା ଜଳ ସଂଗ୍ରହ ଓ ସଂରକ୍ଷଣ ପାଇଁ ଯୋଜନା ଓ ରଣନୀତି | 11 |
| 3.1.1 | ବର୍ଷା ଜଳ ପରିଚାଳନା ପାଇଁ ନୀତି ଓ ନିୟାମକ ଢ଼ାଞ୍ଚାର ଅଭାବ | 11 |
| 3.1.2 | ରାଜ୍ୟ ଜଳ ନୀତି–ସହରାଞ୍ଚଳ ଭୂପୃଷ୍ଠଜଳ ପ୍ରବାହକୁ ଏକ ସମ୍ପଦ ଭବରେ ସ୍ୱୀକୃତି ଦିଆଯାଇନାହିଁ | 12 |
| 3.1.3 | ବର୍ଷା ଜଳ ସଂଗ୍ରହ ବ୍ୟବସ୍ଥା | 12 |
| 3.1.3.1 | ଜଳାଶୟ ଗୁଡ଼ିକର ପରିଚାଳନା | 12 |
| 3.1.4 | ଡ୍ରେନଗୁଡ଼ିକର ପ୍ରସ୍ଥ ହ୍ରାସ | 13 |
| 3.1.4.1 | ଡ୍ରେନ୍‌ର ବିକାଶ | 14 |
| 3.1.5 | ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀ | 15 |
| 3.1.5.1 | ଭୂତଳ ଜଳ ରିଚାର୍ଜ | 16 |
| 3.1.5.2 | ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା | 17 |
| 3.1.5.3 | ଭୂତଳ ଜଳ ରିଚାର୍ଜ ପାଇଁ ଜଳାଶୟ ସହ ଏସଡବ୍ଲୁଡି ସଂଯୋଗ ନକରିବା | 19 |
| 3.1.5.4 | କଂକ୍ରିଟକରଣ ଯୋଗୁଁ ବର୍ଷା ଜଳ ନିଷ୍କାସନରେ ପ୍ରଭାବ | 19 |
| 3.1.6 | ବର୍ଷା ଜଳ ନିଷ୍କାସନ ସଂରକ୍ଷଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ କାରଣ | 20 |
| 3.2 | ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥା ନିର୍ମାଣ ପାଇଁ ଯୋଜନା | 21 |
| 3.2.1 | ବିସ୍ତୃତ ବିକାଶ ଯୋଜନାଗୁଡ଼ିକର ପ୍ରସ୍ତୁତି | 21 |
| 3.2.1.1 | ବ୍ୟାପକ ବିକାଶ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବାରେ ବିଳମ୍ବ ଯୋଗୁଁ ନିଷ୍ଫଳ ବ୍ୟୟ | 22 |
| 3.2.1.2 | ବ୍ୟାପକ ବିକାଶ ଯୋଜନାର ସଂଶୋଧନ/ ସମୀକ୍ଷାରେ ବିଳମ୍ବ | 23 |
| 3.2.1.3 | ବ୍ୟାପକ ବିକାଶ ଯୋଜନାରେ ତ୍ରୁଟି | 23 |

| ଅନୁଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା ସଂଖ୍ୟା |
|---|---|---|
| 3.2.1.4 | ଆଞ୍ଚଳିକ ଉନ୍ନୟନ ଯୋଜନା ପ୍ରସ୍ତୁତ ନକରିବା | 24 |
| 3.2.2 | ବର୍ଷା ଜଳ ନିଷ୍କାସନ ପରିଚାଳନା ପାଇଁ ମାଷ୍ଟର ପ୍ଲାନ | 25 |
| 3.2.2.1 | ବର୍ଷା ଜଳ ନିଷ୍କାସନ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଓ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ନହେବା | 25 |
| 3.2.2.2 | ବ୍ୟାପକ ବର୍ଷା ଜଳ ନିଷ୍କାସନ ତାଲିକାର ଅନୁପସ୍ଥିତି | 27 |
| 3.2.3 | ବର୍ଷା ଜଳ ନିଷ୍କାସନ ପାଇଁ ରାସ୍ତା ଓ ଡ୍ରେନ୍ ଗୁଡ଼ିକର ପରିକଳ୍ପନା | 28 |
| 3.2.3.1 | ହାରାହାରି ବାର୍ଷିକ ବୃଷ୍ଟିପାତର ଗୁରୁତ୍ୱ | 28 |
| 3.2.3.2 | ଏସ୍‌ଡବ୍ଲ୍ୟୁଡିରେ ପ୍ରବେଶ ଏବଂ ନିର୍ଗମନର ଅବ୍ୟବସ୍ଥା | 29 |
| 3.2.3.3 | ଧାରଣକ୍ଷମ ଏବଂ ବନ୍ଦ ଜଳାଶୟ ସଂରଚନା ଗୁଡ଼ିକର ଅବ୍ୟବସ୍ଥା | 31 |
| 3.2.3.4 | ଉପଯୁକ୍ତ ବର୍ଷା ଜଳ ଡ୍ରେନେଜ୍ ବ୍ୟବସ୍ଥା ଓ ସମ୍ପ ଟାଙ୍କି ବିନା ନୂଆ ରାସ୍ତା ନିର୍ମାଣ | 32 |
| 3.2.4 | ବର୍ଷା ଜଳ ଡ୍ରେନର ରକ୍ଷଣାବେକ୍ଷଣ | 33 |
| 3.2.4.1 | ଏସଡବ୍ଲ୍ୟୁଡିର ପଙ୍କ ଉଦ୍ଧାର କାର୍ଯ୍ୟଗୁଡ଼ିକର ନିୟମିତ ଯାଞ୍ଚ ଏବଂ କାର୍ଯ୍ୟକାରିତା | 33 |
| 3.2.4.2 | ଖୋଲା ଡ୍ରେନ ଉପରେ କଭର ସ୍ଲାବ୍ ବ୍ୟବସ୍ଥା କରାଯାଇ ନାହିଁ | 36 |
| 3.2.5 | ସ୍ୱେରେଜ ପରିଚାଳନା ବ୍ୟବସ୍ଥା ପାଇଁ ସିଟି ମାଷ୍ଟର ପ୍ଲାନ୍ ଓ ସିଟି ପରିମଳ ଯୋଜନା | 37 |
| 3.2.6 | ଏସଟିପିର ଡିଜାଇନିଂ କ୍ଷମତା ପର୍ଯ୍ୟାପ୍ତ ନୁହେଁ | 37 |
| 3.2.6.1 | ବ୍ରହ୍ମପୁର ମହାନଗର ନିଗମରେ ସ୍ୱେରେଜ୍ ବ୍ୟବସ୍ଥା ପାଇଁ ଡିପିଆର ପ୍ରସ୍ତୁତ ନହେବା | 38 |
| 3.2.6.2 | ଭୁବନେଶ୍ୱରରେ ବିଦ୍ୟମାନ ସ୍ୱେରେଜ୍ ବ୍ୟବସ୍ଥାକୁ ଏସ୍‌ଟିପି ସହ ସଂଯୋଗ କରିବା ପାଇଁ ଯୋଜନାର ଅବହେଳା | 39 |
| 3.2.6.3 | ସ୍ୱେରେଜ୍ କାର୍ଯ୍ୟ ପାଇଁ ଡିପିଆର୍ ପ୍ରସ୍ତୁତି ଓ ଆକଳନରେ ତ୍ରୁଟି | 40 |
| 3.2.6.4 | ସମ୍ବଲପୁରର ସହରରର ସ୍ୱେରେଜ୍ ପ୍ରକଳ୍ପ | 43 |
| 3.2.6.5 | ଜମି ଉପଲବ୍ଧତା ବିନା କାର୍ଯ୍ୟ ଆରମ୍ଭ | 44 |
| 3.2.7 | ସ୍ମାର୍ଟ ସିଟି ମିଶନ ଅଧିନରେ ଡ୍ରେନେଜ୍ ଓ ସ୍ୱେରେଜ୍ ପ୍ରକଳ୍ପ ପାଇଁ ଯୋଜନାରେ ଅବହେଳା | 46 |
| 3.2.8 | ବର୍ଷା ଜଳ ନିଷ୍କାସନ ପାଇଁ ବଫର ଜୋନ୍‌ର ଅଭାବ | 48 |
| 3.2.8.1 | ଜବରଦଖଲ ସର୍ଭେ ଓ ସେଗୁଡିକୁ ଉଚ୍ଛେଦ | 48 |
| 3.2.9 | ଭୁବନେଶ୍ୱର ପଳାସୁଣୀରେ ଜଳ ପ୍ରବେଶ କୂପ ପାଇଁ ଭୁଲ ଜାଗା ଚୟନ | 51 |
| **ଅଧ୍ୟାୟ IV** | **ଆର୍ଥିକ ପରିଚାଳନା** | |
| 4.1 | ପାଞ୍ଚୋଟି ମହାନଗର ନିଗମ ଗୁଡ଼ିକର ପ୍ରାପ୍ତି ଓ ବ୍ୟୟ | 55 |
| 4.2 | ସ୍ୱେରେଜ୍ ପ୍ରକଳ୍ପ ସମ୍ପର୍କରେ ଓଡବ୍ଲ୍ୟୁଏସ୍‌ଏସ୍‌ବି ଓ ୱାଟ୍‌କୋର ଆର୍ଥିକ ପ୍ରଦର୍ଶନ | 56 |
| 4.3 | ଠିକାଦାରଙ୍କୁ ମୋବିଲାଇଜେସନ୍ ଅଗ୍ରୀମ ଆଡଭାନ୍ସ ପ୍ରଦାନ | 57 |
| 4.3.1 | ଚୁକ୍ତିନାମାରେ ତ୍ରୁଟିପୂର୍ଣ୍ଣ ଧାରା କାରଣରୁ ସୁଧ ହରାଇବା | 57 |
| 4.3.2 | ସୁରକ୍ଷିତ ଅଗ୍ରୀମ ର ବ୍ୟବସ୍ଥିତ ନ ହେବା | 57 |
| 4.4 | ପରାମର୍ଶ ସେବା ପାଇଁ ସେବା କର ଏବଂ ଜିଏସ୍‌ଟି ବାବଦରେ ପରିହାର୍ଯ୍ୟ ବ୍ୟୟ | 58 |
| 4.5 | ନର୍ଦ୍ଦମା ଉପଭୋକ୍ତା ଶୁଳ୍କ ଏବଂ ଏସ୍‌ଡବ୍ଲ୍ୟୁଡି ସେସ୍ ଆଦାୟ କରି ରାଜସ୍ୱ ଉତ୍ପାଦନ | 59 |
| 4.5.1 | ନର୍ଦ୍ଦମା ଉପଭୋକ୍ତା ଶୁଳ୍କ ଆଦାୟ ନହେବା | 59 |
| 4.5.2 | ସେସ୍‌ର ଅଣ-ଆଦାୟ ଫଳରେ ମହାନଗର ନିଗମଗୁଡ଼ିକ ଦ୍ୱାରା ନିଜସ୍ୱ ରାଜସ୍ୱ ଆଦାୟ ନହେବା | 59 |

| ଅନୁଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା ସଂଖ୍ୟା |
|---|---|---|
| 4.6 | ବିନିଯୋଗ ପ୍ରମାଣପତ୍ରର ଅଣ-ଦାଖଲ | 60 |
| 4.7 | ଭଡ଼ା ଗାଡ଼ି ପାଇଁ ଅଧିକ ଦେୟ ଯୋଗୁଁ ପରାମର୍ଶଦାତାଙ୍କୁ ଅଯଥା ଫାଇଦା | 60 |
| 4.8 | ସମୀକ୍ଷା ହୋଇଥିବା ହିସାବ ପ୍ରସ୍ତୁତ ନହେବା ଏବଂ ବୋର୍ଡର ବାର୍ଷିକ ରିପୋର୍ଟ ଦାଖଲ ନ କରିବା | 61 |
| 4.9 | କେନ୍ଦ୍ରୀୟ ସହାୟତାର କ୍ଷତି | 61 |
| **ଅଧ୍ୟାୟ V** | **ବର୍ଷା ଜଳ ଡ୍ରେନ୍ ଏବଂ ସେ୍ୱରେଜ୍ ପାଇଁ ଚୁକ୍ତିନାମା ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା** | |
| 5.1 | ବର୍ଷା ଜଳ ଡ୍ରେନ୍ ଏବଂ ସେ୍ୱରେଜ୍ ପାଇଁ ଚୁକ୍ତିନାମା ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା | 63 |
| 5.1.1 | ଟେଣ୍ଡର ଗ୍ରହଣରେ ବିଳମ୍ବ | 63 |
| 5.1.2 | ଅଣ କାର୍ଯ୍ୟକାରୀ ଠିକାଦାରଙ୍କୁ କାମ ପ୍ରଦାନ ଏବଂ ଚୁକ୍ତିନାମା ରଦ୍ଦ ନ ହେବା । | 63 |
| 5.2 | ବର୍ଷା ଜଳ ନିଷ୍କାସନ ପାଇଁ ପ୍ରକଳ୍ପ କାର୍ଯ୍ୟକାରିତା | 64 |
| 5.2.1 | ଆଇଆରସି ନିର୍ଦ୍ଦିଷ୍ଟତାକୁ ଉଲ୍ଲଂଘନ କରି ଏବଂ ଡିଜାଇନ୍‌ରେ ଥିବା ନିଷ୍କାସନକୁ ବିଚାର ନକରି, ବର୍ଷା ଜଳ ଡ୍ରେନ୍ ନିର୍ମାଣ କରାଯାଇଛି | 64 |
| 5.2.2 | ମହାନଗର ନିଗମ ପକ୍ଷରୁ ଡ୍ରେନ୍ କାମ ଶେଷ ନହେବା | 66 |
| 5.2.2.1 | ଆବଶ୍ୟକ ଖାଲି ଜାଗା ହସ୍ତାନ୍ତର ହୋଇନଥିବାରୁ, କଟକରେ ଡ୍ରେନ୍ କାମ ଅସଂପୂର୍ଣ୍ଣ | 66 |
| 5.2.2.2 | ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅସଂପୂର୍ଣ୍ଣ | 66 |
| 5.2.3 | ମହାନଗର ନିଗମ ଅଧୀନରେ ଥିବା ନାଳ ଗୁଡ଼ିକର ରକ୍ଷଣାବେକ୍ଷଣ ନହେବା | 68 |
| 5.2.3.1 | ବିଏମ୍‌ସି ପକ୍ଷରୁ ଗଙ୍ଗୁଆ ନାଳର ରକ୍ଷଣାବେକ୍ଷଣ କରାନଯିବା | 68 |
| 5.2.3.2 | ସିଏମସି ପକ୍ଷରୁ ପେଟ୍ଟା ନାଳର ରକ୍ଷଣାବେକ୍ଷଣ କରାନଯିବା | 70 |
| 5.2.4 | ମହାନଗର ନିଗମ ମାନଙ୍କ ଦ୍ୱାରା ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା | 71 |
| 5.2.5 | ଖୋଲା ଡ୍ରେନରେ ଅଳିଆ ଫିଙ୍ଗିବା | 73 |
| 5.2.6 | ଡ୍ରେନରୁ ଖୋଲା ହୋଇଥିବା ପଙ୍କୁଆ ମାଟି ଉଦ୍ଧାର କାର୍ଯ୍ୟ ପରେ କାର୍ଯ୍ୟସ୍ଥଳ ସଫା ନକରିବା | 74 |
| 5.3 | ନିଗମଗୁଡିକରେ ସେ୍ୱରେଜ ଉତ୍ପାଦନ, ସଂଗ୍ରହ, ବିଶୋଧନ ଓ ନିଷ୍କାସନ | 74 |
| 5.3.1 | ଓଡବ୍ଲୁଏସଏସବି ଏବଂ ଓ୍ୱାଟକୋ ଦ୍ୱାରା ସେ୍ୱରେଜ ବ୍ୟବସ୍ଥାର କାର୍ଯ୍ୟକାରିତା | 75 |
| 5.3.2 | ସେ୍ୱରେଜ୍ ପ୍ରକଳ୍ପର ଖର୍ଚ୍ଚ ଓ ସମୟ ବୃଦ୍ଧି | 78 |
| 5.3.2.1 | ଭୁବନେଶ୍ୱର ସେ୍ୱରେଜ୍ ଜିଲ୍ଲା | 78 |
| 5.3.2.2 | ରାଉରକେଲା ପଶ୍ଚିମ ସେ୍ୱରେଜ୍ ପ୍ରକଳ୍ପ | 79 |
| 5.3.2.3 | କଟକ ମତଗଜପୁରରେ ଏସଟିପି କାର୍ଯ୍ୟକ୍ଷମ ନ ଥିବା ଯୋଗୁଁ ନିଷ୍ଫଳ ବ୍ୟୟ | 81 |
| 5.3.3 | ସେସ୍ପୁଲ ଗାଡିରେ ଜିପିଏସ୍ ସୁବିଧା ନ ଲଗାଇବା | 81 |
| 5.3.4 | ସେ୍ୱରେଜ ବିଶୋଧନାଗାର ଗୁଡିକର କାର୍ଯ୍ୟ | 82 |
| 5.3.4.1 | ସେ୍ୱରେଜ ଉତ୍ପାଦନ ଏବଂ ବିଶୋଧନ ମଧ୍ୟରେ ବ୍ୟବଧାନ | 82 |
| 5.3.5 | ସେ୍ୱରେଜ୍ ବିଶୋଧନାଗାର ଗୁଡ଼ିକର କାର୍ଯ୍ୟକାରିତା | 83 |
| 5.3.5.1 | ସେ୍ୱରେଜ୍ ବିଶୋଧନାଗାର ଗୁଡ଼ିକରେ ଜଳ ଗୁଣବତ୍ତାର ନିରପେକ୍ଷ ସମୀକ୍ଷାର ଅନୁପସ୍ଥିତି | 84 |
| 5.3.5.2 | ବିଶୋଧିତ ସେ୍ୱରେଜ୍ ଜଳର ପୁନଃ ବ୍ୟବହାର ଅଭାବ | 86 |

| ଅନୁଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା ସଂଖ୍ୟା |
|---|---|---|
| 5.3.5.3 | ପଙ୍କ ନିଷ୍କାସନ | 86 |
| 5.3.5.4 | କୋଡ୍ ଏବଂ ମାନୁଆଲକୁ ବିଚ୍ୟୁତ କରି ନିଆଯାଇଥିବା କାର୍ଯ୍ୟ ଯୋଗୁ ଅତିରିକ୍ତ ଖର୍ଚ୍ଚ | 86 |
| **ଅଧ୍ୟାୟ VI** | **ମହାନଗର ନିଗମଗୁଡ଼ିକରେ ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥାର ତଦାରଖ ବ୍ୟବସ୍ଥା** | |
| 6.1 | ତଦାରଖର ଅଭାବ | 91 |
| 6.1.1 | ଉଚ୍ଚସ୍ତରୀୟ ଷ୍ଟିୟରିଂ କମିଟି ଦ୍ୱାରା ତଦାରଖର ଅଭାବ | 91 |
| 6.1.2 | ସାମାଜିକ ଉନ୍ନୟନ ସମିତି ଗଠନ ନହେବା | 91 |
| 6.1.3 | ରାଜ୍ୟସ୍ତରୀୟ କମିଟି ଦ୍ୱାରା ତଦାରଖରେ ଅଭାବ | 92 |
| 6.1.4 | ସ୍ୱେରେଜ ବିଶୋଧନାଗାର ତଦାରଖ ପାଇଁ (ଓଡବ୍ଲୁଏସଏସବି) ବୋର୍ଡ ବୈଠକ ଆୟୋଜନରେ ଅବହେଳା | 92 |
| 6.2 | ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ  ବୋର୍ଡ ପକ୍ଷରୁ ତଦାରଖର ଅଭାବ | 92 |
| 6.2.1 | ପରିବେଶ କ୍ଷତିପୂରଣ ଆଦାୟ କରାଯାଉନାହିଁ | 93 |
| 6.3 | ବର୍ଷା ଜଳ  ନିଷ୍କାସନ କାର୍ଯ୍ୟର ତଦାରଖ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ନାହିଁ | 93 |
| 6.4 | କାର୍ଯ୍ୟ  ସମ୍ପାଦନରେ ବିଳମ୍ବ ପାଇଁ କ୍ଷତିପୂରଣ ଆଦାୟ କରାଯାଉନାହିଁ | 94 |
| 6.5 | ସ୍ୱେରେଜ  ପ୍ରକଳ୍ପ କାର୍ଯ୍ୟକାରୀ  ହେବାରେ ବିଳମ୍ବ ଯୋଗୁଁ ପରିବେଶ ଉପରେ ପ୍ରଭାବ | 94 |
| 6.5.1 | ଜଳ ପ୍ରଦୂଷଣ ପ୍ରଭାବ | 95 |
| 6.5.2 | ମାନବ ଜାତି | 96 |
| 6.5.3 | ମାଟି ଓ ପନିପରିବା | 96 |
| 6.5.3.1 | ମାଟି, ପାଣି ଓ ଫସଲ ନମୁନା ସଂଗ୍ରହ ଓ ପ୍ରସ୍ତୁତି ପଦ୍ଧତି | 97 |
| 6.5.4 | ଜଳଜୀବ | 98 |
| 6.6 | ବର୍ଷା ଜଳ ନିଷ୍କାସନ ପ୍ରବାହ ପାଇଁ ଗୁଣାତ୍ମକ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଜଳାଶୟ ପ୍ରଦୂଷଣ ହୋଇଛି | 98 |
| 6.7 | ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା ଅଧିନରେ କାର୍ଯ୍ୟର ଗୁଣବତ୍ତା ପରିଚାଳନା | 99 |
| 6.8 | ମାପ  ଯାଞ୍ଚ ହୋଇ ନାହିଁ | 99 |
| 6.9 | ଆଇନର ଉଲ୍ଲଂଘନ କରି  ହସ୍ତଚାଳିତ ସଫେଇକର୍ମୀଙ୍କୁ ନିୟୋଜିତ କରିବା | 99 |
| 6.10 | ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକଳାପର ଅନୁପସ୍ଥିତି | 100 |
| 6.11 | ସେବା ସ୍ତରୀୟ ମାନଦଣ୍ଡ (ବେଞ୍ଚମାର୍କ) ବିରୁଦ୍ଧରେ ସଫଳତା | 100 |

| **ପରିଶିଷ୍ଟ** | | |
|---|---|---|
| ପରିଶିଷ୍ଟ I | ମହାନଗର ନିଗମ ମାନଙ୍କ ଦ୍ୱାରା ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ବ୍ୟବସ୍ଥାର ଅନୁପାଳନ ନହେବା | 103 |
| ପରିଶିଷ୍ଟ II | ମହାନଗର ନିଗମ ଅଧୀନରେ ଅବ୍ୟବହୃତ ଜଳାଶୟ (ମାର୍ଚ୍ଚ 2022 ସୁଦ୍ଧା) | 106 |
| ପରିଶିଷ୍ଟ III | ପ୍ରାକୃତିକ ଡ୍ରେନ୍‌ର ବିବରଣୀ, ସିଡିପି ଅନୁଯାୟୀ | 107 |
| ପରିଶିଷ୍ଟ - IV | 2015-20 ରେ ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରକଳ୍ପ | 108 |
| ପରିଶିଷ୍ଟ V | 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ମନୋନୀତ ମହାନଗର ନିଗମ ଗୁଡ଼ିକର ପ୍ରାପ୍ତି ଓ ଖର୍ଚ୍ଚ | 112 |
| ପରିଶିଷ୍ଟ VI | ବ୍ରହ୍ମପୁର ମହାନଗର ନିଗମର ଏସ୍‌ଡବ୍ଲ୍ୟୁଡି ପ୍ରକଳ୍ପ କାର୍ଯ୍ୟକ୍ଷମ ନହେବା | 113 |
| ପରିଶିଷ୍ଟ VII | ନିଷ୍କାସନ, ସଂଗୃହୀତ, ବିଶୋଧିତ ଏବଂ ଅପରିଷ୍କାର ବର୍ଜ୍ୟବସ୍ତୁ ଜଳାଶୟଗୁଡ଼ିକୁ (ମାର୍ଚ୍ଚ 2022 ସୁଦ୍ଧା) ନିଷ୍କାସିତ ହେବା | 115 |
| ପରିଶିଷ୍ଟ VIII | ଜଳ ଆଇନ୍, 1974 ପାଳନ ନ କଲେ ପରିବେଶ କ୍ଷତିପୂରଣ ଆଦାୟ କରାଯାଉନାହିଁ | 116 |
| ପରିଶିଷ୍ଟ IX | ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନରେ ଅବହେଳା ପାଇଁ ଏବଂ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ପାଇଁ କ୍ଷତିପୂରଣ ଆଦାୟ ନ କରିବା | 117 |
| ପରିଶିଷ୍ଟ X | ଜାନୁଆରୀ-ଜୁଲାଇ 2022 ରେ ନଦୀ ଓ ଜଳାଶୟର ଗୁଣବତ୍ତା | 122 |
| ପରିଶିଷ୍ଟ XI | ମହାନଗର ନିଗମମାନଙ୍କ ଦ୍ୱାରା ଏସଡବ୍ଲ୍ୟୁ ଏବଂ ସେରେଜ୍ ପରିଚାଳନା ଉପରେ ଏସଏଲବି ର ପ୍ରଦର୍ଶନ ଏବଂ ଉପଲବ୍ଧି | 123 |
| | **ଶବ୍ଦକୋଷ** | 125 |

# ମୁଖବନ୍ଧ

ଦ୍ରୁତ ସହରୀକରଣ ଯୋଗୁଁ ସହରାଞ୍ଚଳରେ ବନ୍ୟା ଜଳ ନିଷ୍କାସନ (ଏସଡବ୍ଲ୍ୟୁଡି) ଏବଂ ସେରେଜ୍ ପରିଚାଳନା ଆଜି ଆମ ଦେଶ ସମ୍ମୁଖୀନ ହେଉଥିବା ସବୁଠାର ବଡ଼ ଆହ୍ୱାନ ଭାବେ ଉଭା ହୋଇଛି । ବର୍ଜ୍ୟବସ୍ତୁର ଅପର୍ଯ୍ୟାପ୍ତ ପରିଚାଳନା ଜନସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ । ଏସଡବ୍ଲ୍ୟୁଡି ଏବଂ ସେରେଜ୍ ପରିଚାଳନା ଏସଡବ୍ଲ୍ୟୁଡି ଏବଂ ସେରେଜ୍ ମାନୁଆଲ ଦ୍ୱାରା ପରିଚାଳିତ ହୁଏ ଏବଂ ନିର୍ଦ୍ଦିଷ୍ଟ ନିୟମ ମାନଙ୍କର ପରିପୂରକ ଅଟେ । ରାଜ୍ୟରେ ଏସଡବ୍ଲ୍ୟୁଡି ଏବଂ ସେରେଜ୍ ପରିଚାଳନା କାର୍ଯ୍ୟକାରୀ କରିବା ପାଇଁ 114 ଟି ୟୁଏଲ୍‌ବି ଦାୟୀ ।

ଏହି ରିପୋର୍ଟରେ ଓଡ଼ିଶାର ମହାନଗର ନିଗମ(ଏମସି) ଦ୍ୱାରା ବନ୍ୟା ଜଳ ନିଷ୍କାସନ ଏବଂ ସେରେଜ୍ ପରିଚାଳନା ପଦ୍ଧତିର ପ୍ରଦର୍ଶନ ସମୀକ୍ଷାର ଫଳାଫଳ ରହିଛି, ଯାହା ମହାନଗର ନିଗମରେ ବନ୍ୟା ଜଳ ନିଷ୍କାସନ ଏବଂ ସେରେଜ୍ ପରିଚାଳନାର ଯୋଜନା ପ୍ରଭାବଶାଳୀ, ଦକ୍ଷ ଏବଂ ଅର୍ଥନୈତିକ କି ନାହିଁ ତାହା ଆକଳନ କରିବା ଉଦ୍ଦେଶ୍ୟରେ କରାଯାଇଥିଲା; ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାଙ୍କନ ସହିତ ସଚେତନତା ସୃଷ୍ଟିର ଯଥେଷ୍ଟତା, ନାଗରିକ ନିୟୋଜନ, ଆଚରଣ ପରିବର୍ତ୍ତନକୁ ପ୍ରଭାବିତ କରିବା, ପରିବେଶ ପ୍ରଭାବର ଆକଳନ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ତଦାରଖ ବ୍ୟବସ୍ଥାର କାର୍ଯ୍ୟକାରିତା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀର ଆକଳନ କରିବାରଥିଲା ।

ସମ୍ବିଧାନର ଧାରା 151 ଏବଂ ସମୟ ସମୟରେ ସଂଶୋଧିତ ସିଏଜିଙ୍କ ଡିପିସି ଅଧିନିୟମ, 1971 ଅନୁଯାୟୀ ଓଡ଼ିଶାର ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପିତ କରିବା ପାଇଁ ଭାରତର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ପ୍ରସ୍ତୁତ କରାଯାଇଛି ।

ଏହି ପ୍ରତିବେଦନରେ ଉଲ୍ଲେଖିତ କରାଯାଇଥିବା ବିଷୟଗୁଡ଼ିକ 2017-22 ଅବଧିରେ ନଜରକୁ ଆସିଥିଲା ଏବଂ ଯେଉଁଗୁଡ଼ିକ ପୂର୍ବ ବର୍ଷ ମାନଙ୍କରେ ଦୃଷ୍ଟିଗୋଚର ହୋଇଥିଲା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନରେ ଉଲ୍ଲେଖ କରାଯାଇ ପାରିନଥିଲା । ଯେଉଁଠାରେ ଆବଶ୍ୟକତା ଥିଲା, ସେଠାରେ 2017-22 ପରବର୍ତ୍ତୀ ସମୟର ବିଷୟ ବସ୍ତୁକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମୀକ୍ଷିତ ନିୟମ ଅନୁଯାୟୀ ସମୀକ୍ଷା ପରିଚାଳନା କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# କାର୍ଯ୍ୟନିର୍ବାହୀ ସାରାଂଶ

# କାର୍ଯ୍ୟନିର୍ବାହୀ ସାରାଂଶ

## I. ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥାର ଉଦ୍ଦେଶ୍ୟ

ପୃଥିବୀର ପ୍ରାୟ 40 ପ୍ରତିଶତ ଲୋକ ଜଳ ଅଭାବରୁ ପ୍ରଭାବିତ ହେଉଥିବା ବେଳେ ସମଗ୍ର ପୃଥିବୀର 80 ପ୍ରତିଶତ ବର୍ଜ୍ୟଜଳ ଉପଯୁକ୍ତ ବର୍ଜ୍ୟ ବସ୍ତୁ ବିଶୋଧନ ବିନା ସମୁଦ୍ର କିମ୍ବା ନଦୀରେ ପ୍ରବାହ ହୋଇଥାଏ । ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ 6 (2015) ର ଉଦ୍ଦେଶ୍ୟ ହେଉଛି 2030 ସୁଦ୍ଧା ସମସ୍ତଙ୍କ ପାଇଁ ଜଳ ଓ ପରିମଳର ଉପଲବ୍ଧତା ଏବଂ ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରିବା, କାରଣ ଏହା ଜନସ୍ୱାସ୍ଥ୍ୟ ଏବଂ ପୃଥିବୀ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ପ୍ରଭାବଶାଳୀ ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ସ୍ଥାନୀୟ ଜନ ସମୁଦାୟକୁ ପରିବେଶ, ସାମାଜିକ ଏବଂ ଅର୍ଥନୈତିକ ଲାଭ ପ୍ରଦାନ କରିଥାଏ । ବନ୍ୟା ଜଳ ଓ ସ୍ୱେରେଜ୍‌କୁ ଭଲ ଭାବରେ ପରିଚାଳନା କରାଗଲେ ଝରଣା, ନଦୀ ଓ ହ୍ରଦ ପରିଷ୍କାର ରହିଲେ ବନ୍ୟା ବିପଦ କମିଯାଏ, ବନ୍ୟା କ୍ଷୟକ୍ଷତି ଖର୍ଚ୍ଚ କମିଯାଏ ଓ ଗୋଷ୍ଠୀଜୀବନର ଗୁଣବତ୍ତା ବୃଦ୍ଧି ପାଇଥାଏ ।

ଜନସଂଖ୍ୟା ବୃଦ୍ଧି ସହିତ ଦ୍ରୁତ ଅଭିବୃଦ୍ଧି ଏବଂ ଦ୍ରୁତ ସହରୀକରଣ ଯୋଗୁଁ ଭିତ୍ତିଭୂମି ଏବଂ ପ୍ରାକୃତିକ ସମ୍ପଦ ଉପରେ ଚାପ ବଢ଼ିବା ସହ ଜଳାଶୟ/ ଡ୍ରେନ ଜବରଦଖଲ ଏବଂ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ହ୍ରାସ ପାଇଛି । କଂକ୍ରିଟକରଣ ଏବଂ ଅବଶୋଷଣ ରହିତ ସ୍ତର ଯୋଗୁଁ ବନ୍ୟାଜଳ ପ୍ରବାହ ବୃଦ୍ଧି ପାଇଛି । ଅଧିକ ଜଳ ପ୍ରବାହ ହେଲେ ଅଧିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ । ଫଳସ୍ୱରୂପ, ବର୍ଷ ବର୍ଷ ଧରି ବନ୍ୟା ବାରମ୍ବାର ବୃଦ୍ଧି ପାଇଛି ଏବଂ ବନ୍ୟା ଏକ ନିୟମିତ ଘଟଣାରେ ପରିଣତ ହୋଇଛି, ଯାହାଫଳରେ ତଳିଆ ଅଞ୍ଚଳ ଜଳମଗ୍ନ ହେଉଛି । ଫଳରେ ଅନେକ ସ୍ଥାନରେ ପାଣି ଜମି ରହିବା ସହ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଅଚଳାବସ୍ଥା ରହୁଛି । ପଥଚାରୀ ଚଳାଚଳ ଉପରେ କଟକଣା ଏବଂ ସରକାରୀ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ହେଉଛି । ତେଣୁ ପ୍ରଭାବଶାଳୀ ବନ୍ୟା ଜଳ ପରିଚାଳନାର ଆବଶ୍ୟକତା ରହିଛି ।

ଜନସଂଖ୍ୟା ଦ୍ରୁତ ବୃଦ୍ଧି ମଧ୍ୟ ବର୍ଷା ଜଳ ନିଷ୍କାସନ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି, କାରଣ ସମସ୍ତ ବନ୍ୟା ଜଳ ଡ୍ରେନ୍[1]କୁ ଘରଗୁଡ଼ିକରୁ ବର୍ଜ୍ୟବସ୍ତୁ ଆସିଥାଏ, ଯାହା ସହରଗୁଡ଼ିକରେ ପର୍ଯ୍ୟାପ୍ତ ସ୍ୱେରେଜ୍ ବିଶୋଧନ ସୁବିଧା ଉପଲବ୍ଧ ନଥିବାରୁ ଜଳାଶୟ/ ନଦୀରେ ଜଳ ପ୍ରଦୂଷଣ ସୃଷ୍ଟି କରେ, ଯାହା ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ ।

## II. ଏହି ସମ୍ପାଦନ ସମୀକ୍ଷା କାହିଁକି ?

ଏହି ସମ୍ପାଦନ ସମୀକ୍ଷାର ଉଦ୍ଦେଶ୍ୟ ଥିଲା ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥାର ପରିଚାଳନା ପ୍ରଭାବଶାଳୀ ଏବଂ ଦକ୍ଷ ଥିଲା କି ନାହିଁ ଏବଂ ମହାନଗର ନିଗମ ଦ୍ୱାରା ତାହାକୁ ଅର୍ଥନୈତିକ ଏବଂ ବୈଜ୍ଞାନିକ ପଦ୍ଧତିରେ କରାଯାଇଛି କି ନାହିଁ ତାହା ଆକଳନ କରିବା ।

**ସମୀକ୍ଷା ଅବଧି** : **ଆର୍ଥିକ ବର୍ଷ 2017-18 ରୁ 2021-22**

**ନମୁନା** : **ସମସ୍ତ ପାଞ୍ଚଟି ମହାନଗର ନିଗମ**

**ସମୀକ୍ଷା କଣ ପାଇଲା**

ଅଧିକାଂଶ ସହରରେ ଦ୍ରୁତ ସହରୀକରଣ ସହ ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥା ପାଇଁ ପୌର ଭିତ୍ତିଭୂମିର ସମ୍ପ୍ରସାରଣ ତାଳ ଦେଇ ପାରିନାହିଁ ବୋଲି ସମୀକ୍ଷାରୁ ଜଣାପଡ଼ିଛି । ମହାନଗର ନିଗମ ଦ୍ୱାରା ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପାଇଁ ଭିତ୍ତିଭୂମିର ରକ୍ଷଣାବେକ୍ଷଣରେ ଅଭାବ ପରିଲକ୍ଷିତ ହୋଇଛି ଏବଂ ଆବଶ୍ୟକତା ଅନୁଯାୟୀ ଏହାର ଉନ୍ନତିକରଣ କରାଯାଇନାହିଁ । ଯାହାଫଳରେ ଜଳବନ୍ଦୀ ଏବଂ ସହରାଞ୍ଚଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଡିଜାଇନରେ ଅଭାବ, ଯୋଜନାର ଅଭାବ ଏବଂ ବନ୍ୟାଜଳ ଡ୍ରେନ୍ ଏବଂ ସ୍ୱେରେଜ୍ ସ୍ଥାନକୁ ଜବରଦଖଲ କରିବା ଫଳରେ ଅଧିକ ଜଳପ୍ରବାହ ହେଉଛି । ଅଣ-ବିଶୋଧିତ ନର୍ଦ୍ଦମା ଜଳାଶୟକୁ ଯାଉଛି

[1] ବର୍ଷା ଜଳ ଡ୍ରେନ: ଯାହା ପ୍ରବାହକୁ ପ୍ରବେଶ ପଥ ମଧ୍ୟ ଦେଇ ଅନ୍ୟ ସ୍ଥାନରେ ପହଞ୍ଚାଏ । ଏହି ଡ୍ରେନ୍‌ଗୁଡ଼ିକ ବନ୍ଦ କିମ୍ବା ଖୋଲା ହୋଇପାରେ ଯାହା ଦୁଇ ବା ତା'ଠାରୁ ଅଧିକା ପ୍ରବେଶ ପଥକୁ ସଂଯୋଗ କରେ ।

ଯାହା ଫଳରେ ଜଳ ପ୍ରଦୂଷଣ ହେଉଛି, ଯାହା ଜନସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି । ଏ ସଂକ୍ରାନ୍ତରେ କେତେକ ପ୍ରମୁଖ ସମୀକ୍ଷା ଫଳାଫଳ ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି ।

## III. ବର୍ଷା ଜଳ ସଂଗ୍ରହ/ ସଂରକ୍ଷଣ ପାଇଁ ଯୋଜନା ଏବଂ ବର୍ଷା ଜଳ ଡ୍ରେନ ଏବଂ ସେରେଜ୍ ବ୍ୟବସ୍ଥା ନିର୍ମାଣ

- ଏସ୍‌ଡବ୍ଲ୍ୟୁଡିର ପରିଚାଳନା ପାଇଁ ନିୟାମକ ଢାଞ୍ଚା ନଥିବାରୁ ଓଡ଼ିଶା ସରକାର ଏବଂ ୟୁଏଲବିଗୁଡ଼ିକ ଏନଡିଏମ ମାର୍ଗଦର୍ଶିକା ପାଳନ କରିବାରେ ବିଫଳ ହୋଇଥିଲେ, ଯାହା ଫଳରେ ଜଳବନ୍ଦୀ ଏବଂ ସହରାଞ୍ଚଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ।

- ଭୂତଳ ଜଳସ୍ତର ହ୍ରାସ ପାଇଥିଲେ ମଧ ମହାନଗର ନିଗମ ପକ୍ଷରୁ ଭୂତଳ ଜଳ ଭରଣା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇ ନାହିଁ ।

- ଦ୍ରୁତ ସହରୀକରଣ ସହରର ଜମି ବ୍ୟବହାର ପଦ୍ଧତି ଉପରେ ମୁଖ୍ୟତଃ ଡ୍ରେନ୍/ ନାଳ ଉପରେ ଅଧିକ ପ୍ରଭାବ ପକାଇଥାଏ ।

- ସହରଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ପରରିଚାଳନା ପାଇଁ ମହାନଗର ନିଗମମାନେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିନଥିବାରୁ ଜଳବନ୍ଦୀ ଓ ସହରାଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି ।

- ମହାନଗର ନିଗମମାନେ ଡ୍ରେନ୍‌କୁ ସ୍ଲାବରେ ଢାଙ୍କି ଯାତ୍ରୀଙ୍କୁ ପର୍ଯାପ୍ତ ସୁରକ୍ଷା ଯୋଗାଇ ନଥିଲେ ।

- ସେରେଜ୍ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତିରେ ତ୍ରୁଟି ଯୋଗୁଁ 3,045.44 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଛି ।

- ଦୟା ପଶ୍ଚିମ ଜଳସେଚନ କେନାଲ ଏକ ସେରେଜ୍ ବର୍ଜ୍ୟଜଳ ଡ୍ରେନରେ ପରିଣତ ହୋଇଯାଇଥିଲା ଏବଂ ଦୂଷିତ ଜଳ ତଳମୁଣ୍ଡରେ ଥିବା 835 ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଯୋଗାଇ ଦିଆଯାଉଥିଲା ।

- ଭୁବନେଶ୍ୱର ସହରକୁ ଜଳ ଯୋଗାଣ ପାଇଁ କୁଆଖାଇ ନଦୀର କୂଅରେ ଥିବା ପାଣି ଅତ୍ୟନ୍ତ ଦୂଷିତ ଥିଲା । ବାୟୋକେମିକାଲ ଅମ୍ଳଜାନ ଚାହିଦା, ମୋଟ କୋଲିଫର୍ମ ଏବଂ ଫିକାଲ କୋଲିଫର୍ମ ଅନୁମୋଦିତ ସୀମା ଠାରୁ ଅଧିକ ଥିଲା ।

## IV. ଆର୍ଥିକ ପରିଚାଳନା

- ମାଷ୍ଟର ପ୍ଲାନ ଅଭାବରୁ ଏମ୍‌ସି/ଓଡବ୍ଲ୍ୟୁଏସଏସବି ପକ୍ଷରୁ ବନ୍ୟାଜଳ ଡ୍ରେନ ଓ ସେରେଜ୍ ପରିଚାଳନା ପାଇଁ ପାଣ୍ଠିର ସ୍ୱଳ୍ପ ବିନିଯୋଗ ।

- କନସଲଟାନ୍ସି ସେବା ପାଇଁ ଜିଏସ୍‌ଟି ଓ ସେବା କର ଛାଡ଼ ଯୋଗୁଁ ରାଜ୍ୟ ରାଜକୋଷରରୁ 30.11 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଛି ।

- ମହାନଗର ନିଗମଗୁଡ଼ିକ ଜନସାଧାରଣଙ୍କଠାରୁ ବର୍ଷା ଜଳ ନିଷ୍କାସନ ଏବଂ ସେରେଜ ଶୁଳ୍କ ଆଦାୟ କରିନଥିଲେ, ଯାହାଫଳରେ ନିଜସ୍ୱ ରାଜସ୍ୱ ଉତ୍ପାଦନ ସ୍ୱାବଲମ୍ବୀତା ହାସଲ କରିବାର କ୍ଷମତା ହ୍ରାସ ପାଇଥିଲା ।

- ସେବାସ୍ତରୀୟ ମାନଦଣ୍ଡ ହାସଲ ନହେବା ଏବଂ ବାର୍ଷିକ ବିବରଣ ପ୍ରସ୍ତୁତ ନହେବା କାରଣରୁ ୟୁଏଲବିଗୁଡ଼ିକ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନ ଅଧୀନରେ 333.58 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପାଇନାହାନ୍ତି ।

## V. ବନ୍ୟା ଜଳ ନିଷ୍କାସନ ଏବଂ ସେୱରେଜ୍ ବ୍ୟବସ୍ଥାର ଚୁକ୍ତିଭିତ୍ତିକ ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା

- ଅଣପ୍ରଦର୍ଶନକାରୀଙ୍କୁ କାର୍ଯ୍ୟ ପ୍ରଦାନ ଏବଂ ଚୁକ୍ତି ରଦ୍ଦ ନହେବା କାରଣରୁ କଟକ ଡ୍ରେନେଜ୍ ପ୍ରକଳ୍ପ ପାଇଁ ଯଥାକ୍ରମେ ନଅ ବର୍ଷ ଏବଂ 249.21 କୋଟି ଟଙ୍କାର ସମୟ ଓ ବ୍ୟୟର ବୃଦ୍ଧି ।
- ଏହି 5 ଟି ମହାନଗର ନିଗମରେ ଉତ୍ପନ୍ନ ହେଉଥିବା 558.64 ଏମଏଲଡି ସେୱରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ କେବଳ 52.97 ଏମଏଲଡି (9.48 ପ୍ରତିଶତ) ସେୱରେଜ୍ ବର୍ଜ୍ୟବସ୍ତୁ ବର୍ତ୍ତମାନର ସେୱରେଜ ପ୍ରଣାଳୀ ଦ୍ୱାରା ସଂଗ୍ରହ କରାଯାଇଥିଲା, ଅବଶିଷ୍ଟ 505.67 ଏମଏଲଡି (90.52 ପ୍ରତିଶତ) ସଂଗୃହିତ ହୋଇନଥିଲା ଏବଂ ଜଳାଶୟକୁ ଛଡ଼ାଯାଇଥିଲା ଯାହା ଜଳ ପ୍ରଦୂଷଣର କାରଣ ହୋଇଥିଲା ।
- ସେୱରେଜ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବା ଫଳରେ ଭୁବନେଶ୍ୱରର ସେୱରେଜ୍ ଜିଲ୍ଲା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାଇଁ ଯଥାକ୍ରମେ 12 ବର୍ଷ ଓ 550.07 କୋଟି ଟଙ୍କାର ସମୟ ଓ ବ୍ୟୟର ବୃଦ୍ଧି ହୋଇଥିଲା ।
- ରାଉରକେଲା ପଶ୍ଚିମ ପ୍ରକଳ୍ପ ପାଇଁ ଠିକା ସର୍ତ୍ତାବଳୀ ଓ ଓପିଡବ୍ଲ୍ୟୁଡି କୋଡକୁ ଉଲ୍ଲଂଘନ କରି 5.11 କୋଟି ଟଙ୍କା ଅତିରିକ୍ତ ଦେୟ ଦିଆଯାଇଥିଲା ।

## VI. ପର୍ଯ୍ୟାଲୋଚନା ବ୍ୟବସ୍ଥା

- ସେୱରେଜ୍ ଓ ବନ୍ୟା ଜଳ ନିଷ୍କାସନ ପରିଚାଳନା ପାଇଁ ରାଜ୍ୟସ୍ତରୀୟ ପରିଚାଳନା କମିଟି ଓ ଓଡବ୍ଲ୍ୟୁଏସଏସବି ରେ ଆବଶ୍ୟକତା ଅନୁଯାୟୀ ନିୟମିତ ବୈଠକ ଆୟୋଜନ କରାଯାଇ ନଥିବାରୁ ପ୍ରଭାବଶାଳୀ ତଦାରଖ ବ୍ୟବସ୍ଥାର ଅଭାବ ଦେଖାଦେଇଛି ।
- ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସେୱରେଜ୍ ପ୍ରକଳ୍ପଗୁଡ଼ିକର ତଦାରଖର ଅଭାବ ଏବଂ ଏସପିସିବି ଦ୍ୱାରା 1,239.00 କୋଟି ଟଙ୍କାର ପରିବେଶ କ୍ଷତିପୂରଣ ଆଦାୟ କରାଯାଇନାହିଁ ।
- ଜଳ ପ୍ରଦୂଷଣ/ ଜଳ ଦୂଷିତକରଣ ଜନସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି । 2017-22 ଆର୍ଥିକ ବର୍ଷରେ ରାଜ୍ୟରେ 42.23 ଲକ୍ଷ ଲୋକ ସାଂଘାତିକ ଝାଡ଼ାବାନ୍ତି, 4.63 ଲକ୍ଷ ଟାଇଫଏଡ୍, 0.12 ଲକ୍ଷ ହେପାଟାଇଟିସ୍ ଏବଂ 0.12 ଲକ୍ଷ ବୃକକ ରୋଗରେ ଆକ୍ରାନ୍ତ ହୋଇଥିଲେ, ଯାହା ମୁଖ୍ୟତଃ ଦୂଷିତ ଜଳ କାରଣରୁ ହୋଇଥିଲା ।
- ପ୍ରଦୂଷିତ ଜଳ ଜଳସେଚନ ସହିତ ଉତ୍ପାଦିତ ପନିପରିବା ଖାଇବା ବିପଦପୂର୍ଣ୍ଣ ଏବଂ ମାନବ ଜୀବନ ପାଇଁ କ୍ଷତିକାରକ କାରଣ ଏଥିରେ ପ୍ରଚୁର ପରିମାଣରେ ଧାତୁର ବିଷାକ୍ତ ତତ୍ତ୍ୱ ରହିଥାଏ ।

## VII. ସୁପାରିଶ

1. *ସରକାର ସହରାଞ୍ଚଳ ଜଳ ପ୍ରବାହକୁ ଜଳର ଏକ ସମ୍ଭାବ୍ୟ ସମ୍ପଦ ଭାବରେ ସ୍ୱୀକୃତି ଦେବା ପାଇଁ ଏକ ବ୍ୟାପକ ନୀତି ପ୍ରସ୍ତୁତ କରିପାରିବେ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହାର ସଂରକ୍ଷଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିପାରିବେ ।*
2. *ନିଗମଗୁଡ଼ିକ ସମସ୍ତ ଜବରଦଖଲ ଉଚ୍ଛେଦ କରିପାରିବେ ଏବଂ ଜଳାଶୟଗୁଡ଼ିକର ପୁନଃ ହ୍ରାସକୁ ରୋକିପାରିବେ । ଆହୁରି ମଧ୍ୟ ପ୍ରାକୃତିକ ଡ୍ରେନ୍ ଗୁଡ଼ିକର ନିର୍ଦ୍ଧାରିତ ଦୈର୍ଘ୍ୟ ଓ ପ୍ରସ୍ଥ ବଜାୟ ରଖାଯାଇପାରିବ, ଯାହା ଦ୍ୱାରା ଜଳାଶୟଗୁଡ଼ିକର ଆନ୍ତଃ ସଂଯୋଗ ସୁନିଶ୍ଚିତ କରାଯାଇପାରିବ, ପରିବେଶ ବ୍ୟବସ୍ଥା ତଥା ଭୂତଳ ଜଳର ଉପଯୁକ୍ତ ସଂରକ୍ଷଣ ହୋଇପାରିବ ।*
3. *ଜଳାଶୟ ଶୁଖିବାରୁ ରୋକିବା ଏବଂ ଭୂତଳ ଜଳ ରିଚାର୍ଜ ବୃଦ୍ଧି ପାଇଁ ସରକାର ସହରର ବର୍ଷା ଜଳ ଡ୍ରେନକୁ ଜଳାଶୟଗୁଡ଼ିକ ସହିତ ସଂଯୋଗ କରିବାର ସମ୍ଭାବନାକୁ ବ୍ୟବସ୍ଥିତ କରିପାରିବେ ।*

4. ସରକାର ବିଭିନ୍ନ ବର୍ଗର ଜମି ବ୍ୟବହାର ପାଇଁ ତଥ୍ୟ ରଖିପାରିବେ, ଯାହାଦ୍ୱାରା ସହରୀକରଣ ଯୋଗୁଁ ହୋଇଥିବା ପରିବର୍ତ୍ତନକୁ ବିଚାରକୁ ନେଇ ମହାନଗର ନିଗମ ମାନେ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିବେ ।

5. ଭୂତଳ ଜଳ ସ୍ତର ବୃଦ୍ଧି ଏବଂ ବନ୍ୟା ରୋକିବା ପାଇଁ ନିଗମଗୁଡ଼ିକ ରାସ୍ତା ଓ ଡ୍ରେନ୍ ଡିଜାଇନ୍ ଏବଂ କାର୍ଯ୍ୟକାରୀ କରିବା ସମୟରେ ବୃଷ୍ଟିପାତର ଢାଞ୍ଚା, ଅଭାବନୀୟ ସ୍ତର ବୃଦ୍ଧି, ବୃକ୍ଷରୋପଣ ହ୍ରାସ ଇତ୍ୟାଦି ସମସ୍ତ ପ୍ରାସଙ୍ଗିକ ମାନଦଣ୍ଡକୁ ବିଚାର କରିପାରିବେ ।

6. ଡ୍ରେନେଜ୍ ଭିତ୍ତିଭୂମିର ବିକାଶ ପାଇଁ ନିଗମମାନେ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିପାରିବେ । ସହରାଞ୍ଚଳରେ ବନ୍ୟାକୁ ଏଡ଼ାଇବା ପାଇଁ ସେମାନେ ସମସ୍ତ ଡ୍ରେନ୍ ଗୁଡ଼ିକର ନିୟମିତ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ମଧ କରିପାରିବେ ।

7. ସରକାର ବର୍ଷା ଜଳ ଡ୍ରେନ୍ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବେ, ଯେଉଁଥିରେ ଆବଶ୍ୟକ ବିବରଣୀ, ଯେପରିକି ଜମିର ପରିମାଣ ଏବଂ ଉପଲବ୍ଧ ଏବଂ ଡ୍ରେନଗୁଡିକର ଆଲାଇନମେଣ୍ଟ ଇତ୍ୟାଦି ଅନ୍ତର୍ଭୁକ୍ତ ।

8. ଜଳାଶୟରେ ଜଳ ପ୍ରଦୂଷଣକୁ ଏଡାଇବା ପାଇଁ ଓଡବ୍ଲୁଏସଏସବି/ ଓ୍ୱାଟକୋ ପ୍ରାଥମିକତା ଭିତ୍ତିରେ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିପାରିବେ, ଯେଉଁଥିରେ ବର୍ତ୍ତମାନର ସ୍ୱେରେଜ ଲାଇନ ଗୁଡିକ ସ୍ୱେରେଜ ବିଶୋଧନାଗାର ସହ ସଂଯୋଗ କରାଯାଇପାରିବ ।

9. ଡ୍ରେନ୍ ଏବଂ ଜଳାଶୟଗୁଡିକର ସୁରକ୍ଷା ପାଇଁ ନିଗମ ଗୁଡିକ (ଏସଡବ୍ଲ୍ୟୁଡ) ବର୍ଷା ଜଳ ନିଷ୍କାସନ ଉପରେ ଜବରଦଖଲ ଚିହ୍ନଟ ଏବଂ ଉଚ୍ଛେଦ ଏବଂ ନିର୍ଦ୍ଧାରିତ ବଫର ଜୋନ୍ ରକ୍ଷଣାବେକ୍ଷଣ ପାଇଁ ସର୍ବେକ୍ଷଣ କରିବାକୁ ପ୍ରୟାସ କୁ ଜୋରଦାର କରିପାରିବେ ।

10. ବେଆଇନ ଜବରଦଖଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଦୋଷୀ ଅଧିକାରୀଙ୍କ ଉପରେ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

11. ସରକାର/ ନିଗମଗୁଡ଼ିକ ସେମାନଙ୍କର ରାଜସ୍ୱ ବୃଦ୍ଧି ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରୟାସ କରିବା ପାଇଁ ଏସ୍ଡବ୍ଲ୍ୟୁଡି ଏବଂ ସ୍ୱେରେଜ୍ ସେସ୍ ସଂଗ୍ରହ ପାଇଁ ଏକ ଉପଯୁକ୍ତ ବ୍ୟବସ୍ଥା ପ୍ରସ୍ତୁତ କରିପାରିବେ ।

12. ଅନୁଦାନ ପ୍ରଦାନକାରୀ ସଂସ୍ଥା ଏବଂ ଅର୍ଥ ବିଭାଗକୁ ଠିକ୍ ସମୟରେ ୟୁସି ଦାଖଲ କରିବା ପାଇଁ ସରକାର ଉପଯୁକ୍ତ ରଣନୀତି ଯୋଜନା କରିପାରିବେ ।

13. ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇପାରେ ।

14. ଭୂତଳ ସ୍ୱେରେଜ୍ ପ୍ରଣାଳୀକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ସମାନ୍ତରାଳ ବିଭାଗଗୁଡ଼ିକର ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ଏକ ସଂସ୍ଥାଗତ ବ୍ୟବସ୍ଥା ସ୍ଥାପନ କରିପାରିବେ ।

15. ଓଡବ୍ଲ୍ୟଏସଏସବି/ ଓ୍ୱାଟ୍କୋ ୟୁଜିଏସଏସ ପାଇଁ ଟେଣ୍ଡର ଦେବା ପୂର୍ବରୁ କାର୍ଯ୍ୟସ୍ଥଳ ଏବଂ ସମାନ୍ତରାଳ ବିଭାଗରୁ ସମସ୍ତ ବାଧତାମୂଳକ ମଞ୍ଜୁରୀ ଉପଲବ୍ଧ କରାଇବା ସୁନିଶ୍ଚିତ କରିପାରିବ ।

16. ଏମ୍ସିଗୁଡ଼ିକ ବଳକା ସ୍ୱେରେଜ୍ ପାଇପ୍ ଲାଇନ୍ ଏବଂ ଏସଟିପି କାର୍ଯ୍ୟକ୍ଷମ କରିବାକୁ ଯୋଜନା କରିପାରନ୍ତି, ଯାହାଦ୍ୱାରା ଏସଟିପିରେ ପର୍ଯ୍ୟାପ୍ତ ପ୍ରବାହ ଓ ବିଶୋଧନ ହୋଇପାରିବ ।

17. ଏମ୍ସିଗୁଡ଼ିକ ଜଳ ପ୍ରଦୂଷଣ ସୃଷ୍ଟି କରୁଥିବା ଜଳାଶୟଗୁଡ଼ିକୁ ସିଧାସଳଖ ଘରୋଇ ନର୍ଦ୍ଦମା ନିଷ୍କାସନକୁ ଏଡ଼ାଇବା ପାଇଁ ବିଏମ୍ସି/ ଓ୍ୱାଟ୍କୋ ସ୍ୱେରେଜ୍ ଲାଇନ୍ ସହିତ ଘରୋଇ ସଂଯୋଗ ସମ୍ପାଦିତ କରିପାରିବ ।

18. ଏମ୍‌ସିଗୁଡ଼ିକ ଅବଶିଷ୍ଟ ସ୍ୱେରେଜ୍ ପାଇପ୍ ଲାଇନ୍ ଏବଂ ଅଚଳ ଏସ୍‌ଟିପିର କାର୍ଯ୍ୟକୁ କର୍ଯ୍ୟକ୍ଷମ କରିବାକୁ ଯୋଜନା କରିପାରିବେ ଯାହା ଦ୍ୱାରା ଏସ୍‌ଟିପିରେ ପର୍ଯ୍ୟାପ୍ତ ପ୍ରବାହ ଏବଂ ବିଶୋଧନ ହୋଇପାରିବ ।

19. ରାଉରକେଲା ଓ ବ୍ରହ୍ମପୁର ସହରରେ ଏସ୍‌ଟିପିକୁ ପର୍ଯ୍ୟାପ୍ତ ପ୍ରବାହ ଏବଂ ବିଶୋଧନକୁ ସୁନିଶ୍ଚିତ କରିବାକୁ ରାଉରକେଲା ମହାନଗର ନିଗମ/ ବ୍ରହ୍ମପୁର ମହାନଗର ନିଗମ ଯୋଜନା କରିପାରନ୍ତି ।

20. ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ ଜଳର ଗୁଣବତ୍ତାର ସ୍ୱାଧୀନ ସମୀକ୍ଷା କରି ଏବଂ ସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାର ମାଧ୍ୟମରେ ସୁପାରିଶ କରାଯାଇଥିବା ପରୀକ୍ଷାଗାରରେ ପରୀକ୍ଷା କରି ନର୍ଦ୍ଦମା ବିଶୋଧନର ଗୁଣବତ୍ତା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇପାରିବେ ।

21. ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ ବିଶୋଧିତ ଜଳର ପୁନଃ ବ୍ୟବହାର ବୃଦ୍ଧି କରି ଏବଂ ପଙ୍କକୁ ସାରରେ ପରିଣତ କରି ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେଇପାରିବେ ।

22. ସରକାର ତଦାରଖ କମିଟିଗୁଡ଼ିକୁ ସକ୍ରିୟ କରିପାରିବେ ଏବଂ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବେ, ଯେପରି କି ଏସ୍‌ଡବ୍ଲ୍ୟୁଡି ମନୁଆଲ, ସ୍ୱେରେଜ୍ ମାନୁଆଲ ଏବଂ ଏନ୍‌ଡିଏମ୍ ମର୍ଗଦର୍ଶିକାରେ ପରିକଳ୍ପନା କରାଯାଇଛି ଏବଂ ଦାୟୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯାଇପାରିବ ।

23. ସରକାର/ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ/ଏମ୍‌ସି ମାନେ ପରିବେଶ ଓ ପରିବେଶ ବ୍ୟବସ୍ଥାର ସୁରକ୍ଷା ପାଇଁ ଯଥେଷ୍ଟ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି, ସ୍ୱେରେଜ୍ ନେଟ୍‌ୱାର୍କ ସମ୍ପୂର୍ଣ୍ଣ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏବଂ ଡ୍ରେନ୍/ ନଦୀରେ ବର୍ଜ୍ୟଜଳକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିପାରିବେ ।

# ଅଧ୍ୟାୟ - I

# ଉପକ୍ରମ

# ଅଧ୍ୟାୟ -I

## ଉପକ୍ରମ

ଏହି ଅଧ୍ୟାୟରେ ସହରଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ଏବଂ ସେରେଜ୍ ବ୍ୟବସ୍ଥା ପରିଚାଳନାରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ବିଷୟରେ ଆଲୋଚନା କରାଯାଇଛି । ଏଥିରେ ରାଜ୍ୟର ଭୌଗୋଳିକ ସ୍ଥିତି ଓ ନଦୀ ଅବବାହିକା ଜଳ ନିଷ୍କାସନ ବିଷୟରେ ବର୍ଣ୍ଣନା କରାଯାଇଛି । ଏଥିରେ ମହାନଗର ନିଗମଗୁଡ଼ିକର ବର୍ଷା ଜଳ ଯୋଗାଣ ଏବଂ ବର୍ଷା ଜଳ ନିଷ୍କାସନ ନେଟୱାର୍କ ବିଷୟରେ ମଧ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ ବର୍ଷା ଜଳ ନିଷ୍କାସନ ଏବଂ ସେରେଜ୍ ବ୍ୟବସ୍ଥାର ପରିଚାଳନା ପାଇଁ ସାଂଗଠନିକ ବ୍ୟବସ୍ଥାର ଉପଲବ୍ଧତା ଏବଂ ପର୍ଯ୍ୟାପ୍ତତା ସହିତ ସହରାଞ୍ଚଳ ଶାସନର ବିଭାଜନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଭୂମିକା ବର୍ଷା ଜଳ ନିଷ୍କାସନ ଏବଂ ସେରେଜ୍ ବିଷୟରେ ଆଲୋଚନା କରାଯାଇଛି ।

## 1.1 ଉପକ୍ରମ

'ବର୍ଷା ଜଳ' ହେଉଛି ବୃଷ୍ଟିପାତର ଏକ ଅଂଶ ଯାହା ପ୍ରାକୃତିକ ଭାବରେ ଭୂମିରେ ପ୍ରବେଶ କରେ ନାହିଁ କିମ୍ବା ବାଷ୍ପୀଭୂତ ହୁଏ ନାହିଁ, ବରଂ ଭୂମି ଉପରେ ପ୍ରବାହ, ଆନ୍ତଃପ୍ରବାହ ଏବଂ ପାଇପ୍ ମାଧ୍ୟମରେ ପ୍ରବାହିତ ହୁଏ । ଏକ ବର୍ଷା ଜଳ ନିଷ୍କାସନ ପଦ୍ଧତିର ଉଦ୍ଦେଶ୍ୟ ହେଉଛି ବର୍ଷା ଜଳକୁ ପରିବହନ ଏବଂ ସଂରକ୍ଷଣ କରିବା, ଏକ ନିର୍ଦ୍ଦିଷ୍ଟ ଭୂପୃଷ୍ଠ ଜଳଭଣ୍ଡାର କିମ୍ବା ଏକ ନିର୍ମିତ ଅନୁପ୍ରବେଶ କେନ୍ଦ୍ର[2] । ତେଣୁ ମାଟିରେ ଭିଜିବା ଏବଂ ଧୀରେ ଧୀରେ ଭୂପୃଷ୍ଠ ଜଳକୁ ପ୍ରବାହିତ ହେବା ପରିବର୍ତ୍ତେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ମାଧ୍ୟମରେ, ସିଧାସଳଖ ଝରଣା, ନଦୀ ଏବଂ ହ୍ରଦକୁ ଜଳପ୍ରବାହକୁ ନିୟନ୍ତ୍ରଣ କରାଯାଏ । ବର୍ଷା ଜଳ ପରିଚାଳନା ହେଉଛି ବର୍ଷା ଜଳ ପ୍ରବାହର ନିୟନ୍ତ୍ରଣ ଓ ବ୍ୟବହାର । ଏଥିରେ ଜଳପ୍ରବାହ ପାଇଁ ଯୋଜନା ବର୍ଷା ଜଳ ବ୍ୟବସ୍ଥାର[3] ରକ୍ଷଣାବେକ୍ଷଣ ଏବଂ ବର୍ଷା ଜଳ ସଂଗ୍ରହ, ସଂରକ୍ଷଣ ଏବଂ ପରିବହନକୁ ନିୟନ୍ତ୍ରଣ କରିବା ଅନ୍ତର୍ଭୁକ୍ତ । ସହରର ରୂପରେଖ ପ୍ରସ୍ତୁତ କରିବା ସମୟରେ ବର୍ଷା ଜଳ ପରିଚାଳନାକୁ[4] ଡ୍ରେନେଜ୍ ବ୍ୟବସ୍ଥା ରୂପରେଖର ଏକ କାରକ ଭାବରେ[5] ବିବେଚନା କରାଯିବା ଉଚିତ୍ ।

ଜଳ ସମ୍ପଦ ପ୍ରଦୂଷଣର ଏକମାତ୍ର ପ୍ରମୁଖ ଉତ୍ସ ହେଉଛି 'ସେରେଜ୍' [6] ଯାହା ଜଳାଶୟଗୁଡ଼ିକୁ 80 ପ୍ରତିଶତ[7] ପ୍ରଦୂଷିତ କରିଥାଏ । ସେରେଜ୍ ବ୍ୟବସ୍ଥାରେ ଗୃହ ସେବା ସଂଯୋଗ, ନର୍ଦ୍ଦମା ଲାଇନ୍, ଲିଫ୍ଟ, ଷ୍ଟେସନ୍ ଏବଂ ସରେଜ୍ ବିଶୋଧନାଗାର ରହିଛି । ସେରେଜ୍ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ସମୁଦାୟ ନିଷ୍କାସିତ ନର୍ଦ୍ଦମା ଜଳ ଯେପରି ଉପଯୁକ୍ତ ଭାବରେ ସଂଗ୍ରହ, ପରିବହନ ଏବଂ ସୁରକ୍ଷିତ ସ୍ତରକୁ ବିଶୋଧନ କରାଯାଏ ଏବଂ କୌଣସି ସ୍ୱାସ୍ଥ୍ୟ କିମ୍ବା ପରିବେଶ ଗତ ସମସ୍ୟା ସୃଷ୍ଟି ନକରି ନିଷ୍କାସନ କିମ୍ବା ପୁନଃବ୍ୟବହାର କରାଯାଏ ।

ବର୍ଷା ଜଳ ନିଷ୍କାସନ ଏବଂ ସରେଜ୍ ବ୍ୟବସ୍ଥାର ପରିଚାଳନା ଆହ୍ୱାନପୂର୍ଣ୍ଣ, କାରଣ ଏହା ଜନସ୍ୱାସ୍ଥ୍ୟ, ମୃତ୍ତିକା, ଭୂତଳ ଜଳ ଏବଂ ଜଳଜୀବ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ ।

---

2 ଅବବାହିକାରେ ଥିବା 'ଅନୁପ୍ରବେଶ ସୁବିଧା' ହେଉଛି ଏକ ସୁବିଧା, ଯାହା ଅତ୍ୟନ୍ତ ପାରଗମ୍ୟ ମାଟି ମଧ୍ୟରେ ନିର୍ମିତ, ଯାହା ବର୍ଷା ଜଳ ପ୍ରବାହର ଅସ୍ଥାୟୀ ସଂରକ୍ଷଣ ପ୍ରଦାନ କରିଥାଏ ।

3 ବର୍ଷାଜଳ ଡ୍ରେନେଜ୍ ସିଷ୍ଟମ ନିର୍ମାଣ ଏବଂ ପ୍ରାକୃତିକ ବୈଶିଷ୍ଟ୍ୟକୁ ବୁଝାଏ ଯାହା ଏକ ବ୍ୟବସ୍ଥା ଭାବରେ ଏକାଠି କାର୍ଯ୍ୟ କରି ବର୍ଷାଜଳ ସଂଗ୍ରହ, ପରିବହନ, ଧାରଣ, ପ୍ରତିରୋଧ, ରକ୍ଷଣାବେକ୍ଷଣ, ଅଟକ, ଅନୁପ୍ରବେଶ, ବିଚ୍ୟୁତି, ବିଶୋଧନ କିମ୍ବା ଛାଣିଥାଏ ।

4 'ତଳିଆ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବର୍ଷା ଜଳର ଗୁଣବତ୍ତା ଏବଂ ପରିମାଣ ନିୟନ୍ତ୍ରଣ ପ୍ରକ୍ରିୟାକୁ ବର୍ଷା ଜଳ ପରିଚାଳନା ବୁଝାଏ ।

5 'ଜଳପ୍ରବାହ ଅର୍ଥ ହେଉଛି ଭୂମିରେ ଜଳ ପ୍ରବାହ କିମ୍ବା ଏହା ଉପରେ ବର୍ଷା ପଡ଼ିବା ଦ୍ୱାରା ସୃଷ୍ଟି ହୋଇଥିବା କୃତ୍ରିମ ପୃଷ୍ଠ ।

6 'ସେରେଜ୍' ଅର୍ଥ ବର୍ଜ୍ୟବସ୍ତୁ, ଶୌଚାଳୟ, ଗାଧୋଇବା ଘର, ରୋଷେଇ ଘର, ଷ୍ଟେବଲ୍, ଗୋଶାଳା ଏବଂ ଅନ୍ୟାନ୍ୟ ସ୍ଥାନରେ ଥିବା ସାମଗ୍ରୀକୁ ବୁଝାଏ ଏବଂ ଏଥିରେ ବାଣିଜ୍ୟ ବର୍ଜ୍ୟବସ୍ତୁ ଅନ୍ତର୍ଭୁକ୍ତ ।

7 ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ(ନୀତି) ଆୟୋଗ ରିପୋର୍ଟ 2022 ଏବଂ ସେରେଜ୍ ମାନୁଆଲ୍ 2013 ଅନୁଯାୟୀ ।

## 1.2 ଓଡ଼ିଶାର ଭୌଗୋଳିକ ସ୍ଥିତି

ଓଡ଼ିଶା ରାଜ୍ୟ ଭାରତୀୟ ଉପଦ୍ୱୀପର ପୂର୍ବ ଭାଗରେ 1,55,707 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପ୍ତ ଏବଂ ଏହାର ପୂର୍ବ ଦିଗରେ ବଙ୍ଗୋପସାଗରର 480 କିଲୋମିଟର ସମୁଦ୍ର ତଟ ଘେରି ରହିଛି । ବଙ୍ଗୋପସାଗରରେ ଜଳମଗ୍ନ ହେବା ପୂର୍ବରୁ ମହାନଦୀ ଓ ଏହାର ଶାଖା ନଦୀ ଯଥା ଇବ, ଓଙ୍ଗ ଓ ତେଲ, ବୈତରଣୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ ଇତ୍ୟାଦି ନଦୀର (ତ୍ରିକୋଣଭୂମୀ) ଏହି ଅଞ୍ଚଳରେ ରହିଛି । ଭାରତର ସର୍ବବୃହତ୍ ହ୍ରଦ ଚିଲିକା ହେଉଛି ଏକ ଲୁଣିଆ[8] ହ୍ରଦ । ଓଡ଼ିଶାରେ 4 ମାସ ଧରି ବର୍ଷା ହେଉଥିବା ବେଳେ ଜୁନ ରୁ ସେପ୍ଟେମ୍ବର ମାସ ମଧ୍ୟରେ 78 ପ୍ରତିଶତ ବର୍ଷା ହୋଇଥାଏ । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଜଳ ସମ୍ପଦ, ନଦୀ ଉନ୍ନୟନ ଓ ଗଙ୍ଗା ପୁନରୁଦ୍ଧାର ବିଭାଗ, ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଗତିଶୀଳ ଭୂତଳ ଜଳ ସମ୍ପଦ ଉପରେ ଜାତୀୟ ସଂକଳନ, 2022 ରୁ ଜଣାପଡ଼ିଛି ଯେ, ଓଡ଼ିଶା ପାଇଁ ଜଳସେଚନ, ଘରୋଇ ଏବଂ ଶିଳ୍ପ ବ୍ୟବହାର ପାଇଁ ଜଳର ଆବଶ୍ୟକତା ପ୍ରାୟ 7,23 ବିସିଏମ[9] ଅର୍ଥାତ୍ ରାଜ୍ୟର ମୋଟ ଉତ୍ତୋଳନଯୋଗ୍ୟ ଭୂତଳ ଜଳର 44,25 ପ୍ରତିଶତ । ଓଡ଼ିଶାର ନଦୀ ଅବବାହିକା ଜଳ ନିଷ୍କାସନ **ମାନଚିତ୍ର ସଂଖ୍ୟା 1** ରେ ଦର୍ଶାଯାଇଛି ।




**ମାନଚିତ୍ର ସଂଖ୍ୟା 1: ନଦୀ ଅବବାହିକା, ଓଡ଼ିଶା (ଉତ୍ସ: କେନ୍ଦ୍ରୀୟ ଭୂତଳ ଜଳ ବର୍ଷ ପୁସ୍ତକ 2021-22,ଓଡ଼ିଶା):**

## 1.3 ମହାନଗର ନିଗମର ବିହଙ୍ଗାବଲୋକନ

ଓଡ଼ିଶାର 5 ଟି ମହାନଗର ନିଗମ[10] (ଏମ୍‌ସି) ସମ୍ବନ୍ଧରେ ଜନସଂଖ୍ୟା (କ୍ଷେତ୍ରଫଳ) ଡ୍ରେନ, ବାର୍ଷିକ ହାରାହାରି ବୃଷ୍ଟିପାତ ଓ ଦୈନିକ ଜଳ ଯୋଗାଣ ସମ୍ପର୍କରେ ବିବରଣୀ **ସାରଣୀ 1.1** ରେ ଦର୍ଶାଯାଇଛି ।

[8] ଲୁଣା ପାଣି ହେଉଛି ସେହି ପାଣି ଯାହା ମିଠା ପାଣି ଠାରୁ ଅଧିକ ଲୁଣିଆ, କିନ୍ତୁ ସମୁଦ୍ର ଜଳ ପରି ଲୁଣିଆ ନୁହେଁ

[9] ମିଲିୟନ୍ ଘନ ମିଟର

[10] ଭୁବନେଶ୍ୱର ମହାନଗର ନିଗମ (ବିଏମସି), କଟକ ମହାନଗର ନିଗମ (ସିଏମ୍‌ସି), ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି), ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍‌ସି) ଓ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ।

**ସାରଣୀ 1.1: ଜନସଂଖ୍ୟା (କ୍ଷେତ୍ରଫଳ) ଡ୍ରେନ୍, ବାର୍ଷିକ ହାରାହାରି ବୃଷ୍ଟିପାତ ଏବଂ ମହାନଗର ନିଗମକୁ ଜଳ ଯୋଗାଣ**

| ମହାନଗର ନିଗମ | ଜନସଂଖ୍ୟା (ମାର୍ଚ୍ଚ *2021* ସୁଦ୍ଧା) | କ୍ଷେତ୍ରଫଳ (ବର୍ଗ କିଲୋମିଟରରେ) | ଡ୍ରେନ (କିଲୋମିଟରରେ) | ବାର୍ଷିକ ହାରାହାରି ବୃଷ୍ଟପାତ (ମିଟରରେ) | ଦୈନିକ ଜଳ ଯୋଗାଣ (ଏମ୍ଏନଡି[11]) |
|---|---|---|---|---|---|
| *1* | *2* | *3* | *4* | *5* | *6* |
| ଭୁବନେଶ୍ୱର | 11,63,000 | 186.00 | 541.60 | 1,705.17 | 270.64 |
| କଟକ | 7,10,323 | 192.50 | 707.12 | 1,565.67 | 209.00 |
| ସମ୍ବଲପୁର | 3,86,545 | 303.00 | 464.22 | 1,500.73 | 76.76 |
| ରାଉରକେଲା | 5,82,522 | 200.00 | 453.09 | 1,468.20 | 61.90 |
| ବ୍ରହ୍ମପୁର | 4,13,154 | 86.82 | 161.94 | 1,342.87 | 80.00 |
| **ମୋଟ** | **32,55,544** | **968.32** | **2,327.97** | **1,516.53** | **698.30** |

*__ଉତ୍ସ:__ ଜନସ୍ୱାସ୍ଥ୍ୟ (ଓଡ଼ିଶା), ଏମସି ଓ ନିର୍ଦ୍ଦେଶକ, ଭାରତୀୟ ପାଣିପାଗ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ (ଇଆଇସି) ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା*

## 1.4 ମହାନଗର ନିଗମରେ ବର୍ଷା ଜଳ ନିଷ୍କାସନ ନେଟ୍‌ୱାର୍କ

**ସାରଣୀ 1.1** ରେ ଉଲ୍ଲେଖ କରାଯାଇଥିବା ପାଞ୍ଚଟି ମହାନଗର ନିଗମ 968.32 ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଏବଂ ଏହାର ମୋଟ ଡ୍ରେନ୍ ନେଟ୍‌ୱାର୍କ (ପ୍ରାଥମିକ[12] ଏବଂ ମାଧ୍ୟମିକ[13] ଡ୍ରେନ୍) 2,327.97 କିଲୋମିଟର । ତେବେ, ସେମାନଙ୍କ ଅଧୀନରେ ଥିବା ତ୍ରିସ୍ତରୀୟ ଡ୍ରେନ୍‌ର[14] ଲମ୍ବ ସମ୍ପର୍କିତ ରେକର୍ଡ ସେମାନଙ୍କ ପାଖରେ ନାହିଁ । ରାଉରକେଲା ଓ ସମ୍ବଲପୁର ମହାନଗର ନିଗମର ବର୍ଷା ଜଳ ନିଷ୍କାସନ ସଂପର୍କିତ ମାନଚିତ୍ର ସମୀକ୍ଷା ପାଇଁ ଉପଲବ୍ଧ କରାଯାଇ ନାହିଁ । ଅନ୍ୟ ତିନୋଟି ମହାନଗର ନିଗମର ଜଳ ଡ୍ରେନେଜ ନେଟ୍‌ୱାର୍କ **ମାନଚିତ୍ର ସଂଖ୍ୟା 2, 3** ଏବଂ **4** ରେ ଦର୍ଶାଯାଇଛି ।

---

11 ପ୍ରତିଦିନ ମିଲିୟନ ଲିଟର

12 'ପ୍ରାଥମିକ ବର୍ଷାଜଳ ଡ୍ରେନେଜ୍' ହେଉଛି ଡ୍ରେନେଜ୍ ଭିତ୍ତିଭୂମିର ପ୍ରଥମ ସ୍ତର, ଯେଉଁଥିରେ ସାଧାରଣତଃ ବଡ଼, ଖୋଲା ଚ୍ୟାନେଲ୍ କିମ୍ବା କଲଭର୍ଟ ରହିଥାଏ ଯାହା ପ୍ରବଳ ବୃଷ୍ଟିପାତ ସମୟରେ ଜନବହୁଳ ଅଞ୍ଚଳରୁ ଶୀଘ୍ର ଏବଂ ସୁରକ୍ଷିତ ଭାବରେ ଅଧିକ ପରିମାଣର ଜଳ ପହଞ୍ଚାଇବା ପାଇଁ ଡ଼ିଜାଇନ୍ କରାଯାଇଛି ।

13 ' ଦ୍ୱିତୀୟକ ବର୍ଷାଜଳ ଡ୍ରେନେଜ୍' ହେଉଛି ଡ୍ରେନେଜ୍ ଭିତ୍ତିଭୂମିର ଦ୍ୱିତୀୟସ୍ତର, ଯେଉଁଥିରେ ସାଧାରଣତଃ ଛୋଟ ଚ୍ୟାନେଲ୍ କିମ୍ବା ପାଇପ୍ ରହିଥାଏ, ଯାହା ପ୍ରାଥମିକ ଡ୍ରେନେଜ୍ ବ୍ୟବସ୍ଥାରୁ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସ୍ଥାନକୁ ଜଳ ପହଞ୍ଚାଇବା ପାଇଁ ଡିଜାଇନ୍ କରାଯାଇଥାଏ, ଯେପରିକି ପରିତ୍ୟକ୍ତ ପୋଖରୀ କିମ୍ବା ଅନ୍ୟାନ୍ୟ ବର୍ଷାଜଳ ପରିଚାଳନା ସୁବିଧା ।

14 'ତ୍ରିସ୍ତରୀୟ ବର୍ଷାଜଳ ଡ୍ରେନେଜ୍' ହେଉଛି ଡ୍ରେନେଜ୍ ଭିତ୍ତିଭୂମିର ତୃତୀୟ ସ୍ତର, ଯେଉଁଥିରେ ସାଧାରଣତଃ ଛୋଟ ସ୍ଥାନୀୟ ଡ୍ରେନେଜ୍ ସିଷ୍ଟମ୍ ଯଥା କର୍ବ ଇନ୍‌ଲେଟ୍, କ୍ୟାଚ୍ ବେସିନ୍ ଏବଂ ଅନ୍ୟାନ୍ୟ ପ୍ରକାରର ଇନ୍‌ଲେଟ୍ ରହିଛି ଯାହା ରାସ୍ତାଘାଟ, ଫୁଟପାଥ ଏବଂ ଅନ୍ୟାନ୍ୟ ପୃଷ୍ଠରୁ ପ୍ରାଥମିକ ଏବଂ ଦ୍ୱିତୀୟ ଡ୍ରେନେଜ୍ ବ୍ୟବସ୍ଥାକୁ ଜଳ ସଂଗ୍ରହ ଏବଂ ପରିବହନ କରିବା ପାଇଁ ଡିଜାଇନ୍ କରାଯାଇଛି ।




**ମାନଚିତ୍ର 2:** ଭୁବନେଶ୍ୱର ମହାନଗର ନିଗମର ଡ୍ରେନେଜ୍ ମାନଚିତ୍ର

**ମାନଚିତ୍ର 3:** ବ୍ରହ୍ମପୁର ମହାନଗର ନିଗମର ଡ୍ରେନେଜ୍ ମାନଚିତ୍ର



ମାନଚିତ୍ର 4: କଟକ ମହାନଗର ନିଗମର ଡ୍ରେନେଜ୍ ମାନଚିତ୍ର




## 1.5 ସାଂଗଠନିକ ବ୍ୟବସ୍ଥା

ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବଙ୍କ ଅଧକ୍ଷତାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ଏଚ୍ ଆଣ୍ଡ ୟୁଡି) ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି ଗୁଡ଼ିକ)ର ନିୟନ୍ତ୍ରଣ ବିଭାଗ । ପୌର ପ୍ରଶାସନ ନିର୍ଦ୍ଦେଶକ (ଡିଏମଏ) ବର୍ଷା ଜଳ ନିଷ୍କାସନ (ଏସଡବ୍ଲୁଡି) ର କାର୍ଯାକାରିତା ଲାଗୁ କରିବା ଏବଂ ତଦାରଖ କରିବା ପାଇଁ ଦାୟୀ ଏବଂ ବିଭାଗର ଅତିରିକ୍ତ ସଚିବ ସହରାଞ୍ଚଳରେ ସେରେଜ୍ ପରିଚାଳନା ପଦ୍ଧତି (ଏସଏମଏସ) ପାଇଁ ଦାୟୀ । ରାଜ୍ୟରେ ଥିବା 114 ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରୁ 5 ଟି ମହାନଗର ନିଗମ ରହିଛି । ଏହି ମହାନଗର ନିଗମର କମିଶନରମାନେ ବର୍ଷା ଜଳ ନିଷ୍କାସନର କାର୍ଯାକାରିତା ପାଇଁ ଦାୟୀ । ଓଡ଼ିଶା ଜଳ ଯୋଗାଣ ଓ ବର୍ଷା ଜଳ ନିଷ୍କାସନ ବୋର୍ଡ (ଓଡବ୍ଲ୍ୟୁଏସ୍ଏସ୍ବି)ର ମୁଖ୍ୟ କାର୍ଯାନିର୍ବାହୀ ଅଧିକାରୀ (ସିଇଓ) ଏବଂ ଓଡ଼ିଶା ଜଳ ନିଗମ (ୱାଟ୍କୋ)ର ମୁଖ୍ୟ କାର୍ଯାନିର୍ବାହୀ ଅଧୀକାରୀ (ସିଇଓ) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ କ୍ଷେତ୍ରସ୍ତରରେ ସ୍ୱରେଜ୍ ପ୍ରକଳ୍ପ (ଏସ୍ପି) କାର୍ଯ୍ୟକାରୀ କରୁଛନ୍ତି ।

ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ହେଉଛି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ସ୍ୱରେଜ୍ ବିଶୋଧନାଗାରର ସ୍ଥାପନା ପାଇଁ ସହମତି (ସିଟିଇ) ଏବଂ ସଂଚାଳନର ଅନୁମତି (ସିଟିଓ) ପ୍ରଦାନ ପାଇଁ ନିର୍ଦ୍ଧାରିତ କର୍ତ୍ତୃପକ୍ଷ । ପରିବେଶ ଆଇନ୍, ବିଶେଷକରି ଜଳ (ପ୍ରଦୂଷଣ ନିରୋଧ ଓ ନିୟନ୍ତ୍ରଣ (ଆଇନ୍ , 1974, ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ୍, 1981 ଏବଂ ପରିବେଶ(ସୁରକ୍ଷା) ଆଇନ୍, 1986 ର କାର୍ଯ୍ୟକାରିତା ଦାୟିତ୍ୱ ମଧ ଏହି ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି । ରାଜ୍ୟରେ ବର୍ଷାଜଳ ନିଷ୍କାସନ (ଏସ୍ଡବ୍ଲୁଡି) ଓ ଏସ୍ପିଙ୍କ କାର୍ଯକାରିତା ସମ୍ପର୍କରେ ସାଂଗଠନିକ ବ୍ୟବସ୍ଥା **ଚାର୍ଟ ସଂଖ୍ୟା 1** ରେ ଦର୍ଶାଯାଇଛି ।

**ଚାର୍ଟ ସଂଖ୍ୟା 1: ସାଂଗଠନିକ ଚାର୍ଟ**




## 1.6 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ କାର୍ଯ୍ୟ ହସ୍ତାନ୍ତର

74 ତମ ସମ୍ବିଧାନ ସଂଶୋଧନ ଆଇନ୍, 1992 ରେ ସହରାଞ୍ଚଳରେ ଶାସନର ତୃତୀୟ ସ୍ତର ଭାବରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିଲା । ଦ୍ୱାଦଶ ଅନୁସୂଚୀରେ ନିର୍ଦ୍ଦିଷ୍ଟ 18 ଟି କାର୍ଯ୍ୟ ସମ୍ବନ୍ଧରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ କାର୍ଯ୍ୟ ସମ୍ପାଦନ କରିବା ଏବଂ ଯୋଜନା କାର୍ଯ୍ୟକାରୀ କରିବାକୁ ଏହା କ୍ଷମତା ପ୍ରଦାନ କରେ, ଯେଉଁଥିରେ ଅନ୍ୟାନ୍ୟ ବିଷୟ ସହିତ ସହରାଞ୍ଚଳ ଯୋଜନା, ସଡ଼କ ଏବଂ ସେତୁ, ପରିମଳ, ସଂରକ୍ଷଣ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅନ୍ତର୍ଭୁକ୍ତ ।

## 1.7 ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା(ୟୁଏଲ୍‌ବିର) ଭୂମିକା

ଓଡ଼ିଶା ମହାନଗର ନିଗମ (ଓଏମ୍‌ସି) ଆଇନ୍, 2003 ର ଧାରା 24 (iii) ଏବଂ 24 (iv) ଅନୁଯାୟୀ ଡ୍ରେନ୍ ଓ ଡ୍ରେନେଜ୍ କାର୍ଯ୍ୟର ନିର୍ମାଣ, ରକ୍ଷଣାବେକ୍ଷଣ ଓ ସଫେଇ ସହ ନର୍ଦ୍ଦମା ସଂଗ୍ରହ, ଉଚ୍ଛେଦ, ବିଶୋଧନ ଓ ନିଷ୍କାସନ ପାଇଁ ମହାନଗର ନିଗମଗୁଡ଼ିକୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ପଡ଼ିବ । ନିୟନ୍ତ୍ରଣ ବୋର୍ଡଙ୍କ ଠାରୁ ସଂଚାଳନର ଅନୁମତି ହାସଲ କରିବା ପରେ ଏବଂ ପର୍ଯ୍ୟାପ୍ତ ଭାବରେ ବିଶୋଧିତ ନର୍ଦ୍ଦମା ବର୍ଜ୍ୟବସ୍ତୁ ଜଳାଶୟ କିମ୍ବା ଜମିରେ ନିଷ୍କାସିତ ହେବା ସୁନିଶ୍ଚିତ କରିବା ପରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ମୁଖ୍ୟତଃ ସ୍ୱରେଜ୍ ବିଶୋଧନାଗାର ସ୍ଥାପନା ପାଇଁ ଦାୟୀ ଅଟନ୍ତି ।

# ଅଧ୍ୟାୟ - II

# ସମୀକ୍ଷା ଢାଞ୍ଚା, ପରିସର ଏବଂ ପଦ୍ଧତି

# ଅଧ୍ୟାୟ -II

## ସମୀକ୍ଷା ଢାଞ୍ଚା, ପରିସର ଏବଂ ପଦ୍ଧତି

ଏହି ଅଧ୍ୟାୟରେ ସମ୍ପାଦନ ସମୀକ୍ଷାର ବ୍ୟାପକ ଉଦ୍ଦେଶ୍ୟ ବର୍ଣ୍ଣନା କରାଯାଇଛି, ବ୍ୟବହୃତ ସମୀକ୍ଷା ମାନଦଣ୍ଡର ଉତ୍ସ; ସମୀକ୍ଷାର ପରିସର; ସମୀକ୍ଷା କରିବା ସମୟରେ ଆପଣା ଯାଇଥିବା ପଦ୍ଧତି ଏବଂ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ।

## 2. ସମୀକ୍ଷା ଢାଞ୍ଚା

### 2.1 ସମୀକ୍ଷା ଉଦ୍ଦେଶ୍ୟ

ସମ୍ପାଦନ ସମୀକ୍ଷା (ପିଏ)ର ଆକଳନ କରିବା ଉଦ୍ଦେଶ୍ୟ ଥିଲା ଯେ:

- ❖ ବର୍ଷା ଜଳ ସଂଗ୍ରହ/ ସଂରକ୍ଷଣ ଏବଂ ଡ୍ରେନେଜ୍/ ସ୍ୱରେଜ୍ ପାଇଁ ଭିତ୍ତିଭୂମି ନିର୍ମାଣ ପାଇଁ ଯୋଜନା ଏବଂ ରୂପରେଖ ପ୍ରଭାବଶାଳୀ ଏବଂ ଦକ୍ଷ ଥିଲା କି ?
- ❖ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନା ଦକ୍ଷ ଥିଲା କି ?
- ❖ ବର୍ଷା ଜଳ ନିଷ୍କାସନ/ ସ୍ୱରେଜ୍ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକର ଟେଣ୍ଡରିଂ ଏବଂ କାର୍ଯ୍ୟ ପ୍ରଦାନରେ ଯଥେଷ୍ଟ ସ୍ୱଚ୍ଛତା ଏବଂ ଏଭଳି କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ପ୍ରଚଳିତ ନିୟମ ଅନୁଯାୟୀ ହୋଇଛି କି ନାହିଁ ଏବଂ
- ❖ ପର୍ଯ୍ୟାଲୋଚନା ବ୍ୟବସ୍ଥା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ?

### 2.2 ସମୀକ୍ଷା ମାନଦଣ୍ଡ

ବର୍ଷା ଜଳ ନିଷ୍କାସନ ଏବଂ ସ୍ୱରେଜ୍ ପରିଚାଳନାର ଆକଳନ ପାଇଁ ସମୀକ୍ଷା ମାନଦଣ୍ଡର ନିମ୍ନଲିଖିତ ଉତ୍ସଗୁଡ଼ିକ ସମୀକ୍ଷା ଦ୍ୱାରା ବ୍ୟବହୃତ ହୋଇଥିଲା:

- ❖ ଜାତୀୟ ଜଳନୀତି, 2002 ଓ 2012 ଏବଂ ରାଜ୍ୟ ଜଳ ନୀତି, 2007
- ❖ ଓଡ଼ିଶା ସହରାଞ୍ଚଳ ଜଳ ଯୋଗାଣ ନୀତି, 2013
- ❖ ଭାରତ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ସହରାଞ୍ଚଳ ଏବଂ ଆଞ୍ଚଳିକ ବିକାଶ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ, 2015
- ❖ ଓଡ଼ିଶା ସହରାଞ୍ଚଳ ପରିମଳ ନୀତି, 2017
- ❖ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ୍, 2005 ଏବଂ ନିର୍ଦ୍ଦେଶାବଳୀ, 2010
- ❖ ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ୍, 1974
- ❖ ଓଡ଼ିଶା ସହରୀକରଣ ଯୋଜନା ଏବଂ ଟ୍ରଷ୍ଟ ଅଭିବୃଦ୍ଧି ଯୋଜନା, ଆଇନ୍, 1956 ଏବଂ ଓଡ଼ିଶା ସହରୀକରଣ ଯୋଜନା ଓ ଟ୍ରଷ୍ଟ ଅଭିବୃଦ୍ଧି ଅଧିନିୟମ 1975, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ 1982 ଏବଂ ମହାନଗର ନିଗମ ଆଇନ୍, 2003
- ❖ ଆର୍ଦ୍ରଭୂମି (ସଂରକ୍ଷଣ ଓ ପରିଚାଳନା) ନିୟମାବଳୀ, 2017
- ❖ ପୌର କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016, ଓଡ଼ିଶା ସାଧାରଣ ଆର୍ଥିକ ନିୟମ, ବଜେଟ୍ ମାନୁଆଲ୍, ଓଡ଼ିଶା ପୂର୍ତ୍ତ ବିଭାଗ କୋଡ, ରାଜ୍ୟ ଦର ସୁଚୀ ଓ ଦର ବିଶ୍ଳେଷଣ

- ❖ ଭାରତୀୟ ସଡ଼କ କଂଗ୍ରେସ (ଆଇଆରସି) ଏସପି-SP-50- 2013- ସହରାଞ୍ଚଳ ଡ୍ରେନେଜ୍ ଏବଂ ଆଇଆରସି-ଏସପି-42-2014-ରୋଡ୍ ଡ୍ରେନେଜ୍‌ର ନିର୍ଦ୍ଦେଶାବଳୀ, ଭାରତୀୟ ସଡ଼କ କଂଗ୍ରେସ ଦ୍ୱାରା ଜାରି ହୋଇଛି ।
- ❖ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ପରିବେଶ ଇଞ୍ଜିନିୟରିଂ ସଂଗଠନ (ସିପିଏଚଇଇଓ) ଦ୍ୱାରା ଜାରୀ ହୋଇଥିବା ମାନୁଆଲ୍ ଅଫ୍ ସରେଜ୍ ଓ ସରେଜ୍ ବିଶୋଧନ ପଦ୍ଧତି 1980 ଏବଂ ମାନୁଆଲ୍ ଅଫ୍ ସରେଜ୍ ଓ ସେରେଜ୍ ବିଶୋଧନ ପଦ୍ଧତି 2013, ବର୍ଷା ଜଳ ନିଷ୍କାସନ (ଏସ୍‌ଡବ୍ଲ୍ୟୁଡି) ପଦ୍ଧତି 2019 ଏବଂ ହ୍ୟାଣ୍ଡବୁକ୍
- ❖ ଭାରତ ସରକାରଙ୍କ ଦ୍ୱାରା ଜାରି ସ୍ୱଚ୍ଛ ଭାରତ ମିଶନ ମାର୍ଗଦର୍ଶିକା (ସହରାଞ୍ଚଳ) ଏବଂ ସେବା ସ୍ତରୀୟ ବେଞ୍ଚ ମାର୍କ (ଏସ୍‌ଏଲ୍‌ବିଏମ୍) ପାଇଁ ହ୍ୟାଣ୍ଡବୁକ୍
- ❖ ରାଜ୍ୟ/ କେନ୍ଦ୍ର ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ମାର୍ଗଦର୍ଶିକା
- ❖ ସରକାରୀ ଆଦେଶ, ଅଦାଲତର ରାୟ/ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶନାମା/ ଆଦେଶ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମା ଏବଂ ସର୍କୁଲାର, ସମୟ ସମୟରେ ଜାରି ହୋଇଥାଏ
- ❖ ବର୍ଷା ଜଳ ନିଷ୍କାସନ ସମୟ କ୍ରମ ଉପଗ୍ରହ ଚିତ୍ର ଏବଂ ସହରଗୁଡ଼ିକର ବିସ୍ତୃତ ବିକାଶ ଯୋଜନା (ସିଡିପି)
- ❖ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଗବେଷଣା ଓ ଅଧ୍ୟୟନ ରିପୋର୍ଟ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର), କେନ୍ଦ୍ରୀୟ (ଏସ୍‌ଆଇଏଫ୍‌ଏ) ମଧୁର ଜଳ ଜଳଚାଷ ପ୍ରତିଷ୍ଠାନ (ସିଆଇଏଫ୍‌ଏ) ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁଏମ୍), ଭାରତୀୟ ମାନବ ବସତି ପ୍ରତିଷ୍ଠାନ (ଆଇଆଇଏଚ୍‌ଏସ୍) ଏବଂ ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଓ ମ୍ୟାନେଜ୍‌ମେଣ୍ଟ (ସିୟୁଟିଏମ୍), ଓଡ଼ିଶା ।
- ❖ ଗଣମାଧ୍ୟମ ରିପୋର୍ଟ ଏବଂ
- ❖ ସହରାଞ୍ଚଳ ଓ ଆଞ୍ଚଳିକ ଉନ୍ନୟନ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତା ମାର୍ଗଦର୍ଶିକା, 2015, ଭାରତ ସରକାର

## 2.3 ସମୀକ୍ଷା ପରିସର ଏବଂ ପଦ୍ଧତି

2017-18 ରୁ 2021-22 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପାଞ୍ଚଟି ମହାନଗର ନିଗମଙ୍କ[15] କାର୍ଯ୍ୟାଳୟରେ ବର୍ଷା ଜଳ ନିଷ୍କାସନ ଓ ସରେଜ୍ ପରିଚାଳନା ପ୍ରଣାଳୀ ସମ୍ବନ୍ଧୀୟ ନଥିପତ୍ର ଓ ଦସ୍ତାବିଜର ପରୀକ୍ଷା ଯାଞ୍ଚ ମାଧ୍ୟମରେ ଜୁନ ରୁ ଡିସେମ୍ବର 2022 ପର୍ଯ୍ୟନ୍ତ ସମ୍ପାଦନ ସମୀକ୍ଷା କରାଯାଇଥିଲା । ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍) ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଓ ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଏସପିସିବି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଏଚଆଣ୍ଡଏଫ୍‌ଡବ୍ଲ୍ୟୁଡି) ର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ସମ୍ପୃକ୍ତ ନଥିପତ୍ରକୁ ମଧ ସମୀକ୍ଷା ଯାଞ୍ଚ କରାଯାଇଛି । ସହରୀ ଯୋଜନା ନିର୍ଦ୍ଦେଶକ (ଡିଟିପି); ନିଗମ ଅଞ୍ଚଳର ପାଞ୍ଚଟି[16] ଉନ୍ନୟନ କର୍ତ୍ତୃପକ୍ଷ (ଡିଏ); ଇଆଇସି, ଓଡବ୍ଲ୍ୟୁଏସଏସବି; ଜଳ ନିଗମ; ସିଇଓ; ଉପରୋକ୍ତ ମହାନଗର ନିଗମ ଗୁଡ଼ିକର ସହରାଞ୍ଚଳ ସୀମା ମଧ୍ୟରେ ବର୍ଷା ଜଳ ନିଷ୍କାସନ ଏବଂ ଏସପି ପରିଚାଳନାରେ ସେମାନଙ୍କ ସମ୍ପୃକ୍ତି ସମ୍ବନ୍ଧରେ ଜଳ ସମ୍ପଦ ବିଭାଗର (ଡ଼୍ଓଡବ୍ଲ୍ୟୁଆର) ତିନୋଟି[17] ଡ୍ରେନେଜ୍ ଡିଭିଜନ ଏବଂ ତିନୋଟି[18] ଜାତୀୟ ରାଜପଥ (ଏନଏଚ) ଡିଭିଜନ ।

[15] ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), କଟକ ମହାନଗର ନିଗମ(ସିଏମ୍‌ସି), ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍‌ସି), ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଏବଂ ରାଉରକେଲା ମହାନଗର ନିଗମ(ଆରଏମ୍‌ସି)

[16] ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଇଡିଏ), ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ(ଏସଡିଏ) ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ)

[17] ଡ୍ରେନେଜ୍ ଡିଭିଜନ: ଖୋର୍ଦ୍ଧା, କଟକ ଏବଂ ବ୍ରହ୍ମପୁର

[18] ଜାତୀୟ ରାଜପଥ ଡିଭିଜନ, ଭୁବନେଶ୍ୱର, କଟକ ଓ ରାଉରକେଲା

ଏହି ମହାନଗର ଅଞ୍ଚଳରେ ଦ୍ରୁତ ସହରୀକରଣ ଯୋଗୁଁ ଭୂମି ବ୍ୟବହାର ପରିବର୍ତ୍ତନର ସମୟ-ଶୃଙ୍ଖଳା ଢାଞ୍ଚା ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ର ବୃଷ୍ଟିପାତ ତଥ୍ୟ ଜାଣିବା ପାଇଁ ଓଡ଼ିଶା ମହାକାଶ ଗବେଷଣା ପ୍ରୟୋଗ କେନ୍ଦ୍ର (ଓଆର୍ଏସ୍ଏସି) ଦ୍ୱାରା ପ୍ରଦାନ କରାଯାଇଥିବା ଭୂମି ବ୍ୟବହାର ତଥ୍ୟ ସହିତ ଗୁଗୁଲ ଆର୍ଥ ପ୍ରୋ ଏବଂ ଗୁଗୁଲ ଆର୍ଥରୁ ପ୍ରାପ୍ତ ଉପଗ୍ରହ ଚିତ୍ରକୁ ମଧ ସମୀକ୍ଷା ବିଶ୍ଳେଷଣ କରିଥିଲା । ସହରଗୁଡ଼ିକରେ ସ୍ୱରେଜ୍ ଉତ୍ପାଦନ ଜାଣିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚଡି) ଠାରୁ ପ୍ରାପ୍ତ ସହରାଞ୍ଚଳର ଜଳ ଯୋଗାଣ ତଥ୍ୟକୁ ମଧ ସମୀକ୍ଷା ବିଶ୍ଳେଷଣ କରିଥିଲା । ନିଗମ ଅଞ୍ଚଳରେ ଥିବା 12ଟି[19] ପୂର୍ତ୍ତ ବିଭାଗ ଓ ଭୁବନେଶ୍ୱର ପ୍ରାଚୀ ଜଳସେଚନ ଡିଭିଜନରୁ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସିଲ୍ଟିଂ କାର୍ଯ୍ୟ ସମ୍ପର୍କରେ ସୂଚନା ମିଳିଥିଲା । ଡ୍ରେନ ଓ ଜଳାଶୟଗୁଡ଼ିକରେ ଜବରଦଖଲ ଚିହ୍ନଟ ଓ ମହାନଗର ନିଗମଙ୍କ ଦ୍ୱାରା କରାଯାଉଥିବା ମରାମତି, ରକ୍ଷଣାବେକ୍ଷଣ ଓ ମାଟି ନିଷ୍କାସନ କାର୍ଯ୍ୟର ସ୍ଥିତି ଯାଞ୍ଚ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସ୍ଥାନର ଯୁଗ୍ମ ଭୌତିକ ଯାଞ୍ଚ (ଜେପିଭି) କରାଯାଇଥିଲା । ସହରାଞ୍ଚଳ ସ୍ୱରେଜ୍ ବର୍ଜ୍ୟବସ୍ତୁ, ମାଟି, ପନିପରିବା, ଜଳ ଜୀବ ଓ ଭୂତଳ ଜଳ ଉପରେ ପଡ଼ିଥିବା ପ୍ରଭାବ ସମ୍ପର୍କରେ ଓୟୁଏଟି, ଆଇସିଏଆର୍, ଏସ୍ଆଇଏଫ୍ଏ ଓ ଅନ୍ୟାନ୍ୟ ଅନୁଷ୍ଠାନର ଗବେଷଣା ପତ୍ରକୁ ମଧ ପ୍ରଭାବ ଆକଳନ ପାଇଁ ବିଶ୍ଳେଷଣ କରାଯାଇଥିଲା । ଏହି ଭିଡିଓ ଗୁଡ଼ିକୁ ବ୍ୟବହାରର ଅନୁମତି କରିବା ପାଇଁ ସ୍କାନିଂ ପାଇଁ ଲିଙ୍କ୍ ଏବଂ ତ୍ୱରିତ ପ୍ରତିକ୍ରିୟା କୋଡ୍ (କ୍ୟୁଆର୍) ପ୍ରଦାନ କରି ସଂପୃକ୍ତ ସ୍ଥାନରେ ଯୁଗ୍ମ କ୍ଷେତ୍ରୀୟ ଯାଞ୍ଚ ସମୟରେ ନିଆଯାଇଥିବା ଦୃଷ୍ଟାନ୍ତମୂଳକ ଭିଡିଓଗୁଡ଼ିକୁ ମଧ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଛି ।

19 ସେପ୍ଟେମ୍ବର 2022 ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କ ସହ ଏହି ପ୍ରବେଶିକା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମୀକ୍ଷା ଉଦ୍ଦେଶ୍ୟ, ମାନଦଣ୍ଡ, ସମୀକ୍ଷାର ପରିସର ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । 13 ଫେବୃଆରୀ 2023 ରେ ସରକାରଙ୍କୁ ଡ୍ରାଫ୍ଟ ସମ୍ପାଦନ ସମୀକ୍ଷା ରିପୋର୍ଟ ଜାରି କରାଯାଇଥିଲା । ଅନେକ ଅନୁରୋଧ ଏବଂ ସ୍ମାରକ ପତ୍ର ଜାରି ସତ୍ତ୍ୱେ (ମାର୍ଚ୍ଚ 2023 ରୁ ଜୁନ୍ 2023 ମଧରେ ଛଅ ଥର), ବିଭାଗ ସମାପନ ସମ୍ମିଳନୀ ଆୟୋଜନ କରିବାକୁ ଇଚ୍ଛୁକ ନଥିଲା ।

## 2.4 ସ୍ୱୀକୃତି

ସମ୍ପାଦନ ସମୀକ୍ଷା କରିବାରେ ସମସ୍ତ ପାଞ୍ଚଟି ମହାନଗର ନିଗମ, ପାଞ୍ଚଟି ଡିଏ, ଡିଟିପି, ବିଏସ୍ସିଏଲ୍, ଆର୍ଏସ୍ସିଏଲ୍, ଡ୍ରେନେଜ୍ ଡିଭିଜନ୍/ ପିଡବ୍ଲୁଡି, ଓଡବ୍ଲୁଏସ୍ଏସ୍ବି, ୱାଟ୍କୋ, ଏସ୍ପିସିବି, ପିଏଚ୍ଡି, ଓୟୁଏଟି, ସିଆଇଏଫ୍ଏ, ଆଇଏମ୍ଡି, ଭୁବନେଶ୍ୱରର ଓଡ଼ିଶା ମହାକାଶ ଗବେଷଣା ପ୍ରୟୋଗ କେନ୍ଦ୍ର (ଓଆର୍ଏସ୍ଏସି) ସହଯୋଗକୁ ସମୀକ୍ଷା ସ୍ୱୀକାର କରିଛି ।

## 2.5 ସମୀକ୍ଷା ପ୍ରତିବନ୍ଧକ

ସରକାରଙ୍କ ପ୍ରମୁଖ ସଚିବଙ୍କ କାର୍ଯାଳୟ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମହାନଗର ନିଗମ, ୱାଟ୍କୋ ଓ ଓଡବ୍ଲ୍ୟୁଏସଏସବି (ରିପୋର୍ଟରେ ବିଭିନ୍ନ ସ୍ଥାନରେ ଉଲ୍ଲେଖ କରାଯାଇଛି) ସଂପୂର୍ଣ୍ଣ ରେକର୍ଡ ନଥିବାରୁ ସମୀକ୍ଷା ବିଶ୍ଳେଷଣରେ ବାଧା ସୃଷ୍ଟି ହୋଇଥିଲା । ତେଣୁ, ଫଟୋ ଏବଂ ଭିଡିଓ ଆକାରରେ ଦସ୍ତାବିଜ ହୋଇଥିବା ଯୁଗ୍ମ କ୍ଷେତ୍ରୀୟ ଯାଞ୍ଚ (ଜେପିଭି) ଗୁଡ଼ିକର ଅନୁସନ୍ଧାନ, ପର୍ଯ୍ୟପ୍ତ ବର୍ଷା ଜଳ ନିଷ୍କାସନ (ଏସ୍ଡବ୍ଲ୍ୟୁଡି) ଏବଂ ସ୍ୱରେଜ୍ ପରିଚାଳନା ବ୍ୟବସ୍ଥାର ପ୍ରଭାବ ଉପରେ ଆଲୋକପାତ କରିବା ପାଇଁ ଆଧାର ସୃଷ୍ଟି କରିଥିଲା । ଓୟୁଏଟି, ଆଇସିଏଆର ଓ ସିଆଇଏଫ୍ଏ ଦ୍ୱାରା ପରିଚାଳିତ କୃଷି, ମୃତ୍ତିକା ଓ ଜଳଜୀବ ଉପରେ ସହରାଞ୍ଚଳ ବର୍ଜ୍ୟଜଳର ପ୍ରଭାବ ସମ୍ପର୍କିତ ବିଭିନ୍ନ ଅଧ୍ୟୟନରୁ ଏହି ତଥ୍ୟ ପ୍ରମାଣିତ ହୋଇଛି । ଅନ୍ୟାନ୍ୟ ଅନୁଷ୍ଠାନର ଗବେଷଣା ପତ୍ର, ଗଣମାଧମ ରିପୋର୍ଟ; ଏବଂ ମହାନଗର ନିଗମ ମାନଙ୍କର ସରକାରୀ ଟୁଇଟ୍ ।

## 2.6 ପୂର୍ବ ସମୀକ୍ଷା

2010-11 ରୁ 2015-16 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅବଧିକୁ ଅନ୍ତର୍ଭୁକ୍ତ କରି ରାଜ୍ୟରେ ସ୍ୱରେଜ୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ ଏକ ସମ୍ପାଦନ ସମୀକ୍ଷା (ପିଏ) କରାଯାଇଥିଲା ଏବଂ ସମ୍ପାଦନ ସମୀକ୍ଷା(ପିଏ) ଫଳାଫଳକୁ

[19] ଭୁବନେଶ୍ୱର I; II; III; IV ଏବଂ V; କଟକ I & II; ସମ୍ବଲପୁର I & II; ବ୍ରହ୍ମପୁର I & II ପିଡବ୍ଲ୍ୟୁଡି ଡିଭିଜନ ଏବଂ ରାଉରକେଲା(ଆରଆଣ୍ଡବି) ବିଭାଜନ

2017 ମସିହାରେ ରିପୋର୍ଟ ସଂଖ୍ୟା 1 ମାଧ୍ୟମରେ ମାର୍ଚ୍ଚ 2016 ରେ ଶେଷ ହୋଇଥିବା ବର୍ଷର ସାଧାରଣ ଏବଂ ସାମାଜିକ କ୍ଷେତ୍ର ଉପରେ ଭାରତର ସିଏଜିଙ୍କ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଥିଲା । 2023 ମାର୍ଚ୍ଚ ସୁଦ୍ଧା ପବ୍ଲିକ ଆକାଉଣ୍ଟସ୍ କମିଟି ଏହି ରିପୋର୍ଟ ଉପରେ ଆଲୋଚନା କରିନଥିଲା । ଏହି ରିପୋର୍ଟର ଫଳାଫଳକୁ ଉପଯୁକ୍ତ ସ୍ଥାନରେ ଉଲ୍ଲେଖ କରାଯାଇଛି ।

# ଅଧ୍ୟାୟ - III

# ବର୍ଷା ଜଳ ନିଷ୍କାସନ ଓ ସ୍ୱେରେଜ ବ୍ୟବସ୍ଥା ସମ୍ପର୍କରେ ଯୋଜନା

## ଅଧ୍ୟାୟ -III

## 3. *ବର୍ଷା ଜଳ ନିଷ୍କାସନ ଓ ସ୍ୱେରେଜ ବ୍ୟବସ୍ଥା ସମ୍ପର୍କରେ ଯୋଜନା*

*ଏହି ଅଧ୍ୟାୟରେ ମହାନଗର ନିଗମ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ ବ୍ୟବସ୍ଥାର ସଂଗ୍ରହ, ସଂରକ୍ଷଣ ଏବଂ ନିର୍ମାଣ ପାଇଁ ଯୋଜନା ଏବଂ ପରିକଳ୍ପନା ସମ୍ବନ୍ଧୀୟ ସମୀକ୍ଷା ଫଳାଫଳ ବିଷୟରେ ଆଲୋଚନା କରାଯାଇଛି । ମହାନଗର ନିଗମ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ ବ୍ୟବସ୍ଥା ସମ୍ବନ୍ଧୀୟ ଯୋଜନା ଏବଂ ଭିତ୍ତିଭୂମି ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ ଏବଂ ଏମସି/ ଓଡବ୍ଲୁଏସଏସବି/ୱାଟକୋ ଦ୍ୱାରା ମିତବ୍ୟୟିତା ଭାବରେ କାର୍ଯ୍ୟକାରୀ ହୋଇଛି କି ନାହିଁ ଏହି ସମ୍ପାଦନ ସମୀକ୍ଷା ଦ୍ୱାରା ଆକଳନ କରାଯାଇଛି*

### 3.1 ବର୍ଷା ଜଳ ସଂଗ୍ରହ ଓ ସଂରକ୍ଷଣ ପାଇଁ ଯୋଜନା ଓ ରଣନୀତି

ଜାତୀୟ ଜଳ ନୀତି (ଏନଡବ୍ଲ୍ୟୁପି), 2002 ଆଧାରରେ ରାଜ୍ୟ ଏକ ଜଳ ନୀତି (2007) ପ୍ରଣୟନ କରିଥିଲା, ଯାହା ରାଜ୍ୟରେ ଜଳ ସମ୍ପଦର ପରିଚାଳନା ପାଇଁ ନୀତିଗତ ମାର୍ଗଦର୍ଶିକା ପ୍ରଦାନ କରିଥିଲା । ଏହି ନୀତିରେ ଇଞ୍ଜିନିୟରିଂ ଏବଂ ଜୈବିକ ହସ୍ତକ୍ଷେପ, ଡ୍ରେନେଜର ଉନ୍ନତି ଏବଂ ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ଲୋକଙ୍କ ସହଭାଗିତା ସହିତ ଉପଯୁକ୍ତ ଜମି ବ୍ୟବହାର ଯୋଜନା ପାଇଁ ବ୍ୟବସ୍ଥା କରାଯାଇଥିଲା । ସମଗ୍ର ରାଜ୍ୟରେ ଡ୍ରେନେଜ ସମସ୍ୟାର ମୁକାବିଲା ପାଇଁ ଏକ ଉତ୍ସର୍ଗୀକୃତ ସଂଗଠନ ରହିବା ଦରକାର ବୋଲି ଏହି ନୀତିରେ ଉଲ୍ଲେଖ କରାଯାଇଛି ।

ଏଥିସହ, ଓଡିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣ ନୀତି, 2013 ଏବଂ ଓଡିଶା ସହରାଞ୍ଚଳ ପରିମଳ ନୀତି, 2017 ରେ ଜଳ ଓ ପରିମଳ ସେବାରେ ସାର୍ବଜନୀନତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି ।

#### 3.1.1 ବର୍ଷା ଜଳ ପରିଚାଳନା ପାଇଁ ନୀତି ଓ ନିୟାମକ ଢ଼ାଞ୍ଚାର ଅଭାବ

ଭୂତଳ ଜଳ ପୁନ୍ଭରଣ ପାଇଁ ବର୍ଷାଜଳର ପରିଚାଳନା ପାଇଁ ନିୟାମକ ଢାଞ୍ଚାର ଅନୁପସ୍ଥିତି ଏବଂ ରାଜ୍ୟ ଓ ୟୁଏଲବି ଦ୍ୱାରା ଜାତୀୟ ବିପର୍ଯ୍ୟୟ ପରିଚାଳନା ନିୟମକୁ ପାଳନ ନକରିବା ଦ୍ୱାରା ଜଳବନ୍ଦୀ ଏବଂ ସହରୀ ବନ୍ୟା ସୃଷ୍ଟି ହାଇଥିଲା ।

ରାଜ୍ୟ ସରକାର, ଭୂତଳ ଜଳ ନିୟନ୍ତ୍ରଣ ଓ ପରିଚାଳନା ପାଇଁ କୌଣସି ଆଇନ ପ୍ରଣୟନ କରି ନଥିବା ଏମସି ଓ ବିଭାଗର ରେକର୍ଡ ଯାଞ୍ଚରୁ ଜଣାପଡିଥିଲା । ଜଳର ଅଭାବକୁ ଏଡାଇବା ପାଇଁ ଭୂତଳ ଜଳକୁ ପୁନ୍ଭରଣ କରିବା ଏବଂ ବର୍ଷା ଜଳ ପରିଚାଳନା ପାଇଁ ବିଶେଷ ଭାବେ କୌଣସି ନିୟାମକ ଢ଼ାଞ୍ଚା ନ ଥିଲା ।

ଅଧିକନ୍ତୁ, ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା (ଏନଡିଏମ) ପ୍ରାଧିକରଣ, ସହରାଞ୍ଚଳ ବନ୍ୟାକୁ ନଦୀବନ୍ୟା ଠାରୁ ଭିନ୍ନ ବୋଲି ମାନ୍ୟତା ଦେବା ସହ ସହରାଞ୍ଚଳ ବନ୍ୟା ପରିଚାଳନା ପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା (ସେପ୍ଟେମ୍ବର 2010) ପ୍ରଣୟନ କରିଥିଲେ । ଏହି ମାର୍ଗଦର୍ଶିକାର ଅଧ୍ୟାୟ 2, 4 ଓ 5 ରେ ସହରାଞ୍ଚଳ ଜଳ ନିଷ୍କାସନର ପରିକଳ୍ପନା, ବିପର୍ଯ୍ୟୟ ବିପଦ ପରିଚାଳନା ପଦ୍ଧତି ଉଦ୍ଦେଶ୍ୟରେ ଇତ୍ୟାଦି ଏକ ସଂସ୍ଥାଗତ ଢ଼ାଞ୍ଚା ଗଠନ ପାଇଁ ଧାର୍ଯ୍ୟ କରାଯାଇଛି । କିନ୍ତୁ ରାଜ୍ୟ ସରକାର/ ୟୁଏଲବିଗୁଡିକ ଜିଆଇଏସ ପ୍ଲାଟଫର୍ମରେ ବିଦ୍ୟମାନ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ତାଲିକା ପ୍ରସ୍ତୁତ କରିବା, ମାଷ୍ଟର ପ୍ଲାନ୍, ପ୍ରାକ୍ ମୌସୁମୀ ଡି-ସିଲିଂ କାର୍ଯ୍ୟ ଏବଂ ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା ଇତ୍ୟାଦି ସର୍ତ୍ତ ଗୁଡିକ ପାଳନ କରିବାରେ ବିଫଳ ହୋଇଥିଲେ । ଯାହା ***ପରିଶିଷ୍ଟ-I*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ଉପଯୁକ୍ତ ସ୍ଥାନରେ[20] ଆଲୋଚନା କରାଯାଇଛି । ଏନଡିଏମ୍ ଗାଇଡଲାଇନର ନିୟମାବଳୀକୁ ପାଳନ ନ କରିବା ଦ୍ୱାରା ଡ୍ରେନଗୁଡିକ ଅବରୋଧ ହୋଇଥିଲା, ଯାହା ଫଳରେ ସହରଗୁଡିକର ଜଳବନ୍ଦୀ/ ସହରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ।

ବିଏମସିର ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ଉତ୍ତର ଦେଇଥିଲେ (ଅକ୍ଟୋବର 2022) ଯେ ମାନବ ସମ୍ବଳ ଅଭାବରୁ ଏନ୍ ଡିଏମ୍ ମାର୍ଗଦର୍ଶିକାରେ ଥିବା ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନାହିଁ । ଆରଏମସି, ଏସଏମସି ଏବଂ ବିଇଏମସି ସମୀକ୍ଷା ମନ୍ତବ୍ୟ (ଡିସେମ୍ବର 2022) ଉଲ୍ଲେଖ କରିଛନ୍ତି । ତେବେ ସିଏମସି ପକ୍ଷରୁ (2023 ଜାନୁଆରୀ ସୁଦ୍ଧା) ଉତ୍ତରକୁ ଅପେକ୍ଷା କରାଯାଇଥିଲା ।

---

[20] ଅନୁଚ୍ଛେଦ ସଂଖ୍ୟା. 3.1.6, 3.2.2.2, 3.2.3, 3.2.3.1, 3.2.3.2, 3.2.3.3, 3.2.4.1, 3.2.8 ଏବଂ 3.2.8.1

### 3.1.2 ରାଜ୍ୟ ଜଳ ନୀତି–ସହରାଞ୍ଚଳ ଭୂପୃଷ୍ଠଜଳ ପ୍ରବାହକୁ ଏକ ସମ୍ପଦ ଭାବରେ ସ୍ୱୀକୃତି ଦିଆଯାଇନାହିଁ

ଏନଓଡବ୍ଲ୍ୟୁପି, 2012 ଅନୁଚ୍ଛେଦ 8 ରେ ନଦୀ ଶଯ୍ୟା, ଜଳାଶୟ ଏବଂ ଆନୁସଙ୍ଗିକ ଆର୍ଦ୍ରଭୂମି, ଏବଂ ବନ୍ୟା ସମତଳ ଅଞ୍ଚଳ, ନଦୀଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପରିବେଶ ଓ ସାମଜିକ ସମସ୍ୟାର ସନ୍ତୁଳନ ପାଇଁ ପରିବେଶ ବଫର ଅଞ୍ଚଳକୁ ଏକ ସମନ୍ୱିତ ଢଙ୍ଗରେ ପରିଚାଳନା କରିବାକୁ ମଧ୍ୟ ଏଥିରେ ବ୍ୟବସ୍ଥା କରାଯାଇଥିଲା । ତେବେ ରାଜ୍ୟ ଜଳ ନୀତି, 2007 (ଏସଡବ୍ଲ୍ୟୁପି)କୁ ଏନଡବ୍ଲ୍ୟୁପି, 2012 ଆଧାରରେ ଅପଡେଟ କରାଯାଇନାହିଁ ଏସଡବ୍ଲ୍ୟୁପିକୁ ସଂଶୋଧନ କରାଯିବାର ଆବଶ୍ୟକ ଥିଲା, କାରଣ ଏହା ଜଳ କ୍ଷେତ୍ର ସଂସ୍କାରରେ ବିଶେଷ ପ୍ରଭାବ ପକାଇ ନଥିଲା । ବିଶେଷ କରି ଏନଡବ୍ଲ୍ୟୁପି ଢାଞ୍ଚାରେ ବଢୁଥିବା ଅଭାବ ଏବଂ ଚାହିଦା ପରିପ୍ରେକ୍ଷୀରେ ସହରାଞ୍ଚଳ ଜଳ ପ୍ରବାହକୁ ଜଳ ସଂପଦ ଭାବରେ ସ୍ୱୀକୃତି ଦେଇ ନଥିଲା ।

> ବଢୁଥିବା ଜଳ ସଙ୍କଟ ଏବଂ ପ୍ରତଦ୍ୱନ୍ଦିତାମୂଳକ ଦାବୀକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ନୀତି, 2007 କୁ ଜାତୀୟ ଜଳ ନୀତି, 2012 ଅନୁଯାୟୀ ସଂଶୋଧନ କରାଯାଇ ସହରାଞ୍ଚଳ ଜଳ ପ୍ରବାହକୁ ଏକ ଜଳ ସଂପଦ ଭାବରେ ସ୍ୱୀକୃତି ଦିଆଯିବ ।

ବିଇଏମସି ଉତ୍ତର ଦେଇଥିଲା (ନଭେମ୍ବର 2022) ଯେ ଏହା ଜଳାଶୟ ଏବଂ ଆର୍ଦ୍ରଭୂମିର ସଂରକ୍ଷଣ ପ୍ରକ୍ରିୟାରେ ଅଛି ଏବଂ ଏହାକୁ ବଫଂର ଜୋନ ମଧ ଘୋଷଣା କରିଛି । ବିଏମସି (ଅକ୍ଟୋବର 2022) କହିଛି ଯେ ଏସଡବ୍ଲ୍ୟୁପି ଡିଓଡବ୍ଲ୍ୟୁଆର ଦ୍ୱାରା ସ୍ଥିର ହେବ । ଆରଏମସି (ଡିସେମ୍ବର 2022) ଦର୍ଶାଇଛି ଯେ ସମୀକ୍ଷା ମନ୍ତବ୍ୟ ଉଲ୍ଲେଖ କରାଯାଇଛି, କିନ୍ତୁ ସିଏମସି ଏବଂ ଏସଏମସି ପକ୍ଷରୁ ଏ ସଂକ୍ରାନ୍ତରେ ଉତ୍ତର ଦିଆଯାଇ ନାହିଁ । ଆହୁରି ମଧ ଏମ୍‌ସିମାନେ ଏସଡବ୍ଲ୍ୟୁଡିରେ ଘୋଷିତ ବଫର ଜୋନର ବିବରଣୀ ପ୍ରଦାନ କରିନାହାଁନ୍ତି ।

### 3.1.3 ବର୍ଷା ଜଳ ସଂଗ୍ରହ ବ୍ୟବସ୍ଥା

ବର୍ଷା ଜଳ ପରିଚାଳନା ହେଉଛି, ବର୍ଷା ଜଳ ପ୍ରବାହର ନିୟନ୍ତ୍ରଣ ଏବଂ ବ୍ୟବହାର ଏବଂ ଏଥିରେ ଜଳ ପ୍ରବାହ ପାଇଁ ଯୋଜନା କରିବା, ବର୍ଷା ଜଳ ବ୍ୟବସ୍ଥା ବଜାୟ ରଖିବା ଏବଂ ବର୍ଷା ଜଳ ସଂଗ୍ରହ , ସଂରକ୍ଷଣ ଏବଂ ପ୍ରବାହ ନିୟନ୍ତ୍ରଣ କରିବା ଅନ୍ତର୍ଭୁକ୍ତ । ଏଥିରେ ଡ୍ରେନେଜ, ସହରର ରୂପରେଖ ଏବଂ ହାଉସିଂ ୟୁନିଟର ବିକାଶକୁ ମଧ ବିଚାରକୁ ନିଆଯାଇଥିଲା । କେନାଲ/ଡ୍ରେନ ସହ ଜଡିତ ଜଳାଶୟଗୁଡିକ ହେଉଛି ବର୍ଷା ଜଳ ସଂଗ୍ରହର ମୌଳିକ ଉତ୍ସ । ବିଭିନ୍ନ ରିପୋର୍ଟ[21] ଓ ଅଧ୍ୟୟନରୁ ଜଣାପଡିଛି ଯେ ଦ୍ରୁତ ସହରୀକରଣ ଯୋଗୁଁ ଜଳାଶୟ ଆଖପାଖ ଅଞ୍ଚଳରେ ଖରାପ ନିୟନ୍ତ୍ରିତ ବିକାଶ ମୂଳକ କାର୍ଯ୍ୟକଳାପ ପାଇଁ ଜମିର ଚାହିଦା ବୃଦ୍ଧି ପାଉଛି ଏବଂ ଫଳସ୍ୱରୂପ ବର୍ଷା ଜଳ ସଂଗ୍ରହ ବ୍ୟବସ୍ଥା ଉପରେ ଚାପ ପଡୁଛି, ଯାହା କି ନିମ୍ନରେ ଉଲ୍ଲେଖ କରାଯାଇଛି ।

❖ ଜଳାଶୟ ଏବଂ ଏସ୍‌ଡବ୍ଲ୍ୟୁଡି ଜବରଦଖଲ, ଫଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ବନ୍ୟା ପରସ୍ଥିତି ଦୃଷ୍ଟାନ୍ତ ମୂଳକ ଭାବରେ ବୃଦ୍ଧି ପାଉଛି

❖ କଠିନ ବର୍ଜ୍ୟବସ୍ତୁ, ନିର୍ମାଣ ଆବର୍ଜନା ଇତ୍ୟାଦି, ଏସଡବ୍ଲ୍ୟୁଡି ତଥା ହ୍ରଦ ଏବଂ ଜଳାଶୟ ଗୁଡିକର ଅବବାହିକାରେ ଫିଙ୍ଗିବା ।

❖ ଆଂଶିକ ଭାବରେ ବିଶୋଧିତ କିମ୍ବା ଅଣ ବିଶୋଧିତ ସେଵରେଜର ନିରନ୍ତର ପ୍ରବାହ, ବିଦ୍ୟମାନ ପୃଷ୍ଠ ଏବଂ ଭୂପୃଷ୍ଠ ଜଳ ଉତ୍ସକୁ ପ୍ରଦୂଷିତ କରୁଛି ।

❖ ମାଟି ଆବର୍ଜନା ଇତ୍ୟାଦି ଜମା ହେବା କାରଣରୁ ଜଳ ଧାରଣ କ୍ଷମତା ହ୍ରାସ ପାଇଥାଏ ଏବଂ

❖ ଜଳାଶୟ ମଧ୍ୟରେ ଅନ୍ତସମ୍ପର୍କ ହରାଇବା ।

#### 3.1.3.1 ଜଳାଶୟ ଗୁଡ଼ିକର ପରିଚାଳନା

ମନୋନୀତ ମହାନଗର ନିଗମଗୁଡ଼ିକର ନଥିପତ୍ରରୁ ଜଣାପଡ଼ିଛି ଯେ ମହାନଗର ନିଗମ ଅଞ୍ଚଳରେ ବହୁ ସଂଖ୍ୟକ ଜଳାଶୟ ରହିଥିଲା, ଯାହା କିସମ ପରିବର୍ତ୍ତନ[22]/ ଜବରଦଖଲ ଯୋଗୁଁ ଧୀରେ ଧୀରେ ହ୍ରାସ ପାଇଛି । ସହରରେ

[21] (i) ଓଡ଼ିଶା ଜଙ୍ଗଲ କ୍ଷେତ୍ର ବିକାଶ ସୋସାଇଟି, ଜଙ୍ଗଲ ଓ ପରିବେଶ ବିଭାଗ, ଭୁବନେଶ୍ୱର ଦ୍ୱାରା ଅଗ୍ରଗତି ଏବଂ ଅଭିନବ ଅନୁସନ୍ଧାନ ଆନ୍ତର୍ଜାତୀୟ ଜର୍ଣ୍ଣାଲ (ii) ଭୁବନେଶ୍ୱରର ବସ୍ତି ବୃଦ୍ଧି ଉପରେ ଆଇଟିପିଆଇ ଜର୍ଣ୍ଣାଲ: ଏକ ସମସ୍ୟା ସମାଧାନ, ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ନିହାର ରଂଜନ ରାଉତଙ୍କ ଦ୍ୱାରା ଏବଂ (iii) ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଫର୍ ହ୍ୟୁମାନ୍ ସେଟଲମେଣ୍ଟ ଦ୍ୱାରା ଯୋଜନା ଉଲ୍ଲଂଘନ ଏବଂ ସହରାଞ୍ଚଳ ଅନ୍ତର୍ଭୁକ୍ତୀକରଣ ଜର୍ଣ୍ଣାଲ ଦ୍ୱାରା ଭୁବନେଶ୍ୱର ଏକ ଅଧ୍ୟୟନ ।

[22] ଆବାସିକ ଉଦ୍ଦେଶ୍ୟରେ ଜଳାଶୟଗୁଡ଼ିକର କିସମ ପରିବର୍ତ୍ତନ

ମାର୍ଚ୍ଚ 2022 ସୁଦ୍ଧା 460ଟି ସରକାରୀ ଜଳାଶୟ ମଧ୍ୟରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଧୀନରେ ଥିବା 18 ଟି ଜଳାଶୟ ଅବ୍ୟବହୃତ ହୋଇ ରହିଛି ଏବଂ ଏହା ଅନଧିକୃତ କୋଠା ଦ୍ୱାରା ଜବରଦଖଲ କରାଯାଇଛି ।

ଥିବା ଜଳାଶୟଗୁଡ଼ିକ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିଲା, ଯେପରିକି ମହାନଗର ନିଗମ, ଘରୋଇ ମାଲିକ ଏବଂ ରାଜସ୍ୱ ବିଭାଗ ଇତ୍ୟାଦି । ପାଞ୍ଚଟି ମନୋନୀତ ମହାନଗର ନିଗମ ଅଧୀନରେ ଥିବା ଜଳାଶୟ ସଂଖ୍ୟା ସମ୍ପର୍କରେ ବିବରଣୀ ***ସାରଣୀ 3.1*** ରେ ଦର୍ଶାଯାଇଛି ।

**ସାରଣୀ 3.1: ନଭେମ୍ବର 2022 ସୁଦ୍ଧା ଚୟନିତ 5 ଟି ମହାନଗର ନିଗମରେ ଜଳାଶୟର ସ୍ଥିତି**

| ଜଳାଶୟଗୁଡ଼ିକର ସ୍ଥିତି | ଜଳାଶୟ ସଂଖ୍ୟା | | | | | ମୋଟ |
|---|---|---|---|---|---|---|
| | ବିଏମ୍‌ସି | ସିଏମ୍‌ସି | ବିଇଏମ୍‌ସି | ଏସ୍‌ଏମ୍‌ସି | ଆର୍‌ଏମ୍‌ସି | |
| ବିକଶିତ ଜଳାଶୟ | 12 | 9 | 1 | 12 | 1 | 35 |
| ବିକଶିତ ହେବା ପାଇଁ | 94 | 194 | 21 | 260 | 6 | 575 |
| ଅବ୍ୟବହୃତ ଜଳାଶୟ | 1 | 17 | 0 | 0 | 0 | 18 |
| **ମୋଟ** | **107** | **220** | **22** | **272** | **7** | **628** |
| ସରକାରଙ୍କ ମାଲିକାନାରେ ଥିବା ଜଳାଶୟ | 81 | 79 | 22 | 272 | 6 | 460 |
| ବେସରକାରୀ ମାଲିକଙ୍କ ଜଳାଶୟ | 26 | 141 | 0 | 0 | 1 | 168 |

***ଉତ୍ସ: ମନୋନୀତ ମହାନଗର ନିଗମଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା***

**ସାରଣୀ 3.1** ରୁ ଏହା ଦେଖାଯାଇଛି ଯେ, 628 ଟି ଜଳାଶୟ ମଧ୍ୟରୁ ମାତ୍ର 460 ଟି (73.25 ପ୍ରତିଶତ) ସରକାରଙ୍କ ମାଲିକାନାରେ ରହିଛି । ସେଥିମଧ୍ୟରୁ 1.977 ଏକର ପରିମିତ 18 ଟି ସରକାରୀ ଅବ୍ୟବହୃତ ଜଳାଶୟକୁ ବେଆଇନ୍ ଭାବେ ଜବରଦଖଲ କରି କୋଠା ନିର୍ମାଣ କରି ନଥିବା ନେଇ ଦୁଇ[23] ମହାନଗର ନିଗମ ରିପୋର୍ଟ କରିଥିଲେ ଯାହା ***ପରିଶିଷ୍ଟ-II*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ।

## 3.1.4 ଡ୍ରେନଗୁଡ଼ିକର ପ୍ରସ୍ଥ ହ୍ରାସ

ଭୁବନେଶ୍ୱର ସିଡିପି (2010) ଅନୁଯାୟୀ, 10 ଟି ପ୍ରାକୃତିକ ଡ୍ରେନ୍‌ର ପ୍ରସ୍ଥ 4.9 ମିଟରରୁ 14.83 ମିଟର ମଧ୍ୟରେ ଥିଲା । ବିଏମ୍‌ସି ଅଧିକାରୀଙ୍କ ସହ JPV ସମୟରେ ଅଡିଟ୍ (14 ସେପ୍ଟେମ୍ବର 2022) ଜାଣିବାକୁ ପାଇଥିଲା ଯେ ବିଭିନ୍ନ ସ୍ଥାନରେ ନଅଟି ଡ୍ରେନ୍ ( ଡ୍ରେନ୍ ସଂଖ୍ୟା-3 ବ୍ୟତୀତ) ର ପ୍ରସ୍ଥ ଦୁଇରୁ ତିନି ମିଟର (ପ୍ରାୟ) ହ୍ରାସ ପାଇଛି ଏବଂ ଏହି ଡ୍ରେନ୍ ଗୁଡ଼ିକ କୋଠାଦ୍ୱାରା ଘେରି ରହିଛି । ବିଏମ୍‌ସି ଅଧୀନରେ ଥିବା ଦୟା ପଶ୍ଚିମ କେନାଲ, ସିଏମସି ଅଧୀନରେ ପେଟ୍ଟା ନାଳ ଏବଂ ଏସ୍‌ଏମସି ଅଧୀନରେ ଥିବା ଧୋବିଜୋର ନାଳ, ଗୁଗୁଲ୍ ଆର୍ଥ ପ୍ରୋ ର ସାଟେଲାଇଟ୍ ଫଟୋ ବ୍ୟବହାର କରି ହ୍ରାସ ପାଇବାର ପ୍ରମାଣ **ସାଟେଲାଇଟ୍ ଇମେଜ୍ 1 ରୁ 6** (ଲାଲ ଚିହ୍ନ ଡ୍ରେନ ନାଳ ଉପରେ ଜବରଦଖଲ ସୂଚାଇଛି) ରେ ପ୍ରଦର୍ଶିତ ହୋଇଛି ।



**ସାଟେଲାଇଟ୍ ଚିତ୍ର 1:** ଦୟା ପଶ୍ଚିମ କେନାଲ, ତାରିଣୀ ମନ୍ଦିର ପାଖ (ଡିସେମ୍ବର 2005)



**ସାଟେଲାଇଟ୍ ଚିତ୍ର 2:** ଦୟା ପଶ୍ଚିମ କେନାଲ, ତାରିଣୀ ମନ୍ଦିର ପାଖ (ଜାନୁଆରୀ 2022)

23 କଟକ ମହାନଗର ନିଗମ ଏବଂ ଭୁବନେଶ୍ୱର ମହାନଗର ନିଗମ




**ସାଟେଲାଇଟ୍ ଚିତ୍ର 3:** ପେଟା ନାଳ, କଟକ (ଡିସେମ୍ବର 2005)




**ସାଟେଲାଇଟ୍ ଚିତ୍ର 4:** ପେଟା ନାଳ, କଟକ (ଫେବୃଆରି 2022)




**ସାଟେଲାଇଟ୍ ଚିତ୍ର 5:** ଧୋବି ଜୋର, ନାଳ, କୁମ୍ଭାରପଡ଼ା ନିକଟ, ସମ୍ବଲପୁର (ଡିସେମ୍ବର 2005)




**ସାଟେଲାଇଟ୍ ଚିତ୍ର 6:** ଧୋବି ଜୋର, ନାଳ, କୁମ୍ଭାରପଡ଼ା ନିକଟ, ସମ୍ବଲପୁର (ମାର୍ଚ୍ଚ 2022)

***ଉତ୍ସ:* *ଗୁଗୁଲ ଆର୍ଥ ପ୍ରୋ***

ସିଡିପିଙ୍କ ରେକର୍ଡଗୁଡ଼ିକ ପ୍ରକାଶ କରିଥିଲା ଯେ, ନଅଟି ପ୍ରାକୃତିକ ନାଳର ପ୍ରସ୍ଥ ବଜାୟ ରଖିବା ପାଇଁ ବିଏମ୍‌ସି 11.888 ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ଏକ ସର୍ଭେ (ସେପ୍ଟେମ୍ବର 2022) କରିଥିଲା । ଜମି ଅଧିଗ୍ରହଣ ଏପର୍ଯ୍ୟନ୍ତ ହୋଇପାରିନାହିଁ(ଅକ୍ଟୋବର 2022 ସୁଦ୍ଧା) । ଡ୍ରେନ୍ ଜବରଦଖଲ ଯୋଗୁଁ ନିକଟସ୍ଥ ଜଳାଶୟକୁ ବର୍ଷା ଜଳ ମୁକ୍ତଭାବରେ ପ୍ରବାହ ହୋଇପାରୁ ନଥିବାରୁ ବର୍ଷାଦିନେ ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ସିଡିପି ଅନୁଯାୟୀ, ମହାନଗର ନିଗମ ଗୁଡ଼ିକରେ ଉପଲବ୍ଧ ପ୍ରାକୃତିକ ଡ୍ରେନ୍ ଗୁଡ଼ିକର ତାଲିକା ***ପରିଶିଷ୍ଟ III*** ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ବିଏମ୍‌ସି ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଅଧିକାଂଶ ଡ୍ରେନ୍ ଘରୋଇ ମାଲିକାନାରେ ଥିବା ପ୍ଲଟ୍ ଦେଇ ଯାଉଥିଲା; ଏହି ପ୍ଲଟ୍ ଗୁଡ଼ିକ ଉପରେ ଆବାସିକ ଘର ନିର୍ମାଣ କରାଯାଇଥିଲା; ଏବଂ ସିଡିପିରେ ଦର୍ଶାଯାଇଥିବା ଅନୁଯାୟୀ ଜମି ଅଧିଗ୍ରହଣ ପାଇଁ ଡ୍ରେନ୍ ପ୍ରଶସ୍ତ ନିମନ୍ତେ ପଦକ୍ଷେପ ନିଆଯିବ । 2017 ଫେବୃଆରୀ ମାସରୁ ପୃଥକ ଡ୍ରେନେଜ୍ ଡିଭିଜନ ଗଠନ ପରେ ମଧ୍ୟ ବିଏମ୍‌ସି ଏହି ଡ୍ରେନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଓ ଜମି ଅଧିଗ୍ରହଣ ପାଇଁ କୌଣସି ପଦକ୍ଷେପ ନେଇନଥିବାରୁ ଉତ୍ତର ସନ୍ତୋଷଜନକ ନୁହେଁ ।

### 3.1.4.1 ଡ୍ରେନ୍‌ର ବିକାଶ

ମନୋନୀତ ମହାନଗର ନିଗମ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ମହାନଗର ନିଗମ ଅଞ୍ଚଳରେ 36 ଟି ପ୍ରାକୃତିକ ଡ୍ରେନ୍ ଥିଲା, ଯାହାର ଲମ୍ବ 193.324 କିଲୋମିଟର ଥିଲା । 2017-22 ରେ ଏହି ଡ୍ରେନ୍ ଗୁଡ଼ିକରେ ଏହି ମହାନଗର ନିଗମ ଦ୍ୱାରା କରାଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକର ବିବରଣୀ **ସାରଣୀ**

**3.2** ରେ ଉଲ୍ଲେଖ କରାଯାଇଛି ।

**ସାରଣୀ 3.2: ଚୟନିତ 5 ଟି ମହାନଗର ନିଗମମାନଙ୍କ ପ୍ରାକୃତିକ ଡ୍ରେନ୍ ଗୁଡ଼ିକରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟ**

| ମହାନଗର ନିଗମ | ମାର୍ଚ୍ଚ 2022 ସୁଦ୍ଧା | | ଯେଉଁ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି / ଚାଲିଛି/ ହୋଇନାହିଁ |
|---|---|---|---|
| | ପ୍ରାକୃତିକ ଡ୍ରେନ ସଂଖ୍ୟା | ଡ୍ରେନର ଲମ୍ବ (କିମିରେ) | |
| *1* | *2* | *3* | *4* |
| ଭୁବନେଶ୍ୱର | 10 | 62.602 | 2015 ସୁଦ୍ଧା ଜେଏନ୍‌ଏନ୍‌ୟୁଆରଏମ ଅଧୀନରେ ମାତ୍ର 11 କିଲୋମିଟରରେ ସଂପ୍ରସାରଣ କାର୍ଯ୍ୟ ଶେଷ ହୋଇଥିଲା । ଆଉ କୌଣସି ସଂପ୍ରସାରଣ କାର୍ଯ୍ୟ କରାଯାଇନଥିଲା । |
| ରାଉରକେଲା | 17 | 36.139 | ସ୍ମାର୍ଟ ସିଟି ମିଶନ୍ ଅଧୀନରେ 10 ଟି ଡ୍ରେନରେ 9.109 କିଲୋମିଟର ସିମେଣ୍ଟ ଲାଇନ୍‌ଂ ଚାଲିଥିଲା । |
| କଟକ | 2 | 23.043 | 23.043 କିଲୋମିଟର (ସହାୟକ ଡ୍ରେନକୁ ମିଶାଇ) ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି । |
| ବ୍ରହ୍ମପୁର | 2 | 51.540 | ଗୋଟିଏ ଡ୍ରେନରେ 34.50 କିଲୋମିର ମଧ୍ୟରୁ 22 କିଲୋମିଟର ର ଉନ୍ନୟନ କାର୍ଯ୍ୟ ଶେଷ ହୋଇଥିବା ବେଳେ 3 କିଲୋମିଟର କାମ ଚାଲିଛି । ଅବଶିଷ୍ଟ କିଲୋମିଟର ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଅନ୍ୟ ଏକ 17.04 କିଲୋମିଟର ବିଶିଷ୍ଟ ଡ୍ରେନ୍‌ର କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇନାହିଁ । |
| ସମ୍ବଲପୁର | 5 | 20.000 | ପାଞ୍ଚଟି ପ୍ରାକୃତିକ ଡ୍ରେନ୍ ମଧ୍ୟରୁ ଚାରୋଟିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ |
| ମୋଟ | **36** | **193.324** | **68.152 କିମି** |

***ଉତ୍ସ:*** *ମନୋନୀତ ମହାନଗର ନିଗମ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ*

ସାରଣୀ **3.2** ସୂଚାଉଛି ଯେ ମାତ୍ର 68.152 କିଲୋମିଟର ଡ୍ରେନ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯାଇଛି, 120.249 କିଲୋମିଟର ଦୈର୍ଘ୍ୟର (63.83 ପ୍ରତିଶତ) ଅବଶିଷ୍ଟ ଡ୍ରେନ ଗୁଡିକରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ନାହିଁ । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଡ୍ରେନେଜ କାର୍ଯ୍ୟ ପାଇଁ ମାଷ୍ଟର ପ୍ଲାନ ନ ଥିବାରୁ ଡ୍ରେନ ନିର୍ମାଣ, ସଂଶୋଧନ ଓ ପୁନରୁଦ୍ଧାର ଭଳି ପ୍ରମୁଖ କାର୍ଯ୍ୟ ମହାନଗର ନିଗମ ହାତକୁ ନେଇନଥିଲେ, ଯାହା **ଅନୁଚ୍ଛେଦ 3.2.2** ରେ ଆଲୋଚନା କରାଯାଇଛି ।

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍) ବ୍ୟକ୍ତ କଲେ ଯେ ଅପ୍ରତ୍ୟାଶିତ ବର୍ଷା, ଜବରଦଖଲ ଏବଂ ଏହି ମାର୍ଗରେ ଥିବା ଘରୋଇ ଜମି, କାମର ଅଗ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ ଥିଲା । ବିଇଏମସି ସମୀକ୍ଷା ମନ୍ତବ୍ୟ (ନଭେମ୍ବର 2022) ଉଲ୍ଲେଖ କରିଥିବା ବେଳେ ବିଏମସି କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇ ନାହିଁ । ସିଏମସି ଓ ଏସଏମସିର ଉତ୍ତରକୁ ଅପେକ୍ଷା କରାଯାଇଥିଲା ।

## 3.1.5 ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀ

ଏସ୍‌ଡବ୍ଲ୍ୟୁଡି ମାନୁଆଲ 2019 ର ଅଧ୍ୟାୟ 9 ଅନୁଯାୟୀ, ଭୂତଳ ଜଳ ରିଚାର୍ଜ[24] ଏବଂ ବର୍ଷା ଜଳ ସଂରକ୍ଷଣ କୌଶଳ ମାଧ୍ୟମରେ ବର୍ଷା ଜଳ ପରିଚାଳନା କରାଯାଏ ।

[24] ରିଚାର୍ଜ: ବର୍ଷା, ଝରଣା ଏବଂ ଅନ୍ୟାନ୍ୟ ଉତ୍ସରୁ ଜଳ ନିମ୍ନକୁ ଅନୁପ୍ରବେଶ ଦ୍ୱାରା ଭୂତଳ ଜଳର ପୁନରୁଦ୍ଧାର ପ୍ରାକୃତିକ ରିଚାର୍ଜ ବିନା ସହାୟତାରେ ହୋଇଥାଏ । ରିଚାର୍ଜ ବଢ଼ାଇବା ପାଇଁ ପ୍ରାକୃତିକ ରିଚାର୍ଜ ଢାଞ୍ଚାକୁ ଜାଣିଶୁଣି ପରିବର୍ତ୍ତନ କରାଗଲେ, ଆର୍ଟିଫିସିଆଲ ରିଚାର୍ଜ ହୋଇଥାଏ ।

### 3.1.5.1 ଭୂତଳ ଜଳ ରିଚାର୍ଜ

ଆଇଆରସି-ଏସପି-50-2013 ର ଅନୁଚ୍ଛେଦ 4.1.1 ରେ ବର୍ତ୍ତମାନର ଭୂତଳ ଜଳସ୍ତର[25] ବୃଦ୍ଧି ପାଇଁ ସମସ୍ତ ବର୍ଷା ଜଳ ନିଷ୍କାସନକୁ ଦକ୍ଷତାର ସହ ବ୍ୟବହାର କରିବାକୁ ସୁପାରିସ କରାଯାଇଥିଲା । ବିଦ୍ୟମାନ ଡ୍ରେନେଜ କ୍ରସ ସେକ୍ସନଗୁଡିକୁ ଏପରି ଭାବରେ ଡିଜାଇନ କରାଯିବା ଆବଶ୍ୟକ, ଯେପରି ରାସ୍ତା ସ୍ତରରେ ଥିବା ତୃତୀୟ ମାଧ୍ୟମିକ ଏବଂ ପ୍ରାଥମିକ ଡ୍ରେନ ଗୁଡିକରେ ବର୍ଷା ଜଳ ମାଟି ଭିତରକୁ ଆପଣା ଛାଏଁ ଅନୁପ୍ରବେଶ କରିପାରିବ । ଓଡିଶାର ସହରାଞ୍ଚଳରେ (2014-15 ଆର୍ଥିକ ବର୍ଷରେ) ଛାତ ଉପରେ ବର୍ଷା ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ରିଚାର୍ଜ ପାଇଁ ନିର୍ଦ୍ଦେଶାବଳୀରେ ଭୂତଳ ଜଳକୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସଂପଦ ଭାବରେ ସ୍ୱୀକୃତି ଦିଆଯାଇଛି । ଏହି ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି ଯେ ଭୂତଳ ଜଳ ସମଗ୍ର ରାଜ୍ୟରେ ଘରୋଇ ଜଳର ଏକ ପ୍ରମୁଖ ଉତ୍ସ ଭାବରେ କାର୍ଯ୍ୟ କରୁଅଛି। 114ଟି ୟୁଏଲବିରେ ଜଳ ଯୋଗାଣ ଏବଂ ଚାହିଦା ସ୍ଥିତି (ମାର୍ଚ୍ଚ 2018) ଅନୁଯାୟୀ, ଭୂତଳ ଜଳ ସମୁଦାୟ ସାର୍ବଜନୀନ ଜଳ ଯୋଗାଣର ପ୍ରାୟ 41.27 ପ୍ରତିଶତ ଥିଲା ଏବଂ ତେଣୁ ଜଳ ଯୋଗାଣ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

**ଭୂତଳ ଜଳ ସ୍ତର ନିଃଶେଷକରଣ ଯୋଗୁଁ ଜଳସ୍ତର ମାର୍ଚ୍ଚ 2018 ରେ 41.227 ପ୍ରତିଶତ ରୁ ମାର୍ଚ୍ଚ 2022 ରେ 26.11 ପ୍ରତିଶତକୁ ହ୍ରାସ ପାଇଥିଲା ଏବଂ ଏମ୍‌ସିମାନେ ଭୂତଳ ଜଳ ସ୍ତର ବୃଦ୍ଧି ନିମନ୍ତେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇନଥିଲେ ।**

ଇଆଇସି, ପିଏଚ୍, ଓଡିଶା କାର୍ଯ୍ୟାଳୟର ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ ଭୂତଳ ଜଳସ୍ତର ହ୍ରାସ ଯୋଗୁଁ, 2018 ମାର୍ଚ୍ଚ ସୁଦ୍ଧା ଭୂତଳ ଜଳ ଯୋଗାଣ 41.27 ପ୍ରତିଶତ ଥିବା ବେଳେ ମାର୍ଚ୍ଚ 2022 ସୁଦ୍ଧା ଏହା 26.11 ପ୍ରତିଶତକୁ[26] ହ୍ରାସ ପାଇଛି । 2017 ରୁ 2022 ମଧ୍ୟରେ ରାଜ୍ୟର ସମୁଦାୟ ବାର୍ଷିକ ଭୂତଳ ଜଳ ରିଚାର୍ଜ ବାର୍ଷିକ ଉତ୍ତୋଳନ ଯୋଗ୍ୟ ଭୂତଳ ଜଳ ସମ୍ପଦ ଏବଂ ବାର୍ଷିକ ଭୂତଳ ଜଳ ନିଷ୍କାସନ, **ସାରଣୀ 3.3** ରେ ଦର୍ଶାଯାଇଛି ।

**ସାରଣୀ 3.3: 2017-22 ରେ ବାର୍ଷିକ ଭୂତଳ ଜଳ ରିଚାର୍ଜ, ଉତ୍ତୋଳନଯୋଗ୍ୟ ଭୂତଳ ଜଳ ସମ୍ପଦ ଏବଂ ଉତ୍ତୋଳନ**

| ଭାରତର ଗତିଶୀଳ ଭୂତଳ ଜଳ ସମ୍ପଦ ଆକଳନର ବର୍ଷ | ରାଜ୍ୟର ମୋଟ ଆନୁମାନିକ ଭୂତଳ ଜଳ ରିଚାର୍ଜ (ବିସିଏମରେ) | ବାର୍ଷିକ ଉତ୍ତୋଳନ ଯୋଗ୍ୟ ଭୂତଳ ଜଳ ସମ୍ପଦ (ବିସିଏମରେ) | ବାର୍ଷିକ ଭୂତଳ ଜଳ ଉତ୍ତୋଳନ (ବିସିଏମରେ) | ଭୂତଳ ଜଳ ନିଷ୍କାସନର ଉତ୍ତୋଳନର ପ୍ରତିଶତ |
|---|---|---|---|---|
| *1* | *2* | *3* | *4* | *5* |
| 2017 | 16.74 | 15.57 | 6.57 | 42 |
| 2020 | 17.08 | 15.7 | 6.86 | 43.7 |
| 2022 | 17.79 | 16.34 | 7.23 | 44.25 |

*ଉତ୍ସ:- ସିଜିଡବ୍ଲ୍ୟୁବି, ଭାରତ ସରକାରଙ୍କ ଦ୍ୱାରା ଭାରତର ଗତିଶୀଳ ଭୂତଳ ଜଳ ସମ୍ପଦ ଆକଳନ*

**ସାରଣୀ 3.3** ରୁ ଏହା ଦେଖାଯାଏ ଯେ ଭୂତଳ ଜଳ ନିଷ୍କାସନ ବୃଦ୍ଧି ପାଉଛି ଏବଂ ଉତ୍ତୋଳନ ଅନୁଯାୟୀ, ବାର୍ଷିକ ରିଚାର୍ଜ ସେହି ଅନୁପାତରେ ବୃଦ୍ଧି ହୋଇ ନାହିଁ, ଯାହା ଫଳରେ ଏହି ଅଞ୍ଚଳ ଗୁଡିକରେ ଭୂତଳ ଜଳସ୍ତର ବର୍ଷକୁ ବର୍ଷ ହ୍ରାସ ପାଉଛି

ଏସଇ, ଡ୍ରେନେଜ ଡିଭିଜନ, ବିଏମସି କହିଛନ୍ତି ଯେ (ଅକ୍ଟୋବର 2022) ବିଭିନ୍ନ ୱାର୍ଡରେ ଭୂତଳ ଜଳ ରିଚାର୍ଜ ଗାତ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ, ପରନ୍ତୁ ଅବଶିଷ୍ଟ ମହାନଗର ନିଗମ ମାନେ କୌଣସି ଉତ୍ତର ଦେଇ ନଥିଲେ । କୃତ୍ରିମ ଭୂତଳ ଜଳ ରିଚାର୍ଜ ପାଇଁ ଉପଯୁକ୍ତ ଢାଞ୍ଚା ନିର୍ମାଣ ହୋଇନଥିବାରୁ ନଦୀ/ ନାଳକୁ ବିପୁଳ ପରିମାଣରେ ବର୍ଷା ଜଳ ପ୍ରବାହିତ ହେବା ସହ ଭୂପୃଷ୍ଠ ଜଳ ନଷ୍ଟ ହେଉଥିବାରୁ ଏହି ଉତ୍ତର ଗ୍ରହଣୀୟ ହୋଇନଥିଲା ।

---

[25] ଭୂତଳ ଜଳର ମୁକ୍ତ ପୃଷ୍ଠ ଯାହା ବାରମ୍ବାର ବାୟୁମଣ୍ଡଳୀୟ ଚାପରେ ଅସ୍ଥିରତା, ଋତୁ ପ୍ରତ୍ୟାହାର ହାର ଏବଂ ପୁନରୁଦ୍ଧାର ହାର ପରି ପରିସ୍ଥିତିର ସମ୍ମୁଖୀନ ହୁଏ । ତେଣୁ ଭୂତଳ ଜଳ ସ୍ତର ଖୁବ୍ କମ୍ ସ୍ଥିର ରହିଥାଏ ।

[26] 114 ୟୁଏଲ୍‌ବିର ପିଇବା ପାଇଁ ଭୂତଳ ଜଳରୁ 328.23 ଏମଏଲଡି/ ମାର୍ଚ୍ଚ 2022 ରେ ସମସ୍ତ ଉତ୍ସରୁ 114 ULBsକୁ ଯୋଗାଣ କରାଯାଇଥିବା ମୋଟ ଜଳ 1256.84 ଏମଏଲଡି X 100 = 26.11 ପ୍ରତିଶତ

### 3.1.5.2 ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା

ଓଡିଶା ସରକାର (2014-15 ଆର୍ଥିକ ବର୍ଷ) ସମସ୍ତ ୟୁଏଲବିରେ, ଘରୋଇ ଏବଂ ସରକାରୀ କୋଠାଗୁଡିକରେ ଛାତ ଉପରେ ବର୍ଷା ଜଳ ସଂଗ୍ରହ ବ୍ୟବସ୍ଥା (ଆରଆରଏଚଏସ) ଗ୍ରହଣ କରି ବର୍ଷା ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ରିଚାର୍ଜ ପାଇଁ ଏକ ଯୋଜନା ଆରମ୍ଭ କରିଥିଲେ ।

ଭୂତଳ ଜଳ ବିକାଶ ନିର୍ଦ୍ଦେଶକ, ଓଡିଶା ସରକାରଙ୍କ ରେକର୍ଡରୁ ଜଣାପଡିଛି ଯେ ବିଭାଗ ଆର୍ଥିକ ବର୍ଷ 2014-15 ରୁ 2018-19 ମଧ୍ୟରେ 11ଟି ୟୁଏଲବିରେ[27] 9,796 ଟି ଆରଆରଏଚଏସ ନିର୍ମାଣ କରିଥିଲା । କିନ୍ତୁ ପର୍ଯ୍ୟାପ୍ତ ବଜେଟ୍ ଓ ମାନବ ସମ୍ବଳ ଅଭାବରୁ ଆର୍ଥିକ ବର୍ଷ 2019-20 ରୁ 2021-22 ମଧ୍ୟରେ କୌଣସି ଆରଆରଏଚଏସ ନିର୍ମାଣ ହୋଇପାରିନଥିଲା । 2022-27 ଆର୍ଥିକ ବର୍ଷରେ 31,425 ଆରଆରଏଚଏସ ନିର୍ମାଣ ପ୍ରସ୍ତାବକୁ ପୁର୍ବରୁ ନିର୍ମିତ ହୋଇଥିବା ଆରଆରଏଚଏସ ଗୁଡିକର ମୂଲ୍ୟାଙ୍କନ ପାଇଁ ଡିଓଡବ୍ଲ୍ୟୁଆର (ନଭେମ୍ବର 2022) ସ୍ଥଗିତ ରଖିଥିଲା ।

ଆହୁରି ମଧ୍ୟ, ଜଳ ସଂରକ୍ଷଣ ପାଇଁ ଏଚ୍ ଆଣ୍ଡ ୟୁଡି ବିଭାଗ (ଏପ୍ରିଲ 2022) ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଜାରି କରିଛି, ଯେଉଁଥିରେ ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା (ଆରଡବ୍ଲ୍ୟୁଏଚଏସ) ମାଧ୍ୟମରେ ସମସ୍ତ ସରକାରୀ କୋଠା ଏବଂ ପରିସରର ଶତ ପ୍ରତିଶତ କଭରେଜ ହାସଲ କରିବା ସହିତ ଖୋଲା ସ୍ଥାନ, ପାର୍କ ଏବଂ ଖେଳ ପଡିଆ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରି ଶତ ପ୍ରତିଶତ ଭୂପୃଷ୍ଠ ଜଳ ପ୍ରବାହ ସଂରକ୍ଷଣ ହୋଇଛି କି ନାହିଁ ନିଶ୍ଚିତ କରିବାକୁ ନଷ୍ପତ୍ତି ନିଆଯାଇଥିଲା । ତଦନୁଯାୟୀ ୟୁଏଲବିରେ 20,000 ଆରଡବ୍ଲ୍ୟୁଏଚଏସ ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା ଏବଂ ଏହାକୁ ଜୁନ 2022 ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ଏଚ୍ ଆଣ୍ଡ ୟୁଡି ବିଭାଗ ଏବଂ ମହାନଗର ନିଗମର ରେକର୍ଡରୁ ଜଣାପଡିଛି ଯେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ଅଧୀନରେ 114ଟି ୟୁଏଲବିରେ 23,716 ଟି ଆରଡବ୍ଲ୍ୟୁଏଚଏସ୍ ପାଇଁ 43.95 କୋଟି ଟଙ୍କାର କାର୍ଯ୍ୟାଦେଶ (ଏପ୍ରିଲରୁ ସେପ୍ଟେମ୍ବର 2022 ) ଜାରି କରାଯାଇଥିଲା । ସେଥି ମଧ୍ୟରୁ 19,843ଟି ଆରଡବ୍ଲ୍ୟୁଏଚ ସମ୍ପୂର୍ଣ୍ଣ ହୋଇଥିବା ବେଳେ 3,873ଟି (ସେପ୍ଟେମ୍ବର 2022 ସୁଦ୍ଧା) କାର୍ଯ୍ୟ ଚାଲିଥିଲା । ସେହିଭଳି ମୁକ୍ତା ଯୋଜନାରେ 5,604 ଟି ଆରଡବ୍ଲ୍ୟୁଏଚଏସ ମଧ୍ୟରୁ 2,767 ଟି (49.38 ପ୍ରତିଶତ) ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ 2,837 ଟି ଆରଡବ୍ଲ୍ୟୁଏଚଏସ (ସେପ୍ଟେମ୍ବର 2022 ସୁଦ୍ଧା) ଚାଲିଛି । ପାଞ୍ଚଟି ଚୟନିତ ମହାନଗର ନିଗମରେ ଜଳସ୍ତର, ଲକ୍ଷ୍ୟ ଜାରି କରାଯାଇଥିବା କାର୍ଯ୍ୟାଦେଶ ଏବଂ ସମ୍ପୂର୍ଣ୍ଣ ଆରଡବ୍ଲ୍ୟୁଏଚଏସ ର ବିବରଣୀ **ସାରଣୀ 3.4** ରେ ଦର୍ଶାଯାଇଛି ।

[27] ଅନୁଗୁଳ, ବ୍ରହ୍ମପୁର, ଭୁବନେଶ୍ୱର, ବଲାଙ୍ଗୀର, କଟକ, ଝାରସୁଗୁଡ଼ା, ପୁରୀ, ରାଉରକେଲା, ସମ୍ବଲପୁର, ତାଳଚେର ଏବଂ ଟିଟିଲାଗଡ଼

**ସାରଣୀ 3.4: ଜଳସ୍ତର ଏବଂ ଲକ୍ଷ୍ୟ, ଜାରି ହୋଇଥିବା କାର୍ଯ୍ୟାଦେଶ ଏବଂ ଆରଡବ୍ଲ୍ୟୁଏଚଏସ୍ ସମ୍ପୂର୍ଣ୍ଣ ହୋଇଛି (ସେପ୍ଟେମ୍ବର 2022 ସୁଦ୍ଧା)**

| ମହାନଗର ନିଗମ | ଅପ୍ରେଲ 2021 ରେ ଜଳସ୍ତର (ପ୍ରାକ୍-ମୌସୁମୀ) (ଏମ୍‌ବିଜିଏଲ୍‌ରେ [28]) | ନଭେମ୍ବର 2021 ରେ ଜଳସ୍ତର (ମୌସୁମୀ-ପରବର୍ତ୍ତୀ) (ଏମ୍‌ବିଜିଏଲ୍‌ରେ) | ପ୍ରସ୍ତାବିତ ଆରଡବ୍ଲ୍ୟୁଏଚ୍ ସଂଖ୍ୟା | ଜାରୀ ହୋଇଥିବା କାର୍ଯ୍ୟାଦେଶ ସଂଖ୍ୟା | କମ୍ ଜାରୀ କରାଯାଇଥିବା କାର୍ଯ୍ୟାଦେଶ ସଂଖ୍ୟା (+) / ଅତିରିକ୍ତ ପ୍ରଦାନ (-) | ସଂପୂର୍ଣ୍ଣ ହୋଇଥିବା ଆରଡବ୍ଲ୍ୟୁଏଚ୍ ସଂଖ୍ୟା (ସେପ୍ଟେମ୍ବର 2022 ସୁଦ୍ଧା) |
|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* |
| ଭୁବନେଶ୍ୱର | 0.55 ରୁ 8.70 | 0.25 ରୁ 8.00 | 3,000 | 799 | 2,201 | 0 |
| କଟକ | 0.17 ରୁ 4.75 | 0.30 ରୁ 5.06 | 500 | 290 | 210 | 190 |
| ବ୍ରହ୍ମପୁର | 1.06 ରୁ 9.30 | 0.28 ରୁ 5.13 | 2,000 | 713 | 1287 | 354 |
| ରାଉରକେଲା | 0.52 ରୁ 12.23 | 0.10 ରୁ 7.80 | 2,000 | 2,020 | (-) 20 | 2,016 |
| ସମ୍ବଲପୁର | 0.99 ରୁ 11.70 | 0.60 ରୁ 8.70 | 1,500 | 1,782 | (-) 282 | 207 |
| ମୋଟ | | | **9,000** | **5,604** | **3,396** | **2,767** |

*ଉତ୍ସ: ସିଡବ୍ଲ୍ୟୁବିର 2021-22 ଏବଂ ଏଚ୍‌ଆଣ୍ଡୟୁଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ*

**ସାରଣୀ 3.4** ରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ:

- ଅତ୍ୟଧିକ ଗରମ ପାଗ ଯୋଗୁଁ ପ୍ରାକ୍ ମୌସୁମୀ ସମୟରେ ଉପରୋକ୍ତ ମହାନଗର ନିଗମ ଜଳସ୍ତର ହ୍ରାସ ପାଇଥିଲା ଏବଂ ଜଳ ଅଭାବ ସୃଷ୍ଟି ହୋଇଥିଲା ଯାହାକୁ ଅଧିକ ଭୂତଳ ଜଳ ରିଚାର୍ଜ ଆବଶ୍ୟକ କରେ .
- ଯଦିଓ ଭୁବନେଶ୍ୱରରେ ଭୂତଳ ଜଳର ଯଥେଷ୍ଟ ହ୍ରାସ ଘଟିଥିଲା ଏବଂ 3,000 ଆରଡବ୍ଲ୍ୟୁଏଚଏସ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ମାତ୍ର 799ଟି କାର୍ଯ୍ୟାଦେଶ (କେବଳ 26.63 %) ଜାରି କରାଯାଇଥିଲା । ଆହୁରି ମଧ ଜାରି ହୋଇଥିବା 799ଟି କାର୍ଯ୍ୟାଦେଶ ମଧ୍ୟରୁ କୌଣସି ଆରଡବ୍ଲ୍ୟୁଏଚଏସ (ସେପ୍ଟେମ୍ବର 2022 ସୁଦ୍ଧା) ସଂପୂର୍ଣ୍ଣ ହୋଇ ନାହିଁ ।
- ପ୍ରାକ ମୌସୁମୀ ସମୟରେ କଟକ, ମହାନଗର ନିଗମ ଅଧୀନ ଅଞ୍ଚଳରେ ଜଳସ୍ତର ଅନ୍ୟ ମହାନଗର ନିଗମ ଅଞ୍ଚଳ ତୁଳନାରେ ଅଧିକ ରହିଥିଲା । ପ୍ରସ୍ତାବିତ 500 ଆରଡବ୍ଲ୍ୟୁଏଚଏସ ମଧ୍ୟରୁ କେବଳ 290 ଆରଡବ୍ଲ୍ୟୁଏଚଏସ (କେବଳ 58 ପ୍ରତିଶତ) ପାଇଁ କାର୍ଯ୍ୟାଦେଶ ଜାରି କରାଯାଇଥିଲା । ସିଏମସି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା (ନଭେମ୍ବର 2022) ଅନୁଯାୟୀ, 500ଟି ଆରଡବ୍ଲ୍ୟୁଏଚଏସ ମଧ୍ୟରୁ ମାତ୍ର 72ଟି ଆରଡବ୍ଲ୍ୟୁଏଚଏସ (14 ପ୍ରତିଶତ) ସମ୍ପୂର୍ଣ୍ଣ ହୋଇଥିଲା, ଯେଉଁଥି ପାଇଁ 51.41 ଲକ୍ଷ ଟଙ୍କା ଖର୍ଚ୍ଚ (ନଭେମ୍ବର 2022 ସୁଦ୍ଧା) ହୋଇଥିଲା ।
- ପ୍ରାକ୍ ମୌସୁମୀ ସମୟରେ ବ୍ରହ୍ମପୁରରେ ଜଳସ୍ତର 1.06 ରୁ 9.30 ମଧରେ ଥିବା ବେଳେ ପ୍ରସ୍ତାବିତ 2,000 ଆରଡବ୍ଲ୍ୟୁଏଚଏସ ମଧ୍ୟରୁ କେବଳ 713 (35.65 ପ୍ରତିଶତ) ଆରଡବ୍ଲ୍ୟୁଏଚଏସ ପାଇଁ କାର୍ଯ୍ୟାଦେଶ ଜାରି କରାଯାଇଥିଲା ଏବଂ ମାତ୍ର 354 (17 .71 ପ୍ରତିଶତ) ଆରଡବ୍ଲ୍ୟୁଏଚଏସ ସଂପୂର୍ଣ୍ଣ ହୋଇଥିଲା ।.

ଡିଓଡବ୍ଲ୍ୟୁଆର ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ (2014-15) ର ଅନୁଚ୍ଛେଦ 4 (e) ଅନୁଯାୟୀ ଗ୍ରାଉଣ୍ଡ ୱାଟର ସର୍ଭେ ଆଣ୍ଡ ଇନଭେଷ୍ଟିଗେସେନର ପ୍ରାକ୍-ସମ୍ଭାବ୍ୟତା ରିପୋର୍ଟ ବିନା ଆରଡବ୍ଲ୍ୟୁଏଚଏଂସସ ପାଇଁ କାର୍ଯ୍ୟାଦେଶ ଜାରି କରାଯାଇଥିବା ସମୀକ୍ଷାରୁ ଜଣାପଡିଥିଲା କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ 6 ମାସରୁ ଅଧିକ ସମୟ ବିଳମ୍ବ ହୋଇଥିବାରୁ କାର୍ଯ୍ୟ ସଂପୂର୍ଣ୍ଣର ହାର ମାତ୍ର 49.38 ପ୍ରତିଶତ ରହିଥିଲା । ଆହୁରି ମଧ ଏସଓପି ଅନୁଯାୟୀ ୟୁଏଲବିଗୁଡିକୁ ନିର୍ଦ୍ଧାରିତ ଉପାୟରେ ମାପ ପୁସ୍ତକ ସମେତ ରେକର୍ଡ ଏବଂ ଆନୁଷଙ୍ଗିକ ସୂଚନା ରଖିବାର ଥିଲା । ତେବେ ଏଭଳି କୌଣସି ରେକର୍ଡ ଏହି ମହାନଗର ନିଗମଙ୍କ ଦ୍ୱାରା ରଖାଯାଇନଥିଲା । ।

---

[28] ଭୂ-ପୃଷ୍ଠରୁ ମିଟର ତଳକୁ

ସରକାର କହିଛନ୍ତି (ଏପ୍ରିଲ 2023) ଯେ ପାଞ୍ଚଟି ମହାନଗର ନିଗମରେ 2021-22 ରେ 9,343[29] ଟି ଆରଡବ୍ଲୁଏଚଏସ ନିର୍ମାଣ କରାଯାଇଛି । ଆହୁରି ମଧ କହିଥିଲେ ଯେ ଏଚଆଣ୍ଡୟୁଡି ବିଭାଗ ଆରଡବ୍ଲୁଏଚଏସର ସୁରୁଖୁରୁରେ କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ପାଇଁ ଏସଓପି ଜାରି କରିଛି ଏବଂ ଗତ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟ କାରୀ ହୋଇଥିବା ସମସ୍ତ ଆରଡବ୍ଲୁଏଚଏସର ନିୟମିତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ୟୁଏଲବିକୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର 2022 ସୁଦ୍ଧା ମହାନଗର ନିଗମ ମାନେ ଆରଡବ୍ଲୁଏଚଏସ ନିର୍ମାଣ ପାଇଁ 5,604 କାର୍ଯ୍ୟାଦେଶ ଜାରି କରିଥିବାରୁ ସରକାରଙ୍କ ଉତ୍ତର ବାସ୍ତବରେ ଭୁଲ ଥିଲା । କିନ୍ତୁ ବାସ୍ତବତା ହେଉଛି ମୌସୁମୀ ପୂର୍ବରୁ ଆରଡବ୍ଲୁଏଚଏସକୁ ଠିକ ସମୟରେ ଶେଷ କରିବାକୁ ଏହି ମହାନଗର ନିଗମ ଗୁଡିକରେ ବିଫଳତା ଯୋଗୁଁ ଜୁଲାଇ ରୁ ଅକ୍ଟୋବର 2022 ମଧ୍ୟରେ ଭୂତଳ ଜଳ ରିଚ୍ଚର୍ଜ ପାଇଁ ବର୍ଷା ଜଳର ଶତ ପ୍ରତିଶତ ଜଳ ପ୍ରବାହକୁ ବ୍ୟବହାର କରିବାରେ ବିଫଳ ହୋଇଥିଲା । ତେଣୁ ଭୂତଳ ଜଳ ରିଚ୍ଚର୍ଜ ପାଇଁ ଶତ ପ୍ରତିଶତ ବର୍ଷା ଜଳ ପ୍ରବାହର ବ୍ୟବହାର ଲକ୍ଷ୍ୟ ପୂରଣ ହୋଇପାରି ନଥିଲା ।

### 3.1.5.3 ଭୂତଳ ଜଳ ରିଚ୍ଚର୍ଜ ପାଇଁ ଜଳାଶୟ ସହ ଏସଡବ୍ଲ୍ୟୁଡି ସଂଯୋଗ ନକରିବା

ଚୟନ କରାଯାଇଥିବା ପାଞ୍ଚଟି ମହାନଗର ନିଗମର ରେକର୍ଡରୁ ଜଣାପଡିଛି ଯେ (1) ଭୂତଳ ଜଳ ରିଚାର୍ଜ ଏବଂ (2) ଜଳ ପ୍ରବାହ ଜଳାଶୟର ରିଚାର୍ଜ ଉଦ୍ଦେଶ୍ୟରେ ସମସ୍ତ ଏସଡବ୍ଲ୍ୟୁଡିକୁ ଜଳାଶୟ/ ପୋଖରୀ/ ଟାଙ୍କି ସହିତ ସଂଯୋଗ କରାଯାଇନଥିଲା । ବିଶେଷ କରି କଟକରେ ଚିରସ୍ରୋତା ନଦୀ ପ୍ରବାହିତ ହେଉଥିବା ବେଳେ 17 ଟି ଜଳାଶୟ, ଆନ୍ତଃ ସଂଯୋଗ ନହୋଇ ଅବ୍ୟବହୃତ ହୋଇ ପଡି ରହିଥିଲା ଯାହା ଯୋଜନାରେ ତୃଟିକୁ ଦର୍ଶାଉଛି ।

ବିଏମସି କହିଛନ୍ତି (ଅକ୍ଟୋବର 2022) ଯେ ଏସ୍‌ଟିପି ଶେଷ ହେବା ପରେ ଜଳାଶୟ ସହିତ ଏସଡବ୍ଲ୍ୟୁଡି ଗୁଡିକୁ ସଂଯୋଗ କରିବାର ସମ୍ଭାବନା ସର୍ଭେ କରାଯିବ ଏବଂ ସମ୍ଭବ ହେଲେ ଅନ୍ତଃ ସଂଯୋଗିକରଣ କାର୍ଯ୍ୟ ଆରମ୍ଭ କରାଯିବ। ଏସଏମସି କହିଛନ୍ତି (ମଇ 2022) ଯେ ବର୍ଷା ଜଳ ନିଷ୍କାସନର ପ୍ରାକୃତିକ ସଂଯୋଗ ଥିଲା ଏବଂ ଯେଉଁଠାରେ ସମ୍ଭବ ସେଠାରେ ଜଳାଶୟକୁ ବର୍ଷା ଜଳ ପ୍ରବେଶ ପାଇଁ ପ୍ରବେଶ ପଥ ଦିଆଯାଇଥିଲା । ଅନ୍ୟ ମହାନଗର ନିଗମ ମାନେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲେ । ଏହାର ଉତ୍ତର ଗ୍ରହଣୀୟ ନୁହେଁ, କାରଣ ବର୍ଷା ଜଳ ସହିତ ଅବିଶୋଧିତ ପାଣି ମାଟିରେ ମିଶି ଯାଇଥିଲା ଏବଂ ଜଳାଶୟ ସହିତ ଏସ୍‌ଡବ୍ଲ୍ୟୁଡିଗୁଡିକୁ ସଂଯୋଗ କରିବାର ଉଦ୍ଦେଶ୍ୟ ପୂରଣ ହୋଇନଥିଲା ।

### 3.1.5.4 କଂକ୍ରିଟକରଣ ଯୋଗୁଁ ବର୍ଷା ଜଳ ନିଷ୍କାସନରେ ପ୍ରଭାବ

ଆଇଆର୍‌ସି-ଏସ୍‌ପି-50-2013 ର ଅନୁଚ୍ଛେଦ 4.1.1 ରେ ସୁପାରିସ୍ କରାଯାଇଛି ଯେ ସହରାଞ୍ଚଳରେ ହ୍ରାସ ପାଉଥିବା ଭୂତଳ ଜଳ ନିଷ୍କାସନକୁ ବର୍ତ୍ତମାନର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ସମସ୍ତ ବର୍ଷା ଜଳ ଡ୍ରେନକୁ ଦକ୍ଷତାର ସହ ବ୍ୟବହାର କରାଯିବ । ବିଦ୍ୟମାନ ଡ୍ରେନେଜ୍ କ୍ରସ୍ ବିଭାଗଗୁଡ଼ିକୁ ଏପରି ଭାବରେ ଡିଜାଇନ୍ କରି ଏହା ହାସଲ କରାଯାଇପାରିବ ଯେ, ରାସ୍ତାସ୍ତରରେ ଥିବା ତୃତୀୟ ଡ୍ରେନ୍, ଦ୍ୱିତୀୟ ଡ୍ରେନ୍ ଏବଂ ପ୍ରାଥମିକ ଡ୍ରେନ୍ ମାଧ୍ୟମରେ ବର୍ଷା ଜଳ ଭୂତଳକୁ ଅନୁପ୍ରବେଶ କରିବା ଆରମ୍ଭ କରିବ । ଯଦି ରାସ୍ତାର ପାର୍ଶ୍ୱ ଡ୍ରେନ୍‌ର ଆରମ୍ଭ ସ୍ଥାନର ଭୂତଳ ଜଳ ରିଚାର୍ଜ ଆରମ୍ଭ ହୁଏ ତେବେ ଏହା ପ୍ରଶଂସନୀୟ ହେବ ।

ଚୟନ କରାଯାଇଥିବା ପାଞ୍ଚଟି ମହାନଗର ନିଗମର ଆକଳନ ଏବଂ ଏସ୍‌ଡବ୍ଲ୍ୟୁଡି କାର୍ଯ୍ୟକାରୀ କରିବା ସମ୍ବନ୍ଧୀୟ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଉପରୋକ୍ତ ଆଇଆର୍‌ସି ବ୍ୟବସ୍ଥାକୁ ଉଲ୍ଲଂଘନ କରି ଅବଶୋଷଣର ସୁବିଧାର ବ୍ୟବସ୍ଥା ବିନା ବର୍ଷା ଜଳ ନିଷ୍କାସନର ପ୍ରବାହ ପଥ/ ଶଯ୍ୟା କଂକ୍ରିଟ୍ କରାଯାଇଛି, ଯାହା ଭୂତଳ ଜଳ ରିଚାର୍ଜକୁ ପ୍ରଭାବିତ କରିଥିଲା । ଆହୁରି ମଧ, ଏସ୍‌ଡବ୍ଲ୍ୟୁଡିର କଂକ୍ରିଟ୍‌କରଣ, **ଅନୁଚ୍ଛେଦ 3.2.2.1, 5.2.1** ଏବଂ **5.2.2.3** ରେ ଆଲୋଚନା କରାଯାଇଥିବା ଭଳି ଜଳ ଅନୁପ୍ରବେଶ ନ ହେବା କାରଣରୁ ସମସ୍ତ ପାଞ୍ଚଟି ମହାନଗର ନିଗମରେ ବାରମ୍ବାର ବନ୍ୟା ଆଶଙ୍କା ସୃଷ୍ଟି କରିଥିଲା ।

ବିଏମ୍‌ସି ବ୍ୟକ୍ତ କରିଛନ୍ତି (ଅକ୍ଟୋବର 2022) ଯେ, ଅବାଧ ଜଳ ପ୍ରବାହ ଏବଂ ସ୍ୱୟଂ ସଫେଇ ପାଇଁ ଡ୍ରେନ୍‌ର ଶଯ୍ୟାରେ ସିମେଣ୍ଟ ଲାଇନିଂ ବ୍ୟବସ୍ଥା କରାଯାଇଛି । ଏହାର ଉତ୍ତର ସନ୍ତୋଷଜନକ ନୁହେଁ, କାରଣ କଂକ୍ରିଟ୍ ଡ୍ରେନ୍

[29] ଭୁବନେଶ୍ୱର 4,562, ବ୍ରହ୍ମପୁର 673, କଟକ 218, ରାଉରକେଲା 2,583 ଏବଂ ସମ୍ବଲପୁର 1,307 ଆରଡବ୍ଲୁଏଚ୍‌ଏସ୍

ଗୁଡ଼ିକରେ କୌଣସି ଅନୁପ୍ରବେଶ ସୁବିଧା ଉପଲବ୍ଧ ହୋଇନଥିଲା, ଯାହା ଭୂତଳ ଜଳ ରିଚାର୍ଜ ପାଇଁ ଜଳର ପ୍ରାକୃତିକ ଅବଶୋଷଣରେ ବାଧା ସୃଷ୍ଟି କରୁଥିଲା । ଅନ୍ୟ ମହାନଗର ନିଗମ ଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲେ ।

### 3.1.6 ବର୍ଷା ଜଳ ନିଷ୍କାସନ ସଂରକ୍ଷଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ କାରଣ

ଏନ୍‌ଡିଏମ୍ ମାର୍ଗଦର୍ଶିକା 2010 ର ଅନୁଚ୍ଛେଦ 4.1.1 ରେ କୁହାଯାଇଛି ଯେ ଦ୍ରୁତ ସହରୀକରଣ ଫଳରେ ଫୁଟପାଥ୍, ସଡ଼କ ଏବଂ ପକ୍କା ନିର୍ମିତ ଅଞ୍ଚଳ ଆକାରରେ ଜଳ ଅଭେଦ୍ୟ ପୃଷ୍ଠ ବୃଦ୍ଧି ଘଟିଛି, ଯାହା ଅବଶୋଷଣ ଏବଂ ପ୍ରାକୃତିକ ସଂରକ୍ଷଣକୁ ହ୍ରାସ କରିଥାଏ ।

ସମୀକ୍ଷାରୁ ଜଣାପଡ଼ିଛି ଯେ, 2017-22 ଆର୍ଥିକ ବର୍ଷରେ ଚୟନ କରାଯାଇଥିବା ପାଞ୍ଚଟି ମହାନଗର ନିଗମର ଜନସଂଖ୍ୟା ବୃଦ୍ଧି[30] ହାର ବହୁତ ଅଧିକ ଥିଲା ଏବଂ ମହାନଗର ନିଗମଗୁଡ଼ିକର ସହରାଞ୍ଚଳ କ୍ଷେତ୍ର 53.30 ରୁ 303 ବର୍ଗ କିଲୋମିଟର (ସେପ୍ଟେମ୍ବର 2022 ସୁଦ୍ଧା)[31] ମଧ୍ୟରେ ବୃଦ୍ଧି ପାଇଥିଲା । ବିଭାଗର ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ଓଆର୍‌ଏସ୍‌ଏସି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଏହି ମହାନଗର ନିଗମଗୁଡ଼ିକର ଦ୍ରୁତ ସହରୀକରଣ ଯୋଗୁଁ, ରାସ୍ତାର ନିର୍ମାଣ କ୍ଷେତ୍ର ବୃଦ୍ଧି ଏବଂ ଚାଷ ଜମି, ତଳିଆ ଅଞ୍ଚଳ ହ୍ରାସ ପରିଣାମସ୍ୱରୂପ ଏସ୍‌ଡବ୍ଲ୍ୟୁଡିମାନଙ୍କ ପାଇଁ ଅନୁପ୍ରବେଶ କ୍ଷେତ୍ରରେ ହ୍ରାସ ଘଟିଥିବା ଦେଖିବାକୁ ମିଳିଥିଲା । ତେବେ, ସମୟାନୁକ୍ରମେ ଜମିର ବ୍ୟବହାର ଢାଞ୍ଚାର ନିକର୍ଷରେ ପହଞ୍ଚିବା ପାଇଁ ବିଭାଗ/ ଓଆରଏସଏସି/ ପରିସଂଖ୍ୟାନ ବିଭାଗ ପକ୍ଷରୁ କୌଣସି ସମ୍ପୂର୍ଣ୍ଣ ଓ ସଠିକ୍ ତଥ୍ୟ ରଖାଯାଇ ନାହିଁ । ଗୁଗୁଲ୍ ଆର୍ଥ ପ୍ରୋ ରୁ ସମୀକ୍ଷା ଏହି ମହାନଗର ନିଗମ ଗୁଡ଼ିକରେ ଦ୍ରୁତ ସହରୀକରଣ ଯୋଗୁଁ ସୃଷ୍ଟି ହୋଇଥିବା ଟାଇମ୍‌ଲାଇନ୍ ଫଟୋ ବ୍ୟବହାର କରି ଜମି ବ୍ୟବହାର ଢାଞ୍ଚା ପରିବର୍ତ୍ତନର ବିବରଣୀ ହାସଲ କରିଛି । ସାଟେଲାଇଟ୍ **ଫଟୋ 7** ରୁ **12**ରେ ଏହି ପରିବର୍ତ୍ତନ ଦେଖିବାକୁ ମିଳୁଛି ।

ଜନସଂଖ୍ୟା ବୃଦ୍ଧି ଯୋଗୁଁ ପାଞ୍ଚଟି ଏମ୍‌ସିର ସହରାଞ୍ଚଳ କ୍ଷେତ୍ର **53.30** ଏବଂ **303** ବର୍ଗ କିମି ମଧ୍ୟରେ ବୃଦ୍ଧି ହୋଇଥିଲା । ଏହା ଫଳରେ ଏହି ଏମ୍‌ସି ଗୁଡ଼ିକର ଦ୍ରୁତ ସହରୀକରଣ ବୃଦ୍ଧି ହୋଇଥିଲା ଏବଂ ଏହା ସହିତ ରାସ୍ତା ନିର୍ମାଣ କ୍ଷେତ୍ରର ବୃଦ୍ଧି ହୋଇଥିଲା ଯାହାଫଳରେ ଏସ୍‌ଡବ୍ଲ୍ୟୁଡି ଗୁଡ଼ିକରେ ଅନୁପ୍ରବେଶ କ୍ଷେତ୍ର ଗୁଡ଼ିକର ହ୍ରାସ ପାଇଥିଲା ।




**ସାଟେଲାଇଟ୍ ଚିତ୍ର 7:** ଭୁବନେଶ୍ୱର ଚକେଇସିଆଣିସ୍ଥିତ ଦୟା ପଶ୍ଚିମ କେନାଲ (ଫେବୃଆରୀ 2006)




**ସାଟେଲାଇଟ୍ ଚିତ୍ର 8:** ଭୁବନେଶ୍ୱର ଚକେଇସିଆଣିସ୍ଥିତ ଦୟା ପଶ୍ଚିମ କେନାଲ (ଫେବୃଆରୀ 2022)

[30] ଗୃହ ଓ ନଗର ଉନ୍ନୟନ ବିଭାଗର ବାର୍ଷିକ କାର୍ଯ୍ୟ ଯୋଜନା 2017-18 ଅନୁଯାୟୀ

[31] ମହାନଗର ନିଗମର ପ୍ରୋଫାଇଲ୍ ଅନୁଯାୟୀ, ୱେବ୍ ସାଇଟ୍‌ରେ ଉପଲବ୍ଧ



**<u>ସାଟେଲାଇଟ୍ ଚିତ୍ର 9:</u>** ପେଟ୍ଟାନାଳ, ସିଏମ୍‌ସି ର ସିଡିଏ ଅଞ୍ଚଳରେ ଜବରଦଖଲ(ଡିସେମ୍ବର 2005)



**<u>ସାଟେଲାଇଟ୍ ଚିତ୍ର 10:</u>** ପେଟ୍ଟାନାଳ, ସିଏମ୍‌ସି ର ସିଡିଏ ଅଞ୍ଚଳରେ ଜବରଦଖଲ(ଫେବୃଆରୀ 2022)



**<u>ସାଟେଲାଇଟ୍ ଚିତ୍ର 11:</u>** ବାହାନା ନାଳ, ହାରିସ ଏନକ୍ଲେଭ, ବିଏମ୍‌ସି ଅଞ୍ଚଳ ନିକଟରେ (ଅପ୍ରେଲ 2004)




**<u>ସାଟେଲାଇଟ୍ ଚିତ୍ର 12:</u>** ବାହାନା ନାଳ, ହାରିସ ଏନକ୍ଲେଭ, ବିଏମ୍‌ସି ଅଞ୍ଚଳ ନିକଟରେ (ଜୁଲାଇ 2022)

ବିଏମ୍‌ସି ବ୍ୟକ୍ତ କରିଛନ୍ତି (ଅକ୍ଟୋବର 2022) ଦ୍ରୁତ ସହରୀକରଣ, ଚଟାଣ ଏବଂ ରାସ୍ତାରେ ସିମେଣ୍ଟର ବୃଦ୍ଧି; ବିଟୁମିନସ୍ ରାସ୍ତାର ବୃଦ୍ଧି; ଆର୍ଦ୍ରଭୂମି ଓ ତଳିଆ ଅଞ୍ଚଳ ହ୍ରାସ ପାଇବା କାରଣରୁ ଅବଶୋଷଣ ଓ ଭୂତଳ ଜଳ ରିଚାର୍ଜର ସମ୍ଭାବନା କମ୍ ଥିବାରୁ ପ୍ରତିକାର ମୂଳକ ପଦକ୍ଷେପ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ । ଅନ୍ୟ ମହାନଗର ନିଗମମାନେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲେ ।

ଉତ୍ତର ସନ୍ତୋଷଜନକ ନୁହେଁ, କାରଣ ମହାନଗର ନିଗମ ଓ ଡିଏମ୍‌ଙ୍କ ବିଫଳତା ଯୋଗୁଁ ତଳିଆ ଅଞ୍ଚଳ, ଜଳାଶୟ ଓ ଡ୍ରେନ୍ ହ୍ରାସ ପାଇଛି । ଆହୁରି ମଧ୍ୟ, ଆବାସିକ ଅଞ୍ଚଳ, ବାଣିଜ୍ୟିକ ଅଞ୍ଚଳ ଏବଂ ସଡ଼କ ବୃଦ୍ଧି ଯୋଗୁଁ ଅବଶୋଷଣ ଏବଂ ଭୂତଳ ଜଳ ରିଚାର୍ଜ ପ୍ରଭାବିତ ହୋଇଥିଲା ।

## 3.2 ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥା ନିର୍ମାଣ ପାଇଁ ଯୋଜନା

### 3.2.1 ବିସ୍ତୃତ ବିକାଶ ଯୋଜନାଗୁଡ଼ିକର ପ୍ରସ୍ତୁତି

ଓଡ଼ିଶା ସହରୀ ଯୋଜନା ଏବଂ ଉନ୍ନତିକରଣ ଟ୍ରଷ୍ଟ ଅଧିନିୟମ, 1956 ର ଧାରା 29 (1) ରେ ବ୍ୟବସ୍ଥା ରହିଛି ଯେ ଯୋଜନା କର୍ତ୍ତୃପକ୍ଷ[32], ଦୁଇ ବର୍ଷ ମଧ୍ୟରେ ନିଜ ଅଞ୍ଚଳର ସର୍ବେକ୍ଷଣ ସମ୍ପୂର୍ଣ୍ଣ କରିବେ ଏବଂ ୟୁଏଲ୍‌ବି ଗଠନ ପାଇଁ

[32] ମହାନଗର ନିଗମ: ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା

ବିଜ୍ଞପ୍ତି[33] ପ୍ରକାଶ ପାଇବାର ଚାରି ବର୍ଷ ମଧ୍ୟରେ ରାଜ୍ୟର ସହରୀ ଯୋଜନା ନିର୍ଦ୍ଦେଶକଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ବ୍ୟାପକ ଉନ୍ନୟନ ଯୋଜନା (ସିଡିପି) / ମାଷ୍ଟର ପ୍ଲାନ[34] (ଏମପି) ପ୍ରଦାନ କରିବେ ।

ଚୟନ ମହାନଗର ନିଗମଗୁଡ଼ିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ବ୍ରହ୍ମପୁର, (ଅଗଷ୍ଟ 2015) , ଭୁବନେଶ୍ୱର (ଜାନୁଆରୀ 2010) ଏବଂ କଟକ (ଜୁଲାଇ 2012) ପାଇଁ ସିଡିପି 2.7 ରୁ 13.11 ବର୍ଷ ବିଳମ୍ବରେ ପ୍ରସ୍ତୁତ ହୋଇଥିବା ବେଳେ ସମ୍ବଲପୁର ଏବଂ ରାଉରକେଲା ପାଇଁ ସିଡିପି (ମଇ 2023 ସୁଦ୍ଧା) [35] ପ୍ରସ୍ତୁତ ହୋଇନାହିଁ ।

ରାଉରକେଲା ଓ ସମ୍ବଲପୁରର ସିଡିପି ପ୍ରକ୍ରିୟା ଚାଲିଥିବା ବେଳେ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି ସରକାର ବ୍ୟକ୍ତ କରିଛନ୍ତି (ମଇ 2023) ।

ଏହି ସିଡିପି ପ୍ରସ୍ତୁତିରେ ବିଳମ୍ବର ପ୍ରଭାବ ନିମ୍ନରେ ବିଶ୍ଳେଷଣ ଏବଂ ଆଲୋଚନା କରାଯାଇଛି ।

### 3.2.1.1 ବ୍ୟାପକ ବିକାଶ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବାରେ ବିଳମ୍ବ ଯୋଗୁଁ ନିଷ୍ଫଳ ବ୍ୟୟ

> ବ୍ୟାପକ ବିକାଶ ଯୋଜନାରର ଚୂଡ଼ାନ୍ତକରଣରେ ବିଳମ୍ବ ଯଥାକ୍ରମେ ସମ୍ବଲପୁର ଏମ୍‌ସି ପାଇଁ ସାତ ବର୍ଷରୁ ଅଧିକ ଏବଂ ରାଉରକେଲା ଏମ୍‌ସି ପାଇଁ **10** ବର୍ଷରୁ ଅଧିକ ଯୋଗୁଁ ଡ୍ରେନ୍ ଏବଂ ସ୍ୱେରେଜ୍‌ର ଉନ୍ନୟନମୂଳକ କାର୍ଯ୍ୟ କିଛି ଆରମ୍ଭ ହୋଇନଥିଲା ଏବଂ କିଛି ମାତ୍ରାରେ ସମାପ୍ତ ହୋଇଥିଲା ।

ରାଉରକେଲା ଓ ସମ୍ବଲପୁର ସିଡିପି ପ୍ରସ୍ତୁତି ପାଇଁ ଓଡ଼ିଶା ସରକାର (ଫେବୃଆରୀ 2008ରୁ ଜୁଲାଇ 2009) 1.72 କୋଟି[36] ଟଙ୍କା ପ୍ରଦାନ କରିଥିଲେ । ଡିସେମ୍ବର 2009 ଏବଂ ଅଗଷ୍ଟ 2010 ସୁଦ୍ଧା ଏହି ଡ୍ରାଫ୍ଟ ସିଡିପି ଦାଖଲ ପାଇଁ ଯଥାକ୍ରମେ ଚୁକ୍ତିନାମା (ଅଗଷ୍ଟ 2008 ଏବଂ ଜାନୁଆରୀ 2009) କାର୍ଯ୍ୟକାରୀ କରାଯାଇଥିଲା । ଏଥିପାଇଁ ସମ୍ପୃକ୍ତ ଏଜେନ୍ସିଗୁଡ଼ିକୁ 1.34 କୋଟି[37] ଟଙ୍କା ପ୍ରଦାନ କରାଯାଇଥିଲା । ସେମାନେ ଦେଢ଼ରୁ ପାଞ୍ଚ ବର୍ଷ ଛଅମାସ ଅଧିକ ସମୟ ବିଳମ୍ବରେ [ମାର୍ଚ୍ଚ 2012(ସମ୍ବଲପୁର) ଏବଂ ମେ 2015(ରାଉରକେଲା)] ଡ୍ରାଫ୍ଟ ସିଡିପି ଦାଖଲ କରିଥିଲେ । ରାଉରକେଲାର ସଂଶୋଧିତ ସିଡିପି (ନଭେମ୍ବର 2019 ସୁଦ୍ଧା) 4 ବର୍ଷ ବିଳମ୍ବରେ ଅନୁମୋଦନ ପାଇଁ ଓଡ଼ିଶା ସରକାରଙ୍କ ନିକଟରେ ଦାଖଲ କରିଥିଲା । ସିଡିପି (ନଭେମ୍ବର 2022 ସୁଦ୍ଧା) ଅନୁମୋଦିତ ହୋଇନଥିଲା । ରାସ୍ତା/ଡ୍ରେନ୍ ର ଆଲାଇନମେଣ୍ଟ ଏବଂ ଜମି ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କଠାରୁ (ଡିସେମ୍ବର 2022 ସୁଦ୍ଧା) ପ୍ରାପ୍ତ 1,078ଟି ଆପତ୍ତି ମଧ୍ୟରୁ 200ଟି ଉପରେ ଏସଡିଏ ଆଲୋଚନା କରିଥିଲେ । ଦାଖଲ ତାରିଖ ଠାରୁ ସାତରୁ ଦଶବର୍ଷ ବିତିଯାଇଥିଲେ ମଧ୍ୟ ଉଭୟ ସହରର ଡ୍ରାଫ୍ଟ ସିଡିପି ଚୂଡ଼ାନ୍ତ ହୋଇନଥିଲା । ଏହା ବିଳମ୍ବ ଯୋଗୁଁ ରାଉରକେଲା ଓ ସମ୍ବଲପୁର ଉନ୍ନୟନ ମୂଳକ କାର୍ଯ୍ୟ (ସ୍ୱେରେଜ ଓ ଡ୍ରେନେଜ ନେଟୱାର୍କ ଭଳି) ଆରମ୍ଭ ହୋଇପାରିଲା ନାହିଁ ଏବଂ 1.34 କୋଟି ଟଙ୍କା ବ୍ୟୟ ଫଳପ୍ରଦ ହୋଇପାରିଲା ନାହିଁ ।

ସରକାର ବ୍ୟକ୍ତ କଲେ (ମଇ 2023) ଯେ, ଯଦିଓ ଆରଡିଏ ନଭେମ୍ବର 2019 ରେ ଓଡ଼ିଶା ସରକାରଙ୍କ ସଂଶୋଧିତ ସିଡିପି ଦାଖଲ କରିଥିଲା, କିନ୍ତୁ ଯୋଜନା ସଦସ୍ୟ (ପିଏମ୍) ଏବଂ ଆରଡିଏର ଉପାଧକ୍ଷଙ୍କ ଦ୍ୱାରା ଏହା ସ୍ୱୀକୃତି ପ୍ରାପ୍ତ ହୋଇନଥିଲା । ଇତି ମଧ୍ୟରେ ଯୋଜନା ସଦସ୍ୟ (ପିଏମ୍) ଏହାକୁ ସ୍ୱୀକୃତି ଦେଇଛନ୍ତି ଏବଂ ଆଇନ୍‌ଗତ ପ୍ରକ୍ରିୟା ପାଳନ କରି ଏହାକୁ ଖୁବ୍ ଶୀଘ୍ର ଅନୁମୋଦନ କରାଯିବ । ଏ ସଂକ୍ରାନ୍ତରେ ସରକାର ଆହୁରି କହିଛନ୍ତି ଯେ, ଅନୁମୋଦନ ପାଇଁ ଏସ୍‌ଡିଏ ପକ୍ଷରୁ ଓଡ଼ିଶା ସରକାରଙ୍କ ନିକଟରେ, ସମ୍ବଲପୁର ସହର ପାଇଁ ଚୂଡ଼ାନ୍ତ ସିଡିପି ଦାଖଲ କରାଯାଇ ନାହିଁ । ତେବେ ବାସ୍ତବକଥା ହେଉଛି, ସିଡିପି ଚୂଡ଼ାନ୍ତ କରିବାରେ ବିଳମ୍ବ ହେତୁ ଏହି ଦୁଇ ମହାନଗର ନିଗମରେ ଡ୍ରେନେଜ୍ ଓ ସ୍ୱେରେଜ୍ କାମ ଭଳି ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥିଲା ଏବଂ

---

33 ୟୁଏଲ୍‌ବି ଗଠନ ପାଇଁ ବିଜ୍ଞପ୍ତିର ତାରିଖ : i) ବିଏମ୍‌ସି: ଜୁଲାଇ 1994; ii) ସିଏମ୍‌ସି: ଅଗଷ୍ଟ 1994; iii) ବିଇଏମ୍‌ସି: ଡିସେମ୍ବର 2008; iv) ଏସ୍‌ଏମ୍‌ସି: ନଭେମ୍ବର 2013 ଏବଂ v) ଆର୍‌ଏମ୍‌ସି: ନଭେମ୍ବର 2014

34 ଏକ ମାଷ୍ଟର ପ୍ଲାନ୍‌ରେ ସାଇଟ୍‌ର ଜନସଂଖ୍ୟା, ଅର୍ଥନୀତି, ଗୃହ ନିର୍ମାଣ, ପରିବହନ, ଗୋଷ୍ଠୀ ସୁବିଧା ଏବଂ ଜମି ବ୍ୟବହାର ପାଇଁ ବିଶ୍ଳେଷଣ, ସୁପାରିଶ ଏବଂ ପ୍ରସ୍ତାବ ଅନ୍ତର୍ଭୁକ୍ତ । ଏହା ଜନସାଧାରଣଙ୍କ ସୂଚନା, ସର୍ବେକ୍ଷଣ, ଯୋଜନା ପଦକ୍ଷେପ, ବିଦ୍ୟମାନ ବିକାଶ, ଭୌତିକ ବୈଶିଷ୍ଟ୍ୟ ଏବଂ ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ଉପରେ ଆଧାରିତ

35 ମହାନଗର ନିଗମ ମାନଙ୍କରେ ସିଡିପି ପ୍ରସ୍ତୁତ କରିବାର ନିର୍ଦ୍ଧାରିତ ତାରିଖ: ଭୁବନେଶ୍ୱର (ଜୁଲାଇ 1998), କଟକ (ଅଗଷ୍ଟ 1998), ବ୍ରହ୍ମପୁର (ଡିସେମ୍ବର 2012), ସମ୍ବଲପୁର (ନଭେମ୍ବର 2017) ଏବଂ ରାଉରକେଲା (ନଭେମ୍ବର 2018)

36 ସମ୍ବଲପୁର ପାଇଁ 90.78 ଲକ୍ଷ ଟଙ୍କା ଓ ରାଉରକେଲା ପାଇଁ 81 ଲକ୍ଷ ଟଙ୍କା

37 ସମ୍ବଲପୁର ପାଇଁ 73.98 ଲକ୍ଷ ଟଙ୍କା (ଅକ୍ଟୋବର 2022 ସୁଦ୍ଧା) ଏବଂ ରାଉରକେଲା ପାଇଁ 59.80 ଲକ୍ଷ ଟଙ୍କା (ଜୁଲାଇ 2021 ସୁଦ୍ଧା)

ଏହି ସହରଗୁଡ଼ିକର ସହରୀକରଣ ଯୋଗୁଁ ଜମି ବ୍ୟବହାର ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଆସିଲା । ତେଣୁ ହୋଇଥିବା ଖର୍ଚ୍ଚ ଫଳପ୍ରଦ ହେବାର ସମ୍ଭାବନା ନାହିଁ ।

### 3.2.1.2 ବ୍ୟାପକ ବିକାଶ ଯୋଜନାର ସଂଶୋଧନ/ ସମୀକ୍ଷାରେ ବିଳମ୍ବ

ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ପର୍ଯ୍ୟାୟ କ୍ରମେ ବ୍ୟାପକ ବିକାଶ ଯୋଜନାର ପୁନଃସମୀକ୍ଷା ନହେବା କାରଣରୁ ଡ୍ରେନ୍ ଏବଂ ସେୱରେଜର ଉନ୍ନୟନମୂଳକ କାର୍ଯ୍ୟ କିଛି ମାତ୍ରାରେ ସମାପ୍ତ ହୋଇଥିଲା ଏବଂ କିଛି ଆରମ୍ଭ ହୋଇନଥିଲା ।

ଓଡ଼ିଶା ଟାଉନ୍ ପ୍ଲାନିଂ ଆଣ୍ଡ ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟ ନିୟମ 1975 ର ଧାରା 38 ଅନୁଯାୟୀ, ସିଡିପିର ଅନୁମୋଦନ ପରେ ପ୍ରତି ପାଞ୍ଚ ବର୍ଷରେ, ଅତି କମ୍‌ରେ ଥରେ ସମ୍ପୃକ୍ତ ଯୋଜନା କର୍ତ୍ତୃପକ୍ଷ ଏକ ନୂତନ ସର୍ଭେ କରି ସିଡିପିରେ ପରିବର୍ତ୍ତନ/ ସଂଯୋଜନାକୁ ଅନ୍ତର୍ଭୁକ୍ତ କରି ଏକ ନୂତନ ଯୋଜନା, ନିର୍ଦ୍ଦେଶକ/ ଓଡ଼ିଶା ସରକାରଙ୍କ ନିକଟରେ ଦାଖଲ କରିବାର ଥିଲା । ଭାରତ ସରକାରଙ୍କ ସହରାଞ୍ଚଳ ଓ ଆଞ୍ଚଳିକ ଉନ୍ନୟନ ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ, 2015 ର ଅନୁଚ୍ଛେଦ 1.5.3 ରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସିଡିପିର ସମୟକ୍ରମେ ସମୀକ୍ଷା କରାଯିବା ଉଚିତ ଏବଂ ଯୋଜନା ଅବଧି ଶେଷ ହେବା ପରେ ଯୋଜନା ସଂଶୋଧନ/ ମୂଲ୍ୟାଙ୍କନ ପ୍ରତି ପାଞ୍ଚ ବର୍ଷରେ ବାଧ୍ୟତାମୂଳକ ଭାବେ ଏକ ସ୍ଥାୟୀ ପ୍ରକ୍ରିୟା ଭାବରେ ଗ୍ରହଣ କରାଯିବା ଉଚିତ୍ ।

ସମୀକ୍ଷାରୁ ଜଣାପଡ଼ିଛି ଯେ, ଯଦିଓ ତିନୋଟି ଉନ୍ନୟନ କର୍ତ୍ତୃପକ୍ଷ(ଡିଏ)[38] ଜାନୁଆରୀ 2010 ରୁ ଅଗଷ୍ଟ 2015 ମଧ୍ୟରେ ସେମାନଙ୍କର ସିଡିପିକୁ ସୂଚିତ କରିଥିଲେ, ତଥାପି ସେମାନେ ସିଡିପିର ଅଗ୍ରଗତି ଏବଂ ସଫଳତାର ମୂଲ୍ୟାଙ୍କନ/ ସମୀକ୍ଷା କରିନାହାଁନ୍ତି କିମ୍ବା ପାଞ୍ଚ ବର୍ଷ ପୂରଣ ହେବା ପରେ ମଧ୍ୟ (ସେପ୍ଟେମ୍ବର 2022 ସୁଦ୍ଧା) ସିଡିପି ସଂଶୋଧନ କରିନାହାଁନ୍ତି ।

ସରକାର ବ୍ୟକ୍ତ କଲେ (ମଇ 2023) ଯେ, ଯଦିଓ ପ୍ରତି ପାଞ୍ଚ ବର୍ଷରେ ମାଷ୍ଟର ପ୍ଲାନ୍ ସଂଶୋଧନ ପାଇଁ ବ୍ୟବସ୍ଥା ଥିଲା, ବଜେଟ୍ ବ୍ୟବସ୍ଥା ନଥିବାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରି ନଥିଲା । ସିଡିପି ସଂଶୋଧନ ପାଇଁ ବଜେଟ୍ ବ୍ୟବସ୍ଥା ସରକାରଙ୍କ ଉପରେ ନ୍ୟସ୍ତ ଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ । ବାସ୍ତବକଥା ହେଉଛି ବର୍ତ୍ତମାନର ଆବଶ୍ୟକତା ଆଧାରରେ ସିଡିପି ସଂଶୋଧନରେ ବିଳମ୍ବ ହେବା ଫଳରେ ବର୍ଷା ଜଳ ଏବଂ ସେୱରେଜ୍ ପରିଚାଳନା ପାଇଁ ଯୋଜନା ଅଭାବରୁ ସହରଗୁଡ଼ିକରେ ଜଳବନ୍ଦୀ/ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା, ଯାହା ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଆଲୋଚନା କରାଯାଇଛି ।

### 3.2.1.3 ବ୍ୟାପକ ବିକାଶ ଯୋଜନାରେ ତ୍ରୁଟି

ସମୀକ୍ଷାରୁ ଜଣାପଡ଼ିଛି ଯେ 2010 ରୁ 2015 ମଧ୍ୟରେ ଅନୁମୋଦନ ହୋଇଥିବା ଏବଂ 2030-31 ପର୍ଯ୍ୟନ୍ତ ବୈଧତା ଥିବା ତିନୋଟି ସିଡିପି[39] କେବଳ ପ୍ରାକୃତିକ ଡ୍ରେନର ବ୍ୟବସ୍ଥା କରିଥିଲେ ଏବଂ ସମ୍ପୃକ୍ତ ନିଗମ ଅଞ୍ଚଳ ମଧ୍ୟରେ ଥିବା ଜଳାଶୟ କିମ୍ବା ଦ୍ୱିତୀୟ ଓ ତୃତୀୟ ସ୍ତରୀୟ ଡ୍ରେନ୍ ଗୁଡ଼ିକର ବିବରଣୀ ପ୍ରଦାନ କରିନଥିଲେ । ଏଭଳି ସବିଶେଷ ତଥ୍ୟର ଅଭାବରୁ ଏହି ଜଳାଶୟ ଓ ଡ୍ରେନ୍ ଗୁଡ଼ିକରେ ଜବରଦଖଲ/ ପ୍ରବାହ ବାଧାପ୍ରାପ୍ତ ହେବାର ବିଶ୍ଳେଷଣ ହୋଇପାରିଲା ନାହିଁ । ଏହି ସିଡିପିରେ ଦେଖାଦେଇଥିବା ତ୍ରୁଟିଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି:

- ଯଦିଓ ଏହି ସିଡିପି ବିଭିନ୍ନ ପ୍ରକାରର ଏସଡବ୍ଲୁଡି ପାଇଁ ବଫର ଜୋନର ଗୁରୁତ୍ୱକୁ ସ୍ୱୀକାର କରିଥିଲେ, ତଥାପି ସେମାନେ ଡ୍ରେନ୍‌ଗୁଡିକୁ ଆବଶ୍ୟକତା ଅନୁଯାୟୀ ବର୍ଗୀକରଣ କରିନଥିଲେ ଏବଂ ତେଣୁ ଡ୍ରେନ ପାର୍ଶ୍ୱରେ ନୋ ଡେଭଲପମେଣ୍ଟ ଏରିଆ ବିଜ୍ଞପ୍ତି ପ୍ରକାଶ କରିନଥିଲେ । ଫଳରେ ଜଳାଶୟ / ଜଳପଥ ଆଖପାଖରେ ଆବଶ୍ୟକ ବଫର ଜୋନ୍ ଚିହ୍ନିତ ହୋଇ ନଥିଲା କି ରକ୍ଷଣାବେକ୍ଷଣ ହୋଇ ପାରିନଥିଲା ।
- ଏହି ସିଡିପିରେ ପ୍ରାଥମିକ ଡ୍ରେନ ମ୍ୟାପ ହୋଇଥିଲା ବେଳେ ବିଏମସି ଓ ବିଇଏମସିର ସିଡିପି ମାନଚିତ୍ରରେ ଦ୍ୱିତୀୟ ଓ ତୃତୀୟ ସ୍ତରିୟ ଡ୍ରେନକୁ ଦର୍ଶାଯାଇ ନ ଥିଲା ।
- ବ୍ରହ୍ମପୁରର ସିଡିପି ପ୍ରାକୃତିକ ଡ୍ରେନ ଗୁଡିକର ରକ୍ଷଣା ବେକ୍ଷଣ ଉଦ୍ଦେଶ୍ୟରେ ଏହାର ଲମ୍ବ ଓ ପ୍ରସ୍ଥର ବିବରଣୀ ପ୍ରଦାନ କରିନଥିଲା ।
- ସିଡିପିରେ ପ୍ରାଥମିକ ଡ୍ରେନ ମ୍ୟାପ ହୋଇଥିଲା ବେଳେ ଏହି ଡ୍ରେନ ଗୁଡିକର ପ୍ରଶସ୍ତୀକରଣ ପାଇଁ

[38] ଭୁବନେଶ୍ୱର( ଜାନୁଆରୀ 2010), ବ୍ରହ୍ମପୁର( ଅଗଷ୍ଟ 2015) ଏବଂ କଟକ( ଜୁଲାଇ 2012)

[39] ଭୁବନେଶ୍ୱର, ବ୍ରହ୍ମପୁର ଏବଂ କଟକ

ଅଧିଗ୍ରହଣ ହେବାକୁ ଥିବା ଜମିର ମାଲିକାନା ଓ ପରିମାଣ ଉଲ୍ଲେଖ କରାଯାଇ ନ ଥିଲା ।

- ଏହି ତିନିଟି ସିଡିପି ତଳିଆ ଆଦ୍ରଭୂମିର ପୁନରୁଦ୍ଧାର କୌଣସି ବିବରଣୀ ପ୍ରଦାନ କରିନଥିଲେ ।

ସିଡିପିରେ ଉପରୋକ୍ତ ତ୍ରୁଟି ଯୋଗୁଁ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିନଥିବା ବେଳେ ସିଡିପି ପ୍ରସ୍ତୁତି ପଛର ଉଦ୍ଦେଶ୍ୟ ପୂରଣ ହୋଇପାରିନଥିଲା ।

ସମସ୍ତ ଅଡିଟ୍ ମନ୍ତବ୍ୟ କୁ ଉଲ୍ଲେଖ କରି ସରକାର କହିଛନ୍ତି (ମଇ 2023 ) ଯେ ଡ୍ରେନ ପ୍ରଶସ୍ତୀକରଣ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ମାଲିକାନା ଏବଂ କ୍ଷେତ୍ରଫଳ ସିଡିପିରେ ଉଲ୍ଲେଖ କରିବା ବ୍ୟବହାରିକ ନୁହେଁ । ଜମି ଅଧିଗ୍ରହଣ ସମୟରେ ଏହାକୁ ଚିହ୍ନଟ କରାଯିବା ଦରକାର କାରଣ ଏହାକୁ ସମୟ ସମୟରେ ପରିବର୍ତ୍ତନ କରାଯିବ । ତେବେ ପ୍ରକୃତ କଥା ହେଲା ଡ୍ରେନ ପ୍ରଶସ୍ତୀକରଣ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ଡ୍ରେନ ଜବରଦଖଲ ହୋଇଛି ।

### 3.2.1.4 ଆଞ୍ଚଳିକ ଉନ୍ନୟନ ଯୋଜନା ପ୍ରସ୍ତୁତ ନ କରିବା

ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ଆଇନ, 1982 ର ଧାରା 10 ଅନୁଯାୟୀ ସିଡିପି ପ୍ରସ୍ତୁତି ସମୟରେ ଯୋଜନା ଅଞ୍ଚଳଗୁଡିକୁ ବିଭିନ୍ନ ଜୋନରେ ବିଭକ୍ତ କରିବା ସହିତ ଆଞ୍ଚଳିକ ଉନ୍ନୟନ ଯୋଜନା (ଜେଡ୍‌ଡିପି) ପ୍ରସ୍ତୁତ କରିବା ଜେଡ୍‌ଡିପିରେ ଯେ କୌଣସି ସ୍ଥାନ କିମ୍ବା ସେହି ସ୍ଥାନରେ ଥିବା କୋଠାଗୁଡିକ ସଂପର୍କରେ ପ୍ରଦାନ କରାଯାଇଥିବା ସୁବିଧା (ଡ୍ରେନେଜ ଏବଂ ସ୍ୱେରେଜ ସମେତ) ସମ୍ବନ୍ଧୀୟ ବ୍ୟବସ୍ଥା ରହିପାରେ । ଏହି କୋଠା ଗୁଡିକ ନିର୍ମାଣ ପୂର୍ବରୁ ହେଉ କିମ୍ବା ପରେ ଯେଉଁ ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ହେଉ କିମ୍ବା କାହା ଖର୍ଚ୍ଚରେ ଏଭଳି ସୁବିଧା ଯୋଗାଇ ଦିଆଯିବ । ଉପରୋକ୍ତ ଆଇନର ଧାରା 11 (2) ରେ ମଧ କୁହାଯାଇଛି ଯେ ଯୋଜନା କର୍ତ୍ତୃପକ୍ଷ, ଜେଡ୍‌ଡିପି ପ୍ରସ୍ତୁତ ପରେ ସରକାରଙ୍କ ଅନୁମୋଦନ ପାଇଁ ଦାଖଲ କରିବେ ।

ଅଡିଟରୁ ଜଣାପଡିଛି ଯେ ପାଞ୍ଚଜଣ ଯୋଜନା କର୍ତ୍ତୃପକ୍ଷ ମଧ୍ୟରୁ କେହି ଜେଡ୍‌ଡିପି ପ୍ରସ୍ତୁତ କରିନଥିଲେ କିମ୍ବା ସେମାନଙ୍କ ପ୍ରସ୍ତୁତି ପାଇଁ କୌଣସି ସମୟସୀମା (ନଭେମ୍ବର 2022 ସୁଦ୍ଧା) ସ୍ଥିର କରିନଥିଲେ, ଯେଉଁ କାରଣରୁ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ ପ୍ରକଳ୍ପ ପାଇଁ ଉପଯୁକ୍ତ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟ ମହାନଗର ନିଗମମାନଙ୍କ ଦ୍ୱାରା ଆରମ୍ଭ କରାଯାଇପାରିଲା ନାହିଁ । ଫଳସ୍ୱରୂପ ସହରଗୁଡିକ ବାରମ୍ବାର ବନ୍ୟା ଏବଂ ଜଳବନ୍ଦୀ ପରିସ୍ଥିତିର ସମ୍ମୁଖୀନ ହେଉଥିଲେ, ଯାହା **ଅନୁଚ୍ଛେଦ 3.2.2** ରେ ଆଲୋଚନା କରାଯାଇଛି ।

ଜେଡ୍‌ଡିପି ପ୍ରସ୍ତୁତ ନେଇ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଡିଏ (ନଭେମ୍ବର 2022) କହିଛି । ରାଉରକେଲାର ସିଡିପିଙ୍କ ଅନୁମୋଦନ ମିଳିବା ପରେ ଜେଡ୍‌ଡିପି ଗ୍ରହଣ କରାଯିବ ବୋଲି ଆରଡିଏ (ନଭେମ୍ବର 2022) କହିଛି । ଅନ୍ୟ କର୍ତ୍ତୃପକ୍ଷମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଥିଲା (ମାର୍ଚ୍ଚ 2023 ସୁଦ୍ଧା) । ବିଏମସି କହିଛି (ମଇ 2023) ଯେ ବିଏମସି ପାଇଁ ଜେଡ୍‌ଡିପି ତିଆରି ଚାଲିଛି ଏବଂ ଏହାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପାଇଁ ଯୋଜନା ଅଧିକାରୀଙ୍କ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯିବ । ଆରଏମସି (ଏପ୍ରିଲ 2023) ଅଡିଟ୍ ମନ୍ତବ୍ୟ ଉଲ୍ଲେଖ କରିଛି ଓ ଅନ୍ୟ ମହାନଗର ନିଗମଙ୍କ ଉତ୍ତରକୁ ଅପେକ୍ଷା କରାଯାଇଥିଲା । (ମାର୍ଚ୍ଚ 2023ସୁଦ୍ଧା) । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ମହାନଗର ନିଗମ ମାନେ ସିଡିପି ସହିତ ଏକା ସଙ୍ଗେ ଜେଡ୍‌ଡିପି ଜୋନ୍ ଅନୁଯାୟୀ ଉନ୍ନୟନ କାର୍ଯ୍ୟ କରିପାରିବେ ।

## 3.2.2 ବର୍ଷା ଜଳ ନିଷ୍କାସନ ପରିଚାଳନା ପାଇଁ ମାଷ୍ଟର ପ୍ଲାନ

### 3.2.2.1 ବର୍ଷା ଜଳ ନିଷ୍କାସନ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଓ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ନହେବା

ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଓ ଏମ୍‌ସିମାନଙ୍କ ଦ୍ୱାରା ବର୍ଷା ଜଳ ନିଷ୍କାସନ ପାଇଁ ମାଷ୍ଟରର ପ୍ଲାନ୍ ପ୍ରସ୍ତୁତ ନ ହେବା ଫଳରେ ବର୍ଷା ଋତୁରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥାଏ।

ଏସଡବ୍ଲ୍ୟୁଡି ମାନୁଆଲ, 2019 ର ଅନୁଚ୍ଛେଦ 2.13 ରେ କୁହାଯାଇଛି ଯେ, ବର୍ଷା ଜଳ ଡ୍ରେନ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଡିପିଆର ଆଧାରରେ ସମ୍ଭାବ୍ୟତା ରିପୋର୍ଟ ପ୍ରସ୍ତୁତ କରିବାକୁ ହେବ । ଆଇଆରସି-ଏସପି-50-2013 ର ଅନୁଚ୍ଛେଦ 5.1 ରେ କୁହାଯାଇଛି ଯେ ପ୍ରାଥମିକ ଏବଂ ମାଧ୍ୟମିକ ଡ୍ରେନର ବର୍ତ୍ତମାନର ନେଟୱାର୍କର ମାଷ୍ଟର ପ୍ଲାନ (ଏମପି) ପ୍ରତ୍ୟେକ ସହର ପାଇଁ ଭବିଷ୍ୟତ ମାର୍ଗ ଦର୍ଶନ ପାଇଁ ଏବଂ ବ୍ୟକ୍ତି ବିଶେଷ ଦ୍ୱାରା ଡ୍ରେନ ଜବରଦଖଲ କିମ୍ବା ଡାଇଭର୍ସନ୍ କୁ ରୋକିବା ପାଇଁ ପ୍ରସ୍ତୁତ କରାଯିବ, ବିଶେଷ କରି ନୂଆ ରେ । ଏସଡବ୍ଲ୍ୟୁଡି ମାନୁଆଲରେ ଅନୁଚ୍ଛେଦ 2.12 ରେ ମଧ୍ୟ କୁହାଯାଇଛି ଯେ ସହରର ଜମି ବ୍ୟବହାରକୁ ଦୃଷ୍ଟିରେ ରଖି ଡ୍ରେନେଜ ମାଷ୍ଟର ପ୍ଲାନ (ଡିଏମପି) ସହରର ମାଷ୍ଟର ପ୍ଲାନ୍ (ଏମପି) ସହିତ ସମାନ ଭାବରେ ପ୍ରସ୍ତୁତ କରାଯିବା ଉଚିତ୍

ମନୋନୀତ ମହାନଗର ନିଗମ ରେକର୍ଡ ଗୁଡିକରେ ଯାଞ୍ଚରୁ ଜଣାପଡିଛି ଯେ, ଏହି ମହାନଗର ନିଗମ ମଧ୍ୟରୁ ତିନୋଟି[40] 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ଡିପିଆର ପ୍ରସ୍ତୁତ କରିନଥିଲେ । ଅନ୍ୟ ଦୁଇ ମହାନଗର ନିଗମ ଯଥା ଆରଏମସି ଏବଂ ବିଇଏମସି ଯଥାକ୍ରମେ 2012-13ଏବଂ 2016-17 ଆର୍ଥିକ ବର୍ଷରେ 2.64 କୋଟି[41] ଟଙ୍କା ବ୍ୟୟ କରି ଡିପିଆର ପ୍ରସ୍ତୁତ କରିଥିଲେ । ବିଇଏମସିରେ ଥିବା 14 ଟି ପ୍ରାଥମିକ ମୁଖ୍ୟ ଡ୍ରେନ[42] ମଧ୍ୟରୁ ମାତ୍ର ପାଞ୍ଚଟି ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା । କିନ୍ତୁ 2012-13 ମସିହାରୁ 10 ବର୍ଷ ବିତିଯାଇଥିଲେ ମଧ୍ୟ ଡିପିଆର ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବାର ଡିପିଆର ପ୍ରସ୍ତୁତିରେ ଖର୍ଚ୍ଚ ହୋଇଥିବା 50.30 ଲକ୍ଷ ଟଙ୍କା ବ୍ୟୟ ବରାଦ (ନଭେମ୍ବର 2022) ସତ୍ତ୍ୱେ ଆରଏମସି କୌଣସି ଡ୍ରେନ କାମ କରିନଥିଲା ।

ଏହାର ଉତ୍ତରରେ ବିଏମସି (ଅକ୍ଟୋବର 2022) କହିଥିଲା ଯେ, ସହର ପାଇଁ ମୁଖ୍ୟ ଯୋଜନା ମହାନଗର ନିଗମଙ୍କ ପ୍ରସ୍ତୁତି ପରେ ଏସଡବ୍ଲ୍ୟୁଡି ପାଇଁ ଡିପିଆର ପ୍ରସ୍ତୁତି କରାଯିବ । ଉତ୍ତର ସନ୍ତୋଷଜନକ ନୁହେଁ, କାରଣ ସମ୍ଭାବ୍ୟତା ଅଧ୍ୟୟନ ଏବଂ ବାଧ୍ୟତାମୂଳକ ଡିପିଆର ଏବଂ ବିନା ଡିପିଆରରେ କାର୍ଯ୍ୟ ସମ୍ପାଦନ, ଏସଡବ୍ଲ୍ୟୁଡି ମାନୁଆଲର ଉଲ୍ଲଂଘନ ଥିଲା ।

ଅଡିଟ୍ ଏହା ମଧ୍ୟ ଉଲ୍ଲେଖ କରିଛି ଯେ :

1. ବିଇଏମସି ଏହାର ଡିଏମପି (2017) ପ୍ରସ୍ତୁତ କରିଥିବା ବେଳେ ଅନ୍ୟ 4ଟି ମହାନଗର ନିଗମ (ସେପ୍ଟେମ୍ବର 2022) ସୁଦ୍ଧା) କୌଣସି ଡିଏମପି ପ୍ରସ୍ତୁତ କରିନଥିଲା ।

2. ଏଚ ଆଣ୍ଡ ୟୁଡି ବିଭାଗ (ଫେବୃଆରୀ 2021/ ଡିସେମ୍ବର 2021) 30ଟି ୟୁଏଲବିକୁ ସେମାନଙ୍କ ଡିଏମପି ପ୍ରସ୍ତୁତ ପାଇଁ ପଞ୍ଚମ ଏସଏଫସି ଅନୁଦାନରୁ 66.66 କୋଟି ଟଙ୍କା ପ୍ରଦାନ କରିଥିଲା, ଯେଉଁଥିରେ ଏହାର ଡିଏମପି ପ୍ରସ୍ତୁତ ପାଇଁ ବିଇଏମସିକୁ ଦୁଇ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା । ଯେହେତୁ ବିଇଏମସି ଏହାର ଡିଏମପି ପ୍ରସ୍ତୁତ କରିସାରିଛି, ତେଣୁ ଏଥିପାଇଁ ଆବଣ୍ଟିତ ଦୁଇ କୋଟି ଟଙ୍କା ଏହାର ପିଏଲ ଆକାଉଣ୍ଟରେ ବ୍ୟବହାର ନ କରି କିମ୍ବା ବିଭାଗକୁ ଫେରସ୍ତ ନକରି ଜମା କରି ରଖିଥିଲା । ବିଇଏମସି (ମଇ 2023)) କହିଛି ଯେ ଅବ୍ୟବହୃତ ଅର୍ଥକୁ ଆକ୍ସନ ପ୍ଲାନ ଅନୁଯାୟୀ ଅନ୍ୟ ଡ୍ରେନ ନିର୍ମାଣରେ ବ୍ୟବହୃତ କରାଯିବ। ଉତ୍ତର ଉପଯୁକ୍ତ ନୁହେଁ, ଯେହେତୁ ବିଇଏମସି ପୂର୍ବରୁ ଡିଏମପି ପ୍ରସ୍ତୁତ କରିସାରିଛି। ଉପରୋକ୍ତ ପାଣ୍ଠିକୁ ସୁଧ ସହିତ ଓଡିଶା ସରକାର (ଜିଓଓ) କୁ ଫେରସ୍ତ କରିବାର ଥିଲା ।

3. 2010 ମସିହାର ଭୁବନେଶ୍ୱର ପାଇଁ ସିଡିପି ପ୍ରସ୍ତୁତ ହୋଇଥିବାରୁ ଭୁବନେଶ୍ୱର ସହରର ସାମ୍ପ୍ରତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଏମପି ପ୍ରସ୍ତୁତି ପାଇଁ ଏସଇ ଡ୍ରେନେଜ, ବିଏମସି, ଏଚ୍ ଆଣ୍ଡ ୟୁଡି

[40] ବିଏମ୍‌ସି, ସିଏମ୍‌ସି ଏବଂ ଏସ୍‌ଏମ୍‌ସି

[41] ଆର୍‌ଏମ୍‌ସି: 50.30 ଲକ୍ଷ ଟଙ୍କା ଏବଂ ବିଇଏମ୍‌ସି: 2.14 କୋଟି ଟଙ୍କା

[42] ମୁଖ୍ୟ ଡ୍ରେନ୍ ବା ଦ୍ୱିତୀୟ ଓ ତୃତୀୟ ସ୍ତରୀୟ ଡ୍ରେନର ମିଳନ ବିନ୍ଦୁ

ବିଭାଗର ଅନୁମତି (ସେପ୍ଟେମ୍ବର 2021) ମାଗିଥିଲେ । ଏକ ବର୍ଷ ବିତିଯାଇଥିଲେ ମଧ (ସେପ୍ଟେମ୍ବର 2022) ସୁଦ୍ଧା ଅନୁମତି ପ୍ରଦାନ ପାଇଁ ଅନୁରୋଧ ବିଚାରଧୀନ ଥିଲା ।

ଆହୁରି ମଧ ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ ଡ୍ରେନ କାର୍ଯ୍ୟ ପାଇଁ ଆକଳନ ପ୍ରସ୍ତୁତ କରିବା ସମୟରେ ପୁନଃ ନିର୍ଦ୍ଧାରଣ[43], ପୁନଃ ବିଭାଗୀକରଣ[44], ଉପଯୁକ୍ତ ଗ୍ରେଡିଏଣ୍ଟ[45]/ ଡ୍ରେନର ଶଯ୍ୟା ଏବଂ ଡ୍ରେନ୍[46] କାନ୍ଥକୁ କାର୍ଯ୍ୟକାରୀ କରାଯାଇ ନାହିଁ ଏବଂ ହାଇଡ୍ରୋଲିକ ପାରାମିଟରକୁ[47] ବିଚାରକୁ ନିଆଯାଇ ନାହିଁ । ଡିଏମପି ନଥିବାରୁ ବର୍ଷା ତଥ୍ୟ କିମ୍ବା ମୁଖ୍ୟ ଡ୍ରେନକୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ଓସାରକୁ ବିଚାର ନ କରି ପ୍ରାଥମିକ ଓ ମାଧମିକ ଡ୍ରେନ ନିର୍ମାଣ କରାଯାଇଥିଲା । ପ୍ରାଥମିକ ଡ୍ରେନ ସହ ଦ୍ୱିତୀୟ ଓ ତୃତୀୟ ସ୍ତରୀୟ ଡ୍ରେନକୁ ସଂଯୋଗ କରାଯାଇ ନଥିଲା । ଫଳରେ ଡ୍ରେନ ଗୁଡିକ ତୁରନ୍ତ ବର୍ଷା ଜଳ ନିଷ୍କାସନ କରିପାରୁ ନ ଥିବାରୁ ବର୍ଷା ଦିନେ ସହରାଞ୍ଚଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା, ଯାହା ବିଭାଗୀୟ ଯନ୍ତ୍ରୀଙ୍କ ଉଦାସୀନ ମନୋଭାବକୁ ସୂଚାଉଛି । ସାମ୍ପ୍ରତିକ ବନ୍ୟା (ଜୁଲାଇ 2022) ରୁ ସେପ୍ଟେମ୍ବର 2022)ମଧ୍ୟରେ) ସମ୍ବନ୍ଧୀୟ ଖବର କାଗଜ ଏବଂ ଇଲେକ୍ଟ୍ରୋନିକ୍ ମିଡିଆର **ଫଟୋ 1** ରୁ **4** ଏବଂ **କ୍ୟୁଆର କୋଡ୍** ନିମ୍ନରେ ପ୍ରଦର୍ଶିତ ହୋଇଛି :

https://youtu.be/ZnQwX7roFnw
ଓଟିଭି ରିପୋର୍ଟ ଅନୁଯାୟୀ 15 ଜୁଲାଇ 2023 ରେ ବିଏମ୍‌ସିରେ ଜଳବନ୍ଦୀ




**<u>ଫଟୋ 1:</u>** ବମିଖାଲ ଫ୍ଲାଏ ଓଭର ସେତୁ, ଭୁବନେଶ୍ୱର, ଇ-ପ୍ରମେୟ(ଖବରକାଗଜ 27.09.2022)




**<u>ଫଟୋ 2:</u>** ବରମୁଣ୍ଡା ଫ୍ଲାଏଓଭର, ଭୁବନେଶ୍ୱରରେ ଜଳବନ୍ଦୀ, ଇ-ପ୍ରମେୟ(ଖବରକାଗଜ 27.09.2022)




**<u>ଫଟୋ 3:</u>** ରାଉରକେଲା ବିଶ୍ରା ଛକ ନିକଟରେ ଜଳବନ୍ଦୀ (3 ଜୁଲାଇ 2022)



**<u>ଫଟୋ 4:</u>** ସମ୍ବଲପୁରର ତଳିଆ ଅଞ୍ଚଳରେ ଜଳବନ୍ଦୀ (14 ଅଗଷ୍ଟ 2022)

ଏହାର ଉତ୍ତରରେ ବିଇଡିଏ (ନଭେମ୍ବର 2022) କହିଛନ୍ତି ଯେ ବୋର୍ଡର ପରବର୍ତ୍ତୀ ବୈଠକରେ ଏହି ପ୍ରସଙ୍ଗ ଉପସ୍ଥାପନ କରାଯିବ । ଆର୍‌ଡିଏ (ନଭେମ୍ବର 2022) କହିଛି ଯେ ସରକାରଙ୍କ ଦ୍ୱାରା ସିଡିପିର ଅନୁମୋଦନ ପରେ, ପାଣ୍ଠିର ଉପଲବ୍ଧତାକୁ ନଜର କରି ଏସ୍‌ଡବ୍ଲ୍ୟୁଡି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ । ବିଏମ୍‌ସି (ଅକ୍ଟୋବର 2022) କହିଛି ଯେ ଡିଏମ୍‌ପି ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି । ଏସଏମସି କହିଛି ଯେ ବର୍ଷା ଜଳର ଡ୍ରେନେଜ୍ ମାଷ୍ଟର ପ୍ଲାନ ଆବଶ୍ୟକ ଅନୁମୋଦନ ପାଇଁ (ମଇ 2022) ଏଚଆଣ୍ଡୟୁଡି ବିଭାଗର ମଖ୍ୟ ଯନ୍ତ୍ରୀ ସହିତ ଅତିରିକ୍ତ ସଚିବଙ୍କୁ ପଠାଯାଇଥିଲା ଯାହା ସରକାରୀ ସ୍ତରରେ ବିଚାରାଧୀନ ଥିଲା । ରାଉରକେଲାର ବିସ୍ତୃତ ଏସଡବ୍ଲ୍ୟୁଡି

43 ପୁନଃ ସଂଯୋଜନା: ଡ୍ରେନର ସଂଶୋଧିତ ଲମ୍ବା ଦୂରତା

44 ପୁନଃବିଭାଗିଂ: ସଂଶୋଧିତ ଡିଜାଇନିଂ ଯେଉଁଥିରେ ଡ୍ରେନ୍ ପାଇଁ ମାଟି କାମ କାଟିବା ଏବଂ ଖନନ ଅନ୍ତର୍ଭୁକ୍ତ

45 ଉପଯୁକ୍ତ ଗ୍ରାଡିଏଣ୍ଟ: ଡ୍ରେନ୍‌କୁ ଉପଯୁକ୍ତ ଢାଳରେ ବିଭକ୍ତ କରିବା ଯାହା ଦ୍ୱାରା ଜଳ ଉପରମୁଣ୍ଡରୁ ତଳ ସ୍ରୋତକୁ ମୁକ୍ତ ଭାବରେ ଗତି କରିପାରିବ

46 ଡ୍ରେନ୍‌ର ଶଯ୍ୟା ଓ କାନ୍ଥରେ ପୁନଃ ବିଭାଜନ, ଉପଯୁକ୍ତ ଢାଳ/ ଢାଳ ନହେଲେ ମୃତ୍ତିକା କ୍ଷୟ ହେବା ସହ ଡ୍ରେନ୍ କ୍ଷତିଗ୍ରସ୍ତ ହେବା ସହ ଜଳର ମୁକ୍ତ ପ୍ରବାହକୁ ସୁରକ୍ଷିତ ରଖାଯିବ

47 ହାଇଡ୍ରୋଲିକ ପାରାମିଟର ଅର୍ଥ ବର୍ଷା ଜଳ ପାଇବା ପାଇଁ ଡ୍ରେନ୍‌ର ଜଳଭଣ୍ଡାର ଅଞ୍ଚଳ, ସେହି ଅଞ୍ଚଳର ବର୍ଷା ହ୍ରାସ ତଥ୍ୟ ଏବଂ ବନ୍ୟା ତଥ୍ୟ

ବ୍ୟବସ୍ଥା ପ୍ରସ୍ତୁତି ପାଇଁ ସିଡିପି ରାଉରକେଲା ସହ ମିଶି ନୂତନ ଡିପିଆର ଆହ୍ୱାନ କରାଯିବ ବୋଲି ଆରଏମସି ପକ୍ଷରୁ କୁହାଯାଇଛି (ଅପ୍ରେଲ 2023) । କିନ୍ତୁ ବାସ୍ତବକଥା ହେଉଛି, ଡିଏମ୍‌ପିର ଅନୁପସ୍ଥିତିରେ ଏସ୍‌ଡବ୍ଲ୍ୟୁଡି ବ୍ୟବସ୍ଥାର ଉନ୍ନୟନମୂଳକ କାର୍ଯ୍ୟ ମହାନଗର ନିଗମ ମାନେ ଗ୍ରହଣ କରିନଥିଲେ । ସରକାରୀ କାର୍ଯ୍ୟ କାର୍ଯ୍ୟକାରୀ ନହେବା ଫଳରେ ବର୍ଷା ଋତୁରେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା । ସିଏମ୍‌ସିର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ମାର୍ଚ୍ଚ 2023 ସୁଦ୍ଧା) ।

### 3.2.2.2 ବ୍ୟାପକ ବର୍ଷା ଜଳ ନିଷ୍କାସନ ତାଲିକାର ଅନୁପସ୍ଥିତି

ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.5.1 ରେ କୁହାଯାଇଛି ଯେ ସମସ୍ତ ୟୁଏଲ୍‌ବି/ ରାଜ୍ୟ ଏକ ଜିଆଇଏସ୍[48] ପ୍ଲାଟଫର୍ମରେ ବର୍ତ୍ତମାନର ଏସ୍‌ଡବ୍ଲ୍ୟୁଡି ସିଷ୍ଟମର ଏକ ତାଲିକା ପ୍ରସ୍ତୁତ କରିବେ । ଏହି ତାଲିକା ଉଭୟ ଜଳାଶୟ ଭିତ୍ତିକ ଏବଂ ୱାର୍ଡ ଭିତ୍ତିକ ହେବାର ଥିଲା, ଯେଉଁଥିରେ ମୁଖ୍ୟ ତଥା କ୍ଷୁଦ୍ର ପ୍ରଣାଳୀର ସ୍ୱଷ୍ଟ ମ୍ୟାପିଂ କରାଯିବାର ଥିଲା । ଆହୁରି ମଧ୍ୟ, ବର୍ଷା ଜଳ ସଂଗ୍ରହ ପାଇଁ ପ୍ରତ୍ୟେକ ରାସ୍ତାରେ ଉଭୟ ପାର୍ଶ୍ୱରେ ଡ୍ରେନ୍ ରହିବା କଥା, ଯାହା ଶେଷରେ ପ୍ରାଥମିକ/ ମାଧ୍ୟମିକ ଏସ୍‌ଡବ୍ଲ୍ୟୁଡି ସହିତ ସଂଯୋଗ କରିବାରର ଥିଲା ।

ଚୟନ କରାଯାଇଥିବା ମହାନଗର ନିଗମର ନଥିପତ୍ର ଯାଞ୍ଚରୁ ଜଣାପଡ଼ିଛି ଯେ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ଆବଶ୍ୟକତା ଅନୁଯାୟୀ ଏସ୍‌ଡବ୍ଲ୍ୟୁଡି ତାଲିକା ବଜାୟ ରଖିନଥିଲେ । ଏହା ବ୍ୟତୀତ ଏସ୍‌ଡବ୍ଲ୍ୟୁଡିର ନିର୍ମାଣ ଓ ଡିଜାଇନିଂ ଦାୟିତ୍ୱରେ ଥିବା ଏହି ମହାନଗର ନଗର ଗୁଡ଼ିକର ଇଞ୍ଜିନିୟରିଂ ଶାଖାଗୁଡ଼ିକ ପାଖରେ ନିଜ ଅଧୀନରେ ଥିବା ବିଭିନ୍ନ ରାସ୍ତା ଏବଂ ତୃତୀୟ/ ଭୂପୃଷ୍ଠ ରାସ୍ତା କଡ଼ ଡ୍ରେନର ବିସ୍ତୃତ ତଥ୍ୟ ନଥିଲା । ମହାନଗର ନିଗମ ପାଖରେ ଡ୍ରେନ ଗୁଡ଼ିକର ବ୍ୟାପକ ତାଲିକା ନଥିବାରୁ ଏବଂ ମହାନଗର ନଗର ଗୁଡ଼ିକ ଠିକ୍ ଭାବରେ ବର୍ଗୀକରଣ କରିବାରେ ବିଫଳ ହେବା କାରଣରୁ ଡ୍ରେନ୍ ସଂଖ୍ୟା ଓ ସ୍ଥାନ, ଶେଷ ଉନ୍ନତି କାର୍ଯ୍ୟ ଆରମ୍ଭ ହେବାରର ତାରିଖ, ଅଞ୍ଚଳର ବୃଷ୍ଟିପାତ ତଥ୍ୟ, ବଫର ଜୋନ୍ ସମେତ ସହରାଞ୍ଚଳ ବନ୍ୟା ଆଦି ବିସ୍ତୃତ ସୂଚନାର ଅଭାବ ଦେଖାଯାଇଥିଲା । ଫଳରେ ଡ୍ରେନ୍ ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ବାଧାପ୍ରାପ୍ତ ହେବା ସହ କୋଠା ନିର୍ମାଣ ଓ ଜବରଦଖଲ ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି ପାଇଁ ଜାଗା ଯୋଗାଇ ସେଇଥିଲା ।

ଆହୁରିମଧ୍ୟ, ମହାନଗର ନିଗମରେ ଡ୍ରେନ୍ ସାଇଟ୍‌ର ଜେପିଭି ସମୟରେ ସମୀକ୍ଷାରୁ ଜଣାପଡ଼ିଛି ଯେ, ଡ୍ରେନ୍ ଗୁଡ଼ିକ ଉପରେ ଅନେକ ୟୁଟିଲିଟି ସର୍ଭିସ୍ ବଛାଯାଇଛି, ଯାହା ଫଳରେ ଏହି ଡ୍ରେନ୍ ଗୁଡ଼ିକରର ପ୍ରବାହ ବାଧାପ୍ରାପ୍ତ ହୋଇଛି । **ଫଟୋଗ୍ରାଫ୍ 5** ଓ **6** ରେ ଦୁଇଟି ଉଦାହରଣ ଦର୍ଶାଯାଇଛି ।




**ଫଟୋ 5:** ଭୁବନେଶ୍ୱର ପଳାସୁଣୀ ସେତୁ ନିକଟ ଗଙ୍ଗୁଆ ନାଳରେ ପୁରୁଣା କ୍ଷତିଗ୍ରସ୍ତ ଜଳ ଯୋଗାଣ ପାଇପ୍ ଲାଇନ୍



**ଫଟୋ 6:** ଭୁବନେଶ୍ୱର ଶ୍ରୀଲେଦର୍ସ ପଟିଆ ନିକଟରରେ ଡ୍ରେନ୍ ଦେଇ ଯାଇଛି ଜଳ ଯୋଗାଣ ପାଇପ୍

ଏହାରର ଉତ୍ତରରେ ବିଏମ୍‌ସି ଭବିଷ୍ୟତ ମାର୍ଗଦର୍ଶନ ପାଇଁ ସମୀକ୍ଷା ମନ୍ତବ୍ୟ (ଅକ୍ଟୋବର 2022) କୁ ଉଲ୍ଲେଖ କରିଛି । ଡ୍ରେନ୍‌ର ଡାଟାବେସ୍ ପୃଥକ ରଖାଯାଇଛି ବୋଲି ବିଇଏମ୍‌ସି କହିଥିବା ବେଳେ ଉକ୍ତ ଡାଟାବେସ୍‌ର ବିବରଣୀ ସମୀକ୍ଷାକୁ ପ୍ରଦାନ କରାଯାଇ ନାହିଁ । ଆର୍‌ଏମ୍‌ସି କହିଛି (ଅପ୍ରେଲ 2023) ଯେ, ଉଭୟ ଜଳାଶୟ ଭିତ୍ତିକ ଏବଂ ୱାର୍ଡ ଭିତ୍ତିକରେ ପ୍ରମୁଖ ଏବଂ କ୍ଷୁଦ୍ର ବ୍ୟବସ୍ଥାର ମ୍ୟାପିଂ ସହିତ ବର୍ତ୍ତମାନର ଏସ୍‌ଡବ୍ଲ୍ୟୁଡି ବ୍ୟବସ୍ଥାର ତାଲିକା ଗ୍ରହଣ କରାଯିବ । ସିଏମ୍‌ସି ଏବଂ ଏସଏମ୍‌ସି (ଜୁଲାଇ 2024 ସୁଦ୍ଧା) ଠାରୁ ଉତ୍ତରକୁ ଅପେକ୍ଷା କରାଯାଇଥିଲା । ତେଣୁ, ବାସ୍ତବକଥା ହେଲା, ଏସ୍‌ଡବ୍ଲ୍ୟୁଡିର ବ୍ୟାପକ ତାଲିକା ଅଭାବରୁ ଡ୍ରେନ୍‌ଗୁଡ଼ିକର ଉପଯୁକ୍ତ ପରିଚାଳନା ହୋଇପାରିନଥିଲା ।

[48] ଭୌଗୋଳିକ ସୂଚନା ପ୍ରଣାଳୀ

### 3.2.3 ବର୍ଷା ଜଳ ନିଷ୍କାସନ ପାଇଁ ରାସ୍ତା ଓ ଡ୍ରେନ୍ ଗୁଡ଼ିକର ପରିକଳ୍ପନା

ସିପିଏଚଇଇଓ[49] ଦ୍ୱାରା ଏସ୍‌ଡବ୍ଲ୍ୟୁଡି ମାନୁଆଲ, 22019 ର ଅନୁଚ୍ଛେଦ 4.1 ଧାର୍ଯ୍ୟ କରିଛି ଯେ ଏସ୍‌ଡବ୍ଲ୍ୟୁଡି ସିଷ୍ଟମ ପାଇଁ ଡିଜାଇନ କରିବାର ପ୍ରମୁଖ ଆବଶ୍ୟକତା ହେଉଛି ବର୍ଷା ପ୍ରବାହର ସଠିକ ଆକଳନ, ତଳିଆ ଡ୍ରେନ୍ କିମ୍ବା ନିଷ୍କାସନର ସ୍ଥାନ । ଏହା ଭିତ୍ତିଭୂମିର ମୂଲ୍ୟ ଏବଂ ଏହାର କାର୍ଯ୍ୟଦକ୍ଷତା ଉପରେ ପ୍ରଭାବ ପକାଇଥାଏ । ଜଳପ୍ରବାହ ଆକଳନରେ, ବୃଷ୍ଟିପାତର ତୀବ୍ରତା, ଅସ୍ଥିରତା କାରକ[50], ଜଳପ୍ରବାହ ଗୁଣକ[51] , ପୁନରାବୃତ୍ତି ଅବଧି[52], ଜଳବାୟୁ ପରିବର୍ତ୍ତନ ଏବଂ ଜଳ ନିଷ୍କାସନ ଜଳଭଣ୍ଡାର ଚିହ୍ନଟ/ ଜୋନିଂ[53] ଭଳି ମାନଦଣ୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.11.1 ରେ କୁହାଯାଇଛି ଯେ 50 ବର୍ଷର ଯୋଜନା ଦିଗକୁ ବିଚାର କରିବା ପାଇଁ ସହରୀକରଣର ଆକଳିତ ହାର ଜରୁରୀ ଅଟେ । ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ଯେ: (i) ଏହ ସମୟ ମଧ୍ୟରେ ଯେଉଁ ବିକାଶ ଘଟିବା, ସେଥିପାଇଁ ଭୂତଳ ଡ୍ରେନ୍ ଗୁଡ଼ିକୁ ଥରେ ନିର୍ମାଣ କରାଯିବା ପରେ ଉନ୍ନତିକରଣ କରିବା କଷ୍ଟକର ଏବଂ (ii) ସେହି ଅନୁଯାୟୀ ସହରାଞ୍ଚଳ ପାଇଁ ଭବିଷ୍ୟତର ସମସ୍ତ ଡ୍ରେନେଜ୍ ଯୋଜନା କାର୍ଯ୍ୟକାରୀ ହେବା ଉଚିତ । ସମୀକ୍ଷା ସମୟରେ ଦେଖିବାକୁ ମିଳିଥିବା ବର୍ଷା ଜଳ ଡ୍ରେନେଜ୍ ପାଇଁ ରାସ୍ତା ଓ ଡ୍ରେନର ଡିଜାଇନରେ ତ୍ରୁଟି, ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

ଉତ୍ତରରେ ଏସଏମସି କହିଛି (ମଇ 2023) ଯେ ଡିପିଆର ଅନୁମୋଦନ ପରେ, ଏସ୍‌ଡବ୍ଲ୍ୟୁଡି ମାନୁଆଲ 2019 ଅନୁଯାୟୀ ସମସ୍ତ ମାନଦଣ୍ଡ ଅନୁସରଣ କରାଯିବ । ଆର୍‌ଏମସି (ଅପ୍ରେଲ 2023) ସମୀକ୍ଷା ମନ୍ତବ୍ୟ ଉଲ୍ଲେଖ କରିଛି । ବିଇଏମସି କହିଛି (ମଇ 2023) ଯେ ଡ୍ରେନେଜ ମାଷ୍ଟର ପ୍ଲାନ (ଡିଏମପି) ପ୍ରସ୍ତୁତି ସମୟରେ ବର୍ଷାର ତୀବ୍ରତା, ଆଉଟ୍ ଫଲ୍ ବ୍ୟବସ୍ଥା, ଇନ୍‌ଲେଟ୍ ଏବଂ ଜଳପ୍ରବାହର ମାନକ, ଆଲାଇନମେଣ୍ଟ ଭଳି ସମସ୍ତ ମାନଦଣ୍ଡକୁ ବିଚାରକୁ ନିଆଯାଇଥିଲା । ବିଏମ୍‌ସି (ମଇ 2023) କହିଛି ଯେ ନିର୍ମିତ ଡ୍ରେନ୍ ଗୁଡ଼ିକ ପରୀକ୍ଷାମୂଳକ ଫର୍ମୁଲାରେ ଜଳପ୍ରବାହର ନିଷ୍କାସନ ହିସାବ ଅନୁଯାୟୀ ଡିଜାଇନ୍ କରାଯାଇଛି ଯାହା ଆଗାମୀ 50 ବର୍ଷ ପାଇଁ ଯଥେଷ୍ଟ ହେବ । ଡ୍ରେନେଜ୍ କାମର ଆକଳନରେ ବର୍ଷା ଜଳର ପ୍ରବାହ ଗଣନା ପାଇଁ ସମୀକ୍ଷାରେ କୌଣସି ନିଷ୍କାସନର ଡିଜାଇନ୍ ମିଳିନଥିବାରୁ ମହାନଗର ନିଗମଙ୍କ ଉତ୍ତର ଗ୍ରହଣୀୟ ହୋଇନଥିଲା । ସିଏମସିର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

#### 3.2.3.1 ହାରାହାରି ବାର୍ଷିକ ବୃଷ୍ଟିପାତର ଗୁରୁତ୍ୱ

ଚୟନ କରାଯାଇଥିବା ପାଞ୍ଚଟି ମହାନଗର ନିଗମ ମଧ୍ୟରୁ 2016-17 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 6 ବର୍ଷର ବୃଷ୍ଟିପାତ ତଥ୍ୟରୁ ଜଣାପଡ଼ିଛି ଯେ ବୃଷ୍ଟିପାତ ମୁଖ୍ୟତଃ ଛଅ ମାସରେ ହୋଇଛି ଏବଂ 92 ପ୍ରତିଶତ ବୃଷ୍ଟିପାତ ମଇ ରୁ ଅକ୍ଟୋବରର ମାସ ମଧ୍ୟରେ ହୋଇଛି, ଆହୁରିମଧ୍ୟ ଜୁଲାଇ ଏବଂ ଅଗଷ୍ଟ ମାସରେ ସର୍ବାଧିକ ବୃଷ୍ଟିପାତ ହୋଇଛି । ବୃଷ୍ଟିପାତ ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଏହି ପାଞ୍ଚଟି ମହାନଗର ନିଗମରେ ବାର୍ଷିକ ହାରାହାରି ବୃଷ୍ଟିପାତ 763.80 ମିଲିମିଟର ରୁ 2,050.30 ମିଲିମିଟର ମଧ୍ୟରେ ଥିଲା, ଯାହା **ଚାର୍ଟ-2** ରେ ଦର୍ଶାଯାଇଛି ।

---

49 ଭାରତ ସରକାରଙ୍କ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ପରିବେଶ ଇଞ୍ଜିନିୟରିଂ ସଂଗଠନ

50 ଏକ ' ନିରପେକ୍ଷ କାରକ' ହେଉଛି ଏକ କଠିନ ଅଞ୍ଚଳ ଯାହା ଜଳକୁ ମାଟି ଭିତରକୁ ମାଟି ଭିତରକୁ ଯିବାକୁ ଦିଏ ନାହିଁ

51 ବୃଷ୍ଟିପାତ ସମୟରେ ନିଷ୍କାସିତ ଜଳର ପରିମାଣରର ଅନୁପାତତ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବୃଷ୍ଟିପାତର ସମୁଦାୟ ପରିମାଣ ସହିତତ

52 ପୁନରାବୃତ୍ତି ବ୍ୟବଧାନ

53 ଡ୍ରେନେଜ୍ କ୍ୟାଚ୍‌ମେଣ୍ଟ: ଡ୍ରେନ୍ ପାଇଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ପାଣି ସଂଗ୍ରହ

**Chart-2: Annual average rainfall in MCs between 2016 to 2021**




| | BMC | CMC | SMC | BeMC | RMC |
|---|---|---|---|---|---|
| 2016 | 1,328.90 | 1,496.80 | 1,316.30 | 763.8 | 1,014.10 |
| 2017 | 1,588.50 | 1,463.80 | 1,330.20 | 1,220.90 | 1,240.30 |
| 2018 | 2,023.80 | 1,584.70 | 2,050.30 | 1,210.60 | 1,770.40 |
| 2019 | 1,761 | 1,851.10 | 1,486.30 | 1,965.20 | 1,339.20 |
| 2020 | 1,645.80 | 1,543.20 | 1,606.90 | 1,353.90 | 1,938.20 |
| 2021 | 1,883 | 1,454.40 | 1,214.40 | 1,542.80 | 1,507 |

*(ଉତ୍ସ: ଆଇଏମ୍‌ଡି ଭୁବନେଶ୍ୱର ଦ୍ୱାରା ପ୍ରଦାନ କରାଯାଇଥିବା ବୃଷ୍ଟିପାତ ତଥ୍ୟ)*

ଏହି ପାଞ୍ଚଟି ମହାନଗର ନିଗମ ମଧ୍ୟରୁ ରାସ୍ତା ଓ ଡ୍ରେନ୍‌ର ନମୁନା ଯାଞ୍ଚରୁ ଜଣାପଡ଼ିଛି ଯେ ଏସ୍‌ଡବ୍ଲ୍ୟୁଡି ପାଇଁ ଡ୍ରେନ୍‌ର ଡିଜାଇନ୍ ପ୍ରସ୍ତୁତି ସମୟରେ ବର୍ଷା ତଥ୍ୟକୁ ବିଚାରକୁ ନିଆଯାଇ ନାହିଁ, ଯେଉଁ କାରଣରୁ ବର୍ଷା ଜଳ ଠିକ୍ ଭାବରେ ନିଷ୍କାସିତ ହୋଇନାହିଁ, ଯାହାଫଳରେ ସହରାଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

ଉତ୍ତରରେ ଆରଏମ୍‌ସି କହିଛନ୍ତି (ଡିସେମ୍ବର 2022) ଯେ, ଏସ୍‌ଡବ୍ଲ୍ୟୁଡି ପାଇଁ ଡିପିଆର୍ ପ୍ରସ୍ତୁତ କରିବା ସମୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତଥ୍ୟ ସଂଗ୍ରହ କରିବା ପାଇଁ ପଦକ୍ଷେପ ନିଆଯିବ । ବିଏମ୍‌ସି (ଅକ୍ଟୋବର 2022) ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରିଛି । ଭବିଷ୍ୟତରେ ଡ୍ରେନ୍ ନିର୍ମାଣ ସମୟରେ ବର୍ଷା ତଥ୍ୟ ବ୍ୟବହାର କରାଯିବ ବୋଲି ବିଇଏମ୍‌ସି (ନଭେମ୍ବର 2022) କହିଛି । ଏସଏମସି କହିଛି (ମଇ 2023) ଯେ ଏସ୍‌ଡବ୍ଲ୍ୟୁଡି ପାଇଁ ଡିପିଆର୍ ପ୍ରସ୍ତୁତ କରିବା ସମୟରେ ଆଇଏମ୍‌ଡି, କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଜଳସେଚନ ବିଭାଗଠାରୁ ଆବଶ୍ୟକ ପରାମର୍ଶ ନିଆଯିବ । ସିଏମ୍‌ସିର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ମାର୍ଚ୍ଚ 2023 ସୁଦ୍ଧା)।

## 3.2.3.2 ଏସ୍‌ଡବ୍ଲ୍ୟୁଡିରେ ପ୍ରବେଶ ପଥ ଏବଂ ନିର୍ଗମ ପଥର ଅବ୍ୟବସ୍ଥା

ଏସ୍‌ଡବ୍ଲ୍ୟୁଡି ମାନୁଆଲ୍ 2019 ର ଅନୁଚ୍ଛେଦ 2.4.2.1 ଏବଂ 2.4.2.4 ରେ ବର୍ଷା ଜଳ ପ୍ରବେଶ ପଥ[54] ଏବଂ ନିର୍ଗମ ପଥ[55]ର ବ୍ୟବସ୍ଥା ରଖାଯାଇଛି । ଏପରିକି ଯେଉଁଠାରେ ଖୋଲା ଡ୍ରେନେଜ୍[56] ବ୍ୟବସ୍ଥା ଅଛି, ସେଠାରେ ଆନ୍ତଃସଂଯୋଗ ପାଇପ୍ ମାଧ୍ୟମରେ ଖୋଲା ଡ୍ରେନ୍ ସହିତ ପ୍ରବେଶ ପଥ ସଂଯୋଗ କରିବାକୁ ହେବ ଏବଂ ହାଇଡ୍ରୋଲିକ୍ ଭାବରେ ଡିଜାଇନ୍ ଏବଂ ଉପଯୁକ୍ତ ସ୍ଥାନରେ ରହିବା ଆବଶ୍ୟକ । ଆଉଟ୍‌ଫଲ୍ ପଏଣ୍ଟଗୁଡ଼ିକର ସ୍ଥାନଗୁଡ଼ିକୁ ବିଚାରକୁ ନେବା ପରେ ଚୟନ କରାଯିବ: ଯଥା (i) ଜଳାଶୟଗୁଡ଼ିକର ଭୂପୃଷ୍ଠ ଜଳର ସ୍ତରକୁ ବିଚାରକୁ ନେବା ଏବଂ (ii) ଏହା ସୁନିଶ୍ଚିତ କରିବା ଯେ ଆଉଟ୍‌ଫଲ୍ ସ୍ତର ଯଥେଷ୍ଟ ଉଚ୍ଚ ଏବଂ ଉଚ୍ଚ ବନ୍ୟା ସ୍ତର[57] ଠାରୁ ଯଥେଷ୍ଟ ଅଧିକ ।

ମନୋନୀତ ମହାନଗର ନିଗମ ଏବଂ ପିଡବ୍ଲ୍ୟୁଡିଙ୍କ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଚୟନ କରାଯାଥିବା ମହାନଗର ନିଗମ ଏବଂ ପିଡବ୍ଲ୍ୟୁଡିମାନେ ଏସ୍‌ଡବ୍ଲ୍ୟୁଡିଗୁଡ଼ିକରେ ପ୍ରବେଶ ପଥ ଏବଂ ନିର୍ଗମ ପଥ ବ୍ୟବସ୍ଥାକୁ ବିଚାରକୁ ନେଇନାହାନ୍ତି । ବର୍ଷା ଜଳର ସୁରୁଖୁରୁରେ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ଏହି ମହାନଗର ନିଗମ ଓ

---

54 ପ୍ରବେଶ ପଥ ହେଉଛି ଏକ ଭୂପୃଷ୍ଠ ଏବଂ ବର୍ଷା ଜଳ ପ୍ରବାହକୁ ନିୟନ୍ତ୍ରଣ କରିବା ପାଇଁ ଭୂମିର ପୃଷ୍ଠ ଏବଂ ଡ୍ରେନ୍ କିମ୍ବା ନର୍ଦ୍ଦମା ମଧ୍ୟରେ ସଂଯୋଗର ରୂପ ।

55 ଡ୍ରେନ୍ ନିର୍ଗମ ପଥ ଅର୍ଥାତ୍ ମୁଖ୍ୟ କିମ୍ବା ଦ୍ୱିତୀୟ ଡ୍ରେନ୍‌ର ସର୍ବନିମ୍ନ ପ୍ରାନ୍ତ ଯେଉଁଥିରେ ନର୍ଦ୍ଦମା ସଂଯୋଗ କରାଯାଇଛି ।

56 କଭର ସ୍ଲାବ୍ ବିନା ଡ୍ରେନ୍ ନିର୍ମାଣ କରାଯାଇଛି

57 ବନ୍ୟା ସମୟରେ ବର୍ଷା ଜଳ ଏବଂ ଜଳ ପ୍ରବାହ କାରଣରୁ ଏଚ୍‌ଏଫଏଲ୍ ହେଉଛି ସର୍ବୋଚ୍ଚ ସ୍ତର ଯେଉଁଥିରେ ଜଳାଶୟ ବୃଦ୍ଧି ପାଇପାରେ

ପିଡବ୍ଲ୍ୟୁଡିଙ୍କ ଦ୍ୱାରା ଅନୁମୋଦିତ ଆକଳନ ଅନୁଯାୟୀ ଡିଜାଇନରେ ପ୍ରବେଶ ପଥ ଏବଂ ନିର୍ଗମ ପଥ ଗୁଡ଼ିକର ବିବରଣୀ ପ୍ରଦାନ କରାଯାଇ ନାହିଁ, ଯାହାକି ବିଭାଗୀୟ ଯନ୍ତ୍ରୀଙ୍କ ସହ ଜେପିଭି ସମୟରେ ଦେଖିବାକୁ ମିଳିଥିଲା ଏବଂ ଏଭଳି କିଛି ଉଦାହରଣ ଫଟୋ **7** ଓ **8** ରେ ଦର୍ଶାଯାଇଛି ।



**ଫଟୋ 7:** ଭୁବନେଶ୍ୱର ୟୁନିଟ୍-III, ସ୍ଥିତ ଆଶ୍ରା ନିକଟରେ ଥିବା ଡ୍ରେନ୍‌ରେ କୌଣସି ପ୍ରବେଶ ପଥ ଓ ନିର୍ଗମ ପଥ ବ୍ୟବସ୍ଥା ଦେଖାଯାଉନାହିଁ




**ଫଟୋ 8:** ଭୁବନେଶ୍ୱର ଉତ୍କଳ ହସ୍ପିଟାଲ୍ ନିକଟସ୍ଥ ଡ୍ରେନ୍‌ରେ କୌଣସି ପ୍ରବେଶ ପଥ ଓ ନିର୍ଗମ ପଥ ବ୍ୟବସ୍ଥା ଦେଖାଯାଉନାହିଁ

ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ:

1. ବିଏମ୍‌ସି ଅଧୀନରେ ଥିବା କିଟ୍ ଛକ ନିକଟରେ ନିର୍ମିତ ଡ୍ରେନ୍, ରାସ୍ତାର ଉଚ୍ଚତା ଠାରୁ ଅଧିକ ଥିଲା ଯାହା ଫଳରେ ବର୍ଷା ଜଳ ରାସ୍ତାକୁ ଠେଲି ହୋଇ ରାସ୍ତାକୁ କ୍ଷତି ପହଞ୍ଚାଇ ଜନସାଧାରଣଙ୍କ ପାଇଁ ଅସୁବିଧା ସୃଷ୍ଟି କରିଥିଲା ।
2. ପିଡବ୍ଲ୍ୟୁଡିଗୁଡ଼ିକ ବିଦ୍ୟମାନ ପିଚୁ(ବିଟି) ରାସ୍ତାରେ ଏକ ପିଚୁର ସ୍ତର ନିର୍ମାଣ କରିଥିଲେ ଯାହାକି ବିଦ୍ୟମାନ ପିଚୁର ସ୍ତରକୁ ହଟାଇ ନଥିଲା ଯାହାଫଳରେ ରାସ୍ତା କଡ଼ରେ ଥିବା ଡ୍ରେନ୍ ଗୁଡ଼ିକରେ ଦିଆଯାଇଥିବା ପ୍ରବେଶ ପଥ ବନ୍ଦ ହୋଇଯାଇଥିଲା, ଯାହା **ଫଟୋ 9** ଓ **10** ରେ ଦୁଇଟି ଉଦାହରଣରେ ଦର୍ଶାଯାଇଛି ।




**ଫଟୋ 9:** ବେହେରା ସାହି ରାସ୍ତା, ଆଇଆରସି ଗ୍ରାମ ପିଡବ୍ଲ୍ୟୁଡି ରାସ୍ତା, ବିଏମ୍‌ସି




**ଫଟୋ 10:** କୋଏଲ କ୍ୟାମ୍ପସ୍ ରାସ୍ତା ନିକଟରେ ପଟିଆ ନନ୍ଦନକାନନ ରାସ୍ତା, ବିଏମ୍‌ସି

3. ଅନ୍ୟ ଏକ ମାମଲାରେ ଆର୍‌ଆଣ୍ଡବି ଡିଭିଜନ ନଂ-1 ଦ୍ୱାରା ନିର୍ମିତ ନୂତନ ଡ୍ରେନ୍ ଏବଂ ଭୁବନେଶ୍ୱର ଏବଂ ପାଣ୍ଡବ ନଗରରୁ ଜଗନ୍ନାଥ ଆଶ୍ରମ ଛକ ପର୍ଯ୍ୟନ୍ତ ବର୍ତ୍ତମାନର ବିଏମ୍‌ସି ଡ୍ରେନ୍ ସ୍ତରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା, ଯେଉଁଥିପାଇଁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଏହାର ଉତ୍ତରରେ ବିଏମ୍‌ସିର ଡ୍ରେନେଜ୍ ଡିଭିଜନ୍ ଏସ୍‌ଇ କହିଛନ୍ତି (ଅକ୍ଟୋବର 2022) ଯେ, ସମସ୍ତ ଡ୍ରେନ୍ ଗୁଡ଼ିକର ସର୍ଭେ ସହିତ ମୁଖ୍ୟ ଡ୍ରେନ୍ ସହ ସଂଯୋଗ ପାଇଁ ପଦକ୍ଷେପ ନିଆଯିବ, ଯାହାଦ୍ୱାରା ତଳ ମୁଣ୍ଡକୁ ଅବାଧରେ ପାଣି ପ୍ରବାହିତ ହୋଇପାରିବ ।

ଏସ୍‌ଏମ୍‌ସି କହିଛନ୍ତି (ମଇ 2023) ଯେ ଏସ୍‌ଡବ୍ଲ୍ୟୁଡି ମାନୁଆଲ 2019 ଅନୁଯାୟୀ ଏସ୍‌ଡବ୍ଲ୍ୟୁଡିରେ ପ୍ରବେଶ ପଥ ଓ ନିର୍ଗମ ପଥଗୁଡ଼ିକର ବ୍ୟବସ୍ଥା ପିଡବ୍ଲ୍ୟୁଡି ଏବଂ ଜଳସେଚନ ବିଭାଗ ସହିତ ପରାମର୍ଶ କରି ଅନୁସରଣ କରାଯିବ । ଆରଏମ୍‌ସି କହିଛନ୍ତି (ଅପ୍ରେଲ୍ 2023) ଯେ ଆକଳନ ଅନୁଯାୟୀ ପ୍ରବେଶ ପଥ ଓ ନିର୍ଗମ ପଥ ପ୍ରସ୍ତୁତ କରାଯିବ ଏବଂ ସଂଯୋଗ କରାଯିବ । ବିଇଏମ୍‌ସି କହିଛନ୍ତି (ମଇ 2023) ଯେ, ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ସମୟରେ ପ୍ରବେଶ ପଥ ଓ ନିର୍ଗମ ପଥ ଗୁଡ଼ିକୁ ବିଚାରକୁ ନିଆଯାଇଥିଲା । ଉପରୋକ୍ତ ତ୍ରୁଟି ଗୁଡ଼ିକ ଏସ୍‌ଡବ୍ଲ୍ୟୁଡି ନିର୍ମାଣରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଯୋଜନାର ଅଭାବକୁ ସୂଚାଉଛି । ସିଏମ୍‌ସିର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

### 3.2.3.3 ଧାରଣକ୍ଷମ ଏବଂ ବନ୍ଦ ଜଳାଶୟ ସଂରଚନା ଗୁଡ଼ିକର ଅବ୍ୟବସ୍ଥା

**ସହରାଞ୍ଚଳ ରାସ୍ତା ସହ ବର୍ଷା ଜଳ ପାଇଁ ରକ୍ଷଣାବେକ୍ଷଣ ସୁବିଧା ଓ ପୋଖରୀର ବ୍ୟବସ୍ଥା ନଥିବାରୁ ଜଳବନ୍ଦୀ ଓ ସହରାଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।**

ଏନ୍‌ଡିଏମ୍ ମାର୍ଗଦର୍ଶିକା 2010 ର ଅନୁଚ୍ଛେଦ 4.19.1 ରେ କୁହାଯାଇଛି ଯେ ସହରାଞ୍ଚଳ ବର୍ଷା ଜଳ ପରିଚାଳନା ପ୍ରଣାଳୀରେ ବନ୍ଦ ପୋଖରୀ[58] ଏବଂ ଧାରଣକ୍ଷମ ବ୍ୟବସ୍ଥା[59] ଅନ୍ତର୍ଭୁକ୍ତ ହେବ, ଯାହା ଦ୍ୱାରା ବର୍ଷା ଜଳ ନିଷ୍କାସନ ଉପରେ ସହରୀକରଣର ନକରାତ୍ମକ ପ୍ରଭାବକୁ ହ୍ରାସ କରାଯାଇପାରିବ ।

| ବନ୍ଦ ପୋଖରୀର ସାଧାରଣ କ୍ରସ୍ ସେକ୍ସନ୍ | ଧାରଣକ୍ଷମ ବ୍ୟବସ୍ଥାର ସାଧାରଣ କ୍ରସ୍ ସେକ୍ସନ୍ |
|---|---|




**ଫଟୋ – 11**




**ଫଟୋ – 12**

***ଉତ୍ସ:*** ***ଆଇଆର୍‌ସି-ଏସ୍‌ପି-50-2013 ଅନୁଚ୍ଛେଦ 10.1 v (a)***

ମନୋନୀତ ମହାନଗର ନିଗମ ଗୁଡ଼ିକର ଏସ୍‌ଡବ୍ଲ୍ୟୁଡି ମାନଙ୍କ ପାଇଁ ଆକଳନର ଯାଞ୍ଚରୁ ଜଣାପଡ଼ିଛି ଯେ ଏସ୍‌ଡବ୍ଲ୍ୟୁଡିର ନିର୍ମାଣ/ ଅଭିବୃଦ୍ଧି ପାଇଁ ଆକଳନ (ଆର୍ଥିକ ବର୍ଷ 2017-18 ପାଇଁ) ରାସ୍ତାର ଫୁଟପାଥ ସହିତ ଡ୍ରେନରେ ବନ୍ଦ ପୋଖରୀ, ରକ୍ଷଣାବେକ୍ଷଣ ସୁବିଧା ଏବଂ ଅବଶୋଷଣ ସୁବିଧାର କୌଣସି ବ୍ୟବସ୍ଥା ନଥାଇ କାର୍ଯ୍ୟକାରୀ କରାଯାଇଛି । ଏହି ମହାନଗର ନିଗମ ଗୁଡ଼ିକ ସମ୍ପ ଟାଙ୍କି[60], ପୋଲ ତଳ ରାସ୍ତା ଓ ଫ୍ଲାଏ ଓଭର ନିର୍ମାଣ କରିନଥିବାରୁ ବର୍ଷା ଦିନେ ରାସ୍ତା ଜଳମଗ୍ନ ହେଉଛି । **ଅନୁଚ୍ଛେଦ 3.2.2** ରେ ଆଲୋଚନା କରାଯାଇଥିବା ଭଳି

---

58 'ବନ୍ଦ ପୋଖରୀ' ହେଉଛି ବର୍ଷା ଜଳ ପାଇଁ ଅସ୍ଥାୟୀ ଧାରଣ କ୍ଷେତ୍ର ଯାହା ଶିଖର ପ୍ରବାହକୁ ସଂରକ୍ଷଣ କରି ଧୀରରେ ଧୀରେ ଛାଡ଼ିଥାଏ, ଯାହା ବର୍ଷା ସମୟରେ ବିଶୋଧନ ସୁବିଧାର ଚାହିଦାକୁ ହ୍ରାସ କରିଥାଏ ଏବଂ ବନ୍ୟାକୁ ରୋକିବା (ପ୍ରସଙ୍ଗ, ଆଇଆରସି ମାର୍ଗଦର୍ଶିକାର ଅନୁଚ୍ଛେଦ 10.1(v)

59 'ରିଟେନ୍‌ସନ ସିଷ୍ଟମ' ହେଉଛି ବିସ୍ତାରିତ ଅଟକ କେନ୍ଦ୍ର, ଅନୁପ୍ରବେଶ ଅବବାହିକା ଏବଂ ଜଳାଶୟ (ଜଳ ସଂରକ୍ଷଣ ଏବଂ / କିମ୍ବା ପରିବହନ ଏବଂ ପ୍ରଦୂଷଣ ଦୂରର କରିବା ପାଇଁ ଡିଜାଇନ୍ କରାଯାଇଥିବା ଚ୍ୟାନେଲଗୁଡ଼ିକ), ଯାହା ଜଳ ଯୋଗାଣ, ମନୋରଞ୍ଜନ, ପ୍ରଦୂଷଣ ଦୂରୀକରଣ, ସୌନ୍ଦର୍ଯ୍ୟ ଏବଂ ଭୂତଳ ଜଳର ପୁନଃଚାର୍ଜ ପାଇଁ ବ୍ୟବହୃତ ହୋଇପାରେ । (ପ୍ରସଙ୍ଗ, ଆଇଆରସି ମାର୍ଗଦର୍ଶିକାର ଅନୁଚ୍ଛେଦ 10.1(v)

60 ଏହା ସାଧାରଣତଃ ବଡ଼ ପାଣି ଟାଙ୍କି ସଂରକ୍ଷଣ ପାଇଁ ବ୍ୟବହୃତ ହୁଏ ଏବଂ ସିମେଣ୍ଟ ପରି ସାମଗ୍ରୀ ବ୍ୟବହାର କରି ଶସ୍ତାରେ ନିର୍ମାଣ କରାଯାଇପାରିବ । ଏହା ସାଧାରଣଲଃ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥାର ଏକ ଅଂଶ, ଯେଉଁଠାରେ ବର୍ଷା ଜଳକୁ ଟାଙ୍କିରେ ଚ୍ୟାନେଲ କରାଯାଏ, ତା'ପରେ ବ୍ୟବହାର ପାଇଁ ପମ୍ପ କରାଯାଏ ।

ଅଧିକାଂଶ ବର୍ଷାଜଳ ଡ୍ରେନ୍ ମଧ୍ୟ ପ୍ରାଥମିକ ଡ୍ରେନ୍ ସହିତ ସଂଯୋଗ ହୋଇନଥିଲା । ତେଣୁ, ଜଳବନ୍ଦୀ ଅଞ୍ଚଳରୁ ଠିକ୍ ଭାବରେ ଓ ଠିକ୍ ସମୟରେ ବର୍ଷା ଜଳ ନିଷ୍କାସନ ହୋଇପାରିଲା ନାହିଁ ।

ବିଏମ୍‌ସି (ଅକ୍ଟୋବର 2022) ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରିଛି । ଆରଏମ୍‌ସି (ଅପ୍ରେଲ୍ 2023) କହିଛନ୍ତି ଯେ, ବର୍ତ୍ତମାନର ଏସ୍‌ଡବ୍ଲ୍ୟୁଡି ପାଖରେ ଜମିର ଉପଲବ୍ଧତା ଅନୁଯାୟୀ ବନ୍ଦ ପୋଖରୀ, ରକ୍ଷଣାବେକ୍ଷଣ ସୁବିଧା, ଅବଶୋଷଣ ଡ୍ରେନ୍‌ର ବ୍ୟବସ୍ଥା କରାଯିବ । ବିଇଏମ୍‌ସି କହିଛନ୍ତି (ମଇ 2023) ଯେ ଜମି ଅଭାବ କାରଣରୁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ଅବଶୋଷଣ, ଧାରଣକ୍ଷମ ଏବଂ ଅଟକ ଢାଞ୍ଚାର ବ୍ୟବସ୍ଥାକୁ ଅନୁସରଣ କରାଯାଇନାହିଁ । ଜୁଲାଇ 2024 ସୁଦ୍ଧା ସିଏମ୍‌ସି ଓ ଏସଏମ୍‌ସି କୌଣସି ପ୍ରତିକ୍ରିୟା ଦେଇନଥିଲେ ।

### 3.2.3.4 ଉପଯୁକ୍ତ ବର୍ଷା ଜଳ ଡ୍ରେନେଜ୍ ବ୍ୟବସ୍ଥା ଓ ସମ୍ପ ଟାଙ୍କି ବିନା ନୂଆ ରାସ୍ତା ନିର୍ମାଣ

ଆଇଆର୍‌ସି-ଏସ୍‌ପି-42-2014, ର ଅନୁଚ୍ଛେଦ 1.1 ରେ ରାସ୍ତାର ଗଠନମୂଳକ ସୁଦୃଢତା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବଜାୟ ରଖିବା ପାଇଁ ପ୍ରାଥମିକ ଆବଶ୍ୟକତା ଭାବରେ, ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ଆବଶ୍ୟକ । ସବ୍‌ଗ୍ରେଡ୍[61] ସମେତ ଫୁଟପାଥ ଢାଞ୍ଚାଗୁଡ଼ିକୁ ଯେକୌଣସି ଜଳ ପ୍ରବେଶରୁ ସୁରକ୍ଷିତ ରଖିବାକୁ ହେବ, ନଚେତ୍ ସମୟକ୍ରମେ ଜଳ, ସବ୍‌ଗ୍ରେଡ୍‌କୁ ଦୁର୍ବଳ କରିପାରେ ଏବଂ ଫୁଟପାଥ୍ ଢାଞ୍ଚାରେ ଅସୁବିଧା ସୃଷ୍ଟି କରିପାରେ । ଉପଯୁକ୍ତ ଜଳ ନିଷ୍କାସନ, ଫୁଟପାଥ୍ ପୃଷ୍ଠରୁ ଜଳକୁ ଶୀଘ୍ର ଶୋଷଣ କରି ନେଇଥାଏ ଏବଂ ଯାନବାହନ ଖସିବାର ସମ୍ଭାବନାକୁ ହ୍ରାସ କରିଥାଏ । ଆହୁରିମଧ୍ୟ ଆଇଆରସି ଏସପି-50-2013 ର ଅନୁଚ୍ଛେଦ 11.1 ରେ କୁହାଯାଇଛି ଯେ ବର୍ଷା ଜଳ ନିଷ୍କାସନ ପାଇଁ, ଅଣ୍ଡରପାସ୍, ପୋଲ ତଳେ ରାସ୍ତା, ଫ୍ଲାଏ ଓଭର, ତଳିଆ ଅଞ୍ଚଳ ଇତ୍ୟାଦି ନିର୍ମାଣରୁ ବର୍ଷା ଜଳ ନିଷ୍କାସନ ପାଇଁ ବର୍ଷା ଜଳ ପମ୍ପିଂ ଷ୍ଟେସନ ଥିବା ସମ୍ପ ଟାଙ୍କି ଜରୁରୀ ଅଟେ ।




**ଫଟୋ 13:** ଡ୍ରେନ୍ ନଂ-7 ନିକଟରେ ଝାରପଡ଼ା ରାସ୍ତାରେ ଡ୍ରେନ୍ ସୁବିଧା ନାହିଁ

ବିଏମ୍‌ସି ଓ ଏସ୍‌ଏମ୍‌ସିର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 47.32 କୋଟି[62] ଟଙ୍କା ବ୍ୟୟରେ 268 ଟି ରାସ୍ତା ନିର୍ମାଣ କରାଯାଇଛି, ଯେଉଁଥିରେ, ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ । ଫଳରେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସିତ ହେଉନଥିବାରୁ ବର୍ଷା ଦିନେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ସମୀକ୍ଷାରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଯଦିଓ ବିଏମ୍‌ସି 31 ଟି ସମ୍ବେଦନଶୀଳ ସ୍ଥାନ (ଅର୍ଥାତ୍ ତଳିଆ ଅଞ୍ଚଳ, ଯେଉଁଠାରେ ଡ୍ରେନ୍ ଆଲାଇନମେଣ୍ଟ ଠାରୁ କମ୍‌ରେ ରାସ୍ତା ନିର୍ମାଣ କରାଯାଇଥିଲା) ଚିହ୍ନଟ କରି ସହରାଞ୍ଚଳରେ ବନ୍ୟାକୁ ଏଡ଼ାଇବା ପାଇଁ ଅସ୍ଥାୟୀ ପମ୍ପିଂର ବ୍ୟବସ୍ଥା କରିଥିଲା, ତଥାପି 16 ନମ୍ବର ଜାତୀୟ ରାଜପଥ (ଇସ୍କନ ମନ୍ଦିର ନିକଟରେ) ରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । **ଫଟୋ 14** ଓ **15** ରେ ଜଳମଗ୍ନ ଅଞ୍ଚଳକୁ ଦର୍ଶାଯାଇଛି ।

---

[61] ସବ୍‌ଗ୍ରେଡ୍ ହେଉଛି ପୃଥିବୀ ଜୋଡବସଡର ସେହି ଅଂଶ ଯାହା ଯୋଜନାରରେ ଦର୍ଶାଯଯାଇଥିବା ରେଖା, ଗ୍ରେଡ ଏବଂ କ୍ରସ୍-ସେକ୍ସନ ସହିତ ଯଥେଷ୍ଟ ଭାବରେ ସଂଯୋଗ କରିବା ପଇଁ ନିର୍ମାଣ କରାଯିବା ପରରେ, ମୂଳ କିମ୍ବା ଭୂପୃଷ୍ଠ ପଦାର୍ଥ ଗ୍ରହଣ କରେ । ଏକ ଭର୍ତ୍ତି ବିଭିଗରେ, ସବ୍‌ଗ୍ରେଡ୍ ହେଉଛି ବନ୍ଧର ଶୀର୍ଷ କିମ୍ବା ଭର୍ତ୍ତି

[62] ବିଏମ୍‌ସି (62 ଟି ରାସ୍ତା ପାଇଁ 32.79 କୋଟି ଟଙ୍କା) ଏବଂ ଏସ୍‌ଏମ୍‌ସି (206 ରାସ୍ତା ପାଇଁ14.53 କୋଟି ଟଙ୍କା)




**ଫଟୋ 14:** 14 ଅଗଷ୍ଟ 2022 ରେ ସତ୍ୟବିହାରରେ ବର୍ଷା ପାଣି ପମ୍ପିଂ




**ଫଟୋ 15:** ଭୁବନେଶ୍ୱର ଇସ୍କନ ମନ୍ଦିର ନିକଟ ଫ୍ଲାଇ ଓଭର ବ୍ରିଜରେ ପାଣି ଜମି ରହିଛି

ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରି ବିଏମସି କହିଛି (ଅକ୍ଟୋବର 2022) ଯେ ବର୍ତ୍ତମାନର ଡ୍ରେନ୍ ସ୍ତର ରାସ୍ତା ସ୍ତର ଠାରୁ ଅଧିକ ଥିବାରୁ ପମ୍ପିଂ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି । ଏସଏମସି କହିଛି (ମଇ 2023) ଯେ ଆବଶ୍ୟକ ସ୍ଥଳେ ଭ୍ରାମ୍ୟମାଣ ପମ୍ପ ଥିବା ଦୁଇଟି ପମ୍ପିଂ ଷ୍ଟେସନ ବ୍ୟବହାର କରାଯାଇଥିଲା । ଆରଏମ୍‌ସି (ଅପ୍ରେଲ 2023) ରେ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରିଛି । ବିଇଏମ୍‌ସି କହିଛି (ମଇ 2023) ଯେ ଜମି ଅଭାବରୁ ନୂତନ ରାସ୍ତା ନିର୍ମାଣ ସମୟରେ ସମ୍ପ ଟାଙ୍କି ଦିଆଯାଇପାରିଲା ନାହିଁ । ମହାନଗର ନିଗମ ଦ୍ୱାରା ନବନିର୍ମିତ ରାସ୍ତାରେ ରାସ୍ତା କଡ଼ରେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନୁହେଁ ।

## 3.2.4 ବର୍ଷା ଜଳ ଡ୍ରେନର ରକ୍ଷଣାବେକ୍ଷଣ

ଆଇଆରସି-50-ଏସ୍‌ପି-2013 ର ଅନୁଚ୍ଛେଦ 12.2 ରେ ଦର୍ଶାଯାଇଛି ଯେ ଡ୍ରେନେଜ୍ ବ୍ୟବସ୍ଥା ଉପଯୁକ୍ତ ଭାବରେ ରକ୍ଷଣାବେକ୍ଷଣ କରାଗଲେ ଡିଜାଇନ୍ ଅନୁଯାୟୀ ସର୍ବୋତ୍ତମ କାର୍ଯ୍ୟ କରେ । ତେଣୁ, ଡ୍ରେନ୍ ଗୁଡ଼ିକ ସେମାନଙ୍କ ଜୀବନକାଳ ମଧ୍ୟରେ, ବିଶେଷକରି ମୌସୁମୀ ସମୟରେ ସେମାନଙ୍କର ଆକୃତି ଏବଂ ଗଡ଼ାଣି ସହିତ ସେମାନଙ୍କର ସମ୍ପୂର୍ଣ୍ଣ କ୍ରସ୍ ସେକ୍ସନକୁ[63] ଡିଜାଇନ୍ କରାଯାଇଥିବା ଢଙ୍ଗରେ ବଜାୟ ରଖିବା ଜରୁରୀ ଅଟେ । ତେଣୁ, ପ୍ରାକ୍ ମୌସୁମୀ କାର୍ଯ୍ୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକର ନିରନ୍ତର ସଫେଇ ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ରକ୍ଷଣାବେକ୍ଷଣ ପ୍ରଣାଳୀରେ ସମୟ ସମୟରେ ଯାଞ୍ଚ, ନିରନ୍ତର ରକ୍ଷଣାବେକ୍ଷଣ ଏବଂ ଉନ୍ନତି ପାଇଁ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ମରାମତି ଅନ୍ତର୍ଭୁକ୍ତ ।

### 3.2.4.1 ଏସଡବ୍ଲ୍ୟୁଡିର ପଙ୍କ ଉଦ୍ଧାର କାର୍ଯ୍ୟ ଗୁଡ଼ିକର ନିୟମିତ ଯାଞ୍ଚ ଏବଂ କାର୍ଯ୍ୟକାରିତା

ଆଇଆରସି-50-ଏସ୍‌ପି-2013 ର ଅନୁଚ୍ଛେଦ 12.3 ରେ କୁହାଯାଇଛି ଯେ ରକ୍ଷଣାବେକ୍ଷଣରେ ଅଭାବ ହେତୁ ଡ୍ରେନଗୁଡିକ ନଷ୍ଟ ହେବାର ସମ୍ଭାବନା ଥିବାରୁ ଡ୍ରେନଗୁଡିକର ନିୟମିତ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ଜରୁରୀ । ଆଇଆରସି-ଏସପି -50-2013ର ଅନୁଚ୍ଛେଦ 12.6 ରେ ଦର୍ଶାଯାଇଛି ଯେ ମୌସୁମୀ ଋତୁ ଆରମ୍ଭ ହେବା ପୂର୍ବରୁ ସମସ୍ତ ଡ୍ରେନଗୁଡିକର ପଙ୍କ ଉଦ୍ଧାର କାର୍ଯ୍ୟ କରାଯିବା ଉଚିତ୍ । ସେହିପରି ଏନ୍ ଡିଏମ୍ ନିର୍ଦ୍ଦେଶାବଳୀ 2010 ର ଅନୁଚ୍ଛେଦ 4.12.4.3(i) ରେ ଦର୍ଶାଯାଇଛି ଯେ ପ୍ରତିବର୍ଷ ମାର୍ଚ୍ଚ 31 ତାରିଖ ସୁଦ୍ଧା ସମସ୍ତ ପ୍ରମୁଖ ଡ୍ରେନଗୁଡିକର ପ୍ରାକ୍ ମୌସୁମୀ ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହେବା ଆବଶ୍ୟକ । ସ୍ଥାନୀୟ ପରିସ୍ଥିତିକୁ ଆଧାର କରି ଡ୍ରେନ ସଫେଇ କାର୍ଯ୍ୟ କରାଯିବା ସହ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ । ନିୟମିତ ପ୍ରତିଷେଧକ ରକ୍ଷଣାବେକ୍ଷଣ କାର୍ଯ୍ୟସୂଚୀ ଅନୁଯାୟୀ କ୍ଷୁଦ୍ର ଡ୍ରେନ ଗୁଡିକର ସଫେଇ ମଧ୍ୟ କରାଯିବ ।

ଚୟନ କରାଯାଇଥିବା ମହାନଗର ନିଗମ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡ ଏବଂ ସୂଚନାର ଯାଞ୍ଚ, ନିମ୍ନରେ ଆଲୋଚନା କରାଯାଇଥିବା ତ୍ରୁଟିଗୁଡିକ ପ୍ରକାଶ କରିଥିଲା:

[63] କ୍ରସ ଡ୍ରେନେଜ୍ କାମ ହେଉଛି ଡ୍ରେନ ପାଣି କେନାଲ ପାଣିରେ ମିଶିବାରୁ ରୋକିବା ପାଇଁ କେନାଲ ଓ ପ୍ରାକୃତିକ ଡ୍ରେନ ପାର ହେବା ସମୟରେ ନିର୍ମିତ ଏକ ଢାଞ୍ଚା

- 2017-18 ରୁ2021-22 ଆର୍ଥିକ ବର୍ଷ ମଧ୍ୟରେ ଏସ୍ଏମ୍ସିରେ 464.22 କିଲୋମିଟର ଡ୍ରେନ ଥିଲେ ମଧ୍ୟ ସଫେଇ ହୋଇନଥିଲା ।
- 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 92.41 କୋଟି[64] ଟଙ୍କା ଖର୍ଚ୍ଚ କରି ବିଏମସି, ସିଏମସି, ଆରଏମସି ଓ ବିଇଏମସି ମାତ୍ର 1,061 ଚୟନିତ ସ୍ଥାନରେ ପଙ୍କ ଉଦ୍ଧାର କାର୍ଯ୍ୟ କରିଥିଲେ । ଯଦିଓ ଏହି ଚାରୋଟି ମହାନଗର ନିମଗରେ 1,863.45 କିଲୋମିଟରର ଡ୍ରେନ ଥିଲା ।
- ପାଞ୍ଚଟି ମହାନଗର ନିଗମ ରାସ୍ତା ଝାଡୁ କାମ (ଯେଉଁଥିରେ ପଙ୍କ ଉଦ୍ଧାର କାମ ଅନ୍ତର୍ଭୁକ୍ତ) ପାଇଁ ଆଉଟ ସୋର୍ସ କରିଥିଲେ । ଉପରୋକ୍ତ ସହିତ ମହାନଗର ନିଗମର ଚୁକ୍ତିନାମା ମୂଲ୍ୟକୁ ପୃଥକ ନକରି, ବ୍ୟାପକ କାର୍ଯ୍ୟ ପାଇଁ ଅଲଗା ଅଲଗା ଚୁକ୍ତି କରିଥିଲେ , ଯେଉଁଥିତରେ କାର୍ଯ୍ୟର ଓଭରଲାପ ହୋଇଥିଲା ।
- ପାଞ୍ଚଟି ମହାନଗର ନିଗମରେ ଥିବା 12 ଟି ପିଡବ୍ଲ୍ୟୁଡି ମଧ୍ୟରୁ ମାତ୍ର ଦୁଇଟି ପିଡବ୍ଲ୍ୟୁଡି[65] 2017-22 ମସିହାରେ ନିଗମ ଅଞ୍ଚଳରେ ରାସ୍ତା କଡ଼ରେ ଥିବା ପିଡବ୍ଲ୍ୟୁଡି ଡ୍ରେନଗୁଡିକର ସଫେଇ କାର୍ଯ୍ୟ କରିଥିଲା ।

ମୌସୁମୀ ଋତୁ ଆରମ୍ଭ ହେବା ପୂର୍ବରୁ ସଫେଇ କାମ ନ କରିବା ଆଇଆରସି/ ଏନଡିଏମ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଥିଲା । କେବଳ ସେତିକି ନୁହେଁ, ଡ୍ରେନର ସମ୍ପୂର୍ଣ୍ଣ ଦୈର୍ଘ୍ୟ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ଦୈର୍ଘ୍ୟ ପାଇଁ ସଫେଇ କାର୍ଯ୍ୟ କରିବା ଦ୍ୱାରା ଜଳର ମୁକ୍ତ ପ୍ରବାହ ପାଇଁ ସଫେଇ କରିବାର ଉଦ୍ଦେଶ୍ୟ ବିଫଳ ହୋଇଥିଲା ।

ସମସ୍ତ ମହାନଗର ନିଗମ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରିଥିବା ବେଳେ ବିଏମସି କହିଛନ୍ତି (ଅକ୍ଟୋବର 2022) ଯେ ଖୋଲା ଟେଣ୍ଡର (2017-22 ସମୟରେ) ମାଧ୍ୟମରେ ସଫେଇ କାର୍ଯ୍ୟ କରାଯାଇଥିଲା ଏବଂ ଏହି ପ୍ରକ୍ରିୟାକୁ ଚୂଡାନ୍ତ ରୂପ ଦେବା ପାଇଁ ଦୁଇ ମାସ ସମୟ ଲାଗିଥିଲା ।

ଆହୁରି ମଧ୍ୟ ଏସଡବ୍ଲ୍ୟୁଡିର ବିଭାଗୀୟ ଯନ୍ତ୍ରୀଙ୍କ ସହ ଜେପିଭି ସମୟରେ ଅନେକ ସ୍ଥାନରେ ଏସଡବ୍ଲ୍ୟୁଡିର ଅବରୋଧ ଦେଖିବାକୁ ମିଳିଥିଲା, ଯାହା ସୂଚାଉଛି ଯେ ନିୟମିତ ଯାଞ୍ଚ ଏବଂ ନିୟମିତ ରକ୍ଷଣାବେକ୍ଷଣ କରାଯାଇନାହିଁ । ଏଭଳି କିଛି ଉଦାହରଣ **ଫଟୋ 16** ରୁ **20** ରେ ଦିଆଯାଇଛି ।




**ଫଟୋ 16:** ଜୟପ୍ରକାଶ ନଗର, ବ୍ରହ୍ମପୁର ଠାରେ ଅଦରକାରୀ ଉଦ୍ଭିଦ ଓ ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁଂ ଡ୍ରେନ ବନ୍ଦ




**ଫଟୋ 17:** କପିଳପ୍ରସାଦ, ଭୁବନେଶ୍ୱର ଦୟାନଦୀ ଅଦରକାରୀ ଉଦ୍ଭିଦ ଯୋଗୁ ଡ୍ରେନ ବନ୍ଦ

---

[64] ବିଏମ୍ସି: 10.52 କୋଟି ଟଙ୍କା, ଆରଏମ୍ସି: 1.94 କୋଟି ଟଙ୍କା, ବିଇଏମ୍ସି: 75 କୋଟି ଟଙ୍କା ଏବଂ ସିଏମ୍ସି: 4.95 କୋଟି ଟଙ୍କା

[65] କୋଟୁବନେଶ୍ୱର(ଆରଆଣ୍ଡବି) ବିଭାଜନ IV ଏବଂ V



**ଫଟୋ 18:** ସମ୍ବଲପୁରର କ୍ଷେତରାଜପୁରରେ ଡ୍ରେନ୍ ରକ୍ଷଣାବେକ୍ଷଣ କରାଯାଉ ନାହିଁ




**ଫଟୋ 19:** କଟକ ମାତୃଭବନରେ ଡ୍ରେନ୍ ରକ୍ଷଣାବେକ୍ଷଣ କରାଯାଉ ନାହିଁ




**ଫଟୋ 20 :** ରାଉରକେଲା ରଘୁନାଥ ପଲ୍ଲୀରେ ଡ୍ରେନ୍ ରକ୍ଷଣାବେକ୍ଷଣ କରାଯାଉ ନାହିଁ

ବିଏମସି କହିଛନ୍ତି (ଅକ୍ଟୋବର 2022) ଯେ ବର୍ଷା ଋତୁରେ ଡ୍ରେନଗୁଡିକ ବନ୍ଦ ହୋଇଯିବା (ଚୋକିଙ୍ଗ୍) ଓ ଅତ୍ୟଧିକ ପ୍ରବାହକୁ ଏଡାଇବା ପାଇଁ ନିୟମିତ ଯାଞ୍ଚ, ଜଳାଶୟ/ଡ୍ରେନରୁ ପଙ୍କ ଉଦ୍ଧାର କରିବା ଏବଂ ସମୟ ସମୟରେ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନିଆଯିବ । ଆରଏମସି କହିଛି (ଡିସେମ୍ବର 2022) ଯେ, ମୌସୁମୀ ପରେ ବାସିନ୍ଦାମାନଙ୍କର ଆବର୍ଜନା ଫିଙ୍ଗିବା କାରଣରୁ ଉଦ୍ଭିଦ ଏବଂ କଠିନ ବର୍ଜ୍ୟବସ୍ତୁ ଦେଖିବାକୁ ମିଳିଥିଲା । ଭବିଷ୍ୟତ ପାଇଁ ବିଇଏମସି (ମଇ 2023) ସମୀକ୍ଷା ମନ୍ତବ୍ୟ ଉଲ୍ଲେଖ କରିଛି । ଏସଏମସି (ମଇ 2023) କହିଛନ୍ତି ଯେ ବର୍ଷା ଜଳର ମୁକ୍ତ ପ୍ରବାହ ପାଇଁ ଆବଶ୍ୟକ ସ୍ଥଳେ ଡ୍ରେନ ସଫେଇ କାର୍ଯ୍ୟ ନିୟମିତ ଭାବରେ କରାଯାଇଥିଲା ଏବଂ ସିଏମସି ସମୀକ୍ଷା ପର୍ଯ୍ୟବେକ୍ଷଣର କୌଣସି ଉତ୍ତର ଦେଇନଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଡ୍ରେନଗୁଡିକର ରକ୍ଷଣାବେକ୍ଷଣ ନ ହେବା ଫଳରେ ଡ୍ରେନଗୁଡିକ ବନ୍ଦ ହୋଇଯାଇଥିଲା ଏବଂ ବର୍ଷା ଜଳର ଅବାଧ ପ୍ରବାହରେ ବାଧା ସୃଷ୍ଟି ହୋଇଥିଲା ।

### 3.2.4.2 ଖୋଲା ଡ୍ରେନ ଉପରେ କଭର ସ୍ଲାବ୍ ବ୍ୟବସ୍ଥା କରାଯାଇ ନାହିଁ

ଡ୍ରେନ ପରିଚାଳନା ପାଇଁ ଓଡିଶା ସରକାର (ଜୁନ 2019) ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କୌଣସି ଅଘଟଣକୁ ଏଡାଇବା ଏବଂ ଏସଡବ୍ଲ୍ୟୁଡିରେ ବ୍ୟବସ୍ଥାରେ କଠିନ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଇତ୍ୟାଦିର ମିଶ୍ରଣକୁ ଏଡାଇବା ପାଇଁ ଏମସି ଗୁଡିକୁ ଡ୍ରେନ ଉପରେ କଭର ସ୍ଲାବ ସୁନିଶ୍ଚିତ କରିବା ବାଧ୍ୟତା ମୂଳକ ଥିଲା, ଯାହା ଡ୍ରେନ ଜଳର ଅବାଧ ପ୍ରବାହ ସୃଷ୍ଟି କରିବ । କର୍ତ୍ତବ୍ୟର ଅବହେଳ/ ଏହି ନିର୍ଦ୍ଦେଶାବଳୀ ପାଳନ ନକରିବା କାରଣରୁ ଉପୁଜିଥିବା କୌଣସି ଅଘଟଣ ପାଇଁ ପୌର ଯନ୍ତ୍ରୀମାନେ ଦାୟୀ/ ଉତ୍ତରଦାୟୀ ରହିବେ ବୋଲି ମଧ୍ୟ କୁହାଯାଇଛି ।



**ଫଟୋ 21:** ସେପ୍ଟେମ୍ବର 19, 2021, ଶତାବ୍ଦୀ ନଗର, ଭୁବନେଶ୍ୱରର ଜଣେ 15 ବର୍ଷର ସ୍କୁଲ୍ ବାଳକ ଡ୍ରେନ ଖୋଲା ଯୋଗୁଁ ଡ୍ରେନ ନଂ.7 ରେ ଭାସିଗଲା

ଡ୍ରେନ୍ ଗୁଡ଼ିକୁ ସ୍ଲାବରେ ଢାଙ୍କି ଯାତ୍ରୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇବାରେ ମହାନଗର ନିଗମ ବିଫଳ ହୋଇଛି ।

ବିଭାଗୀୟ ଯନ୍ତ୍ରୀଙ୍କ ସହ ଡ୍ରେନର ଜେପିଭି ସମୟରେ ଅଧିକାଂଶ ଡ୍ରେନ୍[66] ଖୋଲା ଥିବା ବେଳେ କଭର ସ୍ଲାବ୍ ଯୋଗାଇ ଦିଆଯାଇନଥିବା ଦେଖିବାକୁ ମିଳିଥିଲା । ତେଣୁ ଏହି ମହାନଗର ନିଗମ ମାନେ ଡ୍ରେନଗୁଡିକୁ ସ୍ଲାବରେ ଘୋଡାଇ ଯାତ୍ରୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରିନଥିଲେ । ସୂଚନାଯୋଗ୍ୟ, ଗତ 7 ବର୍ଷ ମଧ୍ୟରେ (2015-22 ପର୍ଯ୍ୟନ୍ତ) ବିଏମସି ଅଞ୍ଚଳରେ ରହୁଥିବା 7 ଜଣ ଓ ସିଏମସି ଅଞ୍ଚଳରେ ରହୁଥିବା 2 ଜଣ ବ୍ୟକ୍ତି ଖୋଲା ଡ୍ରେନଯୋଗୁଁ ମୃତ୍ୟୁବରଣ କରିଛନ୍ତି । ତେବେ ଏଭଳି ତ୍ରୁଟି ପାଇଁ ବିଭାଗ ପକ୍ଷରୁ କୌଣସି ଦାୟିତ୍ୱ ନିର୍ଦ୍ଧାରଣ କରାଯାଇନଥିଲା ।ସେଥି ମଧ୍ୟରୁ କିଛି ଖୋଲା ଡ୍ରେନର ଫଟୋ **22** ଓ **23** ରେ ଦର୍ଶାଯାଇଛି ।




**ଫଟୋ 22:** ଖାରବେଳ ଭବନ, ଭୁବନେଶ୍ୱର ସମ୍ମୁଖରେ ଥିବା ଡ୍ରେନ୍




**ଫଟୋ 23:** ରାଜାବଗିଚା କଟକ ନିକଟରେ କଭର ସ୍ଲାବ୍ ନଥିବା ଡ୍ରେନ୍

ଏହାର ଉତ୍ତରରେ ବିଏମସି (ଅକ୍ଟୋବର 2022) କହିଛନ୍ତି ଯେ (1) ଦ୍ୱିତୀୟ ଓ କ୍ଷେତ୍ରୀୟ ଡ୍ରେନଗୁଡିକରେ କଭର ସ୍ଲାବ ପ୍ରଦାନ କରିବା ଏବଂ (2) ଭବିଷ୍ୟତରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ସମସ୍ତ ପ୍ରାକୃତିକ ଡ୍ରେନକୁ ବ୍ୟାରିକେଡ କରିବା ପାଇଁ ପଦକ୍ଷେପ ନିଆଯିବ । ବିଇଏମସି କହିଛନ୍ତି (ମଇ 2023) ଯେ ଅଧିକାଂଶ ଡ୍ରେନରେ କଭର ସ୍ଲାବ ଥିଲା । ଆରଏମସି କହିଛନ୍ତି (ଏପ୍ରିଲ 2023) ଯେ ସମସ୍ତ ନବ ନିର୍ମିତ ଡ୍ରେନକୁ କଭର ସ୍ଲାବ ଯୋଗାଇ ଦିଆଯାଇଛି ଏବଂ ପୁରୁଣା ଖୋଲା ଡ୍ରେନଗୁଡିକୁ କଭର ସହିତ ମରାମତି କରାଯାଇଛି ।

[66] ଶତାବ୍ଦୀ ନଗରର ଡ୍ରେନ ନଂ.7 , ଖାରବେଳ ଭବନ ସମ୍ମୁଖରେ ଡ୍ରେନ ରାଜ୍ୟ ସଚିବାଳୟ ସମ୍ମୁଖରେ ଡ୍ରେନ୍, ବିଏମ୍‌ସିର ୟୁନିଟ୍ – III ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଡ୍ରେନ୍, ସିଏମ୍ ସିର ରାଜାବଗିଚା ନିକଟରେ ଡ୍ରେନ୍, ଆରଏମସିର ସିଭିଲ୍ ଟାଉନସିପ୍ ଓ ରେଲୱେ କଲୋନୀ ନିକଟରେ ଡ୍ରେନ୍ ଏବଂ କ୍ଷେତରାଜପୁର ଓ ହୀରାକୁଦ ନିକଟରେ ଡ୍ରେନ ରୁ ଏସଏମସିର ରେମେଡ୍ ପର୍ଯ୍ୟନ୍ତ ଡ୍ରେନ୍

ଏସଏମସି କହିଁଛନ୍ତି (ମଇ 2023) ଯେ ଖୋଲା ଡ୍ରେନଗୁଡିକୁ କଭର ସ୍ଲାବରେ ଢାଙ୍କିବା ପାଇଁ ପଦକ୍ଷେପ ନିଆଯିବ । ସିଏମସି ସମୀକ୍ଷା ପର୍ଯ୍ୟବେକ୍ଷଣ ଉପରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲା । ଏହି ଉତ୍ତରଗୁଡିକ ଗ୍ରହଣୀୟ ହୋଇନଥିଲା କାରଣ , i) ଡ୍ରେନ ଉପରେ କବର ସ୍ଲାବ ପ୍ରଦାନ କରିବା ଏବଂ (ii) ଡ୍ରେନ ବ୍ୟାରିକେଡିଂ ସୁନିଶ୍ଚିତ କରିବାରେ ବିଫଳ ହୋଇଥିବାରୁ ମାନବ ଜୀବନ ପ୍ରତି ବିପଦ ଥିଲା ।

## 3.2.5 ସେରେଜ ପରିଚାଳନା ବ୍ୟବସ୍ଥା ପାଇଁ ସିଟି ମାଷ୍ଟର ପ୍ଲାନ୍ ଓ ସିଟି ପରିମଳ ଯୋଜନା

ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଜଳ ନିଷ୍କାସନ ଏବଂ ଜଳ ବିଶୋଧନ ବ୍ୟବସ୍ଥା (ଏସଏସଟିଏସ୍) ଉପରେ ମାନୁଆଲ, 2013 ର ଅନୁଚ୍ଛେଦ 2.4.10 ରେ କୁହାଯାଇଛି ଯେ ସିଟି ମାଷ୍ଟର ପ୍ଲାନ (ସିଏମପି) ପ୍ରସ୍ତୁତ କରାଯିବ ଏବଂ ସିଟି ପରିମଳ ଯୋଜନା (ସିଏସପି ) ବାଧ୍ୟତା ମୂଳକ ଭାବେ ସିଏମପି ର ଅଂଶ ହେବ ।

ଓଡବ୍ଲ୍ୟୁଏସଏସବିର ରେକର୍ଡ ଯାଞ୍ଚ ଏବଂ ମନୋନୀତ ମହାନଗର ନିଗମମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି ଯେ ସେରେଜ ପରିଚାଳନା ବ୍ୟବସ୍ଥା ପାଇଁ ଡିପିଆର, 2007 ରୁ 2017 ମଧ୍ୟରେ 4ଟି ମହାନଗର ନିଗମ[67]ଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା ଏବଂ ତିନୋଟି ମହାନଗର ନିଗମ[68] ସିଏମପି ପ୍ରସ୍ତୁତ କରି 2017 ରେ ସରକାରଙ୍କୁ ପ୍ରଦାନ କରିଥିଲେ । କୌଣସି ମହାନଗର ନିଗମ ଏବଂ ଓଡବ୍ଲ୍ୟୁଏସଏସବି, ସେମାନଙ୍କ ଅଧିନରେ ଆସୁଥିବା ସହରାଞ୍ଚଳରେ ସେରେଜ ପରିଚାଳନା ବ୍ୟବସ୍ଥା ପାଇଁ କୌଣସି ସିଏମପି ପ୍ରସ୍ତୁତ କରିନଥିଲେ । ଉପରୋକ୍ତ ମହାନଗର ନିଗମ ମାନଙ୍କ ଦ୍ୱାରା ପ୍ରସ୍ତୁତ ସିଏସ୍‌ପି ଗୁଡିକ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି (ସେପ୍ଟେମ୍ବର 2022 ସୁଦ୍ଧା) ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇନଥିଲା । ସିଏମପି ଏବଂ ସିଏମପିର ଅନୁପସ୍ଥିତିରେ, କୌଣସି ସେରେଜ ପ୍ରକଳ୍ପ ଠିକ ସମୟରେ ସମ୍ପୂର୍ଣ୍ଣ ହୋଇପାରିନଥିଲା, କାରଣ ସେମାନଙ୍କର ପରିସର/ ଡିଜାଇନରେ ବାରମ୍ବାର ପରିବର୍ତ୍ତନ ଘଟିଥିଲା, ଯାହା ଫଳରେ ସମୟ ଏବଂ ଖର୍ଚ୍ଚ ବୃଦ୍ଧି ପାଇଥିଲା (ପଞ୍ଚମ ଅଧ୍ୟାୟରେ ଆଲୋଚନା କରାଯାଇଛି), ଫଳସ୍ୱରୂପ ସେରେଜ ବର୍ଜ୍ୟବସ୍ତୁ ସିଧାସଳଖ ନିକଟସ୍ଥ ନଦୀ ଏବଂ ଜଳାଶୟରେ ପ୍ରବେଶ କରି ଜଳ ପ୍ରଦୂଷଣ କରିବା ସହିତ ଜନ ସାଧାରଣ ଏବଂ ଜଳଜୀବଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥିଲା ।

ସରକାର କହିଛନ୍ତି (ଏପ୍ରିଲ 2023) ଯେ ଏହି କାର୍ଯ୍ୟକାରୀ ପ୍ରକଳ୍ପଗୁଡିକ ସିଟି ମାଷ୍ଟର ପ୍ଲାନ୍ ଅନୁଯାୟୀ ପ୍ରସ୍ତୁତ କରାଯିବ ଏବଂ ସେହି ଅନୁଯାୟୀ ଅନାବରଣ ଅଞ୍ଚଳଗୁଡିକର ମୁକାବିଲା କରାଯିବ ତେବେ ବିଏମସି ପାଇଁ ସେରେଜ ବ୍ୟବସ୍ଥା ପାଇଁ ଡିପିଆର ପ୍ରସ୍ତୁତ ହୋଇନଥିବା ବେଳେ ସିଏମପି ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ ।

## 3.2.6 ଏସଟିପିର ଡିଜାଇନିଂ କ୍ଷମତା ପର୍ଯ୍ୟାପ୍ତ ନୁହେଁ

2013 ଏସଏସଟିଏସ ମାନୁଆଲର 5.1.4.1 ର ଅନୁଚ୍ଛେଦରେ କୁହାଯାଇଛି କି (i) ମୁଣ୍ଡ ପିଛା ଦୈନିକ 135 ଲିଟର ଜଳ (ଏଲପିସିଡି), ବାସିନ୍ଦାଙ୍କ ଦ୍ୱାରା ବ୍ୟବହାର କରାଯିବ ଏବଂ (ii) ସେମାନଙ୍କ ଦ୍ୱାରା ବ୍ୟବହୃତ ଜଳର 80 ପ୍ରତିଶତ, ଉତ୍ପନ୍ନ ନର୍ଦ୍ଦମା ପାଇଁ ବ୍ୟବସ୍ଥା ରହିବ । ଆକଳନ କରାଯାଇଥିବା ଜନସଂଖ୍ୟା ତଥ୍ୟ ଏବଂ ଆନୁମାନିକ ବର୍ଜ୍ୟବସ୍ତୁ ଉତ୍ପାଦନ ଆଧାରରେ ଏସଟିପି ଗୁଡିକର କ୍ଷମତା 30 ବର୍ଷର ଡିଜାଇନ୍ ଅବଧି ପାଇଁ ସ୍ଥିର କରାଯିବାର ଥିଲା ।

ଓଡବ୍ଲ୍ୟୁଏସଏସବିର ରେକର୍ଡ ଯାଞ୍ଚ (ଜୁଲାଇ 2022) ରୁ ଜଣାପଡିଛି ଯେ 4ଟି ମହାନଗର ନିଗମ[69] ନିର୍ଦ୍ଧାରିତ ମାନଦଣ୍ଡ ଠାରୁ କମ୍ କ୍ଷମତା ବିଶିଷ୍ଟ 9ଟି ସେରେଜ ଟ୍ରିଟମେଣ୍ଟ ସିଷ୍ଟମ ପ୍ଲାଣ୍ଟ (ଏସଟିପି) ନିର୍ମାଣ କରିଛନ୍ତି । ସେଥି ମଧ୍ୟରୁ ଆଠଟି[70] ଏସ୍‌ଟିପି କେବଳ ଆଂଶିକ ଭାବେ କାର୍ଯ୍ୟ କରୁଥିଲା କାରଣ ସେରେଜ୍ ଲାଇନ୍ ସମ୍ପୂର୍ଣ୍ଣ

---

67 ବିଏମ୍‌ସି, ସିଏମ୍‌ସି, ଆର୍‌ଏମ୍‌ସି ଏବଂ ଏସଏମ୍‌ସି

68 ବିଏମ୍‌ସି, ସିଏମ୍‌ସି ଏବଂ ଆର୍‌ଏମ୍‌ସି

69 ବିଏମ୍‌ସି, ସିଏମ୍‌ସି, ଆର୍‌ଏମ୍‌ସି ଏବଂ ଏସଏମ୍‌ସି

70 ବିଏମ୍‌ସି(ଚାରିଟି), ସିଏମ୍‌ସି(ଦୁଇଟି), ଏସ୍‌ଏମ୍‌ସି(ଗୋଟିଏ) ଏବଂ ଆର୍‌ଏମ୍‌ସି(ଗୋଟିଏ)

ହୋଇନଥିଲା ଏବଂ ଗୋଟିଏ[71] ଏସ୍‌ଟିପିର (ସେପ୍ଟେମ୍ବର 2022 ସୁଦ୍ଧା) ନିର୍ମାଣ କାର୍ଯ୍ୟ ଚାଲୁଥିଲା । ସମୀକ୍ଷା ଏସ୍‌ଟିପି ମାନଙ୍କର ଆବଶ୍ୟକ କ୍ଷମତାର[72] ହିସାବ ***ସାରଣୀ 3.5*** ରେ ଦର୍ଶାଇଛି ।

**ସାରଣୀ 3.5: ପାଞ୍ଚଟି ମହାନଗର ନିଗମରେ ଏସ୍‌ଟିପିର ଡିଜାଇନ୍ କ୍ଷମତା**

| କ୍ର.ସଂ. | ଏସ୍‌ଟିପିର ସ୍ଥାନ | 2011 ଜନଗଣନା ଆଧାରରେ 30 ବର୍ଷର ଡିଜାଇନ ଅବଧି ପାଇଁ ଆକଳିତ ଜନସଂଖ୍ୟା | ଏସ୍‌ଟିପି (ଏମ୍‌ଏଲ୍‌ଡି) ର ଆବଶ୍ୟକ କ୍ଷମତା | ଏସ୍‌ଟିପି (ଏମ୍‌ଏଲ୍‌ଡି) ର କ୍ଷମତା ପ୍ରଦାନ | କ୍ଷମତାର ଅଭାବ (ଏମ୍‌ଏଲ୍‌ଡି) |
|---|---|---|---|---|---|
| *1* | *2* | *3* | *4* | *5* | *6* |
| 1 | ଭୁବନେଶ୍ୱର | 22,77,977 | 246.02 | 183.50 | 62.52 |
| 2 | କଟକ | 16,54,758 | 178.71 | 85.00 | 93.71 |
| 3 | ସମ୍ବଲପୁର | 9,10,543 | 98.33 | 40.00 | 58.33 |
| 4 | ରାଉରକେଲା | 13,16,440 | 142.18 | 40.00 | 102.18 |
| 5 | ବ୍ରହ୍ମପୁର | 9,67,050 | 104.44 | 0.00 | 104.44 |
| | ମୋଟ | **71,26,768** | **769.68** | **348.50** | **421.18** |

*<u>ଉତ୍ସ:</u> ଜନସଂଖ୍ୟା ଏବଂ ଡିଜାଇନ୍ କ୍ଷମତା ଅନୁଯାୟୀ ଓଡବ୍ଲ୍ୟୁଏସଏସବି ଏବଂ ୱାଟ୍‌କୋ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ*

ସମୀକ୍ଷାରୁ ଜଣାପଡ଼ିଛି ଯେ ସେରେଜର ବିଶୋଧନ ପାଇଁ 769.68 ଏମ୍‌ଏଲ୍‌ଡି କ୍ଷମତାର ଆବଶ୍ୟକତା ଥିବା ବେଳେ 30 ବର୍ଷର ଡିଜାଇନ୍ ଅବଧି ପାଇଁ ଓଡବ୍ଲ୍ୟୁଏସଏସବି ଚାରିଟି ମହାନଗର ନିଗମ ପାଇଁ ମାତ୍ର 348.50 ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ଏସ୍‌ଟିପି ପ୍ରଦାନ କରିଥିଲା ଯାହାର ଫଳସ୍ୱରୂପ 421.18 ଏମ୍‌ଏଲ୍‌ଡିର କମ୍ ମୂଲ୍ୟାୟନ ହୋଇଥିଲା । ଆହୁରି ମଧ୍ୟ ବ୍ରହ୍ମପୁର (ଅକ୍ଟୋବର 2022 ସୁଦ୍ଧା) ପାଇଁ କୌଣସି ଏସ୍‌ଟିପି ପ୍ରଦାନ କରାଯାଇ ନାହିଁ । ଏହା ବଦଳରେ ବିଭାଗ ଅକ୍ଟୋବର 2018 ରୁ ମଇ 2021 ମଧ୍ୟରେ 100 କେଏଲ୍‌ଡି କ୍ଷମତା ବିଶିଷ୍ଟ ସେପ୍‌ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ[73] (ଏସ୍‌ଇଟିପି) ସ୍ଥାପନ କରିଥିଲା, ଯେଉଁଥିରେ ସେସପୁଲ ଯାନ[74] ମାଧ୍ୟମରେ ସଂଗ୍ରହ କରାଯାଇଥିବା ଘରୋଇ ବର୍ଜ୍ୟବସ୍ତୁର ବିଶୋଧନ ପାଇଁ 5.55 କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା, ଯେଉଁଥିରେ 104.44 ଏମ୍‌ଏଲ୍‌ଡିର ଏସ୍‌ଟିପିର ଆବଶ୍ୟକତା ଥିଲା, ଯାହା ଆବଶ୍ୟକତା ପୂରଣ କରିପାରିନଥିଲା । ତେଣୁ, ଓଡବ୍ଲ୍ୟୁଏସଏସବି ଡିପିଆରରେ ନିର୍ଦ୍ଧାରିତ ମାନଦଣ୍ଡ ଠାରୁ କମ୍ କ୍ଷମତା ପାଇଁ ଡିଜାଇନକୁ ଅନୁମତି ଦେଇଥିଲା । ଯାହାଫଳରେ ଅବିଶୋଧିତ ବର୍ଜ୍ୟବସ୍ତୁ ଜଳାଶୟକୁ ନିଷ୍କାସିତ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ 2021 ପାଇଁ ଆକଳିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରର ଉତ୍ପନ୍ନ ବର୍ଜ୍ୟ ଜଳର ବିଶୋଧନ ପାଇଁ ପ୍ରତ୍ୟେକ ମହାନଗର ନିଗମରେ ପର୍ଯ୍ୟାପ୍ତ କ୍ଷମତା ବିଶିଷ୍ଟ ଏସ୍‌ଟିପି ନିର୍ମାଣ କରାଯାଇଥିଲା । ଉପରୋକ୍ତ ମହାନଗର ନିଗମ ଗୁଡ଼ିକରେ ଗୃହ ନର୍ଦ୍ଦମା ସଂଯୋଗ ସରିବା ପରେ ସହରର ଉତ୍ପନ୍ନ ହେଉଥିବା ସମସ୍ତ ବର୍ଜ୍ୟଜଳକୁ ଏସଟିପିରେ ବିଶୋଧନ କରାଯିବ । ସରକାର ଆହୁରି ମଧ୍ୟ କହିଛନ୍ତି ଯେ ପରିବାରରୁ ଉତ୍ପନ୍ନ ହେଉଥିବା ସେରେଜ ବର୍ଜ୍ୟବସ୍ତୁର ବିଶୋଧନ ପାଇଁ ବିଇଏମ୍‌ସିରେ 40 ଏବଂ 60 କେଏଲ୍‌ଡି କ୍ଷମତାର ଦୁଇଟି ଏସ୍‌ଇଟିପି ନିର୍ମାଣ କରାଯାଇଥିଲା । ସେରେଜ ମାନୁଆଲ 2013 ର ମାନଦଣ୍ଡକୁ ଉଲ୍ଲଂଘନ କରି ଏସ୍‌ଟିପି କମ୍ କ୍ଷମତାରେ ନିର୍ମିତ ହୋଇଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

> ବିଇଏମ୍‌ସି ପାଇଁ ସେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ବ୍ୟବସ୍ଥା ନଥିବାରୁ 2022 ସୁଦ୍ଧା ଉତ୍ପନ୍ନ ହୋଇଥିବା 64 ଏମ୍‌ଏଲଡିର ସମ୍ପୂର୍ଣ୍ଣ ସେରେଜ୍ ବର୍ଜ୍ୟବସ୍ତୁ ସିଧାସଳଖ ଜଳାଶୟକୁ ନିଷ୍କାସିତ ହୋଇଥିଲା ।

### 3.2.6.1 ବ୍ରହ୍ମପୁର ମହାନଗର ନିଗମରେ ସେରେଜ୍ ବ୍ୟବସ୍ଥା ପାଇଁ ଡିପିଆର ପ୍ରସ୍ତୁତ ନହେବା

ଭୂତଳ ସେରେଜ୍ ବ୍ୟବସ୍ଥା ନଥିବାରୁ ବ୍ରହ୍ମପୁରରେ ଏସ୍‌ଟିପି ପ୍ରତିଷ୍ଠା ପାଇଁ ବିଇଏମ୍‌ସିର ସିଡିପି (ଅଗଷ୍ଟ 2015) ସୁପାରିଶ କରିଥିଲା ।

---

71 ବିଏମ୍‌ସି(ଗୋଟିଏ)

72 ଆବଶ୍ୟକ ଡିଜାଇନ୍ କ୍ଷମତା = ଜନସଂଖ୍ୟା * 80 ପ୍ରତିଶତ 135 ଏମ୍‌ଏଲ୍‌ଡି/10,00,000

73 ଏସ୍‌ଇଟିପି ହେଉଛି ଛୋଟ ବିଶୋଧନାଗାର ଯେଉଁଠାରେ ମଳକୁ ବିଶୋଧନ କରାଯାଏ ଏବଂ ଏସ୍‌ଟିପିରେ ଏରୋବିକ୍ ପଦ୍ଧତିରେ ରାସାୟନିକ ପଦାର୍ଥ ବ୍ୟବହାର କରି ସେରେଜକୁ ବୈଜ୍ଞାନିକ ପଦ୍ଧତିରେ ବିଶୋଧନ କରାଯାଏ ।

74 ଘରୋଇ ସେପ୍‌ଟିକ୍ ଟାଙ୍କିରୁ ବର୍ଜ୍ୟବସ୍ତୁ ବୋଝେଇ କରୁଥିବା ଗାଡ଼ିଗୁଡ଼ିକ ଏସଟିପି ବିଶୋଧନ ପାଇଁ

ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ବିଇଏମ୍‌ସିରେ ସେୱରେଜ୍ ପରିଚାଳନା ପାଇଁ ଡିପିଆର୍ ପ୍ରସ୍ତୁତି କାର୍ଯ୍ୟ 2012 ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ 64.70 ଲକ୍ଷ ଟଙ୍କା ବ୍ୟୟରେ ଏକ ସଂସ୍ଥାକୁ (ଫେବୃଆରୀ 2012) ଦିଆଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଡିପିଆର୍ ପ୍ରସ୍ତୁତ ହୋଇପାରିଲା ନାହିଁ । ତେବେ 14.53 ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ପରବର୍ତ୍ତୀ ସମୟରେ ଏହି ଚୁକ୍ତି (ଜୁନ୍ 2014) କୁ ରଦ୍ଦ କରାଯାଇଥିଲା । 6.47ଲକ୍ଷ ଟଙ୍କାର କ୍ଷୟ କ୍ଷତି ମଧ୍ୟରୁ ଓଡବ୍ଲ୍ୟୁଏସଏସବି 2.02 ଲକ୍ଷ ଟଙ୍କା ଆଡଜଷ୍ଟ କରିଛି ଏବଂ ଅବଶିଷ୍ଟ 4.45 ଲକ୍ଷ ଟଙ୍କା ସଂସ୍ଥା ଠାରୁ (ସେପ୍ଟେମ୍ବର 2022 ସୁଦ୍ଧା) ଆଦାୟ ହୋଇନାହିଁ ।

ଡିପିଆର୍ ପ୍ରସ୍ତୁତ ପାଇଁ (ସେପ୍ଟେମ୍ବର 2015) ନୂଆ ଟେଣ୍ଡର ଆହ୍ୱାନ କରାଯାଇଥିଲା । ସର୍ବନିମ୍ନ ନିଲାମ ଦାତା (ମାର୍ଚ୍ଚ 2016) 69.80 ଲକ୍ଷ ଟଙ୍କା ଦର୍ଶାଇଥିଲେ ମଧ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇନଥିଲା ଏବଂ ରେକର୍ଡରେ ଏହାର କାରଣ (ସେପ୍ଟେମ୍ବର 2022) ଉପଲବ୍ଧ ନଥିଲା । ଫଳରେ 2022 ସେପ୍ଟେମ୍ବର ସୁଦ୍ଧା ଡିପିଆର୍ ପ୍ରସ୍ତୁତ ହୋଇନଥିବାରୁ 14.53 ଲକ୍ଷ ଟଙ୍କା ବ୍ୟୟ ନିଷ୍ଫଳ ହୋଇଥିଲା । ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲେ ମଧ୍ୟ ପ୍ରକଳ୍ପ ଶେଷ ହେବାରେ ବିଳମ୍ବ ଏବଂ ଠିକା ପରିଚାଳନାରେ ତ୍ରୁଟି ପାଇଁ ବିଭାଗ, କାର୍ଯ୍ୟାନୁଷ୍ଠାନ ପାଇଁ (ଜୁନ୍ 2014 ରେ) ନିର୍ଦ୍ଦେଶ ଦେଇଥିଲା । ଡିପିଆର୍ ପ୍ରସ୍ତୁତ ନ ହେବାରୁ ବିଇଏମ୍‌ସି ପାଇଁ ସେୱରେଜ୍ ପ୍ରକଳ୍ପ ଆରମ୍ଭ ହୋଇପାରି ନଥିଲା ଏବଂ ମାର୍ଚ୍ଚ 2022 ସୁଦ୍ଧା ନିଗମ ଅଞ୍ଚଳର 64 ଏମ୍‌ଏଲ୍‌ଡିର ସେୱରେଜ୍ ବର୍ଜ୍ୟବସ୍ତୁ ସିଧାସଳଖ ସମୁଦ୍ରକୁ ନିଷ୍କାସିତ ହେଉଥିଲା, ଯାହା ଜଳ ପ୍ରଦୂଷଣ ସୃଷ୍ଟି କରୁଥିଲା ।

ସରକାରଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି (ଜୁଲାଇ 2024 ସୁଦ୍ଧା) ।

### 3.2.6.2 ଭୁବନେଶ୍ୱରରେ ବିଦ୍ୟମାନ ସେୱରେଜ୍ ବ୍ୟବସ୍ଥାକୁ ଏସ୍‌ଟିପି ସହ ସଂଯୋଗ କରିବା ପାଇଁ ଯୋଜନାର ଅବହେଳା

**ବର୍ତ୍ତମାନର 500.800 କିଲୋମିଟର ସେୱରେଜ୍ ଲାଇନ୍ ମଧ୍ୟରୁ ମାତ୍ର 121.16 କିଲୋମିଟର ସଂଯୋଗ ହୋଇଥିବାରୁ ନିକଟସ୍ଥ ଡ୍ରେନ୍‌କୁ ନର୍ଦ୍ଦମା ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇଛି, ଯାହା ପରିବେଶ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଭୁବନେଶ୍ୱର ସହରର ନୂତନ ଦୁଇଟି ଏସ୍‌ଟିପିକୁ ବର୍ତ୍ତମାନର ସେୱରେଜ୍ ଲାଇନ୍ ସଂଯୋଗ ପାଇଁ ଯୋଜନାରେ ତ୍ରୁଟି ପରିଲକ୍ଷିତ ହେଉଛି ।**

ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଅଧିନିୟମ 1974 ର ଧାରା 24 ର ଅନୁଚ୍ଛେଦ (ଏ) ଅନୁଯାୟୀ କୌଣସି ବ୍ୟକ୍ତି ଜାଣିଶୁଣି ରାଜ୍ୟ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ନିର୍ଦ୍ଧାରିତ କୌଣସି ବିଷାକ୍ତ କିମ୍ବା ପ୍ରଦୂଷଣକାରୀ ପଦାର୍ଥକୁ କୌଣସି ଝରଣା, କୂଅ, ନର୍ଦ୍ଦମା କିମ୍ବା ଜମିରେ ପକାଇବାକୁ (ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ) ଅନୁମତି ଦେଇପାରିବେ ନାହିଁ । ଆଇଆରସି-ଏସ୍‌ପି-SP: 50-2013 ମାର୍ଗଦର୍ଶିକାର ଅନୁଚ୍ଛେଦ 8 ରେ ସେୱରେଜ୍, ଡ୍ରେନ୍ ଏବଂ ଏହାର ସାମଗ୍ରୀକୁ ଏସ୍‌ଡବ୍ଲ୍ୟୁଡିକୁ ଛାଡ଼ିବାକୁ ମଧ୍ୟ ନିଷେଧ କରାଯାଇଛି ।

ୱାଟ୍‌କୋ ଡିଭିଜନ୍ ନଂ I ଏବଂ II ର ରେକର୍ଡ ସୂତ୍ରରୁ ପ୍ରକାଶ ଯେ, ଭୁବନେଶ୍ୱର, 500.800 କିଲୋମିଟର ପୁରୁଣା ସେୱରେଜ୍ ଲାଇନ୍ ଏବଂ 30,760 ମ୍ୟାନ ହୋଲ୍ ଚାମ୍ବର[75] ଏସଟିପି ବିନା ରହିଛି ଏବଂ ଉତ୍ପନ୍ନ ହେଉଥିବା ସେୱରେଜ୍ ସିଧାସଳଖ ଏସ୍‌ଡବ୍ଲ୍ୟୁଡି ସିଷ୍ଟମକୁ ନିଷ୍କାସିତ ହେଉଛି । ଡିସେମ୍ବର 2020 ରୁ ଚାରିଟି[76] ଟି ନୂଆ ଏସ୍‌ଟିପି ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଛି । ସେହି ଅନୁଯାୟୀ ପ୍ରଦୂଷଣ ରୋକିବା ପାଇଁ ବିଦ୍ୟମାନ ସେୱରେଜ୍ ଲାଇନ୍‌କୁ ଏସ୍‌ଟିପି ସହ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯିବାର ଥିଲା ।

ଏହି ପରିପ୍ରେକ୍ଷୀରେ ୱାଟ୍‌କୋ ଡିଭିଜନ ନଂ-II ଅଧୀନରେ ଥିବା 322.27 କିଲୋମିଟର ସେୱରେଜ୍ ଲାଇନ୍ ମଧ୍ୟରୁ 121.16 କିଲୋମିଟର (37.60 ପ୍ରତିଶତ) ଦୁଇଟି ନୂତନ ଏସ୍‌ଟିପି[77] (ନଭେମ୍ବର 2022 ସୁଦ୍ଧା) ସହିତ ସଂଯୋଗ ହୋଇଛି ଏବଂ 297 ଟି ସ୍ଥାନରେ ଅନଧିକୃତ ଜବରଦଖଲ ଯୋଗୁଁ 21.82 କିଲୋମିଟର ରୁ ଅଧିକ ନର୍ଦ୍ଦମା ଲାଇନ୍ ଏବଂ 1673 ମ୍ୟାନହୋଲ୍‌ର ରକ୍ଷଣାବେକ୍ଷଣରେ ବାଧା ସୃଷ୍ଟି ହେଉଥିବାର ଲକ୍ଷ୍ୟ କରାଯାଇଥିଲା । ଏହି ଜବରଦଖଲ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା । ୱାଟ୍‌କୋ ଡିଭିଜନ ନଂ 1 କୁ ନେଇ

[75] ୱାଟ୍‌କୋ ଡିଭିଜନ ସଂଖ୍ୟା. I - 178.530 କିମି ସେୱେର ଲାଇନ୍ ଏବଂ 11,865 ମ୍ୟାନହୋଲ୍ ଏବଂ ୱାଟ୍‌କୋ ଡିଭିଜନ ସଂଖ୍ୟା. II - 322.27 କିମି ସେୱେର ଲାଇନ୍ ଏବଂ 18,895 ମ୍ୟାନହୋଲ

[76] ବାସୁଆଘାଇ, କୋଚିଲାପୁର, ମେହେରପାଲି ଏବଂ ପାଇକରାପୁର

[77] ବାସୁଆଘାଇ ଏବଂ କୋଚିଲାପୁର

ସମୀକ୍ଷା ସମାନ ବିଶ୍ଳେଷଣ କରିପାରିଲା ନାହିଁ, କାରଣ ଏହା ଆବଶ୍ୟକ ସୂଚନା ପ୍ରଦାନ କଲେ ନାହିଁ । ଉପରୋକ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ନୂତନ ଏସ୍‌ଟିପିକୁ ସଂଯୋଗ କରିବା ପାଇଁ ଥିବା ସ୍ୱେରେଜ୍ ଲାଇନ୍‌କୁ ସଂଯୋଗ କରିବା ପାଇଁ ଜବରଦଖଲ ଚିହ୍ନଟ ହୋଇନଥିବାରୁ ଯୋଜନାରେ ଅବହେଳା ପରିଲକ୍ଷିତ ହୋଇଛି ।

ୱାଟ୍‌କୋ ଅଧିକାରୀଙ୍କ ସହ ମିଶି ସ୍ୱେରେଜ୍ ଲାଇନର ଜେପିଭି ସମୟରେ ଦେଖିବାକୁ ମିଳିଥିଲା ଯେ ପୁରୁଣା ସ୍ୱେରେଜ୍ ଲାଇନ୍‌ରେ ନିୟମିତ ମରାମତି/ ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇନଥିଲା, ଯେଉଁଥିପାଇଁ ପାଇପ୍‌ରେ କାଦୁଅ ଏବଂ ମ୍ୟାନହୋଲ୍‌ରେ ଅବରୋଧକୁ ଏଡ଼ାଇ ଦିଆଯାଇଥିଲା । ଏଭଳି କିଛି ଉଦାହରଣ ଫଟୋଗ୍ରାଫ୍ **24** ଓ **25** ରେ ପ୍ରଦର୍ଶିତ ହୋଇଛି ।




**ଫଟୋ 24:** ନୟାପଲ୍ଲୀ, ନୂଆସାହି, ୱାର୍ଡ ନଂ.38 ବିଏମ୍‌ସି ଡ୍ରେନ୍ ନଂ.10




**ଫଟୋ 25:** ବିଜେବି ନଗର, ଭୁବନେଶ୍ୱର ଠାରେ ସ୍ୱେର ଲାଇନ୍ ଅନଧିକୃତ ଜବରଦଖଲ

ଏହାର ଉତ୍ତରରେ ସରକାର କହିଛନ୍ତି (ଅପ୍ରେଲ 2023) ଯେ, ଅନଧିକୃତ ଜବରଦଖଲ ଉଚ୍ଛେଦ କରିବାର କ୍ଷମତା ବିଏମ୍‌ସି ପାଖରେ ରହିଛି । ଅକ୍ଟୋବର 2019 ରୁ ୱାଟ୍‌କୋକୁ ନର୍ଦ୍ଦମା ଲାଇନ୍ ହସ୍ତାନ୍ତର କରାଯାଇଥିବାରୁ ଉତ୍ତର ସନ୍ତୋଷଜନକ ନୁହେଁ । ତେବେ ଜବରଦଖଲ ଉଚ୍ଛେଦ ଦିଗରେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିବାରୁ ସହରରେ ସ୍ୱେରେଜ୍ ପରିଚାଳନା ଯୋଜନାରେ ତ୍ରୁଟି ପରିଲକ୍ଷିତ ହେଉଛି ।

### 3.2.6.3 ସ୍ୱେରେଜ୍ କାର୍ଯ୍ୟ ପାଇଁ ଡିପିଆର୍ ପ୍ରସ୍ତୁତି ଓ ଆକଳନରେ ତ୍ରୁଟି

ଓଡବ୍ଲୁଡି କୋଡ୍‌ର ଅନୁଚ୍ଛେଦ 3.2.7 ରେ କୁହାଯାଇଛି ଯେ, ପ୍ରସ୍ତାବିତ ପ୍ରତ୍ୟେକ କାର୍ଯ୍ୟ ପାଇଁ, ଏକ ସଠିକ୍ ବିସ୍ତୃତ ଆକଳନ ପ୍ରସ୍ତୁତ କରିବାକୁ ହେବ ଏବଂ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ବୈଷୟିକ ଅନୁମୋଦନ ପ୍ରାପ୍ତ କରିବାକୁ ହେବ କାରଣ ବିସ୍ତୃତ ଆକଳନ/ବୈଷୟିକ ଅନୁମୋଦନ ପ୍ରସ୍ତାବ ଢାଞ୍ଚାଗତ ଭାବରେ ସଠିକ ଏବଂ ଆକଳନ ସଠିକ ଭାବରେ ଗଣନା କରଯାଇଛି ଓ ପର୍ଯ୍ୟାପ୍ତ ତଥ୍ୟ ଉପରେ ଆଧାରିତ ବୋଲି ଗ୍ୟାରେଣ୍ଟି ଦେଇଥାଏ । କୋଡ୍‌ର ଅନୁଚ୍ଛେଦ 3.4.10 ରେ ଆହୁରି ମଧ୍ୟ କୁହାଯାଇଛି ଯେ ଦରର ଅନୁମୋଦିତ କାର୍ଯ୍ୟସୂଚୀ ଆଧାରରେ ଆକଳନ ପ୍ରସ୍ତୁତ କରାଯିବ ଏବଂ କାର୍ଯ୍ୟ ସମ୍ପାଦନ କରିବାର ସବୁଠାରୁ ମିତବ୍ୟୟିତା ଏବଂ ସୁରକ୍ଷିତ ଉପାୟ ପ୍ରଦାନ କରାଯିବ ।

ଓଡବ୍ଲ୍ୟୁଏସଏସବିର ଡିପିଆର୍ ଯାଞ୍ଚ କରିବା ସମୟରେ ନିମ୍ନଲିଖିତ ତ୍ରୁଟି ଦେଖିବାକୁ ମିଳିଥିଲା ।

1. ଛଅଟି ଆକଳନରୁ[78] ଜଣାପଡ଼ିଛି ଯେ ଭୁବନେଶ୍ୱର, ରାଉରକେଲା ଏବଂ ସମ୍ବଲପୁରରେ ନର୍ଦ୍ଦମା ଲାଇନ୍ ସହିତ ଘରୋଇ ସଂଯୋଗ ପାଇଁ ଆବଶ୍ୟକ (ସେପ୍ଟେମ୍ବର 2016 ରୁ ନଭେମ୍ବର 2017) ଅନୁଯାୟୀ ନିରୀକ୍ଷଣ ଚେମ୍ବର[79] ଯୋଗାଇ ଦିଆଯାଇନାହିଁ । ରାଉରକେଲା ଏସ୍‌ଟିପି ପ୍ରକଳ୍ପରେ 3.51 କୋଟି ଟଙ୍କା (ଅର୍ଥାତ୍ ଆଇସି ପିଛା 827 ଟଙ୍କା) ବ୍ୟୟରେ 42,440 ଟି ନିରୀକ୍ଷଣ ଚେମ୍ବରକୁ ମୂଳ ପ୍ରସ୍ତାବରୁ

[78] ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା II, III ଏବଂ IV, ରାଉରକେଲା ଓ ସମ୍ବଲପୁର ସ୍ୱେରେଜ୍ ବ୍ୟବସ୍ଥାର ଆକଳନ

[79] ଡ୍ରେନ୍ ଏବଂ ସେମାନଙ୍କ କାର୍ଯ୍ୟଦକ୍ଷତା ଯାଞ୍ଚ କରିବାକୁ ବ୍ୟବହୃତ ହୁଏ, ନିରୀକ୍ଷଣ ଚେମ୍ବର ଡ୍ରେନ୍‌କୁ ଭୌତିକ ପ୍ରବେଶ ଅନୁମତି୍ଏ ନାହିଁ, ବରଂ ଏକ ସ୍ୱଷ୍ଟ ନିରୀକ୍ଷଣ କ୍ଷେତ୍ର ପ୍ରଦାନ କରେ, ଯେଉଁଠାରେ ଦୁଇ କିମ୍ବା ଅଧିକ ପାଇପ୍ ମିଶିଥାଏ ତାହା ଦେଖିବା ପାଇଁ

(ଡିସେମ୍ବର 2016) ବାଦ୍ ଦିଆଯାଇଥିଲା, କାରଣ ଉପଭୋକ୍ତାମାନେ[80] ନିରୀକ୍ଷଣ ଚେମ୍ବର ନିର୍ମାଣ କରିବେ ବୋଲି ସ୍ଥିର ହୋଇଥିଲା । କାର୍ଯ୍ୟ ଆରମ୍ଭ ହେବାର ଏକ ବର୍ଷ ପରେ (ଅର୍ଥାତ୍ ଜାନୁଆରୀ 2017) ସମସ୍ତ ଛଅଟି ଆକଳନରେ (ଜାନୁଆରୀ 2018) ନିରୀକ୍ଷଣ ଚେମ୍ବର ଅନ୍ତର୍ଭୁକ୍ତ କରି 2020 ଜାନୁଆରୀ ରୁ ଜୁଲାଇ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଆକଳନରେ 4,77,675 ନିରୀକ୍ଷଣ ଚେମ୍ବର ଅନ୍ତର୍ଭୁକ୍ତ କରିବାରେ ବିଳମ୍ବ ହେତୁ ନିରୀକ୍ଷଣ ଚେମ୍ବରର ଖର୍ଚ୍ଚ 80.03 କୋଟି ଟଙ୍କା (ଅର୍ଥାତ୍ ନିରୀକ୍ଷଣ ଚେମ୍ବର ପିଛା 1,675 ଟଙ୍କା) କୁ ବୃଦ୍ଧି କରାଯାଇଥିଲା, ଯାହାଫଳରେ 40.51 କୋଟି[81] ଟଙ୍କା ବ୍ୟୟ ବରାଦ ହୋଇଥିଲା । ଉପରୋକ୍ତ ମଧ୍ୟରୁ 17.77 କୋଟି[82] ଟଙ୍କା (ଜୁଲାଇ 2022 ସୁଦ୍ଧା) ଦେୟ ସହିତ ମାତ୍ର 1,06,070 ଆଇସି ସମ୍ପୂର୍ଣ୍ଣ ହୋଇଛି ।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି କହିଥିଲେ (ଅପ୍ରେଲ 2023) ଯେ କାର୍ଯ୍ୟ ସମ୍ପାଦନ ସମୟରେ ଅନୁଭବ କରାଯାଇଥିଲା ଯେ ଉପଭୋକ୍ତାମାନେ ଆଇସି ନିର୍ମାଣ ପାଇଁ ଆଗ୍ରହୀ ନୁହଁନ୍ତି ଏବଂ ନିରୀକ୍ଷଣ ଚେମ୍ବର ବିନା ପ୍ରକଳ୍ପ ଆରମ୍ଭ ହେବା ପରେ ଘରୋଇ ସଂଯୋଗରେ ଅସୁବିଧା ହେବ । ତେଣୁ, ଅତିରିକ୍ତ କାମ ଭାବେ ନିରୀକ୍ଷଣ ଚେମ୍ବର ନିର୍ମାଣ କରାଯାଇଥିଲା । ତେବେ ବାସ୍ତବ କଥା ହେଉଛି, ଭୁଲ୍ ନିଷ୍ପତ୍ତି ଯୋଗୁଁ ସେୱରେଜ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇଛି ।

2. ସମ୍ବଲପୁର ଓ ରାଉରକେଲା ମହାନଗର ନିଗମର ସେୱରେଜ୍ ସିଷ୍ଟମ ନିର୍ମାଣ କାର୍ଯ୍ୟ ଇପିସି ମୋଡରେ ଜାନୁଆରୀ 2020 ସୁଦ୍ଧା ଶେଷ ହେବାର ତାରିଖ ଧାର୍ଯ୍ୟ କରି ଠିକାଦାରଙ୍କୁ 622.51 କୋଟି ଟଙ୍କାରେ ପ୍ରଦାନ (ଜାନୁଆରୀ 2017) କରାଯାଇଥିଲା । ସମ୍ବଲପୁର ଓ ରାଉରକେଲା ପଶ୍ଚିମ ପ୍ରକଳ୍ପ ପାଇଁ ଉପରୋକ୍ତ ସେୱରେଜ୍ କାର୍ଯ୍ୟର ମଞ୍ଜୁର ଆକଳନରେ 1,15,432 ବର୍ଗ ମିଟର ବିଶିଷ୍ଟ ସିମେଣ୍ଟ କଂକ୍ରିଟ୍ ରାସ୍ତାର ପୁନରୁଦ୍ଧାର ପାଇଁ କେବି ଇଟା ଫ୍ଲାଟ୍ ସୋଲିଂ ଓ ବାଲି ଭର୍ତ୍ତି ପାଇଁ 5.30 କୋଟି[83] ଟଙ୍କା ବ୍ୟୟ ବରାଦ କରାଯାଇଛି । ଦେୟ ସୂଚୀ ଯାଞ୍ଚରୁ ଜଣାପଡ଼ିଛି ଯେ, ଯଦିଓ ଏଭଳି କୌଣସି କେବି ଇଟା ସୋଲିଂ ପ୍ରଦାନ କରାଯାଇ ନାହିଁ, ତଥାପି ଟେଣ୍ଡର ପାଇଁ ରଖାଯାଇଥିବା ରାଶିରୁ ଦର ବାଦ୍ ଦିଆଯାଇନାହିଁ । କେବି ଇଟା ଫ୍ଲାଟ୍ ସୋଲିଂର ଖର୍ଚ୍ଚକୁ ଟେଣ୍ଡର ପାଇଁ ରଖାଯାଇଥିବା ବୈଷୟିକ ମଞ୍ଜୁରୀ ଖର୍ଚ୍ଚରୁ ବାଦ୍ ନଦେବା ଫଳରେ ଠିକାଦାରମାନଙ୍କୁ 5.30 କୋଟି ଟଙ୍କାର ଅଯଥା ଫାଇଦା ମିଳିଥିଲା ।

ଡିପିଆରରେ ତ୍ରୁଟି, କାର୍ଯ୍ୟ ପ୍ରଦାନରେ ବିଳମ୍ବ ଏବଂ କାର୍ଯ୍ୟ ପରିସରରେ ବାରମ୍ବାର ପରିବର୍ତ୍ତନ ଯୋଗୁଁ ଜାଇକା ପାଣ୍ଠି ପ୍ରାପ୍ତ ସେୱରେଜ୍ ଏବଂ ଡ୍ରେନେଜ୍ ପ୍ରକଳ୍ପ **2022** ଜୁଲାଇ ସୁଦ୍ଧା ଅସମ୍ପୂର୍ଣ୍ଣ ପଡ଼ିରହିଛି, ଯାହା ଫଳରେ ଯଥାକ୍ରମେ **7** ବର୍ଷ ଏବଂ **2,999.63** କୋଟି ଟଙ୍କା ସମୟ ଓ ବ୍ୟୟ ବରାଦ ହୋଇଛି ।

3. ବିଏମ୍‌ସି ଓ ସିଏମ୍‌ସି ପାଇଁ ପ୍ରଥମେ 945.13 କୋଟି ଟଙ୍କା ବ୍ୟୟରେ ତିନୋଟି ସେୱରେଜ୍[84] ଏବଂ ଗୋଟିଏ ଡ୍ରେନେଜ୍[85] ବ୍ୟବସ୍ଥାର ଡିପିଆର୍ (ଆର୍ଥିକ ବର୍ଷ 2005-06) ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ଜାଇକା ସହାୟତାରେ 338.90[86] କିଲୋମିଟର ନର୍ଦ୍ଦମା ଲାଇନ୍ ବିଛାଇବା ଏବଂ ତିନୋଟି[87] ଏସ୍‌ଟିପି ନିର୍ମାଣ କରାଯାଇଥିଲା । 697[88] କିଲୋମିଟର ନର୍ଦ୍ଦମା ଲାଇନ୍ ପାଇଁ ସଂଶୋଧିତ ପ୍ରସ୍ତାବ (ଅଗଷ୍ଟ 2011) ଦାଖଲ କରାଯାଇଥିଲା, କାରଣ ଅଧିକ ଅଞ୍ଚଳ ଯୋଡ଼ା ଯାଇଥିଲା ଏବଂ ପ୍ରକଳ୍ପ ମୂଲ୍ୟ ସଂଶୋଧନ କରାଯାଇ (ସେପ୍ଟେମ୍ବର 2013) 2,974.66 କୋଟି ଟଙ୍କାକୁ ଅନୁମୋଦନ କରାଯାଇଥିଲା । ତେବେ ସରକାର ( ଜୁନ୍ 2017) ଏହାର ଲମ୍ବ 632[89] କିଲୋମିଟରକୁ ହ୍ରାସ କରି ପମ୍ପିଂ ଷ୍ଟେସନ[90]

---

80 ଘରୋଇ ବ୍ୟବହାରକାରୀ

81 80.03 କୋଟି ଟଙ୍କା – ( ₹1,675 - ₹827) X 4,77,675 ଟି ଆଇସିଗୁଡ଼ିକର

82 80.03 କୋଟି ଟଙ୍କା /4,77,675 ଟି ଆଇସିଗୁଡ଼ିକର X 1,06,070 ଟି ଆଇସିଗୁଡ଼ିକର

83 ସମ୍ବଲପୁର: 4.18 କୋଟି ଟଙ୍କା + ରାଉରକେଲା ପଶ୍ଚିମ: 1.12 କୋଟି ଟଙ୍କା)

84 ଭୁବନେଶ୍ୱର ସେୱରେଜ୍ ଜିଲ୍ଲା VI, କଟକ ସେୱରେଜ୍ ଜିଲ୍ଲା I ଏବଂ II

85 କଟକ ପାଇଁ ଗୋଟିଏ ଡ୍ରେନେଜ୍ ସିଷ୍ଟମ

86 ଭୁବନେଶ୍ୱର: 97.80 କିମି ଏବଂ କଟକ: 241.10 କିମି

87 ଭୁବନେଶ୍ୱର: ଗୋଟିଏ ଏବଂ କଟକ: ଦୁଇଟି

88 ଭୁବନେଶ୍ୱର: 287 କିମି ଏବଂ କଟକ: 410 କିମି

89 ଭୁବନେଶ୍ୱର: 252 କିମି ଏବଂ କଟକ: 380 କିମି

ସଂଖ୍ୟା 25 ରୁ 42 କୁ ବୃଦ୍ଧି କରିଛନ୍ତି । ପରବର୍ତ୍ତୀ ସମୟରେ କଟକ ସହର ପାଇଁ 9,407 କିଲୋମିଟର ମାଇକ୍ରୋ ଟନେଲିଂ ମାଧ୍ୟମରେ ପାଇପ ଲାଇନ୍ ବିଛାଇବା କାର୍ଯ୍ୟକୁ ସଂଶୋଧନ କରାଯାଇ (ଡିସେମ୍ବରର 2021) 46,544 କିଲୋମିଟରକୁ ବୃଦ୍ଧି କରାଯାଇଥିଲା, କାରଣ ଖୋଲା ନର୍ଦ୍ଦମା କାର୍ଯ୍ୟକାରୀ କରିବାରେ ଅସୁବିଧା ଦେଖାଦେଇଥିଲା । ସେହିପରି ପମ୍ପିଂ ଷ୍ଟେସନ ସଂଖ୍ୟା ମଧ୍ୟ କୌଣସି କାରଣ ନ ଦର୍ଶାଇ (ଜୁଲାଇ 2022) 42 ରୁ 56 କୁ ବୃଦ୍ଧି କରାଯାଇଥିଲା । ତେଣୁ, କାର୍ଯ୍ୟର ପରିସରରେ ବାରମ୍ବାର ପରିବର୍ତ୍ତନ, ଉପଯୁକ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ ନକରି ଡିପିଆର୍ ପ୍ରସ୍ତୁତିରେ ଅବହେଳାକୁ ସୂଚାଉଛି, ଯାହା ଫଳରେ ପ୍ରକଳ୍ପର ଖର୍ଚ୍ଚ ବୃଦ୍ଧି ପାଇଛି ଏବଂ ସମୟ କ୍ରମେ ଚାଲିଛି ।

ଆହୁରି ମଧ୍ୟ କଟକ ସେରେଜ୍ ଜିଲ୍ଲା I ଓ II ଏବଂ ଭୁବନେଶ୍ୱର ସେରେଜ୍ ଜିଲ୍ଲା ଷଷ୍ଠ ପାଇଁ 2013 ଜାନୁଆରୀରୁ ଜୁନ୍ ମଧ୍ୟରେ 950.79[91] କୋଟି ଟଙ୍କାରେ ତିନୋଟି ସେରେଜ୍ ଲାଇନ୍ ନିର୍ମାଣ କାର୍ଯ୍ୟ ଯଥାକ୍ରମେ 2016 ଜୁଲାଇ ଓ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ ପ୍ରଦାନ କରାଯାଇଥିଥିଲା । କଟକରେ ସଂସ୍ଥା 322.32 କିଲୋମିଟର ସେରେଜ୍ ଲାଇନ୍ ବିଛାଇଥିଲା, ସେଥିମଧ୍ୟରୁ 254.96 କିଲୋମିଟର (ଜୁଲାଇ 2022 ସୁଦ୍ଧା) କାର୍ଯ୍ୟକ୍ଷମ ହୋଇସାରିଥିଲା ଏବଂ ଜବରଦଖଲ ଯୋଗୁଁ ବାକି କାମ ଆରମ୍ଭ ହୋଇପାରି ନଥିଲା, ଫଳସ୍ୱରୂପ ସେରେଜ୍ ଲାଇନ୍ ଗୁଡ଼ିକ ସଂଯୋଗ ହୋଇପାରି ନଥିଲା । ସେହିପରି ଭୁବନେଶ୍ୱରରେ 252 କିଲୋମିଟର ରୁ 201.73 କିଲୋମିଟର ସେରେଜ୍ ଲାଇନ୍ ନିର୍ମାଣ ସରିଛି । ଉପରୋକ୍ତ ତିନୋଟି କାର୍ଯ୍ୟ (କଟକ ସେରେଜ୍ ଜିଲ୍ଲା I ଓ II ଏବଂ ଭୁବନେଶ୍ୱର ସେରେଜ୍ ଜିଲ୍ଲା VI) ପାଇଁ (ଜୁଲାଇ 2022 ସୁଦ୍ଧା) 1,561.48 କୋଟି ଟଙ୍କା ବ୍ୟୟ ହୋଇଥିଲା । ନର୍ଦ୍ଦମା ଲାଇନର ଲମ୍ବ, ଟ୍ରେଞ୍ଚଲେସ୍ ପଦ୍ଧତି ଏବଂ ପମ୍ପିଂ ଷ୍ଟେସନ୍ ଭଳି କାର୍ଯ୍ୟ ପରିସରରେ ପରିବର୍ତ୍ତନ ଯୋଗୁଁ ଖର୍ଚ୍ଚ ବୃଦ୍ଧି ପାଇଥିଲା ।

ସେହିପରି କଟକରେ ଡ୍ରେନେଜ୍ (ବକ୍ସ ଡ୍ରେନ ସମେତ ମୁଖ୍ୟ ଡ୍ରେନ୍[92]) ନିର୍ମାଣ ଓ ଥଇଥାନ କାର୍ଯ୍ୟ 659.09 କୋଟି ଟଙ୍କାରେ (ମାର୍ଚ୍ଚ 2013) ଦିଆଯାଇଥିଲା, 2016 ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ 201.23 କୋଟି ଟଙ୍କାର ବକ୍ସ ଡ୍ରେନ୍ କାମର ମନ୍ଥର ଅଗ୍ରଗତି ହେତୁ ମୂଳ ଚୁକ୍ତିରୁ (ଅଗଷ୍ଟ 2018) ବାଦ୍ ପଡ଼ିଥିଲା । 2023 ମାର୍ଚ୍ଚ ସୁଦ୍ଧା ମୁଖ୍ୟ ଡ୍ରେନ୍‌ର ଅବଶିଷ୍ଟ କାର୍ଯ୍ୟ ପାଇଁ 448.86 କୋଟି ଟଙ୍କା ଥିବା ବେଳେ ସଂସ୍ଥାକୁ 645.26 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଯାହାଫଳରେ 196.40 କୋଟି ଟଙ୍କା ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା । ଆହୁରି ମଧ୍ୟ ବକ୍ସ ଡ୍ରେନ୍ ପାଇଁ ସଂଶୋଧିତ ଆକଳନକୁ ବୈଷୟିକ ସ୍ତରରେ (ନଭେମ୍ବର 2020) 404.66 କୋଟି ଟଙ୍କାରେ ମଞ୍ଜୁର କରାଯାଇଥିଲା । ବକ୍ସ ଡ୍ରେନ୍ କାମ (ଜୁଲାଇ 2021) ଅନ୍ୟ ଏକ ଠିକାଦାରଙ୍କୁ 450.433 କୋଟି ଟଙ୍କାରେ ପ୍ରଦାନ କରାଯାଇ, 18 ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିପାଇଁ ଚୁକ୍ତି ପର୍ଯ୍ୟାୟରେ ବକ୍ସ ଡ୍ରେନ୍ ପାଇଁ 249.20 କୋଟି ଟଙ୍କା ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା । ତେବେ ମଇ 2023 ସୁଦ୍ଧା ଠିକାଦାରଙ୍କୁ 859.39 କୋଟି[93] ଟଙ୍କା ପ୍ରଦାନ କରି ଉଭୟ କାର୍ଯ୍ୟ (ମୁଖ୍ୟ ଡ୍ରେନ୍ ଓ ବକ୍ସ ଡ୍ରେନ୍) ଚାଲିଥିଲା ।

ଉପରୋକ୍ତ ଚାରୋଟି ପ୍ରକଳ୍ପ ନଅ ବର୍ଷରୁ ଅଧିକ ସମୟ ଧରି ସମ୍ପୂର୍ଣ୍ଣ ହୋଇନଥିବାରୁ ସିଇ, ଜାଇକା, ଓଡବ୍ଲୁଏସଏସବି, କଟକ 3,996.93 କୋଟି ଟଙ୍କାର ସଂଶୋଧିତ ପ୍ରଶାସନିକ ପ୍ରସ୍ତାବ ଦାଖଲ କରିଥିଲେ, ଯାହାକୁ ସରକାର (ସେପ୍ଟେମ୍ବର 2022) 3,944.76 କୋଟି ଟଙ୍କାରେ ଅନୁମୋଦନ କରିଥିଲେ ।

---

90 ପମ୍ପିଂ ଷ୍ଟେସନ, ଅନ୍ୟଥା ପମ୍ପିଂ ଷ୍ଟେସନ କିମ୍ବା ନର୍ଦ୍ଦମା ପମ୍ପିଂ ଷ୍ଟେସନ ଭାବରେ ପରିଚିତ, ଏକ ଷ୍ଟୋରେଜ୍ ଏବଂ ସଂଗ୍ରହ ଚେମ୍ବରର ଯାହା ବର୍ଜ୍ୟ ଜଳ କିମ୍ବା ନର୍ଦ୍ଦମା ଉତ୍ତୋଳନ ଏବଂ ବିତରଣ କରେ, ଯେତେବେଳେ ଏହା ପ୍ରାକୃତିକ ଭାବରେ ମାଧ୍ୟାକର୍ଷଣ ଦ୍ୱାରା ପରିବହନ କରାଯାଇପାରିବ ନାହିଁ

91 କଟକ ସେରେଜ୍ ଜିଲ୍ଲାଗୁଡ଼ିକ I ଏବଂ II 639.64 କୋଟି ଟଙ୍କା ପାଇଁ ଏବଂ ଭୁବନେଶ୍ୱର ସେରେଜ୍ ଜିଲ୍ଲା VI ପାଇଁ 311.15 କୋଟି ଟଙ୍କା

92 ଆୟତାକାର ଆକାରରେ କଭର ସ୍ଲାବ୍ ଥିବା ଡ୍ରେନ୍ ଗୁଡ଼ିକ ଯାନବାହନ ଚଳାଚଳ ପାଇଁ ବ୍ୟବହୃତ ହୁଏ

93 ମୁଖ୍ୟ ଡ୍ରେନ୍ ପାଇଁ 645.26 କୋଟି ଟଙ୍କା ଏବଂ ବକ୍ସ ଡ୍ରେନ୍ ଉପରେ 214.13 କୋଟି ଟଙ୍କା

https://youtu.be/AxlqQXB9g8I

ଧୋବିଜୋର ନାଳର ବର୍ଜ୍ୟଜଳ ବିନା ବିଶୋଧନରେ ମହାନଦୀକୁ ନିଷ୍କାସନ କରାଯାଉଥିଲା ।

ତେଣୁ, 2022 ଜୁଲାଇ ସୁଦ୍ଧା ଏହି ପ୍ରକଳ୍ପଗୁଡ଼ିକର ପରିସରରେ ବାରମ୍ବାର ପରିବର୍ତ୍ତନ ହେବା ଏବଂ ଉପଯୁକ୍ତ ଯୋଜନା ଅଭାବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିଲା, ଫଳରେ ସାତ ବର୍ଷର[94] ସମୟ ଅତିକ୍ରମ ହେବା ସହ 2999.63 କୋଟି[95] ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା ।

### 3.2.6.4 ସମ୍ବଲପୁରର ସହରରର ସ୍ୱେରେଜ୍ ପ୍ରକଳ୍ପ

ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.4.10 ଅନୁଯାୟୀ, ବିଭାଗୀୟ ଅଧିକାରୀ ବ୍ୟକ୍ତିଗତ ଭାବେ କାର୍ଯ୍ୟସ୍ଥଳ ପରିଦର୍ଶନ କରି ଅନୁମୋଦିତ ଏସ୍ଓଆର ଆଧାରରେ ଏବଂ କାର୍ଯ୍ୟ ସମ୍ପାଦନର ସର୍ବାଧିକ ମିତବ୍ୟୟିତା ଏବଂ ସୁରକ୍ଷିତ ଉପାୟ ପ୍ରଦାନ କରି ଅନୁମୋଦିତ ଆକଳନ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରମାଣିତ କରିବା ଉଚିତ୍ । ମହାନଦୀର ଜଳ ପ୍ରଦୂଷଣକୁ ଏଡାଇବା ପାଇଁ ସମ୍ବଲପୁର ସହରର ସ୍ୱେରେଜ ବ୍ୟବସ୍ଥା ନିର୍ମାଣ ପାଇଁ ଓଡିଶା ସରକାରଙ୍କୁ 373.74 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଥିଲା ।

ଓଡବ୍ଲ୍ୟୁଏସଏସବିର ରେକର୍ଡରୁ ଜଣାପଡିଛି ଯେ 213.35 କିଲୋମିଟର 200 ମିଲିମିଟରରୁ 300 ମିଲିମିଟର ବ୍ୟାସ ବିଶିଷ୍ଟ ଗ୍ରାଭିଟ ନର୍ଦ୍ଦମା, 39.38 କିଲୋମିଟର 200 ମିଲିମିଟରରୁ 1600 ମିଲିମିଟର ବ୍ୟାସ ବିଶିଷ୍ଟ ଆରସିସି ଗ୍ରାଭିଟ ନର୍ଦ୍ଦମା, 1180 ମିଟର 200 ମିଲିମିଟରରୁ 1600 ମିଲିମିଟର ବ୍ୟାସ ବିଶିଷ୍ଟ ଆରସିସି ଗ୍ରାଭିଟ ନର୍ଦ୍ଦମା ପାଇଁ ଟ୍ରେଞ୍ଚଲେସ ଟେକ୍ନୋଲୋଜି ମାଧ୍ୟମରେ, 230.84 କିଲୋମିଟର ବ୍ୟାସ ବିଶିଷ୍ଟ ଆରସିସି ହାଉସ ନର୍ଦ୍ଦମା, 8ଟି ସ୍ୱେରେଜ ପମ୍ପିଂ ଷ୍ଟେସନ, 7285 ମିଟର ମୁଖ୍ୟ ପାଇପ ଲାଇନ୍ ଉଠାଇବା ଏବଂ 40 ଏମଏଲଡିର ଏସଟିପି ନିର୍ମାଣ ପରିସର ଦିଆଯାଇଥିଲା । 324.32 କୋଟି ଟଙ୍କା ବ୍ୟୟରେ (ଜାନୁଆରୀ 2017) ଏହି କାମ ଇପିସି ମୋଡରେ 2020 ଜାନୁଆରୀ ସୁଦ୍ଧା ଶେଷ କରିବାକୁ ଏକ ସଂସ୍ଥାକୁ ପ୍ରଦାନ କରାଯାଇଥିଲା । ଓଡବ୍ଲ୍ୟୁଏସଏସବି ଏହି ପ୍ରକଳ୍ପ ପାଇଁ (ଅକ୍ଟୋବର 2022 ସୁଦ୍ଧା) 190.65 କୋଟି[96] ଟଙ୍କା ଖର୍ଚ୍ଚ କରିଥିଲା ।

ଏସଏମସିର ସ୍ୱେରେଜ୍ ପ୍ରକଳ୍ପ ପାଇଁ ଡିପିଆର୍ ପ୍ରସ୍ତୁତିରେ ତ୍ରୁଟି ଯୋଗୁଁ **2022** ଅକ୍ଟୋବର ସୁଦ୍ଧା ସ୍ୱେରେଜ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନଥିଲା ଏବଂ **190.65** କୋଟି ଟଙ୍କା ବ୍ୟୟ ବରାଦ ହୋଇପାରିନଥିଲା । ଏସଏମସି ଦ୍ୱାରା ଉତ୍ପାଦିତ ସମ୍ପୂର୍ଣ୍ଣ ସ୍ୱେରେଜ୍ ବର୍ଜ୍ୟବସ୍ତୁ ସିଧାସଳଖ ମହାନଦୀକୁ ନିଷ୍କାସିତ ହୋଇ ଜଳ ପ୍ରଦୂଷଣ ସୃଷ୍ଟି କରିଥିଲା ।

ସମୀକ୍ଷା (ନଭେମ୍ବର 2022) ଦର୍ଶାଇଛି ଯେ ଇପିସି ଚୁକ୍ତିର କାର୍ଯ୍ୟ ପରିସରରେ ଟୋପୋଗ୍ରାଫିକ୍ ସର୍ଭେ, ଭୂ-ଯାନ୍ତ୍ରିକ ଅନୁସନ୍ଧାନ ଏବଂ ବିସ୍ତୃତ ଡିଜାଇନ ଏବଂ ଚିତ୍ର ପ୍ରସ୍ତୁତି ଅନ୍ତର୍ଭୁକ୍ତ ଥିଲା । କାର୍ଯ୍ୟ ଆରମ୍ଭ ହେବାର ଅଢ଼େଇ ବର୍ଷ ପରେ ସଂସ୍ଥା, ମୃତ୍ତିକା ସଂରକ୍ଷଣ ଏବଂ ଅନୁସନ୍ଧାନ କାର୍ଯ୍ୟ (ଜୁଲାଇ 2019) କରିଥିଲା ଏବଂ ପଥରଗୁଡିକ[97] ସୂକ୍ଷ୍ମ ଏବଂ ନରମ ବିଭାଜିତ ପଥର ସ୍ତର ବୋଲି ଜାଣିବାକୁ ପାଇଥିଲା । ଏହି କାର୍ଯ୍ୟ ସମ୍ପାଦନ ସମୟରେ (ଫେବୃଆରୀ 2021) ବିଭିନ୍ନ ସ୍ଥାନରେ କଠିନ ଗ୍ରାନାଇଟ ପଥର ମୁଖ୍ୟତଃ ଦେଖିବାକୁ ମିଳିଥିଲା । ଏହି ଦୁଇଟି ଜିନିଷ ମୂଳ କାର୍ଯ୍ୟ ପରିସରର ଅଂଶ ହୋଇନଥିବାରୁ କଠୋର ପଥର ଏବଂ ମାଇକ୍ରୋ ଟନେଲିଂ କାମ ପାଇଁ ସଂଶୋଧିତ ମୂଲ୍ୟ ଆକଳନ( ନଭେମ୍ବର 2021) ସଂସ୍ଥା ଦାଖଲ କରିଥିଲା । 253 କିଲୋମିଟର ନର୍ଦ୍ଦମା ଲାଇନ 913.35 +39.38 କିଲୋମିଟର) ମଧ୍ୟରୁ ସଂସ୍ଥା ମାତ୍ର 69 କିଲୋମିଟର (ନଭେମ୍ବର 2022) ସୁଦ୍ଧା ବିଛାଇଥିଲା, ଯେଉଁଥିରେ ମାତ୍ର 9 କିଲୋମିଟର ନିରନ୍ତର ରହିଥିଲା ଏବଂ ଅବଶିଷ୍ଟ 60 କିଲୋମିଟର ବିକ୍ଷିପ୍ତ ଭାବରେ ସହରରେ ବିଭିନ୍ନ ସ୍ଥାନରେ ବିଛାଯାଇଥିଲା ଏବଂ ସଂଯୋଗ ହୋଇପାରିନଥିଲା ଖନନ ସମୟରେ କଠୋର ପଥର ଶଯ୍ୟା ଥିବା ଯୋଗୁଁ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ନଭେମ୍ବର 2022 ସୁଦ୍ଧା 30,635 ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ କୌଣସି ଘରୋଇ ନର୍ଦ୍ଦମା ସଂଯୋଗ ହୋଇପାରିଲା ନାହିଁ । ପରୀକ୍ଷଣ ଉଦ୍ଦେଶ୍ୟରେ 24.28 ଲକ୍ଷ ଟଙ୍କା ବ୍ୟୟରେ 73.20 ମିଟରର 1,000 ମିଲିମିଟର ବ୍ୟାସ ବିଶିଷ୍ଟ (ଡିସେମ୍ବର 2020) ଏସଟିପିକୁ ଧୋବିଜୋର ନାଳ ସହିତ ସଂଯୋଗ କରାଯାଇଥିଲା । ଠିକା ଅବଧି ମଧ୍ୟରେ ସଂସ୍ଥା କାମ କରିବାରେ ବିଫଳ ହୋଇଥିବାରୁ, ଠିକାଦାରଙ୍କ ଖରାପ ପ୍ରଦର୍ଶନ ଓ ସ୍ୱେରେଜ ପ୍ରକଳ୍ପ ଠିକ ସମୟରେ ସମ୍ପୂର୍ଣ୍ଣ ହୋଇନଥିବାରୁ,

---

94 କାର୍ଯ୍ୟ ଶେଷ ହେବାର ନିର୍ଦ୍ଧାରିତ ତାରିଖ (ଜୁଲାଇ ଓ ଡିସେମ୍ବର 2016) ଠାରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ

95 3,944.76 କୋଟି ଟଙ୍କା - 945.13 କୋଟି ଟଙ୍କା

96 ଠିକାଦାରଙ୍କୁ ଦେୟ: 135.98 କୋଟି ଟଙ୍କା + ଜମି ଅଧିଗ୍ରହଣ ଦେୟ: 48.56 କୋଟି ଟଙ୍କା + ଅନ୍ୟ ସଂସ୍ଥା (ବିଦ୍ୟୁତ ଯୋଗାଣ, କମ୍ପାଉଣ୍ଡ ୱାଲ୍ ଏବଂ ଇନସ୍ପେକ୍ସନ ଚେମ୍ବର)କୁ ଦେୟ: 4.53 କୋଟି ଟଙ୍କା + କନସଲଟାନ୍ସି ସେବା ଅର୍ଥାତ କର୍ତ୍ତୃପକ୍ଷ ଯନ୍ତ୍ରୀଙ୍କୁ ଦେୟ: ସ୍ୱେରେଜ୍ କାର୍ଯ୍ୟର ତଦାରଖ ପାଇଁ 1.58 କୋଟି ଟଙ୍କା

97 ମାଟିର ଗଠନକୁ ସୂକ୍ଷ୍ମରୁ ମୋଟା ପର୍ଯ୍ୟନ୍ତ ମୂଲ୍ୟାଙ୍କନ କରଯାଇପାରେ । ଏକ ସୂକ୍ଷ୍ମ ଗଠନ ମାଟି ଏବଂ ମାଟି ପରି ସୂକ୍ଷ୍ମ କଣିକାର ଏକ ଉଚ୍ଚ ଅନୁପାତକୁ ସୂଚିତ କରେ । ଏକ ମୋଟା ଗଠନ ସୂଚିତ କରେ ବାଲିର ଏକ ଉଚ୍ଚ ଅନୁପାତ

ଚୁକ୍ତିନାମାର ବ୍ୟବସ୍ଥା ଅନୁଯାୟୀ ଜରିମାନା ଆଦାୟ ସହ ଓଡବ୍ଲ୍ୟୁଏସଏସବି (ଅକ୍ଟୋବର 2022) ଚୁକ୍ତି ରଦ୍ଦ ପାଇଁ ପ୍ରସ୍ତାବ ଦାଖଲ କରିଥିଲା । ଉପରୋକ୍ତ ପ୍ରସ୍ତାବର ଅନୁମୋଦନକୁ ସରକାରଙ୍କ ଠାରୁ (ନଭେମ୍ବର 2022 ସୁଦ୍ଧା) ଅପେକ୍ଷା କରାଯାଇଥିଲା । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବାରୁ ସମ୍ବଲପୁର ସହରର ବର୍ଜ୍ୟଜଳ  ମହାନଦୀକୁ ନିଷ୍କାସିତ ହେବା ଫଳରେ ଜଳ ପ୍ରଦୂଷଣ ହେବା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି ।

ସମୀକ୍ଷା ଆହୁରି ମଧ୍ୟ ଉଲ୍ଲେଖ କରିଛି ଯେ ଏସପିସିବି ଦ୍ୱାରା ବିନାଖଣ୍ଡିସ୍ଥିତ ଏସଟିପି ପମ୍ପ ହାଉସ ନିକଟରେ ଧୋବିଜୋର ନାଳରୁ ସଂଗ୍ରହ କରାଯାଇଥିବା ଜଳ ନମୁନା ଅନୁଯାୟୀ, ବିଓଡିର[98] ସାନ୍ଦ୍ରତା 32 ମିଗ୍ରା/ ଲିଟର ଥିଲା ବେଳେ 3 ମିଗ୍ରା/ଲିଟର ଅନୁମୋଦିତ ସୀମା ଥିଲା; ମୋଟ କୋଲି ଫର୍ମ (ଟିସି) 5000 ଏମପିଏନ /100 ମିଲିମିଟର ସୀମା ଥିବା ବେଳେ 1,60,000 ଏମପିଏନ / 100 ମିଲି ଥିଲା ଏବଂ ଫିକାଲ କୋଲିଫର୍ମ (ଏଫସି) 2,500 ଏମପିଏନ / 100 ମିଲି ଲିଟର ସୀମା ତୁଳନାରେ 1,60,000 ଏମପିଏନ /100 ମିଲି ଥିଲା । **ଫଟୋ 26** ଓ **27** ରେ ସେ୍ୱରେଜ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିଲା ଏବଂ ମହାନଦୀରେ ବର୍ଜ୍ୟଜଳ ନିଷ୍କାସନ ହେଉଥିବା ଦେଖିବାକୁ ମିଳିଛି ।



**ଫଟୋ 26:** ସମ୍ବଲପୁର ସେ୍ୱରେଜ୍ ପ୍ରକଳ୍ପର ଅଧାପନ୍ତରିଆ କାର୍ଯ୍ୟ



**ଫଟୋ 27:** ସେ୍ୱରେଜ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିବାରୁ ଧୋବିଜୋର ନାଳ ଜଳ ମହାନଦୀରେ ପ୍ରବେଶ କରୁଥିଲା

ତେଣୁ ଡିପିଆର ପ୍ରସ୍ତୁତ ବେଳେ ମୃତ୍ତିକା ସ୍ତରର ସର୍ଭେ ଏବଂ ତଦନ୍ତରେ ଅବହେଳା ଯୋଗୁଁ ଠିକା ଅବଧି ମଧ୍ୟରେ କାମ ଶେଷ ହୋଇପାରିନଥିବା ବେଳେ ଏହି ସବୁ କାମରେ ହୋଇଥିବା 190.65 କୋଟି ଟଙ୍କା ବ୍ୟୟ ନିଷ୍ଫଳ ହୋଇଥିଲା ।

ଏହାର ଉତ୍ତରରେ ସରକାର (ମାର୍ଚ୍ଚ 2023) କହିଥିଲେ ଯେ 10 କିଲୋମିଟର ନର୍ଦ୍ଦମା ଲାଇନ ସହିତ ଏସଟିପି ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଛି । ସେ୍ୱରେଜ ବ୍ୟବସ୍ଥା ସହ ଘର ସଂଯୋଗ ହେବା ପରେ ଆଗାମୀ ଦିନରେ ଘରଗୁଡିକରୁ ବର୍ଜ୍ୟଜଳ ସଂଗ୍ରହ କରାଯାଇ ବିଶୋଧନ କରାଯିବ ଓ ସୁରକ୍ଷିତ ନିଷ୍କାସନ କରାଯିବ । ସଂସ୍ଥା ସମୁଦାୟ 69 କିଲୋମିଟର ନର୍ଦ୍ଦମା ଲାଇନ ବିଛାଇଥିବା ବେଳେ ସେଥିମଧ୍ୟରୁ ମାତ୍ର 10 କିଲୋମିଟର କାମ ଶେଷ ହୋଇ କାର୍ଯ୍ୟ କ୍ଷମ ହୋଇଥିବା ବେଳେ ଅବଶିଷ୍ଟ 59 କିଲୋମିଟର ସହରର ବିଭିନ୍ନ ସ୍ଥାନରେ ବିଛାଯାଇଥିବାରୁ ସଂଯୋଗ ହୋଇନଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । 30,635 ପରିବାରକୁ ସଂଯୋଗ ଲକ୍ଷ୍ୟ ବେଳେ ଏପର୍ଯ୍ୟନ୍ତ କୌଣସି ଘରୋଇ ନର୍ଦ୍ଦମା ସଂଯୋଗ ହୋଇପାରି ନାହିଁ, ଯେଉଁଥିପାଇଁ ପ୍ରକଳ୍ପ ପାଇଁ ହୋଇଥିବା ଖର୍ଚ୍ଚ ଫଳପ୍ରଦ ହୋଇ ନାହିଁ ।

### 3.2.6.5 ଜମି ଉପଲବ୍ଧତା ବିନା କାର୍ଯ୍ୟ ଆରମ୍ଭ

ରାଉରକେଲା ସହରର ଜଳ ପ୍ରଦୂଷଣ ରୋକିବା ପାଇଁ ରାଉରକେଲା ପୂର୍ବାଞ୍ଚଳ  ସେ୍ୱରେଜ ବ୍ୟବସ୍ଥା ନିର୍ମାଣ ପାଇଁ (ଜାନୁଆରୀ 2016) 89.41 କୋଟି ଟଙ୍କାରେ ପ୍ରଶାସନିକ ଅନୁମୋଦନ ମିଳିଥିଲା । ଓପିଡବ୍ଲ୍ୟୁଡି କୋଡ୍ ର ଅନୁଚ୍ଛେଦ 3.7.4 ଅନୁଯାୟୀ କୌଣସି ଦାୟିତ୍ୱବାନ ସିଭିଲ ଅଫିସରଙ୍କ ଦ୍ୱାରା ପିଡବ୍ଲ୍ୟୁଡିକୁ ଜମି ହସ୍ତାନ୍ତର ନହେବା ପର୍ଯ୍ୟନ୍ତ କୌଣସି କାମ ଆରମ୍ଭ କରାଯିବ ନାହିଁ ।  ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଜାରି ଇଞ୍ଜିନିୟରିଂ ପ୍ରକ୍ୟୁରମେଣ୍ଟ କନଷ୍ଟ୍ରକ୍ସନ (ଇପିସି) ଚୁକ୍ତିର ଅନୁଚ୍ଛେଦ 8.2.2 ଅନୁଯାୟୀ,

ରାଉରକେଲା ପୂର୍ବର ସେ୍ୱରେଜ୍ ପ୍ରକଳ୍ପ ପାଇଁ ଜମି ଉପଲବ୍ଧ ନହୋଇ **3,918.50** ମିଟର ପାଇଁ ସେ୍ୱରେଜ୍ ଲାଇନ୍ ପାଇପ୍ କ୍ରୟ ଯୋଗୁଁ ପ୍ରକଳ୍ପର ପରିସର ବିଚ୍ଛିନ୍ନ ହେବା ସହ ଉପରୋକ୍ତ ପାଇପ୍ କିଣିବା ପାଇଁ **7.25** କୋଟି ଟଙ୍କା ବ୍ୟୟ ବରାଦ କରାଯିବା ସହ **40** କୋଟି ଟଙ୍କାର ଓ୍ୱାଇଡିଏଫ୍ ଋଣ ଉପରେ **4.41** କୋଟି ଟଙ୍କାର ସୁଧ ପ୍ରଦାନ କରାଯାଇଛି ।

[98] ବାୟୋକେମିକାଲ ଅମ୍ଳଜାନ ଚାହିଦା

ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରିବାର 90 ଦିନ ମଧ୍ୟରେ ଏବଂ କୌଣସି ପରସ୍ଥିତିରେ ନିର୍ଦ୍ଧାରିତ ତାରିଖର 180 ଦିନ ପୂର୍ବରୁ ଠିକାଦାରଙ୍କୁ ସମସ୍ତ ଜମି ପ୍ରଦାନ କରିବାକୁ ପଡିବ ।

ଓଡବ୍ଲ୍ୟୁଏସଏସବିର ରେକର୍ଡରୁ ଜଣାପଡିଛି ଯେ ରାଉରକେଲା  ପୂର୍ବାଞ୍ଚଳର ସ୍ୱେରେଜ ବ୍ୟବସ୍ଥା ନିର୍ମାଣ ପାଇଁ 69.29 କୋଟି ଟଙ୍କା (5.009 ଏକର ପ୍ରତିବନ୍ଧକ ମୁକ୍ତ ଜମି ଉପଲବ୍ଧ ନଥାଇ) ବ୍ୟୟରେ (ଜାନୁଆରୀ 2017) କାମ ପ୍ରଦାନ କରାଯାଇଥିଲା ଏବଂ ଶେଷ ହେବାର ନିର୍ଦ୍ଧାରିତ ତାରିଖ ଜାନୁଆରୀ 2020 କିମ୍ବା ଏହା ପୂର୍ବରୁ ଥିଲା । ଦୁଇଟି ସ୍ୱେରେଜ ପମ୍ପିଂ ଷ୍ଟେସନ ପ୍ରତିଷ୍ଠା ଏବଂ ଆଠ ଏମଏଲଡି କ୍ଷମତାର ଏକ ଏସଟିପି ନିର୍ମାଣ,  46.44 କିଲୋମିଟର ପର୍ଯ୍ୟନ୍ତ ନର୍ଦ୍ଦମା ନେଟୱାର୍କ ବିଛାଇବା ପାଇଁ  କାମର ପରିସର ଥିଲା ।

ସମୀକ୍ଷାରୁ ଜଣାପଡିଛି ଯେ ଓଡବ୍ଲ୍ୟୁଏସଏସବି ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକାଦାରଙ୍କୁ ଜମି ହସ୍ତାନ୍ତର କରିବାରେ ସକ୍ଷମ  ହୋଇପାରିଲା ନାହିଁ, (ମାର୍ଚ୍ଚରୁ ଜୁନ 2017) ସ୍ଥାନୀୟ ଜନସାଧାରଣଙ୍କ ପ୍ରତିବନ୍ଧକ କାରଣରୁ ଏବଂ ଭାରତ ସରକାରଙ୍କ ଦ୍ୱାରା ପ୍ରକଳ୍ପକୁ ଡି-ସ୍କୋପ (ବନ୍ଦ) (ଅଗଷ୍ଟ 2020) କରାଗଲା । ଏହା ମଧ୍ୟରେ 3,918.5 ମିଟରର[99] ଡିଆଇ ପାଇପ୍ କିଣିବା ସହ ସ୍ୱେରେଜ ପ୍ରକଳ୍ପ ପାଇଁ ଭୌଗୋଳିକ ସର୍ଭେ ଓ ଡିଜାଇନ ଡ୍ରଇଂ ବାବଦରେ ଠିକାଦରଙ୍କୁ 2.84 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ପ୍ରକଳ୍ପ ସ୍ଥଳରେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଅଚଳ ହୋଇ ପଡିଥିବା ପାଇପ ଗୁଡିକୁ (ନଭେମ୍ବର 2022 ସୁଦ୍ଧା) ବ୍ୟବହାର କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିଲା ଏବଂ ଅଯଥା ବ୍ୟୟ ବ୍ୟତୀତ ଚୋରି ହେବାର ସମ୍ଭାବନା ଥିଲା ଅଧିକନ୍ତୁ ପ୍ରକଳ୍ପ ପାଇଁ ସରକାରୀ ଜମି ଉପଲବ୍ଧ ନଥାଇ ଉପରୋକ୍ତ ପାଇପ୍ କିଣିବା ପାଇଁ ସୁପାରିସ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଉତ୍ତରଦାୟୀତ୍ୱ ଧାର୍ଯ୍ୟ କରାଯାଇନଥିଲା ।




**ଫଟୋ 28:** ରାଉରକେଲା ପୂର୍ବ ପ୍ରକଳ୍ପ ପାଇଁ ଅବ୍ୟବହୃତ ସ୍ୱେରେଜ୍ ପାଇପ୍‌ଗୁଡ଼ିକ ପ୍ରକଳ୍ପ ପାର୍ଶ୍ୱରେ ଗଦା ହୋଇଛି

ଏଥି ସହ,  ଉପରୋକ୍ତ ପ୍ରକଳ୍ପ ପାଇଁ ଏପ୍ରିଲ 2014 ରୁ ଜାନୁଆରୀ 2017 ମଧ୍ୟରେ ଓଡିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ  ପାଣ୍ଠିରୁ (ଓୟୁଆଇଡିଏଫ୍) 40 କୋଟି ଟଙ୍କାର ଋଣ  ନେଇ, ଓଡବ୍ଲ୍ୟୁଏସଏସବି (ଜୁଲାଇ 2017 ରୁ ଡିସେମ୍ବର 2020) 4.41 କୋଟି ଟଙ୍କା ସୁଧ ବାବଦରେ ପ୍ରଦାନ କରିଥିଲା । ତେଣୁ ବିନା ବାଧା ବିଘ୍ନରେ ଜମି ନମିଳିବାରୁ 7.25 କୋଟି ଟଙ୍କା ଅଯଥା ବ୍ୟୟ ହୋଇଛି । ବାସ୍ତବ କଥା ହେଲା, ଭିତ୍ତିହୀନ ବ୍ୟୟ ବ୍ୟତୀତ ଏହି ପ୍ରକଳ୍ପ ସଂପୂର୍ଣ୍ଣ ନହେବା କାରଣରୁ ଘର ଗୁଡିକର ସ୍ୱେରେଜ ବର୍ଜ୍ୟବସ୍ତୁ ବ୍ରାହ୍ମଣୀ ଓ କୋଏଲ ନଦୀକୁ ନିଷ୍କାସନ ହେବା ଫଳରେ ଜଳ ପ୍ରଦୂଷଣ ହେବା ସହ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି । ପ୍ରକଳ୍ପ ପାଇଁ ଜମି ଉପଲବ୍ଧ ନଥାଇ ପାଇପ କିଣିବା ପାଇଁ ଦାୟୀ ଅଧିକାରୀଙ୍କ ଉପରେ  କୌଣସି ଦାୟିତ୍ୱ ଧାର୍ଯ୍ୟ କରାଯାଇନଥିଲା ।

ସରକାର କହଛନ୍ତି (ମାର୍ଚ୍ଚ 2023) ଯେ, ଓଡବ୍ଲ୍ୟୁଏସଏସବିରେ ଖର୍ଚ୍ଚ ଜମା କରିବା ପରେ ଉପରୋକ୍ତ ପାଇପଗୁଡ଼ିକୁ ରାଜ୍ୟରେ ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପରେ ବ୍ୟବହାର କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ । ଏହା ମଧ୍ୟରେ ଜଳ ଯୋଗାଣ ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଥିବା 592 ମିଟର ଲମ୍ବର 400 ମିଲିମିଟର ବ୍ୟାସ ବିଶିଷ୍ଟ (କେ9) ପାଇପ୍‌କୁ ୱାଟ୍‌କୋ ଡିଭିଜନ ରାଉରକେଲାକୁ ସ୍ଥାନାନ୍ତର କରାଯିବା ସହ ଅନ୍ୟାନ୍ୟ ଜଳ ଯୋଗାଣ ପ୍ରକଳ୍ପରେ ଅବଶିଷ୍ଟ ପାଇପ୍ ବ୍ୟବହାର ପାଇଁ ପଦକ୍ଷେପ ନିଆଯିବ । ଏହା ବ୍ୟତୀତ ଚୁକ୍ତିର ସର୍ତ୍ତ ଅନୁଯାୟୀ ସୁଧ ପ୍ରଦାନ ଅନିବାର୍ଯ୍ୟ ବୋଲି ସରକାର କହିଛନ୍ତି । ୱାଟ୍‌କୋ (ଜୁଲାଇ 2022) କୁ ହସ୍ତାନ୍ତର କରାଯାଇଥିବା 592 ମିଟର ଲମ୍ବର ପାଇପ୍ କ୍ରୟ ମୂଲ୍ୟ ଆଦାୟ ହୋଇନଥିବାରୁ ଏବଂ ଅବଶିଷ୍ଟ ପାଇପ୍ ଅନ୍ୟ

[99] 300 ମିଲିମିଟର ବ୍ୟାସ(କେ9) ପାଇପ୍ 1,318.5 ମିଟର + 400 ମିଲିମିଟର ବ୍ୟାସ(କେ9) ପାଇପ୍ 2,600 ମିଟର

ପ୍ରକଳ୍ପଗୁଡ଼ିକରେ ବ୍ୟବହାର ନ କରି ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଅଚଳ ଅବସ୍ଥାରେ ରହିଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ । ବାସ୍ତବକଥା ହେଲା, ଜମି ଅଧିଗ୍ରହଣ ନକରି ଋଣ ରାଶିକୁ ଚାରି ବର୍ଷରୁ ଅଧିକ ସମୟ ଧରି ଅବ୍ୟବହୃତ ରଖିବା ପରେ ସୁଧ ସହ ପରିଶୋଧ କରିବା ଅପରିପକ୍ୱ ଆର୍ଥିକ ପରିଚାଳନାକୁ ପ୍ରମାଣିତ କଲା ।

### 3.2.7 ସ୍ମାର୍ଟ ସିଟି ମିଶନ ଅଧିନରେ ଡ୍ରେନେଜ୍ ଓ ସ୍ୱେରେଜ୍ ପ୍ରକଳ୍ପ ପାଇଁ ଯୋଜନାରେ ଅବହେଳା

ସ୍ମାର୍ଟ ସିଟି ମିଶନ (ଏସସିଏମ୍)ର ଉଦ୍ଦେଶ୍ୟ ଥିଲା ସ୍ଥାୟୀ ବିକାଶ ଆଧାରରେ ସହରଗୁଡ଼ିକୁ ସେମାନଙ୍କ ନାଗରିକମାନଙ୍କୁ ମୂଳ ଭିତ୍ତିଭୂମି ଏବଂ ଉତ୍ତମ ଗୁଣାତ୍ମକ ଜୀବନ ପ୍ରଦାନ କରିବାକୁ ପ୍ରୋତ୍ସାହିତ କରିବା । ଡ୍ରେନେଜ୍ ଏବଂ ସ୍ୱେରେଜ୍ ପରିଚାଳନା ଏହାର ଅନ୍ୟତମ ମୁଖ୍ୟ ଉପାଦାନ ଥିଲା, ଯାହା ପାଞ୍ଚ ବର୍ଷ (2015-20) ର ମିଶନ ଅବଧି ମଧ୍ୟରେ ଶେଷ ହେବାର ଥିଲା । ଏସସିଏମ୍ ଅଧୀନରେ, ସହରଗୁଡ଼ିକୁ ସେମାନଙ୍କର ସ୍ମାର୍ଟ ସିଟି ପ୍ରସ୍ତାବ (ଏସସିପି) ପ୍ରସ୍ତୁତ କରିବାର ଥିଲା, ଯାହା ସେମାନଙ୍କର ସ୍ଥାନୀୟ ଉତ୍ସ, ସମ୍ବଳ ଏବଂ ଉନ୍ନତି ସ୍ତର ଅନୁଯାୟୀ ଉପଯୁକ୍ତ ଥିବ । ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆରଏସସିଏଲ) ପକ୍ଷରୁ ଏସ୍‌ସିଏମ୍ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ବିବରଣୀ ***ପରିଶିଷ୍ଟ IV*** ଓ **ସାରଣୀ 3.6** ରେ ଦିଆଯାଇଛି ।

**ସାରଣୀ 3.6: ବିଏସସିଏଲ ଏବଂ ଆରଏସସିଏଲ ଦ୍ୱାରା ଏସସିଏମ୍ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ**

*(ଟଙ୍କା କୋଟିରେ)*

| କ୍ର.ସଂ. | ସ୍ମାର୍ଟ ସିଟିର ନାମ | ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସଂଖ୍ୟା | ପ୍ରକଳ୍ପ ମୂଲ୍ୟ | କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସଂଖ୍ୟା | କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ମୂଲ୍ୟ | ନଭେମ୍ବର 2022 ସୁଦ୍ଧା ପ୍ରକୃତ ଖର୍ଚ୍ଚ |
|---|---|---|---|---|---|---|
| 1 | ଭୁବନେଶ୍ୱର | 57 | 4,537.00 | 37 | 1,504.32 | 745.60 |
| 2 | ରାଉରକେଲା | 33 | 2,571.27 | 61 | 950.91 | 429.07 |
| | ମୋଟ | **90** | **7,108.27** | **98** | **2,455.23** | **1,174.67** |

***ଉତ୍ସ:** ସ୍ମାର୍ଟ ସିଟି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା*

**ସାରଣୀ 3.6** ରୁ ଜଣାପଡୁଛି ଯେ ବିଏସସିଏଲ୍ 1,504.32 କୋଟି ଟଙ୍କା ବ୍ୟୟରେ 37 ଟି ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ବେଳେ ଏଥିପାଇଁ 745.60 କୋଟି ଟଙ୍କା ଖର୍ଚ୍ଚ ହୋଇଛି । ତେବେ ଏଥିପାଇଁ ଏସସିପିରେ ବ୍ୟବସ୍ଥା ଥିବା ସତ୍ତ୍ୱେ ବିଏସସିଏଲ, ଏସଟିପି/ ଡ୍ରେନେଜ୍ ପ୍ରକଳ୍ପ କାର୍ଯ୍ୟକାରୀ କରିନଥିବା ବେଳେ ଭୁବନେଶ୍ୱରରେ ଉତ୍ପନ୍ନ ହେଉଥିବା ସ୍ୱେରେଜ ବର୍ଜ୍ୟବସ୍ତୁ ବିଶୋଧନରେ 33.01 ଏମଏଲଡିର ବ୍ୟବଧାନକୁ ପୂରଣ କରିବା ପାଇଁ ଏସଟିପି କ୍ଷମତା ବୃଦ୍ଧିର ଆବଶ୍ୟକତା ରହିଥିଲା । ସେହିପରି ଆରଏସସିଏଲ ପ୍ରସ୍ତାବିତ 33 ଟି ପ୍ରକଳ୍ପ ବଦଳରେ 61 ଟି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲା, ଯାହାର ଚୁକ୍ତି ମୂଲ୍ୟ ଏକ ଲକ୍ଷରୁ 137.76 କୋଟି ଟଙ୍କା ମଧ୍ୟରେ ଥିଲା ଏବଂ 23 ଟି ପ୍ରକଳ୍ପର ମୂଲ୍ୟ ଏକ କୋଟି ଟଙ୍କାରୁ କମ୍ ଥିଲା । ରାଉରକେଲା ସହରରେ 10 ଏମଏଲଡି ସ୍ୱେରେଜ ବର୍ଜ୍ୟବସ୍ତୁ ଉତ୍ପାଦନ ଅଧିକ ଥିଲେ ମଧ୍ୟ ଆରଏସସିଏଲ କୌଣସି ସ୍ୱେରେଜ୍ ପ୍ରକଳ୍ପ କାର୍ଯ୍ୟକାରୀ କରିନଥିଲା ।

i) ବିଏସସିଏଲ୍ (ଅପ୍ରେଲ 2021) ସଡ଼କ ଓ ହ୍ରଦ ବିକାଶ ପାଇଁ 33.85 କୋଟି ଟଙ୍କାର ଏକ ମିଳିତ କାର୍ଯ୍ୟ ଆକଳନକୁ ଅନୁମୋଦନ କରିଥିଲା । ସତ୍ୟନଗର ଭୁବନେଶ୍ୱର ଜୋନ୍-3 ସ୍ଥିତ ହ୍ରଦର ଦକ୍ଷିଣ ପାର୍ଶ୍ୱରେ ନୂତନ ରାସ୍ତା ନିର୍ମାଣ ପାଇଁ 9.04 କୋଟି ଟଙ୍କା ବ୍ୟୟରେ ଠିକାଦାରଙ୍କୁ (ଜୁନ୍ 2022) କାମ ଆରମ୍ଭ ହେବା ଦିନ ଠାରୁ ଅର୍ଥାତ୍ ଜୁନ୍ 2023 ସୁଦ୍ଧା 12 ମାସ ମଧ୍ୟରେ ଶେଷ କରିବାକୁ ଦାୟିତ୍ୱ ଦିଆଯାଇଥିଲା । କାର୍ଯ୍ୟ ସମ୍ପାଦନ ସମୟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ (ଡିସେମ୍ବର 2022) ଘଟଣାସ୍ଥଳ ପରିଦର୍ଶନ କରି କିଛି ସଂଶୋଧନ / ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସଂସ୍ଥା (ଅପ୍ରେଲ 2023) କାର୍ଯ୍ୟ ଜାରି ରଖିବାକୁ ଅନିଚ୍ଛା ପ୍ରକାଶ କରିଥିଲା । ଇତି ମଧ୍ୟରେ ମାଟି ଖନନ ପାଇଁ ସଂସ୍ଥାକୁ 80 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ବୈଷୟିକ କମିଟି (ମଇ 2023) ଏହି ଚୁକ୍ତିକୁ ବନ୍ଦ କରିବାକୁ ସୁପାରିଶ କରିଥିଲା । ଫଳରେ କାମ ଛାଡ଼ିବା କାରଣରୁ 80 ଲକ୍ଷ ଟଙ୍କା ବ୍ୟୟ ଫଳପ୍ରଦ ହୋଇପାରିଲା ନାହିଁ ।

ii) ବିଏସସିଏଲ୍ (ଅକ୍ଟୋବର 2017) ଜନପଥ ରାସ୍ତାର ବିକାଶ, ରାସ୍ତା ଡିଜାଇନ୍, ସୌନ୍ଦର୍ଯ୍ୟକରଣ, ରାସ୍ତା କଡ଼ ଡ୍ରେନ୍ ସମେତ 79.57 କୋଟି ଟଙ୍କାରେ ବିକାଶ କାର୍ଯ୍ୟ ଆରମ୍ଭ ହେବାର 18 ମାସ ମଧ୍ୟରେ ଶେଷ କରିବା ପାଇଁ ଇପିସି ପଦ୍ଧତିରେ ଚୁକ୍ତି ପ୍ରଦାନ କରିଥିଲା, ଯାହାକୁ 2022 ଜାନୁଆରୀ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହି ଚୁକ୍ତିରେ ବାସ୍ତବ ସଡ଼କ ଦୂରତା 9.80 କିଲୋମିଟର ପାଇଁ 10.89 କୋଟି ଟଙ୍କା ପରିବର୍ତ୍ତେ ଉଭୟ ପାର୍ଶ୍ୱରେ 11.64 କିଲୋମିଟର ପାଇଁ 12.93 କୋଟି ଟଙ୍କା (ଅର୍ଥାତ୍ 16.25) ପ୍ରତିଶତ ଅନୁସୂଚୀ-ଏଚ୍ ଅନୁଯାୟୀ ଚୁକ୍ତିନାମା ଖର୍ଚ୍ଚର ମୂଲ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା । 80.49 କୋଟି ଟଙ୍କା (ସେପ୍ଟେମ୍ବର 2022) ବ୍ୟୟରେ ଏହି କାମ ଶେଷ ହୋଇଥିଲା । ତେଣୁ, 1.84 କିଲୋମିଟରରୁ ଅଧିକ ରାସ୍ତା କାର୍ଯ୍ୟକାରୀ କରିବାରୁ 2.01 କୋଟି[100] ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ କରାଯାଇଥିଲା, ଫଳରେ ଠିକାଦାରଙ୍କୁ ଅଯଥା ଫାଇଦା ମିଳିଥିଲା ।

iii) ଆରଏସସିଏଲ ପକ୍ଷରୁ (ଜୁଲାଇ 2021 ଓ ସେପ୍ଟେମ୍ବର 2021) ରାଉରକେଲାରେ 17 ଟି ଡ୍ରେନ୍ ମଧ୍ୟରୁ 10 ଟି ଡ୍ରେନ୍ ପାଇଁ 77.94 କୋଟି ଟଙ୍କା, ଅଗଷ୍ଟ 2022 ରୁ ମାର୍ଚ୍ଚ 2023 ମଧ୍ୟରେ ଶେଷ କରିବା ପାଇଁ ଆକଳନ କରାଯାଇଥିଲା ଏବଂ 12.623 କିଲୋମିଟର ମଧ୍ୟରୁ 9.109 କିଲୋମିଟର କାର୍ଯ୍ୟ ପାଇଁ 48.80 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । 10 ଟି କାମ ମଧ୍ୟରୁ ମାତ୍ର ଗୋଟିଏ କାମ ସରିଥିବା ବେଳେ ଅନ୍ୟ କାମ ଜମି ମଞ୍ଜୁର ହୋଇନଥିବାରୁ ଅଟକି ରହିଥିଲା । ତେବେ, ଉତ୍ପାଦିତ ସ୍ୱେରେଜ୍ ବର୍ଜ୍ୟବସ୍ତୁ ଓ ବିଶୋଧନ ପାଇଁ ଦିଆଯାଇଥିବା ଏସଟିପି କ୍ଷମତା ମଧ୍ୟରେ 10 ଏମଏଲଡି ବ୍ୟବଧାନ ରହିଥିଲେ ହେଁ କୌଣସି ସ୍ୱେରେଜ୍ ପ୍ରକଳ୍ପ ହାତକୁ ନିଆଯାଇ ନଥିଲା, ଯାହା ***ସାରଣୀ 3.7*** ରେ ଦର୍ଶାଯାଇଛି ।

**ସାରଣୀ 3.7: ଦୁଇଟି ସ୍ମାର୍ଟ ସିଟିରେ (ଏମଏଲଡିରେ) ଜଳ ଯୋଗାଣ, ସ୍ୱେରେଜ୍ ଉତ୍ପନ୍ନ ଏବଂ ବିଶୋଧନ ସୁବିଧାର ବିବରଣୀ**

| କ୍ର.ସଂ. | ସ୍ମାର୍ଟ ସିଟି | ସହରକୁ ଜଳ ଯୋଗାଣ | ଉତ୍ପନ୍ନ ହେଉଥିବା ନର୍ଦ୍ଦମା ବର୍ଜ୍ୟବସ୍ତୁ | ଓଡବ୍ଲୁଏସଏସବି ଦ୍ୱାରା ପ୍ରଦାନ କରାଯାଇଥିବା ବିଶୋଧନ କ୍ଷମତା | ଓଡବ୍ଲୁଏସଏସବି ଦ୍ୱାରା ବ୍ୟବହୃତ ବିଶୋଧନ କ୍ଷମତା | ବର୍ଜ୍ୟବସ୍ତୁକୁ ଜଳଭଣ୍ଡାରକୁ ଜଳ ଯୋଗାଣ ପାଇଁ ଅନୁମତି ପ୍ରଦାନ | ଡିଜାଇନ୍ କ୍ଷମତା ଏବଂ ବର୍ଜ୍ୟବସ୍ତୁ ଉତ୍ପାଦନରେ ବ୍ୟବଧାନ |
|---|---|---|---|---|---|---|---|
| 1 | ଭୁବନେଶ୍ୱର | 270.64 | 216.51 | 183.50 | 29.75 | 186.76 | 33.01 |
| 2 | ରାଉରକେଲା | 61.90 | 50.00 | 40.00 | 2.60 | 47.40 | 10.00 |
| | ମୋଟ | **332.54** | **266.51** | **223.5** | **32.35** | **234.16** | **43.01** |

*ଉତ୍ସ: ପିଏଚ୍(ଓ) ଏବଂ ଓଡବ୍ଲୁଏସଏସବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା*

ଏସ୍‌ସିଏମ୍ ଅଧୀନରେ ପରିବେଶ ଓ ସାମାଜିକ ମଙ୍ଗଳକାରୀ ପ୍ରକଳ୍ପ ଯଥା ଏସ୍‌ଡବ୍ଲୁଡି ନିର୍ମାଣ, ସ୍ୱେରେଜ୍ ଓ ଡ୍ରେନେଜ୍ ପ୍ରକଳ୍ପ ଯୋଜନା କ୍ଷେତ୍ରରେ ବିଏସସିଏଲ ଓ ଆରଏସସିଏଲ ଅବହେଳାକୁ ଏହି ତ୍ରୁଟି ସୂଚାଉଛି ।

ସରକାର କହିଛନ୍ତି (ମଇ 2023) ଯେ ଏସସିଏମର ମାର୍ଗଦର୍ଶିକା ଅନୁଯାୟୀ 20 ଏମଏଲଡି କ୍ଷମତାର ବିକେନ୍ଦ୍ରୀକୃତ ଏସଟିପି ସହିତ ନଗର ଅଞ୍ଚଳରୁ ଉତ୍ପନ୍ନ ସ୍ୱେରେଜର ବିଶୋଧନ ପାଇଁ ଡିଜାଇନ୍ କରାଯାଇଥିଲା । କିନ୍ତୁ ଓଡବ୍ଲୁଏସଏସବିର ସ୍ୱେରେଜ୍ ପ୍ରକଳ୍ପର ସମ୍ପୂର୍ଣ୍ଣ ଉପଯୋଗ ପାଇଁ ଉପରୋକ୍ତ ଅଞ୍ଚଳରୁ 56 ଏମଏଲଡି କ୍ଷମତାର ଏସଟିପିକୁ ସ୍ୱେରେଜ ପମ୍ପ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଡ୍ରେନେଜ୍ ପ୍ରକଳ୍ପ ସମ୍ପର୍କରେ ସରକାର ଆହୁରି ମଧ୍ୟ କହିଛନ୍ତି ଯେ ବିଏସସିଏଲ, ସ୍ମାର୍ଟ ଜନପଥ ପ୍ରକଳ୍ପ ଅଧୀନରେ 100 କୋଟି ଟଙ୍କାରେ ଏସଡବ୍ଲୁଡି ଡିଜାଇନ୍ ଓ କାର୍ଯ୍ୟକାରୀ କରିଥିବା ବେଳେ ହ୍ରଦ ପ୍ରକଳ୍ପର ଅଂଶ ବିଶେଷ ଭାବେ ଡ୍ରେନ୍ 10 ର ବିକାଶ କାର୍ଯ୍ୟ 30 କୋଟି ଟଙ୍କାରେ କରାଯାଇଛି । ସମ୍ପୃକ୍ତ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଜମି ସମସ୍ୟାର ସମାଧାନ ହୋଇନଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ ।

[100] 12.70 କୋଟି ଟଙ୍କା / 11.64 କିମି X 1.84 କିମି = 2.01 କୋଟି ଟଙ୍କା

ସ୍ମାର୍ଟ ଜନପଥରେ ରାସ୍ତା କାମର ବିକାଶ ପାଇଁ 2.01 ଲକ୍ଷ ଟଙ୍କା ଅତିରିକ୍ତ ଅର୍ଥ ଦିଆଯାଇଥିବାରୁ ଠିକାଦାରଙ୍କଠାରୁ ଆଦାୟ କରାଯିବାର ଆବଶ୍ୟକତା ରହିଛି । ଆହୁରି ମଧ୍, 80 ଲକ୍ଷ ଟଙ୍କାର କାମ ସରିବା ପରେ ମଝିରେ ପରିବର୍ତ୍ତନ/ ଅତିରିକ୍ତ କାର୍ଯ୍ୟ ଯୋଗୁଁ ହ୍ରଦ ପ୍ରକଳ୍ପକୁ ବନ୍ଦ କରିଦିଆଯାଇଥିଲା, ଯେଉଁଥିପାଇଁ 80ଲକ୍ଷ ଟଙ୍କା ବ୍ୟୟ ନିଷ୍ଫଳ ହୋଇଥିଲା । ଅଧିକାଂଶ ଜବରଦଖଲ ରାଜୀବ ଗାନ୍ଧୀ ଆବାସ ଯୋଜନାରେ ପଞ୍ଜୀକୃତ ଗୃହ ହୋଇଥିବାରୁ ଡ୍ରେନ୍ 10 ର ବିକାଶ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ।

ଆରଏସସିଏଲର ସିଇଓ କହିଛନ୍ତି (ନଭେମ୍ବର 2022) ଯେ ଓଡବ୍ଲୁଏସଏସବି ସେରେଜ ପ୍ରକଳ୍ପ କାର୍ଯ୍ୟକାରୀ କରିଛି । ଡ୍ରେନେଜ୍ ଓ ସେରେଜ୍ ପ୍ରକଳ୍ପ ପରିଚାଳନା, ଏସ୍‌ସିଏମ୍‌ର ମୂଳ ଉଦ୍ଦେଶ୍ୟ ହୋଇଥିବାରୁ ଉଭୟ ସହର ଅର୍ଥାତ୍ ଭୁବନେଶ୍ୱର ଓ ରାଉରକେଲାରେ ବିଶୋଧନ କ୍ଷମତାର ବ୍ୟବଧାନ ଲାଗି ରହିଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ ।

## 3.2.8 ବର୍ଷା ଜଳ ନିଷ୍କାସନ ପାଇଁ ବଫର ଜୋନ୍‌ର ଅଭାବ

ଏନ୍‌ଡିଏମ୍ ମାର୍ଗଦର୍ଶିକା 2010 ର ଅନୁଚ୍ଛେଦ 6.6.2 (ii) ଅନୁଯାୟୀ ଜଳାଶୟ ଏବଂ ଜଳ ଅବବାହିକାକୁ ମନୋରଞ୍ଜନ/ ସବୁଜ ବଫର ଜୋନ୍ ଭାବରେ ରଖାଯିବ ଏବଂ ମନୋରଞ୍ଜନ ପାଇଁ ବ୍ୟବହାର ବ୍ୟତୀତ ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ ମୁଖ୍ୟ କେନାଲ୍, ଝରଣା ଇତ୍ୟାଦିର ସୀମାଠାରୁ 12 ମିଟର ଏବଂ ନାଳ/ ବର୍ଷା ଜଳ ଡ୍ରେନ ଇତ୍ୟାଦିର ନିର୍ଦ୍ଦିଷ୍ଟ ସୀମା ଠାରୁ ଦୁଇ ମିଟର ମଧ୍ୟରେ କରାଯିବ ନାହିଁ ।

ତେବେ ସମୀକ୍ଷା ଦର୍ଶାଇଛି (ସେପ୍ଟେମ୍ବର/ ଡିସେମ୍ବର 2022) ଯେ ପାଞ୍ଚଟି ମହାନଗର ନିଗମ ବଫର ଜୋନ୍ (ଯେପରିକି ଡ୍ରେନର ଉଭୟ ପାର୍ଶ୍ୱରେ ସୀମାକୁ ଚିହ୍ନଟ କରି କୌଣସି ଉନ୍ନୟନ କ୍ଷେତ୍ର ନୁହେଁ ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା) ଡ୍ରେନ୍ ପ୍ରଦାନ କରିନାହାନ୍ତି କିମ୍ବା ବଫର ଜୋନ୍ ସମ୍ବନ୍ଧରେ ଉପରୋକ୍ତ ସର୍ତ୍ତାବଳୀ ପାଳନ କରିନାହାଁନ୍ତି । ଫଳରେ ଡ୍ରେନ୍ ନିକଟରେ ଜମି ଜବରଦଖଲ ଓ କୋଠା ନିର୍ମାଣ ହୋଇଥିଲା ।

ଏହାର ଉତ୍ତରରେ ବିଏମ୍‌ସି କହିଛି (ମଇ 2023) ଯେ: (i) ଆବଶ୍ୟକ ଜମି ଅଧିଗ୍ରହଣ ହୋଇ ନଥିବାରୁ ସିଡିପି ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ବଫର ଜୋନ ନିର୍ମାଣ କରାଯାଇ ନାହିଁ ଏବଂ (ii) ଜମି ଅଧିଗ୍ରହଣ ପରେ ବଫର ଜୋନ ନିର୍ଦ୍ଧାରଣ କରାଯିବ । ବିଇଏମସି ଏବଂ ଆରଏମସି (ନଭେମ୍ବର/ ଡିସେମ୍ବର 2022) କହିଥିଲେ ଯେ ଏସଡବଲ୍ୟୁଡି ମାନଙ୍କ ପାଇଁ ବଫର ଜୋନ ଘୋଷଣା କରିବା ପାଇଁ କୌଣସି ଜମି ଉପଲବ୍ଧ ନାହିଁ । ଏସଏମସି (ମଇ 2023) କହିଛନ୍ତି ଯେ ଏ ସଂକ୍ରାନ୍ତରେ ଇଞ୍ଜିନିୟରିଂ ଯୋଜନା ଏବଂ ପ୍ରବର୍ତ୍ତନ ପାଇଁ ଏକ କମିଟି (ମଇ 2022) ଗଠନ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ସିଡିପି ପ୍ରସ୍ତୁତିର 12 ବର୍ଷ ବିତିଯାଇଥିଲେ ମଧ୍, ବଫର ଜୋନ ଚିହ୍ନଟ ହୋଇନଥିଲା , ଯାହା ଫଳରେ ଏସଡବ୍ଲୁଡି ଜବରଦଖଲ ହୋଇଥିଲା । ସିଏମସିର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

### 3.2.8.1 ଜବରଦଖଲ ସର୍ଭେ ଓ ସେଗୁଡିକୁ ଉଚ୍ଛେଦ

ଓଡିଶା ମ୍ୟୁନିସପାଲିଟି ଆକ୍ଟ 2003 ର ଧାରା 407 ଅନୁଯାୟୀ ରାସ୍ତା ଓ ଡ୍ରେନ ଉପରେ ଥିବା ବେଆଇନ ଜବରଦଖଲକୁ ହଟାଇବା ପାଇଁ ମହାନଗର ନିଗମ ମାନଙ୍କୁ ବାଧ୍ୟତାମୂଳକ କରାଯାଇଛି । ଆହୁରି ମଧ ଏନଡିଏମ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.23.1 ରେ କୁହାଯାଇଛି ଯେ ନୂତନ ବିକାଶରେ ଡ୍ରେନଗୁଡିକୁ ଚିହ୍ନଟ ଏବଂ ସୀମା ନିର୍ଦ୍ଧାରଣ କରାଯିବ ।

ମନୋନୀତ ମହାନଗରନିଗମ ମାନଙ୍କ ରେକର୍ଡ ଯାଞ୍ଚ ନିମ୍ନଲିଖିତ ଅନିୟମିତତା ଦର୍ଶାଇ ଥିଲା:

(i) ଦୁଇଟି ମହାନଗର ନିଗମ[101] ଦ୍ୱାରା ଚିହ୍ନଟ ହୋଇଥିବା 284 ଟି ଜବରଦଖଲ ମଧ୍ୟରୁ 2017-22 ରେ 225 ଟି ଉଚ୍ଛେଦ ହୋଇଥିଲା ଏବଂ 59 ଟି ମାମଲା (ସେପ୍ଟେମ୍ବର 2022 ସୁଦ୍ଧା) ଉଚ୍ଛେଦ ପାଇଁ

[101] ବିଏମ୍‌ସି-283ଟି ମାମଲା ଚିହ୍ନଟ କରିଥିବା ବେଳେ 225 ଟି ଉଚ୍ଛେଦ କରିଥିଲ ଏବଂ (ii) ଆରଏମ୍‌ସି କେବଳ ଗୋଟିଏ ଚିହ୍ନଟ କରିଛି ଏବଂ କିଛି ଉଚ୍ଛେଦ କରିନାହିଁ

ବିଚାରାଧୀନ ରହିଥିଲା । ଅବଶିଷ୍ଟ ତିନିଟି ମହାନଗର ନିଗମ[102]ଗୁଡ଼ିକ ଡ୍ରେନ୍ ଏବଂ ରାସ୍ତା ଉପରେ ଥିବା ଜବରଦଖଲ ଅଞ୍ଚଳ (ନଭେମ୍ବର 2022 ସୁଦ୍ଧା) ଚିହ୍ନଟ କରିନଥିଲେ ।

(ii) ସେହିପରି ଚିହ୍ନଟ ହୋଇଥିବା 548 ଟି ଜବରଦଖଲ ମଧ୍ୟରୁ ତିନିଟି[103] ଡିଏ, ଅଧୀନରେ 120 ଟି ମାମଲା ଉଚ୍ଛେଦ ହୋଇଥିବା ବେଳେ 428 ଟି ଉଚ୍ଛେଦ ପାଇଁ (ସେପ୍ଟେମ୍ବର 2022 ସୁଦ୍ଧା) ବିଚାରାଧୀନ ଥିଲା । ସିଡିଏ ଏବଂ ଏସଡିଏ ଡ୍ରେନ୍ ଏବଂ ରାସ୍ତା ଜବରଦଖଲ ସମ୍ବନ୍ଧରେ କୌଣସି ସର୍ଭେ କରିନଥିଲେ (ନଭେମ୍ବର 2022 ସୁଦ୍ଧା) । ଜବରଦଖଲ ଉଚ୍ଛେଦ ନହେବା ଏବଂ ୟୁଟିଲିଟି ସ୍ଥାନାନ୍ତର ନହେବା କାରଣରୁ ନିମ୍ନଲିଖିତ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ:

- ବିଏମ୍‌ସି ଅଧୀନରେ ଗଙ୍ଗନଗର ଛକରୁ 7 ନମ୍ବର ଡ୍ରେନ୍ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ।
- ବିଇଏମ୍‌ସି ଅଞ୍ଚଳରେ ଡ୍ରେନ୍ ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ (66 ଟି ସ୍ଥାନରେ, ରାସ୍ତା ଓ ଡ୍ରେନ୍ ଉପରେ 107 ଟି ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଥିବାରୁ) ।
- ଦୟା ପଶ୍ଚିମ କେନାଲର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ (1195 ଘର ଅନଧିକୃତ ଜବରଦଖଲ ଯୋଗୁଁ) ।

https://youtu.be/5FntWKWQztw
ଅନଧିକୃତ ଜବରଦଖଲ ଦୟା ପଶ୍ଚିମ କେନାଲ, ବିଏମ୍‌ସି ଅଞ୍ଚଳରେ.

> ଦୟା ପଶ୍ଚିମ ଜଳସେଚନ କେନାଲକୁ ଏକ ସ୍ୱେରେଜ୍ ବର୍ଜ୍ୟଜଳରେ ପରିଣତ କରାଯାଇଥିଲା ଏବଂ ଦୂଷିତ ଜଳ ତଳମୁଣ୍ଡରେ ଥିବା **835** ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଯୋଗାଇ ଦିଆଯାଉଥିଲା । ଜବରଦଖଲ ଯୋଗୁଁ, ଘରର ଡ୍ରେନ ସିଧାସଳଖ କେନାଲ ସହ ସଂଯୋଗ ହୋଇଥିବାରୁ କେନାଲର ପାଣି ଅତ୍ୟଧିକ ଦୂଷିତ ଓ ପ୍ରଦୂଷିତ ହୋଇଥିଲା ।

**(iii)** ଦୟା ପଶ୍ଚିମ କେନାଲର[104] ମୋଟ ଦୈର୍ଘ୍ୟ 34.86 କିଲୋମିଟର ଥିବାବେଳେ ଏହା କାଲିଖମାରୁ ସୁନ୍ଦରପଦା ପର୍ଯ୍ୟନ୍ତ ବିଏମ୍‌ସି ଅଞ୍ଚଳ ଦେଇ 16.10 କିଲୋମିଟର ପର୍ଯ୍ୟନ୍ତ ଯାଇଥିଲା । ସହରୀକରଣ ଯୋଗୁଁ 2,417 ହେକ୍ଟର ଚାଷ ଜମିର ସମୁଦାୟ ଜଳାଶୟ କ୍ଷେତ୍ର 1,255 ହେକ୍ଟରକୁ ହ୍ରାସ ପାଇଛି (ନଭେମ୍ବର 2022 ସୁଦ୍ଧା) । ଦୟା ପଶ୍ଚିମ କେନାଲ ଉପରେ 1,195 ଘର ଅନଧିକୃତ ଜବରଦଖଲ ହୋଇ ନିର୍ମାଣ ହୋଇଛି, ଯେଉଁଥିପାଇଁ କେନାଲ ପାଣି ଅତ୍ୟଧିକ ଦୂଷିତ ଓ ପ୍ରଦୂଷିତ ହୋଇଥିଲା, କାରଣ ଘରଗୁଡ଼ିକର ଡ୍ରେନ୍ ସିଧାସଳଖ କେନାଲ ସହ ସଂଯୋଗ ହୋଇଥିଲା । ଆହୁରି ମଧ ବିଏମ୍‌ସି 11ଟି ସ୍ଥାନରେ କେନାଲରେ ସ୍ୱେରେଜ୍ ଓ ନର୍ଦ୍ଦମା ଜଳ ନିଷ୍କାସିତ କରୁଛନ୍ତି । ତେଣୁ ଜଳସେଚନ କେନାଲକୁ ନର୍ଦ୍ଦମା ବର୍ଜ୍ୟବସ୍ତୁ ଡ୍ରେନରେ ପରିଣତ କରାଯାଇ 835 ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଦୂଷିତ ଜଳ ଯୋଗାଣ କରାଯାଉଥିଲା । ବିଓଡିର ସାନ୍ଦ୍ରତା 3 ମିଲିଗ୍ରାମ/ ଲିଟର ଅନୁମୋଦିତ ସୀମା ଥିବାବେଳେ 4.8 (160 ପ୍ରତିଶତ) ରୁ 58 ମିଲିଗ୍ରାମ (1933 ପ୍ରତିଶତ) ମଧ୍ୟରେ ଥିଲା । ବିଏମ୍‌ସି ଅଧୀନରେ ଥିବା 5 ଟି ସ୍ଥାନ ଯଥା କାଲିଖାମା ସେତୁ, କୋଟିଲାପୁଟ, ସାମନ୍ତରାପୁର, ବମିଖାଲ, ଭେଟାପଡ଼ା ଓ ମୁଣ୍ଡାସାହିରେ ଜଳର ଦ୍ରବୀଭୂତ ଅମ୍ଳଜାନ ଚାହିଦା (ଡିଓଓ) ସର୍ବନିମ୍ନ 4 ମିଲିଗ୍ରାମ/ ଲିଟର ଧାର୍ଯ୍ୟ ସୀମା ଥିବା ବେଳେ, 0.3 (93 ପ୍ରତିଶତ) ରୁ 3.7 (7) ପ୍ରତିଶତ ମଧ୍ୟରେ ଥିଲା, 5.0 ଏମପିଏନ୍/ 100 ମିଲିଲିଟର ସୀମା ଥିଲାବେଳେ ଟିସି 92.0 ରୁ 1,60,000 ଏମପିଏନ/ମିଲି ମଧ୍ୟରେ ଥିଲା, ଏବଂ ଏଫସି 35.0 ରୁ 1,60,000 ଏମପିଏନ୍/ 100 ଏମ୍‌ପିଏନ/ ମିଲି ମଧ୍ୟରେ ଥିବା ବେଳେ 2,500 ଏମପିଏନ୍/ 100 ମିଲିଲିଟର ଅନୁମୋଦିତ ସୀମା 4[105] ଥିଲା । ପ୍ରଦୂଷିତ ଜଳ ଜଳସେଚନ ସହିତ ଚାଷ କରଯାଉଥିବା ପନିପରିବା/ ଫସଲର ବ୍ୟବହାର ବିପଦପୂର୍ଣ୍ଣ ଏବଂ ମାନବ ଜୀବନ ପାଇଁ କ୍ଷତିକାରକ ଥିଲା, କାରଣ ଏଥିରେ ପ୍ରଚୁର ପରିମାଣର ବିଷାକ୍ତ ତତ୍ତ୍ୱ ରହିଛି ଯାହା **ଅନୁଚ୍ଛେଦ 6.5.3** ରେ ଆଲୋଚନା କରାଯାଇଛି ।

ଉତ୍ତରରେ ପ୍ରାଚୀ ଜଳସେଚନ ଡିଭିଜନର ଏସ୍‌ଇ କହିଛନ୍ତି (ନଭେମ୍ବର 2022) ଯେ ସମୟ କ୍ରମେ ରାଜଧାନୀର ଦ୍ରୁତ ସହରୀକରଣ ଯୋଗୁଁ ଜବରଦଖଲକାରୀମାନେ ସମସ୍ତ ସର୍ତ୍ତକୁ ଉଲ୍ଲଂଘନ କରି

[102] ସିଏମ୍‌ସ. ଏସଏମ୍‌ସି ଏବଂ ବିଇଏମ୍‌ସି

[103] ବିଡିଏ- ମୋଟ 487 ଟି ଜବରଦଖଲ ମାମଲା ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ 120 ଟି ମାମଲା ଜବରଦଖଲ ମୁକ୍ତ କରାଯାଇଛି, ii) ବିଇଡିଏ - ଚିହ୍ନଟ ହୋଇଥିବା 6 ଟି ମାମଲା ମଧ୍ୟରୁ କୌଣସି ମାମଲାକୁ ଜବରଦଖଲ ମୁକ୍ତ କରାଯାଇନାହିଁ ଏବଂ iii) ଆରଡିଏ- ଚିହ୍ନଟ ହୋଇଥିବା 55 ଟି ମାମଲା ମଧ୍ୟରୁ କୌଣସି ମାମଲାକୁ ଜବରଦଖଲ ମୁକ୍ତ କରାଯାଇନାହିଁ

[104] ଦୟା ପଶ୍ଚିମ କେନାଲ ପୁରୀ ମୁଖ୍ୟ କେନାଲରୁ ବାହାରି କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଦାଡା ଗ୍ରାମ ପଞ୍ଚାୟତ ନିକଟରେ ଆରଡ଼ି 13.77 କିମି ଦୂରରୁ ବାହାରିଛି

[105] ମୁଣ୍ଡା ସାହି, ବମିଖଲ, ସାମନ୍ତରାପୁର ଏବଂ କୋଟିଲାପୁଟ

ସେମାନଙ୍କର ଆବାସିକ ଉଦ୍ଦେଶରେ ନିର୍ଦ୍ଧାରିତ ଜମିକୁ ଅନଧିକୃତ ଭାବରେ ଦଖଲ କରିଛନ୍ତି । ସେହି ଅନୁଯାୟୀ ଜବରଦଖଲକାରୀଙ୍କ ବିରୋଧରେ ବିଏମ୍‌ସିକୁ ଖବର ଦେଇ ଅନେକ ଜବରଦଖଲ ମାମଲା ରୁଜୁ ହୋଇଥିଲା । ଇତି ମଧ୍ୟରେ ବିଡିଏ, ବିଏମ୍‌ସି ସହାୟତାରେ ଜବରଦଖଲ ହୋଇଥିବା ଜମିକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେଇଥିଲେ । ତେବେ, ବାସ୍ତବତା ହେଉଛି ନଭେମ୍ବର 2022 ସୁଦ୍ଧା ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ସେଭଳି କୌଣସି ଉଚ୍ଛେଦ କରାଯାଇନଥିଲା ।

ଘରୋଇ ଫ୍ଲାଟ୍ ଓ କୋଠା ନିର୍ମାଣ ଯୋଗୁଂ ଭୁବନେଶ୍ୱରର ବେହେରା ସାହିରେ ହାଜା ଜଳାଶୟ **6.395** ଏକର ଅଞ୍ଚଳକୁ ହ୍ରାସ ପାଇ **4.67** ଏକରରେ ପହଞ୍ଚିଛି ।

ଆହୁରି ମଧ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଡ୍ରେନଗୁଡ଼ିକର ଜେପିଭି ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକ ଦେଖିବାକୁ ମିଳିଥିଲା, ଯାହା ଜଳବନ୍ଦୀ ସୃଷ୍ଟି ହୋଇଥିଲା, ଜଳାଶୟ ହ୍ରାସ ପାଇଥିଲା ଏବଂ ଅବାଧ ଜଳ ପ୍ରବାହ ବାଧା ପ୍ରାପ୍ତ ହୋଇଥିଲା ଯାହା ସହରୀ ବନ୍ୟା ସୃଷ୍ଟି କରୁଥିଲା:

- ଭୁବନେଶ୍ୱରର ପଳାସୁଣୀ ପୋଲ ନିକଟ ଗଙ୍ଗୁଆ ନାଳରେ ଥିବା ପୁରୁଣା ଅଚଳ ଜଳଯୋଗାଣ ପାଇପକୁ ଓ୍ୱାଟ୍‌କୋ ହଟାଇ ନଥିବାରୁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରୁଛି ।
- ଭୁବନେଶ୍ୱର ବେହେରା ସାହିରେ ଥିବା ନୟାପଲୀ ହାଜା ଜଳାଶୟ 6.395 ଏକର ପରିମିତ ଅଞ୍ଚଳରେ ଥିଲାବେଳେ ଘରୋଇ ଫ୍ଲାଟ୍ ଓ କୋଠା ନିର୍ମାଣ ଯୋଗୁଁ 4.67 ଏକରକୁ ହ୍ରାସ ପାଇଛି ।
- କଟକର ମୁଖ୍ୟ ଭୂତଳ ଜଳ ଡ୍ରେନ 1 କୁ ଲାଗି ବସ୍ତି ନିର୍ମାଣ କରାଯାଇ ଘର ନିର୍ମାଣ କରାଯାଇଥିଲା ।
- ବ୍ରହ୍ମପୁରର ବାହାନା ନାଳ (ଅଶୋକ ରୋଡ଼ର ଶ୍ରୀ ସିଦ୍ଧବୀର ହନୁମାନ ମନ୍ଦିର ସମ୍ମୁଖ ଗଜପତି ନଗର ନିକଟ) ସାପୁଆ ନାଳ (ଆନ୍ଧ୍ରପ୍ରଦେଶ ରାସ୍ତା ନିକଟ ହନୁମାନ ମନ୍ଦିର) ଏବଂ ଅଳକାପୁରୀ ନିକଟସ୍ଥ ମାନସିଂ ଘାଇ ଜଳାଶୟରେ ଜବରଦଖଲ ହୋଇଥିଲା ।
- ରାଉରକେଲା ଛେଣ୍ଡ ଓ ବାସନ୍ତି କଲୋନୀରେ ଅନଧିକୃତ ନିର୍ମାଣ ହୋଇଥିଲା ।

**ଫଟୋଚିତ୍ର 29 ରୁ 32,** ରେ ଏଭଳି କିଛି ଜବରଦଖଲ ଦେଖିବାକୁ ମିଳିଛି ।




**ଫଟୋ 29:** ଇଆଇସି (ସିଭିଲ୍) କାର୍ଯ୍ୟାଳୟ ଭୁବନେଶ୍ୱର ନିକଟରେ ଡ୍ରେନ ଉପ ଘର ନିର୍ମାଣ




**ଫଟୋ 30:** ସିଡିଏ କାର୍ଯ୍ୟାଳୟ କଟକ ସାମନାରେ ଡ୍ରେନ ଉପରେ ଦୋକାନ




**ଫଟୋ 31:** ବ୍ରହ୍ମପୁର ମହାନଗର ନିଗମର ଧୋବା ନାଳ ନିକଟରେ ଡ୍ରେନ ଉପରେ ଅନଧିକୃତ ଭାବେ ଦୋକାନ ନିର୍ମାଣ




**ଫଟୋ 32:** ସମ୍ବଲପୁରର ଧୋବୀ ଜୋର ନାଳରେ ଜବରଦଖଲ

କୁଆଖାଇ ନଦୀର କନଫ୍ଲୁଏଣ୍ଟ ପଏଣ୍ଟରେ ପାଣି ଅତ୍ୟଧିକ ଦୂଷିତ ଥିଲା ଏବଂ ବାୟୋକେମିକାଲ ଅମ୍ଳଜାନ ଚାହିଦା, ଟୋଟାଲ କୋଲିଫର୍ମ ଏବଂ ଫିକାଲ କୋଲିଫର୍ମ ଅନୁମୋଦିତ ସୀମା ଠାରୁ ଅଧିକ ଥିଲା । ପ୍ରଦୂଷିତ ଜଳକୁ ସଫା କରିବା ପାଇଁ ପ୍ରାକ୍ ମୌସୁମୀ ସମୟରେ ଡବ୍ଲ୍ୟୁଟିପି କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରି-କ୍ଲୋରିନେସନ୍ ଏବଂ ଅତିରିକ୍ତ ପୋଷ୍ଟ-କ୍ଲୋରିନେସନ୍ କରାଯାଏ ।

ଉପରୋକ୍ତ ତଥ୍ୟ ସହିତ ଗୁଗୁଲ୍ ଆର୍ଥ ପ୍ରୋ ରୁ ମିଳିଥିବା ସାଟେଲାଇଟ୍ ଚିତ୍ରରୁ ଏହା ମଧ ପ୍ରମାଣ ହୋଇଛି ଯେ, ସହରମାନଙ୍କରେ ସମସ୍ତ ପ୍ରାକୃତିକ ଡ୍ରେନ୍ ନାଳ ଉପରେ ଜବରଦଖଲ ଏବଂ ଅନଧିକୃତ ନିର୍ମାଣ ଯୋଗୁଁ ଜଳର ମୁକ୍ତ ପ୍ରବାହରେ ବାଧା ସୃଷ୍ଟି ହେଉଛି, ଯାହାଫଳରେ ଜଳବନ୍ଦୀ ଏବଂ ସହରାଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି (ଅନୁଚ୍ଛେଦ 3.1.6 ତଳେ ଦିଆଯାଇଥିବା ଫଟୋଚିତ୍ର) ।

### 3.2.9 ଭୁବନେଶ୍ୱର ପଲାସୁଣୀରେ ଜଳ ପ୍ରବେଶ କୂପ ପାଇଁ ଭୁଲ ଜାଗା ଚୟନ

ସିପିଏଚ୍ଇଇଓ ର ଜଳ ଯୋଗାଣ ଏବଂ ବିଶୋଧନ ମାନୁଆଲର ଅନୁଚ୍ଛେଦ 5.2.7.1 (b) ଅନୁଯାୟୀ ଜଳର ସର୍ବୋତ୍ତମ ଗୁଣ ଉପଲବ୍ଧ ଥିବା ସ୍ଥାନଗୁଡ଼ିକରେ ପ୍ରବେଶ କୂପ ଗୁଡ଼ିକ ରହିବା ଉଚିତ୍ । ଏହା ସେହି ସ୍ଥାନରେ ଅବସ୍ଥିତ ହେବ, ଯେଉଁଠାରେ ସର୍ବୋତ୍ତମ ମାନର ଜଳ ଉପଲବ୍ଧ ଅଛି ।

ୱାଟ୍କୋ ଡିଭିଜନ I ର ରେକର୍ଡ ଯାଞ୍ଚ (ନଭେମ୍ବର 2022) ରୁ ଜଣାପଡ଼ିଛି ଯେ, ପଲାସୁଣୀ ଜଳ ବିଶୋଧନ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) ମାଧ୍ୟମରେ ଭୁବନେଶ୍ୱର ସହରକୁ ପାନୀୟ ଜଳ ଯୋଗାଣ ପାଇଁ ବୁଢ଼ୀ ନାଳ ଓ କୁଆଖାଇ ନଦୀର ସଙ୍ଗମ ସ୍ଥଳର ତଳ ମୁଣ୍ଡରେ (ପ୍ରାୟ 666 ମିଟର) 81.90 ଏମଏଲଡି କ୍ଷମତା ବିଶିଷ୍ଟ ଗୋଟିଏ କୂଅ ସ୍ଥାପନ କରାଯାଇଛି । ବୁଢ଼ୀ ନାଳ ବିଏମ୍ସି ଡ୍ରେନର ବର୍ଜ୍ୟ ଜଳ ବହନ କରି କୁଆଖାଇ ନଦୀରେ ପ୍ରବାହିତ କରୁଛି, ଯାହା ପ୍ରାକ୍ ମୌସୁମୀ ଋତୁରେ ବିଶେଷ କରି ମଇ ମାସରେ ଜଳର ଗୁଣବତ୍ତା ଖରାପ କରିଥାଏ । ପ୍ରଦୂଷିତ ଜଳକୁ ସଫା କରିବା ପାଇଁ ପ୍ରାକ୍ ମୌସୁମୀ ସମୟରେ ଡବ୍ଲୁଟିପି କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରି-କ୍ଲୋରିନେସନ୍ ଏବଂ ଅତିରିକ୍ତ ପୋଷ୍ଟ କ୍ଲୋରିନେସନ କରାଯାଏ ।

ଇଇ, ଡ୍ରେନେଜ୍ ଡିଭିଜନ୍, ଖୋର୍ଦ୍ଧା (ଜୁଲାଇ 2021) ୱାଟକୋକୁ ଜଣାଇଛନ୍ତି ଯେ ବିଭିନ୍ନ ଶିଳ୍ପ ଓ ଘରଗୁଡ଼ିକର କଞ୍ଚା ନର୍ଦ୍ଦମା ପ୍ରବେଶ ଦ୍ୱାରା ବୁଢ଼ୀ ନାଳର ସ୍ୱଚ୍ଛ ଜଳ ଦୂଷିତ ହୋଇଛି ଯାହା ସାଧାରଣ ଜନତା ଏବଂ ଜଳ ଜୀବଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ଏବଂ ନାଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛି । ଏହି ପରିପ୍ରେକ୍ଷୀରେ ସମୀକ୍ଷା (ନଭେମ୍ବର 2022) ଏସପିସିବିକୁ ଅନୁରୋଧ କରିଥିଲା ଯେ ଜଳର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ବୁଢ଼ୀ ନାଳର ବିଭିନ୍ନ ସ୍ଥାନରେ ଜଳ ପରୀକ୍ଷା କରନ୍ତୁ । ତଦନୁଯାୟୀ ସମୀକ୍ଷା ଦଳ ସହିତ ଏସପିସିବିର ଜଣେ ପ୍ରତିନିଧି (ନଭେମ୍ବର 2022) କୁଆଖାଇ ସହ ମିଶିବା ପୂର୍ବରୁ ରୋକାଟ ଠାରେ ଥିବା ବୁଢ଼ୀ ନାଳରୁ ସଂଗମରୁ ତଳ ମୁଣ୍ଡ ଏବଂ କୁଆଖାଇ ନଦୀର ପ୍ରବେଶ ପଥରୁ ଜଳ ନମୁନା ସଂଗ୍ରହ କରିଥିଲେ । ଏହା ଦେଖିବାକୁ ମିଳିଥିଲା ଯେ ଡିଓ[106]ର ସାନ୍ଦ୍ରତା ସର୍ବନିମ୍ନ 4 ମିଗ୍ରା/ଲି ର ଅନୁମୋଦିତ ସୀମା ତୁଳନାରେ 3.7 ରୁ

---

106 ଅମ୍ଳଜାନର ମାତ୍ରା କମ୍ ହେବା ଜଳଜୀବଙ୍କୁ ଚାପ ଦେଇ ହାଇପୋକ୍ସିକ୍ ପରିସ୍ଥିତି ସୃଷ୍ଟି କରିଥାଏ

7.3 ମିଗ୍ରା/ଲି ମଧ୍ୟରେ ଥିଲା ବିଓଡି[107] 2.7 ରୁ 6.4 ମିଗ୍ରା/ଲି ମଧ୍ୟରେ ରହିଥିଲା ବେଳେ ତିନି ମିଗ୍ରା/ଲି (ସର୍ବାଧିକ)ର ଅନୁମୋଦିତ ସୀମା ଥିଲା । ଟିସି[108] 11.0 ରୁ 160,000 ଏମପିଏନ/ 100 ମିଲି ଏବଂ ଏଫ୍‌ସି[109] ଯଥାକ୍ରମେ 5,000 ଏମପିଏନ/ 100 ମିଲି ଏବଂ 2,500 ଏମପିଏନ/ 100 ମିଲିଲିଟର ସୀମା ଥିବା ବେଳେ 3300 ରୁ 1,60,000 ଏମପିଏନ/100 ମିଲି ମଧ୍ୟରେ ରହିଥିଲା । ତେଣୁ, ପଳାସୁଣୀରୁ ପ୍ରବେଶ କୂଅ ଯୋଗେ ଭୁବନେଶ୍ୱର ସହରକୁ ଯୋଗାଇ ଦିଆଯାଇଥିବା ପାଣି ସୁରକ୍ଷିତ ନଥିଲା । ବୁଢ଼ୀ ନାଳ ଓ କୁଆଖାଇ ନଦୀର ସଙ୍ଗମ ବିନ୍ଦୁ ଏବଂ କୂଅର ଅବସ୍ଥିତି **ସାଟେଲାଇଟ୍ ଚିତ୍ର 13** ରେ ଦର୍ଶାଯାଇଛି ।




**ସାଟେଲାଇଟ୍ ଚିତ୍ର 13:** ବୁଢ଼ୀ ନାଳ ଏବଂ କୁଆଖାଇ ନଦୀର ଅନ୍ତଗ୍ରହଣ କୂପ ଏବଂ ସଙ୍ଗମ ବିନ୍ଦୁ

ସରକାର ବ୍ୟକ୍ତ କଲେ (ଅପ୍ରେଲ 2023) ଯେ, ଭୁବନେଶ୍ୱରର ସହର ପାଇଁ କୁଆଖାଇ ନଦୀ ହେଉଛି ଜଳର ପ୍ରାଥମିକ ଉତ୍ସ । ସବୁ ଋତୁରେ ସଙ୍ଗମ ସ୍ଥଳ ନିକଟରେ ବୁଢ଼ିନାଳ ଜଳ ଅନେକ ଥର ମିଶ୍ରିତ ହୁଏ ଏବଂ ନଦୀ ଜଳର ଗୁଣବତ୍ତା ଶ୍ରେଣୀ-ଗ ଅନ୍ତର୍ଦେଶୀୟ ଭୂପୃଷ୍ଠ ଜଳ ବର୍ଗକୁ ପାଳନ କରୁଥିବା ଜଣାପଡ଼ିଛି, ଯାହା ବିଶୋଧନ ପରେ ଜଳ ଯୋଗାଣ ପାଇଁ ଉପଯୁକ୍ତ ଅଟେ । ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ନଭେମ୍ବର 2022 ରେ ଏସପିସିବି ନିଶ୍ଚିତ କରିଛି ଯେ ଟିସି, ଏଫ୍‌ସି ବିଓଡି ଏବଂ ଡିଓ ଅନୁମତିପ୍ରାପ୍ତ ସୀମା ଠାରୁ ଅଧିକ ଅଛି ।

***ସୁପାରିଶ:***

1. ***ସରକାର ସହରାଞ୍ଚଳ ଜଳ ପ୍ରବାହକୁ ଜଳର ଏକ ସମ୍ଭାବ୍ୟ ସମ୍ପଦ ଭାବରେ ସ୍ୱୀକୃତି ଦେବା ପାଇଁ ଏକ ବ୍ୟାପକ ନୀତି ପ୍ରସ୍ତୁତ କରିପାରିବେ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହାର ସଂରକ୍ଷଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିପାରିବେ ।***
2. ***ନିଗମଗୁଡ଼ିକ ସମସ୍ତ ଜବରଦଖଲ ଉଚ୍ଛେଦ କରିପାରିବେ ଏବଂ ଜଳାଶୟଗୁଡ଼ିକର ପୁନଃ ହ୍ରାସକୁ ରୋକିପାରିବେ । ଆହୁରି ମଧ୍ୟ ପ୍ରାକୃତିକ ଡ୍ରେନ୍ ଗୁଡ଼ିକର ନିର୍ଦ୍ଧାରିତ ଦୈର୍ଘ୍ୟ ଓ ପ୍ରସ୍ଥ ବଜାୟ***

[107] ଏହା ନଦୀ ଓ ଝରଣାରେ ଦ୍ରବୀଭୂତ ଅମ୍ଳଜାନର ପରିମାଣକୁ ସିଧାସଳଖ ପ୍ରଭାବିତ କରିଥାଏ । ବିଓଡି ଯେତେ ଅଧିକ ହେବ, ସେ ସ୍ଥାନରେ ସ୍ରୋତରେ ସେତେ ଦ୍ରୁତ ଗତିରେ ଅମ୍ଳଜାନ ହ୍ରାସ ପାଇଥାଏ, ଅର୍ଥାତ୍ ଅଧିକ ପରିମାଣର ଜଳଜୀବଙ୍କୁ କମ୍ ଅମ୍ଳଜାନ ଉପଲବ୍ଧ ହେଉଛି ।

[108] ଏଥିରେ ମାଟିରେ, ଭୂପୃଷ୍ଠ ଜଳ ଦ୍ୱାରା ପ୍ରଭାବିତ ହେଉଥିବା ଜଳରେ ଏବଂ ମନୁଷ୍ୟ କିମ୍ବା ପଶୁ ବର୍ଜ୍ୟବସ୍ତୁରେ ଥିବା ବ୍ୟାକ୍ଟେରିଆ ଅନ୍ତର୍ଭୁକ୍ତ

[109] ଏହା ବିଶେଷ କରି ଗରମ ରକ୍ତ ଥିବା ପଶୁମାନଙ୍କ ଅନ୍ତନଳୀ ଏବଂ ମଳରେ ଉପସ୍ଥାପିତ ହୋଇଥାଏ

ରଖାଯାଇପାରିବ, ଯାହା ଦ୍ୱାରା ଜଳାଶୟଗୁଡ଼ିକର ଆନ୍ତଃ ସଂଯୋଗ ସୁନିଶ୍ଚିତ କରାଯାଇପାରିବ, ପରିବେଶ ବ୍ୟବସ୍ଥା ତଥା ଭୂତଳ ଜଳର ଉପଯୁକ୍ତ ସଂରକ୍ଷଣ ହୋଇପାରିବ ।

**3.** ଜଳାଶୟ ଶୁଖିବାରୁ ରୋକିବା ଏବଂ ଭୂତଳ ଜଳ ରିଚାର୍ଜ ବୃଦ୍ଧି ପାଇଁ ସରକାର ସହରର ବର୍ଷା ଜଳ ଡ୍ରେନକୁ ଜଳାଶୟଗୁଡ଼ିକ ସହିତ ସଂଯୋଗ କରିବାର ସମ୍ଭାବନାକୁ ବ୍ୟବସ୍ଥିତ କରିପାରିବେ ।

**4.** ସରକାର ବିଭିନ୍ନ ବର୍ଗର ଜମି ବ୍ୟବହାର ପାଇଁ ତଥ୍ୟ ରଖିପାରିବେ, ଯାହାଦ୍ୱାରା ସହରୀକରଣ ଯୋଗୁଁ ହୋଇଥିବା ପରିବର୍ତ୍ତନକୁ ବିଚାରକୁ ନେଇ ମହାନଗର ନିଗମ ମାନେ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିବେ ।

**5.** ଭୂତଳ ଜଳ ସ୍ତର ବୃଦ୍ଧି ଏବଂ ବନ୍ୟା ରୋକିବା ପାଇଁ ନିଗମଗୁଡ଼ିକ ରାସ୍ତା ଓ ଡ୍ରେନ୍ ଡିଜାଇନ୍ ଏବଂ କାର୍ଯ୍ୟକାରୀ କରିବା ସମୟରେ ବୃଷ୍ଟିପାତର ଢାଞ୍ଚା, ଅଭାବନୀୟ ସ୍ତର ବୃଦ୍ଧି, ବୃକ୍ଷରୋପଣ ହ୍ରାସ ଇତ୍ୟାଦି ସମସ୍ତ ପ୍ରାସଙ୍ଗିକ ମାନଦଣ୍ଡକୁ ବିଚାର କରିପାରିବେ ।

**6.** ଡ୍ରେନେଜ୍ ଭିତ୍ତିଭୂମିର ବିକାଶ ପାଇଁ ନିଗମମାନେ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିପାରିବେ । ସହରାଞ୍ଚଳରେ ବନ୍ୟାକୁ ଏଡ଼ାଇବା ପାଇଁ ସେମାନେ ସମସ୍ତ ଡ୍ରେନ୍ ଗୁଡ଼ିକର ନିୟମିତ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ମଧ୍ୟ କରିପାରିବେ ।

**7.** ସରକାର ବର୍ଷା ଜଳ ଡ୍ରେନ୍ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବେ, ଯେଉଁଥିରେ ଆବଶ୍ୟକ ବିବରଣୀ, ଯେପରିକି ଜମିର ପରିମାଣ ଏବଂ ଉପଲବ୍ଧ ଏବଂ ଡ୍ରେନଗୁଡିକର ଆଲାଇନମେଣ୍ଟ ଇତ୍ୟାଦି ଅନ୍ତର୍ଭୁକ୍ତ ।

**8.** ଜଳାଶୟରେ ଜଳ ପ୍ରଦୂଷଣକୁ ଏଡାଇବା ପାଇଁ ଓଡବ୍ଲ୍ୟୁଏସଏସବି ୱାଟକୋ ପ୍ରାଥମିକତା ଭିତ୍ତିରେ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିପାରିବେ, ଯେଉଁଥିରେ ବର୍ତ୍ତମାନର ସ୍ୱେରେଜ ଲାଇନ ଗୁଡିକ ସ୍ୱେରେଜ ବିଶୋଧନାଗାର ସହ ସଂଯୋଗ କରାଯାଇପାରିବ ।

**9.** ଡ୍ରେନ୍ ଏବଂ ଜଳାଶୟଗୁଡିକର ସୁରକ୍ଷା ପାଇଁ ନିଗମ ଗୁଡିକ (ଏସଡବ୍ଲ୍ୟୁଡି) ବର୍ଷା ଜଳ ନିଷ୍କାସନ ଉପରେ ଜବରଦଖଲ ଚିହ୍ନଟ ଏବଂ ଉଚ୍ଛେଦ ଏବଂ ନିର୍ଦ୍ଧାରିତ ବଫର ଜୋନ୍ ରକ୍ଷଣାବେକ୍ଷଣ ପାଇଁ ସର୍ବେକ୍ଷଣ କରିବାକୁ ପ୍ରୟାସ କୁ ଜୋରଦାର କରିପାରିବେ ।

**10.** ବେଆଇନ ଜବରଦଖଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଦୋଷୀ ଅଧିକାରୀଙ୍କ ଉପରେ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

# ଅଧ୍ୟାୟ - IV
# ଆର୍ଥିକ ପରିଚାଳନା

# ଅଧ୍ୟାୟ-IV

## ଆର୍ଥିକ ପରିଚାଳନା

ଏହି ଅଧ୍ୟାୟରେ ମହାନଗର ନିଗମ ମାନଙ୍କ ଦ୍ୱାରା ଆର୍ଥିକ ସମ୍ବଳର ପରିଚାଳନା ବିଷୟରେ ଆଲୋଚନା କରାଯାଇଛି । ମହାନଗର ନିଗମମାନେ ସେମାନଙ୍କ କାର୍ଯ୍ୟକଳାପ କରିବା ପାଇଁ ମୁଖ୍ୟତଃ ସରକାରୀ ଅନୁଦାନ ଉପରେ ନିର୍ଭର କରୁଥିଲେ । ତନଖିରୁ ଜଣାପଡ଼ିଛି ଯେ ବର୍ଷାଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବାବଦକୁ ଖର୍ଚ୍ଚ କମ୍ ହୋଇଛି । ଏହା ବ୍ୟତୀତ ଉପକର ଏବଂ ଉପଭୋକ୍ତା ଶୁଳ୍କ ଆଦାୟ ନ କରିବା ଯୋଗୁଁ ମହାନଗର ନିଗମ ଗୁଡ଼ିକର ରାଜସ୍ୱ ହ୍ରାସ ପାଇଥିଲା ।

### 4. ଆର୍ଥିକ ପରିଚାଳନା

ମହାନଗର ନିଗମ (ଏମ୍‌ସି), ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡ (ଓଡବ୍ଲ୍ୟୁଏସ୍‌ଏସ୍‌ବି) ଏବଂ ଓଡ଼ିଶା ଜଳ ନିଗମ (ୱାଟ୍‌କୋ) କୁ ଉଭୟ ବର୍ଷାଜଳ ନିଷ୍କାସନ ଓ ସ୍ୱେରେଜ୍ ପରିଚାଳନା ପାଇଁ ନିଜସ୍ୱ ପାଣ୍ଠି ବ୍ୟତୀତ ଚତୁର୍ଦ୍ଦଶ ଅର୍ଥ ଆୟୋଗ, ପଞ୍ଚଦଶ ଅର୍ଥ ଆୟୋଗ, ଅମୃତ ଯୋଜନା[110] ଓୟୁଆଇଡିଏଫ୍[111], ଜେଆଇସିଏ[112], ଅର୍ଥ ଆୟୋଗ (ଏଫ୍‌ସି) ଅନୁଦାନ ଏବଂ ରାଜ୍ୟ ଅନୁଦାନ ଭଳି ବିଭିନ୍ନ ଉତ୍ସରୁ ପାଣ୍ଠି ଯୋଗାଇ ଦିଆଯାଇଥିଲା ।

### 4.1 ପାଞ୍ଚୋଟି ମହାନଗର ନିଗମ ଗୁଡ଼ିକର ପ୍ରାପ୍ତି ଓ ବ୍ୟୟ

ଚତୁର୍ଦ୍ଦଶ ଅର୍ଥ ଆୟୋଗ (2015-20) / ପଞ୍ଚଦଶ ଅର୍ଥ ଆୟୋଗ (2020-25) ଏବଂ ଅମୃତରେ ଚାରିଟି[113] ଅତ୍ୟାବଶ୍ୟକ ସେବା କ୍ଷେତ୍ର (ଏସ୍‌ଡବ୍ଲ୍ୟୁଡି ସମେତ) ଅନ୍ତର୍ଭୁକ୍ତ ଥିଲା । 2017-18 ଆର୍ଥିକ ବର୍ଷରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ଚୟ ହୋଇଥିବା ପାଞ୍ଚଟି ଏମ୍‌ସି ଦ୍ୱାର ହୋଇଥିବା ପ୍ରାପ୍ତି ଏବଂ ୟ୍ୟୟର ବିବରଣୀ **ସାରଣୀ 4.1** ରେ ଦର୍ଶାଯାଇଛି ।

**ସାରଣୀ 4.1: 2017-22 ରେ ଚୟନ ହୋଇଥିବା ପାଞ୍ଚଟି ମହାନଗର ନିଗମର ପ୍ରାପ୍ତି ଏବଂ ବ୍ୟୟ**

**( ଟଙ୍କା କୋଟିରେ)**

| *ଆର୍ଥିକ ବର୍ଷ* | *ପ୍ରାପ୍ତି* | | | | | *ବ୍ୟୟ* | | *ସଞ୍ଚୟ* | *ପ୍ରତିଶତ* | |
|---|---|---|---|---|---|---|---|---|---|---|
| | *ଭାରତ ସରକାରଙ୍କ ଅନୁଦାନ* | *ଓଡ଼ିଶା ସରକାରଙ୍କ ଅନୁଦାନ* | *ନିଜସ୍ୱ ରାଜସ୍ୱ* | *ଓୟୁଆଇଡିଏଫ୍ ଋଣ* | *ସମୁଦାୟ ପ୍ରାପ୍ତି* | *ସମୁଦାୟ* | *ଏସ୍‌ଡବ୍ଲ୍ୟୁଡି* | | *ସମୁଦାୟ ପ୍ରାପ୍ତି ତୁଳନାରେ ଏସଡବ୍ଲ୍ୟୁଡି ଉପରେ ବ୍ୟୟ* | *ସମୁଦାୟ ପ୍ରାପ୍ତି ତୁଳନାରେ ଅନୁଦାନ ପ୍ରାପ୍ତି* |
| ***1*** | ***2*** | ***3*** | ***4*** | ***5*** | ***6*** | ***7*** | ***8*** | ***9*** | ***10*** | ***11*** |
| 2017-18 | 118.39 | 179.03 | 463.79 | 5.61 | 766.82 | 569.45 | 61.84 | 197.37 | 8.06 | 38.79 |
| 2018-19 | 124.56 | 227.13 | 549.03 | 3.69 | 904.41 | 728.84 | 60.41 | 175.57 | 6.68 | 38.89 |
| 2019-20 | 168.46 | 260.79 | 589.63 | 7.48 | 1,026.36 | 730.99 | 48.59 | 295.37 | 4.73 | 41.82 |
| 2020-21 | 440.02 | 476.86 | 699.77 | 9.41 | 1,626.06 | 905.30 | 65.04 | 720.76 | 4.00 | 56.39 |
| 2021-22 | 353.52 | 282.36 | 617.43 | 0 | 1,253.31 | 1,223.06 | 100.60 | 30.25 | 8.03 | 50.74 |
| ମୋଟ | **1,204.95** | **1,426.17** | **2,919.65** | **26.19** | **5,576.96** | **4,157.64** | **336.48** | **1,419.32** | **6.03** | **47.18** |

***ଉତ୍ସ:- ଚୟନ ହୋଇଥିବା ପାଞ୍ଚଟି ମହାନଗର ନିଗମ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ***

110 ସହରି ରୂପାନ୍ତରଣ ଏବଂ ନବୀକରଣ ପାଇଁ ଅଟଳ ମିଶନ

111 ଓଡ଼ିଶା ସହରୀ ଭିତ୍ତିପ୍ରସ୍ତର ବିକାଶ ପାଣ୍ଠି

112 ଜାପାନ ଅନ୍ତର୍ଜାତୀୟ ନିଗମ ସଂସ୍ଥା

113 ଅତ୍ୟାବଶୀକ ସେବା: i) ଜଳ ଯୋଗାଣ ସେବା, ii) ନର୍ଦ୍ଦମା ପରିଚାଳନା ସ୍ୱେରେଜ୍ ସେବା, iii) କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ iv) ବର୍ଷା ଜଳ ନିଷ୍କାସନ

ମନୋନୀତ ମହାନଗର ନିଗମ ମାନଙ୍କର ଉପରୋକ୍ତ ପ୍ରାପ୍ତିର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସରକାରୀ ଅନୁଦାନ ସେମାନଙ୍କ ମୋଟ ପ୍ରାପ୍ତିର 38.79 ରୁ 56.39 ପ୍ରତିଶତ ମଧ୍ୟରେ ଥିଲା, ଯାହା ସୂଚିତ କରେ ଯେ ମହାନଗର ନିଗମମାନେ ସେମାନଙ୍କ କାର୍ଯ୍ୟକଳାପ କରିବା ପାଇଁ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ଥିଲେ । ଏହା ବ୍ୟତୀତ, 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ଏମ୍‌ଡବ୍ଲ୍ୟୁଡି ଉପରେ ହୋଇଥିବା ଖର୍ଚ୍ଚ ଏକ ଅଳ୍ପ ପରିମାଣରେ ଥିଲା, ଯାହା କି 2022 ମାର୍ଚ୍ଚ ଶେଷ ସୁଦ୍ଧ 1,419.32 କୋଟି ଟଙ୍କା ସଞ୍ଚୟ କରିଥିଲା, ଯାହା ମନୋନୀତ ମହାନଗର ନିଗମ ମାନଙ୍କ ଦ୍ୱାରା ଖରାପ ପାଣ୍ଠି ପରିଚାଳନାକୁ ସୂଚାଇଥିଲା । ବିଭିନ୍ନ ଅନୁଦାନ ଅଧୀନରେ ପାଣ୍ଠିର ପ୍ରାପ୍ତି ଏବଂ ବ୍ୟବହାର ବିଷୟରେ ***ପରିଶିଷ୍ଟ V*** ରେ ବିସ୍ତୃତ ବିବରଣୀ ଦିଆଯାଇଛି ।

ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ମହାନଗର ନିଗମମାନେ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ଥିଲେ ।

ଭୁବନେଶ୍ୱର ମହାନଗର ନିଗମ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏସ୍‌ଡବ୍ଲ୍ୟୁଡି ପୁଞ୍ଜି ଖର୍ଚ୍ଚର ଏକ ଅଂଶ ଏବଂ ସେହି ଅନୁଯାୟୀ ବଜେଟ୍ ବ୍ୟବସ୍ଥା କରାଯାଇଥିଲା । ଆଗାମୀ ଆର୍ଥିକ ବର୍ଷରେ ଏସ୍‌ଡବ୍ଲ୍ୟୁଡି ପ୍ରଣାଳୀ ନିର୍ମାଣ ପାଇଁ ଏହି ପାଣ୍ଠିକୁ ବ୍ୟବହାର କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବ୍ରହ୍ମପୁର ମହାନଗର ନିଗମ (ନଭେମ୍ବର 2022) କହିଛି । ସମ୍ବଲପୁର ମହାନଗର ନିଗମ ବ୍ୟକ୍ତ କଲେ (ମଇ 2023) ଯେ ବଜେଟ୍ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ଆର୍ଥିକ ବର୍ଷରେ ଏସ୍‌ଡବ୍ଲ୍ୟୁଡି ନିର୍ମାଣ ପାଇଁ ପାଣ୍ଠି ବ୍ୟବହାର ପାଇଁ ପଦକ୍ଷେପ ନିଆଯିବ । ରାଉରକେଲା ଏବଂ କଟକ ମହାନଗର ନିଗମର ଉତ୍ତରକୁ ଅପେକ୍ଷା କରାଯାଇଥିଲା । କିନ୍ତୁ ବାସ୍ତବତା ହେଉଛି ଯେ, ପାଣ୍ଠି ଉପଲବ୍ଧ ହେବା ସତ୍ତ୍ୱେ, ମହାନଗର ନିଗମ ଗୁଡ଼ିକ ଯଥାକ୍ରମେ **3.2.2.1** ଏବଂ **6.3** ଅନୁଚ୍ଛେଦରେ ଆଲୋଚନା କରାଯାଇଥିବା ଭଳି ମାଷ୍ଟର ପ୍ଲାନ୍ (ଏମ୍‌ପି) ଅଭାବରୁ ସହରରେ, ଡ୍ରେନେଜ୍ ବ୍ୟବସ୍ଥା ଏବଂ ଅପର୍ଯ୍ୟାପ୍ତ ମାନବ ସମ୍ବଳ ପାଇଁ ଏସ୍‌ଡବ୍ଲ୍ୟୁଡି ପରିଚାଳନା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ବ୍ୟବହାର କରିବାରେ ସକ୍ଷମ ହୋଇନଥିଲେ ।

## 4.2 ସ୍ୱେରେଜ୍ ପ୍ରକଳ୍ପ ସମ୍ପର୍କରେ ଓଡବ୍ଲ୍ୟୁଏସ୍‌ଏସ୍‌ବି ଓ ୱାଟ୍‌କୋର ଆର୍ଥିକ ପ୍ରଦର୍ଶନ

ଅଡିଟ୍‌କୁ ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ଓଡବ୍ଲ୍ୟୁଏସ୍‌ଏସ୍‌ବି ଏବଂ ୱାଟ୍‌କୋ ଦ୍ୱାରା, ସେମାନଙ୍କର ପୁଞ୍ଜି ବଜେଟ୍ ଭାରତ ସରକାରଙ୍କ ଅନୁଦାନ, ଜାଇକା ଏବଂ ଓୟୁଆଇଡିଏଫ୍‌ରୁ ଋଣ ଏବଂ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ସ୍ୱେରେଜ୍ ପରିଚାଳନା ପାଇଁ ହୋଇଥିବା ବାସ୍ତବ ଖର୍ଚ୍ଚ **ସାରଣୀ 4.2** ରେ ଦର୍ଶାଯାଇଛି ।

ଓଡବ୍ଲ୍ୟୁଏସଏସବି ଏବଂ ୱାଟ୍‌କୋ ସରକାରୀ ଅନୁଦାନ ବ୍ୟତୀତ ବିପୁଳ ଋଣ (ଆବଶ୍ୟକତାଠାରୁ ଅଧିକ) ନେଇଥିଲେ, ଯାହା ଫଳରେ ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ପାଣ୍ଠି ଠୁଳ ହୋଇଥିଲା, ଯାହା ସ୍ୱେରେଜ୍ ପ୍ରକଳ୍ପ ଗୁଡ଼ିକ ପାଇଁ ପାଣ୍ଠିର ଖରାପ ପରିଚାଳନାକୁ ସୂଚାଇଥିଲା ।

**ସାରଣୀ 4.2: 2017-18 to 2021-22 ଆର୍ଥିକ ବର୍ଷ ମଧ୍ୟରେ ସ୍ୱେରେଜ୍ ପ୍ରକଳ୍ପ ପାଇଁ ବଜେଟ୍ ଏବଂ ବ୍ୟୟ**

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ସ୍ୱେରେଜ୍ ପ୍ରକଳ୍ପ ପାଇଁ ବଜେଟ୍ ଆକଳନ | ପ୍ରାରମ୍ଭିକ ଜମା | ପ୍ରାପ୍ତି | | | | ମୋଟ ପ୍ରାପ୍ତ ପାଣ୍ଠି | ବ୍ୟୟ | ଅବଶେଷ ଜମା | ପ୍ରାପ୍ତ ମୋଟ ପାଣ୍ଠିର ଖର୍ଚ୍ଚର ପ୍ରତିଶତ |
|---|---|---|---|---|---|---|---|---|---|---|
| | | | ଭାରତତ ସରକାର ଅନୁଦାନ [114] | ଓଡ଼ିଶା ସରକାର ଅନୁଦାନ | ଋଣ (ଓୟୁଆଇଡିଏଫ୍/ ଜେଆଇସିଏ) | ମୋଟ | | | | |
| **1** | **2** | **3** | **4** | **5** | **6** | **7** | **8** | **9** | **10** | **11** |
| 2017-18 | 505.12 | 388.48 | 45.00 | 35.72 | 391.08 | 471.80 | 860.28 | 528.18 | 332.10 | 61.40 |
| 2018-19 | 383.60 | 332.10 | 65.00 | 72.59 | 242.53 | 380.12 | 712.22 | 430.39 | 281.83 | 60.43 |
| 2019-20 | 153.30 | 281.83 | 0.00 | 199.66 | 161.94 | 361.60 | 643.43 | 366.78 | 276.65 | 57.00 |
| 2020-21 | 301.00 | 276.65 | 83.50 | 529.37 | 203.51 | 816.38 | 1,093.03 | 615.99 | 477.04 | 56.36 |
| 2021-22 | 504.00 | 477.04 | 65.00 | 115.93 | 323.09 | 504.02 | 981.06 | 574.15 | 406.91 | 58.52 |
| ମୋଟ | **1,847.02** | | **258.50** | **953.27** | **1,322.15** | **2,533.92** | | **2,515.49** | | |

*(ଉତ୍ସ: ଓଏସ୍‌ଡବ୍ଲ୍ୟୁଏସ୍‌ଏସ୍‌ବି/ ୱାଟ୍‌କୋ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ସାରଣୀ 4.2 ରୁ ଏହା ଦେଖାଯାଇପାରେ ଯେ, ଯଦିଓ ବଜେଟ୍ ଆକଳନ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍ଧ ନଥିଲା (2019-20 ଆର୍ଥିକ ବର୍ଷ ବ୍ୟତୀତ) ତଥାପି, ଓଡବ୍ଲ୍ୟୁଏସ୍‌ଏସ୍‌ବି ଏବଂ ୱାଟ୍‌କୋ ସରକାରୀ ଅନୁଦାନ ବ୍ୟତୀତ ବିପୁଳ ଋଣ (ଆବଶ୍ୟକତା ଠାରୁ ଅଧିକ) ନେଇଥିଲେ, ଯାହାଫଳରେ ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ପାଣ୍ଠି ଠୁଳ

[114] ସମ୍ବଲପୁର ଓ ରାଉରକେଲା ସ୍ୱେରେଜ୍ ପ୍ରକଳ୍ପ ପାଇଁ ଅମୃତ ଅନୁଦାନ ଏବଂ 2020-22 ବର୍ଷରେ ଓଡ଼ିଶା ରାଜ୍ୟରେ ସରେଜ୍ ପ୍ରକଳ୍ପ ପାଇଁ ସତନ୍ତ୍ର ଅନୁଦାନ ମିଳିଛି ।

ହୋଇଥିଲା । 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ସ୍ୱେରେଜ୍ ପ୍ରକଳ୍ପ ପାଇଁ 56.63 ରୁ 61.40 ପ୍ରତିଶତ ପର୍ଯ୍ୟନ୍ତ ପାଣ୍ଠି ବ୍ୟବହୃତ ହୋଇଥିଲା, ଯାହା ପାଣ୍ଠିର ଖରାପ ପରିଚାଳନାକୁ ସୂଚାଇଥିଲା । ସ୍ୱେରେଜ୍ ପ୍ରକଳ୍ପଉପରେ ପ୍ରକୃତ ଆବଶ୍ୟକତା ଅନୁଯାୟୀ ସ୍ୱେରେଜ୍ ପରିଚାଳନା ପାଇଁ କରାଯାଇଥିବା ବଜେଟ୍ ବ୍ୟବସ୍ଥା ଅବାସ୍ତବ ବୋଲି ଏହା ଦର୍ଶାଇଥିଲା ।

ସରକାର ବ୍ୟକ୍ତ କଲେ (ମଇ 2023) ଯେ ବଳକା ପାଣ୍ଠି ଉପରୋକ୍ତ ପ୍ରକଳ୍ପ ଅଧୀନରେ ବ୍ୟବହୃତ ହେବ । ପ୍ରତିବର୍ଷ ପ୍ରାରମ୍ଭିକ ପାଣ୍ଠି ଉପଲବ୍ଧ ହେଉଥିଲେ ମଧ୍ୟ ଋଣ ପାଇବା ସମ୍ପର୍କରେ ଉତ୍ତର ଦିଆଯାଇନଥିଲା, ଯେଉଁଥିରେ ଯୋଜନାରେ ଅବହେଳା କାରଣରୁ, ଅନୁଚ୍ଛେଦ **5.3** ରେ ଆଲୋଚନା କରାଯାଇଥିଲା ପରି ସ୍ୱେରେଜ୍ ପରିଚାଳନା ଉଦ୍ଦେଶ୍ୟ ହାସଲ ପାଇଁ ପାଣ୍ଠି ଅବରୋଧ ହୋଇଥିଲା ।

## 4.3 ଠିକାଦାରଙ୍କୁ ମୋବିଲାଇଜେସନ୍ ଅଗ୍ରୀମ ଆଡଭାନ୍ସ ପ୍ରଦାନ

ଓପିଡବ୍ଲ୍ୟୁଡି କୋଡ୍(ଓଡ଼ିଶା ପୂର୍ତ୍ତବିଭାଗ ସଂହିତା)ର ଧାରା 3.7.21 ନିୟମ ଅନୁଯାୟୀ, ଠିକାଦାରଙ୍କୁ ଅଗ୍ରୀମ ଦେୟ ଦେବା ନିଷିଦ୍ଧ । ଉପରୋକ୍ତ ପାରାର ନୋଟ୍-ସିରେ କୁହାଯାଇଛି ଯେ ଯେଉଁ କ୍ଷେତ୍ରରେ ଏଭଳି ଅଗ୍ରୀମ ଅପରିହାର୍ଯ୍ୟ ଅଟେ, ତେବେ କ୍ଷତି ପ୍ରତି ଆବଶ୍ୟକ ସତର୍କତା ଅବଲମ୍ବନ କରାଗଲେ ଅଗ୍ରୀମ ପ୍ରଦାନ କରାଯାଇପାରିବ । ଏଭଳି ବ୍ୟବସ୍ଥାକୁ ସାଧାରଣଭାବେ ହେବାକୁ ଦିଆଯିବନାହିଁ, କିମ୍ବା ଅତ୍ୟନ୍ତ ଜରୁରୀଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିବାକୁ ଦିଆଯିବନାହିଁ ଏବଂ ଏଭଳି ଅଗ୍ରୀମ ବାର୍ଷିକ 18 ପ୍ରତିଶତ ହାରରେ ସୁଧ ବହନ କରିବ ।

### 4.3.1 ଚୁକ୍ତିନାମାରେ ତ୍ରୁଟିପୂର୍ଣ୍ଣ ଧାରା କାରଣରୁ ସୁଧ ହରାଇବା

ଓପିଡବ୍ଲ୍ୟୁଡି କୋଡ୍‌କୁ ଉଲ୍ଲଂଘନ କରି ଜେଆଇସିଏ ପାଣ୍ଠିପ୍ରାପ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଠିକାଦାରଙ୍କ ସୁଧ ସହିତ ଆଗୁଆ ଆଦାୟ ଧାରାକୁ ଅନ୍ତର୍ଭୁକ୍ତ କରିବାରେ ବିଫଳ ହେବା ଫଳରେ **91.14** କୋଟି ଟଙ୍କାର ସୁଧ ହାନି ହୋଇଛି ।

ଜାଇକାର ମଖ୍ୟ ଯୁନ୍ତ୍ରୀ (ସିଇ)ଙ୍କ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଓପିଡବ୍ଲୁଡି କୋଡରୁ ବ୍ୟତିକ୍ରମ ହୋଇ ଚାରୋଟି କାର୍ଯ୍ୟ[115] ପାଇଁ ଚାରୋଟି ଏଜେନ୍ସି[116] ସହ ଚୁକ୍ତି[117] ହୋଇଛି, ଯେଉଁଥିରେ ସୁଧମୁକ୍ତ ଅଗ୍ରୀମ ପ୍ରଦାନ ପାଇଁ ସର୍ତ୍ତ ଉଲ୍ଲେଖ କରାଯାଇଛି । ସେହି ଅନୁଯାୟୀ ଇଆଇସି ଫେବୃୟାରୀ 2013ରୁ ଡିସେମ୍ବର 2018 ମଧ୍ୟରେ 229.94 କୋଟି ଟଙ୍କାର ସୁଧ ମୁକ୍ତ ମୋବିଲାଇଜେସନ ଅଗ୍ରୀମ ପ୍ରଦାନ କରିଛି । ଚୁକ୍ତିରେ ସୁଧ ସହ ମୋବିଲାଇଜେସନ ଅଗ୍ରୀମ ପରିଶୋଧ ପାଇଁ ଉପଯୁକ୍ତ ଧାରା ଅନ୍ତର୍ଭୁକ୍ତ ନ ହେବା ଫଳରେ ରାଜ୍ୟ ରାଜକୋଷକୁ 91.14 କୋଟି ଟଙ୍କାର ସୁଧ ହାନି ହୋଇଛି ।

ସରକାର (ମାର୍ଚ୍ଚ 2023)ବ୍ୟକ୍ତ କରିଛନ୍ତିଯେ, ଚୁକ୍ତିର ସାଧାରଣ ସର୍ତ୍ତ ଅନୁଯାୟୀ , ଠିକାଦାରମାନଙ୍କୁ ସୁଧ ମୁକ୍ତ ମୋବିଲାଇଜେସନ ଅଗ୍ରୀମ ପ୍ରଦାନ କରାଯାଇଛି । ଉତ୍ତର ସନ୍ତୋଷଜନକ ନୁହେଁ, କାରଣ ଚୁକ୍ତିନାମାରେ ସୁଧ ସହିତ ଆଗୁଆ ପରିଶୋଧ ପାଇଁ ଉପଯୁକ୍ତ ଧାରାକୁ ଅନ୍ତର୍ଭୁକ୍ତ କରିବାରେ ବିଫଳତା ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ବୋଝ ସୃଷ୍ଟି କରିଥିଲା, କାରଣ ଓଡ଼ିଶା ସରକାର ସ୍ୱେରେଜ ପ୍ରକଳ୍ପ ପାଇଁ ଋଣ ଉପରେ ସୁଧ ପ୍ରଦାନ କରିଥିଲେ

### 4.3.2 ସୁରକ୍ଷିତ ଅଗ୍ରୀମ ର ବ୍ୟବସ୍ଥିତ ନ ହେବା

ଓପିଡବ୍ଲ୍ୟୁଡି କୋଡ୍‌ର ଧାରା 3.7.21 (ଏ) ଅନୁଯାୟୀ କାର୍ଯ୍ୟକ୍ଷେତ୍ରକୁ ଅଣାଯାଇଥିବା ସାମଗ୍ରୀର ସୁରକ୍ଷା ଉପରେ ସାମଗ୍ରୀ ମୂଲ୍ୟର 75 ପ୍ରତିଶତ ସୁରକ୍ଷିତ ଅଗ୍ରୀମ, ଠିକାଦାରମାନଙ୍କୁ ପ୍ରଦାନ କରାଯାଇପାରିବ । ଏହା ବ୍ୟତୀତ ଠିକାଦାରମାନଙ୍କୁ ଦିଆଯାଇଥିବା ସମ୍ପୂର୍ଣ୍ଣ କାମ ସରିବା ପର୍ଯ୍ୟନ୍ତ ଏଭଳି ଅଗ୍ରୀମ ଆଦାୟକୁ ମୁଲତବି କରିବା ଉଚିତ ନୁହେଁ ।

---

115 ଜେଆଇସିଏ ପ୍ୟାକେଜ୍ I:, ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା VI ନିର୍ମାଣ ପାଇଁ 58.06 କୋଟି ଟଙ୍କା; ପ୍ୟାକେଜ୍ II:, କଟକ ସ୍ୱେରେଜ୍ ଜିଲ୍ଲା I, II ଏବଂ III ନିର୍ମାଣ ପାଇଁ 89 କୋଟି ଟଙ୍କା; ପ୍ୟାକେଜ୍ III:, ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା VI ଏବଂ କଟକ ସ୍ୱେରେଜ୍ ଜିଲ୍ଲା I ଏବଂ II ପାଇଁ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ 24.49 କୋଟି ଟଙ୍କା; ଏବଂ ପ୍ୟାକେଜ୍: 58.39 କୋଟି ଟଙ୍କା, ଏବଂ ପ୍ୟାକେଜ୍ IV: କଟକରେ ବକ୍ସ ଡ୍ରେନ୍ ନିର୍ମାଣ ପାଇଁ 58.39 କୋଟି ଟଙ୍କା

116 ମେସର୍ସ ଆଇଭିଆରସିଏଲ୍ ଲିମିଟେଡ, ମେସର୍ସ ଏଲଆଣ୍ଡଟି ଲିମିଟେଡ୍, ମେସର୍ସ ଭିଏ ଟେକ୍ ୱାବାଗ ଲିମିଟେଡ୍ ଏବଂ ମେସର୍ସ ଟାଣ୍ଡିଆ ଭୋଲଟାସ ଜେଭି

117 2013 ଜାନୁଆରୀରୁ ଜୁନ୍ ମଧ୍ୟରେ

ସମ୍ବଲପୁର ଓଡବ୍ଲୁଏସଏସବିର ପ୍ରକଳ୍ପ ଇଞ୍ଜିନିୟର ((ପିଇ)ଙ୍କ ରେକର୍ଡରୁ ଜଣାପଡ଼ିଛି ଯେ, ସମ୍ବଲପୁର ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଓଡବ୍ଲୁଏସ୍ଏସ୍‌ବି ଡିସେମ୍ବର 2017 ରୁ ମାର୍ଚ୍ଚ 2021 ମଧ୍ୟରେ ଏକ ସଂସ୍ଥାକୁ 7.56 କୋଟି ଟଙ୍କାର ଅଗ୍ରୀମ ଅର୍ଥ ପ୍ରଦାନ କରିଥିଲା । ଏହି ରାଶି ମଧ୍ୟରୁ 6.08 କୋଟି ଟଙ୍କା ବ୍ୟବସ୍ଥିତ ହୋଇଥିବା ବେଳେ ବାକି ଥିବା 1.48 କୋଟି ଟଙ୍କା (2022 ନଭେମ୍ବର ସୁଦ୍ଧା) ଆଦାୟ ହୋଇପାରି ନଥିଲା ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, 46ତମ ଆର୍‌ଏ ବିଲ୍ (ଡିସେମ୍ବର 2022) ରୁ ଓଡବ୍ଲୁଏସ୍ଏସ୍‌ବି ଦ୍ୱାରା ସୁରକ୍ଷିତ ଅଗ୍ରୀମ ବାବଦରେ ବାକିଥିବା 1.48 କୋଟି ଟଙ୍କା ସଂସ୍ଥାଠାରୁ ଆଦାୟ କରାଯାଇଥିଲା । ଏଭଳି ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ କୌଣସି ଦସ୍ତାବିଜ୍ ପ୍ରମାଣ ଦିଆଯାଇ ନ ଥିବାରୁ ଉତ୍ତର ସନ୍ତୋଷଜନକ ନୁହେଁ ।

## 4.4 ପରାମର୍ଶ ସେବା ପାଇଁ ସେବା କର ଏବଂ ଜିଏସ୍‌ଟି ବାବଦରେ ପରିହାର୍ଯ୍ୟ ବ୍ୟୟ

ଅକ୍ଟୋବର 2009 ରୁ ଜୁନ୍ 2012 ମଧ୍ୟରେ ଜାରି ହୋଇଥିବା ବିଜ୍ଞପ୍ତି[118] ଅନୁଯାୟୀ, କେନ୍ଦ୍ରୀୟ ଅର୍ଥ ଆଇନ୍ , 1994[119]ରେ ବର୍ଜ୍ୟଜଳ ପରିଚାଳନା କିମ୍ବା ନିଷ୍କାସନ ପାଇଁ ପ୍ରଦାନ କରାଯାଉଥିବା ସେବାକୁ ସେବା ଟିକସ ଆଦାୟରୁ ବାଦ୍ ଦିଆଯାଇଛି । କେନ୍ଦ୍ରୀୟ ଉତ୍ପାଦ ଓ ସୀମା ଶୁଳ୍କ ବୋର୍ଡ, ଭାରତ ସରକାର ମଧ୍ୟ ସ୍ପଷ୍ଟ କରିଛନ୍ତି (ଜୁନ୍ 2017) ଯେ ଧାରା 243 ଡବ୍ଲୁ ଅଧୀନରେ ପୌରପାଳିକାକୁ ଦିଆଯାଇଥିବା ଶୁଦ୍ଧ କାର୍ଯ୍ୟ ସମ୍ବନ୍ଧରେ[120] କୌଣସି କାର୍ଯ୍ୟକଳାପ ମାଧ୍ୟମରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବା ପରାମର୍ଶ (ସାମଗ୍ରୀ ଯୋଗାଣ ବିନା) ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି) ରୁ ମୁକ୍ତ ଅଟେ ।

ସମୀକ୍ଷା ଏହା ଲକ୍ଷ୍ୟ କଲା (ଜୁନ୍ 2022) ଯେ, ଆଠଟି[121] ସ୍ୱେରେଜ୍ ପ୍ରକଳ୍ପର ପର୍ଯ୍ୟବେକ୍ଷଣ ଏବଂ ପର୍ଯ୍ୟାଲୋଚନା ପାଇଁ ମାନବ ସମ୍ବଳ ସେବା ଯୋଗାଇବା ପାଇଁ ଡିସେମ୍ବର 2009 ରୁ ଫେବୃଆରୀ 2018 ମଧ୍ୟରେ ଓଡବ୍ଲୁଏସ୍ଏସ୍‌ବି ଦୁଇଟି ସଂସ୍ଥା[122] ସହିତ ଚୁକ୍ତି କରିଥିଲା । ତେବେ, ଡିସେମ୍ବର 2009 ରୁ ଜୁଲାଇ 2022 ମଧ୍ୟରେ ଫାଇନାନ୍ସ, ଫାଇନାନ୍ସ ଅଧିନିୟମ ଓ ଜିଏସ୍‌ଟି ଆଇନକୁ ଉଲ୍ଲଘନ କରି 30.11 କୋଟି ଟଙ୍କାର ସେବା କର / ଜିଏସ୍‌ଟି ସମେତ କନସଲଟାନ୍ସି ସେବା ବାବଦରେ ବୋର୍ଡ ଏହ ସଂସ୍ଥାଗୁଡ଼ିକୁ 208.40 କୋଟି ଟଙ୍କା ପ୍ରଦାନ କରିଥିଲା, ଯାହାଫଳରେ 30.11 କୋଟି[123] ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

> ଅର୍ଥ ଆଇନ୍ ଏବଂ ଜିଏସ୍‌ଟି ଆଇନକୁ ଉଲ୍ଲଂଘନ କରି ସେବା ଟିକସ/ ଜିଏସ୍‌ଟି ସମେତ ପରାମର୍ଶଦାତା ସେବା (ଡିସେମ୍ବର 2009 ରୁ ଜୁଲାଇ 2022) ପ୍ରଦାନ କରାଯାଇଥିବା ଓଡବ୍ଲୁଏସଏସବି ଦେୟ ପ୍ରାପ୍ତ (ଡିସେମ୍ବର 2009 ରୁ ଜୁଲାଇ 2022) ରାଜ୍ୟ ରାଜକୋଷରୁ 30.11 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଥିଲା, କାରଣ ଶୁଦ୍ଧ ସେବା ଅଧୀନରେ ଆସୁଥିବା ପରାମର୍ଶଦାତା ସେବାଗୁଡ଼ିକ ସେବା କର / ଜିଏସ୍‌ଟିରୁ ମୁକ୍ତ ଅଟେ ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଯାନ୍ତ୍ରିକ ଏବଂ ପ୍ରକଳ୍ପ ପରାମର୍ଶ ସମ୍ବନ୍ଧୀୟ ସେବା ଦ୍ୱାରା ଓଡବ୍ଲୁଏସ୍ଏସ୍‌ବିକୁ ପ୍ରଦାନ କରାଯାଉଥିବା ସେବା ଶୁଦ୍ଧ ସେବାର ପ୍ରକୃତିରେ ନୁହେଁ ଏବଂ ଏଥିରେ ଯଥେଷ୍ଟ ପରିମାଣର ସାମଗ୍ରୀ ଯୋଗାଣ ଅନ୍ତର୍ଭୁକ୍ତ । ପର୍ଯ୍ୟବେକ୍ଷଣ ଏବଂ ପର୍ଯ୍ୟାଲୋଚନା ସେବା ପ୍ରଦାନ, ସ୍ୱେରେଜ୍ ପ୍ରକଳ୍ପ ନିର୍ମାଣ ପାଇଁ ଏଥିରେ ସାମଗ୍ରୀ ଯୋଗାଣ ଅନ୍ତର୍ଭୁକ୍ତ ନୁହେଁ ତେଣୁ ଏହାକୁ ପରାମର୍ଶଦାତା ସେବା ଭାବରେ ବିବେଚନା କରାଯିବ ଏବଂ ସେବା ଟିକସ/ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ, ତେଣୁ, ସମ୍ପୃକ୍ତ ଚୁକ୍ତିନାମା ପ୍ରସ୍ତୁତି କରାଯାଇଥିବାରୁ ଉତ୍ତର ସନ୍ତୋଷଜନକ ନୁହେଁ ।

---

118 41/2009-23 ଅକ୍ଟୋବର 2009 ରେ ସେବା କର ଏବଂ 25/2012 ସେବା କର ତାରିଖ 20 ଜୁନ୍ 2012

119 ପଞ୍ଚମ ଅଧ୍ୟାୟର ଧାରା 65(105) (zzzza) ଅନୁଯାୟୀ

120 କୌଣସି ସାମଗ୍ରୀ ଯୋଗାଣ ନକରି ସେବା ଯୋଗାଣକୁ ଶୁଦ୍ଧ ସେବା ଭାବରେ ବିବେଚନା କରାଯାଏ । ତେଣୁ, ରାସ୍ତା, ଘାଟ ଓ ସର୍ବସାଧାରଣ ସ୍ଥାନର ସ୍ୱଚ୍ଛତା ପାଇଁ ମାନବ ସମ୍ବଳ ଯୋଗାଣ, ଆର୍କିଟେକ୍ଟ ସେବା, ପରାମର୍ଶଦାତା ଯନ୍ତ୍ରୀ ସେବା, ଉପଦେଷ୍ଟା ସେବା ଏବଂ ବ୍ୟବସାୟିକ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ଅନ୍ୟାନ୍ୟ ସେବା, ସାମଗ୍ରୀ ଯୋଗାଣକୁ ଶୁଦ୍ଧ ସେବା ଯୋଗାଣ ଭାବରେ ବିବେଚନା କରାଯିବ ।

121 ଇପିସି ସମୟରେ ଛଅଟି ସ୍ୱେରେଜ୍ ପ୍ରକଳ୍ପ (ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା I ରୁ IV), ସମ୍ବଲପୁର ଏବଂ ରାଉରକେଲା ପଶ୍ଚିମ ସ୍ୱେରେଜ୍ ପ୍ରକଳ୍ପ ଓ ଜାଇକା ଅଧୀନରେ: ଦୁଇଟି ସ୍ୱେରେଜ୍ ପ୍ରକଳ୍ପ: (କଟକ ଏବଂ ଭୁବନେଶ୍ୱର VI)

122 ମେସର୍ସ ଟୋକିଓ ଇଞ୍ଜିନିୟରିଂ କନସଲଟାଣ୍ଟସ୍ କମ୍ପାନୀ ଲିମିଟେଡ୍ ଡିସେମ୍ବର 2009 ରୁ ଏହା ମାର୍ଚ୍ଚ 2023 ପର୍ଯ୍ୟନ୍ତ କଟକ ଓ ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା-6 ରେ ଜାଇକା ପ୍ରକଳ୍ପ ପାଇଁ ଏବଂ 2018 ଫେବୃଆରୀ ଜାନୁଆରୀ 2021 ପର୍ଯ୍ୟନ୍ତ ସମ୍ବଲପୁର, ରାଉରକେଲା ଏବଂ ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା ପାଇଁ – I, II, III ଏବଂ IV

123 ସେବା କର: 9.13 କୋଟି ଟଙ୍କା + ଜିଏସ୍‌ଟି: 20.98 କୋଟି ଟଙ୍କା

## 4.5 ନର୍ଦ୍ଦମା ଉପଭୋକ୍ତା ଶୁଳ୍କ ଏବଂ ଏସ୍‌ଡବ୍ଲ୍ୟୁଡି ସେସ୍ ଆଦାୟ କରି ରାଜସ୍ୱ ଉତ୍ପାଦନ

### 4.5.1 ନର୍ଦ୍ଦମା ଉପଭୋକ୍ତା ଶୁଳ୍କ ଆଦାୟ ନହେବା

ଚାରୋଟି ମହାନଗର ନିଗମରେ ଥିବା 1,12,110 ଟି ଘରୋଇ ନର୍ଦ୍ଦମା ସଂଯୋଗ ମଧ୍ୟରୁ ୱାଟ୍‌କୋ 16.82 କୋଟି ଟଙ୍କା (ଅକ୍ଟୋବର 2019 ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ବକେୟା ରହିଛି ଯାହାଫଳରେ 12.63 କୋଟି ଟଙ୍କା ଆଦାୟ ହୋଇନାହିଁ ।

ଓଡ଼ିଶା ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ମାର୍ଚ୍ଚ 2016[124] ଅନୁଯାୟୀ , ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ସେୱରେଜ୍ ଶୁଳ୍କ ପ୍ରତି ମାସରେ ଆଦାୟ କରାଯିବାର ଥିଲା । ତଦନୁଯାୟୀ, ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ପୌର ଉନ୍ନୟନ ବିଭାଗ ବିଜ୍ଞପ୍ତି (ମାର୍ଚ୍ଚ 2016) ଅନୁଯାୟୀ, ୱାଟ୍‌କୋକୁ ବ୍ୟକ୍ତିଗତ ଘରୋଇ ପରିବାର ଠାରୁ ମାସିକ ସେୱରେଜ୍ ଉପଭୋକ୍ତା ଶୁଳ୍କ, ସଂଯୋଗ ପିଛା 50 ଟଙ୍କା ଆଦାୟ କରିବାକୁ ପଡ଼ିବ ।

ୱାଟ୍‌କୋର ରେକର୍ଡ ଯାଞ୍ଚରୁ (ଅଗଷ୍ଟ 2022) ଜଣାପଡ଼ିଛି ଯେ, ଚାରୋଟି ମହାନଗର ନିଗମରେ[125] 1,12,110 ଟି ଘରୋଇ ନର୍ଦ୍ଦମା[126] ସଂଯୋଗ ମଧ୍ୟରୁ ୱାଟ୍‌କୋ 16.82 କୋଟି ଟଙ୍କା ବକେୟା (ଅକ୍ଟୋବର 2019 ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ଜାଗାରେ 4.19 କୋଟି ଟଙ୍କା (ଅଗଷ୍ଟ 2021 ସୁଦ୍ଧା) ଆଦାୟ କରିଛି । ଏହାପରେ କୌଣସି ସେୱରେଜ୍ ଫି ଆଦାୟ ହୋଇନଥିଲା । ସଂଗ୍ରହ ନ ହେବାର କାରଣ ରେକର୍ଡରେ ଉପଲବ୍ଧ ହୋଇନଥିଲା । ଉଲ୍ଲେଖଯୋଗ୍ୟ, ଉପଭୋକ୍ତା ବିଜ୍ଞପ୍ତିରେ ଖିଲାପକାରୀଙ୍କୁ ଜୋରିମାନା କିମ୍ବା ଦଣ୍ଡ ଦେବାର କୌଣସି ବ୍ୟବସ୍ଥା ନଥିଲା ।

ଏହା ବ୍ୟତୀତ, 2019-2021 ଆର୍ଥିକ ବର୍ଷ ମଧ୍ୟରେ ସେୱରେଜ୍ ଫି ଆଦାୟରେ ଅସମାନତା ଦେଖିବାକୁ[127] ମିଳିଥିଲା, ୱାଟ୍‌କୋର ବାର୍ଷିକ ହିସାବରେ ପ୍ରକାଶିତ ତଥ୍ୟ ଏବଂ **ସାରଣୀ 4.3** ରେ ଦର୍ଶାଯାଇଥିବା ଅନୁଯାୟୀ ସମୀକ୍ଷାକୁ ପ୍ରଦାନ କରାଯାଇଥିବା ବିବରଣୀ ମଧ୍ୟରେ ଅସଙ୍ଗତି ଲକ୍ଷ୍ୟ କରାଯାଇଥିଲା ।

**ସାରଣୀ 4.3: ନର୍ଦ୍ଦମା ଶୁଳ୍କ ଆଦାୟ ରିପୋର୍ଟିଂରେ ଅସଙ୍ଗତି**

| ଆର୍ଥିକ ବର୍ଷ | ବାର୍ଷିକ ହିସାବରେ ପ୍ରକାଶିତ ତଥ୍ୟ (ଟଙ୍କା ଲକ୍ଷରେ) | ଅଡିଟ୍‌କୁ ରିପୋର୍ଟ କରାଯାଇଥିବା ତଥ୍ୟ (ଟଙ୍କା ଲକ୍ଷରେ) | ପାର୍ଥକ୍ୟ (ଟଙ୍କା ଲକ୍ଷରେ) |
|---|---|---|---|
| 2019-20 | 0 | 112.08 | 112.08 |
| 2020-21 | 4.69 | 216.38 | 211.69 |
| 2021-22 | 0.13 | 90.36 | 90.23 |

2017-18 2021-22 ମଧ୍ୟରେ ଡ୍ରେନ୍ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 336.48 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ୍ଯ ଉଭୟ ସରକାର ଓ ମହାନଗର ନିଗମ, ପରିବାର ଲୋକଙ୍କଠାରୁ ଆଦାୟ ପାଇଁ ବର୍ଷାଜଳ ଡ୍ରେନେଜ୍ ସେସ୍ ଦର ସ୍ଥିର କରିନଥିଲେ ।

ୱାଟ୍‌କୋ ଗଠନ ପରେ ଭୁବନେଶ୍ୱର, କଟକ ଓ ରାଉରକେଲାରେ ସେୱରେଜ୍ ବ୍ୟବସ୍ଥା ପାଇଁ ୱାଟ୍‌କୋ ହସ୍ତରୁ ସେୱରେଜ୍ ସେସ୍ ଆଦାୟ କରାଯାଇଛି ବୋଲି ରାଜ୍ୟ ସରକାର କହିଛନ୍ତି (ମାର୍ଚ୍ଚ 2023) । ଏଭଳି ଆଦାୟ ପାଇଁ ବିଭାଗ ପକ୍ଷରୁ ଘରଗୁଡ଼ିକ ଠାରୁ ସେୱରେଜ୍ ସେସ୍ ଆଦାୟ କରାଯାଇନଥିବାରୁ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ନ ଥିବାରୁ ସରକାରୀ ରାଜସ୍ୱ ହାନି ହୋଇଥିବାରୁ ଉତ୍ତର ସନ୍ତୋଷଜନକ ନୁହେଁ ।

### 4.5.2 ସେସ୍‌ର ଅଣ-ଆଦାୟ ଫଳରେ ମହାନଗର ନିଗମଗୁଡ଼ିକ ଦ୍ୱାରା ନିଜସ୍ୱ ରାଜସ୍ୱ ଆଦାୟ ନହେବା

ଏସ୍‌ଡବ୍ଲ୍ୟୁଡି ମାନୁଆଲ୍, 2019 ର ଧାରା 2.6 ଅନୁଯାୟୀ, ପୌର ବଜେଟରେ ଡ୍ରେନେଜ୍ କାର୍ଯ୍ୟରୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓଆଣ୍ଡଏମ୍) ପାଣ୍ଠି ନିର୍ଦ୍ଧାରଣ କରାଯାଇପାରିବ ଏବଂ ପରିସରର କ୍ଷେତ୍ରଫଳ ଏବଂ ନିର୍ମାଣସ୍ତର ଆଧାରରେ ବନ୍ୟା ଜଳ ନିଷ୍କାସନ ସେସ୍ ଆକାରରେ ସଂଗ୍ରହ କରାଯାଇପାରିବ । ଉକ୍ତ ମାନୁଆଲର ଅନୁଚ୍ଛେଦ 5.5 ରେ ଏହି ମଧ୍ୟ ପରିକଳ୍ପନା କରାଯାଇଥିଲା ଯେ, କୌଣସି ଭିତ୍ତିଭୂମିର ବ୍ୟବହାର ପାଇଁ, ବର୍ତ୍ତମାନର

124 ପରିବାର ରୁ ସେୱରେଜ୍ ଶୁଳ୍କ ସଂଶୋଧନ ସଂଯୋଗ ପିଛା ଘରୋଇ ପରିବାର ପିଛା ମାସିକ 50 ଟଙ୍କା

125 ବିଏମ୍‌ସି, ସିଏମ୍‌ସି, ଏସ୍‌ଏମ୍‌ସି ଏବଂ ଆର୍‌ଏମ୍‌ସି

126 ଏସ୍‌ଟିପି-I: 35,747, ଏସ୍‌ଟିପି -II: 24,462, ଏସ୍‌ଟିପି -III: 23,387, ଏସ୍‌ଟିପି -IV: 10,753, ଏସ୍‌ଟିପି -VI: 0 ଭୁବନେଶ୍ୱରର, ଏସ୍‌ଟିପି -I ସିଡିଏ: 16,500, ଏସ୍‌ଟିପି -II ମତ୍ତଗଜପୁର: 350, ଏସ୍‌ଟିପି ରାଉରକେଲା: 911 ଏବଂ ଏସ୍‌ଟିପି ସମ୍ବଲପୁର: 0

127 ସେୱରେଜ୍ ଫିସ୍ = ଅକ୍ଟୋବର 2019 ରୁ ମାର୍ଚ୍ଚ 2022 ମାସ ପର୍ଯ୍ୟନ୍ତ 30 ମାସରେ 1,12,110 ଉପଭୋକ୍ତା ପରିବାର ପିଛା 50 ଟଙ୍କା (-) ଆଦାୟ ହୋଇଥିବା 4.19 କୋଟି ଟଙ୍କା= 12.63 କୋଟି ଟଙ୍କା

ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଏସ୍‌ଡବ୍ଲ୍ୟୁଡିର ଓଆଣ୍ଡଏମ୍ ପାଇଁ ଉପଭୋକ୍ତା ଶୁଳ୍କ ଆଦାୟ କରାଯିବ । ପୌର ଆଇନ୍ ଅଧୀନରେ ୟୁଏଲ୍‌ବି ମାନଙ୍କ ଦ୍ୱାରା ଟିକସ ଏବଂ ଉପଭୋକ୍ତା ଶୁଳ୍କ ଆଦାୟ କରାଯାଇପାରିବ ।

ମନୋନୀତ ମହାନଗର ନିଗମ ଗୁଡ଼ିକର ରେକର୍ଡ ଯାଞ୍ଚ (ଅକ୍ଟୋବର 2022) ରୁ ଜଣାପଡ଼ିଛି ଯେ, 2017-18 ରୁ 2021-22 ମଧ୍ୟରେ ଡ୍ରେନ୍ ନିର୍ମାଣ, ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ 336.48 କୋଟି ଟଙ୍କା ଖର୍ଚ୍ଚ ହୋଇଲେ ମଧ୍ୟ ଉଭୟ ସରକାର ଏବଂ ମହାନଗର ନିଗମ ମାନେ ଘରମାନଙ୍କ ଠାରୁ କର ଏବଂ ଉପଭୋକ୍ତା ଶୁଳ୍କ ପାଇଁ କୌଣସି ଦର ସ୍ଥିର କରିନଥିଲେ ।

ଏହାର ଉତ୍ତରରେ ବ୍ରହ୍ମପୁର ମହାନଗର ନିଗମ ବ୍ୟକ୍ତ କରିଛନ୍ତି (ନଭେମ୍ବର 2022) ଯେ, ପୌର ପରିଷଦର ଅନୁମୋଦନ ପାଇବା ପରେ ସେସ୍ ଲାଗୁ କରାଯିବ ଏବଂ ଆଦାୟ କରାଯିବ । ଭୁବନେଶ୍ୱର ମହାନଗର ନିଗମ ଏବଂ ରାଉରକେଲା ମହାନଗର ନିଗମ ଅଡିଟ୍ ମନ୍ତବ୍ୟ ବିଚାରକୁ ନେଇଛନ୍ତି । କ୍ଷମତାପନ୍ନ ପ୍ରାଧିକାରୀଙ୍କ ଅନୁମୋଦନ ନେବା ପରେ ପ୍ରକରଣ 2019 ଅନୁଯାୟୀ ସେସ୍ ଆଦାୟ କରାଯିବ ବୋଲି ସମ୍ବଲପୁର ମହାନଗର ନିଗମ ବ୍ୟକ୍ତ କରିଛନ୍ତି (ମଇ 2023) । କଟକ ମହାନଗର ନିଗମ କୌଣସି ଉତ୍ତର ଦେଇନଥିଲେ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ମହାନଗର ନିଗମ ମାନେ ସେମାନଙ୍କର ନିଜସ୍ୱ ରାଜସ୍ୱ ସୃଷ୍ଟି ପାଇଁ, ସେମାନଙ୍କର ଆତ୍ମସ୍ଥାୟୀତା ପାଇଁ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ ।

## 4.6 ବିନିଯୋଗ ପ୍ରମାଣପତ୍ରର ଅଣ-ଦାଖଲ

ଓଡ଼ିଶା ସାଧାରଣ ଆର୍ଥିକ ନିୟମାବଳୀ ନିୟମ, 173 ଅନୁଯାୟୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିବାକୁ ପଡ଼ିଥାଏ, କାରଣ ଏଥିପାଇଁ ପାଣ୍ଠି ବ୍ୟବହୃତ ହୋଇଛି ବୋଲି ମଞ୍ଜୁରୀ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ଭରସା ଦିଆଯାଇଥାଏ, ଯେଉଁଥିପାଇଁ ଏହା ମଞ୍ଜୁର ଓ ବିତରଣ କରାଯାଇଥିଲା । ଅନୁଦାନଦାତାଙ୍କୁ ଏହି ରିପୋର୍ଟ ପ୍ରଦାନ କରିବାରେ କୌଣସି ବିଳମ୍ବ, କିମ୍ବା ଏପରି ରିପୋର୍ଟିଂରେ କୌଣସି ତ୍ରୁଟି, ନିୟନ୍ତ୍ରଣ ବ୍ୟବସ୍ଥାକୁ ଦୁର୍ବଳ କରିଦିଏ, ଯାହା ପାଣ୍ଠିର ଅନ୍ୟତ୍ର ଅଣ-ବିନିଯୋଗ ଏବଂ ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ପରିକଳ୍ପନା କରାଯାଇଛି ।

ସମୀକ୍ଷାରୁ ଜଣାପଡ଼ିଛି ଯେ 2015-22 ରେ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍‌ସି), ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି), ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ, ଅମୃତ ଏବଂ ଜେଆଇସିଏରୁ ମିଳିଥିବା ମୋଟ 4,316.04 କୋଟି ଟଙ୍କା[128] ମଧ୍ୟରୁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ମହାନଗର ନିଗମ ବିଭାଗ ମାତ୍ର 3,794.97 କୋଟି ଟଙ୍କା[129]ର ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିଥିବା ବେଳେ 521.07 କୋଟି ଟଙ୍କାର ୟୁସି ଦାଖଲ କରାଯାଇ ନାହିଁ ।

ଏହାର ଜବାବରେ ରାଉରକେଲା ମହାନଗର ନିଗମ ବ୍ୟକ୍ତ କରିଛନ୍ତି (ଅପ୍ରେଲ 2023) ଯେ, ବକେୟା ୟୁସି ଦାଖଲ କରାଯିବ। ବ୍ରହ୍ମପୁର ମହାନଗର ନିଗମ ବ୍ୟକ୍ତ କରିଛନ୍ତି (ମଇ 2023) ଯେ ସମସ୍ତ ୟୁସି, ମାର୍ଚ୍ଚ 2023 ସୁଦ୍ଧା ବିଭାଗକୁ ଦାଖଲ ହୋଇସାରିଛି । ତେବେ ସରକାରଙ୍କ ଜବାବକୁ ଅପେକ୍ଷା କରାଯାଇଥିଲା (ଅଗଷ୍ଟ 2023 ସୁଦ୍ଧା) ।

## 4.7 ଭଡ଼ା ଗାଡ଼ି ପାଇଁ ଅଧିକ ଦେୟ ଯୋଗୁଁ ପରାମର୍ଶଦାତାଙ୍କୁ ଅଯଥା ଫାଇଦା

ସରକାରୀ ବ୍ୟବହାର ପାଇଁ ବେସରକାରୀ ଗାଡ଼ି ଭଡ଼ା ବାବଦରେ ଅର୍ଥ ବିଭାଗ ପକ୍ଷରୁ ଏକ ପରିପତ୍ର (ଅକ୍ଟୋବର 2015) ଜାରି କରାଯାଇ ବିଭାଗୀୟ ମୁଖ୍ୟଙ୍କ ପାଇଁ 20,000 ଟଙ୍କା ଲେଖାଏଁ ନିର୍ଦ୍ଧାରିତ କରାଯାଇଛି । ଉପରୋକ୍ତ ଅର୍ଥ ବିଭାଗ ପରିପତ୍ର ସତ୍ତ୍ୱେ, ଓଡବ୍ଲ୍ୟୁଏସ୍‌ଏସ୍‌ବି (ଅକ୍ଟୋବର 2016) ସମ୍ବଲପୁର ସେୱରେଜ୍ ପ୍ରକଳ୍ପ ପାଇଁ ଗାଡ଼ି

[128] ଚତୁର୍ଦ୍ଦଶ ଅର୍ଥ ଆୟୋଗ: 1,439.92 ଟଙ୍କା, ଚତୁର୍ଥ ଏସ୍‌ଏଫ୍‌ସି: 1,907.17 କୋଟି ଟଙ୍କା, ପଞ୍ଚମ ଏସ୍‌ଏଫ୍‌ସି: 66.66 କୋଟି ଟଙ୍କା, ଅମୃତ -I (ପ୍ରୋତ୍ସାହନ): 58.00 କୋଟି ଟଙ୍କା ଏବଂ ଜେଆଇସିଏ: 844.29 କୋଟି ଟଙ୍କା (2017-22 ଅବଧିରେ)

[129] ୟୁସି ଦାଖଲ କରିଛି:_ଚତୁର୍ଦ୍ଦଶ ଅର୍ଥ ଆୟୋଗ: 1,055.45 କୋଟି ଟଙ୍କା, ଚତୁର୍ଥ ଏସ୍‌ଏଫ୍‌ସି: 1,840.07 କୋଟି ଟଙ୍କା, ଅମୃତ -I (ପ୍ରୋତ୍ସାହନ): 56.32 କୋଟି ଟଙ୍କା, ଏବଂ ଜେଆଇସିଏ: 843.13 କୋଟି ଟଙ୍କା

ଭଡ଼ା, ପରିଚାଳନା, ରକ୍ଷଣେବେକ୍ଷଣ, ମରାମତି, ବୀମା ଇତ୍ୟାଦି ବାବଦକୁ ଗାଡ଼ି ପାଇଁ 28,900 ଟଙ୍କା ହିସାବରେ ଏକ ଆକଳନ ପ୍ରସ୍ତୁତ କରିଥିଲା ।

ଓଡବ୍ଲୁଏସ୍ଏସ୍‌ବିର ରେକର୍ଡ ଯାଞ୍ଚ (ଜୁଲାଇ 2022) ରୁ ଜଣାପଡ଼ିଛି ଯେ ଭୁବନେଶ୍ୱର ନଗର ରାଉରକେଲା ନଗର ଓ ସମ୍ବଲପୁର ସହର ପାଇଁ ସ୍ୱେରେଜ୍ ଜିଲ୍ଲା - I, II, III, ଏବଂ IV ର ସ୍ୱେରେଜ୍ କାର୍ଯ୍ୟର ତଦାରଖ ପାଇଁ କର୍ତ୍ତୃପକ୍ଷ ଯନ୍ତ୍ରୀ (ଏଇ)ଙ୍କ ପରାମର୍ଶ ସେବା ପାଇଁ ମେସର୍ସ ମେହାର୍ଡ ସିଙ୍ଗାପୁର ପିଟିଇ ଲିମିଟେଡ୍ ସହିତ ଏକ ଇଞ୍ଜିନିୟରିଂ କ୍ରୟ ଏବଂ ନିର୍ମାଣ (ଇପିସି) ଚୁକ୍ତି (ଫେବୃଆରୀ 2018) କରାଯାଇଥିଲା । ଉକ୍ତ ଚୁକ୍ତିନାମାରେ 36 ମାସର ନିର୍ମାଣ ଅବଧିରେ ବ୍ୟବହାର ପାଇଁ ପ୍ରତି ଗାଡ଼ି ପିଛା ମାସିକ 75,000 ଟଙ୍କା ହିସାବରେ 20 ଟି ଗାଡ଼ି ଭଡ଼ାରେ ନେବାର ବ୍ୟବସ୍ଥା କରାଯାଇଥିଲା, ଯାହାର ମୂଲ୍ୟ 5.40 କୋଟି[130] ଟଙ୍କା ଥିଲା । ଗାଡ଼ି ପିଛା 75,000 ଟଙ୍କାର ପରାମର୍ଶଦାତାଙ୍କ ପ୍ରସ୍ତାବକୁ ଗ୍ରହଣ (ଫେବୃଆରୀ 2018), ଅର୍ଥ ବିଭାଗର ଗାଡ଼ି ପିଛା 20,000 ଟଙ୍କାର ସର୍କୁଲାର ଏବଂ ଓଡବ୍ଲୁଏସ୍ଏସ୍‌ବିର ଗାଡ଼ି ପିଛା 28,900 ଟଙ୍କାର ନିଜସ୍ୱ ଆକଳନ ସତ୍ତ୍ୱେ, କୌଣସି ଯଥାର୍ଥତା ନଥାଇ, ଦୁଇ କୋଟି[131] ଟଙ୍କା (ଜିଏସ୍‌ଟିକୁ ମିଶାଇ) ଅଯଥା ଲାଭ ପରାମର୍ଶଦାତାଙ୍କୁ ଦିଆଯାଇସାରିଛି (ଫେବୃଆରୀ 2021 ସୁଦ୍ଧା) ।

ସରକାର ବ୍ୟକ୍ତ କରିଛନ୍ତି (ମାର୍ଚ୍ଚ 2023) ଯେ, ପରିବହନ ଖର୍ଚ୍ଚ ବାବଦରେ କର୍ତ୍ତୃପକ୍ଷ ଯନ୍ତ୍ରୀଙ୍କୁ ଦିଆଯାଇଥିବା ଦେୟ ଚୁକ୍ତିନାମାର ବ୍ୟବସ୍ଥା ଅନୁଯାୟୀ ହୋଇଛି । ଉତ୍ତର ସନ୍ତୋଷଜନକ ନୁହେଁ, କାରଣ ପରାମର୍ଶଦାତାଙ୍କ ପ୍ରସ୍ତାବକୁ ଅଧିକ ହାରରେ ଗ୍ରହଣ କରିବା, ଅର୍ଥ ବିଭାଗର ପରିପତ୍ରକୁ ବ୍ୟତିକ୍ରମ କରି, ବୁଝାମଣା ଏବଂ ଯଥାର୍ଥତା ବିନା, ପରାମର୍ଶଦାତାଙ୍କୁ ଅଯଥା ଫାଇଦା ପହଞ୍ଚାଇଥିଲା ।

## 4.8 ସମୀକ୍ଷା ହୋଇଥିବା ହିସାବ ପ୍ରସ୍ତୁତ ନହେବା ଏବଂ ବୋର୍ଡର ବାର୍ଷିକ ରିପୋର୍ଟ ଦାଖଲ ନ କରିବା

ଓଡବ୍ଲୁଏସ୍ ଆଣ୍ଡ ଏସ୍ ଅଧିନିୟମ, 1991 ର ଧାରା 35(2), (3) ଏବଂ (4) ରେ ଧାର୍ଯ୍ୟ କରାଯାଇଛି ଯେ ବୋର୍ଡ ଏହାର ହିସାବ ସମ୍ବନ୍ଧରେ ଏଭଳି ପୁସ୍ତକଗୁଡ଼ିକର ପ୍ରସ୍ତୁତ କରିବ ଏବଂ ନିୟମାବଳୀ ଅନୁଯାୟୀ ସେହି ଆକାର ଏବଂ ଉପାୟରେ ବାଲାନ୍ସ ସିଟ୍ ପ୍ରସ୍ତୁତ କରିବ । ଏହା ବ୍ୟତୀତ ବୋର୍ଡର ଆକାଉଣ୍ଟକୁ ଅଡିଟରଙ୍କ ଦ୍ୱାରା ସମୀକ୍ଷା କରାଯିବ ଏବଂ ସେହି ସମୟରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରମାଣିତ କରାଯିବ ଏବଂ ବାର୍ଷିକ ଅଡିଟ୍ ରିପୋର୍ଟ ସହିତ ଓଡ଼ିଶା ସରକାରଙ୍କ ନିକଟକୁ ପଠାଯିବ, ଯିଏ ବୋର୍ଡକୁ ଏପରି ନିର୍ଦ୍ଦେଶ ଜାରି କରିପାରିବେ, ଯେପରି କି ଏହା ଉଚିତ୍ ମନେ ହୁଏ ଏବଂ ବୋର୍ଡକୁ ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ପଡ଼ିବ ।

ସମୀକ୍ଷାରୁ ଜଣାପଡ଼ିଛି ଯେ 2012-13 ପର ଠାରୁ ଓଡବ୍ଲୁଏସ୍ଏସ୍‌ବି କୌଣସି ଅଡିଟର ନିଯୁକ୍ତ କରିନାହିଁ କିମ୍ବା ବାର୍ଷିକ ହିସାବ ପ୍ରସ୍ତୁତ କରିନାହିଁ । ସମୀକ୍ଷା ଓ ପ୍ରମାଣିତ ହିସାବ ନଥିବାରୁ ବୋର୍ଡ ଦ୍ୱାରା ହୋଇଥିବା ପ୍ରକୃତ କାରବାର ତନଖି ସମୟରେ ଜଣାପଡ଼ିନଥିଲା । ବାର୍ଷିକ ହିସାବ ପ୍ରସ୍ତୁତ କରିବା ଏବଂ ବାର୍ଷିକ ଅଡିଟ୍ ରିପୋର୍ଟ ଓଡ଼ିଶା ସରକାରଙ୍କ ନିକଟରେ ଆବଶ୍ୟକ ଅନୁଯାୟୀ ଦାଖଲ କରିବା ପାଇଁ ବୋର୍ଡ କୌଣସି ପଦକ୍ଷେପ ନେଇନଥିଲା ।

ସରକାର ବ୍ୟକ୍ତ କରିଛନ୍ତି (ମଇ 2023) ଯେ ବୋର୍ଡ 2002-03 ରୁ 2011-12 ପର୍ଯ୍ୟନ୍ତ ବାର୍ଷିକ ହିସାବ ପ୍ରସ୍ତୁତି ପାଇଁ ସିଏଜିଙ୍କ ତାଲିକାଭୁକ୍ତ ବୈଧାନିକ ଅଡିଟର ନିଯୁକ୍ତ କରିଛି ଏବଂ କମ୍ପାନୀ ମାର୍ଚ୍ଚ 2012 ପର୍ଯ୍ୟନ୍ତ ବାର୍ଷିକ ଅଡିଟ୍ ରିପୋର୍ଟ ଦାଖଲ କରିଛି । 2012-13 ରୁ 2021-22 ପର୍ଯ୍ୟନ୍ତ ବାର୍ଷିକ ଅଡିଟ୍ କରିବାକୁ ପଦକ୍ଷେପ ନିଆଯାଇଛି ।

**4 ଟି ଅତ୍ୟାବଶ୍ୟକ ସେବା ପାଇଁ ସେବାସ୍ତରୀୟ ମାନଦଣ୍ଡ ହାସଲ ନହେବା, କମ୍ ରାଜସ୍ୱ ଉତ୍ପାଦନ, ୟୁଏଲ୍‌ବିଗୁଡ଼ିକର ନିର୍ବାଚନ ନ ହେବା ଏବଂ ବାର୍ଷିକ ସମୀକ୍ଷା ହୋଇଥିବା ଖାତା ପ୍ରସ୍ତୁତ ନହେବା କାରଣରୁ ଚତୁର୍ଦ୍ଦଶ ଅର୍ଥ (କାର୍ଯ୍ୟଦକ୍ଷତା ଅନୁଦାନ ଏବଂ ମୌଳିକ ଅନୁଦାନ)ର କେନ୍ଦ୍ରୀୟ ସହାୟତା 333.58 କୋଟି ଟଙ୍କା ହରାଇବାକୁ ପଡ଼ିଥିଲା ।**

## 4.9 କେନ୍ଦ୍ରୀୟ ସହାୟତାରେ କ୍ଷତି

ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍ଏଫ୍‌ସି) ସୁପାରିଶର 9.70 ଓ 9.71 ଅନୁଚ୍ଛେଦ ଅନୁଯାୟୀ ଭାରତ ସରକାର ସହରୀ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ଗୁଡ଼ିକ ପାଇଁ ମୌଳିକ ଅନୁଦାନ (ବିଜି) ଏବଂ କାର୍ଯ୍ୟ ଦକ୍ଷତା ଅନୁଦାନ

---

130 ମାସକୁ 2,000 କିଲୋମିଟର ଗାଡ଼ି ପିଛା 75,000 ଟଙ୍କା 20 ଟି ଗାଡ଼ି ସହ 36 ମାସ ପାଇଁ (75,000 ଟଙ୍କା X 20 X 36)

131 ପରାମର୍ଶଦାତାଙ୍କୁ ଅଯଥା ଲାଭ = {(75,000 ଟଙ୍କା -20,000 ଟଙ୍କା) X 308.70 (ଗାଡ଼ି ମାସ, ଠିକାଦାରଙ୍କୁ ଦେୟ ଦେବା ପାଇଁ ଓଡବ୍ଲୁଏସ୍ଏସ୍‌ବି ଦ୍ୱାରା ନିଆଯାଇଥିବା ଗୁଣାତ୍ମକ କାରକ)} X 18 ପ୍ରତିଶତ ଜିଏସ୍‌ଟି

(ପିଜି) ଆବଣ୍ଟନ କରନ୍ତି । ବିଜି ହେଉଛି ୟୁଏଲ୍‌ବି ମାନଙ୍କୁ ଦିଆଯାଇଥିବା ମୌଳିକ କାର୍ଯ୍ୟଗୁଡ଼ିକ ପ୍ରଦାନ କରିବା ପାଇଁ ନିଃସର୍ତ୍ତ ସମର୍ଥନ କରିବା । ପିଜି ଯୋଗ୍ୟ ହେବା ପାଇଁ ୟୁଏଲବି ମାନଙ୍କୁ ସମୀକ୍ଷା ହୋଇଥିବା ବାର୍ଷିକ ହିସାବ ଦାଖଲ କରିବାକୁ ପଡ଼ିବ ଯାହା କି ଦାବି କରିବାକୁ ଚାହୁଁଥିବା ବର୍ଷର ଦୁଇ ବର୍ଷ ପୂର୍ବରୁ ନୁହେଁ । ସମୀକ୍ଷା ହୋଇଥିବା ହିସାବରେ ପ୍ରତିଫଳିତ ହୋଇଥିବା ଭଳି ପୂର୍ବ ବର୍ଷ ତୁଳନାରେ ଏହାକୁ ନିଜର ରାଜସ୍ୱରେ ମଧ୍ୟ ବୃଦ୍ଧି ଦେଖାଇବାକୁ ପଡ଼ିବ । ଏହା ବ୍ୟତୀତ, ୟୁଏଲ୍‌ବିଗୁଡ଼ିକୁ ଅତ୍ୟାବଶ୍ୟକ ସେବାଗୁଡ଼ିକ ପାଇଁ ଏସ୍‌ଏଲବିକୁ ମାପିବା ଏବଂ ପ୍ରକାଶିତ କରିବାକୁ ପଡ଼ିବ । 2015-20 ରେ ଭାରତ ସରକାରଙ୍କଠାରୁ ମିଳିଥିବା ବିଜି ଏବଂ ପିଜିର ବିବରଣୀ ନିମ୍ନରେ ଦିଆଯାଇଛି :

**ସାରଣୀ 4.4: 2015-20 ଅବଧି ମଧ୍ୟରେ ସୁପାରିଶ କରାଯାଇଥିବା ଏଫ୍‌ଏଫ୍‌ସି ଅନୁଦାନ ଓ ଅଭାବର ବିବରଣୀ**

**(ଟଙ୍କା କୋଟିରେ)**

| ବର୍ଷ | ସୁପାରିଶ କରାଯାଇଥିବା ଏଫଏଫସି ଅନୁଦାନ | | | ପ୍ରାପ୍ତ ହୋଇଥିବା ଏଫଏଫସି ଅନୁଦାନ | | | ଅନୁଦାନର ଅଭାବ | | |
|---|---|---|---|---|---|---|---|---|---|
| | ବିଜି | ପିଜି | ମୋଟ | ବିଜି | ପିଜି | ମୋଟ | ବିଜି | ପିଜି | ମୋଟ |
| 2015-16 | 170.10 | 0.00 | 170.10 | 162.44 | 0.00 | 162.44 | 7.66 | 0.00 | 7.66 |
| 2016-17 | 235.54 | 69.52 | 305.06 | 231.26 | 68.26 | 299.52 | 4.28 | 1.26 | 5.54 |
| 2017-18 | 272.14 | 78.67 | 350.81 | 258.84 | 0.00 | 258.84 | 13.30 | 78.67 | 91.97 |
| 2018-19 | 314.82 | 89.34 | 404.16 | 292.73 | 0.00 | 292.73 | 22.09 | 89.34 | 111.43 |
| 2019-20 | 425.39 | 116.98 | 542.37 | 425.39 | 0.00 | 425.39 | 0.00 | 116.98 | 116.98 |
| ମୋଟ | **1417.99** | **354.51** | **1772.50** | **1370.66** | **68.26** | **1438.92** | **47.33** | **286.25** | **333.58** |

*(ଉତ୍ସ: ଡିଏମ୍‌ଏ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ଉପରୋକ୍ତ ସାରଣୀରୁ ଏହା ଦେଖିବାକୁ ମିଳୁଛି ଯେ କେନ୍ଦ୍ରୀୟ ସହାୟତା 333.58 କୋଟି ଟଙ୍କା (ପିଜି 286.25 କୋଟି ଟଙ୍କା+ ବିଜି 47.33 କୋଟି ଟଙ୍କା) କ୍ଷତି ହୋଇଛି, ଯାହା ଚାରୋଟି ମୌଳିକ ଅତ୍ୟାବଶ୍ୟକ ସେବା ପାଇଁ ସେବା ସ୍ତରୀୟ ବେଞ୍ଚମାର୍କ (ଏସଏଲବି) ହାସଲ ନକରିବା, କମ୍ ରାଜସ୍ୱ ଉତ୍ପାଦନ, ୟୁଏଲବିର ନିର୍ବାଚନ ନହେବା ଏବଂ ବାର୍ଷିକ ସମୀକ୍ଷା ହିସାବ ପ୍ରସ୍ତୁତ ନହେବା କାରଣରୁ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ ଆର୍ଥିକ ବର୍ଷ 2015-16 ରୁ 2019-20 ପର୍ଯ୍ୟନ୍ତ ଅବଧିକୁ ଅନ୍ତର୍ଭୁକ୍ତ କରି ମାର୍ଚ୍ଚ 2021 ରେ ଶେଷ ହୋଇଥିବା ବର୍ଷ ପାଇଁ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ନିଷ୍ପାଦନ ସମୀକ୍ଷା(ପିଏ) ରେ ଉପରୋକ୍ତ ଅଭାବ ଉଲ୍ଲେଖ କରାଯାଇଥିଲା ଏବଂ 2022 ସମିହା ପଇଁ ଭାରତୀୟ ସିଏଜିଙ୍କ ପ୍ରତିବେଦନରେ (ରିପୋର୍ଟ ସଂଖ୍ୟା-6) ଓଡ଼ିଶା ସରକାର ଏହି ଅନୁସନ୍ଧାନକୁ ଅନୁଚ୍ଛେଦ 2.4 ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ପୂର୍ବ ସିଏଜି ପ୍ରତିବେଦନରେ ଉପରୋକ୍ତ ତ୍ରୁଟି ଦର୍ଶାଯାଇଥିବା ସତ୍ତ୍ୱେ, **ଅନୁଚ୍ଛେଦ** 6.11 ରେ ଆଲୋଚନା କରାଯାଇଥିବା ଭଳି ସହରଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ଏବଂ ବର୍ଜ୍ୟଜଳ ପରିଚାଳନାରେ ଉନ୍ନତି ପାଇଁ ସେବାସ୍ତରୀୟ ବେଞ୍ଚମାର୍କ ହାସଲ ପାଇଁ ମହାନଗର ନିଗମମାନେ କୌଣସି ପଦକ୍ଷେପ ନେଇନଥିଲେ ।

***ସୁପାରିଶ:***

***11. ସରକାର/ ନିଗମଗୁଡ଼ିକ ସେମାନଙ୍କର ରାଜସ୍ୱ ବୃଦ୍ଧି ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରୟାସ କରିବା ପାଇଁ ଏସ୍‌ଡବ୍ଲ୍ୟୁଡି ଏବଂ ସେରେଜ୍ ସେସ୍ ସଂଗ୍ରହ ପାଇଁ ଏକ ଉପଯୁକ୍ତ ବ୍ୟବସ୍ଥା ପ୍ରସ୍ତୁତ କରିପାରିବେ ।***

***12. ଅନୁଦାନ ପ୍ରଦାନକାରୀ ସଂସ୍ଥା ଏବଂ ଅର୍ଥ ବିଭାଗକୁ ଠିକ୍ ସମୟରେ ୟୁସି ଦାଖଲ କରିବା ପାଇଁ ସରକାର ଉପଯୁକ୍ତ ରଣନୀତି ଯୋଜନା କରିପାରିବେ ।***

# ଅଧ୍ୟାୟ - V
# ବର୍ଷା ଜଳ ଡ୍ରେନ୍ ଏବଂ ସ୍ୱେରେଜ୍ ପାଇଁ ଚୁକ୍ତିନାମା ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା

# ଅଧ୍ୟାୟ-V

## 5. ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପାଇଁ ଚୁକ୍ତିନାମା ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା

ଏହି ଅଧ୍ୟାୟରେ ଏଏମ୍‌ସି, ଓଡବ୍ଲ୍ୟୁଏସ୍‌ଏସ୍‌ବି, ୱାଟ୍‌କୋ, ବିଏସ୍‌ସିଏଲ୍ ଏବଂ ଆରଏସ୍‌ସିଏଲ ନିଜ ନିଜ ଅଧୀନରେ ଏମଡବ୍ଲ୍ୟୁଡି ଏବଂ ସେରେଜ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ଆଲୋଚନା କରାଯାଇଛି । ଉପରୋକ୍ତ କର୍ତ୍ତୃପକ୍ଷ ରାଜ୍ୟର କାର୍ଯ୍ୟସୂଚୀ ଦର ବିଶ୍ଳେଷଣ, ଆଇଆରସି ସ୍ପେସିଫିକେସନ, ବିଆଇଏସ୍ ମାନକ ଏବଂ ବନ୍ୟା ଜଳ ନିଷ୍କାସନ ଏବଂ ସେରେଜ୍ ପରିଚାଳନାର ମାନୁଆଲ ଅନୁଯାୟୀ ଏହି କାର୍ଯ୍ୟଗୁଡ଼ିକୁ ଅର୍ଥନୈତିକ ଭାବେ କାର୍ଯ୍ୟକାରୀ କରିଛନ୍ତି କି ନାହିଁ, ଏହି ପ୍ରସଙ୍ଗରେ ମଧ ଆଲୋଚନା କରାଯାଇଛି ।

## 5.1 ବର୍ଷା ଜଳ ଡ୍ରେନ୍ ଏବଂ ସ୍ୱେରେଜ୍ ପାଇଁ ଚୁକ୍ତିନାମା ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା

### 5.1.1 ଟେଣ୍ଡର ଗ୍ରହଣରେ ବିଳମ୍ବ

ଓପିଡବ୍ଲ୍ୟୁଡି କୋଡ୍‌ର ଧାରା 3.5.18 (iv) ଅନୁଯାୟୀ ଟେଣ୍ଡର ଗ୍ରହଣ କରିବାର ଶେଷ ତାରିଖଠାରୁ କୌଣସି ଟେଣ୍ଡରର ମୁଦ୍ରା ଅବଧି ତିନି ମାସରୁ ଅଧିକ ହେବ ନାହିଁ ।

ଅଡିଟ୍ (ଜୁଲାଇ 2022) ଓଡବ୍ଲ୍ୟୁଏସଏସବି ଦ୍ୱାରା ନିମନ୍ତ୍ରିତ 6ଟି ସେରେଜ ପ୍ରକଳ୍ପ ସମ୍ବନ୍ଧରେ ଟେଣ୍ଡର ଦସ୍ତାବିଜର ସମୀକ୍ଷା କରିଥିଲା ଏବଂ ଜାଣିବାକୁ ପାଇଥିଲା ଯେ ଟେଣ୍ଡର ଗ୍ରହଣରେ ନିର୍ଦ୍ଧାରିତ ସମୟ ସୀମା ଠାରୁ ଅଧିକା 08 ରୁ 367 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଛି ଏବଂ ଏହି ବିଳମ୍ବର କାରଣ ରେକର୍ଡରେ ଉପଲବ୍ଧ ନାହିଁ । ଏହି ଟେଣ୍ଡର ଗ୍ରହଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପ ଗୁଡିକ ସଂପୂର୍ଣ୍ଣ ହେବାରେ ପ୍ରଭାବ ପଡିଥିଲା ଏବଂ 406.91 କୋଟି ଟଙ୍କାର ପାଣ୍ଠିର ଅବ୍ୟବହୃତ ହୋଇଥିଲା, ଯାହା କି ଅନୁଚ୍ଛେଦ 4.2 ରେ ଆଲୋଚନା କରାଯାଇଛି ।

ସରକାର ବ୍ୟକ୍ତ କରିଥିଲେ ଯେ, ଇପିସି ମୋଡରେ କରାଯାଇଥିବା ଛଅଟି ଟେଣ୍ଡର ମଧ୍ୟରୁ ତିନି ଟି 90, 98 ଓ 115 ଦିନ ମଧ୍ୟରେ ଚୂଡାନ୍ତ ହୋଇଥିବା ବେଳେ ଅବଶିଷ୍ଟ ତିନୋଟି ଟେଣ୍ଡର 2017 ଜୁନ୍ ମାସରେ ସ୍ଥଗିତ ଆଦେଶ ଉଠିବା ପରେ ଚୂଡାନ୍ତ ହୋଇଥିଲା । ଆହୁରି ମଧ ( ମାର୍ଚ୍ଚ 2023) କୁହଯାଇଛି ଯେ, ଯଦି ଟେଣ୍ଡର ପାଇଁ ଧାର୍ଯ୍ୟ ରାଶି 100 କୋଟି ଟଙ୍କାରୁ ଅଧିକ ହୁଏ, ତେବେ 28.01.2015 ରେ ପୂର୍ତ୍ତ ବିଭାଗ ଓଏମ୍ ଅନୁଯାୟୀ ରାଜ୍ୟ କ୍ୟାବିନେଟର ଅନୁମୋଦନ ଆବଶ୍ୟକ, କିନ୍ତୁ ଉପରୋକ୍ତ ବ୍ୟବସ୍ଥାକୁ ଓପିଡବ୍ଲ୍ୟୁଡି କୋଡ୍ ର ଅନୁଚ୍ଛେଦ 3.5.18 (iv)ରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଓପିଡବ୍ଲ୍ୟୁଡି କୋଡ୍ ଉଲ୍ଲଂଘନ କରି ବିଳମ୍ବରେ ଟେଣ୍ଡର ଗ୍ରହଣ କରାଯାଇଥିବାରୁ ଉତ୍ତର ଉପଯୁକ୍ତ ନଥିଲା ।

### 5.1.2 ଅଣ କାର୍ଯ୍ୟକାରୀ ଠିକାଦାରଙ୍କୁ କାମ ପ୍ରଦାନ ଏବଂ ଚୁକ୍ତିନାମା ରଦ୍ଦ ନ ହେବା ।

ଠିକା ସର୍ତ୍ତର ଧାରା 15.2 ଅନୁଯାୟୀ (ଏଫ୍2ଆଇଟମ୍ ରେଟ କଣ୍ଟ୍ରାକ୍ଟ), ଜାଇକା ସହାୟତାରେ ଭୁବନେଶ୍ୱର ଓ କଟକରେ ନର୍ଦ୍ଦମା ଲାଇନ ନିର୍ମାଣ ପାଇଁ ଯଦି ଠିକାଦାର ଦେବାଳିଆ କିମ୍ବା ଅସମର୍ଥ ହୋଇଯାନ୍ତି କିମ୍ବା ଲିକ୍ୟୁଡେସନରେ ଯାଆନ୍ତି ତେବେ ନିଯୁକ୍ତଦାତା ଚୁକ୍ତି ରଦ୍ଦ କରିବାର ଅଧିକାର ଅଛି । ଏହା ବ୍ୟତୀତ ଉପରୋକ୍ତ ଚୁକ୍ତିର ଧାରା 15.4 ଓ 15.5 ଅନୁଯାୟୀ, ଚୁକ୍ତି ରଦ୍ଦ ନୋଟିସ୍ ପରେ ଠିକାଦାର ଠାରୁ କୌଣସି କ୍ଷତି ଓ କ୍ଷୟକ୍ଷତି ଏବଂ କାର୍ଯ୍ୟ ସଂପୂର୍ଣ୍ଣ କରିବାର କୌଣସି ଅତିରିକ୍ତ ଖର୍ଚ୍ଚ, ଠିକାଦାରଙ୍କୁ କୌଣସି ଅର୍ଥ ପ୍ରଦାନ କରିବା ପରେ ଆଦାୟ କରିପାରିବେ ।

କଟକ ସ୍ଥିତ ଓଡବ୍ଲ୍ୟୁଏସଏସବି ସ୍ଥିତ ମୁଖ୍ୟ ଯନ୍ତ୍ରୀ, ଜାଇକା, ଓଡବ୍ଲ୍ୟୁଏସଏସବିର ରେକର୍ଡ ଯାଞ୍ଚ (ଜୁଲାଇ 2023) ରୁ ନିମ୍ନଲିଖିତ ଅନିୟମିତତା ପଦାକୁ ଆସିଛି:

କଟକରେ ଡ୍ରେନେଜ ନିର୍ମାଣ ଓ ଥଇଥାନ ସୁବିଧା ନିର୍ମାଣ ପାଇଁ ମେସର୍ସ ଟାଣ୍ଟିଆ-ଭୋଲଟାସ୍ (ଜେଭି) କୁ 23.043 କିଲୋମିଟର (3.4 କିଲୋମିଟରର ବକ୍ସ ଡ୍ରେନ ପାଇଁ 231.16 କୋଟି ଟଙ୍କାକୁ ମିଶାଇ) 659.09

କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2023 ) ଏବଂ ଶେଷ ହେବାର ନିର୍ଦ୍ଧାରିତ ତାରିଖ ମାର୍ଚ୍ଚ 2016 ରହିଥିଲା । 645.26 କୋଟି ଟଙ୍କା ପ୍ରଦାନ ସହ (ମଇ 2023 ସୁଦ୍ଧା) କାମ ଚାଲିଥିଲା ।

ଅଡିଟରୁ ଜଣାପଡିଛି ଯେ ଏଜେନ୍ସି ଚୁକ୍ତିଭିତ୍ତିକ ଅବଧି ମଧ୍ୟରେ କାମ ଶେଷ କରିବାରେ ସକ୍ଷମ ହୋଇ ନାହିଁ ଏବଂ କାର୍ଯ୍ୟର ଅଗ୍ରଗତି ଅତ୍ୟନ୍ତ ମନ୍ଥର ଥିଲା, ମାତ୍ର 366 ମିଟର ବକ୍ସ ଡ୍ରେନ ସମ୍ପୂର୍ଣ୍ଣ/ ଆଂଶିକ ଭାବରେ ସମ୍ପୂର୍ଣ୍ଣ ହୋଇଛି (ଅର୍ଥାତ୍, 333 ମିଟର ସମ୍ପୂର୍ଣ୍ଣ ଏବଂ 33 ମିଟର ଆଂଶିକ ଭାବରେ ସଂପୂର୍ଣ୍ଣ ହୋଇଛି ) । ଉଚ୍ଚ ସ୍ତରୀୟ ପରିଚାଳନା କମିଟି (ଅଟଷ୍ଟ 2018) ନିଷ୍ପତ୍ତି ନେଇଥିଲା ଯେ, 3.4 କିଲୋମିଟର ବକ୍ସ ଡ୍ରେନର ଅବଶିଷ୍ଟ ଅଂଶର କାମ ମୂଳ କାର୍ଯ୍ୟରୁ 201.23 କୋଟି ଟଙ୍କା ହେବ । ଯଦିଓ ଜାଇକା (ନଭେମ୍ବର 2016) ଦର୍ଶାଇଛି ଯେ ଏଜେନ୍ସି କର୍ପୋରେଟ୍ ଋଣ ପୁନର୍ଗଠନ ଅଧୀନରେ ଅଛି ଏବଂ କାର୍ଯ୍ୟର ଅଗ୍ରଗତି ବହୁତ ପଛରେ ଅଛି, ତଥାପି କାର୍ଯ୍ୟର ମନ୍ଥର ଅଗ୍ରଗତି ପାଇଁ ଓଡବ୍ଲ୍ୟୁଏସଏସବି ଏଜେନ୍ସି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ଏବଂ ବଳକା ଡ୍ରେନ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଏଜେନ୍ସିକୁ କାର୍ଯ୍ୟ ସମ୍ପାଦନ କରିବାକୁ ଅନୁମତି ଦେଇଥିଲା । ଡିସେମ୍ବର 2022 ସୁଦ୍ଧା ଶେଷ ହେବା ପାଇଁ ଧାର୍ଯ୍ୟ କରାଯାଇଥିବା, ଏହି କାମକୁ 450.44 କୋଟି ଟଙ୍କାରେ ଅନ୍ୟ ଏକ ଏଜେନ୍ସିକୁ (ଜୁଲାଇ 2021) ପ୍ରଦାନ କରାଯାଇଥିଲା । 221.42 କୋଟି ଟଙ୍କା ପ୍ରଦାନ କରାଯିବା ସହ (ମଇ 2023 ସୁଦ୍ଧା) ଏହି କାମ ଜାରି ରହିଛି ।

ଏହି ପରିପ୍ରେକ୍ଷୀରେ ଅଡିଟ୍ ଦର୍ଶାଇଛି ଯେ, 29.93 କୋଟି ଟଙ୍କାର କାମର ମାପ ମୂଲ୍ୟ ଥିବା ବେଳେ ଏଜେନ୍ସିକୁ 30.96 କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହା ଫଳରେ 1.03 କୋଟି ଟଙ୍କା ଅତିରିକ୍ତ ଦେୟ ପ୍ରଦାନ କରାଯାଇଛି, ଯାହା (ଜୁଲାଇ 2022 ସୁଦ୍ଧା) ଆଦାୟ ହୋଇ ନାହିଁ । ଏହା ବ୍ୟତୀତ ଉପରୋକ୍ତ ଚୁକ୍ତିର ଧାରା 15.4 ଓ 15.5 ଅନୁଯାୟୀ ମୂଳ ଚୁକ୍ତିକୁ ରଦ୍ଦ କରାଯାଇ ନାହିଁ ଏବଂ 249.21 କୋଟି[132] ଟଙ୍କାର ଅତିରିକ୍ତ ଖର୍ଚ୍ଚ ଆଦାୟ କରାଯାଇ ନାହିଁ, ଯାହା ଏଜେନସିକୁ ଅଯଥା ଫାଇଦା ଦେଇଥିଲା ।

ଉପରୋକ୍ତ ଉଦାହରଣଗୁଡ଼ିକ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିରତା ନିର୍ଣ୍ଣୟ ନକରି ଠିକା ପ୍ରଦାନରେ ବିଭାଗର ବିଫଳତାକୁ ସୂଚାଉଥିଲା, ଯାହା ଫଳରେ ପ୍ରକଳ୍ପଗୁଡ଼ିକ ବିଳମ୍ବିତ ହେବା ସହ 249.21 କୋଟି ଟଙ୍କାର ବ୍ୟୟ ବୃଦ୍ଧି ଘଟିଥିଲା ।

ଏ ସଂକ୍ରାନ୍ତରେ ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

## 5.2 ବର୍ଷା ଜଳ ନିଷ୍କାସନ ପାଇଁ ପ୍ରକଳ୍ପ କାର୍ଯ୍ୟକାରିତା

### 5.2.1 ଆଇଆରସି ନିର୍ଦ୍ଦିଷ୍ଟତାକୁ ଉଲ୍ଲଂଘନ କରି ଏବଂ ଡିଜାଇନ୍‌ରେ ଥିବା ନିଷ୍କାସନକୁ ବିଚାର ନକରି, ବର୍ଷା ଜଳ ଡ୍ରେନ୍ ନିର୍ମାଣ କରାଯାଇଛି

ଆଇଆର୍‌ସି-ଏସ୍‌ପି-50-2013 ର ଅନୁଚ୍ଛେଦ 6.8.5 ଅନୁଯାୟୀ, ଡ୍ରେନ୍‌ର ସର୍ବନିମ୍ନ ପ୍ରସ୍ଥ ଏବଂ ପାଇପର ସର୍ବନିମ୍ନ ବ୍ୟାସ ଯଥାକ୍ରମେ 250 ମିଲିମିଟର ଏବଂ 450 ମିଲିମିଟରରୁ କମ୍ ହେବ ନାହିଁ । ଏହା ବ୍ୟତୀତ ଉପରୋକ୍ତ ଆଇଆର୍‌ସିର ଅନୁଚ୍ଛେଦ 6.8.6 ଅନୁଯାୟୀ ଡିଜାଇନ୍ ନିଷ୍କାସନ ବହନ କରୁଥିବା ଡ୍ରେନ୍‌ର ପ୍ରଭାବଶାଳୀ ଅଂଶକୁ ବେଲ୍



ସାଟେଲାଇଟ୍ ଚିତ୍ର 14: ଇସ୍କନ୍ ଅଞ୍ଚଳରୁ ବେହେରାସାହିକୁ ଜଳ ପ୍ରବାହ, ଭୁବନେଶ୍ୱର ମହାନଗର ନିଗମ

132 ଡି-ସ୍କୋପଡ୍ କାମ ପାଇଁ ଚୁକ୍ତିନାମା ଖର୍ଚ୍ଚ: 450.44 କୋଟି (-) ଡି-ସ୍କୋପଡ୍ ରାଶି: 201.23 କୋଟି ଟଙ୍କା

ମାଉଥ୍ ପାଇପ୍ ତଳେ ରଖାଯିବ, ଯାହାଫଳରେ ରାସ୍ତାରେ ପାଣି ବିପରୀତ ଦିଗରେ ପ୍ରବାହିତ ନହେବ ।

ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ ସଂଖ୍ୟା III, ର ରେକର୍ଡରୁ ନିମ୍ନଲିଖିତ ତଥ୍ୟ ସାମ୍ନାକୁ ଆସିଛି:

- ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ଙ୍କ ଦ୍ୱାରା ନିର୍ମିତ, 16 ନମ୍ବର ଜାତୀୟ ରାଜପଥର ଫ୍ଲାଏ ଓଭର ସେତୁ ତଳେ ଥିବା ଭୂତଳ ଡ୍ରେନ୍‌ରେ ଦୁଇଟି ସାଇଫନ୍ (ଗୋଟିଏ ଇସ୍କନ୍ ପାର୍ଶ୍ୱରେ ଏବଂ ଅନ୍ୟଟି କ୍ରିଷ୍ଣା ଟାୱାର ପାର୍ଶ୍ୱରେ) ସଂଯୁକ୍ତ ହୋଇଥିଲା । କ୍ରିଷ୍ଣା ଟାୱାର ପାର୍ଶ୍ୱରେ ଥିବା ସାଇଫନ୍ ଭୋଇ ସାହି ଡ୍ରେନ୍ ସହ ସଂଯୋଗ ହୋଇଥିବା ବେଳେ ଏହା ବେହେରା ସାହିସ୍ଥିତ ଡ୍ରେନ୍ 10 ରେ ନିର୍ଗତ ହେଉଥିଲା । କ୍ରିଷ୍ଣା ଟାୱାରର ବାମ ପାର୍ଶ୍ୱରେ 0.6 ମିଟର ଶଯ୍ୟା ବିଶିଷ୍ଟ ଆଉ ଏକ ଡ୍ରେନ୍ ଭୋଇ ସାହି ଡ୍ରେନ୍‌କୁ ସଂଯୋଗ କରି ବେହେରା ସାହିଠାରେ ଡ୍ରେନ୍ 10 ରେ ପଡ଼ିଥିଲା ।

- ଏକ ଆରସିସି ଡ୍ରେନ୍ ନିର୍ମାଣ କାର୍ଯ୍ୟ ଯାହା 'କ୍ରିଷ୍ଣା ଟାୱାର (ଡାହାଣ ପାର୍ଶ୍ୱ) ରୁ ଭୋଇ ସାହି ପର୍ଯ୍ୟନ୍ତ 1.5 ମିଟର ଶଯ୍ୟା ପ୍ରସ୍ଥ ବିଶିଷ୍ଟକୁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା (ନଭେମ୍ବର 2019) 1.96 କୋଟି ଟଙ୍କାରେ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ମଇ 2020 ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବାର ଥିଲା । ଏହି କାର୍ଯ୍ୟଟି 1.79 କୋଟି ଟଙ୍କା ବ୍ୟୟରେ (ଅଗଷ୍ଟ 2021 ସୁଦ୍ଧା) ଶେଷ ହୋଇଛି ।

- ଉଭୟ ଡ୍ରେନ୍ ପାଇଁ ବର୍ଷା ତଥ୍ୟ, ଡ୍ରେନ୍‌ରେ ଜଳଧାରଣ ଅଞ୍ଚଳ ଏବଂ ଡିଜାଇନ୍ ନିଷ୍କାସନକୁ ବିଚାରକୁ ନନେଇ ନିର୍ମାଣ କାର୍ଯ୍ୟ କରାଯାଇଥିଲା । ଅସ୍ଥାୟୀ ବନ୍ୟାକୁ ଏଡ଼ାଇବା ପାଇଁ କୌଣସି ବନ୍ଦୋବସ୍ତ ଏବଂ ଅଟକ ସୁବିଧା ଯୋଗାଇ ଦିଆଯାଇନଥିଲା । ଫଳରେ ଡ୍ରେନ୍ ଗୁଡ଼ିକ ତୁରନ୍ତ ବର୍ଷା ଜଳ ନିଷ୍କାସନ କରିପାରୁ ନଥିବା ବେଳେ ସେହି ଅଞ୍ଚଳରେ ଡ୍ରେନ୍ ନିର୍ମାଣ ପରେ ମଧ୍ୟ ବର୍ଷା ଋତୁରେ ଜନସାଧାରଣ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯେପରିକି **ଫଟୋ 33** ଓ **34** ରେ ଦର୍ଶାଯାଇଛି ।

https://youtu.be/xllfu0CAFfI
ବିଏମ୍‌ସିର ଇସ୍କନ୍ ମନ୍ଦିର ଅଞ୍ଚଳରେ ଜଳବନ୍ଦୀ




**ଫଟୋଚିତ୍ର 33:** ଇସ୍କନ ମନ୍ଦିର ନିକଟରେ ଜଳବନ୍ଦୀ 27.09.2022



**ଫଟୋଚିତ୍ର 34:** ଇସ୍କନ ମନ୍ଦିରରେ ଜଳବନ୍ଦୀ (ସୌଜନ୍ୟ: ଇ ପ୍ରମେୟ[133] 27.09.2022)

ଜଳ ବନ୍ଦୀ ସମସ୍ୟା ଦୂର କରିବା ପାଇଁ ଏନ୍ଏଚ୍ଏଆଇ ରାଜ୍ୟ ପୂର୍ତ୍ତ ବିଭାଗକୁ (ମାର୍ଚ୍ଚ 2022) ଏହି କାମ କରିବାକୁ ଅନୁରୋଧ କରିଥିଲେ । ତଦନୁଯାୟୀ, ଭୁବନେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ ସଂଖ୍ୟା III ପକ୍ଷରୁ ଇସ୍କନ ଠାରୁ ଜୟଦେବ ବିହାର ଡ୍ରେନ ପର୍ଯ୍ୟନ୍ତ 1.2 ମିଟର ବ୍ୟାସ ବିଶିଷ୍ଟ ହ୍ୟୁମ୍ ପାଇପ୍ ଲାଇନ୍ ବିଛାଇବା କାମକୁ (ଜୁନ୍ 2022) 4.14 କୋଟି ଟଙ୍କାରେ କାର୍ଯ୍ୟାଦେଶ ଦେଇଥିଲା ଯାହା (ଏହି କାର୍ଯ୍ୟକୁ 62 ଟି ଚୁକ୍ତିରେ ବିଭକ୍ତ କରି) ଜୁଲାଇ 2022 ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ କରାଯାଇଥିଲା । ଏହି ସମୟରେ ଏନ୍ଏଚ୍ଏଆଇ (ଜୁନ୍ 2022) ସୂଚନା ଦେଲେ ଯେ, ମୁଖ୍ୟ ରାସ୍ତାର ଅତି ନିକଟରେ ଭାରୀ ଯନ୍ତ୍ରପାତି ବ୍ୟବହାର କରି 2.5 ମିଟର ଗଭୀର ଗାତ ଖୋଳାଗଲେ ଫ୍ଲାଏ ଓଭର କାନ୍ଥ ଢାଞ୍ଚାର ନିରାପତ୍ତା ସହ ବୁଝାମଣା ସଦୃଶ୍ୟ ହେବ । ତେଣୁ, ଡ୍ରେନ କାର୍ଯ୍ୟର ଆବଶ୍ୟକ ଡ୍ରଇଂ ଚିତ୍ର ଦାଖଲ କରିବାକୁ କୁହାଗଲା । ଡ୍ରଇଁ ଚିତ୍ର ଦାଖଲ କରିବା ପରିବର୍ତ୍ତେ ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଆଣ୍ଡ ରୋଡ) ସମସ୍ତ ଚୁକ୍ତି (ଅଗଷ୍ଟ 2022) ବନ୍ଦ କରିଦେଇଥିଲା । ସେଥିପାଇଁ ଇସ୍କନ୍

133 ବୈଦ୍ୟୁତିକ ମିଡିଆରେ ପ୍ରକାଶିତ ଦୈନିକ ଓଡ଼ିଆ ଖବରକାଗଜ

ଅଞ୍ଚଳର ଜଳ ବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତା ଏବଂ ଗୃହ ଡିଭିଜନ କିମ୍ବା ବିଏମ୍‌ସି ପକ୍ଷରୁ (ଅକ୍ଟୋବର 2022 ସୁଦ୍ଧା) କୌଣସି ପଦକ୍ଷେପ ନିଆଯାଇନାହିଁ ।

ଏହାର ଜବାବରେ ବିଏମ୍‌ସି ବ୍ୟକ୍ତ କରିଛନ୍ତି (ଅକ୍ଟୋବର 2022 ) ଯେ, 16 ନମ୍ବର ଜାତୀୟ ରାଜପଥର ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଏନ୍‌ଏଚ୍‌ଏଆଇ ଏହି ସମସ୍ୟା ସୃଷ୍ଟି କରିଛି । ରାସ୍ତା କଡ଼ରେ ବର୍ଷା ଜଳର ସମାନ ବଣ୍ଟନ ପାଇଁ ନା ଜଳ ସଂରକ୍ଷଣ ସ୍ଥାନ ରଖାଯାଇଥିଲା ନା ଗାର୍ଡୱାଲ୍ ଥିବା ସମତଳ ଗାଡ଼ି ଚାଳନ ପାଇଁ କୌଣସି ରାସ୍ତା ବ୍ୟବସ୍ଥା ଥିଲା । କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର ଡିଭିଜନ III କହନ୍ତି ଯେ, ବିଏମ୍‌ସି ପକ୍ଷରୁ ପର୍ଯ୍ୟାପ୍ତ ପ୍ରସ୍ଥ ବିଶିଷ୍ଟ ଡ୍ରେନ୍ ନିର୍ମାଣ ନ ହେବା ଯୋଗୁଁ ତୁରନ୍ତ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ । ତେଣୁ, ସଂପୃକ୍ତ ବିଭାଗର ଅବହେଳା ଏବଂ ଗୃହ ଓ ନଗର ବିକାଶ ବିଭାଗ ପୂର୍ତ୍ତ ବିଭାଗ, ଓ ଏନ୍‌ଏଚ୍‌ଏଆଇ ମଧ୍ୟରେ ସମନ୍ୱୟ ଅଭାବରୁ ବର୍ଷା ଋତୁରେ ଜଳବନ୍ଦୀ ପରିସ୍ଥିତି ଉପୁଜିଥିଲା ।

## 5.2.2 ମହାନଗର ନିଗମ ପକ୍ଷରୁ ଡ୍ରେନ୍ କାମ ଶେଷ ନହେବା

ଓପିଡବ୍ଲ୍ୟୁଡି କୋଡ୍‌ର ଅନୁଚ୍ଛେଦ 2.2.1 ଅନୁଯାୟୀ, ଚୁକ୍ତି ତଥ୍ୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ସ୍ଥିରୀକୃତ ସମୟ ହେଉଛି ସମ୍ପୃକ୍ତ ଚୁକ୍ତିର ଉଦ୍ଦେଶ୍ୟ । ବିଭାଗକୁ ସୁନିଶ୍ଚିତ କରିବାକୁ ପଡ଼ିବ ଯେ ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ଶେଷ ହେବ, ଯାହା ଦ୍ୱାରା ପ୍ରକଳ୍ପର ଲକ୍ଷ୍ୟ ହାସଲ ହେବ । ଉପରୋକ୍ତ କୋଡ୍‌ର ଅନୁଚ୍ଛେଦ 3.7.4 ରେ ଆହୁରି ଉଲ୍ଲେଖ ରହିଛି ଯେ ଦାୟିତ୍ୱସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ଉପଯୁକ୍ତ ଭାବେ ହସ୍ତାନ୍ତର ହୋଇନଥିବା ଜମିରେ କୌଣସି କାମ ଆରମ୍ଭ କରାଯିବ ନାହିଁ । କାର୍ଯ୍ୟ ସମାପ୍ତ ହେବାରେ ବିଳମ୍ବ, ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 5.2.2.1 ଆବଶ୍ୟକ ଖାଲି ଜାଗା ହସ୍ତାନ୍ତର ହୋଇନଥିବାରୁ, କଟକରେ ଡ୍ରେନ୍ କାମ ଅସଂପୂର୍ଣ୍ଣ

କଟକ ମହାନଗର ନିଗମ (ସିଏମସି) ର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, କଟକର ବିଡ଼ାନାସୀ ଅଞ୍ଚଳରେ ଜଳବନ୍ଦୀକୁ ଏଡ଼ାଇବା ପାଇଁ ୱାର୍ଡ ନଂ-1 ବିଡ଼ାନାସୀ ଠାରେ "ବାଇମୁଣ୍ଡି ନଗରରୁ ପେଟାନାଳ ପର୍ଯ୍ୟନ୍ତ ଡ୍ରେନକୁ ଭାୟା ବନ୍ଧଚକା ଏବଂ ବୁଲାଚକା (2,000ମିଟର) ପର୍ଯ୍ୟନ୍ତ ଡ୍ରେନକୁ ଉନ୍ନତ କରିବା ପାଇଁ ଏକ ଆକଳନ(ଡିସେମ୍ବର 2020) କଟକ ଡ୍ରେନେଜ ଡିଭିଜନର ଅଧୀକ୍ଷକ ଯନ୍ତ୍ରୀଙ୍କ (ଏସଇ) ଦ୍ୱାରା 7.17 କୋଟି ଟଙ୍କା ବୈଷୟିକ ଭାବେ ମଞ୍ଜୁର କରାଯାଇଥିଲା । ଏହି କାମଟିକୁ 5.71 କୋଟି ଟଙ୍କା ବ୍ୟୟରେ କାମ (ନଭେମ୍ବର 2021) କରିବା ପାଇଁ ଏକ ଏଜେନ୍ସିକୁ ପ୍ରଦାନ କରାଯାଇଥିଲା, ଯାହା ଅକ୍ଟୋବର 2022 ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ଥିଲା । ଏହି କାର୍ଯ୍ୟ ପାଇଁ 2.88 କୋଟି ଟଙ୍କା (ନଭେମ୍ବର 2022 ସୁଦ୍ଧା) ପ୍ରଦାନ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

ସିଏମସି ପକ୍ଷରୁ ଏକ ବର୍ଷରୁ ଅଧିକ ସମୟ ଧରି(ନଭେମ୍ବର 2022 ସୁଦ୍ଧା) ବିବାଦ ମୁକ୍ତ ଜାଗା ହସ୍ତାନ୍ତର କରାଯାଇ ନଥିବାରୁ ଏଜେନ୍ସି ପକ୍ଷରୁ ବାଇମୁଣ୍ଡି ନଗରରୁ ବନ୍ଧଚକା ପର୍ଯ୍ୟନ୍ତ ଡ୍ରେନ କାମ 0 ମିଟରରୁ 1.115 କିଲୋମିଟର (50 ମିଟର ଡ୍ରେନ୍ ବ୍ୟତୀତ) ଏବଂ ସାତଟି କଲଭର୍ଟ କାମ ଶେଷ ହୋଇନଥିବା ସମୀକ୍ଷାରୁ ଜଣାପଡ଼ିଛି । ଓପିଡବ୍ଲ୍ୟୁଡି କୋଡ୍‌ର ଅନୁଚ୍ଛେଦ 3.7.4 କୁ ଉଲ୍ଲଂଘନ କରି, ଜାଗା ହସ୍ତାନ୍ତର ବିନା କାମ ଆରମ୍ଭ ହେବା ଫଳରେ 935 ମିଟର ଡ୍ରେନ୍ ସଂଯୋଗ ହୋଇପାରି ନଥିଲା । ଡ୍ରେନ୍‌ର ମୁଖ୍ୟ ଅଂଶ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ତଳ ମୁଣ୍ଡରେ ଥିବା ପେଟାନାଳକୁ ସଂଯୋଗ କରାଯାଇ ପାରିନଥିଲା । ଫଳରେ ପ୍ରବଳ ବର୍ଷା ସମୟରେ ଆଖପାଖ ଅଞ୍ଚଳରେ ଜଳବନ୍ଦୀ/ ଜଳ ନିଷ୍କାସନ ସମସ୍ୟା ଜାରି ରହିଛି । ଏଥିପାଇଁ 2.88 କୋଟି ଟଙ୍କା ବ୍ୟୟ ଫଳପ୍ରଦ ହୋଇନଥିଲା ।

ଏ ସଂକ୍ରାନ୍ତରେ ବିଭାଗର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

### 5.2.2.2 ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅସଂପୂର୍ଣ୍ଣ

ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ ଅଧୀନରେ 18.44 କୋଟି ଟଙ୍କାରେ ପାଞ୍ଚଟି[134] ପ୍ରାଥମିକ ଡ୍ରେନ୍ (3.866 କିଲୋମିଟର)ର କାର୍ଯ୍ୟକୁ ଓଡବ୍ଲ୍ୟୁଏସ୍ଏସ୍‌ବି ବୈଷୟିକ ଭାବେ (ଜୁନ୍ 2017) ମଞ୍ଜୁର କରିଥିଲା । ଏହି କାମଟିକୁ 18.43 କୋଟି ଟଙ୍କା ବ୍ୟୟରେ କରିବା ପାଇଁ ଏକ ଠିକାଦାରଙ୍କୁ (ମାର୍ଚ୍ଚ 2018) ପ୍ରଦାନ କରାଯାଇଥିଲା, ଯେଉଁଥିରେ କାମ ଶେଷ ହେବାର ନିର୍ଦ୍ଧାରିତ ତାରିଖ ମାର୍ଚ୍ଚ 2019 ଥିଲା ଯାହା ପରବର୍ତ୍ତୀ ସମୟରେ 2020 ଫେବୃଆରୀ ପର୍ଯ୍ୟନ୍ତ ସମୟ ବୃଦ୍ଧି (ଇଓଟି) କରାଯାଇଥିଲା । ଠିକାଦାର ମାତ୍ର 1.032 କିଲୋମିଟର କାମ ଶେଷ କରିଥିବା ବେଳେ (ଜାନୁଆରୀ 2021 ସୁଦ୍ଧା) ତାଙ୍କୁ 2.74 କୋଟି ଟଙ୍କା ପ୍ରଦାନ କରାଯାଇଛି ।

ସମୀକ୍ଷାରୁ ଦେଖାଗଲା ଯେ, ଧୀର ଅଗ୍ରଗତି ଓ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି କାର୍ଯ୍ୟସ୍ଥଳକୁ ସ୍ଥାନାନ୍ତର କରାଯାଇପାରିନଥିବାରୁ, ପାଞ୍ଚଟି ଡ୍ରେନ୍ ମଧ୍ୟରୁ ଦୁଇଟି ଡ୍ରେନ୍ କାମ[135] ଶେଷ ହୋଇନଥିଲା । ଏହି ପ୍ରକଳ୍ପ ଅବଧି 2020 ଜୁନ୍ ମାସରେ ଶେଷ ହୋଇଥିବାରୁ, ଏହି କାର୍ଯ୍ୟ ବନ୍ଦ ରହିଥିଲା ଏବଂ କାମର ମନ୍ଥର ଅଗ୍ରଗତି ପାଇଁ ଠିକାଦାରଙ୍କୁ ବିଇଏମ୍‌ସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ (ଫେବୃଆରୀ 2020) ଜାରୀ କରାଯାଇଥିଲା । ଠିକାଦାର କାରଣ ଦର୍ଶାଅ ନୋଟିସ୍ ବିରୋଧରେ ଏକ ରିଟ୍ ପିଟିସନ୍ (ମାର୍ଚ୍ଚ 2020) ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିଲେ ଏବଂ କାର୍ଯ୍ୟ ଉପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ଥଗିତାଦେଶ ଜାରି କରାଯାଇଥିଲା (16 ମାର୍ଚ୍ଚ 2020) । ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଗତ ଦୁଇ ବର୍ଷ ହେଲା ଏହି ସବୁ କାମରେ ହୋଇଥିବା 2.74 କୋଟି ଟଙ୍କା ଖର୍ଚ୍ଚ ନିଷ୍ଫଳ ରହିଲା । ବ୍ରହ୍ମପୁର ମହାନଗର ନିଗମ ଅଧିକାରୀଙ୍କ ସହ ମିଳିତ ତନଖି ସମୟରେ ଦେଖାଯାଇଥିବା ଅସମ୍ପୂର୍ଣ୍ଣ ଡ୍ରେନଗୁଡ଼ିକର ସ୍ଥିତି **ଫଟୋ 35** ଏବଂ **36** ରେ ଦର୍ଶାଯାଇଛି ।







**ଫଟୋ 35 ଏବଂ 36:** ଓଡିଆରପି ଅଧୀନରେ ଡ୍ରେନ୍ ନିର୍ମାଣ

ସେହିପରି, 3.72 କୋଟି ଟଙ୍କା ବ୍ୟୟ ଅଟକଳରେ, 2021 ସେପ୍ଟେମ୍ବର ରୁ 2022 ସେପ୍ଟେମ୍ବର ମଧ୍ୟରେ 48 ଟି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀୟ ଡ୍ରେନ୍ କାମ ପାଇଁ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଦେଶ ଜାରି କରିଥିଲା । ଏହି କାର୍ଯ୍ୟ ଗୁଡ଼ିକ ନିର୍ଦ୍ଧାରିତ କାର୍ଯ୍ୟ ଆରମ୍ଭର 30 ରୁ 60 ଦିନ ମଧ୍ୟରେ ସମାପ୍ତ ହେବାର ଥିଲା । ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କେବଳ ଚାରିଟି କାମ ପାଇଁ 40.27 ଲକ୍ଷ ଟଙ୍କା (ନଭେମ୍ବର 2022 ସୁଦ୍ଧା) ପ୍ରଦାନ କରାଯାଇଥିଲା । ଜବରଦଖଲ ଓ ଜାଗା ବିବାଦ ଯୋଗୁଁ 48 ଟି କାମ ମଧ୍ୟରୁ 3 ଟି କାମ ଶେଷ ହୋଇନଥିବା ସମୀକ୍ଷାରୁ ଜଣାପଡ଼ିଛି । ପାଇପ୍

---

[134] 1) D1: ଆମ୍ବ ବଜାର ଛକରୁ ଡ୍ରେନ୍ ( 5 ନମ୍ବର ରାସ୍ତା କଡ଼ରେ ଡ୍ରେନ୍ ଶେଷରୁ ଅନ୍ଧା ପସରା ରାସ୍ତାର ଚକ୍ର ନାଳ ପର୍ଯ୍ୟନ୍ତ 2) D4: ଆସିକା ରାସ୍ତାର ନଳିଆ ବନ୍ଧରୁ ମାଧମରେ ତ୍ରିବେଣୀ ନଗର, ଆବର୍ଜନା ୟାର୍ଡ, ନୀଳାଦ୍ରି ବିହାରରୁ ତୁଳସୀ ନଗରର ବାହାନା ନାଳ ଶାଖା 3) D9: ରାଜସ୍ୱ ବିଭାଗୀୟ କମିଶନରଙ୍କ ବାସଭବନ ନିକଟରୁ ଅଯୋଧା ନଗର, ଗଜପତି ଓ୍ୱଗର ମଜଖ୍ୟ ରାସ୍ତାରୁ ବାହାନା ନାଳ 4) D10: ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ ଜୟପ୍ରକାଶ ନଗରରୁ ନିକଟସ୍ଥ ବାହାନା ନାଳ 13 ନମ୍ବର ଗଳି ପର୍ଯ୍ୟନ୍ତ ଲେନ୍ ଏବଂ 5) D11: ଜେନେରାଲ ମ୍ୟାନେଜର (ବୈଦ୍ୟୁତିକ ବିଦ୍ୟୁତପୁରୀ କଲୋନି) ଙ୍କ ବିଦ୍ୟୁତପୁରୀ କାର୍ଯ୍ୟାଳୟରୁ ବିଦ୍ୟୁତପୁରୀ ବିଦ୍ୟାଳୟ ବାହାନା ନାଳ ପର୍ଯ୍ୟନ୍ତ

[135] ଡ୍ରେନ ସଂଖ୍ୟା. D 9 ଏବଂ D 10

ଲାଇନ୍ ସ୍ଥାନାନ୍ତର ନ ହେବା କାରଣରୁ ଗୋଟିଏ ଅସମ୍ପୂର୍ଣ୍ଣ ରହିଥିଲା; ଏବଂ ଅନ୍ୟ 15 ଟି କାମ ଠିକାଦାରଙ୍କ ଦ୍ୱାରା ଆରମ୍ଭ ହୋଇନଥିଲା, ଯାହା ***ପରିଶିଷ୍ଟ VI*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଅବଶିଷ୍ଟ 29 ଟି କାର୍ଯ୍ୟର ଅଗ୍ରଗତି ମଧ୍ୟ ଅତ୍ୟନ୍ତ ମନ୍ଥର ଥିଲା (ନଭେମ୍ବର 2022 ସୁଦ୍ଧା) ।

ଏହାର ଉତ୍ତରରେ ବ୍ରହ୍ମପୁର ମହାନଗର ନିଗମ ବ୍ୟକ୍ତ କଲେ (ନଭେମ୍ବର 2022) ଯେ, ଡ୍ରେନ୍ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯିବ । ଉତ୍ତରଟି ସନ୍ତୋଷଜନକ ନଥିଲା, କାରଣ ଏସବୁ କାମ ଶେଷ କରିବା ଦିଗରେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନଥିବାରୁ ଅନେକ ସମୟରେ ଡ୍ରେନ୍ ବନ୍ଦ ହେବା ସହ ଜଳବନ୍ଦୀ ହେବା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

### 5.2.3 ମହାନଗର ନିଗମ ଅଧୀନରେ ଥିବା ନାଳ ଗୁଡ଼ିକର ରକ୍ଷଣାବେକ୍ଷଣ ନହେବା

ଓଏମ୍‌ସି ଅଧିନିୟମ, 2003 ର ଭାଗ 307 ଅନୁଯାୟୀ, ଜଳ ନିଷ୍କାସନ ଓ ପ୍ରଦୂଷିତ ଜଳ ପାଇଁ ଗୋଟିଏ ଡ୍ରେନ୍ ଏବଂ ବର୍ଷା ଜଳ ପାଇଁ ଅନ୍ୟ ଏକ ସ୍ୱତନ୍ତ୍ର ଡ୍ରେନ୍ ରହିବ । ଆଇଆରସି ଏସ୍‌ପି-50-2013 ର ଅନୁଚ୍ଛେଦ 8 ରେ ସ୍ୱେରେଜ୍ ଡ୍ରେନ୍ ଏବଂ ସେଗୁଡ଼ିକର ସାମଗ୍ରୀ ଏସ୍‌ଡବ୍ଲ୍ୟୁଡିରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି ।

#### 5.2.3.1 ବିଏମ୍‌ସି ପକ୍ଷରୁ ଗଙ୍ଗୁଆ ନାଳର ରକ୍ଷଣାବେକ୍ଷଣ କରାଯାଇ ନାହିଁ

ଗଙ୍ଗୁଆ ନାଳ ଭୁବନେଶ୍ୱର ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟରେ ଆର୍‌ଡି-18.00 କିଲୋମିଟରରେ ବୁଢ଼ୀ ନାଳରୁ ଉତ୍ପନ୍ନ ହୋଇଛି । ଏହା ମଞ୍ଚେଶ୍ୱର, ଚକେଇସିଆଣୀ, ପଳାସୁଣୀ, ପଳାସୁଣୀ ଦେଇ ପ୍ରବାହିତ ହୋଇ 16 ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି 31 କିଲୋମିଟର ଯିବାପରେ କାନ୍ତି ଗାଁ ନିକଟ ଦୟା ନଦୀକୁ ପ୍ରବେଶ କରିଛି । ଭୁବନେଶ୍ୱର ସହରର 10 ଟି ପ୍ରାକୃତିକ ଡ୍ରେନ୍ ଦେଇ ଘରୋଇ ବର୍ଜ୍ୟଜଳ ଓ ଶିଳ୍ପ ବର୍ଜ୍ୟବସ୍ତୁ ପରିବହନ କରି ଦୟା-ଚିଲିକା ହ୍ରଦରେ ପ୍ରବାହିତ ହେଉଛି ।




**ଫଟୋଚିତ୍ର 37:** ଗଙ୍ଗୁଆ ନାଳ ଠାରେ ଅସଂପୂର୍ଣ୍ଣ କ୍ରସ୍ ରେଗୁଲେଟର

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଠାରୁ 4 ଟି ସ୍ଥାନରେ ଜଳର ଗୁଣବତ୍ତା ବିଷୟରେ ତଥ୍ୟ ସଂଗ୍ରହ[136]କରାଯାଇଥିଲା ଏବଂ ଜାଣିବାକୁ ମିଳିଥିଲା ଯେ ବିଓଡିର ସାନ୍ଦ୍ରତା ଅନୁମୋଦିତ ସୀମା 3 ମିଲିଗ୍ରାମ/ ଲିଟର ଥିବା ବେଳେ ଏହା 6.1 ରୁ 10.1 ମିଗ୍ରା/ ଲିଟର ମଧ୍ୟରେ ରହିଛି ଏବଂ 5 ମିଗ୍ରା/ ଲିଟର (ସର୍ବନିମ୍ନ) ଅନୁମୋଦିତ ସୀମା ତୁଳନାରେ 0.8 ରୁ 3.1 ମିଗ୍ରା/ ଲିଟର ମଧ୍ୟରେ ରହିଛି । ସେହିପରି ଟିସି 5,000 ଏମ୍‌ପିଏନ୍/ 100 ମିଲିଲିଟର ଅନୁମୋଦିତ ସୀମା ତୁଳନାରେ 11,716 ରୁ 1,40,571 ଏମମପିଏନ/ 100 ମିଲିଲିଟର ଅଛି ଏବଂ ଏଫ୍‌ସି 2500 ଏମ୍‌ପିଏନ୍/ 100 ମିଲିଲିଟର ଅନୁମୋଦିତ ସୀମା ତୁଳନାରେ 1,00,314 ରୁ 1,37,614 ଏମ୍‌ପିଏନ୍/ 100 ମିଲିଲିଟର ପର୍ଯ୍ୟନ୍ତ ରହିଥିଲା । ସିପିସିବି ମାନଦଣ୍ଡର ଅନୁମୋଦିତ ଶୀମା 1.5 ମିଲିଗ୍ରାମ/ ଲିଟତ ଥିବା ବେଳେ ବଡ଼ିମୂଳ ଏବଂ ପଳସୁଣି ଠାରେ ଗଙ୍ଗୁଆ ନାଳ ନଦୀର ଫ୍ଲୋରାଇଡ୍‌ର ସାନ୍ଦ୍ରତା 1.593 ରୁ 3.668 ମିଗ୍ରା/ ଲିଟର ମଧ୍ୟରେ ରହିଥରଲା । ଭୁବନେଶ୍ୱର ସହରରୁ ନର୍ଦ୍ଦମା ପାଣି ଗ୍ରହଣ କରୁଥିବା ଗଙ୍ଗୁଆ ନାଳ ଓ ଦୟା ନଦୀରେ ପଶି ଜଳ ପ୍ରଦୂଷଣ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାର ଭିଡିଓ କଭରେଜ୍ କ୍ୟୁଆରଦ କୋଡ୍‌ରେ ପ୍ରଦର୍ଶିତ ହୋଇଛି ।

https://youtu.be/EgO-mva3T8A

ବିଏମ୍‌ସିର ସମସ୍ତ 9 ଟି ପ୍ରାକୃତିକ ଡ୍ରେନ୍‌ର ସ୍ୱେରେଜ୍ ବର୍ଜ୍ୟବସ୍ତୁ ଯୋଗୁଁ ଗଙ୍ଗୁଆ ନାଳ ପ୍ରଦୂଷଣ

**ଗଙ୍ଗୁଆ ନାଳ ୧୦ ଟି ପ୍ରାକୃତିକ ଡ୍ରେନ୍ ଦେଇ ଭୁବନେଶ୍ୱର ସହରର ଘରୋଇ ବର୍ଜ୍ୟଜଳ ଓ ଶିଳ୍ପ ବର୍ଜ୍ୟବସ୍ତୁକୁ ଦୟା-ଚିଲିକା ହ୍ରଦକୁ ନେଇ ଯାଉଛି, ଯାହା ଦ୍ୱାରା ଜଳ ପ୍ରଦୂଷଣ ହେବା ସହ ମଣିଷ ଓ ଜଳଜୀବଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି ।**

ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଏକ ବୈଷୟିକ ଦଳ (ଫେବୃଆରୀ 2015) ଏହି ସ୍ଥାନ ପରିଦର୍ଶନ କରି ଗଙ୍ଗୁଆ ନାଳର ବର୍ତ୍ତମାନର ଶଯ୍ୟା ପ୍ରସ୍ଥକୁ 18 ମିଟରରୁ 21 ମିଟରକୁ ବୃଦ୍ଧି କରିବା , ପାଣ୍ଡରା ସେତୁର ଲମ୍ବ ଓ ଉଚ୍ଚତା ବୃଦ୍ଧି, ଜମି ଅଧିଗ୍ରହଣ କରି ଡ୍ରେନ ଆଲାଇନମେଣ୍ଟର ପୁନଃବସ୍ତୁକରଣ, ପୁରୁଣା ଲାଟେରାଇଟ୍ କ୍ଷତିଗ୍ରସ୍ତ

[136] ନିକଟ: (i) ରାଜଧାନୀ ମହାବିଦ୍ୟାଳୟ (ii) ପଳାଶୁଣୀ (iii) ସମ୍ବଲପୁର ଏବଂ (iv) ବଡ଼ିମୂଳ

ପୋଲ ଭାଙ୍ଗିବା ଇତ୍ୟାଦି ପାଇଁ ସୁପାରିସ କରିଥିଲେ । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଖୋର୍ଦ୍ଧା, ନାଳର ଉଭୟ ପାର୍ଶ୍ୱରେ ଆରସିସି ପାଚେରୀ ନିର୍ମାଣ, ସର୍ଭିସ ରୋଡ ଓ ଫୁଟପାଥ ନିର୍ମାଣ, ଅବରୋଧ ସୃଷ୍ଟି କରୁଥିବା 4ଟି ପୋଲର ପୁନଃ ନିର୍ମାଣ, ମୋଟ 432.75 କୋଟି ଟଙ୍କା ବ୍ୟୟରେ 52.85 ଏକର ଜମି ଅଧିଗ୍ରହଣ ପାଇଁ ଜଳ ସମ୍ପଦ ବିଭାଗକୁ ଏକ ପ୍ରସ୍ତାବ (ନଭେମ୍ବର 2019 ) ,ଯାହା ସାଢ଼େ ଚାରି ବର୍ଷ ବିଳମ୍ବରେ ପ୍ରଦାନ କରିଥିଲେ ଏବଂ ସରକାରୀ ସ୍ତରରେ ଅନୁମୋଦନ ପାଇଁ ତିନି ବର୍ଷରୁ ଅଧିକ ସମୟ ଧରି (ନଭେମ୍ବର 2022 ସୁଦ୍ଧା) ବିଚାରଧୀନ ହୋଇ ରହିଥିଲା ।

ଅନ୍ୟ ପକ୍ଷରେ ବୁଢ଼ୀ ନାଳର ଅତିରିକ୍ତ ଜଳକୁ ଗଙ୍ଗୁଆ ନାଳକୁ ସ୍ଥାନାନ୍ତର କରିବା ପାଇଁ ଗଙ୍ଗୁଆ ନାଳର ଆରଡି 60 ମିଟରର ଆରସିସି ଗାର୍ଡ ଖାଲ ସହ କ୍ରସ ରେଗୁଲେଟର ନିର୍ମାଣ ପାଇଁ ଭୁବନେଶ୍ୱର ସ୍ଥିତ ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ ସର୍କଲ ପକ୍ଷରୁ 4.77 କୋଟି ଟଙ୍କାରେ ଏକ ଆକଳନ କୁ ବୈଷୟିକ ଭାବେ ମଞ୍ଜୁର କରାଯାଇଥିଲା (ଫେବୃଆରୀ 2021) । ଏହି କାମ 3 କୋଟି 28 ଲକ୍ଷ ଟଙ୍କା ବ୍ୟୟରେ (ଏପ୍ରିଲ 2021) ପ୍ରଦାନ ହୋଇଥିବା ବେଳେ ଶେଷ ହେବାର ନିର୍ଦ୍ଧାରିତ ତାରିଖ ମାର୍ଚ୍ଚ 2022 ରହିଥିଲା ।

ସମୀକ୍ଷା ଏହା ଦେଖିଲା ଯେ , ଏଜେନ୍ସି କେବଳ ଢ଼ାଞ୍ଚା କାର୍ଯ୍ୟ ସମ୍ପାଦନ କରିଛି, ଏଥିରେ 1.51 କୋଟି ଟଙ୍କା (ଜୁନ 2022 ସୁଦ୍ଧା ) ପ୍ରଦାନ କରାଯାଇଛି ଏବଂ 2023 ଜାନୁଆରୀ ପର୍ଯ୍ୟନ୍ତ ମିଆଦ ବୃଦ୍ଧି ମଞ୍ଜୁର କରାଯାଇଥିଲା । ମୁଖ୍ୟ ଯନ୍ତ୍ରୀ, ଡ୍ରେନେଜ (ଜାନୁଆରୀ 2021) କାମରେ ବିଳମ୍ବ ପାଇଁ ଏଜେନ୍ସି ଉପରେ 0.40 ଲକ୍ଷ ଟଙ୍କାର ଟୋକନ ଜରିମାନା ଧାର୍ଯ୍ୟ କରିଥିଲେ, ଯାହା ଅନାଦାୟ ରହିଥିଲା ।

କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଖୋର୍ଦ୍ଧାଙ୍କ ସହିତ ଗଙ୍ଗୁଆ ନାଳର ମିଳିତ ସରଜମିନ ତଦନ୍ତରେ (ଅକ୍ଟୋବର 2022) ଅଡିଟ୍ ନିମ୍ନଲିଖିତ ଅନୁଧ୍ୟାନ କରିଥିଲା

- 316 ନମ୍ବର ଜାତୀୟ ରାଜପଥ କୁ ଲାଗିଥିବା ଏକ ଅଚଳ (ପୁରୁଣା) ଫୁଟ ଓଭର ବ୍ରିଜ ଓ ସପ୍ତସତୀ ମନ୍ଦିର ନିକଟରେ ଥିବା ଏକ ଅନଧିକୃତ କୋଠା ଗଙ୍ଗୁଆ ଜଳ ପ୍ରବାହକୁ ଅବରୋଧ କରୁଥିଲା । ନାଳର ଉପଗ୍ରହ ଚିତ୍ର 15 ନିମ୍ନରେ ପ୍ରଦର୍ଶିତ ହୋଇଛି ।




**ଉପଗ୍ରହ ଚିତ୍ର 15:** କ୍ଷତିଗ୍ରସ୍ତ ପୁରୁଣା ପାଦଚଲା ପଥ ଓ ଅନଧିକୃତ ନିର୍ମାଣ

- ପଳାସୁଣୀ ବ୍ରିଜରେ ଥିବା ଗଙ୍ଗୁଆ ନାଳ ଗଛରେ ଭର୍ତ୍ତି ହେବା ସହ ଏହାର ପ୍ରବାହକୁ ଏକ ପୁରୁଣା ପାଣି ପାଇପ ଲାଇନ ଦ୍ୱାରା ଅବରୋଧ କରାଯାଇଥିଲା । ୟୁଟିଲିଟି ସ୍ଥାନାନ୍ତର ନ ହେବା ଫଳରେ ଜଳ ନିଷ୍କାସନ ଓ ଅବରୋଧ ହେବା ସହ ତଳ ମୁଣ୍ଡକୁ ବାତ୍ୟା ଜଳର ଅବାଧ ପ୍ରବାହରେ ସମସ୍ୟା ସୃଷ୍ଟି ହେବା ସହ ଡ୍ରେନର ଉପର ମଣ୍ଡରେ ବନ୍ୟା ପରସ୍ଥିତି ସୃଷ୍ଟି ହୋଇଥିଲା, ଯାହା ଫଳରେ ସହରାଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଏହାର ଉତ୍ତରରେ ଖୋର୍ଦ୍ଧା ଡ୍ରେନେଜ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନଭେମ୍ବର 2022) କହିଛନ୍ତି ଯେ, ଜଳ ପ୍ରଦୂଷଣ ରୋକିବା ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଲାଗୁ କରିବାକୁ ବିଏମସି ଓ ଓଡବ୍ଲୁଏସଏସବି କୁ ଅନୁରୋଧ କରାଯିବ । ପୁରୁଣା କ୍ଷତିଗ୍ରସ୍ତ ପାଣି ପାଇପ କୁ ହଟାଇବା ପାଇଁ ୱାଟକକୁ ଅନୁରୋଧ କରାଯାଇଥିବା ବେଳେ ବିଏମସି ଓ ବିଡିଏକୁ ଉଭୟ ପାର୍ଶ୍ୱରେ ଗଙ୍ଗୁଆ ନାଳ ପାଇଁ ବଫର ଜୋନ୍ ଚିହ୍ନଟ କରିବା ଏବଂ ନାଳ ନିକଟରେ ଥିବା ଅନଧିକୃତ ନିର୍ମାଣକୁ ଭାଙ୍ଗିବା କୁ ଅନୁରୋଧ କରାଯିବ । ଗଙ୍ଗୁଆ ନାଳକୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ବିଭାଗ ପକ୍ଷରୁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନ ଥିବାରୁ ଏହି ଉତ୍ତର ସନ୍ତୋଷଜନକ ନୁହେଁ ।

## 5.2.3.2 ସିଏମସି ପକ୍ଷରୁ ପେଟ୍ଟା ନାଳର ରକ୍ଷଣାବେକ୍ଷଣ ନହେବା

ପେଟ୍ଟା ନାଳ ହେଉଛି ଏକ ପ୍ରାକୃତିକ ଝରଣା, ଯାହା ମହାନଦୀ ଏବଂ କାଠଯୋଡି ନଦୀକୁ ସଂଯୋଗ କରେ ଏବଂ ମହାନଦୀ ଉପରେ ଏକ କ୍ୟାପିଟାଲ ବନ୍ଧ ନିର୍ମାଣ ହେତୁ ବର୍ତ୍ତମାନ ଅଚଳ ହୋଇଯାଇଛି । ଏହା ସିଡିଏର ସେକ୍ଟର 10 ରୁ ଆରମ୍ଭ ହୋଇ କାଠଯୋଡିର ବାମ ବନ୍ଧ ଉପରେ ଅର୍ଥାତ୍ ସିଡିଏ ରିଙ୍ଗରୋଡ୍ ରେ ନିର୍ମିତ ଛଅଟି ଭେଣ୍ଟେଡ ସ୍ଲୁଇସ୍ ଦେଇ କାଠଯୋଡି ନଦୀ ରେ ପ୍ରବେଶ କରିଥାଏ ।

https://youtu.be/gQ7ZX-xuMuQ
ସିଏମ୍‌ସିରେ ଥିବା ସିଡିଏ ଏବଂ ବିଡ଼ାନାସୀ ଅଞ୍ଚଳର ବର୍ଜ୍ୟଜଳ ଦ୍ୱାରା ପେଟ୍ଟା ନାଳ ଦୂଷିତକରଣ

ସିଏମସି ଅଧିକାରୀଙ୍କ ସହ ପେଟ୍ଟା ନାଳର ମିଳିତ ସରଜମିନ ତଦନ୍ତ ସମୟରେ (ନଭେମ୍ବର 2022) ଜଣାଯାଇଥିଲା ଯେ ପେଟ୍ଟା ନାଳର ସ୍ୱେରେଜ ବର୍ଜ୍ୟବସ୍ତୁ ଆବର୍ଜନା ଭର୍ତ୍ତି ହେଉଛି, ଯାହା ଫଳରେ ଆଖପାଖ ଅଞ୍ଚଳରେ ଜଳ ଏବଂ ପରିବେଶ ପ୍ରଦୂଷଣ ହେବା ସହିତ ସିଡିଏ ବହୁ ଅଞ୍ଚଳରେ ବର୍ଜ୍ୟଜଳ ଭୂତଳ ହ୍ୟୁମ୍ ପାଇପ୍ ମାଧ୍ୟମରେ ପେଟ୍ଟାନାଳକୁ ନିଷ୍କାସିତ ହେଉଛି । ପ୍ରକଳ୍ପ ଯନ୍ତ୍ରୀ, ପିଏମୟୁ, ଜାଇକାର ଷ୍ଟାଟସ୍ ରିପୋର୍ଟ (ଜୁଲାଇ 2022) ଅନୁଯାୟୀ, ସିଡିଏ ଅଞ୍ଚଳରେ ଥିବା 1,294 ସ୍ୱେରେଜ ମ୍ୟାନ ହୋଲ ମଧ୍ୟରୁ, 83ଟି ସ୍ୱେରେଜ ମ୍ୟାନ ହୋଲକୁ, ସ୍ୱେରେଜ ମ୍ୟାନ ହୋଲ ପରିବର୍ତ୍ତେ ସିଧା ସଳଖ ଡ୍ରେନେଜ ମ୍ୟାନ ହୋଲ ସହିତ ସଂଯୋଗ କରାଯାଇଛି । ନିକଟବର୍ତ୍ତୀ ଅଞ୍ଚଳର କଠିନ ବର୍ଜ୍ୟବସ୍ତୁ ମଧ୍ୟ ପେଟ୍ଟା ନାଳ କୂଳରେ ବିଭିନ୍ନ ସ୍ଥାନରେ ପଡିଥିବା ଦେଖିବାକୁ ମିଳିଥିଲା (କ୍ୟୁଆର କୋଡରେ ଭିଡିଓ ଏବଂ ଫଟୋ ଗ୍ରାଫିକ ପ୍ରମାଣ ସହିତ ଦେଖାଯାଇଛି) ।




**ଫଟୋ 38:** ସିଡିଏ ଅଞ୍ଚଳରେ ପେଟ୍ଟା ନାଳରେ ସ୍ୱେରେଜ୍ ପଡ଼ିଛି




**ଫଟୋ 39:** ଅଭିନବ ବିଡ଼ାନାସୀରେ କାଦୁଅରେ ଭର୍ତ୍ତି ଡ୍ରେନ୍

ପେଟ୍ଟା ନାଳରେ ସ୍ୱେରେଜ୍ ବର୍ଜ୍ୟବସ୍ତୁ ଭର୍ତ୍ତି ହେବା ଫଳରେ ଆଖପାଖ ଅଞ୍ଚଳରେ ଜଳ ଓ ପରିବେଶ ପ୍ରଦୂଷଣ ହେବା ସହ ବିଭିନ୍ନ ସ୍ଥାନରେ ଭୂତଳ ଜଳ ହ୍ୟୁମ୍ ପାଇପ୍ ଜରିଆରେ ସିଡିଏ ଅଞ୍ଚଳର ବର୍ଜ୍ୟଜଳ ପେଟ୍ଟା ନାଳକୁ ନିଷ୍କାସିତ ହେଉଛି ।

ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ ସିଡିଏ ସେକ୍ଟର-1 ରେ (ଡିସେମ୍ବର 2018), ବିଡାନାସୀ ଏବଂ ଅନ୍ୟାନ୍ୟ ଅଞ୍ଚଳର ସ୍ୱେରେଜ ବର୍ଜ୍ୟବସ୍ତୁକୁ ବିଶୋଧନ କରିବା ସହିତ ପେଟ୍ଟା ନାଳକୁ ବିଶୋଧିତ ଜଳ ନିଷ୍କାସନ ପାଇଁ ଏକ ଏସ୍‌ଟିପି ସ୍ଥାପନ କରାଯାଇଥିଲା । ସିଡିଏରେ ଏସଟିପି କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ସିଏମସି ପକ୍ଷରୁ ସମସ୍ତ ଘରର ନର୍ଦ୍ଦମା (ନଭେମ୍ବର 2022)କୁ ଏସ୍‌ଟିପି ସହ ସଂଯୋଗ କରିବା ପାଇଁ କୌଣସି ସଠିକ ପଦକ୍ଷେପ ନିଆଯାଇ ନାହିଁ । 35,000 ଘର ନର୍ଦ୍ଦମା ସଂଯୋଗ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର 10,495 9ମାର୍ଚ୍ଚ 2022 ସୁଦ୍ଧା) ସଂଯୋଗ ହୋଇଥିବା ବେଳେ ବାକି ଥିବା ଘରଗୁଡିକରୁ ଉତ୍ପନ୍ନ ସ୍ୱେରେଜ ସିଧାସଳଖ ପେଟ୍ଟା ନାଳକୁ

ନିଷ୍କାସନ କରାଯାଇଛି, ଯାହା ଜଳ ପ୍ରଦୂଷଣ ଏବଂ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି । ବିଡିଓର[137] ସାନ୍ଦ୍ରତା 3.2 ରୁ 15.8 ମିଗ୍ରା/ଲି ମଧ୍ୟରେ ଥିବା ବେଳେ 3 ମିଗ୍ରା/ଲିଟର ଧାର୍ଯ୍ୟ ସୀମା ଥିଲା । ଏହାବ୍ୟତୀତ ଟିସି[138]180 ରୁ 1,60,000 ଏମପିଏନ/ 100 ମିଲିଲିଟର ମଧ୍ୟରେ ଥିବା ବେଳେ ଧାର୍ଯ୍ୟ ସୀମା 5,000 ମିଲିଲିଟର/ 100ମିଲି ଥିଲା । ଏଫ୍‌ସି[139] 180 ରୁ 1,60,000 ଏମପିଏନ /100 ମିଲିଲିଟର ଥିବା ବେଳେ ଧାର୍ଯ୍ୟ ସୀମା 2,500 ଏମପିଏନ /100 ଥିଲା । ପେଙ୍ଗା ନାଳର ବିକାଶ ଓ ନବୀକରଣ ପାଇଁ ସିଏମସି ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କୁ ଏକ ଚିଠା ପ୍ରସ୍ତାବ (ଫେବୃଆରୀ 2022) ପ୍ରଦାନ କରାଯାଇଥିଲା ଏବଂ ଏହି ପ୍ରସ୍ତାବକୁ ଅନୁମୋଦନର ଅପେକ୍ଷା କରାଯାଇଥିଲା (ନଭେମ୍ବର 2022 ସୁଦ୍ଧା )

ଏ ସଂକ୍ରାନ୍ତରେ ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

## 5.2.4 ମହାନଗର ନିଗମ ମାନଙ୍କ ଦ୍ୱାରା ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା

ତିନୋଟି ମହାନଗର ନିଗମ (ଏମସି) ର ନଥିପତ୍ର ଯାଞ୍ଚରୁ ଜଣାପଡିଛି ଯେ 16.44 କୋଟି ଟଙ୍କା ବ୍ୟୟରେ ମଇ 2016 ରୁ ଜାନୁଆରୀ 2022 ମଧ୍ୟରେ ତିନୋଟି ମହାନଗର ନିଗମ[140] ଅଧୀନରେ ନଅଟି ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବାର ନିର୍ଦ୍ଧାରିତ ତାରିଖ ଜୁଲାଇ 2016 ରୁ ମାର୍ଚ୍ଚ 2022 ମଧ୍ୟରେ ଥିଲା । ଅଡିଟରୁ ଜଣାପଡିଛି ଯେ 7.68 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ (ନଭେମ୍ବର 2022 ସୁଦ୍ଧା) ଏହି କାର୍ଯ୍ୟଗୁଡିକ ସଂପୂର୍ଣ୍ଣ ହୋଇନାହିଁ, ଯାହା ସାରଣୀ **5.1** ରେ ଆଲୋଚନା କରାଯାଇଛି ।

**ସାରଣୀ 5.1: ମହାନଗର ନିଗମ ଦ୍ୱାରା ଜଳାଶୟ ପୁନରୁଦ୍ଧାର ସ୍ଥିତି**

| କ୍ର.ସଂ. | ନିଗମ | କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ | ସମୀକ୍ଷା ପର୍ଯ୍ୟବେକ୍ଷଣ |
|---|---|---|---|
| 1. | ଭୁବନେଶ୍ୱର | ମାର୍ଚ୍ଚ 2017 ରୁ ମଇ 2021 ମଧ୍ୟରେ 12.31 କୋଟି ଟଙ୍କା ବ୍ୟୟରେ 3 ଟି ଜଳାଶୟ (i) ନୟାପଲ୍ଲୀ ହାଜା (ii) ଲକ୍ଷ୍ମୀସାଗର ସ୍ଥିତ ମତ୍ସ୍ୟ ଟାଙ୍କି ଏବଂ (iii) 19 ନମ୍ବର ୱାର୍ଡର ଅନନ୍ତ ବାସୁଦେବ ପୁରୋହିତ ପୋଖରୀର ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ମାର୍ଚ୍ଚ 2018 ରୁ ଅକ୍ଟୋବର 2021 ମଧ୍ୟରେ ଶେଷ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲା । ସଂସ୍ଥାଗୁଡ଼ିକ 5.10 କୋଟି ଟଙ୍କା (41.43 ପ୍ରତିଶତ) (ସେପ୍ଟେମ୍ବର 2022 ସୁଦ୍ଧା) ମୂଲ୍ୟର କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ଅବଶିଷ୍ଟ କାର୍ଯ୍ୟ ଚାଲୁରହିଥିଲା । | ସଂସ୍ଥାଗୁଡ଼ିକ କେବଳ ମାଟି ଖନନ କାର୍ଯ୍ୟ କରିଥିଲେ । ଅନ୍ୟାନ୍ୟ କାର୍ଯ୍ୟ, ଯେପରିକି ଲ୍ୟାଣ୍ଡସ୍କେପିଂ ଏବଂ ବୃକ୍ଷରୋପଣ ସହିତ ଅଞ୍ଚଳ ବିକାଶ, ଜିମ୍, ଫୁଟପାଥ୍ ଇତ୍ୟାଦି ବିକଶିତ ହୋଇନଥିଲା (ସେପ୍ଟେମ୍ବର *2022*)। ଏହି ସବୁ କାର୍ଯ୍ୟ ସମ୍ପାଦନରେ ବିଳମ୍ବ ହେବାର କାରଣ ତନଖି ହୋଇଥିବା ରେକର୍ଡରେ ଦେଖିବାକୁ ମିଳିନଥିଲା । ଯଦିଓ ସଂସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅବହେଳା କରିଥିଲେ ଏବଂ ଚୁକ୍ତି ଅବଧି ମଧ୍ୟରେ କାର୍ଯ୍ୟ ଶେଷ କରିନଥିଲେ, ତଥାପି 1.26 କୋଟି ଟଙ୍କା (ଅର୍ଥାତ୍ ଟେଣ୍ଡର ପାଇଁ ଧାର୍ଯ୍ୟ କରାଯାଇଥିବା ଅନୁମାନିକ ମୂଲ୍ୟର 10 ପ୍ରତିଶତ) କ୍ଷତିପୂରଣ ଆଦାୟ କରାଯାଇ ନଥିଲା, ଯାହାଫଳରେ ତିନି ଠିକାଦାରଙ୍କୁ ଅଯଥା ଫାଇଦା ମିଳିଥିଲା । ଇଞ୍ଜିନିୟରଙ୍କ ଦ୍ୱାରା କାର୍ଯ୍ୟର ଅଗ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିବାରେ ଅବହେଳା ଯୋଗୁଁ 5.10 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ କାମ ଅସମ୍ପୂର୍ଣ୍ଣ ଓ ଅଫଳପ୍ରଦ ରହିଥିଲା ।<br><br>ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ (ମଇ *2023*) *3* ଟି ଜଳାଶୟର ମରାମତି କାର୍ଯ୍ୟ, ବିଭିନ୍ନ ସ୍ଥାନରେ ବାଧା ସୃଷ୍ଟି ହୋଇଥିବାରୁ, ସମ୍ପୂର୍ଣ୍ଣ ହୋଇପାରିନଥିଲା । ଫଳରେ ସଂସ୍ଥା ଠାରୁ ଜୋରିମାନ ଆଦାୟ ହୋଇପାରିନାହିଁ । ଏହାର ଦେଢ ବର୍ଷରୁ ଚାରି ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହୋଇଥିବାରୁ ଉତ୍ତର ସନ୍ତୋଷଜନକ ନୁହେଁ । ବିଏମ୍‌ସି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା |

137 ଜୈବିକ ଅମ୍ଳଜାନ ଚାହିଦା: ବ୍ୟାକ୍ଟେରିଆ ଭଳି ଅଣୁଜୀବଙ୍କୁ ଅକ୍ସିଡାଇଜେସନ୍ କରିବା ପାଇଁ ଯେଉଁ ଦ୍ରବୀଭୂତ ଅମ୍ଳଜାନ ଏବଂ ଜଳରେ ଜୈବିକ ପଦାର୍ଥ ଆବଶ୍ୟକ ହୁଏ, ଯାହା ବିଓଡି କୁହାଯାଏ

138 ସମୁଦାୟ କୋଲିଫର୍ମ ଗଣନା ଜଳ ଯୋଗାଣର ସାନିଟାରୀ ସ୍ଥିତିର ଏକ ସାଧାରଣ ସଙ୍କେତ ଦେଇଥାଏ । ସମୁଦାୟ କୋଲିଫର୍ମ ମାଟିରେ, ଭୂପୃଷ୍ଠ ଜଳ ଦ୍ୱାରା ପ୍ରଭାବିତ ହୋଇଥିବା ଜଳରେ ଏବଂ ମନୁଷ୍ୟ କିମ୍ବା ପଶୁ ବର୍ଜ୍ୟବସ୍ତୁରେ ଥିବା ବ୍ୟାକ୍ଟେରିଆ ଅନ୍ତର୍ଭୁକ୍ତ ।

139 ଫିକାଲ୍ କୋଲିଫର୍ମ ହେଉଛି ସମୁଦାୟ କୋଲିଫର୍ମର ଗୋଷ୍ଠୀ ଯାହା ବିଶେଷ କରି ଉଷ୍ଣମ ରକ୍ତ ଥିବା ପଶୁମାନଙ୍କ ଅନ୍ତନଳୀ ଏବଂ ମଳରେ ଉପସ୍ଥିତ ବୋଲି ବିବେଚନା କରାଯାଏ ।

140 ବିଏମ୍‌ସି (ଚାରିଟି କାମ), ବିଇଏମ୍‌ସି (ଗୋଟିଏ କାମ) ଏବଂ ଏସ୍ଏମ୍‌ସି (ଚାରିଟି କାମ)

| କ୍ର.ସଂ. | ନିଗମ | କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ | ସମୀକ୍ଷା ପର୍ଯ୍ୟବେକ୍ଷଣ |
|---|---|---|---|
| | | | ପାଇଁ କାର୍ଯ୍ୟସ୍ଥଳରେ ଥିବା ବାଧା ଦୂର କରିବା ଦିଗରେ କୌଣସି ପଦକ୍ଷେପ ନେଇନଥିଲା । |
| 2. | ଭୁବନେଶ୍ୱର | ୱାର୍ଡ 23 ରେ ଥିବା ଘାଗୁଡ଼ି ଟାଙ୍କିର ପୁନରୁଦ୍ଧାର | ଘାଗୁଡ଼ି ଟାଙ୍କିର ରକ୍ଷଣାବେକ୍ଷଣ ନ ହେବାରୁ ଜବରଦଖଲ ଜରିଆରେ ଏହାର ଅସ୍ତିତ୍ୱ ହରାଇଥିଲା ।<br><br>**ଫଟୋ 40:** ଘାଗୁଡ଼ି ପୋଖରୀ ଚିତ୍ର<br>ଏହାର ଉତ୍ତରରେ ବିଏମ୍‌ସି (ଅକ୍ଟୋବର 2022) କହିଛି ଯେ, ଘାଗୁଡ଼ି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଡ୍ରେନେଜ୍ ଡିଭିଜନ ସହ ଜଡ଼ିତ ନୁହେଁ । ତେବେ ସମୀକ୍ଷାରେ ଦେଖିବାକୁ ମିଳିଥିଲା ଜଳାଶୟ ଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ସେହି ଡିଭିଜନ ଦ୍ୱାରା କରାଯାଉଥିଲା ଏବଂ ଏହି ଦାୟିତ୍ୱକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । |
| 3. | ସମ୍ବଲପୁର | ଧାମା ରୋଡ଼ ଟାଙ୍କିର ନବୀକରଣ ସମ୍ବନ୍ଧୀୟ କାର୍ଯ୍ୟ (ମେ 2016) 36 ଲକ୍ଷ ଟଙ୍କାରେ ପ୍ରଦାନ କରାଯାଇଥିଲା, ଯାହା ଜୁଲାଇ 2016 ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । 28 ଲକ୍ଷ ଟଙ୍କା (ଅକ୍ଟୋବର 2022 ସୁଦ୍ଧା) ଦେୟ ଦେଇ କାମ ଚାଲୁରହିଥିଲା ।<br>ସେହିପରି, 3 ଟି ଜଳାଶୟ (ସେଠି ବନ୍ଧ, ବଡ଼ ବନ୍ଧ ଓ ପୁଟି ବନ୍ଧ) ର ପୁନରୁଦ୍ଧାର (ଡିସେମ୍ବର 2018)ପାଇଁ 3.84 କୋଟି ଟଙ୍କାରେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟ ଜୁନ୍ 2018 ସୁଦ୍ଧା ସମାପ୍ତ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଏହି କାମ ପାଇଁ 1.98 କୋଟି ଟଙ୍କା (ଅକ୍ଟୋବର 2022 ସୁଦ୍ଧା) ପ୍ରଦାନ କରି କାର୍ଯ୍ୟ ଚାଲୁରହିଥିଲା ।<br>କଠିନ ମାଟି ଖନନ, ପ୍ରବେଶପଥ/ ପ୍ରସ୍ଥାନ ପଥ ନିର୍ମାଣ, ଟାଙ୍କି ସଫେଇ, ବନ୍ଧ ଉନ୍ନତି, ସ୍ନାନଗାର ନିର୍ମାଣ/ ଗାର୍ଡ ରୁମ୍‌ର ରକ୍ଷଣାବେକ୍ଷଣ, ବିଦ୍ୟମାନ ଘାଟର ନବୀକରଣ, ସିମେଣ୍ଟ କଂକ୍ରିଟ ପ୍ଲାଷ୍ଟର ଇତ୍ୟାଦି ଏହି କାମର ପରିସରଭୁକ୍ତ ଥିଲା । | ସଂସ୍ଥା ଗୁଡ଼ିକ କେବଳ ଟାଙ୍କି ସଫେଇ, ବନ୍ଧ ଉନ୍ନତି, ସିମେଣ୍ଟ କଂକ୍ରିଟ ପ୍ଲାଷ୍ଟର ଇତ୍ୟାଦି (ଅକ୍ଟୋବର 2022) କରିଥିଲେ । କାର୍ଯ୍ୟ ସମ୍ପାଦନରେ ବିଳମ୍ବ ହେବାର କାରଣ ରେକର୍ଡରେ ଉପଲବ୍ଧ ନଥିଲା ଏବଂ ଚୁକ୍ତିର ଧାରା 2(a) ଅନୁଯାୟୀ କାର୍ଯ୍ୟ ସମ୍ପାଦନରେ ଅବହେଳା ପାଇଁ ଏସଏମସି ସଂସ୍ଥାଗୁଡ଼ିକ ଠାରୁ କ୍ଷତିପୂରଣ ଆଦାୟ କରିନଥିଲା ।<br><br><br>**ଫଟୋ 41:** ସମ୍ବଲପୁର ଧାମା ରୋଡ଼ ଟାଙ୍କି ସମ୍ପୂର୍ଣ୍ଣ ହୋଇନାହିଁ<br>ଏହାର ଉତ୍ତରରେ ଏସ୍‌ଏମ୍‌ସି (ମେ 2023) କହିଛି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବା ପାଇଁ ଜୋରିମାନା ଆଦାୟ କରାଯାଇଛି । ତେବେ ଦସ୍ତାବିଜ ପ୍ରମାଣ ଉପସ୍ଥାପନ କରାଯାଇନଥିଲା । |
| 4 | ବ୍ରହ୍ମପୁର | ହରିଡ଼ାଖଣ୍ଡି ପୋଖରୀ ଜଳଭଣ୍ଡାରରେ ପାଚେରୀ ନିର୍ମାଣ ପାଇଁ 50 ଲକ୍ଷ ଟଙ୍କାର ଆକଳନ (ସେପ୍ଟେମ୍ବର 2021) ମଞ୍ଜୁର ହୋଇଥିଲା । ଏହି କାର୍ଯ୍ୟ (ଜାନୁଆରୀ 2022) 47ଲକ୍ଷ ଟଙ୍କାରେ, ମାର୍ଚ୍ଚ 2022 ସୁଦ୍ଧା ଶେଷ କରିବାକୁ ସଂସ୍ଥାକୁ | ଜଳଭଣ୍ଡାରଟି ଅନାବନା ତୃଣ, ଘାସ ଓ ବୁଦାରେ ଭର୍ତ୍ତି ହୋଇଯାଇଥିଲା । ଯଦିଓ ଚୁକ୍ତିନାମା ଅବଧି ମଧ୍ୟରେ ସଂସ୍ଥା କାମ ଶେଷ କରିପାରିନଥିଲା, ତଥାପି ବିଇଏମ୍‌ସି କୌଣସି କାରଣ ଦର୍ଶାଅ ନୋଟିସ ଜାରି କରିନଥିଲା, କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କିମ୍ବା ଚୁକ୍ତିର ଧାରା 2(ଏ) ଅନୁଯାୟୀ କାର୍ଯ୍ୟକାରିତାରେ |

| କ୍ର.ସଂ. | ନିଗମ | କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ | ସମୀକ୍ଷା ପର୍ଯ୍ୟବେକ୍ଷଣ |
|---|---|---|---|
| | | ଦିଆଯାଇଥିଲା । ଏହି କାମ ପାଇଁ ସଂସ୍ଥାକୁ 33 ଲକ୍ଷ ଟଙ୍କା (ଜୁନ୍ 2022 ସୁଦ୍ଧା) ପ୍ରଦାନ କରାଯାଇଥିଲା । | ଅବହେଳା ପାଇଁ 5ଲକ୍ଷ ଟଙ୍କା କ୍ଷତି ପୂରଣ ଆଦାୟ କରିନଥିଲା ।<br>ବିଇଏମ୍‌ସି (ନଭେମ୍ବର 2022) କହିଛି ଯେ କାର୍ଯ୍ୟ ଶେଷ କରିବା ପାଇଁ ପଦକ୍ଷେପ ନିଆଯିବ । କାର୍ଯ୍ୟ ଶେଷ ହେବାରେ 214 ଦିନ ବିଳମ୍ବ ହୋଇଥିଲେ ମଧ୍ୟ କାମର ମନ୍ଥର ଅଗ୍ରଗତି ପାଇଁ ବିଇଏମ୍‌ସି ପକ୍ଷରୁ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇନଥିବା ସମୀକ୍ଷାରୁ ଜଣାପଡ଼ିଛି । |

## 5.2.5 ଖୋଲା ଡ୍ରେନରେ ଅଳିଆ ଫିଙ୍ଗିବା

କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସଡବ୍ଲୁଏମ୍) ନିୟମ, 2016 ର ଅନୁଚ୍ଛେଦ 15 (ଜେଡ୍ଏଫ୍) ରେ ଦର୍ଶାଯାଇଛି ଯେ ସହରୀ ସ୍ଥାନୀୟ ସଂସ୍ଥା(ୟୁଏଲ୍‌ବି) ଗୁଡ଼ିକ ଉପ-ଆଇନ ପ୍ରଣୟନ କରିବା ଉଚିତ୍ ଏବଂ ଏଥିରେ ଥିବା ନିୟମଗୁଡ଼ିକର ବ୍ୟବସ୍ଥାକୁ ପାଳନ କରିବାରେ ବିଫଳ ହୋଇଥିବା ବ୍ୟକ୍ତିଙ୍କ ଠାରୁ ତତ୍‌କ୍ଷଣାତ୍ ଜରିମାନା ଆଦାୟ କରିବା ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରିବା ଉଚିତ୍ । ଏହି ନିୟମ ଅନୁଯାୟୀ ଅଧିକାରୀ କିମ୍ବା ସ୍ଥାନୀୟ ସଂସ୍ଥାକୁ ତତ୍‌କ୍ଷଣାତ୍ ଜୋରିମାନା ଆଦାୟ କରିବାର କ୍ଷମତା ପ୍ରଦାନ କରାଯାଇଛି । ତଦନୁଯାୟୀ ମହାନଗର ନିଗମମାନଙ୍କ ଦ୍ୱାରା ଉପ-ନିୟମ ପ୍ରଣୟନ କରାଯିବାର ଥିଲା ।

ସମୀକ୍ଷାରୁ ଜଣାପଡ଼ିଛି ଯେ ମହାନଗର ନିଗମମାନେ ମଇ 2017 ରୁ ଅକ୍ଟୋବର 2019 ମଧ୍ୟରେ ଏମଡବ୍ଲୁଏମ୍[141] ପାଇଁ ଉପ-ନିୟମ ପ୍ରସ୍ତୁତ କରିଥିଲେ । ତେବେ ଏହି ଉପଆଇନର ଧାରା 20 ଅନୁଯାୟୀ, କଠିନ ବର୍ଜ୍ୟବସ୍ତୁକୁ ଡ୍ରେନରେ ଭର୍ତ୍ତି କରିବା ପାଇଁ ସ୍ପଟ୍ ଜରିମାନା ଆଦାୟର ବ୍ୟବସ୍ଥା ଥିଲେ ମଧ୍ୟ ଏହି ନିଗମ ମାନେ ସ୍ପଟ୍ ଜରିମାନା ଆଦାୟ କରିନଥିଲେ । ଏହା ସୂଚାଉଛି ଯେ ଏମାନେ ଜଳାଶୟଗୁଡିକର କଠିନ ବର୍ଜ୍ୟବସ୍ତୁ/ ଆବର୍ଜନା ନିୟମକୁ ଉଲ୍ଲଂଘନ ଏବଂ ଫିଙ୍ଗିବା ପାଇଁ କଠୋର ଭାବେ ଜରିମାନା ଲାଗୁ କରି ନାହାଁନ୍ତି କିମ୍ବା ବର୍ଷା ଜଳ ପାଇଁ ଉଦ୍ଦିଷ୍ଟ ଡ୍ରେନ (ଏସଡବ୍ଲୁଡି) ରେ ପାଟ୍ରୋଲିଂ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି , ଯାହା ଫଳରେ ଆବର୍ଜନା, ନିର୍ମାଣ ଏବଂ ଉଚ୍ଛେଦ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସମେତ ଆବର୍ଜନା, ଏସଡବ୍ଲୁଡିରେ ଫିଙ୍ଗି ଦିଆଯାଇଥିଲା, ଯାହା ଜଳ ପ୍ରବାହକୁ ବନ୍ଦ କରି ନିଗମ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରିଥିଲା ।

ମହାନଗର ନିଗମ ଅଧିକାରୀଙ୍କ ସହ ମିଳିତ ସରଜମିନ ତଦନ୍ତ (ସେପ୍ଟେମ୍ବର 2022 ରୁ ନଭେମ୍ବର 2022) ସମୟରେ ଡ୍ରେନ୍ ସାଇଟ ରେ ଦେଖିବାକୁ ମିଳିଥିଲା ଯେ, ବିଭିନ୍ନ ୱାର୍ଡରେ ଥିବା ଖୋଲା ସ୍ଥାନ/ ଡ୍ରେନରେ ଅନେକ ଆବର୍ଜନା ଜମା ହୋଇଛି, ଯାହା ଫଟୋ **42** ରୁ **45** ରେ ଦର୍ଶାଯାଇଛି ।




**ଫଟୋ 42:** କଟକ ରାଜାବଗିଚାସ୍ଥିତ ହୋଟେଲ ଲାଗୁନ୍‌ର ପଛ ପାର୍ଶ୍ୱରେ ଥିବା ବିଏସବଲ୍ୟୁସି-1 ରେ ଅଳିଅ ପକାଇବା




**ଫଟୋ 43:** ଉଦିତ ନଗର ରାଉରକେଲାର ବିଶ୍ରା ରୋଡରେ ଖୋଲା ଡ୍ରେନ୍‌ରେ ଅଳିଆ ପକାଇବା

[141] ଏସ୍‌ଡବ୍ଲୁଏମ୍ ପାଇଁ ଉପ-ଆକଳନ : ବିଏମ୍‌ସି (ଅକ୍ଟୋବର 2019), ସିଏମ୍‌ସି (ମଇ 2017), ଆର୍‌ଏମ୍‌ସି (ଅଗଷ୍ଟ 2017), ଏସ୍‌ଏମ୍‌ସି(ଅଗଷ୍ଟ 2017) ଏବଂ ବିଇଏମ୍‌ସି (ସେପ୍ଟେମ୍ବର 2017)




**ଫଟୋ 44:** ଭୁବନେଶ୍ୱର 316 ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ତଳିଆ ପୋଲ ନିକଟରେ ଗଙ୍ଗୁଆ ନାଳରେ ଅଳିଆ ପକାଇବା




**ଫଟୋ 45:** ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଡ୍ରେନ୍ ନଂ-3 ରେ ଅଳିଆ ପକାଇବା

ଆରଏମସି ସମୀକ୍ଷା ମନ୍ତବ୍ୟ (ଏପ୍ରିଲ 2023)କୁ ଉଲ୍ଲେଖ କରି କହିଛନ୍ତି ଯେ ଭବିଷ୍ୟତରେ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଧିକ ସତର୍କ ରହିବ ଏବଂ ଅଧିକନ୍ତୁ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ 0.62 ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏସଏମସି (ମଇ 2023) କହିଛନ୍ତି ଯେ ବର୍ଜ୍ୟବସ୍ତୁ ପରିଚାଳନା କମିଟି ସମୟ ସମୟରେ ଏସଡବ୍ଲ୍ୟୁଏମ ଉପଆଇନ ଅନୁଯାୟୀ ନାଗରିକଙ୍କ ଠାରୁ ଏସଡବ୍ଲ୍ୟୁଏମ ଉପଭୋକ୍ତା ଫି ଆଦାୟ କରିବ ଏବଂ ଡ୍ରେନରେ ଆବର୍ଜନା ପକାଇବା ପାଇଁ ସର୍ବସାଧାରଣ ଏବଂ ବାଣିଜ୍ୟିକ ସଂସ୍ଥାକୁ ଜରିମାନା ଆଦାୟ କରିବ । ଏ ସଂକ୍ରାନ୍ତରେ ଅବଶିଷ୍ଟ ମହାନଗର ନିଗମ ମାନଙ୍କ ଠାରୁ (ଜୁଲାଇ 2024 ସୁଦ୍ଧା) ଉତ୍ତରକୁ ଅପେକ୍ଷା କରାଯାଇଥିଲା ।

### 5.2.6 ଡ୍ରେନରୁ ଖୋଳା ହୋଇଥିବା ପଙ୍କୁଆ ମାଟି ଉଦ୍ଧାର କାର୍ଯ୍ୟ ପରେ କାର୍ଯ୍ୟସ୍ଥଳ ସଫା ନକରିବା

ପଙ୍କ ଉଦ୍ଧାରର କାର୍ଯ୍ୟର ଚୁକ୍ତି ଅନୁଯାୟୀ ସଂପୃକ୍ତ ଏଜେନ୍ସିମାନେ ଡ୍ରେନରୁ ଖୋଳାଯାଇଥିବା ମାଟିକୁ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ କାର୍ଯ୍ୟସ୍ଥଳ ଠାରୁ ସଫା କରିବା ଉଚିତ । ବିଏମସି ଓ ବିଇଏମସି ଅଧିକାରୀଙ୍କ ସହ ଡ୍ରେନ ଜାଗାର ମିଳିତ ସରଜମିନ ତଦନ୍ତ ସମୟରେ ଡ୍ରେନ୍ / କେନାଲ କୂଳରେ ମାଟି ସାମଗ୍ରୀ ଜମା ହୋଇଥିବା ଦେଖିବାକୁ ମିଳିଥିଲା । ବର୍ଷାଦିନେ ଏହି ସାମଗ୍ରୀ ଡ୍ରେନ୍ / ନାଳରେ ଖସି ଯିବାରୁ ଡ୍ରେନ୍‌ଗୁଡିକରେ ପାଣି ଜମି ବା ଅବରୋଧ ହେଉଥିଲା । ବିଏମସି ଅଧୀନ ଦୟା ପଶ୍ଚିମ କେନାଲରେ ଏଭଳି ଏକ ଘଟଣାର ଭିଡିଓ କଭରେଜ୍, ଯେଉଁଥିରେ ଗଛ ଓ ଆବର୍ଜନା ଭର୍ତ୍ତି ହୋଇଥିଲା, ଯାହା କ୍ୟୁଆର କୋଡରେ ଉପଲବ୍ଧ ଅଛି । ବିଭିନ୍ନ ଡ୍ରେନ୍‌ରେ ନିଆଯାଇଥିବା **46** ଓ **47** ନମ୍ବର ଫଟୋରେ ମିଳିତ ସରଜମିନ ତଦନ୍ତ ସମୟରେ ଦେଖାଯାଇଥିବା ସ୍ଥିତି ଦର୍ଶାଯାଇଛି ।

https://youtu.be/7GgKGznbwVU
ବିଏମ୍‌ସି ଅଞ୍ଚଳରେ ଥିବା ଦୟା ପଶ୍ଚିମ କେନାଲ ପାର୍ଶ୍ୱରେ ଗଦା ହୋଇଥିବା ପଙ୍କ




**ଫଟୋ 46:** ଦୟା ପଶ୍ଚିମ କେନାଲ କୂଳରେ ଜମା ଥିବା କଠିନ ବର୍ଜ୍ୟବସ୍ତୁ, ବିଏମ୍‌ସି




**ଫଟୋ 47:** ବରଗଡ଼ କେନାଲ କୂଳରେ ଜମା ଥିବା କଠିନ ବର୍ଜ୍ୟବସ୍ତୁ ବିଏମ୍‌ସି

ଉପରୋକ୍ତ ତଥ୍ୟରୁ ଜଣାପଡୁଚି ଯେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ ମାଟି କାଟିବା କାର୍ଯ୍ୟ ଏବଂ ଡ୍ରେନ୍ /କେନାଲର ନିୟମିତ ରକ୍ଷଣାବେକ୍ଷଣ ରେ ଅଭାବ ରହିଛି ।

ଏହାର ଜବାବରେ ବିଏମସି (ଅକ୍ଟୋବର 2022) କହିଛନ୍ତି ଯେ ଏଜେନସିକୁ ତୁରନ୍ତ ଜାଗା ସଫା କରିବାକୁ କୁହାଯିବ ।

## 5.3 ନିଗମଗୁଡିକରେ ସ୍ୱେରେଜ ଉତ୍ପାଦନ, ସଂଗ୍ରହ, ବିଶୋଧନ ଓ ନିଷ୍କାସନ

ଓଡିଶା ମହାନଗର ନିଗମ ଅଧିନିୟମ, 2003 ର ଧାରା 24 (iii) ଅନୁଯାୟୀ ମ୍ୟୁନିସପାଲିଟି କର୍ପୋରେସନ ମାନେ କଠିନ ବର୍ଜ୍ୟବସ୍ତୁ ନର୍ଦ୍ଦମା, ଆପତ୍ତିଜନକ ପଦାର୍ଥ ଓ ଆବର୍ଜନା ସଂଗ୍ରହ, ଅପସାରଣ, ବିଶୋଧନ ଓ ନିଷ୍କାସନ ଏବଂ କମ୍ପୋଷ୍ଟ ସାର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବେ । ଏହା ବ୍ୟତୀତ, ଏସପିସିବି ଦ୍ୱାରା ଜାରି ନିର୍ଦ୍ଦେଶାବଳୀ, (ସେପ୍ଟେମ୍ବର 2015) ଅନୁଯାୟୀ, ୟୁଏଲବିଗୁଡିକ ମୁଖ୍ୟତଃ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ସ୍ଥାପନ କରିବା ଏବଂ ଜମି କିମ୍ବା ଭୂପୃଷ୍ଠ ଜଳାଶୟରେ ବିଶୋଧିତ ନର୍ଦ୍ଦମା ବର୍ଜ୍ୟବସ୍ତୁ ନିଷ୍କାସନ କରିବା ପାଇଁ ଏସପିସିବି ଠାରୁ ପୂର୍ବ ସମ୍ମତ (ସିଟିଓ) ଆଣିବା ପାଇଁ ମୁଖ୍ୟତଃ ଦାୟୀ ।

### 5.3.1 ଓଡବ୍ଲ୍ୟୁଏସଏସବି ଏବଂ ୱାଟକୋ ଦ୍ୱାରା ସ୍ୱେରେଜ ବ୍ୟବସ୍ଥାର କାର୍ଯ୍ୟକାରିତା

ଓଡବ୍ଲ୍ୟୁଏସଏସବିର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ମାର୍ଚ୍ଚ 2022 ସୁଦ୍ଧା 4 ଟି ଏମସିରେ 12 ଟି ଏସଟିପି[142] ମଧ୍ୟରୁ 8 ଟି ଏସଟିପି[143] ଏବଂ ଭୂତଳ ସ୍ୱେରେଜ୍ ପଦ୍ଧତି (ୟୁଜିଏସ୍ଏସ୍) ଯୋଗାଇ ଦିଆଯାଇଛି । ଅବଶିଷ୍ଟ ଚାରୋଟି ଏସଟିପି ମଧ୍ୟରୁ ଦୁଇଟି ଏସଟିପିକୁ ଉଚ୍ଛେଦ କରାଯାଇଥିଲା (ବିଏମ୍ସି/ ଆର୍ଏମ୍ସିରେ ଗୋଟିଏ ଲେଖାଏଁ) ଗୋଟିଏ ନିଷ୍କ୍ରିୟ ଥିଲା (ସିଏମ୍ସି) ଗୋଟିଏ ବିଏମ୍ସିରେ କାମ ଚାଲୁଥିଲା ଏବଂ ବିଇଏମ୍ସିରେ କୌଣସି ଏସ୍ଟିପି ପ୍ରଦାନ କରାଯାଇ ନଥିଲା । ଆଠଟି କାର୍ଯ୍ୟକ୍ଷମ ଏସ୍ଟିପିର କାର୍ଯ୍ୟକାରିତା ଏବଂ ଏହି ଚାରୋଟି ଏମ୍ସିରେ ପ୍ରଦାନ କରାଯାଇଥିବା ସ୍ୱେରେଜ୍ ସୁବିଧାର ବିବରଣୀ **ଚାର୍ଟ 3** ରେ ଦର୍ଶାଯାଇଛି ।

**Chart-3: Status of sewerlines, pumping stations and STPs targeted, completed and commissioned, in MCs, by OWSSB as of July 2022**




| | BMC | CMC | SMC | RMC |
|---|---|---|---|---|
| Target for laying sewer line (in Km) | 419.30 | 380.00 | 253.00 | 185.50 |
| Sewerline completed (in Km) | 338.10 | 322.32 | 69.00 | 155.40 |
| Commissioned (in Km) | 59.15 | 254.96 | 0.00 | 149.79 |
| No. of pumping stations targeted | 51 | 36 | 8 | 4 |
| No. of Pumping stations completed | 20 | 27 | 1 | 2 |
| No. of Pumping stations commissioned | 18 | 0 | 0 | 2 |
| No. of STPs targeted | 6 | 3 | 1 | 2 |
| No. of STPs completed | 4 | 2 | 1 | 1 |
| No. of STPs commissioned | 4 | 2 | 1 | 1 |
| No. of House connections targeted (in lakh) | 3.51 | 0.53 | 0.31 | 0.42 |
| House connections achievement( in lakh) | 0.94 | 0.11 | 0 | 0.012 |

142 ବାରଟି ଏସ୍ଟିପି ଗୁଡ଼ିକ: ଭୁବନେଶ୍ୱର (ଛଅଟି), କଟକ(ତିନୋଟି), ସମ୍ବଲପୁର (ଗୋଟିଏ) ଏବଂ ରାଉରକେଲା (ଦୁଇଟି)

143 କାର୍ଯ୍ୟକ୍ଷମ ଆଠଟି ଏସ୍ଟିପିଗୁଡ଼ିକ: ଭୁବନେଶ୍ୱର (ଚାରୋଟି), କଟକ(ଦୁଇଟି), ସମ୍ବଲପୁର (ଗୋଟିଏ), ରାଉରକେଲା (ଗୋଟିଏ) ଏବଂ ବ୍ରହ୍ମପୁର-ଶୂନ

ସାରଣୀ 5.2: ନର୍ଦ୍ଦମା ଲାଇନ୍, ପମ୍ପିଂ ଷ୍ଟେସନ ଏବଂ ଗୃହ ସଂଯୋଗ ସମ୍ପର୍କରେ କାର୍ଯ୍ୟଦକ୍ଷତା ବିଶ୍ଳେଷଣ

| ନାମ | ନର୍ଦ୍ଦମା ଲାଇନର ପ୍ରତିଶତ | | ପମ୍ପିଂ ଷ୍ଟେସନର ପ୍ରତିଶତ | | ଘର ସଂଯୋଗର ପ୍ରତିଶତ (ଜୁଲାଇ 2022) ଶେଷ ହୋଇଛି |
|---|---|---|---|---|---|
| | ଲକ୍ଷ୍ୟ ବିରୁଦ୍ଧରେ ସମ୍ପୂର୍ଣ୍ଣ | ସମ୍ପୂର୍ଣ୍ଣ ମଧ୍ୟରୁ କାର୍ଯ୍ୟକ୍ଷମ ହୋଇଛି | ଲକ୍ଷ୍ୟ ବିରୁଦ୍ଧରେ ସମ୍ପୂର୍ଣ୍ଣ | ସମ୍ପୂର୍ଣ୍ଣ ମଧ୍ୟରୁ କାର୍ଯ୍ୟକ୍ଷମ ହୋଇଛି | |
| *1* | *2* | *3* | *4* | *5* | *6* |
| ଭୁବନେଶ୍ୱର ସେରେଜ୍ ଜିଲ୍ଲା (I ରୁ VI, V ବ୍ୟତୀତ) | 80.63 | 17.49 | 39.22 | 90 | 26.78 |
| କଟକ ସେରେଜ୍ ଜିଲ୍ଲା I & II | 84.82 | 79.10 | 75 | 70 | 20.75 |
| ସମ୍ବଲପୁର | 27.27 | 0 | 13 | 0 | 0 |
| ରାଉରକେଲା | 83.77 | 96.39 | 50 | 100 | 2.86 |

*(ଉତ୍ସ: ଏମ୍‌ସି ମାନଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)*

ସେରେଜ୍ ସଂଗ୍ରହ, ସେରେଜ୍‌ର ବିଶୋଧନ ଏବଂ ବିଶୋଧିତ ସେରେଜ୍‌ର ସୁରକ୍ଷିତ ନିଷ୍କାସନ କ୍ଷେତ୍ରରେ ସଫଳତା ହ୍ରାସ ପାଇବାରେ ଲାଗିଛି, ଯାହା କି ନିମ୍ନରେ ଆଲୋଚନା କରାଯାଇଛି ।

## (i) <u>ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସେରେଜ୍ ପରିଚାଳନା</u>

- ❖ ଭୁବନେଶ୍ୱର ମହାନଗର ନିଗମରେ ଛଅଟି ଏସଟିପି, 51 ଟି ପମ୍ପିଂ ଷ୍ଟେସନ ଓ 419.30 କିଲୋମିଟର ସେରେଜ୍ ଲାଇନ୍ ଲକ୍ଷ୍ୟ ରଖାଯାଇଥିବା ମଧ୍ୟରୁ ବିଭାଗ ଜୁଲାଇ 2022 ସୁଦ୍ଧା ମାତ୍ର ଚାରିଟି ଏସ୍‌ଟିପି, 20 ଟି ପମ୍ପିଂ ଷ୍ଟେସନ୍ ଓ 338.10 କିଲୋମିଟରର ସେରେଜ୍ ଲାଇନ୍ ନିର୍ମାଣ କରିପାରିଛି ।
- ❖ ଉପରୋକ୍ତ ଛଅଟି ଏସ୍‌ଟିପି ମଧ୍ୟରୁ ମାତ୍ର ଚାରିଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଗୋଟିଏ ଏସ୍‌ଟିପି ଉଚ୍ଛେଦ କରାଯାଇଥିଲା, ବିଛାଯାଇଥିବା 338.10 କିଲୋମିଟର ପାଇପ୍ ଲାଇନ୍ ମଧ୍ୟରୁ ସଂଯୋଗ ନହାଇଥିବା ଯୋଗୁଁ ମାତ୍ର 59.15 କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ।
- ❖ ସେରେଜ୍ ଲାଇନ୍ ସଂଯୋଗ ହେବାକୁ ଥିବା 3.51 ଲକ୍ଷ ପରିବାର ମଧ୍ୟରୁ ଜୁଲାଇ 2022 ସୁଦ୍ଧା ମାତ୍ର 0.94 ଲକ୍ଷ ପରିବାରକୁ ସଂଯୋଗ କରାଯାଇଛି ।
- ❖ ଭୁବନେଶ୍ୱର ମହାନଗର ନିଗମରେ ଉତ୍ପନ୍ନ ହୋଇଥିବା 216.51 ଏମଏଲଡି ସେରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ ମାତ୍ର 29.75 ଏମଏଲଡି ସେରେଜ୍ ବର୍ଜ୍ୟବସ୍ତୁ ବର୍ତ୍ତମାନର ସେରେଜ୍ ସିଷ୍ଟମ ଦ୍ୱାରା ସଂଗ୍ରହ କରାଯାଇଥିବା ବେଳେ ବାକି 186.76 ଏମଏଲଡି ସଂଗ୍ରହ କରାନଯାଇ ଜଳାଶୟକୁ ଛଡ଼ାଯାଇଛି ।

## (ii) <u>କଟକ ମହାନଗର ନିଗମ ପକ୍ଷରୁ ସେରେଜ୍ ପରିଚାଳନା</u>

- ❖ କଟକ ମହାନଗର ନିଗମରେ ତିନିଟି ଏସଟିପି, 36 ଟି ପମ୍ପିଂ ଷ୍ଟେସନ ଓ 380 କିଲୋମିଟର ସେରେଜ୍ ଲାଇନ୍ ଲକ୍ଷ୍ୟ ରଖାଯାଇଥିବା ମଧ୍ୟରୁ ବିଭାଗ ଜୁଲାଇ 2022 ସୁଦ୍ଧା ମାତ୍ର ଦୁଇଟି ଏସ୍‌ଟିପି, 27 ଟି ପମ୍ପିଂ ଷ୍ଟେସନ୍ ଓ 322.32 କିଲୋମିଟରର ସେରେଜ୍ ଲାଇନ୍ ନିର୍ମାଣ କରିପାରିଛି ।
- ❖ ଉପରୋକ୍ତ ତିନିଟି ଏସ୍‌ଟିପି ମଧ୍ୟରୁ ମାତ୍ର ଦୁଇଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଗୋଟିଏ ଅଚଳ ହୋଇପଡ଼ିଛି । ବିଛାଯାଇଥିବା 322.32 କିଲୋମିଟର ପାଇପ ଲାଇନ୍ ମଧ୍ୟରୁ ମାତ୍ର 254.96 କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ।
- ❖ ସେରେଜ୍ ଲାଇନ୍ ସଂଯୋଗ ହେବାକୁ ଥିବା 0.53 ଲକ୍ଷ ପରିବାର ମଧ୍ୟରୁ ଜୁଲାଇ 2022 ସୁଦ୍ଧା ମାତ୍ର 0.11 ଲକ୍ଷ ପରିବାରକୁ ସଂଯୋଗ କରାଯାଇଛି ।
- ❖ କଟକ ମହାନଗର ନିଗମରେ ଉତ୍ପନ୍ନ ହୋଇଥିବା 167.20 ଏମଏଲଡି ସେରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ ବର୍ତ୍ତମାନର ସେରେଜ୍ ସିଷ୍ଟମ ଦ୍ୱାରା ମାତ୍ର 20.62 ଏମଏଲଡି ସେରେଜ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା, ଅବଶିଷ୍ଟ 146.58 ଏମଏଲଡି ସଂଗ୍ରହ କରାନଯାଇ ଜଳାଶୟକୁ ଛଡ଼ାଯାଇଛି ।

**(iii)** **ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱେରେଜ୍ ପରିଚାଳନା**

- ❖ ସମ୍ବଲପୁର ମହାନଗର ନିଗମରେ ଗୋଟିଏ ଏସଟିପି, 8 ଟି ପମ୍ପିଂ ଷ୍ଟେସନ ଓ 253 କିଲୋମିଟର ସ୍ୱେରେଜ୍ ଲାଇନ୍ ଲକ୍ଷ୍ୟ ରଖାଯାଇଥିବା ଲାଇନ୍ ମଧ୍ୟରୁ ବିଭାଗ ଜୁଲାଇ 2022 ସୁଦ୍ଧା ଏସ୍‌ଟିପି, ଗୋଟିଏ ପମ୍ପିଂ ଷ୍ଟେସନ୍ ଏବଂ 69 କିଲୋମିଟରର ସ୍ୱେରେଜ୍ ଲାଇନ୍ ନିର୍ମାଣ କରିପାରିଛି ।
- ❖ ବିଛାଯାଇଥିବା 69 କିଲୋମିଟର ପାଇପ ଲାଇନ୍ ମଧ୍ୟରୁ ମାତ୍ର 9 କିଲୋମିଟର କାର୍ଯ୍ୟକ୍ଷମ ହୋଇଥିବା ବେଳେ ବାକି 60 କିଲୋମିଟର ଲିଙ୍କ ନଥିବାରରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ ।
- ❖ ସ୍ୱେରେଜ୍ ଲାଇନ୍ ସଂଯୋଗ ହେବାକୁ ଥିବା 0.31 ଲକ୍ଷ ପରିବାର ମଧ୍ୟରୁ ଜୁଲାଇ 2022 ସୁଦ୍ଧା କୌଣସି ପରିବାରକୁ ସଂଯୋଗ ହୋଇପାରିନାହିଁ ।
- ❖ ସମ୍ବଲପୁର ମହାନଗର ନିଗମରେ ଉତ୍ପନ୍ନ ହୋଇଥିବା 61.41 ଏମଏଲଡି ସ୍ୱେରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିବାରୁ ସମ୍ପୂର୍ଣ୍ଣ ସ୍ୱେରେଜ୍ ବର୍ଜ୍ୟବସ୍ତୁ ଜଳାଶୟକୁ ନିଷ୍କାସିତ ହୋଇଛି ।

**(iv)** **ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱେରେଜ୍ ପରିଚାଳନା**

- ❖ ରାଉରକେଲା ମହାନଗର ନିଗମରେ ଦୁଇଟି ଏସଟିପି, 4 ଟି ପମ୍ପିଂ ଷ୍ଟେସନ ଓ 185.50 କିଲୋମିଟର ସ୍ୱେରେଜ୍ ଲାଇନ୍ ଲକ୍ଷ୍ୟ ରଖାଯାଇଥିବା ମଧ୍ୟରୁ ବିଭାଗ ଜୁଲାଇ 2022 ସୁଦ୍ଧା ମାତ୍ର ଗୋଟିଏ ଏସ୍‌ଟିପି (ଜମି ଅଭାବରୁ ଆଉ ଏକ ଏସ୍‌ଟିପି ଅଚଳ ହୋଇଯାଇଥିଲା), ଦୁଇଟି ପମ୍ପିଂ ଷ୍ଟେସନ୍ ଏବଂ 155.40 କିଲୋମିଟରର ସ୍ୱେରେଜ୍ ଲାଇନ୍ ନିର୍ମାଣ କରାଯାଇଛି
- ❖ ବିଛାଯାଇଥିବା155.40 କିଲୋମିଟର ପାଇପ ଲାଇନ୍ ମଧ୍ୟରୁ ମାତ୍ର 149.79 କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ଏବଂ ଜମି ଉପଲବ୍ଧ ନଥିବାରୁ ବାକି ଥିବା ସ୍ୱେରେଜ୍ ଲାଇନ୍ ଉଚ୍ଛେଦ ହୋଇଯାଇଛି ।
- ❖ ସ୍ୱେରେଜ୍ ଲାଇନ୍ ସଂଯୋଗ ହେବାକୁ ଥିବା 0.42 ଲକ୍ଷ ପରିବାର ମଧ୍ୟରୁ ଜୁଲାଇ 2022 ସୁଦ୍ଧା କେବଳ ମାତ୍ର 12,000 ପରିବାରକୁ ସଂଯୋଗ ହୋଇପାରିଛି ।
- ❖ ରାଉରକେଲା ମହାନଗର ନିଗମରେ ଉତ୍ପନ୍ନ ହୋଇଥିବା 49.52 ଏମଏଲଡି ସ୍ୱେରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ ବର୍ତ୍ତମାନର ସ୍ୱେରେଜ୍ ପ୍ରଣାଳୀ ଦ୍ୱାରା ମାତ୍ର 2.60 ଏମଏଲଡି ସ୍ୱେରେଜ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା, ଯାହାଫଳରେ 46.92 ଏମଏଲଡି ସଂଗ୍ରହ ନହୋଇ ଜଳାଶୟକୁ ନିଷ୍କାସିତ ହୋଇଛି ।

**(v)** **ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱେରେଜ୍ ପରିଚାଳନା**

> ପାଞ୍ଚଟି ଏମସିରେ ଉତ୍ପନ୍ନ ହେଉଥିବା **558.64** ଏମଏଲଡି ସ୍ୱେରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ କେବଳ **52.97** ଏମଏଲଡି **(9.48** ପ୍ରତିଶତ) ସ୍ୱେରେଜ୍ ବର୍ଜ୍ୟବସ୍ତୁ ବର୍ତ୍ତମାନର ସ୍ୱେରେଜ୍ ପ୍ରଣାଳୀ ଦ୍ୱାରା ସଂଗ୍ରହ କରାଯାଇଥିଲା, ଅବଶିଷ୍ଟ **505.677** ଏମଏଲଡି(**90.52** ପ୍ରତିଶତ) ଜଳାଶୟକୁ ଛଡ଼ାଯାଇଥିଲା ଯାହା ଜଳ ପ୍ରଦୂଷଣ ସୃଷ୍ଟି କରୁଥିଲା ।

- ❖ ବ୍ରହ୍ମପୁର ମହାନଗର ନିଗମରେ କୌଣସି ଏସ୍‌ଟିପି ସୁବିଧା ପ୍ରଦାନ କରାଯାଇ ନଥିଲା । ଏହା ବଦଳରେ ବିଭାଗ 64 ଏମଏଲଡି ଚିକିତ୍ସାର ଆବଶ୍ୟକତା ଥିବା ବେଳେ ମଇଳା ବୁହା ଗାଡ଼ି ମାଧ୍ୟମରେ ସଂଗ୍ରହ କରାଯାଇଥିବା ଘରୋଇ ବର୍ଜ୍ୟବସ୍ତୁର ବ୍ୟବହାର ପାଇଁ 100 କେଏଲ୍‌ପି କ୍ଷମତା ବିଶିଷ୍ଟ ସେପ୍‌ଟେଜ୍ କେଏଲ୍‌ପି କ୍ଷମତା ବିଶିଷ୍ଟ ସେପ୍‌ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଇଟିପି)ର ସ୍ଥାପନ କରିଥିଲା, ଯାହା ଆବଶ୍ୟକତା ପୂରଣ କରିପାରିନଥିଲା । ଏସ୍‌ଟିପି, ଗୋଟିଏ ପମ୍ପିଂ ଷ୍ଟେସନ୍ ଏବଂ 69 କିଲୋମିଟରର ସ୍ୱେରେଜ୍ ଲାଇନ୍ ନିର୍ମାଣ କରିପାରିଛି ।
- ❖ ବ୍ରହ୍ମପୁର ମହାନଗର ନିଗମରେ ଉତ୍ପନ୍ନ ହୋଇଥିବା 64 ଏମଏଲଡି ସ୍ୱେରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ ସମ୍ପୂର୍ଣ୍ଣ ସ୍ୱେରେଜ୍ ବର୍ଜ୍ୟବସ୍ତୁ ସିଧାସଳଖ ଜଳାଶୟକୁ ନିଷ୍କାସିତ ହୋଇଥିଲା ।

ସିପିଏଚ୍‌ଇଇଓ ର ସ୍ୱେରେଜ୍ ମାନୁଆଲ୍, 2013 ର ଅନୁଚ୍ଛେଦ 5.1.4.1 ଅନୁଯାୟୀ, ୟୁଜିଏସ୍‌ଏସ୍ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଜଳ ବ୍ୟବହାର ପାଇଁ ପ୍ରତିଦିନ ମୁଣ୍ଡପିଛା 135 ଲିଟର ଆବଶ୍ୟକତା ଆକଳନ କରାଯାଇଛି । ଅଧିକନ୍ତୁ, ନିୟମାବଳୀ ଅନୁଯାୟୀ ଅଧିବାସୀମାନଙ୍କ ଦ୍ୱାରା ଖର୍ଚ୍ଚ ହେଉଥିବା ଜଳର 80 ପ୍ରତିଶତ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ସ୍ଥିର କରାଯାଇଥିଲା ।

2022 ମାର୍ଚ୍ଚ ମାସରେ ଚୟନ ହୋଇଥିବା ପାଞ୍ଚଟି ଏମ୍‌ସିର ଆନୁମାନିକ ଜନସଂଖ୍ୟା ଏବଂ ଜଳ ଯୋଗାଣକୁ ଆଧାର କରି ସମୀକ୍ଷାରୁ ଜଣାପଡ଼ିଥିଲା ଯେ ଏହି ପାଞ୍ଚଟି ଏମ୍‌ସିରେ ଉତ୍ପନ୍ନ ହୋଇଥିବା 558.64 ଏମଏଲଡି ସେୱରେଜ୍ ବର୍ଜ୍ୟବସ୍ତୁ ମଧ୍ୟରୁ ବର୍ତ୍ତମାନର ସେୱରେଜ୍ ପ୍ରଣାଳୀ ଦ୍ୱାରା ମାତ୍ର 9.48 ପ୍ରତିଶତ ସେୱରେଜ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି, ଅବଶିଷ୍ଟ 90.52 ପ୍ରତିଶତ ଅସଂଗୃହିତ ରହିଛି । ଏହାବ୍ୟତୀତ କେବଳ 14.72 ପ୍ରତିଶତ ସେୱରେଜ୍ ବିଶୋଧିତ ହୋଇ ପୁନଃ ବ୍ୟବହାର ହୋଇଥିବା ବେଳେ ଅବଶିଷ୍ଟ 85.28 ପ୍ରତିଶତ ଜଳଭଣ୍ଡାରକୁ ଛଡ଼ାଯାଇଛି ବୋଲି ***ପରିଶିଷ୍ଟ- VII*** ରେ ଦର୍ଶାଯାଇଛି । ଏହି ଏମ୍‌ସିଗୁଡ଼ିକରେ ସେୱରେଜ୍ ପରିଚାଳନା ଦୃଷ୍ଟିରୁ କାର୍ଯ୍ୟଦକ୍ଷତା **ଚିତ୍ର 4** ରେ ଦର୍ଶାଯାଇଛି ।

**ଚାର୍ଟ 4 –ଚୟନ କରାଯାଇଥିବା ପାଞ୍ଚଟି ଏମ୍‌ସିରେ ବର୍ଜ୍ୟବସ୍ତୁ ଉତ୍ପାଦନ, ସଂଗ୍ରହ, ବିଶୋଧନ ଏବଂ ନିଷ୍କାସନ (ମାର୍ଚ୍ଚ 2022 ସୁଦ୍ଧା)**




ସରକାର (ମଇ 2023) କହିଥିଲେ ଯେ ଥରେ ଘରର ସେୱରେଜ୍ ସଂଯୋଗ ସମାପ୍ତ ହୋଇଗଲେ ଜଳାଶୟ/ ନଦୀକୁ କୌଣସି ବର୍ଜ୍ୟଜଳ ପ୍ରବାହ ହେବ ନାହିଁ ଏବଂ ଏସ୍‌ଟିପିଗୁଡ଼ିକର କ୍ଷମତାର ସମ୍ପୂର୍ଣ୍ଣ ଉପଯୋଗ କରାଯିବ । ଯେହେତୁ ଗୃହ ନର୍ଦ୍ଦମା ସଂଯୋଗ ଚାଲିଛି, ପ୍ରଦାନ କରାଯାଇଥିବା ଘର ସଂଯୋଗ ସଂଖ୍ୟା ଆଧାରରେ, ଉପରୋକ୍ତ ଏମସିଗୁଡ଼ିକରେ ଏସ୍‌ଟିପିର ବ୍ୟବହାର କ୍ଷମତା ଦିନକୁ ଦିନ ବୃଦ୍ଧି ପାଇବ, କିନ୍ତୁ ବାସ୍ତବତା ହେଉଛି ଯେ, ଶତ ପ୍ରତିଶତ ନର୍ଦ୍ଦମା ନେଟ୍‌ୱାର୍କ ଏବଂ ଘରୋଇ ସଂଯୋଗ ତୁଳନାରେ କଭରେଜ୍ ଶୂନରୁ 85 ପ୍ରତିଶତ ଏବଂ ଶୂନରୁ 27 ପ୍ରତିଶତ ମଧ୍ୟରେ ଥିଲା । 9 ରୁ 14 ବର୍ଷ ବିତିଯାଇଥିଲେ ମଧ୍ୟ ମାର୍ଚ୍ଚ 2022 ସୁଦ୍ଧା ବିଭାଗ ସେୱରେଜ୍ ପ୍ରକଳ୍ପ ଶେଷ କରିନଥିଲା ।

## 5.3.2 ସେୱରେଜ୍ ପ୍ରକଳ୍ପର ଖର୍ଚ୍ଚ ଓ ସମୟ ବୃଦ୍ଧି

### 5.3.2.1 ଭୁବନେଶ୍ୱର ସେୱରେଜ୍ ଜିଲ୍ଲା

ଓଡବ୍ଲ୍ୟୁଏସ୍ଏସ୍‌ବିର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଭୁବନେଶ୍ୱର ସହରର ସେୱରେଜ୍ ବ୍ୟବସ୍ଥା (ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଜିଲ୍ଲା ପାଇଁ ଏସ୍‌ଟିପି ସମେତ) ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟ 286.41 କୋଟି ଟଙ୍କା ବ୍ୟୟରେ ଏକ ସଂସ୍ଥାକୁ (ଫେବୃଆରୀ/ ମଇ 2008) ପ୍ରଦାନ କରାଯାଇଥିଲା ଏବଂ ଶେଷ ହେବାର ନିର୍ଦ୍ଧାରିତ ତାରିଖ ଜାନୁଆରୀରୁ ନଭେମ୍ବର 2010 ମଧ୍ୟରେ ଥିଲା । ତେବେ କାମର ଖରାପ ଅଗ୍ରଗତି ପାଇଁ କାରଣ ଦର୍ଶାଅ ନୋଟିସ୍

(ନଭେମ୍ବର 2015) ଜାରି ହୋଇଥିଲେ ମଧ ନିର୍ଦ୍ଧାରିତ ସମୟ ମଧରେ ଏହି ସବୁ କାର୍ଯ୍ୟ ଶେଷ ହୋଇପାରିନଥିଲା । ତେଣୁ, ଚୁକ୍ତିର ଧାରା 53.1 ଅନୁଯାୟୀ ଏହି ଚୁକ୍ତିକୁ ବାତିଲ୍ କରାଯାଇଥିଲା (ନଭେମ୍ବର 2015) । ଇତି ମଧରେ ଠିକା ପ୍ରତ୍ୟାହାର ସମୟରେ ସଂସ୍ଥା 111.31 କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ କରିଥିଲା ଏବଂ ଅବଶିଷ୍ଟ 175.10 କୋଟି ଟଙ୍କାର କାମ ଅସମ୍ପୂର୍ଣ୍ଣ ରଖିଥିଲା । ଏହି ବାକି କାମ ଜୁଲାଇ 2020 ସୁଦ୍ଧା ଶେଷ କରିବାକୁ 725.17 କୋଟି ଟଙ୍କା ବ୍ୟୟରେ ତିନି ଜଣ ଠିକାଦାରଙ୍କୁ (ଜୁଲାଇ 2017 ) ଦିଆଯାଇଥିଲା । ଏହି ସଂସ୍ଥାଗୁଡ଼ିକୁ 451.07 କୋଟି ଟଙ୍କା (ଜୁଲାଇ 2022 ସୁଦ୍ଧା) ପ୍ରଦାନ କରାଯାଇଥିଲା ଏବଂ କାର୍ଯ୍ୟ ଚାଲୁ ରହିଥିଲା ।

ତେଣୁ ପୂର୍ବ ଚୁକ୍ତିକୁ ରଦ୍ଦ କରିବାର ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା । ଫଳରେ ସମୟ ଓ ଖର୍ଚ୍ଚ ଯଥାକ୍ରମେ 12 ବର୍ଷ ଓ 550.07 କୋଟି ଟଙ୍କା ବୃଦ୍ଧି ପାଇଥିଲା । ସ୍ୱେରେଜ୍ ପ୍ରକଳ୍ପ ସଂପୂର୍ଣ୍ଣ ହୋଇନଥିବାରୁ ଘରର ସ୍ୱେରେଜ୍ ବର୍ଜ୍ୟବସ୍ତୁ ସିଧାସଳଖ ନିକଟସ୍ଥ ବନ୍ୟା ଜଳ ଡ୍ରେନକୁ ଛଡ଼ାଯାଇଥିଲା ଯାହା ସାଧାରଣ ଓ ଜଳଜୀବଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିଲା ।

ସରକାର ବ୍ୟକ୍ତ କରିଛନ୍ତି (ମାର୍ଚ୍ଚ 2023) ଯେ, ପ୍ରଥମ ଚୁକ୍ତିନାମାରୁ ବାକି ଥିବା କାମର ମୂଲ୍ୟ ଯେଉଁଥିରେ କେବଳ ଗୁରୁତ୍ୱପୂର୍ଣ୍ଣ ନର୍ଦ୍ଦମା, ଗୃହ ନର୍ଦ୍ଦମା, ମ୍ୟାନ୍ ହୋଲ୍ ଚାମ୍ବର ନିର୍ମାଣ/ ପରୀକ୍ଷଣ ଚାମ୍ବର/ ନର୍ଦ୍ଦମା ସଂଯୋଗ କକ୍ଷ ନିର୍ମାଣ ଅନ୍ତର୍ଭୁକ୍ତ; ଇପିସି ଟେଣ୍ଡରର ମୂଲ୍ୟ ସହିତ ତୁଳନା କରାଯାଇପାରିବ ନାହିଁ, ଯାହାକି ସବୁ କ୍ଷେତ୍ରରେ ସ୍ୱେରେଜ୍ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଦାନ କରାଯାଇଥିଲା । ଉତ୍ତର ଉପଯୁକ୍ତ ନଥିଲା, ଯେହେତୁ ଦ୍ୱିତୀୟ ଥର ଚୁକ୍ତିନାମାଗୁଡ଼ିକର ଚୁକ୍ତିଭିତ୍ତିକ ଅବଧି ମଧରେ କାର୍ଯ୍ୟ ସମାପ୍ତ ହୋଇନଥିଲା । ପ୍ରଥମ ଚୁକ୍ତିନାମାକୁ ରଦ୍ଦ କରିବାର ଉଦ୍ଦେଶ୍ୟ ହାସନ ହୋଇପାରିଲା ନାହିଁ ଏବଂ ସମୟ ଏବଂ ମୂଲ୍ୟ ଉପରେ ଅଧିକ ପ୍ରଭାବ ପକାଇଲା ।

### 5.3.2.2 ରାଉରକେଲା ପଶ୍ଚିମ ସ୍ୱେରେଜ୍ ପ୍ରକଳ୍ପ

ଓଡବ୍ଲ୍ୟୁଏସ୍ଏସ୍‌ବିର ରେକର୍ଡରୁ ଜଣାପଡ଼ିଛି ଯେ ରାଉରକେଲା ସହରରେ ଜଳ ପ୍ରଦୂଷଣ ରୋକିବା ପାଇଁ ଉଭୟ ରାଉରକେଲା ପୂର୍ବ ଓ ରାଉରକେଲା ପଶ୍ଚିମ ପାଇଁ ଯଥାକ୍ରମେ 89.41କୋଟି ଓ 324.08 କୋଟି ଟଙ୍କା ବ୍ୟୟରେ ସ୍ୱେରେଜ୍ ବ୍ୟବସ୍ଥା[144] ନିର୍ମାଣ ପାଇଁ ପ୍ରଶାସନିକ ଅନୁମୋଦନ (ଜାନୁଆରୀ 2016) ଦିଆଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ (ଜାନୁଆରୀ 2017) ମେସର୍ସ ଏଲ୍ଆଣ୍ଡଟି ଲିମିଟେଡକୁ 298.20[145] କୋଟି ଟଙ୍କାର ଚୁକ୍ତିନାମ ମୂଲ୍ୟରେ ପ୍ରଦାନ କରାଯାଇଥିଲା, ଯାହାର ଶେଷ ହେବାର ତାରିଖ ଜାନୁଆରୀ 2020 ଧାର୍ଯ୍ୟ କରାଯାଇଥିଲା । ଉପଯୁକ୍ତ ଜାଗା ନ ମିଳିବାରୁ ରାଉରକେଲା ପୂର୍ବ ପ୍ରକଳ୍ପ ପାଇଁ ସ୍ୱେରେଜ୍ ପ୍ରକଳ୍ପକୁ ଚୁକ୍ତିରୁ (ଅଗଷ୍ଟ 2020) ବାଦ୍ ଦିଆଯାଇଥିଲା । ରାଉରକେଲା ପଶ୍ଚିମ ପ୍ରକଳ୍ପ ପାଇଁ ସଂସ୍ଥାକୁ ଜିଏମ୍‌ଟି (ମାର୍ଚ୍ଚ 2022 ସୁଦ୍ଧା)କୁ ମିଶାଇ 238.70 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ କାର୍ଯ୍ୟ ଏବେବି (ଜୁଲାଇ 2022 ସୁଦ୍ଧା) ଚାଲିଛି ।

ସମୀକ୍ଷା ଏହା ମଧ ଜଣାପଡ଼ିଛି ଯେ, ଡିସେମ୍ବର 2020 ରୁ ଏସ୍‌ଟିପି ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଛି । ନିର୍ଦ୍ଧାରିତ 185.50କିଲୋମିଟର ନର୍ଦ୍ଦମା ଲାଇନ୍ ଏବଂ ଚାରିଟି ମଧବର୍ତ୍ତୀ ପମ୍ପିଂ ଷ୍ଟେସନ୍ (ଆଇଏମ୍‌ପି) ମଧ୍ୟରୁ ସଂସ୍ଥା 155.400 କିଲୋମିଟର ନର୍ଦ୍ଦମା ଲାଇନ୍ ବିଛାଇଥିଲା ଏବଂ ଦୁଇଟି ଆଇଏମ୍‌ପି ନିର୍ମାଣ କରିଥିଲା । କ୍ୟାଚମେଣ୍ଟ ଅଞ୍ଚଳରେ ଡି-ସ୍କୋପିଂ ଏବଂ ମେନ ହୋଲ ପମ୍ପିଂ ଷ୍ଟେସନଗୁଡିକରେ ଚୂଡାନ୍ତ ହୋଇନଥିବା ଏବଂ ମିସିଂ ଲିଙ୍କ ଯୋଗୁଁ ଜୁଲାଇ 2022 ସୁଦ୍ଧା କେବଳ 149.79 କିଲୋମିଟର ସ୍ୱେରେଜ ଲାଇନ ଏବଂ ଦୁଇଟି ପମ୍ପିଂ ଷ୍ଟେସନ୍ କାର୍ଯ୍ୟକ୍ଷମ ଥିଲା । ପ୍ରଦାନ କରାଯିବାକୁ ଥିବା 42,440 ଘର ସ୍ୱେରେଜ ସଂଯୋଗ ମଧ୍ୟରୁ ନଭେମ୍ବର 2022 କେବଳ 1,155 ସଂଯୋଗ (2.72 ପ୍ରତିଶତ) ଯୋଗାଇ ଦିଆଯାଇଥିଲା , ଯାହା ଫଳରେ ଏସଟିପିରେ କେବଳ 2.60 ଏମଏଲଡି ବର୍ଜ୍ୟବସ୍ତୁ ବିଶୋଧନ କରାଯାଇଥିଲା । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବାରୁ ରାଉରକେଲାର

---

[144] ରାଉରକେଲା ପଶ୍ଚିମ: (i) 40 ଏମ୍ଏଲ୍‌ଡିର ଏସ୍‌ଟିପି (ii) ପମ୍ପିଂ ଷ୍ଟେସନ: ଚାରିଟି (iii) 149.79 କିଲୋ ମିଟରର ସ୍ୱେୟର ଲାଇନ୍, ରାଉରକେଲା ପୂର୍ବ: (i) 8 ଏମ୍ଏଲ୍‌ଡିର ଏସ୍‌ଟିପି (ii) 46.44 କିଲୋ ମିଟରର ସ୍ୱେୟର ଲାଇନ୍ (iii) ପମ୍ପିଂ ଷ୍ଟେସନ: ଶୂନ

[145] ରାଉରକେଲା ପୂର୍ବ ପ୍ରକଳ୍ପ: 69.30 କୋଟି ଟଙ୍କା + ରାଉରକେଲା ପଶ୍ଚିମ ପ୍ରକଳ୍ପ: 228.90 କୋଟି ଟଙ୍କା, ଜିଏସ୍‌ଟି ବ୍ୟତୀତ

ସ୍ୱେରେଜ ଓ ଘରଗୁଡିକର ନର୍ଦ୍ଦମା, ବ୍ରାହ୍ମଣୀ ନଦୀରେ ନିଷ୍କାସିତ ହେବା ଫଳରେ ଜଳ ପ୍ରଦୂଷଣ ହେବା ସହ ଜନସାଧାରଣ ଓ ଜଳଜୀବଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଲା।

ରାଉରକେଲା ପଶ୍ଚିମ ପ୍ରକଳ୍ପ ପାଇଁ 5.11 କୋଟି ଟଙ୍କାର ଅତିରିକ୍ତ ବ୍ୟୟ କରାଯାଇଥିବା ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ ଯାହା **ସାରଣୀ 5.3** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି।

**ସାରଣୀ 5.3 ରାଉରକେଲା ପଶ୍ଚିମ ପ୍ରକଳ୍ପ ପାଇଁ ଠିକାଦାରଙ୍କୁ ଅତିରିକ୍ତ ଅର୍ଥ ପ୍ରଦାନ**

| କ୍ରମିକ ସଂଖ୍ୟା | ବିଚ୍ୟୁତିର ପ୍ରକୃତି | ସମୀକ୍ଷା ସିଦ୍ଧାନ୍ତ |
|---|---|---|
| 1. | ଇପିସି କାର୍ଯ୍ୟ ଅନୁଯାୟୀ ଠିକାଦାରଙ୍କୁ ଚୁକ୍ତିର ଅନୁସୂଚୀ ଏଚ ରେ ଥିବା ବ୍ୟବସ୍ଥା ଅନୁଯାୟୀ ଅର୍ଥ ପ୍ରଦାନ କରାଯିବାର ଥିଲା। | ପମ୍ପିଂ ଷ୍ଟେସନରୁ ତରକେରା ନିକଟସ୍ଥ ଏସଡବ୍ଲ୍ୟୁଡି ଡ୍ରେନ୍ ଏବଂ ନିଷ୍କାସନ ପଏଣ୍ଟରେ ଆଉଟଫଲ୍ ଢାଞ୍ଚା ନିର୍ମାଣ ପାଇଁ ଏହି ପ୍ରକଳ୍ପ ଅନୁସୂଚୀ ଏଚ୍‌ରେ 3256 ମିଟରର 1,000 ମିଲିମିଟର ବ୍ୟାସ ବିଶିଷ୍ଟ ଡିଆଇ K9 ପାଇପ୍ ବିଛାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସମୀକ୍ଷାରୁ ଜଣାଗଲେ ଯେ ସଂସ୍ଥା ମୁଖ୍ୟ ଉତ୍ତୋଳନ ପାଇଁ 700 ମିଲିମିଟର ବ୍ୟାସ ବିଶିଷ୍ଟ 2,918 ମିଟରର ଡିଆଇ K9 ପାଇପ ବିଛାଇଥିଲା ଏବଂ ଚୁକ୍ତିନାମା ବ୍ୟବସ୍ଥା ଠାରୁ ପରିବର୍ତ୍ତନ ହୋଇ ଏବଂ 700 ମିଲିମିଟର ବ୍ୟାସ ପାଇଁ ଖର୍ଚ୍ଚ ସଂଶୋଧନ ନକରି 7.36 କୋଟି ଟଙ୍କା (ଅର୍ଥାତ୍ ମିଟର ପିଛା 25,227 ଟଙ୍କା) ପ୍ରଦାନ କରାଯାଇଥିଲା। ଜୁଲାଇ 2022 ସୁଦ୍ଧା କମ୍ ବ୍ୟାସର ପାଇପଲାଇନ୍ ବିଛାଇବା ପାଇଁ ଉପରୋକ୍ତ ପରିବର୍ତ୍ତନକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନ କରାଯାଇନଥିଲା।<br><br>ଏହା ବ୍ୟତୀତ ସଂସ୍ଥା 1,305.970 ମିଟର ପାଇଁ 700 ମିଲିମିଟର ବ୍ୟାସ ବିଶିଷ୍ଟ ଡିଆଇ କେ9 ପାଇପ୍ ମିଟର ପିଛା 12,277.89 ଟଙ୍କା ହିସାବରେ ବିଛାଇବା ପାଇଁ ଅତିରିକ୍ତ କାର୍ଯ୍ୟ ସମ୍ପାଦନ କରିଥିଲା ଏବଂ ଏହାକୁ 1.60 କୋଟି ଟଙ୍କା ପ୍ରଦାନ କରାଯାଇଥିଲା। 2918 ମିଟର ପାଇପଲାଇନ୍ ବିଛାଇବା ପାଇ 3.78 କୋଟି[146] ଟଙ୍କାର ବ୍ୟବଧାନ ରାଶି ପ୍ରଦାନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ ଲାଭ ହେଲା (ଜୁଲାଇ 2022) ସୁଦ୍ଧା)।<br><br>ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଏହି ପ୍ରକଳ୍ପ ୱାଟକୋକୁ ହସ୍ତାନ୍ତର କରାଯାଇଛି ଏବଂ ଇଆଇସି, ଓଡବ୍ଲ୍ୟୁଏସଏସବି ରାଉରକେଲା ଜିଏମ୍‌କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥଲେ। |
| 2. | 2021 ଫେବୃଆରୀ ମାସରେ ଦୁଇଟି ଜେଳ କ୍ରସିଂ ଓ ଦୁଇଟି ହାଇୱେ ପମ୍ପିଂ କାମ ପାଇଁ 4.69 କୋଟି ଟଙ୍କା ଦେବାକୁ କର୍ତ୍ତୃପକ୍ଷ ଯନ୍ତ୍ରୀ ସୁପାରିଶ କରିଥିଲେ। | ସଂସ୍ଥାକୁ 4.69 କୋଟି ଟଙ୍କା ପ୍ରଦାନ ପାଇଁ ଏଇ[147] ସୁପାରିସ କରିବା ସତ୍ତ୍ୱେ (ଫେବୃଆରୀ 2021) ପିଇ, ରାଉରକେଲା ବିନା କୌଣସି କାରଣରେ 6.02 କୋଟି ଟଙ୍କା ପ୍ରଦାନ କରିଥିଲେ, ଯାହା ଫଳରେ ଠିକାଦାରଙ୍କୁ 1.33 କୋଟି ଟଙ୍କା ଅତିରିକ୍ତ ଦେୟ ଦିଆଯାଇଥିଲା, ଯାହା (ଜୁଲାଇ 2022 ସୁଦ୍ଧା) ଆଦାୟ ହୋଇନଥିଲା।<br><br>ସରକାର ବ୍ୟକ୍ତ କଲେ(ମାର୍ଚ୍ଚ 2023) ଯେ 6.02 କୋଟି ଟଙ୍କା ମଧ୍ୟରୁ 74 ଲକ୍ଷ ଟଙ୍କା ଆଦାୟ ହୋଇସାରିଛି ଏବଂ ସଂଶୋଧିତ ମୂଲ୍ୟ ବିଭାଜନ ଆଧାରରେ ବାକି ରାଶି ବ୍ୟବସ୍ଥିତ କରାଯିବ। ବାସ୍ତବକଥା ହେଉଛି ଏଇ ଦ୍ୱାରା ପ୍ରକୃତ ମାପ ଏବଂ ସୁପାରିସ ଅନୁଯାୟୀ ଦେୟ ଦିଆଯାଇ ନଥିଲା, ଯାହାଫଳରେ ଅଧିକ ଦେୟ ଦିଆଯାଇଥିଲା। |

[146] 2,918 ମିଟର X (₹25,227 - ₹12,277.89 ମିଟର ପ୍ରତି)

[147] ଇପିସି ଚୁକ୍ତି ଅନୁଯାୟୀ ସେରେଜ୍ ପ୍ରକଳ୍ପ କାର୍ଯ୍ୟ ତଦାରଖ ପାଇଁ ଓଡବ୍ଲ୍ୟୁଏସ୍ଏସ୍‌ବି ହକ୍ଷରୁ ଯନ୍ତ୍ରୀଙ୍କୁ ନିୟୋଜିତ କରାଯାଇଥିଲା

## 5.3.2.3 କଟକ ମତଗଜପୁରରେ ଏସଟିପି କାର୍ଯ୍ୟକ୍ଷମ ନ ଥିବା ଯୋଗୁଁ ନିଷ୍ଫଳ ବ୍ୟୟ




**ଫଟୋ 48: କଟକର ମତଗଜପୁର ଠାରେ ଅବ୍ୟବହୃତ ଅବସ୍ଥାରେ ଥିବା 33 ଏମ୍ଏଲ୍ଡି କ୍ଷମତା ବିଶିଷ୍ଟ ଏସ୍ଟିପି**

ଓଡବ୍ଲୁଏସ୍ଏସ୍ବିର ରେକର୍ଡରୁ ଜଣାପଡିଛି ଯେ କଟକ ସହରର ବର୍ଜ୍ୟଜଳ ଠାରୁ ମହାନଦୀ ଓ କାଠଯୋଡି ନଦୀରେ ପ୍ରଦୂଷଣକୁ ଏଡାଇବା ପାଇଁ 33 ଏମଏଲଡି ଏସଟିପି , 20 ବର୍ଷ ପାଇଁ ନିର୍ମାଣ କରାଯାଇଥିଲା ଏବଂ 3.60 କୋଟି ଟଙ୍କା ବ୍ୟୟ କରି କାର୍ଯ୍ୟକ୍ଷମ କରାଯାଇଥିଲା (ଜୁଲାଇ 2006) । ସମୀକ୍ଷା ଆହୁରି ମଧ୍ୟ ଜାଣିବାକୁ ପାଇଲା ଯେ ପିଇ, ଓଡବ୍ଲୁଏସଏସବି ଏବଂ ଇଇ, ପିଏଚ ଡିଭିଜନ କଟକ ଏସଟିପି ଯାଞ୍ଚ କରି (ମାର୍ଚ୍ଚ 2014) ବନ୍ୟା ଜଳ ଚ୍ୟାନେଲରେ ପର୍ଯ୍ୟାପ୍ତ ପରିମାଣର ସେରେଜ ପ୍ରବାହ ନାହିଁ ବୋଲି ଜାଣିବାକୁ ପାଇଥିଲେ । ଏହା ବ୍ୟତୀତ ଆନାରୋବିକ୍ ପୋଖରୀରେ ଡ୍ରେନ ସାଇଟ ବନ୍ଧରେ ଦୁଇଟି ବଡ ଧରଣର ଲିକେଜ ଦେଖିବାକୁ ମିଳିଥିଲା (ପୋଖରୀ ନିକଟରେ ଥିବା 600 ମିଲିମିଟର ବ୍ୟାସ ବିଶିଷ୍ଟ କାଷ୍ଟ ଆଇରନ (ସିଆଇ) ପାଇପରେ ଲିକେଜ ସମେତ) । ପୋଖରୀ ଭିତରେ 4ଟି ଗେଟ୍ ଭଲଭ କାମ କରୁନଥିବା ବେଳେ 300 ମିଲି ମିଟର ବ୍ୟାସ ବିଶିଷ୍ଟ ସିଆଇ ଡେଲିଭରୀ ପାଇପରେ ପ୍ରଚୁର ଲିକ ଯୋଗୁଁ ପମ୍ପ- 4 କାମ କରୁନଥିବା ଦେଖିବାକୁ ମିଳିଥିଲା । ମତଗଜପୁର ନିକଟରେ ଥିବା ମାନୁଆଲ ଗେଟରେ ସେରେଜ ପାଣି ପ୍ରବାହ, ଏସଟିପି ଚଳାଇବା ପାଇଁ ଯଥେଷ୍ଟ ନଥିଲା, କାରଣ 2013 ମସିହାରୁ ଡ୍ରେନେଜ୍ କାମ ଚାଲୁଥିବାରୁ ଅଧିକାଂଶ ସେରେଜ ପାଣି ମାତୃଭବନ ଠାରେ ଥିବା ଲିଙ୍କ ଡ୍ରେନରୁ ଖାନ୍ ନଗର ନିକଟସ୍ଥ କାଠଯୋଡି ନଦୀକୁ ସ୍ଥାନାନ୍ତରିତ ହୋଇଥିଲା । ଅଚଳ ଏସଟିପିର ଓ ଏଣ୍ଡ ଏମ୍ ୱାଟକୋକୁ ହସ୍ତାନ୍ତର କରାଯାଇଥିଲା (ଜାନୁଆରୀ 2020) । 3.60 କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା 33 ଏମଏଲଡି କ୍ଷମତା ଏସଟିପିରେ ପର୍ଯ୍ୟାପ୍ତ ପ୍ରବାହ ନଥିବାରୁ ଆଠ ବର୍ଷରୁ ଅଧିକ ସମୟ ଧରି ଏହାକୁ ବ୍ୟବହାର କରାଯାଇ ନଥିବାରୁ ଉକ୍ତ ଖର୍ଚ୍ଚ ଫଳପ୍ରଦ ହୋଇନଥିବା ବେଳେ କାଠଯୋଡି ନଦୀକୁ ଅପରିଷ୍କାର ବର୍ଜ୍ୟଜଳ ନିଷ୍କାସନ ଜାରି ରହିଥିଲା ।

ଉଲ୍ଲେଖଯୋଗ୍ୟ, 2010-11 ରୁ 2015-16 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅବଧିକୁ ଅନ୍ତର୍ଭୁକ୍ତ କରି ରାଜ୍ୟରେ (ସେରେଜ) ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଶୀର୍ଷକ (ସମ୍ପାଦନ ସମୀକ୍ଷାରେ) ଉପରୋକ୍ତ ଅଭାବ ଉଲ୍ଲେଖ କରାଯାଇଥିଲା ଏବଂ (ପିଏର) ଫଳାଫଳକୁ ଓଡିଶା ସରକାରଙ୍କ 2016 ମସିହା ପାଇଁ ଭାରତର ସିଏଜିଙ୍କ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସିଏଜି ରିପୋର୍ଟରେ ଦର୍ଶାଯାଇଥଲେ ମଧ 2022 ଜୁଲାଇ ସୁଦ୍ଧା କଟକ ସହରର (ସେରେଜ) ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ଓଡବ୍ଲୁଏସଏସ ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ କୌଣସି ପଦକ୍ଷେପ ନେଇନଥିଲେ ।

ସରକାର (ମାର୍ଚ୍ଚ 2023) ବ୍ୟକ୍ତ କରିଥିଲେ ଯେ ଜିଆଇସିଏ ଡ୍ରେନ କାମ ଶେଷ ହେବା ପର୍ଯ୍ୟନ୍ତ ଏସଟିପି ସାମୟିକ ଭାବେ ବନ୍ଦ ହୋଇଯାଇଥିଲା । ଜିଆଇସିଏ ଅଧୀନରେ ଡ୍ରେନେଜ କାମ ସରିବା ସହିତ ପରେ ଏହାର ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ । ବାସ୍ତବ କଥା ହେଲା, ପୂର୍ବ ରିପୋର୍ଟରେ ହିଁ ତ୍ରୁଟି ଦର୍ଶାଯାଇଥିଲେ ମଧ ସାତ ବର୍ଷରୁ ଅଧିକ ସମୟ ଧରି ସଂଶୋଧନ ମୂଳକ ପଦକ୍ଷେପ ନିଆଯାଇନଥିଲା ।

## 5.3.3 ସେସ୍ପୁଲ ଗାଡିରେ ଜିପିଏସ୍ ସୁବିଧା ନ ଲଗାଇବା

ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ର ଅନୁଚ୍ଛେଦ 5.2.2.1 ଉପଦେଶ ଅନସାଇଟ ଓ ଅଫସାଇଟ ସେରେଜ ପରିଚାଳନା କାର୍ଯ୍ୟ ପଦ୍ଧତି 2020 ଅନୁସାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡିକ ସେମାନଙ୍କ ଅଧୀନସ୍ଥ ବେସରକାରୀ ଗ୍ଲୋବାଲ ପୋଜିସନିଂ ପଦ୍ଧତି ଦ୍ୱାରା ମଇଳା ସଫା କରୁଥିବା ଏବଂ ସେବା ଦାନ କରୁଥିବା ଗାଡି ଗୁଡିକ ତାଲିକା ଭୁକ୍ତ ଏବଂ ପଞ୍ଜିକରଣ କରିବେ ।

ଏହି ପଞ୍ଜିକରଣ ଗୁଡ଼ିକ ୟୁଏଲବି ଗୁଡିକୁ ମଇଳା ସଫା କରୁଥିବା ଗାଡି ମେସିନର କାର୍ଯ୍ୟକଳାପ ଉପରେ ନଜର ରଖିବାରେ ସାହାଯ୍ୟ କରିବ ଏବଂ ଖୋଲା ପରିବେଶରେ ସଂଗୃହୀତ ବିଷାକ୍ତ ନର୍ଦ୍ଦମା ର ଅନିୟନ୍ତ୍ରିତ ନିଷ୍କାସନକୁ ରୋକିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି ।




**ଫଟୋ ଚିତ୍ର 49:** ଭୁବନେଶ୍ୱର ମହାନଗର ନିଗମର ଟ୍ୱିଟର ହ୍ୟାଣ୍ଡଲରୁ ଜଣାପଡ଼ିଛି

ସମୀକ୍ଷାରୁ ଜଣାପଡିଛି ଯେ 5ଟି ମନୋନୀତ ମହାନଗର ନିଗମ ବିଷାକ୍ତ ମଇଳାର ବିଶୋଧନାଗାରମାନଙ୍କ ପାଇଁ ବିଷାକ୍ତ ମଇଳା ପରିଚାଳନାରେ ନିୟୋଜିତ 64ଟି ସେସପୁଲ ଯାନ ମଧ୍ୟରୁ ଜିପିଏସ ଟ୍ରାକିଂ ଡିଭାଇସ (ଜୁଲାଇ 2022 ସୁଦ୍ଧା) କେବଳ 21ଟିରେ କରାଯାଇଥିଲା ଯାହା ଖରାପ ବିଷାକ୍ତ ମଇଳା ପରିଚାଳନାକୁ ସୂଚାଇଥାଏ । ସେସପୁଲ ଯାନଗୁଡିକ ଜଳାଶୟ ଭିତରକୁ ବିଷାକ୍ତ ମଇଳା ଛାଡିଦେଇଥିଲେ ।

ସରକାର (ମାର୍ଚ୍ଚ 2023) କହିଛନ୍ତି ଯେ ବିଷାକ୍ତ ମଇଳାର ବିଶୋଧନାଗାର ପଦ୍ଧତି ଏବଂ ସେସ୍‌ପୁଲ ଯାନର (ଓ ଆଣ୍ଡ ଏମ୍) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରଶାସନ ଅଧୀନରେ ଥିଲା । ପର୍ଯ୍ୟାୟକ୍ରମେ ସଂପୃକ୍ତ ୟୁଏଲବି ପକ୍ଷରୁ ସେସପୁଲ ଗାଡିର ସ୍ଥାପନ, ତଦାରଖ ଓ ଟ୍ରାକିଂ କରାଯାଇଛି । ତେବେ ବାସ୍ତବ କଥା ହେଲା, ସେସପୁଲ ଯାନର ଜିପିଏସ ଟ୍ରାକିଂ ଅଭାବରୁ ବିଷାକ୍ତ ମଇଳାର ପ୍ରତିରୋଧ ଓ ସଂଗ୍ରହ ହୋଇନଥିବାରୁ ଏହା ଜଳାଶୟରେ ପ୍ରବେଶ କରି ପ୍ରଦୂଷଣ ସୃଷ୍ଟି କରୁଛି । ବିଷାକ୍ତ ମଇଳା ।

## 5.3.4 ସ୍ୱେରେଜ ବିଶୋଧନାଗାର ଗୁଡିକର କାର୍ଯ୍ୟ

### 5.3.4.1 ସ୍ୱେରେଜ ଉତ୍ପାଦନ ଏବଂ ବିଶୋଧନ ମଧ୍ୟରେ ବ୍ୟବଧାନ

ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ, 1974 ର ଧାରା 17 ଅନୁଯାୟୀ ଏସପିସିବିକୁ ଏହା କରିବାକୁ ପଡିବ, (1) ରାଜ୍ୟର ଝରଣା ଓ କୂଅର ପ୍ରଦୂଷଣକୁ ରୋକିବା, ନିୟନ୍ତ୍ରଣ କରିବା କିମ୍ବା ହ୍ରାସ କରିବା ଏବଂ ଏହର କାର୍ଯ୍ୟକାରିତାକୁ ସୁରକ୍ଷିତ କରିବା ଏବଂ (2) ସ୍ୱେରେଜ କିମ୍ବା ବାଣିଜିକ ବର୍ଜ୍ୟବସ୍ତୁ ଯାଞ୍ଚ କରିବା, ଜଳ ବିଶୋଧନ ପାଇଁ ସ୍ଥାପିତ କାରଖାନା, ଏହାର ଶୁଦ୍ଧିକରଣ ପାଇଁ କାର୍ଯ୍ୟ ଏବଂ ସ୍ୱେରେଜ କିମ୍ବା ବାଣିଜିକ ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ବ୍ୟବସ୍ଥା କିମ୍ବା ଅନୁଦାନ କିମ୍ବା କୌଣସି ଅନୁଦାନ କିମ୍ବା କୌଣସି ସଂକ୍ରାନ୍ତରେ ଜଳ ଆଇନ ଅନୁଯାୟୀ ସମ୍ମତି ।

ଓଡବ୍ଲ୍ୟୁଏସଏସବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପାଞ୍ଚଟି ମନୋନୀତ ମହାନଗର ନିଗମ ରେ ଉତ୍ପନ୍ନ ହେଉଥିବା ସ୍ୱେରେଜ ବର୍ଜ୍ୟବସ୍ତୁ ବିଶୋଧନ ଏବଂ ବିଶୋଧନରେ ବ୍ୟବଧାନର ବିବରଣୀ **ସାରଣୀ 5.4** ରେ ଦିଆଯାଇଛି ।

**ସାରଣୀ 5.4: ମାର୍ଚ୍ଚ 2022 ସୁଦ୍ଧା ମହାନଗର ନିଗମଗୁଡ଼ିକର ସ୍ୱେରେଜ୍ ଉତ୍ପନ୍ନ ଏବଂ ବିଶୋଧନ କରାଯାଇଥିବା ଦର୍ଶାଯାଇଛି**

*(ଏମ୍ଏଲ୍‌ଡିରେ)*

| କ୍ର.ସଂ. | ମହାନଗର ନିଗମ | ପିଏଚ୍(ଓ) ପକ୍ଷରୁ ଏମ୍‌ସିକୁ ଜଳ ଯୋଗାଣ) | ସ୍ୱେରେଜ୍ ଉତ୍ପନ୍ନ | ସ୍ୱେରେଜ୍ ବିଶୋଧନ | ଅଣ ବିଶୋଧନ ସ୍ୱେରେଜ୍ |
|---|---|---|---|---|---|
| 1 | ଭୁବନେଶ୍ୱର | 270.64 | 216.51 | 29.75 | 186.76 |
| 2 | କଟକ | 209.00 | 167.20 | 20.62 | 146.58 |
| 3 | ସମ୍ବଲପୁର | 76.76 | 61.41 | 0 | 61.41 |
| 4 | ରାଉରକେଲା | 61.90 | 49.52 | 2.60 | 46.92 |
| 5 | ବ୍ରହ୍ମପୁର | 80.00 | 64.00 | 0.00 | 64.00 |
| | ମୋଟ | **698.30** | **558.64** | **52.97** | **505.67** |

*(ଉତ୍ସ: ଇଆଇସି, ପିଏଚ୍ ଏବଂ ଇଆଇସି ମଇ 2022 ରେ ଓଡବ୍ଲ୍ୟୁଏସଏସବି ଏନଜିଟି ଅନୁପାଳନ 593/2017 ପାଇଁ ପ୍ରଦାନ କରାଯାଇଥିବା ସୂଚନା)*

ସାରଣୀ 5.5 ରୁ ଏହା ଦେଖାଯାଇପାରେ ଯେ:

- ପାଞ୍ଚଟି ମହାନଗର ନିଗମରେ 558.64 ଏମଏଲଡି ସେ୍ୱରେଜ ବର୍ଜ୍ୟବସ୍ତୁ ଉତ୍ପାଦନ ହେଉଥିବା ବେଳେ ବିଭାଗ 52.97 ଏମଏଲଡି (9.48 ପ୍ରତିଶତ) ବର୍ଜ୍ୟଜଳର ବିଶୋଧନ ପ୍ରଦାନ କରି 505.67 ଏମଏଲଡି (90.52ପ୍ରତିଶତ) ବ୍ୟବଧାନ ରଖିଛି ।

- ବିଇଏମସି ଅଞ୍ଚଳ ପାଇଁ କୌଣସି ଏସଟିପି ବିଶୋଧନାଗାର ପ୍ରଦାନ କରାଯାଇନାହିଁ ଯଦିଓ ନିଗମ 64 ଏମଏଲଡିର ସେ୍ୱରେଜ ବର୍ଜ୍ୟବସ୍ତୁ ଉତ୍ପାଦନ କରିଥିଲା ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଚାରିଟି ମହାନଗର ନିଗମରେ ଆନୁମାନିକ ବର୍ଜ୍ୟବସ୍ତୁ ଉତ୍ପାଦନ ଉତ୍ପାଦନ 281.81 ଏମ୍ଏଲ୍ଡି ଥିଲା, ଯେଉଁଥି ପାଇଁ 2021 ଜନସଂଖ୍ୟାକୁ ଆଧାର କରି ଏସ୍ଟିପି ର 276.67 ଏମ୍ଏଲ୍ଡି କ୍ଷମତା ପ୍ରଦାନ କରାଯାଇଥିଲା । ଉପରୋକ୍ତ ସହରଗୁଡ଼ିକରେ ଘର ସେ୍ୱରେଜ୍ ସଂଯୋଗ ସମାପ୍ତ ହେବା ପରେ, ସହରଗୁଡ଼ିକରେ ଉତ୍ପାଦିତ ସମସ୍ତ ବର୍ଜ୍ୟଜଳ ଏସ୍ଟିପିରେ ବିଶୋଧନ କରାଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ବର୍ଜ୍ୟବସ୍ତୁ ଉତ୍ପାଦନ ଜଳ ଯୋଗାଣ ପରିବର୍ତ୍ତେ 80 ପ୍ରତିଶତ ଜଳ ଚାହିଦା ହିସାବରେ ଗଣନା କରାଯାଇଥିଲା, ସେଥିପାଇଁ ଉତ୍ପନ୍ନ ହୋଇଥିବା 558.64 ଏମ୍ଏଲ୍ଡି ମଧ୍ୟରୁ ମାତ୍ର 52.97 ଏମ୍ଏଲ୍ଡି ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ମିଳିଥିଲା ଏବଂ ଅବଶିଷ୍ଟ ସେ୍ୱରେଜ୍ ବର୍ଜ୍ୟବସ୍ତୁ ସିଧାସଳଖ ଜଳାଶୟକୁ ନିଷ୍କାସିତ ହୋଇ ଜଳ ପ୍ରଦୂଷଣ ସୃଷ୍ଟି କରୁଥିଲା ।

### 5.3.5 ସେ୍ୱରେଜ୍ ବିଶୋଧନାଗାର ଗୁଡ଼ିକର କାର୍ଯ୍ୟକାରିତା

ସିପିଏଚ୍ଇଓ ମାନୁଆଲ ଅନୁଚ୍ଛେଦ 5.7.4.2.1 ଅନୁଯାୟୀ, ହାଇଡ୍ରୋଲିକ୍ ରିଟେନ୍ସନ୍ ଟାଇମ୍ (ଏଚ୍ଆର୍ଟି)[148] ସଂଗ୍ରହ କରାଯାଇଥିବା ସେ୍ୱରେଜ୍ ପରିମାଣ ଏବଂ ପ୍ରାଥମିକ କ୍ଲାରିଫାୟର[149] ର କ୍ଷମତା ଉପରେ ନିର୍ଭର କରେ । ଉପରୋକ୍ତ ମାନୁଆଲର ଅନୁଚ୍ଛେଦ 5.18.20.2 ସୁପାରିଶ କରେ ଯେ ଏସ୍ଟିପିରେ ପ୍ରାଥମିକ ସ୍ପଷ୍ଟୀକରଣ ପାଇଁ ସର୍ବନିମ୍ନ ଧାରଣ ସମୟ 1.5 ରୁ 2 ଘଣ୍ଟା ହେବ । ମାନୁଆଲ ଆହୁରି ମଧ୍ୟ ପରାମର୍ଶ ଦେଇଛି ଯେ ଏଚ୍ଆରଟି, ପ୍ରାଥମିକ ବିଶୋଧନରେ ଭୂପୃଷ୍ଠ ପ୍ରବାହିତ ହାରକୁ[150] ବିଚାର କରି 2.5 ଘଣ୍ଟା ଅତିକ୍ରମ କରିବା ଉଚିତ୍ ନୁହେଁ । ଯଦି ଧାରଣ ସମୟ ବହୁତ କମ୍ ଏହା କଠିନ ପଦାର୍ଥ ବହନ କରିବ । ଯଦି ଏହା ବହୁତ ଅଧିକ, ଏହା ସେପ୍ଟିସିଟି[151] ବୃଦ୍ଧି ପାଇବ, ଫଳସ୍ୱରୁପ ଏସ୍ଟିପି ଗୁଡ଼ିକର ଖରାପ ପ୍ରଦର୍ଶନ ହେବ ।

ସମୀକ୍ଷାରୁ ଜଣାପଡ଼ିଛି ଯେ ଏସ୍ଟିପିର କାର୍ଯ୍ୟକାରୀ ୟୁନିଟ୍ ଗୁଡ଼ିକର ବାସ୍ତବ ଧାରଣା ସମୟ ସୁପାରିଶ କରାଯାଇଥିବା ସର୍ବନିମ୍ନ ଏଚ୍ଆର୍ଟି ଠାରୁ ଅଧିକ ଥିଲା । ଉପରୋକ୍ତ ଅତିରିକ୍ତ ଏଚ୍ଆର୍ଟିର ଏସ୍ଟିପିର ସେପ୍ଟିକ୍ ଅବସ୍ଥା ଏବଂ ଖରାପ ପ୍ରଦର୍ଶନର କାରଣ ହୋଇପାରେ ।

**ସାରଣୀ .5.5: ଏସ୍ଟିପିର ହାଇଡ୍ରୋଲିକ୍ ଧାରଣ ସମୟ ଦର୍ଶାଉଛି**

| ଏସ୍ଟିପି | ଏସ୍ଟିପିର ପ୍ରାଥମିକ ବିଶୋଧନର ମୂଲ୍ୟାଙ୍କନ କ୍ଷମତା (ଏମ୍ଏଲଡି) | ହାରାହାରି ପ୍ରକୃତରେ ବିଶୋଧନ (ଏମ୍ଏଲ୍ଡି) | ପ୍ରକୃତ ଧାରଣ ସମୟ (ଘଣ୍ଟା) ସୁପାରିଶ କରାଯାଇଛି (ସର୍ବାଧିକ 2.5 ଘଣ୍ଟା) |
|---|---|---|---|
| ସିଡିଏ, କଟକ | 24 | 16.66 | 3.25 |

148 ବର୍ଜ୍ୟଜଳ ବିଶୋଧନ ପ୍ରକ୍ରିୟା ସମୟରେ ଏକ ଗ୍ୟାଲନ୍ ବର୍ଜ୍ୟଜଳର ହାରାହାରି ସମୟ ଏକ ନିର୍ଦ୍ଦିଷ୍ଟ ବେସିନରେ ରହିବ । ଏହା ଏକ ନିର୍ମିତ ବାୟୋ ଗ୍ୟାସ୍ ରିଆକ୍ଟର କିମ୍ବା ଆରେସନ ଟ୍ୟାଙ୍କରେ ଅବଶିଷ୍ଟ ଦ୍ରବୀଭୂତଯୌଗିକର ହାରାହାରି ସମୟର ଏକ ମାପ । ଏହି ପ୍ରକ୍ରିୟା ହାଇଡ୍ରୋଲିକ୍ ନିବାସ ସମୟ ସହିତ ଅନ୍ୟାନ୍ୟ ନାମରେ ଚାଲିଥାଏ ଏବଂ ପ୍ରବାହିତ ଜଳ ଗୁଣ ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ ।

149 ଏକ ବର୍ଜ୍ୟଜଳ ବିଶୋଧନ ଉପକରଣ ଯାହାକି ଏକ ଆୟତକାର କିମ୍ବା ବୃତ୍ତାକାର ଟ୍ୟାଙ୍କକୁ ନେଇ ଗଠିତ ଯାହା ବର୍ଜ୍ୟଜଳର ସେହି ପଦାର୍ଥଗୁଡ଼ିକୁ ସହଜରେ ବସବାସ କିମ୍ବା ଭାସମାନ ହେବାକୁ ଥିବା ବର୍ଜ୍ୟଜଳରୁ ପୃଥକ ହେବାକୁ ଅନୁମତି ଦେଇଥାଏ ।

150 ସେ୍ୱରେଜ୍ ମାନୁଆଲ୍ 2013 ଅନୁଯାୟୀ ଭୂପୃଷ୍ଠ ଓଭରଫ୍ଲୋ ହାର: 25-30 ଘନ ମିଟର / ବର୍ଗ ମିଟର/ ଦିନ

151 ଯେଉଁ ଅବସ୍ଥାରେ ଜୈବିକ ପଦାର୍ଥ କ୍ଷୟ ହୋଇ ଅମ୍ଳଜାନର ଅନୁପସ୍ଥିତି ସହିତ ଜଡ଼ିତ ଦୁର୍ଗନ୍ଧଯୁକ୍ତ ଉତ୍ପାଦ ସୃଷ୍ଟି କରେ ।

| ଏସ୍‌ଟିପି | ଏସ୍‌ଟିପିର ପ୍ରାଥମିକ ବିଶୋଧନର ମୂଲ୍ୟାଙ୍କନ କ୍ଷମତା (ଏମ୍‌ଏଲ୍‌ଡି) | ହାରାହାରି ପ୍ରକୃତରେ ବିଶୋଧନ (ଏମ୍‌ଏଲ୍‌ଡି) | ପ୍ରକୃତ ଧାରଣ ସମୟ (ଘଣ୍ଟା) ସୁପାରିଶ କରାଯାଇଛି (ସର୍ବାଧିକ 2.5 ଘଣ୍ଟା) |
|---|---|---|---|
| ମତଗଜପୁର | 8 | 1.5 | 12.54 |
| ରାଉରକେଲା | 40 | 2.60 | ଉପଲବ୍ଧ ନୁହେଁ |
| ଭୁବନେଶ୍ୱର I | 56 | 14 | 3.00 |
| ଭୁବନେଶ୍ୱର II | 28 | 16 | 3.00 |
| ଭୁବନେଶ୍ୱର III | 43.5 | 9 | 4.00 |
| ଭୁବନେଶ୍ୱର IV | 8 | 8 | 3.00 |

*(ଉତ୍ସ: ସିଇ, ଜାଇକା ଏବଂ ୱାଟ୍‌କୋ)*

ଉପରୋକ୍ତ ସାରଣୀ **5.5** ରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଉପରୋକ୍ତ ଏସ୍‌ଟିପି ଗୁଡ଼ିକ ଭୂପୃଷ୍ଠର ପ୍ରବାହିତ ହାର ପାଇଁ ସୁପାରିଶ କରାଯାଇଥିବା ଏଚ୍‌ଆର୍‌ଟି ପୂରଣ କରିନାହାନ୍ତି ।

ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଅପର୍ଯ୍ୟାପ୍ତ ପରିମାଣର ପ୍ରବାହ, ପର୍ଯ୍ୟାପ୍ତ ସଂଖ୍ୟକ ଘର ନର୍ଦ୍ଦମା ସଂଯୋଗ ନହେବା ଯୋଗୁ, ଏଚ୍‌ଆର୍‌ଟି ଆବଶ୍ୟକୀୟ ମାନଦଣ୍ଡ ପୂରଣ କରିପାରୁନାହିଁ । ଘର ନର୍ଦ୍ଦମା ସଂଯୋଗ ସମାପ୍ତ ହେବା ପରେ ଏଚ୍‌ଆରଟି ନିଶ୍ଚିତ ଭାବରେ ମାନଦଣ୍ଡ ପୂରଣ କରିବ, ଫଳସ୍ୱରୂପ ଏସ୍‌ଟିପି ଗୁଡ଼ିକୁ ଯଥେଷ୍ଟ ପ୍ରବାହ ହେବ । ଅତିରିକ୍ତ ଧାରଣ ଅବଧି ହେତୁ ସେପ୍ଟିସିଟିକୁ ଏଡ଼ାଇବା ପାଇଁ ମହାନଗର ନିଗମ ଗୁଡ଼ିକରେ ଘର ନର୍ଦ୍ଦମା ସଂଯୋଗ ଯୋଗାଇବା ପାଇଁ ବିଭାଗ ଶୀଘ୍ର ପଦକ୍ଷେପ ନେବା ଉଚିତ୍ ।

### 5.3.5.1 ସ୍ୱେରେଜ୍ ବିଶୋଧନାଗାର ଗୁଡ଼ିକରେ ଜଳ ଗୁଣବତ୍ତାର ନିରପେକ୍ଷ ସମୀକ୍ଷାର ଅନୁପସ୍ଥିତି

ନଗର ଉନ୍ନୟନ ମନ୍ତ୍ରଣାଳୟର ହ୍ୟାଣ୍ଡବୁକ୍ ଅଫ୍ ବେଞ୍ଚମାର୍କର ଅନୁଚ୍ଛେଦ 2.1.6 ଧାର୍ଯ୍ୟ କରିଛି ଯେ ଏସ୍‌ଟିପି ଦ୍ୱାରା ଛଡ଼ାଯାଇଥିବା ବିଶୋଧିତ ଜଳର ଗୁଣବତ୍ତା ପାଇଁ, ଜଳର ଗୁଣବତ୍ତାର ନିୟମିତ ସ୍ୱାଧୀନ ସମୀକ୍ଷା ବ୍ୟତୀତ, ନିଜସ୍ୱ ପରୀକ୍ଷାଗାର କିମ୍ବା ରାଜ୍ୟ ସରକାରଙ୍କ (ଜିଓଓ) ସ୍ୱୀକୃତିପ୍ରାପ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସହଜରେ ଏବଂ ନିୟମିତ ପରୀକ୍ଷା ପାଇଁ ଉପଲବ୍ଧ ହେବା ଉଚିତ୍ ।

> **ଏସଟିପିରେ ସ୍ୱାଧୀନ ଜଳ ଗୁଣବତ୍ତା ପରୀକ୍ଷା ଅଭାବରୁ ଏସ୍‌ଟିପିଗୁଡ଼ିକର ବିଶୋଧିତ ଜଳର ଗୁଣବତ୍ତା ୱାଟ୍‌କୋ ଦ୍ୱାରା ସୁନିଶ୍ଚିତ କରାଯାଇ ନଥିଲା କାରଣ ଏସଟିପିରେ ପରୀକ୍ଷାଗାରଗୁଡ଼ିକ ଆଉଟସୋର୍ସିଂ କର୍ମଚାରୀଙ୍କୁ ବ୍ୟବହାର କରି ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଥିଲା ।**

ଓଡବ୍ଲ୍ୟୁଏସ୍‌ଏସ୍‌ବି ଏବଂ ୱାଟ୍‌କୋର ରେକର୍ଡଗୁଡ଼ିକରୁ ଜଣାପଡ଼ିଛି ଯେ, ବିଶୋଧିତ ଜଳର ଗୁଣବତ୍ତା ବିଷୟରେ ସମୟକାଳୀନ ସ୍ୱାଧୀନ ସମୀକ୍ଷା କରାଯିବାର ଆବଶ୍ୟକତା ଥିଲା ମଧ୍ୟ ଏହା କରାଯାଇନାହିଁ । ଡିସେମ୍ବର 2016 ରୁ ମେସର୍ସ ସ୍ୱେକ୍କୋ ଆନାଲିଟିକାଲ୍ ଲ୍ୟାବ୍[152] ମାଧ୍ୟମରେ ଭୁବନେଶ୍ୱରର ବିଭାଗୀୟ ପରୀକ୍ଷାଗାର, ବ୍ରହ୍ମପୁର ଏବଂ କଟକରେ ପାନୀୟ ଜଳର ଗୁଣବତ୍ତା ପରୀକ୍ଷା ପାଇଁ ବିଭାଗ ରାଜ୍ୟ ପରୀକ୍ଷାଗାର ବ୍ୟବହାର କରିଥିଲା, ଯାହାକୁ ଜୁନ୍ 2027 ପର୍ଯ୍ୟନ୍ତ 45.47 କୋଟି ଟଙ୍କାର ଚୁକ୍ତିନାମା ମୂଲ୍ୟରେ ଏହି କାମ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା :

- କାର୍ଯ୍ୟଭାର ଯୋଗୁ 2016 ଡିସେମ୍ବରରୁ ଏସ୍‌ଟିପିରେ ଜଳର ଗୁଣବତ୍ତା ପରୀକ୍ଷାକୁ ସଂସ୍ଥାର ମୂଳ ଚୁକ୍ତିରୁ ବାଦ୍ ଦିଆଯାଇଥିଲା, କାରଣ ଚୁକ୍ତିନାମାରେ ପ୍ରବେଶ କରିବା ସମୟରେ ଏହାକୁ ଆକଳନରେ ଅନ୍ତର୍ଭୁକ୍ତ କରାଯାଇନଥିଲା ।
- ଓଡବ୍ଲ୍ୟୁଏସଏସବି / ୱାଟ୍‌କୋ ସମସ୍ତ ଏସ୍‌ଟିପିରେ ଟେଷ୍ଟିଂ ଲାବୋରେଟୋରୀ ପ୍ରତିଷ୍ଠା କରିଥିଲା । କିନ୍ତୁ ସମ୍ପୃକ୍ତ ଏସଟିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓଆଣ୍ଡଏମ୍) ଠିକାଦାର କିମ୍ବା ଠିକାଦାରଙ୍କ ଦ୍ୱାରା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ବ୍ୟବହାର କରି ଏହି ପରୀକ୍ଷାଗାର ଗୁଡ଼ିକ ପରିଚାଳିତ ହେଉଥିଲା । ଏହି ବ୍ୟବସ୍ଥା ସ୍ୱାର୍ଥର ଦ୍ୱନ୍ଦ୍ୱ ପାଇଁ ଏକ ପଥ ପରିଷ୍କାର କରିଥିଲା । କାରଣ ଜଳ ନିଷ୍କାସନର ଉପଯୁକ୍ତ ବିଶୋଧନ ନିଶ୍ଚିତ କରିବାକୁ ମଧ୍ୟ ଠିକାଦାରମାନେ ଦାୟୀ ଥିଲା ।

---

[152] ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ସରକାରୀ ପରୀକ୍ଷାଗାରରେ ପରୀକ୍ଷା ପାଇଁ ଘରୋଇ ସଂସ୍ଥା ସ୍ୱେକ୍କୋ ଅନାଲିଟିକାଲ୍ ଲ୍ୟାବକୁ ଦାୟିତ୍ୱ ଦିଆଯାଇଥିଲା

ସମୀକ୍ଷା ଦ୍ୱାରା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଭୁବନେଶ୍ୱର (ଚାରି), କଟକ (ଦୁଇ), ରାଉରକେଲା (ଗୋଟିଏ) ଏବଂ ସମ୍ବଲପୁର (ଗୋଟିଏ)ରେ କାର୍ଯ୍ୟ କରୁଥିବା ବିଭିନ୍ନ ଏସ୍‌ଟିପି (ସେପ୍ଟେମ୍ବର/ ଜାନୁଆରୀ 2023) ରୁ ବିଶୋଧିତ ଜଳର ନମୁନା ସଂଗ୍ରହ କରାଯାଇଥିଲା, ଯେଉଁଥିରୁ ଜଣାପଡ଼ିଥିଲା ଯେ ଏସ୍‌ଟିପିରେ ପ୍ରଦୂଷଣର ଉପସ୍ଥିତି ନିର୍ଦ୍ଧାରିତ ସୀମା ଠାରୁ ଅଧିକ ଥିଲା । ପରୀକ୍ଷିତ ଜଳର ଗୁଣବତ୍ତାର ବିବରଣୀ ନିମ୍ନରେ **ସାରଣୀ 5.6** ରେ ଦିଆଯାଇଛି ।

**ସାରଣୀ ସଂଖ୍ୟା.5.6: ମହାନଗର ନିଗମଗୁଡ଼ିକରେ ଏସ୍‌ଟିପିର ବିଶୋଧିତ ଜଳର ଗୁଣବତ୍ତା**

| ପାରାମିଟର | ସିପିସିବି ଅନୁଯାୟୀ ଅନୁମୋଦିତ ସୀମା ଏସ୍‌ଟିପି ପଇଁ ଏମ୍‌ଜି/ ଲି ରେ | *ଏସ୍‌ଟିପି ଗୁଡ଼ିକର ଅବସ୍ଥାନ* | | | | | | | |
|---|---|---|---|---|---|---|---|---|---|
| | | *ମେହେରପାନି ବିଏମ୍‌ସି* | *ବାସୁଆଘାଇ ବିଏମ୍‌ସି* | *କୋଚିଲାପୁଟ ବିଏମ୍‌ସି* | *ପାଇକରାପୁର ବିଏମ୍‌ସି* | *ସିଡିଏ ସିଏମ୍‌ସି* | *ମଉଗଳପୁର ସିଏମ୍‌ସି* | *ଏସଏମ୍‌ସି* | *ଆରଏମ୍‌ସି* |
| ପିଏଚ୍ | 6.5-9.0 ମିଗ୍ରା/l | 6.8 | 6.7 | 6.7 | 6.8 | 7.2 | 7.2 | 7.3 | 7.8 |
| ଟିଏସ୍ଏସ୍ | 20 ମିଗ୍ରା /l ରୁ ଅଧିକ ନୁହେଁ | 24 | 11 | 10 | 10 | 13 | 13 | 14 | 21 |
| ବିଓଡି | 10 ମିଗ୍ରା /l ରୁ ଅଧିକ ନୁହେଁ | 2.4 | 1.7 | 10 | 6.2 | 3.7 | 3.9 | 4.9 | 4.7 |
| ସିଓଡି | 50 ମିଗ୍ରା /l ରୁ ଅଧିକ ନୁହେଁ | 8 | 8 | 26 | 16 | 16 | 16 | 35 | 24 |
| ଟିସି ଏମ୍‌ପିଏନ୍/ 100 ଏମ୍ଏଲ୍ | 5,000 ରୁ ଅଧିକ | 1,60,000 | 28,000 | 1,60,000 | 1,60,000 | 4.5 | 1.8 | 35,000 | 4,900 |
| ଏଫ୍‌ସିଏମ୍‌ପିଏନ/ 100 ଏମ୍ଏଲ୍ | 2,500 ରୁ କମ୍ | 1,60,000 | 22,000 | 1,60,000 | 92,000 | 2 | 1.8 | 17,000 | 780 |

***(ଉତ୍ସ: ଏସ୍‌ପିସିବିର କେନ୍ଦ୍ରୀୟ ପରୀକ୍ଷାଗାର ଦ୍ୱାରା ପ୍ରଦାନ କରାଯାଇଥିବା ଜଳ ଗୁଣବତ୍ତା ପରୀକ୍ଷା ରିପୋର୍ଟ ଅନୁଯାୟୀ)***

***(ସାରଣୀ 5.7 ରେ ବ୍ୟବହୃତ ସଂକ୍ଷିପ୍ତକରଣ ଗୁଡ଼ିକର ସଂପୂର୍ଣ୍ଣ ରୂପ):***

**ପିଏଚ୍:** ହାଇଡ୍ରୋଜେନର ସମ୍ଭାବନା; **ଟିଏସଏସ:** ସମୁଦାୟ ନିଲମ୍ବିତ କଠିନ ପଦାର୍ଥ; **ବିଓଡି:** ବାୟୋକେମିକାଲ ଅମ୍ଳଜାନ ଚାହିଦା; **ସିଓଡି:** ରାସାୟନିକ ଅମ୍ଳଜାନ ଚାହିଦା; **ଟିସି:** ମୋଟ କୋଲିଫର୍ମ; **ଏଫ୍‌ସି:** ଫିକାଲ୍ କୋଲିଫର୍ମ, ଏବଂ ଏସ୍‌ପିଏନ୍: ମିଲି ମିଟରରେ ସବୁଠାରୁ ସମ୍ଭାବ୍ୟ ସଂଖ୍ୟା)

**ସାରଣୀ 5.6** ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଦର୍ଶାଉଛି:

- ଚାରିଟି ମହାନଗର ନିଗମର ଛଅଟି ଏସ୍‌ଟିପିରେ ଟିଏସ୍ଏସ୍ ଅନୁମତି ପ୍ରାପ୍ତ ସୀମା ମଧ୍ୟରେ ଥିଲା, କିନ୍ତୁ ରାଉରକେଲା ମହାନଗର ନିଗମ ଏବଂ ମେହେରପାଲି ବିଏମ୍‌ସିରେ ଧାର୍ଯ୍ୟ ସୀମା ଅତିକ୍ରମ କଲା ।
- ଛଅଟି ଏସ୍‌ଟିପି ଗୁଡ଼ିକରେ ଟିସି ଓ ଏଫ୍‌ସିର ସାନ୍ଦ୍ରତା ଅନୁମୋଦିତ ସୀମାଠାରୁ ଅଧିକ ଥିଲା ।

ଉପରୋକ୍ତ ଏସ୍‌ଟିପି ଗୁଡ଼ିକର ବିଶୋଧିତ ଜଳର ଗୁଣବତ୍ତା ତଦାରଖ କରିବାରେ ଓଡବ୍ଲୁଏସଏସବି/ ୱାଟ୍‌କୋର ଶିଥିଳତାକୁ ସୂଚାଇଥାଏ ।

ସରକାର ବ୍ୟକ୍ତ କଲେ (ଅପ୍ରେଲ 2023) ଯେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ ତୃତୀୟ ପକ୍ଷ ହୋଇଥିବାରୁ ବିଭିନ୍ନ ପ୍ରକଳ୍ପର ବିଭିନ୍ନ ସ୍ଥାନରେ ଏସ୍‌ଟିପିର ପ୍ରବେଶ ପଥ ଏବଂ ନିର୍ଗମ ପଥରେ ଜଳର ନିୟମିତ ପରୀକ୍ଷା (ମାସିକ) କରୁଛି । ଏ ସଂକ୍ରାନ୍ତରେ ଓଏସ୍‌ପିସିବିର ପରୀକ୍ଷା ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ଓଆଣ୍ଡଏମ୍ କର୍ତ୍ତୃପକ୍ଷ ଓ ସଂସ୍ଥାମାନେ ଆବଶ୍ୟକ ମାନଦଣ୍ଡରେ କୌଣସି ତ୍ରୁଟି ଥିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ତେବେ, ବାସ୍ତବକଥା ହେଲା, ଓଏସ୍‌ପିସିବି କେବଳ ନଦୀ ଓ ଜଳାଶୟଗୁଡ଼ିକର ଜଳ ନମୁନା ପରୀକ୍ଷା କରୁଛି ।

### 5.3.5.2 ବିଶୋଧିତ ସେ୍ୱରେଜ୍ ଜଳର ପୁନଃ ବ୍ୟବହାର ଅଭାବ



**ଫଟୋଚିତ୍ର 50:** କଟକ ସିଡିଏ ଏସଟିପିର ବିଶୋଧିତ ପାଣି ପ୍ରଦୂଷିତ ପେଟନାଳ ନିକଟରେ ପ୍ରବାହିତ ହେଉଛି

ସେ୍ୱରେଜ୍ ଆଣ୍ଡ ସିୱେଜ୍ ଟ୍ରିଟମେଣ୍ଟ ସିଷ୍ଟମ, 2013 ମାନୁଆଲ ଅଧ୍ୟାୟ 7 ର ଅନୁଚ୍ଛେଦ 7.1.1 ଅନୁଯାୟୀ, ବିଶୋଧିତ ନର୍ଦ୍ଦମା ଜଳ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ସଂସ୍କୃତି, ପରୋକ୍ଷ ଓ ଆନୁଷଙ୍ଗିକ ବ୍ୟବହାର ଇତ୍ୟାଦି ବିଭିନ୍ନ ପ୍ରୟୋଗ ପାଇଁ ବ୍ୟବହୃତ କରାଯାଉଛି । ସହରୀ ବିକାଶ ମନ୍ତ୍ରଣାଳୟ (ଏମଓୟୁଡି) ଏବଂ ଅମୃତ ମାର୍ଗଦର୍ଶିକାରେ ଥିବା ମାନଦଣ୍ଡ ଅନୁଯାୟୀ, ଅତି କମରେ 20 ପ୍ରତିଶତ ବିଶୋଧିତ ଜଳପୁନଃ ବ୍ୟବହୃତ/ ପୁନଃ ପୁନିକରଣ କରାଯିବାର ଉଚିତ୍ ।

ବିଶୋଧିତ ଜଳ ପରିଚାଳନାର ସମୀକ୍ଷା ଯାଞ୍ଚରୁ ଜଣାପଡ଼ିଛି ଯେ ଓଡବ୍ଲୁଏସଏସବି ଲାଭଦାୟକ ଉଦ୍ଦେଶ୍ୟରେ ବିଶୋଧିତ ବର୍ଜ୍ୟଜଳକୁ ପୁନଃ ବ୍ୟବହାର କରିବା ପାଇଁ କୌଣସି ବ୍ୟବସ୍ଥା ସ୍ଥାପନ କରିନଥିବା ବରଂ ଏହାକୁ ନିକଟସ୍ଥ ଜଳାଶୟକୁ ଛାଡ଼ିଥିଲା, ଯାହା ପୂର୍ବରୁ ଘରର ନର୍ଦ୍ଦମା ଦ୍ୱାରା ପ୍ରଦୂଷିତ ହୋଇସାରିଥିଲା ।

ସରକାର ବ୍ୟକ୍ତ କଲେ ( ମାର୍ଚ୍ଚ 2023) ଯେ ବର୍ଜ୍ୟଜଳକୁ ମିଶ୍ରଣ କରିବା ତଥା ପ୍ରଦୂଷଣର ମାତ୍ରା ହ୍ରାସ କରିବା ପାଇଁ ବିଶୋଧିତ ଜଳ ପ୍ରଦୂଷିତ ପେଟା ନଳାକୁ ନିଷ୍କାସିତ ହେଉଛି । ଅଧିକନ୍ତୁ, ଏହା କୁହାଯାଇଛି (ମାର୍ଚ୍ଚ 2023) ଯେ ଅତିକମରେ 20 ପ୍ରତିଶତ ବିଶୋଧିତ ଜଳର ପୁନଃ ବ୍ୟବହାର ପାଇଁ ରଣନୀତି ଏବଂ ପଦ୍ଧତି ଗ୍ରହଣ କରିବା ନିହାତି ଆବଶ୍ୟକ । ମାର୍ଚ୍ଚ 2023 ସୁଦ୍ଧା ଏସଟିପିରୁ ବିଶୋଧିତ ପାଣିର ପୁନଃ ବ୍ୟବହାର ପାଇଁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

### 5.3.5.3 ପଙ୍କ ନିଷ୍କାସନ

ସେ୍ୱରେଜ୍ ଆଣ୍ଡ ସିୱେଜ୍ ଟ୍ରିଟମେଣ୍ଟ ସିଷ୍ଟମ, 2023 ମାନୁଆଲର ଅନୁଚ୍ଛେଦ 6.10.2.1 ଅନୁଯାୟୀ, ଶୁଖିଲା ପଙ୍କ ବଗିଚା ଅର୍ଥକାରୀ ଫସଲ ଏବଂ ଗୋଖାଦ୍ୟ ଘାସ ପାଇଁ ସାର ଭାବରେ ବ୍ୟବହାର କରାଯାପାରିବ ।

ସମୀକ୍ଷାରୁ ଜଣାପଡ଼ିଛି ଯେ ମାର୍ଚ୍ଚ 2020 ରୁ ଜୁନ୍ 2022 ମଧ୍ୟରେ ଓଡବ୍ଲୁଏସଏସବି ପଙ୍କକୁ ସାରରେ ପରିଣତ କରିବା ପାଇଁ କୌଣସି ପ୍ରୟାସ କରିନଥିଲା, କଟକଜ ଏସ୍‌ଟିପି-1 ବ୍ୟତୀତ, ଯାହା 60.29 ଏମ୍‌ଟି ଶୁଖିଲା ପଙ୍କ ଉତ୍ପାଦନ କରିଥିଲା ଏବଂ ସେହି ସମୟ ମଧ୍ୟରେ ଚକ୍ରଧରପୁର ଡମ୍ପିଂ ୟାର୍ଡର ନିମ୍ନଭାଗରେ ତାହାକୁ ବିସ୍ତାରିତ କରିଥିଲା । ତେବେ, ଏସ୍‌ଟିପିରୁ ଉତ୍ପାଦିତ ପଙ୍କ (ଜୁଲାଇ 2022 ସୁଦ୍ଧା) ପାଇଁ କୌଣସି ଗୁଣବତ୍ତା ପରୀକ୍ଷା କରାଯାଇ ନାହିଁ । ପଙ୍କର ଗୁଣବତ୍ତା ଯାଞ୍ଚ ନହେବାରୁ ଏହାକୁ ନିଷ୍କାସନ କରିବା ପୂର୍ବରୁ ଭୂପୃଷ୍ଠ ଜଳ ପ୍ରଦୂଷଣ ଓ ରସାୟନର ମିଶ୍ରଣକୁ ଏଡ଼ାଇ ଦିଆଯାଇ ନପାରେ ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଚୁକ୍ତିନାମା ଅନୁଯାୟୀ ପଙ୍କ ନିଷ୍କାସନର ଦାୟୀତ୍ୱ ଠିକାଦାରଙ୍କର । କିନ୍ତୁ, ସତ୍ୟତା ଏହା ଯେ ଶୁଖିଲା ପଙ୍କ ଚକ୍ରଧରପୁରର ଅଳିଆଗଦାର ତଳୁଆ ଅଞ୍ଚଳରେ ବିନା ଗୁଣବତ୍ତା ପରୀକ୍ଷାରେ ବିସ୍ତାରିତ କରାଯାଇଥିଲା ।

### 5.3.5.4 କୋଡ୍ ଏବଂ ମାନୁଆଲକୁ ବିଚ୍ୟୁତ କରି ନିଆଯାଇଥିବା କାର୍ଯ୍ୟ ଯୋଗୁ ଅତିରିକ୍ତ ଖର୍ଚ୍ଚ

ଓପିଡବ୍ଲ୍ୟୁଡି କୋଡର ଅନୁଚ୍ଛେଦ 3.4.10 ଅନୁଯାୟୀ ରାଜ୍ୟ ଅନୁସୂଚୀ ଦର (ଏସ୍‌ଓଆର୍) ଏବଂ ବିଶ୍ଳେଷଣ ଦର (ଏଓଆର) ଆଧାରରେ ଆକଳନ ଗୁଡ଼ିକୁ ସର୍ବାଧିକ ଅର୍ଥନୈତିକ ଉପାୟରେ ପ୍ରସ୍ତୁତ କରାଯିବା ଉଚିତ୍ ।

ଓଡବ୍ଲ୍ୟୁଏସଏସବି, ୱାଟ୍‌କୋ ଏବଂ ମନୋନୀତ ମହାନଗର ନିଗମଗୁଡ଼ିକର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଓପିଡବ୍ଲ୍ୟୁଡି କୋଡ ଏବଂ ସେୱରେଜ ମାନୁଆଲର ବ୍ୟବସ୍ଥାକୁ ଉଲ୍ଲଂଘନ କରି କାର୍ଯ୍ୟଗୁଡ଼ିକୁ ହାତକୁ ନିଆଯାଇଛି, ଯେଉଁଥିପାଇଁ 28.54 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଛି, ଯାହା **ସାରଣୀ 5.7** ରେ ଆଲୋଚନା କରାଯାଇଛି ।

**ସାରଣୀ 5.7:** ଓପିଡବ୍ଲ୍ୟୁଡି କୋଡ୍ ଏବ ଚୁକ୍ତି ସର୍ତ୍ତାବଳୀରୁ ବିଚ୍ୟୁତ ହେତୁ ହୋଇଥିବା ଅତିରିକ୍ତ ଦେୟର ବିବରଣୀ

| କ୍ର..ସଂ. | ମାନଦଣ୍ଡ | ସମୀକ୍ଷା ପର୍ଯ୍ୟବେକ୍ଷଣ |
|---|---|---|
| 1. | ଏସଓଆର୍ (ଅଧ୍ୟାୟ 1 ଓ 2) ଅନୁଯାୟୀ, ମାଟି ଖନନର ଯାନ୍ତ୍ରିକ ଉପାୟ ମାଟି କାମର ମାନୁଆଲ ଖନନ ତୁଳନାରେ ଶସ୍ତା ଅଟେ ।<br><br>**ଫଟୋଚିତ୍ର 51:** ଭୁବନେଶ୍ୱର ଜାଗମରା ଛକ ନିକଟରେ ନର୍ଦ୍ଦମା ଲାଇନ୍ ପାଇଁ ଯାନ୍ତ୍ରିକ ଉପାୟରେ ମାଟି କାମର ଖନନ | ମାଟି କାମର ମାନୁଆଲ ଖନନ ପାଇଁ 51 ଟି କାର୍ଯ୍ୟ[153] ର ଆକଳନ କରାଯାଇଛି, ଯେଉଁଥିରେ ଖନନ ପାଇଁ 124.90 ରୁ 321.30 ଟଙ୍କା ହିସାବରେ ଦିଆଯାଇଛି ।<br>ତେବେ ଏସଓଆର୍‌ରେ ମାଟି କାମର ଯାନ୍ତ୍ରିକ ଖନନ ପାଇଁ 16.74 ଟଙ୍କା ହିସାବରେ ବ୍ୟବସ୍ଥା କରାଯାଇଛି, ଯାହା ମାନୁଆଲ ଖନନ ଅପେକ୍ଷା ଶସ୍ତା । ଜେପିଭି ସମୟରେ ଏବଂ **ଫଟୋ 51** ରୁ ଜଣାପଡୁଛି ଯେ ଜାଗମରା ଛକରେ ଠିକାଦାର ଯାନ୍ତ୍ରିକ ଉପାୟରେ ମାଟି କାମ ସମ୍ପାଦନ କରିଥିଲା ।<br>ଆକଳନରେ ମାନୁଆଲ ଖନନ ପଦ୍ଧତି ଗ୍ରହଣ କରିବା ଦ୍ୱାରା ମାଟି କାମର ଯାନ୍ତ୍ରିକ ଖନନ ପରିବର୍ତ୍ତେ 5.78 ଲକ୍ଷ କମ୍ ମାଟି କାମ ସମ୍ପାଦନ ପାଇଁ 11.68 କୋଟି[154], ଟଙ୍କା ଅତିରିକ୍ତ ଦେୟ ଦିଆଯାଇଥିଲା । କାରଣ ଠିକାଦାରମାନେ ପ୍ରକୃତରେ ମାଟି କାମ ପାଇଁ ଯାନ୍ତ୍ରିକ ଖନନକୁ ଗ୍ରହଣ କରିଥିଲେ ।<br>ଏହାର ଉତ୍ତରରେ ବିଏମ୍‌ସି କହିଛି ( ଅକ୍ଟୋବର 2022) ଯେ ଖନନ ସାମଗ୍ରୀ ଖନନ ଓ ଯାନବାହନ ପରିବହନ ପାଇଁ ଶ୍ରମିକମାନେ ନିୟୋଜିତ ଥିଲେ । ଏହାର ଉତ୍ତର ଗ୍ରହଣୀୟ ନୁହେଁ । ପ୍ରକୃତରେ ଯାନ୍ତ୍ରିକ ଉପାୟରେ ମାଟି ଖନନ କରାଯାଇଥିବା ବେଳେ ମନୁଅଲ ମାଧମରେ ସଂସ୍ଥାକୁ ଦେୟ ପ୍ରଦାନ କରାଯାଇଥିବାରୁ ଠିକାଦାରଙ୍କୁ ଅଧିକ ଫାଇଦା ମିଳିଥିଲା । |
| 2. | ସେୱରେଜ୍ ମାନୁଆଲର ଅନୁଚ୍ଛେଦ 3.55 ରେ କୁହାଯାଇଛି ଯେ ନର୍ଦ୍ଦମା ନିର୍ମାଣ ପାଇଁ ଗ୍ରହଣ କରାଯାଇଥିବା ଟନେଲିଂ ପଦ୍ଧତିକୁ ଅଗର ବା ବୋରିଂ ଜ୍ୟାକିଂ ଏବଂ ମାଇନିଂ ଭାବରେ ଶ୍ରେଣୀଭୁକ୍ତ କରାଯାଇପାରିବ ।<br>ଓପିଡବ୍ଲ୍ୟୁଡି କୋଡର ଅନୁଚ୍ଛେଦ 3.4.10.(iii) ଅନୁଯାୟୀ ଯଦି ଆକଳନ ପ୍ରସ୍ତୁତ ସମୟରେ ବିବରଣୀ ଉପଲବ୍ଧ ନ ହୁଏ ତେବେ ଏକକାଳୀନ ବ୍ୟବସ୍ଥା କରାଯାଇପାରେ ଏବଂ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହେବା ପୂର୍ବରୁ ଅନୁମୋଦନ ପରେ ଚୂଡ଼ାନ୍ତ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିସ୍ତୃତ ଆକଳନ ପ୍ରସ୍ତୁତ କରାଯାଇ ଅନୁମୋଦନ କରାଯିବା ଉଚିତ୍ । ଆରଡିଏସ୍‌ଓ[155] ମାର୍ଗଦର୍ଶିକା ଅନୁଯାୟୀ ଟ୍ରାକ୍ | (ଭୁବନେଶ୍ୱର I, II ଏବଂ III) ତିନୋଟି ସେୱରେଜ୍ ପ୍ରକଳ୍ପ ର ଆକଳନ ଅନୁଯାୟୀ ମାଇକ୍ରୋ ଟନେଲିଂର ଟ୍ରେଞ୍ଚଲେସ୍ ଟେକ୍‌ନୋଲୋଜିରେ[156] 1.846 କିଲୋମିଟର ପର୍ଯ୍ୟନ୍ତ ନର୍ଦ୍ଦମା ଲାଇନ୍ ବିଛାଇବା 15.92 କୋଟ ଟଙ୍କା ପ୍ରଦାନ କରାଯାଇଛି ।<br>ଚୁକ୍ତିନାମାରେ ଦିଆଯାଇଥିବା ମାଇକ୍ରୋ ଟନେଲିଂ[157] ପ୍ରକ୍ରିୟା ପରିବର୍ତ୍ତେ ସେୱରେଜ୍ ପାଇଁ ପାଇପ୍ ଜ୍ୟାକିଂ ପଦ୍ଧତି[158] ବ୍ୟବହାର କରି ସଂସ୍ଥାମାନେ ଟ୍ରେଞ୍ଚଲେସ୍ କାର୍ଯ୍ୟ କରିଥିଲା ଏବଂ ଅଧିକ ଦରରେ ପାଇପ୍ ଲାଇନ୍ ବିଛାଇବା ପାଇଁ ଦେୟ ପାଇଥିଲେ । ମାନୁଆଲ ଜ୍ୟାକିଂ ପଦ୍ଧତି ପାଇଁ ଖର୍ଚ୍ଚ ହ୍ରାସ ନକରି ସଂସ୍ଥାକୁ ଦେୟ ପ୍ରଦାନ |

153 ପାଞ୍ଚଟି ମନୋନୀତ ଏମ୍‌ସି, ଓଡବ୍ଲ୍ୟୁଏସଏସବି ଏବଂ ୱାଟ୍‌କୋ ଦ୍ୱାରା କାର୍ଯ୍ୟ ସମ୍ପାଦନ

154 ସମୁଦାୟ ମାଟି କାମ ପରିମାଣ 5.78 ଲକ୍ଷ ଟଙ୍କା X ମାନୁଆଲ ଖନନ ଏବଂ ଯାନ୍ତ୍ରିକ ଖନନ ହାର ମଧ୍ୟରେ ପାର୍ଥକ୍ୟ

155 ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେସନ୍ (ଆରଡିଏସ୍‌ଓ)

156 ବୃହତ୍ ଖନନ କାର୍ଯ୍ୟର ଆବଶ୍ୟକତା ବିନା ପାଇପଲାଇନ୍ ସ୍ଥାପନ ପାଇଁ ବ୍ୟବହୃତ ଟେକ୍‌ନୋଲୋଜି

157 ମାଇକ୍ରୋ ଟନେଲିଂ ହେଉଛି ନର୍ଦ୍ଦମା ନିର୍ମାଣର ଏକ ଟ୍ରେଞ୍ଚଲେସ୍ ପଦ୍ଧତି । ଏହ ନରମ, ଅସ୍ଥିର ଓ ଓଦା ମାଟିରେ ପ୍ରଭାବଶାଳୀ ଏବଂ ବଡ଼ ପଥରକୁ ଚୂର୍ଣ୍ଣ କରିପାରେ । ଟନେଲିଂ ପ୍ରକ୍ରିୟା ରିମୋଟ୍ ଭାବରେ ନିୟନ୍ତ୍ରିତ ହୋଇଛି ଏବଂ ଜ୍ୟାକ ଏବଂ ବୋର ପଦ୍ଧତି ତୁଳନାରେ ବଡ଼ ବ୍ୟାସ ପାଇପ୍ ଏବଂ ଲମ୍ବା ପାଇପ୍ ରନ୍ ସ୍ଥାପନ କରିବାକୁ ବ୍ୟବହୃତ ହୋଇପାରେ ।

| କ୍ର..ସଂ. | ମାନଦଣ୍ଡ | ସମୀକ୍ଷା ପର୍ଯ୍ୟବେକ୍ଷଣ |
|---|---|---|
| | ତଳେ କୌଣସି ଟ୍ରେଞ୍ଚଲେସ୍ ଟେକନୋଲୋଜି ଯେପରିକି ପୁସିଂ ଟେକ୍‌ନିକ୍ କିମ୍ବା ଅଗର ବୋରିଂ ଟେକ୍‌ନିକ୍ ଇତ୍ୟାଦି ବ୍ୟବହାର କରି ପାଇପ୍ ପ୍ରବେଶ କରାଯାଇପାରିବ । ଟ୍ରେଞ୍ଚଲେସ୍ ଟେକ୍‌ନୋଲୋଜି/ ହରିକଣ୍ଟେଲ୍ ବୋରିଂ / ପୁସିଂ/ ରାମିଂ ପଦ୍ଧତିରେ କ୍ରେସିଂ ପାଇପ୍ ବିଛାଇବା କଥା । | କରାଯାଇଥିଲା ।<br><br>ରାଜ୍ୟ ଏସ୍‌ଓଆର୍ ଅନୁଯାୟୀ ମାଇକ୍ରୋ ଟନେଲିଂ କାମ ଅଣ ନିର୍ଦ୍ଧାରିତ ଆଇଟମ୍ ଥିଲା । ମାଇକ୍ରୋ ଟନେଲିଂ କାର୍ଯ୍ୟ ପାଇଁ ରାଜସ୍ଥାନର ଦରସୂଚୀ ଅନୁଯାୟୀ ଦର ଗ୍ରହଣ କରିବାକୁ ସରକାରଙ୍କ ଏଚ୍‌ଆଣ୍ଡୟୁଡି ବିଭାଗର ଅଣ୍ଡର ସେକ୍ରେଟାରୀ ଓଡ଼ିଶା ସରକାର (ଜୁନ୍ 2021) ଓଡବ୍ଲ୍ୟୁଏସଏସବିକୁ ନିର୍ଦ୍ଦେଶ ଦେଇଥିଲେ ।<br><br>ସମୀକ୍ଷାରେ ରାଜସ୍ଥାନର ଏସ୍‌ଓଆର ଅନୁଯାୟୀ ମାଇକ୍ରୋ ଟନେଲିଂ ପାଇଁ ହାରକୁ ୱାଟକୋ ଦ୍ୱାରା ଗ୍ରହଣ କରାଯାଇଥିବା ମାନୁଅଲ ଜ୍ୟାକିଂ ହାର 1.846 କିଲୋମିଟର ପାଇଁ ତୁଳନା କରାଯାଇଥିଲା, ଯାହାଦ୍ୱାରା ସଂସ୍ଥାଗୁଡ଼ିକୁ 10.74 କୋଟି[159] ଟଙ୍କାର ଅଧିକ ଫାଇଦା ମିଳିବାର ଦର୍ଶାଇଥିଲା । |

*ସୁପାରିଶ :*

***13. ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇପାରେ ।***

***14. ଭୂତଳ ସ୍ୱେରେଜ୍ ପ୍ରଣାଳୀକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ସମାନ୍ତରାଳ ବିଭାଗଗୁଡ଼ିକର ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ଏକ ସଂସ୍ଥାଗତ ବ୍ୟବସ୍ଥା ସ୍ଥାପନ କରିପାରିବେ ।***

***15. ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ ୟୁଜିଏସଏସ ପାଇଁ ଟେଣ୍ଡର ଦେବା ପୂର୍ବରୁ କାର୍ଯ୍ୟସ୍ଥଳ ଏବଂ ସମାନ୍ତରାଳ ବିଭାଗରୁ ସମସ୍ତ ବାଧତାମୂଳକ ମଞ୍ଜୁରୀ ଉପଲବ୍ଧ କରାଇବା ସୁନିଶ୍ଚିତ କରିପାରିବେ ।***

***16. ଏମ୍‌ସିମାନେ ବଳକା ସ୍ୱେରେଜ୍ ପାଇପ୍ ଲାଇନ୍ ଏବଂ ଏସଟିପି କାର୍ଯ୍ୟକ୍ଷମ କରିବାକୁ ଯୋଜନା କରିପାରନ୍ତି, ଯାହାଦ୍ୱାରା ଏସଟିପିରେ ପର୍ଯ୍ୟାପ୍ତ ପ୍ରବାହ ଓ ବିଶୋଧନ ହୋଇପାରିବ ।***

***17. ଏମ୍‌ସିମାନେ ଜଳ ପ୍ରଦୂଷଣ ସୃଷ୍ଟି କରୁଥିବା ଜଳାଶୟଗୁଡ଼ିକୁ ସିଧାସଳଖ ଘରୋଇ ନର୍ଦ୍ଦମା ନିଷ୍କାସନକୁ ଏଡ଼ାଇବା ପାଇଁ ସ୍ୱେରେଜ୍ ଲାଇନ୍ ସହିତ ଘରୋଇ ସଂଯୋଗ ସମ୍ପାଦିତ କରିପାରିବ ।***

***18. ଏମ୍‌ସିମାନେ ଅଚଳ ଏସ୍‌ଟିପିର କାର୍ଯ୍ୟକୁ କର୍ଯ୍ୟକ୍ଷମ କରିବାକୁ ଯୋଜନା କରିପାରିବେ ଯାହା ଦ୍ୱାରା ଏସ୍‌ଟିପିରେ ପର୍ଯ୍ୟାପ୍ତ ପ୍ରବାହ ଏବଂ ବିଶୋଧନ ହୋଇପାରିବ ।***

***19. ରାଉରକେଲା ଓ ବ୍ରହ୍ମପୁର ସହରରେ ଏସ୍‌ଟିପିକୁ ପର୍ଯ୍ୟାପ୍ତ ପ୍ରବାହ ଏବଂ ବିଶୋଧନକୁ ସୁନିଶ୍ଚିତ କରିବାକୁ ରାଉରକେଲା ମହାନଗର ନିଗମ/ ବ୍ରହ୍ମପୁର ମହାନଗର ନିଗମ ଯୋଜନା କରିପାରନ୍ତି ।***

***20. ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ ଜଳର ଗୁଣବତ୍ତାର ସ୍ୱାଧୀନ ସମୀକ୍ଷା କରି ଏବଂ ସ୍ୱୀକୃତିପ୍ରାପ୍ତ***

[158] ପାଇପ୍ ଜ୍ୟାକିଂ ହେଉଛି ଏକ ଟ୍ରେଞ୍ଚଲେସ୍ ଟେକ୍‌ନୋଲୋଜି ପଦ୍ଧତି ଯାହା ଡ୍ରାଇଭ୍ ଶାଫ୍ଟରୁ ଏକ ରିସେପ୍ସନ୍ ଶାଫ୍ଟ ପର୍ଯ୍ୟନ୍ତ ମାଟି ମାଧ୍ୟମରେ ଏକ ପ୍ରିଫେବ୍ରିକେଟେଡ୍ ପାଇପ୍ ସ୍ଥାପନ କରିଥାଏ, ଯେଉଁଠାରେ ପାଇପ୍ ମାଧ୍ୟମରେ ପାଇପ୍ ଇଣ୍ଟରଆକ୍ସନକୁ ଜ୍ୟାକିଂ ବଳ ପ୍ରସାରଣ କରାଯାଏ ।

[159] 1.846 କିମି X ମାଇକ୍ରୋ ଟନେଲିଂ କାର୍ଯ୍ୟ ପାଇଁ କିଲୋମିଟର ପିଛା ଦର (-) କିଲୋମିଟର ପିଛା ମାନୁଆଲ ଜ୍ୟାକିଂ ହାର

| | |
|---|---|
| | *ପରୀକ୍ଷାଗାର ମାଧ୍ୟମରେ ସୁପାରିଶ କରାଯାଇଥିବା ପରୀକ୍ଷାଗାରରେ ପରୀକ୍ଷା କରି ନିର୍ଦ୍ଦମା ବିଶୋଧନର ଗୁଣବତ୍ତା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇପାରିବେ ।* |
| ***21.*** | *ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ ବିଶୋଧିତ ଜଳର ପୁନଃ ବ୍ୟବହାର ବୃଦ୍ଧି କରି ଏବଂ ପଙ୍କକୁ ସାରରେ ପରିଣତ କରି ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେଇପାରିବେ ।* |

# ଅଧ୍ୟାୟ - VI
# ମହାନଗର ନିଗମଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥା ପାଇଁ ଉଦାହରଣ

# ଅଧ୍ୟାୟ-VI

## ମହାନଗର ନିଗମଗୁଡ଼ିକରେ ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ପରିଚାଳନା ବ୍ୟବସ୍ଥାର ତଦାରଖ ବ୍ୟବସ୍ଥା

ଏହି ଅଧ୍ୟାୟରେ ନିଗମ ଦ୍ୱାରା ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥାର ପରିଚାଳନାର ତଦାରଖ ଏବଂ ମୂଲ୍ୟାଙ୍କନ ବିଷୟରେ ଆଲୋଚନା କରାଯାଇଛି । ସହରଗୁଡ଼ିକରେ ବନ୍ୟା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥାର ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ଯୋଗୁଁ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ, ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ଏବଂ ଜନସାଧାରଣଙ୍କୁ ଆଶାନୁରୂପ ଫଳାଫଳ ପ୍ରଦାନ କରିବାପାଇଁ ଏହା ଆକଳନ କରାଯାଇଛି । ଏହି ଅଧ୍ୟାୟରେ ବର୍ଷା ଜଳ ନିଷ୍କାସନ ଏବଂ ସ୍ୱେରେଜ୍ ବ୍ୟବସ୍ଥାର ପରିଚାଳନା ଅଭାବରୁ ପରିବେଶ ଏବଂ ମନୁଷ୍ୟକୁ ପ୍ରଭାବିତ କରୁଥିବା ଜୈବ ବିବିଧତାର ନକରାତ୍ମକ ପ୍ରଭାବକୁ ସାମ୍ନାକୁ ଆଣିବାକୁ ଚେଷ୍ଟା କରାଯାଇଛି ।

## 6. ବର୍ଷା ଜଳ ନିଷ୍କାସନ ଓ ସ୍ୱେରେଜ୍ ପଦ୍ଧତିର ତଦାରଖ ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା

### 6.1 ତଦାରଖର ଅଭାବ

### 6.1.1 ଉଚ୍ଚସ୍ତରୀୟ ଷ୍ଟିୟରିଂ କମିଟି ଦ୍ୱାରା ତଦାରଖର ଅଭାବ

ଓଡ଼ିଶାର ସ୍ୱେରେଜ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସମେତ ସାମଗ୍ରିକ ପ୍ରକଳ୍ପ ତଦାରଖ ପାଇଁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ (ମଇ 2007) ଏକ ଉଚ୍ଚ ସ୍ତରୀୟ ଷ୍ଟିୟରିଂ କମିଟି (ଏଚ୍ଏଲ୍ଏସ୍ସି)[160] ଗଠନ କରିଥିଲା, ଯାହା ତିନି ମାସରେ ଅତି କମରେ ଥରେ ବୈଠକ କରିବାର ଆବଶ୍ୟକ ଥିଲା ।

ଉଚ୍ଚସ୍ତରୀୟ ପରିଚାଳନା କମିଟି 2017-22 ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ କରାଯାଇଥିବା 20 ଟି ବୈଠକ କରିବା ପରିବର୍ତ୍ତେ ମାତ୍ର ତିନୋଟି ବୈଠକ କରିଥିଲା । ନିୟମିତ ଭାବରେ ଉଚ୍ଚସ୍ତରୀୟ ପରିଚାଳନା କମିଟିର ବୈଠକ ଅଭାବରୁ ସ୍ୱେରେଜ୍ ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିଲା ।

ବିଭାଗର ନଥିପତ୍ର ଯାଞ୍ଚରୁ ଜଣାପଡ଼ିଛି ଯେ 2017-18 ରୁ 2021-22 ଆର୍ଥିକବର୍ଷ ମଧ୍ୟରେ 20ଟି ବୈଠକ ଆୟୋଜନର ଆବଶ୍ୟକତ ଥିବା ବେଳେ (ଏଚଏଲଏସସି) ମାତ୍ର ତିନି[161] ଥର (15 ପ୍ରତିଶତ) ବୈଠକ କରିଛି ଏବଂ ସ୍ୱେରେଜ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଛି । ନିୟମିତ ବୈଠକ ଆୟୋଜନ ନ ହେବାର କାରଣ ନଥିପତ୍ରରେ ଉପଲବ୍ଧ ନଥିଲା । ନିୟମିତ ବୈଠକର ଅନୁପସ୍ଥିତି ମହାନଗର ନିଗମ ମାନଙ୍କଦ୍ୱାରା ସ୍ୱେରେଜ ପରିଚାଳନା ପଦ୍ଧତିରେ ପ୍ରଭାବଶାଳୀ ରୂପାୟନ ପାଇଁ ଦୁର୍ବଳ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୂଚାଇଥିଲା ।

### 6.1.2 ସାମାଜିକ ଉନ୍ନୟନ ସମିତି ଗଠନ ନହେବା

ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତି ପ୍ରକଳ୍ପ ଅଧିନରେ 1) ସାମାଜିକ ବିକାଶ ଓ ଜନସଚେତନ ଉପାଦାନର ପ୍ରକଳ୍ପ ସମନ୍ୱିତ ତଦାରଖ କରିବା 2) ବାର୍ଷିକ ଯୋଜନାର ତଦାରଖ ପର୍ଯ୍ୟବେକ୍ଷଣା ଅନୁମୋଦନ ଏବଂ 3) ପରିମଳ ପର୍ଯ୍ୟବେକ୍ଷଣ ଉନ୍ନତି ଟିମ୍ ମାଧ୍ୟମରେ ଆର୍ଥିକ ଓ ବଜେଟ ନିୟନ୍ତ୍ରଣ କରିବା ପାଇଁ ଏକ ସାମାଜିକ ଉନ୍ନୟନ କମିଟି (ଏସଡିସି) ଗଠନ କରାଯିବା କଥା । ଏସଡିସିକୁ ତ୍ରୈମାସିକ ଏବଂ ଆବଶ୍ୟକ ସ୍ଥଳେ ବୈଠକ କରିବାକୁ ପଡ଼ିବ ।

ବିଭାଗର ରେକର୍ଡରୁ ସମୀକ୍ଷାରେ ଏଭଳି କୌଣସି ଏସଡିସି ନଥିବା ଜଣାପଡ଼ିଛି, ଯାହା ପରିମଳ ଉନ୍ନତି ପ୍ରକଳ୍ପ

---

160 ଏଚ୍ଏଲ୍ଏସ୍ସି ସଦସ୍ୟ: କ) ଉନ୍ନୟନ କମିଶନର (ଅଧକ୍ଷ) ଖ)ଏଚ୍ଆଣ୍ଡୟୁଡିର ପ୍ରମୁଖ ସଚିବ (ଉପାଧକ୍ଷ) ଗ) ଅର୍ଥ ବିଭାଗ ସଚିବ ଘ) ଯୋଜନା ଓ ବିପର୍ଯ୍ୟୟ ପରରିଚାଳନା ବିଭାଗ ସଚିବ ଙ) ରାଜସ୍ୱ ଓ  ବିପର୍ଯ୍ୟୟ ପରରିଚାଳନା ବିଭାଗ ସଚିବ  ଚ) ସ୍ୱତନ୍ତ୍ର ସଚିବ, ଏଚଆଣ୍ଡୟୁଡି ବିଭାଗ ଛ) ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗର ସଦସ୍ୟ ସଚିବ ଓଡବ୍ଲୁଏସଏସବି  ଏବଂ ଜ) ବିଏମ୍ସି ଓ ସିଏମ୍ସିର ମ୍ୟୁନିସିପାଲିଟି କମିଶନର

161 ଏଚ୍ଏଲ୍ଏସ୍ସି ବୈଠକ ଅନୁଷ୍ଠିତ: 16/06/2017, 04/08/2018 ଏବଂ 23/07/2019

ଗୁଡ଼ିକର ତଦାରଖ ଅଭାବକୁ ସୂଚାଉଛି ।

ସରକାର (ଏପ୍ରିଲ 2023)ରେ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଉଲ୍ଲେଖ କରିଛନ୍ତି ।

## 6.1.3 ରାଜ୍ୟସ୍ତରୀୟ କମିଟି ଦ୍ୱାରା ତଦାରଖରେ ଅଭାବ

2018ରେ ଜାରି ହୋଇଥିବା (ଏନଜିଟି)ନିର୍ଦ୍ଦେଶ ଅନୁଯାୟୀ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ମାର୍ଚ୍ଚ 2020 ସୁଦ୍ଧା ଶତ ପ୍ରତିଶତ ସେରେଜ ବିଶୋଧନ ସୁନିଶ୍ଚିତ କରିବାକୁ ଥିଲା । ଯଦି ସେରେଜ ବିଶୋଧନାଗାର ଅନୁପାଳନ କରାନଯାଏ, ତେବେ ସଂପୃକ୍ତ ସ୍ଥାନୀୟ ସଂସ୍ଥା ଗୁଡ଼ିକ 2020 ଏପ୍ରିଲ ରୁ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ପରିବେଶ କ୍ଷତିପୂରଣ ଦେବାକୁ ଉତ୍ତରଦାୟୀ ରହିବେ ।

ବିଭାଗର ନଥିପତ୍ରରୁ ଜଣାପଡ଼ିଛି ଯେ, ଏନଜିଟିକୁ ପାଳନ କରିବା ପାଇଁ ଓଡ଼ିଶା ସରକାର (ଫେବୃଆରୀ 2019) ଉଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ରାଜ୍ୟସ୍ତରୀୟ କମିଟି (ଏସଏଲସି)[162] ଗଠନ କରିଥିଲେ । ଯଦିଓ 2019 ଫେବୃଆରୀରୁ 2020 ଫେବୃଆରୀ ମଧ୍ୟରେ (ଏସଏଲସି) 11ଥର ବୈଠକ ବସିଥିଲା, ତଥାପି ସେରେଜ ପରିଚାଳନା ଉପରେ ଏନଜିଟିର ପର୍ଯ୍ୟବେକ୍ଷଣକୁ ପାଳନ କରିବା କିମ୍ବା ବର୍ଷା ଜଳ ନିଷ୍କାସନ ଏବଂ ସେରେଜ ପରିଚାଳନା ପଦ୍ଧତିରେ ଉନ୍ନତି ଆଣିବା ପଇଁ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇ ନଥିଲା ।

ପରିବେଶ ପ୍ରଦୂଷଣ ସୃଷ୍ଟି ପାଇଁ ଏନଜିଟି ଦୁଇଟି ୟୁଏଲବି ଉପରେ 52 ଲକ୍ଷ[163] ଟଙ୍କାର ପରିବେଶ କ୍ଷତିପୂରଣ (ଜୁଲାଇ ଏବଂ ସେପ୍ଟେମ୍ବର 2022) ଆଦାୟ କରିଥିଲା ଯାହା ରାଜ୍ୟ ସ୍ତରୀୟ କମିଟି ଦ୍ୱାରା ଖରାପ ତଦାରଖକୁ ସୂଚାଇଥିଲା ।

## 6.1.4 ସେରେଜ ବିଶୋଧନାଗାର ତଦାରଖ ପାଇଁ (ଓଡବ୍ଲ୍ୟୁଏସଏସବି) ବୋର୍ଡ ବୈଠକ ଆୟୋଜନରେ ଅବହେଳା

(ଓଡବ୍ଲ୍ୟୁଏସଏସବି ) ନିୟମାବଳୀ, 1092 ନିୟମ 3 ଅନୁଯାୟୀ, ଦୁଇ ମାସ ମଧ୍ୟରେ ଅତି କମରେ ଥରେ (ଓଡବ୍ଲ୍ୟୁଏସଏସବି)ର ବୋର୍ଡ ବୈଠକ ଡକାଯିବାର ଥିଲା । ବୈଠକର ତାରିଖ, ସମୟ ଏବଂ ସ୍ଥାନ ଅଧକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ହେବା କଥା, କିମ୍ବା ତାଙ୍କ ଅନୁପସ୍ଥିତିରେ, ଏଭଳି ପରିସ୍ଥିତିରେ ବୈଠକ ଡାକିବାକୁ ସକ୍ଷମ ଥିବା ଉପାଧକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ହେବା କଥା । (ଓଡବ୍ଲ୍ୟୁଏସଏସବି) ଓଡିଶା ଜଳ ଯୋଗାଣ ଓ ସେରେଜ ବୋର୍ଡ ଆଇନ, 1991 ର ଧାରା 15 ରେ କୁହାଯାଇଛି ଯେ , ବୋର୍ଡ ଜଳ ଯୋଗାଣ, ସେରେଜ ଏବଂ ପରିମଳ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ ସେବା ରାଜ୍ୟ ସରକାର ଏବଂ ସ୍ଥାନୀୟ ସଂସ୍ଥାକୁ ପ୍ରଦାନ କରିବେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଳ ଯୋଗାଣ ସହିତ ସେରେଜ ଓ ଡ୍ରେନେଜ ପଇଁ ଡ୍ରାଫ୍ଟ ରାଜ୍ୟ ଯୋଜନା ପ୍ରସ୍ତୁତ କରିବା,ଏବଂ ବୋର୍ଡ ଅଧୀନରେ ଥିବା ଅଞ୍ଚଳରେ କାର୍ଯ୍ୟ କରୁଥିବା ଜଳ ଯୋଗାଣ ଏବଂ ସେରେଜର ଶୁଳ୍କ ଟିକସ ପାଉଣା ଏବଂ ଖର୍ଚ୍ଚ ଉପରେ ସମୀକ୍ଷା ଏବଂ ପରାମର୍ଶ ପ୍ରଦାନ କରିବା ଉଚିତ୍ ।

> ଓଡ଼ିଶା ଜଳ ଯୋଗାଣ ଏବଂ ସେୱରେଜ୍ ବୋର୍ଡ **2017-18** ରୁ **2021-22** ଆର୍ଥିକ ବର୍ଷ ମଧ୍ୟରେ **30** ଟି ବୈଠକର ଆବଶ୍ୟକତା ଥିବା ବେଳେ କୌଣସି ବୈଠକ ଅନୁଷ୍ଠିତ ହୋଇନାହିଁ ।

ସମୀକ୍ଷା ଦର୍ଶାଇଛି (ଜୁଲାଇ 2022) ଯେ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ (ଓଡବ୍ଲ୍ୟୁଏସଏସବିରେ) 30 ଟି ବୈଠକର ଆବଶ୍ୟକତା ଥିବା ବେଳେ କୌଣସି ବୈଠକ ଅନୁଷ୍ଠିତ ହୋଇ ନାହିଁ ।

ସରକାର ( ମାର୍ଚ୍ଚ 2023) କହିଥିଲେ ଯେ ସରକାରୀ ସ୍ତରରେ ସମୀକ୍ଷା ବୈଠକ ପରିଚାଳିତ ହେଉଥିବାରୁ ବୋର୍ଡ ବୈଠକ କରିବାର କୌଣସି ଆବଶ୍ୟକତା ନାହିଁ । ଏହା ବ୍ୟତୀତ ଆବଶ୍ୟକତା ଅନୁଯାୟୀ ବୈଠକ କରିବାକୁ କୁହାଯାଇଛି । ତେଣୁ ପରବର୍ତ୍ତୀ ସମୟରେ ବୋର୍ଡ ବୈଠକ ଆୟୋଜନ ପାଇଁ ପଦକ୍ଷେପ ନିଆଯିବ । ନିୟମିତ ଭାବେ ବୋର୍ଡ ବୈଠକ ଆୟୋଜନ କରାଯାଉ ନଥିବାରୁ ସେରେଜ ବିଶୋଧନାଗାର (ଏସଟିପି) ପ୍ରକଳ୍ପଗୁଡିକର ପର୍ଯ୍ୟବେକ୍ଷଣ ଓ ତଦାରଖ କମ୍ ହେଉଥିବାର ଉତ୍ତର ଉପଯୁକ୍ତ ନଥିଲା ।

---

162 ଏଚ୍.ଏଲ୍.ଏସ୍.ସି ସଦସ୍ୟ: ନିର୍ଦ୍ଦେଶକ, ପରିବେଶ-ତଥା-ସତନ୍ତ୍ର ସଚିବ, ଜଙ୍ଗଲ ଏବଂ ପରିବେଶ ବିଭାଗ, ପୌର ପ୍ରଶାସନ ନିର୍ଦ୍ଦେଶକ, ଏଚ୍.ଆଣ୍ଡ.ୟୁଡି ବିଭାଗ, ଜନସାସ୍ଥ୍ୟ, ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ. ମୁଖ୍ୟ ପରିବେଶ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

163 ଦୁଇଟି ୟୁ.ଏଲ୍.ବି: କେନ୍ଦ୍ରାପଡ଼ା 24 ଲକ୍ଷ ଟଙ୍କା ଏବଂ ବେଲପାହାଡ଼ 28 ଲକ୍ଷ ଟଙ୍କା

## 6.2 ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଦାରଖର ଅଭାବ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବିକୁ) ପରିବେଶ ଆଇନ, ବିଶେଷ କରି ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ ଆଇନ, 1974 ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ, 1981 ପରିବେଶ (ସୁରକ୍ଷା) ଆଇନ, 1986 ଏବଂ ଏହା ଅଧୀନରେ ଜାରି ହୋଇଥିବା ଅନେକ ନିୟମ ଏବଂ ବିଜ୍ଞପ୍ତି, ସମୟ ସମୟରେ ସଂଶୋଧନର କାର୍ଯ୍ୟକାରିତା ଦାୟିତ୍ୱ ଦିଆଯାଇଛି । ପରିବେଶ ତଦାରଖ ଓ ଗବେଷଣା କରିବାର ଆବଶ୍ୟକତା ରହିଛି ।

### 6.2.1 ପରିବେଶ କ୍ଷତିପୂରଣ ଆଦାୟ କରାଯାଉନାହିଁ

ମାର୍ଚ୍ଚ **2020** ସୁଦ୍ଧା **100** ପ୍ରତିଶତ ସ୍ୱେରେଜର ବିଶୋଧନ ପାଇଁ ସମସ୍ତ 5 ଟି ଏମ୍‌ସି ଏନଜିଟି ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୋଇଥିବାରୁ ମାର୍ଚ୍ଚ **2022** ସୁଦ୍ଧା ଏସପିସିବି ପକ୍ଷରୁ ଏମସି ମାନଙ୍କ ଠାରୁ **1,239.00** କୋଟି ଟଙ୍କାର ପରିବେଶ କ୍ଷତିପୂରଣ ଆଦାୟ କରାଯାଇ ନାହିଁ ।

2018ରେ ଜାରି ହୋଇଥିବା (ଏନଜିଟି) ନିର୍ଦ୍ଦେଶାବଳୀ ଅନୁଯାୟୀ, 2020 ମାର୍ଚ୍ଚ ସୁଦ୍ଧା ସ୍ୱେରେଜ ବିଶୋଧନାଗାର ଶତ ପ୍ରତିଶତ ସ୍ୱେରେଜ ବିଶୋଧନ ସୁନିଶ୍ଚିତ କରିବା ଉଚିତ । ସ୍ୱେରେଜ ବିଶୋଧନାଗାର ଅନୁପାଳନ ନ କଲେ 2020 ଏପ୍ରିଲ ରୁ ସ୍ଥାନୀୟ ସଂସ୍ଥା ପରିବେଶ କ୍ଷତିପୂରଣ[164] (ଇସି) ଦେବାକୁ ବାଧ ହେବେ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ମାର୍ଗଦର୍ଶିକା ଅନୁଯାୟୀ, ଯଦି ଏହା ବିଫଳ ହୁଏ ତେବେ (ଇସି)[165] ଆଦାୟ କରାଯିବା କଥା (1) ଜଳସ୍ରୋତରେ ପ୍ରଦୂଷଣକୁ ନିଷ୍କାସିତ ହେବାକୁ ରୋକିବା ଏବଂ (2) ବର୍ଜ୍ୟବସ୍ତୁ ପରିଚାଳନା ନିୟମ କାର୍ଯ୍ୟକାରୀ କରିବା । ବର୍ଜ୍ୟବସ୍ତୁ/ ନର୍ଦ୍ଦମା ପରିଚାଳନା/ ବିଶୋଧନ ସୁବିଧାର ପର୍ଯ୍ୟାପ୍ତ କ୍ଷମତା ନଥିବା ଅଣ ବିଶୋଧିତ ଆଂଶିକ ପରିଶୋଧିତ ବର୍ଜ୍ୟବସ୍ତୁ/ ନର୍ଦ୍ଦମା କାରଣରୁ (ଇସି)ର ମୂଲ୍ୟ ବୃଦ୍ଧି ପାଇଛି ।

ଏସପିସିବିର ନଥିପତ୍ର ଯାଞ୍ଚରୁ ଜଣାପଡିଛି ଯେ ପାଞ୍ଚଟି ମନୋନିତ ମହାନଗର ନିଗମ ଠାରୁ 1,239.00 କୋଟି[166] ଟଙ୍କାର ପରିବେଶ କ୍ଷତିପୂରଣ ଆଦାୟ ଏବଂ ସଂଗ୍ରହ କରାଯାଇ ନାହିଁ, ଯେହେତୁ କୌଣସି ମହାନଗର ନିଗମ ସ୍ୱେରେଜ ପ୍ରକଳ୍ପ ପୂର୍ଣ୍ଣ ମାତ୍ରାରେ ସଂପୂର୍ଣ୍ଣ ହୋଇନାହିଁ, ଯାହା ***ପରିଶିଷ୍ଟ- VIII*** ରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

ଡିସେମ୍ବର 2018 ରୁ ମାର୍ଚ୍ଚ 2022 ମଧ୍ୟରେ 7ଟି ଏସଟିପି[167] ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଥିବା ସତ୍ତ୍ୱେ ଗୃହ ନର୍ଦ୍ଦମା ସଂଯୋଗରେ ପ୍ରତିଶତ ଶୂନରୁ 29 ପ୍ରତିଶତ ମଧ୍ୟରେ ଥିଲା ଏବଂ ନର୍ଦ୍ଦମା ଲାଇନ ସଂଯୋଗର ପ୍ରତିଶତ ଶୂନରୁ 81 ପ୍ରତିଶତ ପର୍ଯ୍ୟନ୍ତ ଥିଲା, ଯାହା ପୂର୍ବରୁ **ଅନୁଚ୍ଛେଦ 5.3.1**ରେ ଆଲୋଚନା କରାଯାଇଛି, ଯାହା ଫଳରେ ସହରରେ ଉତ୍ପନ୍ନ ହେଉଥିବା ସ୍ୱେରେଜ ବର୍ଜ୍ୟବସ୍ତୁ ନିକଟସ୍ଥ ଜଳାଶୟକୁ ନିଷ୍କାସିତ ହେଉଛି ଯାହା ଜଳ ପ୍ରଦୂଷଣ ସୃଷ୍ଟି କରୁଛି ।

## 6.3 ବର୍ଷାଜଳ ନିଷ୍କାସନ କାର୍ଯ୍ୟର ତଦାରଖ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ନାହିଁ

ବର୍ଷାଜଳ ନିଷ୍କାସନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ମାନୁଆଲ, 2019 ର ଧାରା 2.3 ଅନୁଯାୟୀ ଏସ୍‌ଡବ୍ଲୁଡି ସମ୍ବନ୍ଧୀୟ ଦୈନନ୍ଦିନ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମସ୍ୟାଗୁଡିକୁ ଦକ୍ଷତାର ସହ ସମାଧାନ କରିବା ଏବଂ ପ୍ରତିଷେଧକ ରକ୍ଷଣାବେକ୍ଷଣ କରିବା ପାଇଁ ପ୍ରତ୍ୟେକ ୟୁଏଲବିରେ ଏକ ଉତ୍ସର୍ଗୀକୃତ ସେଲ୍ ଗଠନ କରାଯିବା ଉଚିତ ଏବଂ ସେମାନଙ୍କ ପାଖରେ ମାନବ ସମ୍ବଳ, ଯାନବାହନ ଏବଂ ଆନୁଷଙ୍ଗିକ ଉପକରଣ ରହିବା କଥା । ବିକଳ୍ପ ଭାବେ ନିଗମର ସୁବିଧା ଅନୁଯାୟୀ ବିଭାଗୀୟ ସ୍ତରରେ ଏକ ଉତ୍ସର୍ଗୀକୃତ ଡ୍ରେନେଜ ସେଲ୍ ଗଠନ କରାଯାଇ କାର୍ଯ୍ୟକୁ

---

164 ପରିବେଶ କ୍ଷତିପୂରଣ ହେଉଛି ପରିବେଶ ସୁରକ୍ଷା ପାଇଁ ଏକ ନୀତି ଉପକରଣ ଯାହା ପ୍ରଦୂଷଣକାରୀ ବେତନ ପ୍ରଧାନ ଉପରେ କାର୍ଯ୍ୟ କରେ ।

165 ଇସି ପାଇଁ ସିପିସିବି ଅନୁଯାୟୀ ଫର୍ମୁଲା (ଲକ୍ଷ ଟଙ୍କା) = 17.5 (ସମୁଦାୟ ସ୍ୱେରେଜ୍ ଉତ୍ପାଦନ – ସଂସ୍ଥାପିତ ଚିକିତ୍ସା କ୍ଷମତା) + 55.5 (ସମୁଦାୟ ସ୍ୱେରେଜ୍ ଉତ୍ପାଦନ - କାର୍ଯ୍ୟକ୍ଷମ କ୍ଷମତା) + 0.2 (ସ୍ୱେରେଜ୍ ଉତ୍ପାଦନ - କାର୍ଯ୍ୟକ୍ଷମ କ୍ଷମତା x N + ପରିବେଶ ବାହ୍ୟତାର ସାମାନ୍ୟ ମୂଲ୍ୟ x (ସମୁଦାୟ ସ୍ୱେରେଜ୍ ଉତ୍ପାଦନ – କାର୍ଯ୍ୟକ୍ଷମ କ୍ଷମତା) x N (ଯେଉଁଠାରେ ଏନ୍ ଏସଟିପି ପାଇଁ ବିଳମ୍ବିତ ଦିନ ସଂଖ୍ୟା ସିପିସିବିର ନିର୍ଦ୍ଦେଶାବଳୀ ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତି କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଷ୍କାର/ଆଂଶିକ ଭାବରେ ବିଶୋଧିତ ନର୍ଦ୍ଦମା ନିଷ୍କାସନ ପାଇଁ ପରିବେଶ କ୍ଷତିପୂରଣ ଗଣନା ପାଇଁ ଏବଂ 2020 ସେପ୍ଟେମ୍ବର 221 ତାରିଖର ଆଦେଶ ଅନୁଯାୟୀ, 200 ଏମଏଲଡି ପର୍ଯ୍ୟନ୍ତ ନର୍ଦ୍ଦମା ପାଇଁ ପରିବେଶ ବାହ୍ୟତାର ସୀମାନ୍ତ ମୂଲ୍ୟ ସର୍ବନିମ୍ନ 0.05 ଏବଂ ସର୍ବାଧିକ 0.10 ଭାବରେ ଗ୍ରହଣ କରାଯାଏ

166 ପରିବେଶ ପ୍ରଦୂଷଣ ନିୟମ ପାଇଁ ଜୋରିମାନା

167 ଭୁବନେଶ୍ୱର ସ୍ୱେରେଜ୍ ଜିଲ୍ଲା (I ରୁ IV), କଟକ (ସିଡିଏ ଓ ମତଗଜପୁର) ଏବଂ ରାଉରକେଲା ପଶ୍ଚିମ

ଦକ୍ଷତାର ସହ ପରିଚାଳିତ କରାଯାଇପାରିବ ।

ସମୀକ୍ଷାରୁ ଜଣାପଡିଛି ଯେ ବର୍ଷା ଜଳ ନିଷ୍କାସନ ପରିଚାଳନା ପାଇଁ ମହାନଗର ନିଗମ ସ୍ତରରେ (ବିଏମସି ବ୍ୟତୀତ) କୌଣସି ପୃଥକ ସେଲ ଗଠନ କରଯାଇନଥିଲା । ବିଏମସିରେ ସ୍ୱତନ୍ତ୍ର ଡ୍ରେନେଜ ଡିଭିଜନ ଥିଲେ ହେଁ 2016 ଫେବୃଆରୀରୁ ଇଞ୍ଜିନିୟରିଂ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ନଥିଲା । ଅନ୍ୟ ମହାନଗର ନିଗମଗୁଡିକରେ ବର୍ଷା ଜଳ ନିଷ୍କାସନ କାର୍ଯ୍ୟକାରୀ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଡ୍ରେନେଜ ଡିଭିଜନ ନଥିଲା । ମହାନଗର ନିଗମ ମାନଙ୍କ ନିକଟରେ ପାଣ୍ଠି ଉପଲବ୍ଧ ହେବା ସତ୍ତ୍ୱେ, ଅନୁଚ୍ଛେଦ **4.1** ରେ ଆଲୋଚନା କରାଯାଇଥିବା ଅନୁଯାୟୀ, ଖାଲି ଥିବା ପଦବୀପୂରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା, ଯାହା **ସାରଣୀ 6.1** ରେ ନିମ୍ନରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି ଯାହା ଏସଡବ୍ଲ୍ୟୁଡି ପ୍ରକଳ୍ପଗୁଡିକରେ କାର୍ଯ୍ୟକାରିତା ଏବଂ ତଦାରଖକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଥିଲା ।

**ସାରଣୀ ସଂଖ୍ୟା. 6.1: ଡ୍ରେନେଜ୍ କାର୍ଯ୍ୟ ପାଇଁ ମହାନଗର ନିଗମ ଗୁଡ଼ିକରେ ପର୍ଯ୍ୟାପ୍ତ ମାନବ ସମ୍ବଳର ଅଭାବ**

| କ୍ର.ସଂ. | ମହାନଗର ନିଗମ | ନିର୍ବାହୀ ଯନ୍ତ୍ରୀ (ଅଧୀକ୍ଷଣ ଯନ୍ତ୍ରୀ ନାମରେ ନାମିତ) | | | ଉପଖଣ୍ଡ ଅଧିକାରୀ (ଉପନିର୍ବାହୀ ଯନ୍ତ୍ରୀ ନାମରେ ନାମିତ) | | | କନିଷ୍ଠ ଯନ୍ତ୍ରୀ (ସହକାରୀ ଯନ୍ତ୍ରୀ ନାମରେ ନାମିତ) | | |
|---|---|---|---|---|---|---|---|---|---|---|
| | | ନିୟମ ଅନୁଯାୟୀ ଏସଏସ | ଏମଆଇପି | ପଦବୀ (-)/ ଅତିରିକ୍ତ (+) | ନିୟମ ଅନୁଯାୟୀ ଏସଏସ | ଏମଆଇପି | ପଦବୀ (-)/ ଅତିରିକ୍ତ (+) | ନିୟମ ଅନୁଯାୟୀ ଏସଏସ | ଏମଆଇପି | ପଦବୀ (-)/ ଅତିରିକ୍ତ (+) |
| 1 | ବିଏମ୍‌ସି | 01 | 01 | 0 | 04 | 03 | (-) 01 | 16 | 08 | (-) 08 |
| 2 | ସିଏମ୍‌ସି | 02 | 02 | 0 | 04 | 02 | (-) 02 | 12 | 11 | (-) 01 |
| 3 | ଏସ୍‌ଏମ୍‌ସି | 01 | 01 | 0 | 01 | 01 | 0 | 10 | 05 | (-) 05 |
| 4 | ଆରଏମ୍‌ସି | 01 | 02 | (+) 01 | 01 | 01 | 0 | 08 | 09 | (+) 01 |
| 5 | ବିଇଏମ୍‌ସି | 03 | 01 | (-) 02 | 04 | 02 | (-) 02 | 13 | 09 | (-) 04 |
| | ମୋଟ | **08** | **07** | **(-) 01** | **14** | **09** | **(-) 05** | **59** | **42** | **(-) 17** |

*(__ଉତ୍ସ__: ସମ୍ପୃକ୍ତ ମହାନଗର ନିଗମଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

***ଏସଏସ:*** *ମଞ୍ଜୁରୀ ପ୍ରାପ୍ତ କର୍ମଚାରୀ,* ***ଏମ୍ଆଇପି:*** *ପଦାସୀନ କର୍ମଚାରୀ*

ଏହାର ଉତ୍ତରରେ ବିଇଏମସି (ନଭେମ୍ବର 2022) କହିଛନ୍ତି ଯେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯିବ । ଜୁଲାଇ 2024 ସୁଦ୍ଧା ଅନ୍ୟ ମହାନଗର ନିଗମଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି ।

## 6.4 କାର୍ଯ୍ୟ ସମ୍ପାଦନରେ ବିଳମ୍ବ ପାଇଁ କ୍ଷତିପୂରଣ ଆଦାୟ କରାଯାଉନାହିଁ ।

ଡ୍ରେନେଜ ଓ ସେ୍ୱରେଜ କାର୍ଯ୍ୟ ପାଇଁ ଚୁକ୍ତିନାମାର ଧାରା 2(କ) ଅନୁଯାୟୀ, ଯଦି ସଂପୃକ୍ତ ସଂସ୍ଥା କୌଣସି କାମ ସଂପୂର୍ଣ୍ଣ କରିବାରେ ବିଫଳ ହୁଏ, ତେବେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଳମ୍ବ ହେଲେ ଆନୁମାନିକ ଖର୍ଚ୍ଚର 10 ପ୍ରତିଶତ ହିସାବରେ କ୍ଷତିପୂରଣ ଆଦାୟ କରାଯିବ ।

ସମୀକ୍ଷାରୁ ଜଣାପଡିଛି ଯେ 48ଟି କାର୍ଯ୍ୟ ମଧ୍ୟରୁ କୌଣସି କାମ ଠିକ୍ ସମୟରେ ଶେଷ ହୋଇନାହିଁ ଏବଂ ଓଡବ୍ଲ୍ୟୁଏସଏସବି ଏବଂ ମହାନଗର ନିଗମ (ଜୁଲାଇ 2022 ସୁଦ୍ଧା) ଏଗୁଡିକ ସଂପୂର୍ଣ୍ଣ ନ ହେବା ପାଇଁ 102.03 କୋଟି ଟଙ୍କାର କ୍ଷତିପୂରଣ ଜରିମାନା ଆଦାୟ କରିନାହାଁନ୍ତି ଯାହା ***ପରିଶିଷ୍ଟ - IX*** ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି । ପ୍ରକଳ୍ପ କାର୍ଯ୍ୟ ଶେଷ ହେବାରେ 20 ରୁ 2312 ଦିନ ବିଳମ୍ବ ହେବା ଫଳରେ ଜଳଭଣ୍ଡାର ଗୁଡିକ ଜଳ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଆଶାନୁରୂପ ଲକ୍ଷ୍ୟ ହାସଲରେ ବିଳମ୍ବ ହୋଇଥିଲା ।

ଏହାର ଜବାବରେ ବିଏମସି (ଅକ୍ଟୋବର 2022 ) କହିଛନ୍ତି ଯେ ସଂସ୍ଥାଗୁଡିକୁ ଠିକ୍ ସମୟରେ କାମ ଶେଷ କରିବାକୁ ଅନୁରୋଧ କରାଯାଇଛି ଏବଂ ବିଳମ୍ବ ହେଲେ ଠିକା ସର୍ତ୍ତ ଅନୁଯାୟୀ ଜରିମାନା ଆଦାୟ କରାଯିବ । ଓଡବ୍ଲ୍ୟୁଏସଏସବି (ଜୁଲାଇ 2022) କହିଛନ୍ତି ଯେ ବ୍ୟକ୍ତିଗତ ଚୁକ୍ତିରେ ଆବେଦନ ଚୂଡାନ୍ତ ହେବା ପରେ କ୍ଷତିପୂରଣ ଆଦାୟ କରାଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ମହାନଗର ନିଗମ ଏବଂ ଓଡବ୍ଲ୍ୟୁଏସଏସବି ବିଳମ୍ବରେ କାର୍ଯ୍ୟ ସଂପାଦନ ପାଇଁ ସଂଶୋଧନ ମୂଳକ ପଦକ୍ଷେପ ନେଇନଥିଲେ । ଅନ୍ୟ ମହାନଗର ନିଗମଙ୍କ (ଅଗଷ୍ଟ 2023) ଉତ୍ତରକୁ ଅପେକ୍ଷା କରାଯାଇଥିଲା ।

## 6.5 ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଯୋଗୁଁ ପରିବେଶ ଉପରେ ପ୍ରଭାବ

ଅନୁଚ୍ଛେଦ **5.3.1** ଏବଂ **5.3.2** ରେ ଆଲୋଚନା ଅନୁଯାୟୀ , ସମସ୍ତ ସେୱରେଜ ପ୍ରକଳ୍ପ 9 ରୁ 14 ବର୍ଷରୁ ଅଧିକ ବିଳମ୍ବିତ ହୋଇଥିଲା । ଚୟନ କରାଯାଇଥିବା 5ଟି ମହାନଗର ନିଗମ ସମୀକ୍ଷା ସମୟରେ ଦେଖିବାକୁ ମିଳିଥିଲା ଯେ ମହାନଦୀ[168] , କାଠଯୋଡି[169], କୁଆଖାଇ, ଦୟା, ଗଙ୍ଗୁଆ[170], ବ୍ରାହ୍ମଣୀ[171] ଓ ବଙ୍ଗୋପସାଗରରେ ସିଧାସଳଖ ବର୍ଜ୍ୟଜଳ ନିଷ୍କାସିତ ହେଉଛି, ଯାହା ଫଳରେ ଜଳ ପ୍ରଦୂଷଣ ହେଉଛି ।

ଏସପିସିବି ପରୀକ୍ଷା ରିପୋର୍ଟ ଅନୁଯାୟୀ, ଜାନୁଆରୀରୁ ଜୁଲାଇ 2022 ମଧ୍ୟରେ ନଦୀ ଏବଂ ନାଳର ବିଭିନ୍ନ ଅଂଶର ଜଳର ଗୁଣବତ୍ତା ***ପରିଶିଷ୍ଟ –X*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ସମୀକ୍ଷା ନିରୀକ୍ଷଣ କଲା ଯେ:

- ସମସ୍ତ 6ଟି ନଦୀ/ନାଳର[172] 11ଟି ସ୍ଥାନରେ ଟିସି ଓ ଏଫସି ଧାର୍ଯ୍ୟ ସୀମା ଠାରୁ ଅଧିକ ଥିଲା । ବିଶ୍ଳେଷଣରୁ ଜଣାପଡିଛି ଯେ ଟିସି ଏବଂ ଏଫ୍‌ସି ବୃଦ୍ଧି ଯୋଗୁଁ ଏହି ଅଞ୍ଚଳରେ ବ୍ୟାକ୍ଟେରିଆ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ରହିଛି, ଯାହା ଜଳବାହିତ ରୋଗ ସୃଷ୍ଟି କରିବାର ସମ୍ଭାବନା ଅଛି ଏବଂ ଜଳର ଗୁଣବତ୍ତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ।
- ଛଅଟି ନଦୀ/ ନାଳର 10ଟି ସ୍ଥାନରେ ବିଓଡି ଅନୁମୋଦିତ ସୀମା ମଧ୍ୟରେ ନ ଥିଲା ବିଓଡି ସ୍ତର ବୃଦ୍ଧି ଡିଓ ସ୍ତରକୁ ହ୍ରାସ କରିବା ଏବଂ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି ।
- ଦୁଇଟି ନଦୀର ତିନୋଟି ସ୍ଥାନରେ ସିଓଡି ଅଧିକ ଥିଲା । ସେହିପରି 4ଟି ନଦୀର 7ଟି ସ୍ଥାନରେ ଡିଓ କମ୍ ରହିଥିଲା ।

ସରକାର (ମାର୍ଚ୍ଚ 2023) କହିଛନ୍ତି ଯେ ଡିସେମ୍ବର 2022 ସୁଦ୍ଧା 9ଟି ଏସଟିପି ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଛି ଏବଂ ବଳକା ନର୍ଦ୍ଦମା ଲାଇନ୍ ବିଛାଇବା ଏବଂ ଗୃହ ନର୍ଦ୍ଦମା ସେବା ସଂଯୋଗ ପ୍ରଦାନ କାର୍ଯ୍ୟ ଜାରି ରହିଛି । ଡିପିଆର୍ ରେ ଉଦ୍ଦିଷ୍ଟ ସାମାଜିକ ଲାଭ ଧୀରେ ଧୀରେ ଉପରୋକ୍ତ ଏସଟିପି ଗୁଡିକୁ କାର୍ଯ୍ୟକ୍ଷମ କରି ପ୍ରାପ୍ତ କରାଯିବ ଏବଂ ଟାର୍ଗେଟ ହୋଇଥିବା ଘରୋଇ ସଂଯୋଗ ସଂପୂର୍ଣ୍ଣ ହେବା ପରେ ସଂପୂର୍ଣ୍ଣ ରୂପେ ପ୍ରାପ୍ତ ହେବ । ସରକାର ଆହୁରି ମଧ୍ୟ କହିଛନ୍ତି ଯେ ନଦୀଗୁଡିକର ଜଳର ଗୁଣବତ୍ତା ମାନଦଣ୍ଡ ରେ ପରିବର୍ତ୍ତନ ହୋଇଛି, ଯାହା ସିପିସିବି ରିପୋର୍ଟ 2022 ରୁ ସ୍ପଷ୍ଟ ହୋଇଛି ଏବଂ ଗୃହ ନର୍ଦ୍ଦମା ସଂଯୋଗ ସଂପୂର୍ଣ୍ଣ ହେବା ପରେ ସେୱରେଜ ବ୍ୟବସ୍ଥାର ଲାଭ ସମ୍ପୂର୍ଣ୍ଣ ଭାବରେ ମିଳିପାରିବ । ଉଲେଖ ଯୋଗ୍ୟ, ସିପିସିବି ଦର୍ଶାଇଥିଲା ଯେ 5ଟି ନଦୀ ଯଥା ବ୍ରାହ୍ମଣୀ, ଦୟା, ଗଙ୍ଗୁଆ, କାଠଯୋଡି ଓ କୁଆଖାଇ (ବିଓଡି) ପାଇଁ ନିର୍ଦ୍ଧାରିତ ଜଳ ଗୁଣବତ୍ତା ମାନଦଣ୍ଡ ପାଳନ କରୁନାହାଁନ୍ତି । ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ବିଭାଗ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବାକୁ 09 ରୁ 14 ବର୍ଷରୁ ଅଧିକ ସମୟ ନେଇଥିଲା, ଯେଉଁଥି ପାଇଁ ଉଦ୍ଦିଷ୍ଟ ଲାଭ ମିଳି ନଥିଲା, ଯାହା ଜଳ ପ୍ରଦୂଷଣ ଏବଂ ମାନବ ଜୀବନ, ମୃତ୍ତିକା, ପନିପରିବା ଏବଂ ଜଳଜୀବ ପ୍ରତି ବିପଦ ସୃଷ୍ଟି କରିଥିଲା । ଏହା ବ୍ୟତୀତ ସିପିସିବି ରିପୋର୍ଟ 2022 ରେ କେବଳ ନଦୀଗୁଡିକର ନିର୍ଦ୍ଧାରିତ ଜଳ ଗୁଣବତ୍ତା ବିଓଡି ପାଇଁ ଅନୁପାଳନ ନ କରିବା ଏବଂ ସମୀକ୍ଷା ଦ୍ୱାରା ଦର୍ଶାଯାଇଥିବା ଅନ୍ୟାନ୍ୟ ମାନଦଣ୍ଡ ପାଇଁ ଜଳର ଗୁଣବତ୍ତା ପାଳନ ନ କରିବାକୁ ଦର୍ଶାଯାଇଛି ।

ଜଳ ପ୍ରଦୂଷଣ ଜନସ୍ୱାସ୍ଥ୍ୟ ଇକୋସିଷ୍ଟମ ପାଇଁ ବିପଦ ସୃଷ୍ଟି କରେ । ସାରା ରାଜ୍ୟରେ **42.24** ଲକ୍ଷ ଡାଇରିଆ, **4.63** ଲକ୍ଷ ଟାଇଫଏଡ, **0.12** ଲକ୍ଷ ହେପାଟାଇଟ୍ ଏବଂ **0.12** ଲକ୍ଷ ବୃକକ୍ ରୋଗରେ ଆକ୍ରାନ୍ତ ହୋଇଥିଲେ, ଯାହା ମୁଖ୍ୟତଃ ଆର୍ଥିକ ବର୍ଷ **2017-22** ରେ ଜଳ ପ୍ରଦୂଷଣ ଯୋଗୁଁ ହୋଇଥିଲା

### 6.5.1 ଜଳ ପ୍ରଦୂଷଣ ପ୍ରଭାବ

ଦୂଷିତ ପାଣିର ବ୍ୟବହାର ମଣିଷ ତଥା ପରିବେଶ ପାଇଁ ସ୍ୱାସ୍ଥ୍ୟ ଗତ ବିକାର ସୃଷ୍ଟି କରିଥାଏ । ଦୂଷିତ ପାଣିର ବ୍ୟବହାର ଯୋଗୁଁ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ବିକାର ମଧ୍ୟରେ ଚର୍ମ,ପାଚନ,ଶ୍ୱାସକ୍ରିୟା ଏବଂ ସ୍ନାୟୁ ପ୍ରଣାଳୀ, କିଡନୀ, ମେରୁଦଣ୍ଡ ଏବଂ ହୃଦୟ ସମ୍ବନ୍ଧୀୟ ବ୍ୟାଧି ମାନସିକ ଅସନ୍ତୁଳ, ଗର୍ଭପାତ ଏବଂ କର୍କଟ ରୋଗ ଅନ୍ତର୍ଭୁକ୍ତ । ଦୂଷିତ

[168] ମହାନଦୀ ଧୋବିଜୋର ନାଳ, ସମ୍ବଲପୁର ସହର ଓ କଟକ ସହର (ପୁଲିସ କଲୋନି ନିକଟରେ) ଦେଇ ଯାଉଥିବା ବର୍ଜ୍ୟ ଜଳ ଦ୍ୱାରା ପ୍ରଦୂଷିତ ହେଉଥିଲା ।

[169] ଖାନନଗର ଓ ମତଗଜପୁରଠାରେ ପେଟ୍ଟାନାଳ, କଟକ ଓ କଟକ ସହରର ସେୱରେଜ୍ ପାଣି ଦ୍ୱାରା କାଠଯୋଡ଼ି ନଦୀ ପ୍ରଦୂଷିତ ହେଉଥିଲା ।

[170] ଦୟା ଓ ଗଙ୍ଗୁଆ ନଦୀ ଭୁବନେଶ୍ୱର ସହରର ବର୍ଜ୍ୟଜଳ ଓ ଶିଳ୍ପ ବର୍ଜ୍ୟଜଳ ଦ୍ୱାରା ପ୍ରଦୂଷିତ ହେଉଥିଲା ।

[171] ବ୍ରାହ୍ମଣୀ ନଦୀ ରାଉରକେଲା ସହରର ବର୍ଜ୍ୟଜଳ ଓ ସେଲ୍‌ର ଶିଳ୍ପ ବର୍ଜ୍ୟଜଳ ଦ୍ୱାରା ପ୍ରଦୂଷିତ ହେଉଥିଲା ।

[172] ସିଏମ୍‌ସିର କାଠଯୋଡ଼ି ଓ ମହାନଦୀ, ବିଏମ୍‌ସିର ଦୟା ଓ ଗଙ୍ଗୁଆ, ବ୍ରାହ୍ମଣୀ ଓ ଆରଏମସିର ଗୁରାଡ଼ି ନାଳ

ପାଣି ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ । ପ୍ରଦୂଷିତ ଜଳର ପ୍ରଭାବ, ମାନବ , ଜୀବନ, ମାଟି ପନିପରିବା ଏବଂ ଜଳଜୀବ ଉପରେ ପଡିବା ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯାଇଛି ।

## 6.5.2 ମନୁଷ୍ୟ

ସ୍ୱାସ୍ଥ୍ୟ ବିଭାଗ ଓଡିଶା ସରକାର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 42,23,675 ଜଣ ତୀବ୍ର ଝାଡାବାନ୍ତିରେ, ଟାଇଫଏଡ ରେ 4,62,660 ହେପାଟାଇଟସ୍ ଦ୍ୱାରା 12,442 ଏବଂ 11,612 ବୃକକ ରୋଗରେ ଆକ୍ରାନ୍ତ ହୋଇଥିଲେ । ମନୋନୀତ ହୋଇଥିବା ପାଞ୍ଚଟି ମହାନଗର ନିଗମକୁ ଅନ୍ତର୍ଭୁକ୍ତ କରୁଥିବା ଜିଲ୍ଲାଗୁଡିକରେ ପ୍ରମୁଖ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂଖ୍ୟା ନିମ୍ନରେ **ଚାର୍ଟ-5** ଦର୍ଶାଯାଇଛି :

Chart-5: Status of diseases arising out of water contamination, in the five selected districts during 2017-22




| | Ganjam | Khurda | Sundargarh | Cuttack | Sambalpur |
|---|---|---|---|---|---|
| Renal | 64 | 255 | 137 | 240 | 63 |
| ADD | 284805 | 222746 | 211693 | 115120 | 94815 |
| Typhoid | 13066 | 18164 | 17563 | 12109 | 5902 |
| Hepatitis | 158 | 226 | 298 | 1010 | 1019 |

*(ଉତ୍ସ: ପରିବାର ଏବଂ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ, ଜିଓଓ ଦ୍ୱାରା ପ୍ରଦତ୍ତ ସୂଚନା)*

ଗଞ୍ଜାମ ଜିଲ୍ଲାରେ ଆକ୍ୟୁଟ ଡାଇରିଆ ରୋଗ (ଏଡିଡି) ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ବିଇଏମସି ରେ ସେୱରେଜ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନାହିଁ, ତା ପରେ ଖୋର୍ଦ୍ଧା, ସୁନ୍ଦରଗଡ଼, କଟକ ଓ ସମ୍ବଲପୁର ଜିଲ୍ଲା ରହିଛି । ଜଳ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ଅନ୍ୟ ଏକ ବଡ଼ ରୋଗ ହେଉଛି ହେପାଟାଇଟିସ, ସମ୍ବଲପୁର ସର୍ବାଧିକ ପ୍ରଭାବିତ ଜିଲ୍ଲା ହୋଇଥିବା ବେଳେ ଏହା ପରେ କଟକ ରହିଛି । ତୃତୀୟ ବୃହତ ରୋଗ ହେଲା ଟାଇଫଏଡ଼ ଏବଂ ଏହି ରୋଗରେ ସର୍ବାଧିକ ପ୍ରଭାବିତ ଜିଲ୍ଲା ହେଲା ଖୋର୍ଦ୍ଧା, ଏହା ପରେ ସୁନ୍ଦରଗଡ଼,ଗଞ୍ଜାମ, କଟକ ଓ ସମ୍ବଲପୁର । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ବୃକକ୍ ରୋଗ ସର୍ବାଧିକ ଥିବା ବେଳେ ଏହା ପରେ କଟକ, ସୁନ୍ଦରଗଡ଼, ଗଞ୍ଜାମ ଓ ସମ୍ବଲପୁରରେ ରହୁଛି ।

ସମୀକ୍ଷା ମନୋନୀତ ମହାନଗର ନିଗମ ଗୁଡିକରେ ଏକ ହିତାଧିକାରୀ ସର୍ଭେ କରିଥିଲା ଯାହାକି କ୍ୟୁଆର୍ କୋଡ୍ ସହିତ ଦିଆଯାଇଥିବା ଭିଡିଓରେ ଦର୍ଶାଯାଇଛି ।

https://youtu.be/APa0w0olpC8
ବ୍ରାହ୍ମଣୀ ନଦୀ ଏବଂ ଆରଏମସି ସେୱରେଜ୍ ବର୍ଜ୍ୟବସ୍ତୁର ମିଳନ ସ୍ଥଳ ବାଲୁଘାଟ, ରାଉରକେଲାରେ ସର୍ବେକ୍ଷଣ 08.12.2022

https://youtu.be/fWq0InbTgpA
31.10.2022 ଦିନ ଦୟା

https://youtu.be/nIMSDLvtFVs
କଟକ ମୁଖ୍ୟ ଡ୍ରେନ ନଂ 1 ରୁ କାଠଯୋଡ଼ି ନଦୀକୁ ନିର୍ଗମନ ବର୍ଜ୍ୟ ଜଳ ଯୋଗୁ ପ୍ରଦୂଷଣ ହେଉଛି

## 6.5.3 ମାଟି ଓ ପନିପରିବା

ଭୁବନେଶ୍ୱରସ୍ଥିତ ଜଳ ପରିଚାଳନା ପ୍ରତିଷ୍ଠାନ (2014) ଦ୍ୱାରା ଜଳର ଗୁଣବତ୍ତା ସର୍ବେକ୍ଷଣ (2014) କରାଯାଇଥିଲା,ଯେଉଁଥିରେ ଦର୍ଶାଯାଇଥିଲା ଯେ ଭୁବନେଶ୍ୱର ସହରରେ 10ଟି ଖୋଲା ଡ୍ରେନ ଗଙ୍ଗୁଆ ନାଳ- ଦୟା ନଦୀରେ ପ୍ରବେଶ କରିଛି । ଉପରୋକ୍ତ ରିପୋର୍ଟ ଅନୁଯାୟୀ, ଜଳସେଚନର ଅନ୍ୟ ଉତ୍ସଗୁଡିକରେ ଉତ୍ପାଦିତ ନମୁନା ତୁଳନାରେ ସମସ୍ତ ଗଙ୍ଗୁଆ ଜଳସେଚିତ ପନିପରିବାରେ ଭାରୀ ଧାତୁର ମାତ୍ରା ଅଧିକ ରହିଥିଲା । ଏଭଳି ବର୍ଜ୍ୟଜଳ ବ୍ୟବହାର କରିବାର ବିପଦକୁ ହ୍ରାସ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଆବଶ୍ୟକ ଥିଲା, ଯେହେତୁ ପ୍ରଦୂଷିତ ଜଳ ଜଳସେଚନରେ ଉତ୍ପାଦିତ ପନିପରିବା ସେବନ ବିପଦପୂର୍ଣ୍ଣ ଏବଂ ମାନବ ଜୀବନ ପାଇଁ କ୍ଷତିକାରକ, କାରଣ ଏଥିରେ ପ୍ରଚୁର ପରିମାଣରେ ବିଷାକ୍ତ ତତ୍ତ୍ୱ ରହିଛି ।

ପ୍ରଦୂଷିତ ଜଳ ଜଳସେଚନରେ ପ୍ରଭାବ ମାଟିର ଗୁଣ ଏବଂ ଫସଲର ଗୁଣବତ୍ତା, ବିଶେଷ କରି ବିଷାକ୍ତ ତତ୍ତ୍ୱ ପ୍ରଦୂଷଣ ଉପରେ ଆକଳନ କରିବା ପାଇଁ ଓୟୁଏଟି ଏବଂ ଓଡିଶାର ମହାଲେଖାକାର ଲେଖାପରୀକ୍ଷା-II ଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ସ୍ୱାଧୀନ କ୍ଷେତ୍ର ଓ ପରୀକ୍ଷାଗାର ଅଧ୍ୟୟନ (ଫେବୃଆରୀ 2023) କରାଯାଇଥିଲା ।

### 6.5.3.1 ମାଟି, ପାଣି ଓ ଫସଲ ନମୁନା ସଂଗ୍ରହ ଓ ପ୍ରସ୍ତୁତି ପଦ୍ଧତି

ଫେବୃଆରୀ 2023 ରେ ଗଙ୍ଗୁଆ ନାଳ କୂଳରୁ ସଂଗ୍ରହ କରାଯାଇଥିବା ମାଟି ନମୁନା, ଦୟା ନଦୀରୁ ସଂଗ୍ରହ କରାଯାଇଥିବା ଜଳ ନମୁନା ଏବଂ ଇଟିପୁର ଅଞ୍ଚଳର ସ୍ଥାନୀୟ ଚାଷୀଙ୍କ ଠାରୁ ପନିପରିବା ସଂଗ୍ରହ କରାଯାଇଥିଲା, ଗଙ୍ଗୁଆ ନାଳ ଦ୍ୱାରା ଜଳସେଚିତ ମାଟିରେ ଉତ୍ପାଦିତ ମାଟି, ପାଣି ଏବଂ ପନିପରିବା ପରୀକ୍ଷା କରାଯାଇଥିଲା । ଭାରୀ ଧାତୁ ପ୍ରଦୂଷଣ ଆକଳନ କରିବା ପାଇଁ ସବୁଜ ପତ୍ର (ଶାଗ) ବାଇଗଣ, ଧନିଆ ପତ୍ର, କୋବି, ଫୁଲକୋବି ଓ ମୂଳା ଆଦି ଛଅଟି ପନିପରିବା ଫସଲ ସଂଗ୍ରହ କରାଯାଇଥିଲା ।

**15 ଫେବୃଆରୀ 2023 ରେ ଓୟୁଏଟି ମୃତ୍ତିକା ବିଜ୍ଞାନ ବିଭାଗ ସହାୟତାରେ ସମୀକ୍ଷା ଦଳ ଦ୍ୱାରା ମାଟି, ପନିପରିବା ଓ ପାଣି ନମୁନା ସଂଗ୍ରହ**




**ଫଟୋ 52**: 15 ଫେବୃଆରୀ 2023 ସମୀକ୍ଷା ଦଳ ଦ୍ୱାରା ମାଟି ଏବଂ ପନିପରିବା ନମୁନା ସଂଗ୍ରହ




**ଫଟୋ -53**: 15 ଫେବୃଆରୀ 2023 ସମୀକ୍ଷା ଦଳ ଦ୍ୱାରା ଜଳ ନମୁନା ସଂଗ୍ରହ

**ଫଳାଫଳ:** ଫୁଲକୋବିରେ ମୋଟ ଭାରୀ ଧାତୁର ମାତ୍ରା ସର୍ବାଧିକ ଥିବା ବେଳେ ଧନିଆ ପତ୍ର, ମୂଳା, ସବୁଜ ପତ୍ର, ବାଇଗଣ ଓ କୋବିରେ ରହିଥିଲା । ପନିପରିବାରେ ମିଳୁଥିବା ଭାରୀ ଧାତୁର ପ୍ରଜାତି ଆଇରନ୍ > ଜିଙ୍କ୍ > ନିକେଲ୍> ଲିଡ୍ > କ୍ୟାଡମିୟମ୍ > କ୍ରୋମିୟମ୍ କ୍ରମରେ ଥିଲା । ନମୁନା ହୋଇଥିବା ପନିପରିବାରେ ଭାରୀ ଧାତୁର ମାତ୍ରା ଚାର୍ଟ – **6** ରେ ପ୍ରଦର୍ଶିତ ହୋଇଛି ।




| | Cauliflower | Coriander leaf | Radish | Greens | Brinjal | Cabbage |
|---|---|---|---|---|---|---|
| Iron | 4.433 | 4.387 | 3.521 | 3.450 | 3.225 | 3.175 |
| Zinc | 0.658 | 0.551 | 0.512 | 0.562 | 0.620 | 0.559 |
| Nickel | 0.279 | 0.247 | 0.176 | 0.135 | 0.116 | 0.165 |
| Lead | 0.074 | 0.052 | 0.072 | 0.065 | 0.051 | 0.065 |
| Cadmium | 0.037 | 0.012 | 0.059 | 0.043 | 0.012 | 0.020 |
| Mean | 1.096 | 1.050 | 0.868 | 0.851 | 0.805 | 0.797 |

ପନିପରିବା ଫସଲରେ ବିଷାକ୍ତ ତତ୍ତ୍ୱର ଉପସ୍ଥିତି ମଣିଷ ଓ ପଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି ।

ସରକାର /ଓଡବ୍ଲୁଏସଏସବିଙ୍କ ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଜୁଲାଇ 2024 ସୁଦ୍ଧା) ।

### 6.5.4 ଜଳଜୀବ

ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍), ଓଡ଼ିଶା ରିପୋର୍ଟ[173] ମଇ 2020 ନିଶ୍ଚିତ କରିଛି ଯେ, ଶିଳ୍ପ ଓ ଅନ୍ୟାନ୍ୟ ବର୍ଜ୍ୟଜଳ ଯୋଗୁଁ ଚିଲିକାର ଜଳ ଓ ମାଛ ପ୍ରଜାତିରେ ଭାରି ଧାତୁର ମାତ୍ରା ରହିଛି । କେନ୍ଦ୍ରୀୟ ମଧୁର ଜଳ ଜଳଚାଷ ସଂସ୍ଥାନ (ସିଆଇଏଫ୍ଏ) ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଭାରତ ସରକାର କହିଛନ୍ତି ଅଧିକ ଜୈବିକ ପରିମାଣ ଏବଂ ବହୁତ ଅଧିକ ବିଓଡି ସ୍ତର କାରଣରୁ ଡିଓ ହଠାତ୍ ହ୍ରାସ ପାଇଥିଲା । ଯାହାଫଳରେ ବ୍ୟାପକ ମାଛ ମୃତ୍ୟୁ ଘଟିଛି । ତେଣୁ, ଗଙ୍ଗୁଆ, ଦୟା ଓ ବ୍ରାହ୍ମଣୀ ପାନପୋଷ ଠାରେ ନଦୀର ଉଚ୍ଚ ବିଓଡି ଓ କମ୍ ଡିଓ ଜଳଜୀବଙ୍କ ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି ।

## 6.6 ବର୍ଷା ଜଳ ନିଷ୍କାସନ ପ୍ରବାହ ପାଇଁ ଗୁଣାତ୍ମକ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଜଳାଶୟ ପ୍ରଦୂଷଣ ହୋଇଛି

ଆଇଆର୍‌ସି-ଏସ୍‌ପି- 50-2013 ର ଅନୁଚ୍ଛେଦ 12.9(a) ରେ କୁହାଯାଇଛି ଯେ ବର୍ଷକୁ ଅତି କମରେ ଦୁଇଥର ପ୍ରବଳ ବର୍ଷା ହେବା ତୁରନ୍ତ ପରେ ଥରେ ଡ୍ରେନେଜ୍ ବ୍ୟବସ୍ଥାର ଯାଞ୍ଚ କରାଯିବା ଉଚିତ୍ ଏବଂ ପ୍ରବାହର ଗୁଣବତ୍ତା ଏବଂ ପରିମାଣ ଅନୁଧାନ ଏବଂ ରେକର୍ଡ କରାଯିବା ଉଚିତ୍ ।

ଏମ୍‌ସି ଗୁଡ଼ିକର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ବିଭିନ୍ନ ସ୍ଥାନରେ ଜଳ ନମୁନା ପରୀକ୍ଷା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏସ୍‌ପିସିବିକୁ ସାମିଲ୍ କରିବା କିମ୍ବା ଅନ୍ୟ କୌଣସି ପଦ୍ଧତିରେ ବର୍ଷା ଜଳର ଗୁଣବତ୍ତା ପରୀକ୍ଷା ପାଇଁ ମହାନଗର ନିଗମ ଗୁଡ଼ିକ କୌଣସି ପଦକ୍ଷେପ ନେଇନାହାନ୍ତି । ଏସ୍‌ଡବ୍ଲ୍ୟୁଡି ପାଇଁ ଆବଶ୍ୟକ ଗୁଣବତ୍ତା ନିୟନ୍ତ୍ରଣ ପଦ୍ଧତି ଅଭାବରୁ ମହାନଗର ନିଗମ ଅଞ୍ଚଳରେ ଜଳାଶୟ ଗୁଡ଼ିକ ଅତ୍ୟନ୍ତ ପ୍ରଦୂଷିତ ହୋଇଥିଲା ।



**ଫଟୋ 54:** ଗୁରାଡ଼ି ନାଳ ତରକେରା ନାଳର ମିଳିତ ବର୍ଜ୍ୟଜଳ ବହନ କରି ଦେଓଗାଁ, ଆରଏମ୍‌ସି ଠାରେ ବ୍ରାହ୍ମଣୀ ନଦୀରେ ପ୍ରବାହିତ ହେଉଛି



**ଫଟୋ 55:** କଟକ ଖାନନଗରରେ କାଠଯୋଡ଼ି ନଦୀକୁ ନିଷ୍କାସିତ ହେଉଥିବା ବର୍ଜ୍ୟଜଳ



**ଫଟୋ 56:** କଟକ ଯୋବ୍ରା ଠାରେ ମହାନଦୀକୁ ନିଷ୍କାସିତ ହେଉଥିବା ବର୍ଜ୍ୟଜଳ




**ଫଟୋ 57:** ଗଙ୍ଗୁଆ ନାଳ ଦେଇ ଯାଉଥିବା ବିଏମସି ଅଞ୍ଚଳର ବର୍ଜ୍ୟ ଜଳ କଣ୍ଟି ଗାଁ ନିକଟ ଦୟା ନଦୀରେ ପ୍ରବାହିତ ହେଉଛି



**ଫଟୋ 58:** ମଟଗଜପୁରର ମୁଖ୍ୟ ଡ୍ରେନ I କାଠଯୋଡ଼ି ନଦୀକୁ ପ୍ରବାହିତ ହେଉଛି



**ଫଟୋ 59:** ମଟଗଜପୁରରେ ଗୁଲଗୁଲି ନାଳ ବର୍ଜ୍ୟ ଜଳ ମହାନଦୀକୁ ପ୍ରବାହିତ ହେଉଛି

ଏହାର ଜବାବରେ ବିଏମସି (ଅକ୍ଟୋବର 2022) କହିଥିଲା ଯେ, ନର୍ଦ୍ଦମା ଲାଇନ ସହ ଘରୋଇ ସଂଯୋଗ ଶେଷ ହେବା ପରେ ହିଁ ସମସ୍ୟାର ସମାଧାନ ହୋଇପାରିବ । ତେବେ ବର୍ଷା ଜଳର ଗୁଣବତ୍ତା ପରୀକ୍ଷା ନେଇ ଉତ୍ତର ନିରବ ରହିଥିଲା । ଅନ୍ୟ ମହାନଗର ନିଗମ ମାନେ  ସମୀକ୍ଷା ମନ୍ତବ୍ୟ ଉପରେ କୌଣସି ନିର୍ଦ୍ଦିଷ୍ଟ  ଉତ୍ତର ପ୍ରଦାନ କରି ନାହାଁନ୍ତି ।

173 ରିପୋର୍ଟ ଓଡ଼ିଶାର ବାଲୁଗାଁ ଓ ଚିଲିକାର ପାଣି ମାଛ ଟିସୁରେ ଭାରୀ ଧାତୁର ଜୈବ ସଞ୍ଚୟ

## 6.7 ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା ଅଧିନରେ କାର୍ଯ୍ୟର ଗୁଣବତ୍ତା ପରିଚାଳନା

ଆରଡବ୍ଲୁଏଚଏସର ଏସଓପିର ପାରା 8 ଅନୁଯାୟୀ ପିଏଚଇଓ କିମ୍ବା ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ସ୍ଥିର କରାଯାଇଥିବା ଏକ ଆଭ୍ୟନ୍ତରୀଣ ଗୁଣବତ୍ତା ତଦାରଖ ଦଳ ଗଠନ କରି ଉତ୍ତମ ଗୁଣବତ୍ତା ସୁନିଶ୍ଚିତ କରିବା ସହିତ ସମ୍ପତ୍ତିର ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଏକ ପ୍ରଭାବଶାଳୀ ଗୁଣବତ୍ତା ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏହାବ୍ୟତୀତ ଗୁଣବତ୍ତା ତଦାରଖ ଦଳ ପ୍ରତ୍ୟେକ ସାଇଟ୍ ପରିଦର୍ଶନ ପରେ ନିର୍ଦ୍ଧାରିତ ଫର୍ମାଟରେ ଯାଞ୍ଚର ଏକ ବିସ୍ତୃତ ବିବରଣୀ ଦାଖଲ କରିବେ।

ସମୀକ୍ଷାରୁ ଜଣାପଡିଛି ଯେ ଚୟନ କରାଯାଇଥିବା ପାଞ୍ଚଟି ମହାନଗର ନିଗମରେ ବର୍ଷା ଜଳ ସଂରକ୍ଷଣ ଢ଼ାଞ୍ଚା ଆାରଡବ୍ଲୁଏଚଏସ ର ଏଭଳି କୌଣସି ଗୁଣବତ୍ତା ତଦାରଖ କରାଯାଇ ନାହିଁ। ମହାନଗର ନିଗମ କି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ, ଆଭ୍ୟନ୍ତରୀଣ ଗୁଣାତ୍ମକ ତଦାରଖ ଦଳ ଗଠନ କରାଯାଇ ନାହିଁ। ଏହା ବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଅନେକ କାର୍ଯ୍ୟ ସମ୍ପାଦନ କରାଯାଇଥିବାରୁ, ଯେଉଁଥିରେ ମୁଖ୍ୟତଃ ଅଣ ବୈଷୟିକ ବ୍ୟକ୍ତି ସାମିଲ ଥିଲେ, ବିଭାଗ ପକ୍ଷରୁ ଏସଓପି ନିର୍ଦ୍ଧାରିତ ଗୁଣାତ୍ମକ ତଦାରଖ ସୁନିଶ୍ଚିତ କରାଯାଇପାରିବ ନାହିଁ।

ସରକାର କହିଛନ୍ତି (ଏପ୍ରିଲ 2023) ଯେ ୟୁଏଲବି ଗୁଡିକୁ ନିୟମିତ ସ୍ଥାନ ପରିଦର୍ଶନ ଏବଂ ସଂପୃକ୍ତ ଯନ୍ତ୍ରୀଙ୍କ ଦ୍ୱାରା ସଂପାଦିତ କାର୍ଯ୍ୟର ବୈଷୟିକ ତଦାରଖ ଦ୍ୱାରା ନିର୍ମାଣର ଗୁଣବତ୍ତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ଆରଡବ୍ଲୁଏଚଏସଇ ଗୁଣବତ୍ତା ତଦାରଖ କରିବା ପାଇଁ କୌଣସି ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁଏଲବି ଆଭ୍ୟନ୍ତରୀଣ ଗୁଣବତ୍ତା ତଦାରଖ ଟିମ୍ ଗଠନ କରି ନ ଥିଲେ।

## 6.8 ମାପ ଯାଞ୍ଚ ହୋଇ ନାହିଁ

ଓପିଡବ୍ଲୁଡି କୋଡର *ପରିଶିଷ୍ଟ- II* ରେ କୁହାଯାଇଛି ଯେ ଉପଖଣ୍ଡ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଅଧସ୍ତନ ଅଧିକାରୀଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ମାପଗୁଡିକର ସଠିକତା ଯାଞ୍ଚ କରିବେ। ବିଭାଗୀୟ ଅଧିକାରୀ ବିଶେଷ କରି 10 ପ୍ରତିଶତ କାମର ମାପ ଯାଞ୍ଚ କରିବେ। ଓପିଡବ୍ଲୁଡି କୋଡ୍ ର 2.2.9 ଏବଂ 2.2.23 ଅନୁଚ୍ଛେଦ ଅନୁଯାୟୀ, କାର୍ଯ୍ୟକାରୀ ହେଉଥିବାର ବିଭିନ୍ନ କାର୍ଯ୍ୟର ଯାଞ୍ଚ କରୁଥିବା ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳରେ ରଖାଯାଇଥିବା ନିରୀକ୍ଷଣ ରେଜିଷ୍ଟରରେ ସେମାନଙ୍କର ଅନୁସନ୍ଧାନକୁ ସର୍ବଦା ଲିପିବଦ୍ଧ କରିବା ଉଚିତ୍।

ସମୀକ୍ଷାରୁ ଜଣାପଡିଛି ଯେ ଡ୍ରେନେଜ ଓ ସ୍ୱେରେଜ କାର୍ଯ୍ୟ ପାଇଁ ଏମ୍ସି/ ଓଡବ୍ଲୁଏସଏସବି ଓ ୱାଟକୋ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏଭଳି କୌଣସି ଯାଞ୍ଚ କରାଯାଇନଥିବା ଏବଂ ଉପରୋକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚେକ୍ ମାପ ରେଜିଷ୍ଟର ରକ୍ଷଣାବେକ୍ଷଣ କରାଯାଇନଥିଲା । ଯନ୍ତ୍ରୀମାନେ ଯିଏ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ ଗୁଣାତ୍ମକ କାର୍ଯ୍ୟ ଦକ୍ଷତା ସୁନିଶ୍ଚିତ କରିବା ପାଇଁ କୌଣସି ଯାଞ୍ଚ ନୋଟ୍ ଜାରି କରିନଥିଲେ। ଚେକ୍ ମାପ ଅଭାବରୁ ମାପରେ ତୃଟି ଯୋଗୁଁ ଅତିରିକ୍ତ ଦେୟ ମିଳିବାର ସମ୍ଭାବନାକୁ ଏଡାଇ ଦିଯାଆଯାଇପାରିବ ନାହିଁ ।

ସରକାର କହିଛନ୍ତି (ମାର୍ଚ୍ଚ 2023) ଯେ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ କୌଣସି ଦେୟ ଦେବା ପୂର୍ବରୁ ଓଡବ୍ଲୁଏସଏସବିର ଇଞ୍ଜିନିୟରମାନଙ୍କ ଦ୍ୱାରା ସମସ୍ତ ମାପ ଯାଞ୍ଚ ଏବଂ ମାପ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ କାରଣ ଓଡବ୍ଲୁଏସଏସବି ଏହାର କୌଣସି ଦସ୍ତାବିଜ ପ୍ରମାଣ ଉପସ୍ଥାପନ କରିନଥିଲା।

## 6.9 ଆଇନର ଉଲ୍ଲଂଘନ କରି ହସ୍ତଚାଳିତ ସଫେଇକର୍ମୀଙ୍କୁ ନିୟୋଜିତ କରିବା

ହସ୍ତଚାଳିତ ସଫେଇକର୍ମୀ ଭାବରେ ନିଯୁକ୍ତି ନିଷେଧ ଏବଂ ସେମାନଙ୍କ ଥଇଥାନ ଆଇନ (ପିଇଏମଏସଆର ଅଧିନିୟମ) 2013 ର ଧାରା 5 (ବି) ଅନୁଯାୟୀ, କୌଣସି ବ୍ୟକ୍ତି ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା କୌଣସି ସଂସ୍ଥା, ଉପରୋକ୍ତ ଆଇନ୍ କାର୍ଯ୍ୟକାରୀ ହେବା ପରେ, ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ହସ୍ତଚାଳିତ ସଫେଇକର୍ମୀ ନିଯୁକ୍ତ କିମ୍ବା ନିୟୋଜିତ କରିପାରିବେ ନାହିଁ ଏବଂ ପ୍ରତ୍ୟେକ ବ୍ୟକ୍ତି, ଯିଏ ନିୟୋଜିତ କିମ୍ବା ନିଯୁକ୍ତ ହୋଇଥିବେ ତୁରନ୍ତ ବାଧ୍ୟତାମୂଳକ ହସ୍ତଚାଳିତ ସଫେଇ କରିବା ଦାୟିତ୍ୱରୁ ମୁକ୍ତ ହେବେ।

ଓ୍ୱାଟ୍‌କୋ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ନର୍ଦ୍ଦମା ଲାଇନର ହସ୍ତଚାଳିତ ସଫେଇ କାର୍ଯ୍ୟରେ ନିୟୋଜିତ 4 ଜଣ ସଫେଇ କର୍ମଚାରୀ (ମାର୍ଚ୍ଚ 2021 ଏବଂ ଅପ୍ରେଲ 2021) ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ । ହସ୍ତଚାଳିତ ସଫେଇବାଲାଙ୍କ ନିଯୁକ୍ତି ଏହି ଆଇନର ଉଲ୍ଲଂଘନ ଥିଲା ଏବଂ ଏଥିପାଇଁ 4 ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା, ଯାହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା ।

ଓ୍ୱାଟ୍‌କୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି (ମାର୍ଚ୍ଚ 2023) ଯେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଦାୟିତ୍ୱବାନ ପରିମଳ କର୍ତ୍ତୃପକ୍ଷ ନିଯୁକ୍ତ କରାଯାଇଛି ଏବଂ ସ୍ୱେରେଜ୍ ବ୍ୟବସ୍ଥାରେ ପ୍ରବେଶ ସମୟରେ ସମସ୍ତ ସତର୍କତା ଏବଂ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଇଛି । ହସ୍ତଚାଳିତ ସଫେଇ କର୍ମଚାରୀ ନିଯୁକ୍ତି ଆଇନର ଉଲ୍ଲଂଘନ ହୋଇଥିବାରୁ ଉତ୍ତର ଯୁକ୍ତିଯୁକ୍ତ ନଥିଲା ।

## 6.10 ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକଳାପର ଅନୁପସ୍ଥିତି

ସ୍ୱେରେଜ୍ ନିୟମାବଳୀ 2013 (ପାର୍ଟ-ସି)ଏସ୍‌ଡବ୍ଲ୍ୟୁଡି ମାନୁଆଲ (ଭାଗ ସି) ଏବଂ ଅନୁଚ୍ଛେଦ 2.18.1 ର ଚତୁର୍ଥ ଅଧ୍ୟାୟ ଅନୁଯାୟୀ, ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ବ୍ୟକ୍ତି ବିଶେଷ ଏବଂ ସମ୍ପ୍ରଦାୟରେ ବିପଦ ହ୍ରାସକାରୀ ଆଚରଣ ପରିବର୍ତ୍ତନକୁ ପ୍ରୋତ୍ସାହିତ ଏବଂ ବଜାୟ ରଖିବା ପାଇଁ ଏକ ବହୁସ୍ତରୀୟ ଉପକରଣ ଅଟେ । ସ୍ୱେରେଜ୍ ମାନୁଆଲ 2013 ର ପରିଶିଷ୍ଟ 9 ଅନୁଯାୟୀ, ସଚେତନତା ସୃଷ୍ଟି ପାଇଁ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବାରେ ନାଗରିକମାନଙ୍କ ସହ ଭାଗିଦାରୀ ବିକଶିତ କରିବା ପାଇଁ ସ୍ୱେରେଜ୍ ପରିଚାଳନା ପାଇଁ ଆଇଇସି କାର୍ଯ୍ୟକଳାପ ଉପରେ ଖର୍ଚ୍ଚ ବାବଦରେ 0.25 ରୁ 0.50 ପ୍ରତିଶତ ବ୍ୟବସ୍ଥା କରାଯିବା ଉଚିତ୍ ।

ସମୀକ୍ଷା ଦର୍ଶାଇଛି (ଜୁଲାଇ 2022) ଯେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମନୋନୀତ ପାଞ୍ଚଟି ମହାନଗର ନିଗମ ଓଡବ୍ଲ୍ୟୁଏସ୍ଏସ୍‌ବି ଏବଂ ଓ୍ୱାଟ୍‌କୋ ଦ୍ୱାରା ଆଇଇସି କାର୍ଯ୍ୟକଳାପ ପାଇଁ ପାଣ୍ଠି ପ୍ରଦାନ କରାଯାଇ ନାହିଁ କିମ୍ବା ତାଲିମ ଦିଆଯାଇନାହିଁ । ସେଥିପାଇଁ ଏସ୍‌ଡବ୍ଲ୍ୟୁଡି ଏସ୍ଏମ୍ଏସ୍‌ରେ ନାଗରିକଙ୍କ ଅଂଶ ଗ୍ରହଣ ସୁନିଶ୍ଚିତ ହୋଇପାରିନାହିଁ ।

କେନ୍ଦ୍ର ସରକାର କହିଛନ୍ତି (ମାର୍ଚ୍ଚ 2023) ଯେ, ପ୍ରକଳ୍ପଗୁଡ଼ିକର ସାମାଜିକ ବିକାଶ ଉପାଦାନ ଅଧୀନରେ କଟକ ଓ ଭୁବନେଶ୍ୱରରେ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତି କାର୍ଯ୍ୟକ୍ରମ ଓଆଇଏସ୍ଆଇପି ଅଧୀନରେ ବିଦ୍ୟାଳୟ ଓ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା ଏବଂ କୋଭିଡ୍-19 ମହାମାରୀକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକଳାପକୁ ସ୍ଥଗିତ ରଖାଯାଇଥିଲା । ସେହିଭଳି ରାଉରକେଲାରେ ଗୃହ ନର୍ଦ୍ଦମା ସଂଯୋଗ ବୃଦ୍ଧି ପାଇଁ ଆଇଇସି କାର୍ଯ୍ୟକ୍ରମ ଚାଲିଛି । ସ୍ୱେରେଜ୍ ପ୍ରକଳ୍ପର କୌଣସି ଡିପିଆର୍ ଆଇଇସି କାର୍ଯ୍ୟକଳାପ ପାଇଁ ଖର୍ଚ୍ଚ ପ୍ରଦାନ କରିନଥିବାରୁ ଉତ୍ତର ଉପଯୁକ୍ତ ନଥିଲା । ତେବେ ଏଭଳି କାର୍ଯ୍ୟକଳାପକୁ ସମର୍ଥନ କରି କୌଣସି ଦସ୍ତାବିଜ ପ୍ରମାଣ ମଧ୍ୟ ପ୍ରଦାନ କରାଯାଇ ନାହିଁ ।

## 6.11 ସେବା ସ୍ତରୀୟ ମାନଦଣ୍ଡ (ବେଞ୍ଚମାର୍କ) ବିରୁଦ୍ଧରେ ସଫଳତା

ସେବାର ଗୁଣବତ୍ତା ଆକଳନ କରିବା ପାଇଁ ଭାରତ ସରକାରଙ୍କ ସହରୀ ବିକାଶ ମନ୍ତ୍ରଣାଳୟ (ଏମ୍ଓୟୁଡି) କରାଯାଇଥିବା ସେବାସ୍ତରୀୟ ମାନଦଣ୍ଡ ପୁସ୍ତିକା (ଏସ୍ଏଲ୍‌ବି) ହେଉଛି ଏକ ସଦ୍ୟଗଣକ ପୁସ୍ତକ ଏବଂ କାର୍ଯ୍ୟଦକ୍ଷତା ସୂଚକାଙ୍କ ଉପରେ ତଦାରଖ ଏବଂ ରିପୋର୍ଟିଂ ପାଇଁ ଏକ ସାଧାରଣ ସର୍ବନିମ୍ନ ଢାଞ୍ଚାକୁ ନିର୍ଦ୍ଧାରଣ କରେ, ଯେଉଁଥିରୁ ଆଠଟି ପାରାମିଟର ସ୍ୱେରେଜ୍ ସମ୍ବନ୍ଧୀୟ ଏବଂ ଦୁଇଟି ପାରାମିଟର ଏସ୍‌ଡବ୍ଲ୍ୟୁଡି ସହିତ ଜଡ଼ିତ ।

2019-20 ରୁ 2021-22 ମଧ୍ୟରେ ଚୟନ ହୋଇଥିବା ମହାନଗର ନିଗମ ମାନେ ଏସ୍ଏଲ୍‌ବି ଘୋଷଣା ପତ୍ର ଦାଖଲ କରିନଥିବା ସମୀକ୍ଷାରୁ ଜଣାପଡ଼ିଛି । ସମୀକ୍ଷାରେ ମହାନଗର ନିଗମମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ସଫଳତାର ପ୍ରତିଶତ ନିର୍ଦ୍ଧାରଣ କରାଯାଇଥିଲା, ଯାହା ***ପରିଶିଷ୍ଟ - XI*** ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି, ଏବଂ ଏହା ମଧ୍ୟ ଅନୁଧ୍ୟାନ କରାଯାଇଛି:

i) ନର୍ଦ୍ଦମା ସଂଯୋଗୀକରଣ ଏବଂ ଘରୋଇ ସଂଯୋଗ ବ୍ୟାପ୍ତି ପାଇଁ ଏସ୍ଏଲ୍‌ବି 100 ପ୍ରତିଶତ ଥିବା ବେଳେ ଏହି ବ୍ୟାପ୍ତି ଯଥାକ୍ରମେ ଶୂନରୁ 85 ଏବଂ ଶୂନରୁ 27 ପ୍ରତିଶତ ମଧ୍ୟରେ ରହିଥିଲା ; ବ୍ୟାପ୍ତି

ii) ଏସ୍‌ଟିପିରେ ବର୍ଜ୍ୟଜଳର ସ୍ୱେରେଜ୍ ବିଶୋଧନର ଗୁଣବତ୍ତା ପାଇଁ ଏସ୍ଏଲ୍‌ବି 100 ପ୍ରତିଶତ ଥିବାବେଳେ

ଏହି ସଫଳତା ଶୂନରୁ 10 ପ୍ରତିଶତ ଥିଲା;

iii) ବିଶୋଧିତ ସ୍ୱେରେଜ୍‌ର ପୁନଃ ବ୍ୟବହାର ପୁନଃପୁନିକରଣ ପାଇଁ ଏସ୍‌ଏଲ୍‌ବି 20 ପ୍ରତିଶତ ଥିବା ବେଳେ ଏସ୍‌ଟିପିରେ ଏହି ସଫଳତା ଶୂନରୁ 12 ପ୍ରତିଶତ ମଧ୍ୟରେ ରହିଛି;

iv) ସ୍ୱେରେଜ୍ ପରିଚାଳନାରେ ଖର୍ଚ୍ଚ ଆଦାୟ ପାଇଁ ଏସ୍‌ଏଲ୍‌ବି ଶତ ପ୍ରତିଶତ ଥିବା ବେଳେ ଏହି ସଫଳତା ଶୂନ ଥିଲା।

v) ଏସ୍‌ଡବ୍ଲ୍ୟୁଡି ସଂଯୋଗୀକରଣ ପାଇଁ 100 ପ୍ରତିଶତ ଏସ୍‌ଏଲ୍‌ବି ବ୍ୟାପ୍ତି ଥିବା ବେଳେ, ସଫଳତା ଶୂନରୁ 85 ମଧ୍ୟରେ ଥିଲା।

ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରିବା ସମୟରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ କାର୍ଯ୍ୟଦକ୍ଷତା ପ୍ରତିଶତ ବୃଦ୍ଧି କରିବା ପାଇଁ ଅଧିକ ପରିବାରକୁ ସ୍ୱେରେଜ୍ ସଂଯୋଗୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି। ସ୍ୱେରେଜ୍ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗକୁ 9 ରୁ 14 ବର୍ଷରୁ ଅଧିକ ସମୟ ଲାଗିଥିଲା ଏବଂ ମାର୍ଚ୍ଚ 2023 ସୁଦ୍ଧା ସ୍ୱେରେଜ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିଲା, ତେଣୁ ଉତ୍ତର ଗ୍ରହଣୀୟ ନୁହେଁ।

***ସୁପାରିଶ:***

***22.*** *ସରକାର ତଦାରଖ କମିଟିଗୁଡ଼ିକୁ ସକ୍ରିୟ କରିପାରିବେ ଏବଂ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବେ, ଯେପରି କି ଏସ୍‌ଡବ୍ଲ୍ୟୁଡି ମାନୁଆଲ, ସ୍ୱେରେଜ୍ ମାନୁଆଲ ଏବଂ ଏନ୍‌ଡିଏମ୍ ମାର୍ଗଦର୍ଶିକାରେ ପରିକଳ୍ପନା କରାଯାଇଛି ଏବଂ ଦାୟୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯାଇପାରିବ।*

***23.*** *ସରକାର ଓଡବ୍ଲ୍ୟୁଏସଏସବି/ ୱାଟ୍‌କୋ/ଏମ୍‌ସି ମାନେ ପରିବେଶ ଓ ପରିବେଶ ବ୍ୟବସ୍ଥାର ସୁରକ୍ଷା ପାଇଁ ଯଥେଷ୍ଟ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି, ସ୍ୱେରେଜ୍ ନେଟ୍‌ୱାର୍କ ସମ୍ପୂର୍ଣ୍ଣ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏବଂ ଡ୍ରେନ୍/ ନଦୀରେ ବର୍ଜ୍ୟଜଳକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିପାରିବେ।*



ଭୁବନେଶ୍ୱର
ତାରିଖ

**(ବିଶ୍ୱନାଥ ସିଂ ଜାଡୋନ)**
**ମହାଲେଖାକାର (ଅଡିଟ୍-II), ଓଡ଼ିଶା**

**ପ୍ରତିସ୍ୱାକ୍ଷର**



ନୂଆ ଦିଲ୍ଲୀ
ତାରିଖ

**(ଗୀରିଶ ଚନ୍ଦ୍ର ମୁର୍ମୁ)**
**ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ-I

## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.1, ପୃଷ୍ଠା 11)

## ମହାନଗର ନିଗମ ମାନଙ୍କ ଦ୍ୱାରା ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ବ୍ୟବସ୍ଥାକୁ ଅନୁପାଳନ ନହେବା

| କ୍ର.ସଂ. | କାର୍ଯ୍ୟକ୍ଷମ ଉପକରଣ | ସମିକ୍ଷା ପର୍ଯ୍ୟବେକ୍ଷଣ | ମହାନଗର ନିଗମ ଦ୍ୱାରା ଅନୁପାଳନ |
|---|---|---|---|
| *1* | *2* | *3* | *4* |
| 1 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.5.2 ଅନୁଯାୀ, ସମସ୍ତ ୟୁଏଲ୍‌ବି/ ରାଜ୍ୟଗୁଡ଼ିକ ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ) ପ୍ଲାଟଫର୍ମରେ ବିଦ୍ୟମାନ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ଏକ ତାଲିକା ପ୍ରସ୍ତୁତ କରିବାର ଥିଲା । ଏହି ତାଲିକା ଉଭୟ ଜଳାଶୟ ଭିତ୍ତିକ ଏବଂ ୱାର୍ଡ ଭିତ୍ତିକ ହେବାର ଥିଲା, ଯେଉଁଥିରେ ମୁଖ୍ୟ ତଥା କ୍ଷୁଦ୍ର ପ୍ରଣାଳୀର ସ୍ୱଷ୍ଟ ମ୍ୟାପିଂ କରାଯିବାର ଥିଲା । | 2022 ଜୁଲାଇ ସୁଦ୍ଧା ବାତ୍ୟା ଜଳ ପରିଚାଳନା ପାଇଁ ମହାନଗର ନିଗମମାନେ କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିନଥିଲେ । ପ୍ରାଥମିକ ଡ୍ରେନ୍ ଭାବେ ଚିହ୍ନଟ ହୋଇଥିବା ଡ୍ରେନଦ ଗୁଡ଼ିକର ବ୍ୟାପକ ଉନ୍ନୟନ ଯୋଜନା (ସିଡିପି) ଭାବେ ଡିଏମାନେ ଏମ୍‌ପି ଅଧୀନରେ ଥିବା ଡ୍ରେନଦ ଗୁଡ଼ିକର ତାଲିକା ପ୍ରସ୍ତୁତ କରିଥିଲେ । ଜଳ ନିଷ୍କାସନ ବ୍ୟବସ୍ଥାର ଯଥେଷ୍ଟ ଯୋଗଦାନ କରୁଥିବା ମାଧମିକ ଏବଂ ତୃତୀୟ ସ୍ତରୀୟ ଡ୍ରେନ ଗୁଡ଼ିକୁ ଚିହ୍ନଟ କରାଯାଇନଥିଲା ଏବଂ ମ୍ୟାପ କରାଯାଇନଥିଲା । ଫଳରେ ସିଡିପିର ଅଭାବ ଦେଖାଦେଇଥିଲା । | ବିଏମ୍‌ସି ର ଏସ୍‌ଇ ଡ୍ରେନେଜ୍ ଡିଭିଜନ୍ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରି କହିଛନ୍ତି ଯେ ମାନବ ସମ୍ବଳ ଏବଂ କୌଣସି ଡିଜାଇନ୍ ସେଲର ଅଭାବ ଯୋଗୁ ମାଧମିକ ଓ ତୃତୀୟ ସ୍ତରୀୟ ଡ୍ରେନ ପାଇଁ ସର୍ଭେ କାର୍ଯ୍ୟ ହୋଇପାରୁନାହିଁ । ଇଇ, ବିଇଏମ୍‌ସି ଆର୍‌ଏମ୍‌ସି ଏବଂ ଏସ୍‌ଏମ୍‌ସି ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରିଥିଲେ ମଧ ସିଏମ୍‌ସି ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନଥିଲା । |
| 2 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.7.1 ଅନୁଯାୟୀ, ସମସ୍ତ ୟୁଏଲ୍‌ବିରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଯୋଜନା ଏବଂ ଡିଜାଇନ୍ ପାଇଁ ଜଳାଶୟ ଅଞ୍ଚଳ ଆଧାର ହେବାର ଥିଲା । | ବର୍ଷା ଜଳ ପରିଚାଳନା ପାଇଁ ମହାନଗର ନିଗମମାନେ ମାଷ୍ଟଜ ପ୍ଲାନ୍ ପ୍ରସ୍ତୁତ କରିନଥିଲେ । ତେବେ ଡ୍ରେନର ସିଡିପି (କେବଳ ପ୍ରାଥମିକ ଡ୍ରେନର ଲମ୍ବ ଓ ପ୍ରସ୍ଥ ପାଇଁ ଗ୍ରହଣ କରାଯାଇଥିଲା । ପ୍ରାଥମିକ, ମାଧମିକ ଓ ତୃତୀୟସ୍ତରୀୟ ଡ୍ରେନର କୌଣସି ଜଳାଶୟକୁ ଏମ୍‌ସି କିମ୍ବା ଡିଏମାନେ ଚିହ୍ନଟ କରିନଥିଲେ । | -do- |
| 3 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.12.4.3 (i) & (ii) ଅନୁଯାୟୀ, ପ୍ରତିବର୍ଷ ମାର୍ଚ୍ଚ 31 ସୁଦ୍ଧା ସମସ୍ତ ପ୍ରମୁଖ ଡ୍ରେନଗୁଡ଼ିକର ପ୍ରାକ୍ ମୌସୁମୀ ନିଷ୍କାସନ ଶେଷ ହେବାର ଥିଲା । ଏହା ବ୍ୟତୀତ ପ୍ରାକ୍ ମୌସୁମୀ ଡ୍ରେନଗୁଡ଼ିକର ନିଷ୍କାସନ ପାଇଁ ସ୍ଥାନୀୟ ପରିସ୍ଥିତିକୁ ଆଧାର କରି ଡ୍ରେନ ସଫା କରିବାର ସମୟସୀମା ନିର୍ଦ୍ଧାରଣ କରିବାକୁ ପଡ଼ିଥିଲା । ଏଭଳି ଡ୍ରେନଦ ସଫେଇ ପାଇଁ ରୋଷ୍ଟର ପ୍ରସ୍ତୁତ କରାଯାଇ କଡ଼ାକଡ଼ି ଭାବେ ପାଳନ କରାଯିବାର ଥିଲା । | ମୌସୁମୀ ଆସିବା ପୂର୍ବରୁ ଡ୍ରେନ ଗୁଡ଼ିକର ଡିସିଲ୍ଟରିଂ ପାଇଁ ନିୟମିତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହୋଇନଥିଲା କି ? ସଫେଇ ପାଇଁ କୌଣସି ରୋଷ୍ଟର ପ୍ରସ୍ତୁତ କରାଯାଇନଥିଲା ।<br><br>ମୌସୁମୀ ସମୟରେ ବିଭିନ୍ନ ସ୍ଥାନରେ ଡ୍ରେନ ସଫା କରିବା କାମ ଠିକାଦାରଙ୍କୁ ଦିଆଯାଇଥିଲା । | ଏମ୍‌ସିର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରି କହିଛନ୍ତି ଯେ ମୌସୁମୀ ସମୟ ପୂର୍ବରୁ ଏବଂ ସମୟରେ ଡ୍ରେନ୍ ଗୁଡ଼ିକର ଡିଷ୍ଟିଲିଟିଂ କରାଯାଇଥିଲା । ଉତ୍ତର ଠିକ୍ ନଥିଲା କାରଣ ସମୀକ୍ଷା ଦେଖିଲେ ଯେ ମୌସୁମୀ ସମୟରେ ଏବଂ ପରେ ଏନ୍‌ଡିଏମ୍ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରି ଡିସ୍‌ଲିଙ୍କ କାର୍ଯ୍ୟ ହାଲକୁ ନିଆଯାଇଥିଲା । |
| 4 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.12.4.3 (6) ଅନୁଯାୟୀ, ଜଳ ନିଷ୍କାସନରେ ଉପଯୁକ୍ତ ହସ୍ତକ୍ଷେପ ଯଥା – ଜାଲ କମ୍ୟୁନିଟର ଏବଂ ଆବର୍ଜନା ରାକ୍ ବ୍ୟବହାର କରାଯିବା ଉଚିତ୍, ଯାହା ଦ୍ୱାରା ବର୍ଷା ଜଳ ଡ୍ରେନକୁ ଯାଉଥିବା କଠିନ ବର୍ଜ୍ୟବସ୍ତୁର ପରିମାଣ ହ୍ରାସ ପାଇବ । | କର୍ମଚାରୀମାନେ ନିୟମିତ ଭାବେ ସଫେଇ କରୁନଥିଲେ । ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ କ୍ଷତିଗ୍ରସ୍ତ ହୋଇଛି । ଫଳରେ କଠିନ ବର୍ଜ୍ୟବସ୍ତୁ ଜଳାଶୟକୁ ପ୍ରବାହିତ ହେଉଥିଲା । ଜେପିଭି ସମୟରେ ସମୀକ୍ଷାରେ ଦେଖିବାକୁ ମିଳିଥିଲା ଯେ ସବୁ ପ୍ରକାର ଡ୍ରେନ୍‌ରେ ଆବର୍ଜନା ଓ ନର୍ଦ୍ଦମା ବର୍ଜ୍ୟବସ୍ତୁ କ୍ରମାଗତ ଭାବରେ ଭାସୁଛି । | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 5 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.12(xii) ଅନୁଯାୟୀ, ସ୍ୱେରେଜ୍ ବ୍ୟବସ୍ଥାର କଭରେଜ୍‌ରେ ଉନ୍ନତି ଆଣିବା ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାର ଥିଲା, ଯାହାଫଳରେ ନର୍ଦ୍ଦମା ବର୍ଷାଜଳର ଡ୍ରେନରେ ନିଷ୍କାସିତ ହେବ ନାହିଁ । ରାଯିବା ଉଚିତ୍, ଯାହା ଦ୍ୱାରା ବର୍ଷା ଜଳ ଡ୍ରେନକୁ ଯାଉଥିବା କଠିନ ବର୍ଜ୍ୟବସ୍ତୁର ପରିମାଣ ହ୍ରାସ ପାଇବ । | ବର୍ଷାଜଳ ନିଷ୍କାସନ ପାଇଁ ଏମ୍‌ସି କୌଣସି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିନଥିଲେ । ଜୁଲାଇ 2022 ସୁଦ୍ଧା ବର୍ଷା ଜଳ ନିଷ୍କାସନରେ ନର୍ଦ୍ଦମା ମିଶିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିବା ସମୀକ୍ଷାରୁ ଜଣାପଡ଼ିଛି । ବରଂ କଞ୍ଚା ନଦ୍ଦଙ୍କମା ସିଧାସଳଖ ବର୍ଷା ଜଳ ଡ୍ରେନ୍‌ରେ ନିଷ୍କାସିତ ହେଉଥିଲା, ଯାହା ବର୍ଷା ଜଳର ଡ୍ରେନରେ ପ୍ରବାହକୁ ଦୂଷିତ କରୁଥିଲା । | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 6 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.13.3.1 ଅନୁଯାୟୀ, ରାସ୍ତାର ବର୍ତ୍ତମାନର | ପିଡବ୍ଲ୍ୟୁଡି ଓ ଏମସିମାନଙ୍କ ଦ୍ୱାରା ବର୍ତ୍ତମାନର ପୃଷ୍ଠରେ ବାରମ୍ବାର ରାସ୍ତା ନିର୍ମାଣ କରାଯିବା | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ |

| କ୍ର.ସଂ. | କାର୍ଯ୍ୟକ୍ଷମ ଉପକରଣ | ସମୀକ୍ଷା ପର୍ଯ୍ୟବେକ୍ଷଣ | ମହାନଗର ନିଗମ ଦ୍ୱାରା ଅନୁପାଳନ |
|---|---|---|---|
| *1* | *2* | *3* | *4* |
| | ସ୍ତରଗୁଡ଼ିକୁ ମିଲିଂ କରି ଏବଂ ସାମଗ୍ରୀର ରିସାଇକ୍ଲିଂ କରି ସମସ୍ତ ରାସ୍ତାର ପୁନଃ ସମତଳକରଣ ଯଥା ସୁଦୃଢ଼ୀକରଣ/ ଓଭରଲେ କାର୍ଯ୍ୟ କରାଯିବା କଥା । ଫଳରେ ରାସ୍ତାର ଜଳସ୍ତର ବୃଦ୍ଧି ପାଇବ ନାହିଁ । | ଫଳରେ ସମୟକ୍ରମେ ନିକଟବର୍ତ୍ତୀ ରାସ୍ତାଗୁଡ଼ିକର ଘରସ୍ତର ତୁଳନାରେ ରାସ୍ତାର ଉଚ୍ଚତା ବୃଦ୍ଧି ପାଇଥିଲା । | ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 7 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.13.4.1 ଅନୁଯାୟୀ, ରାସ୍ତା କଡ଼ରେ ଥିବା ଡ୍ରେନ୍‌କୁ ପାଣି ନିଷ୍କାସନ ପାଇଁ ଇନ୍‌ଲେଟ୍ ଯୋଗାଇ ଦିଆଯିବ । ସାମ୍ପ୍ରତିକ ଜାତୀୟ ଓ ଅନ୍ତର୍ଜାତୀୟ ଅଭ୍ୟାସକୁ ଆଧାର କରି ଏହାକୁ ଡିଜାଇନ୍ କରାଯିବାର ଥିଲା । | ସମୀକ୍ଷାରୁ ଜଣାପଡ଼ିଛି ଯେ ଇନ୍‌ଲେଟ୍ ସ୍ତରରେ ପରିବର୍ତ୍ତନ ଯୋଗୁଁ ରାସ୍ତାରେ ପାଣି ଜମା ହେଉଛି । ତଦାରଖ ଅଭାବରୁ ଇନ୍‌ଲେଟ୍ ଗୁଡ଼ିକ ବନ୍ଦ ହୋଇଯାଇଥିଲା । | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 8 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.16 ଅନୁଯାୟୀ, ସହରାଞ୍ଚଳ ପ୍ରତ୍ୟେକ କୋଠାରେ ବର୍ଷା ଜଳ ସଂରକ୍ଷଣ ବିଲ୍ଡିଂ ୟୁଟିଲିଟିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହିବା କଥା । ୟୁଏଲ୍‌ବିଗୁଡ଼ିକ ଏହା ସୁନିଶ୍ଚିତ କରିବାକୁ ଥିଲା ଯେ ଏହା କାର୍ଯ୍ୟକାରୀ ହୋଇଛି । | ସହରାଞ୍ଚଳ ଘର ସୀମା ମଧ୍ୟରେ ଥିବା ଘରଗୁଡ଼ିକ ପାଇଁ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ (ଅପ୍ରେଲ 2022) ବାଧ୍ୟତାମୂଳକ କରାଯାଇଥିଲା । ସମୀକ୍ଷାରୁ ଜଣାପଡ଼ିଛି ଯେ ଏମ୍‌ସି ଦ୍ୱାରା ଅନୁମୋଦିତ ବିଲ୍ଡିଂ ପ୍ଲାନରେ ଏଭଳି କୌଣସି ଛାତ ଉପରେ ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ସୁପାରିଶ କରାଯାଇ ନାହିଁ | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 09 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.17.2 ଅନୁଯାୟୀ, ବର୍ଷା ବଗିଚାର ଧାରଣାକୁ ସାର୍ବଜନୀନ ପାର୍କ ଏବଂ ଅନ୍ ସାଇଟ୍ ବର୍ଷା ଜଳର ପରିଚାଳନା ପାଇଁ ଯୋଜନା କରିବା, ୟୁହଟ୍ କଲୋନୀ ଏବଂ ବିକଶିତ ହେବାକୁ ଥିବା ସ୍ଥାନଗୁଡ଼ିକ ପାଇଁ ଅନ୍ତର୍ଭୁକ୍ତ କରାଯିବାର ଥିଲା । ପୂର୍ବରୁ ବିକଶିତ ହୋଇଥିବା ସାଇଟ୍ ଗୁଡ଼ିକ ପାଇଁ ମଧ୍ୟ ଲୋକମାନଙ୍କୁ ଏହି ଧାରଣାଗ୍ରହଣ କରିବାକୁ ଉତ୍ସାହିତ କରାଯାଇଥିଲା । | ଉନୋନୀତ 5 ଟି ଏମ୍‌ସି ଙ୍କ ଦ୍ୱାରା ଏଭଳି କୌଣସି ବର୍ଷା ବଗିଚା କାର୍ଯ୍ୟକାରୀ ହୋଇନଥିବା ସମୀକ୍ଷାରୁ ଜଣାପଡ଼ିଛି । | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 10 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.18.1 ଅନୁଯାୟୀ, ସମସ୍ତ ସହରାଞ୍ଚଳ ଜଳାଶୟକୁ ସୁରକ୍ଷିତ ରଖିବା କଥା । ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ, ମାଟି କାଟିବା ଏବଂ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରୟାସ କରାଯିବ । ଏହାବ୍ୟତୀତ ଅନ୍ୟାନ୍ୟ ଉପଯୋଗରେ ରଖାଯାଇଥିବା ଜଳାଶୟକୁ ପୁନରୁଦ୍ଧାର କରିବା ପାଇଁ ମଧ୍ୟ ପ୍ରୟାସ କରାଯିବାର ଥିଲା । ଜଳାଶୟ ଗୁଡ଼ିକ ବାତ୍ୟା ଜଳ ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ ହେବାକୁ ଥିଲା । | ସମସ୍ତ ଏମସି ଅଧୀନରେ ଥିବା ହ୍ରଦ/ ଜଳାଶୟ ଗୁଡ଼ିକ ହ୍ରଦ/ ଜଳାଶୟର ରକ୍ଷଣାବେକ୍ଷଣ ଏବଂ ବିକାଶ ପାଇଁ ଦାୟୀ ଥିଲେ ।<br>ଏମ୍‌ସି ଅଧୀନରେ ଥିବା 628 ଟି ଜଳାଶୟ/ ହ୍ରଦ ମଧ୍ୟରୁ ଜୁଲାଇ 2022 ସୁଦ୍ଧା ମାତ୍ର 35 ଟି ଜଳାଶୟ ବିକଶିତ ହୋଇଥିବା ବେଳେ 18 ଟି ଜଳାଶୟ ବ୍ୟବହାର ହେଉନଥିଲା । | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 11 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.19 ଅନୁଯାୟୀ, ସହରାଞ୍ଚଳ ବର୍ଷାଜଳ ପରିଚାଳନା ପ୍ରଣାଳୀରେ ଅବରୋଧ ଏବଂ ଧାରଣ ସୁବିଧା ଅନ୍ତର୍ଭୁକ୍ତ ହେବା କଥା, ଯାହା ଦ୍ୱାରା ବର୍ଷା ଜଳ ନିଷ୍କାସନ ଉପରେ ସହରୀକରଣର ନକାରାତ୍ମକ ପ୍ରଭାବକୁ ହ୍ରାସ କରାଯାଇପାରିବ । | ସମୀକ୍ଷାରୁ ଜଣାପଡ଼ିଛି ଯେ, ବର୍ଷା ଋତୁରେ ସହରାଞ୍ଚଳରେ ବର୍ଷା ଓ ଜଳବନ୍ଦୀକୁ ହ୍ରାସ କରିବା ପାଇଁ ଚୟନ କରାଯାଇଥିବା 5 ଟି ଏମସି ବର୍ଷା ଜଳ ନିଷ୍କାସନ ପାଇଁ ଅଟକ ଏବଂ ରକ୍ଷଣାବେକ୍ଷଣ ସୁବିଧା ଗ୍ରହଣ କରିନାହାଁନ୍ତି । | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |
| 12 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.22.6.2 (i) ଅନୁଯାୟୀ, ତଳିଆ ଅଞ୍ଚଳକୁ ପାର୍କ ଏବଂ ଅନ୍ୟାନ୍ୟ ନିମ୍ନ ପ୍ରଭାବିତ ମାନବ କାର୍ଯ୍ୟକଳାପ ପାଇଁ ସଂରକ୍ଷିତ ରଖାଯିବା କଥା, ଯେଉଁଠାରେ ଅନିବାର୍ଯ୍ୟ, ତଳିଆ ଅଞ୍ଚଳରେ କୋଠାଗୁଡ଼ିକ ଉଚ୍ଚ ବନ୍ୟା ସ୍ତର (ଏଚଏଫଏଲ)/ ଫୁଲଟାଙ୍କି ସ୍ତର (ଏଫଟିଏଲ) ଉପରେ ଟିଲ୍ଟ | ସମୀକ୍ଷାରୁ ଜଣାପଡ଼ିଛି ଯେ ମନୋନୀତ ଏମସିମାନଙ୍କ ତଳିଆ ଅଞ୍ଚଳକୁ ପାର୍କ ନିର୍ମାଣ ପାଇଁ ସଂରକ୍ଷିତ କରିନାହାଁନ୍ତି | ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଏମ୍‌ସିଗୁଡ଼ିକର ଏସ୍‌ଇ ଏବଂ ଇଇ ମାନେ ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି । |

| କ୍ର.ସଂ. | କାର୍ଯ୍ୟକ୍ଷମ ଉପକରଣ | ସମିକ୍ଷା ପର୍ଯ୍ୟବେକ୍ଷଣ | ମହାନଗର ନିଗମ ଦ୍ୱାରା ଅନୁପାଳନ |
|---|---|---|---|
| *1* | *2* | *3* | *4* |
| | ଉପରେ ନିର୍ମାଣ କରାଯିବାର ଥିଲା । | | |
| 13 | ଏନ୍‌ଡିଏମ୍ ମାର୍ଗଦର୍ଶିକା, 2010 ର ଅନୁଚ୍ଛେଦ 4.2.23 ଅନୁଯାୟୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ବିକଳ୍ପ ବାସଗୃହ ଓ ଧନ୍ୟ ବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ଥଇଥାନ ପ୍ୟାକେଜ୍ ଯୋଗାଇ ନାଳ/ ଡ୍ରେନ୍ / ଜଳସ୍ରୋତ ଉପରେ ଜବରଦଖଲ ଉଚ୍ଛେଦ କରାଯିବା କଥା । ନାଳ/ ଡ୍ରେନ୍/ ଜଳ ପଥ/ ବନ୍ୟା କ୍ଷେତ୍ରକୁ ସ୍ୱଷ୍ଟ ଭାବରେ ନିର୍ଦ୍ଧାରଣ କରାଯିବା ସହ ନୂତନ ବିକାଶରେ ସୀମା ନିର୍ଦ୍ଧାରଣ କରାଯିବାର ଥିଲା । ନୂତନ ଲେଆଉଟ୍‌ରେ ସମ୍ପୃକ୍ତ ଉପ-ଆଇନ୍/ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଡ୍ରେନ୍ ଉପରେ ଜବରଦଖଲ କଲେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସୁ ଉଭୟ ଜବରଦଖଲକାରୀ ଓ ଉପନିୟମ ଲାଗୁ କରିବା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ । | ଜବର ଦଖଲକାରୀଙ୍କ ବିରୋଧରେ କିମ୍ବା ଉପନିୟମ ଲାଗୁ କରିବା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ<br><br>ଏମ୍‌ସିମାନଙ୍କ ନିକଟରେ ଉପଲବ୍ଧ ଜବରଦଖଲ ସମ୍ପର୍କରେ ତଥ୍ୟ ଅଭାବ ଥିଲା, କାରଣ ଜେପିଭି ସମୟରେ ସମୀକ୍ଷା ସମୟରେ ଡ୍ରେନଦ ଉପରେ ବହୁ ସଂଖ୍ୟକ ଜବରଦଖଲ ହୋଇଥିବା ଦେଖିବାକୁ ମିଳିଥିଲା, ଯେଉଁଥିପାଇଁ କୌଣସି କାର୍ଯାନୁଷ୍ଠାନ ଗ୍ରହଣ କରାଯାଇନଥିଲା । | ଡ୍ରେନେଜ୍ ଡିଭିଜନ ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ଜବରଦଖଲ ମୁକ୍ତ ଡ୍ରେନ୍, ତଳ ମୁଣ୍ଡକୁ ବର୍ଷା ଜଳ ମୁକ୍ତ ପ୍ରବାହ ପାଇଁ ପଦକ୍ଷେପ ନିଆଯିବ । ଇଇ, ବିଇଏମ୍‌ସି, ଆରଏମସି ଏବଂ ଏସଏମସି ସମୀକ୍ଷା ମନ୍ତବ୍ୟକୁ ଉଲ୍ଲେଖ କରିଥିଲେ ମଧ ସିଏମ୍‌ସି ପକ୍ଷରୁ କୌଣସି ଉତ୍ତର ଦିଆଯାଇନାହିଁ |

***(ଉତ୍ସ: ଏନଡିଏମ୍ ମାର୍ଗଦର୍ଶିକା, 2010 ର ବ୍ୟବସ୍ଥା ଏବଂ ମନୋନୀତ ଏମସି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

## ପରିଶିଷ୍ଟ-II

**(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.3.1, ପୃଷ୍ଠା: 12)**

**ଏମ୍‌ସି ଅଧୀନରେ ଅବ୍ୟବହୃତ ଜଳାଶୟ (ମାର୍ଚ୍ଚ 2022 ସୁଦ୍ଧା)**

| କ୍ର,ସଂ. | ମହାନଗର ନିଗମ | ଜଳାଶୟ/ ଅବସ୍ଥିତି | ପ୍ଲଟ ନମ୍ବର | ୱାର୍ଡ ନମ୍ବର | କ୍ଷେତ୍ର (ଏକରରେ) | ସ୍ଥିତି |
|---|---|---|---|---|---|---|
| 1 | ଭୁବନେଶ୍ୱର | ଘାଗୁଡ଼ି ଟାଙ୍କି | 8536 | 23 | 0.230 | ବର୍ତ୍ତମାନ ଜଳାଶୟ ନାହିଁ |
| 2 | କଟକ | ଚାନ୍ଦିନି ଚୌକ | 2295/3239 | 6 | 0.004 | ଏହି ସ୍ଥାନରେ କୌଣସି ଟାଙ୍କି ଉପଲବ୍ଧ ନାହିଁ |
| 3 | କଟକ | ଚୌଧୁରୀ ବଜାର | 1187 | 13 | 0.002 | ଏହି ସ୍ଥାନରେ କୌଣସି ଟାଙ୍କି ଉପଲବ୍ଧ ନାହିଁ |
| 4 | କଟକ | ଚୌଧୁରୀ ବଜାର | 807 | 13 | 0.007 | ଏହି ସ୍ଥାନରେ କୌଣସି ଟାଙ୍କି ଉପଲବ୍ଧ ନାହିଁ |
| 5 | କଟକ | ଚୌଧୁରୀ ବଜାର | 2047 | 13 | 0.002 | ଏହି ସ୍ଥାନରେ କୌଣସି ଟାଙ୍କି ଉପଲବ୍ଧ ନାହିଁ |
| 6 | କଟକ | ବକ୍ସି ବଜାର | 61 | 27 | 0.725 | ଏହି ସ୍ଥାନରେ କୌଣସି ଟାଙ୍କି ଉପଲବ୍ଧ ନାହିଁ |
| 7 | କଟକ | ବକ୍ସି ବଜାର | 97 | 27 | 0.094 | ଏହି ସ୍ଥାନରେ କୌଣସି ଟାଙ୍କି ଉପଲବ୍ଧ ନାହିଁ |
| 8 | କଟକ | ମିରକମଲ ପାଟଣା | 385 | 26 | 0.040 | ଟାଙ୍କିର ବୈଶିଷ୍ଟ୍ୟ ହରାଇଥିଲେ [174] |
| 9 | କଟକ | ମିରକମଲ ପାଟଣା | 391 | 26 | 0.050 | ଟାଙ୍କିର ବୈଶିଷ୍ଟ୍ୟ ହରାଇଥିଲେ |
| 10 | କଟକ | **ମିରକମଲ ପାଟଣା** | 325 | 26 | 0.019 | ଟାଙ୍କିର ବୈଶିଷ୍ଟ୍ୟ ହରାଇଥିଲେ |
| 11 | କଟକ | **ମିରକମଲ ପାଟଣା** | 307 | 26 | 0.006 | ଟାଙ୍କିର ବୈଶିଷ୍ଟ୍ୟ ହରାଇଥିଲେ |
| 12 | କଟକ | **ମିରକମଲ ପାଟଣା** | 230 | 26 | 0.380 | ଟାଙ୍କିର ବୈଶିଷ୍ଟ୍ୟ ହରାଇଥିଲେ |
| 13 | କଟକ | ସାମନ୍ତସାହି | 1550 | 19 | 0.020 | ଘଟଣା ସ୍ଥଳରେ କୌଣସି ଟାଙ୍କି ଉପଲବ୍ଧ ନାହିଁ । ଏହା ଉପରେ ଏକ କୋଠା ନିର୍ମାଣ କରାଯାଇଛି । |
| 14 | କଟକ | ସାମନ୍ତସାହି | 1458 | 19 | 0.056 | ଘଟଣା ସ୍ଥଳରେ କୌଣସି ଟାଙ୍କି ଉପଲବ୍ଧ ନାହିଁ । ଏହା ଉପରେ ଏକ କୋଠା ନିର୍ମାଣ କରାଯାଇଛି । |
| 15 | କଟକ | ସାମନ୍ତସାହି | 1459 | 19 | 0.099 | ଘଟଣା ସ୍ଥଳରେ କୌଣସି ଟାଙ୍କି ଉପଲବ୍ଧ ନାହିଁ । ଏହା ଉପରେ ଏକ କୋଠା ନିର୍ମାଣ କରାଯାଇଛି । |
| 16 | କଟକ | ଯୋବ୍ରା | 706 | 34 | 0.032 | ଭର୍ତ୍ତି ହୋଇଛି ଏବଂ ବ୍ୟବହାର କରାଯାଇପାରିବ ନାହିଁ |
| 17 | କଟକ | ବିସିନବର | 93 | 30 | 0.154 | ଟାଙ୍କି ଭର୍ତ୍ତି ହୋଇଛି ଏବଂ ଗୋଟିଏ କୋଠା ଜମିରେ ଛିଡ଼ା ହୋଇଛି । |
| 18 | କଟକ | ଝାଞ୍ଜିରମଙ୍ଗଳା | 1366 | 23 | 0.057 | ଘଟଣା ସ୍ଥଳରେ କୌଣସି ଟାଙ୍କି ଉପଲବ୍ଧ ନାହିଁ । ଏହା ଉପରେ ଏକ କୋଠା ନିର୍ମାଣ କରାଯାଇଛି । |
| | ମୋଟ | | | | **1.977** | |

***(ଉତ୍ସ: ମନୋନୀତ ଏମସିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

[174] କ୍ରମିକ ସଂଖ୍ୟା 8 ରୁ 12, ଟାଙ୍କିର ଅଧିକାଂଶ କ୍ଷେତ୍ର ଜନସାଧାରଣଙ୍କ ଦ୍ୱାରା ଜବରଦଖଲରେ ଅଛି

## ପରିଶିଷ୍ଟ – III
## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.4, ପୃଷ୍ଠା: 13)
## ସିଡିପିଗୁଡ଼ିକ ଅନୁଯାୟୀ ପ୍ରାକୃତିକ ଡ୍ରେନଗୁଡ଼ିକର ବିସ୍ତୃତ ବିବରଣୀ

| କ୍ର.ସଂ. | ଡ୍ରେନ୍ ସଂଖ୍ୟା | ଆରମ୍ଭ ବିନ୍ଦୁ | ଆଉଟ୍ ଫଲ ପଏଣ୍ଟ | ମୋଟ ଲମ୍ବ (କିମିରେ) | ସିଡିପିରେ ଡ୍ରେନର ଆକାର (ପ୍ରସ୍ଥ x ଗଭୀରତା) |
|---|---|---|---|---|---|
| | **ଭୁବନେଶ୍ୱର ମହାନଗର ନିଗମ** | | | | |
| 1 | ଡ୍ରେନ୍ ସଂଖ୍ୟା. I | ବୁଦ୍ଧ ପାର୍କ | ଗଙ୍ଗୁଆ ନାଳ | 5.83 | 14.3 m X 2.9 m |
| 2 | ଡ୍ରେନ୍ ସଂଖ୍ୟା. II | ଏମ୍‌ସିଏଲ୍ ନିଗମ | ମଞ୍ଚେଶ୍ୱର ରେଲୱେ ବ୍ରୀଜ୍ | 0.549 | 4.9 m X 1.7 m |
| 3 | ଡ୍ରେନ୍ ସଂଖ୍ୟା. III | ଗଜପତି ନଗର | ଗଙ୍ଗୁଆ ନାଳ | 4.226 | 9 m X 2.1 m |
| 4 | ଡ୍ରେନ୍ ସଂଖ୍ୟା. IV | ଏକାମ୍ରକାନନ | ଗଙ୍ଗୁଆ ନାଳ | 9.77 | 9.2 m X 2.6 m |
| 5 | ଡ୍ରେନ୍ ସଂଖ୍ୟା. V | ବିଇଡି କଲେଜ | ଗଙ୍ଗୁଆ ନାଳ | 3.53 | 5 m X 2 m |
| 6 | ଡ୍ରେନ୍ ସଂଖ୍ୟା. VI | ଜୟଦେବ ଭବନ | ଗଙ୍ଗୁଆ ନାଳ | 3.127 | 6.5 m X 1 m |
| 7 | ଡ୍ରେନ୍ ସଂଖ୍ୟା. VII | ବେସିକ୍ ସାଇନ୍ସ କଲେଜ | ଗଙ୍ଗୁଆ ନାଳ | 5.455 | 7.6 m X 2.2 m |
| 8 | ଡ୍ରେନ୍ ସଂଖ୍ୟା. VIII | ବରମୁଣ୍ଡା | ପୋଖରୀପୁଟ | 6.689 | 9 m X 2.3 m |
| 9 | ଡ୍ରେନ୍ ସଂଖ୍ୟା. IX | ଘାଟିକିଆ | ଗଙ୍ଗୁଆ ନାଳ | 15.05 | 14.83 m X 3.3 m |
| 10 | ଡ୍ରେନ୍ ସଂଖ୍ୟା. X | ମମତାଜ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ | ଗଙ୍ଗୁଆ ନାଳ | 8.376 | 10 m X 2.4 m |
| | **ମୋଟ** | | | **62.602** | |

| କ୍ର.ସଂ. | ଡ୍ରେନ୍ ସଂଖ୍ୟା | ଆରମ୍ଭ ବିନ୍ଦୁ | ଆଉଟ୍ ଫଲ ପଏଣ୍ଟ | ମୋଟ ଲମ୍ବ (କିମିରେ) | ଡ୍ରେନ୍‌ର ପ୍ରସ୍ତାବିତ ଆକାର (ପ୍ରସ୍ଥ ଏବଂ ଗଭୀରତା) |
|---|---|---|---|---|---|
| | **କଟକ ମହାନଗର ନିଗମ** | | | | |
| 1 | ଏମ୍‌ଏସ୍‌ଡବ୍ଲ୍ୟୁସି -I | ଦେଉଳସାହି କଟକ | ମତଗଜପୁର (କାଠଯୋଡ଼ି ନଦୀ) | 11.58 | ସିଡିପିରେ ଉପଲବ୍ଧ ନାହିଁ |
| 2 | ସଂଯୋଗ ଡ୍ରେନ ଏମ୍‌ଏସ୍‌ଡବ୍ଲ୍ୟୁସି -I | ବିଶିନାବାର ପରେ | ଖାନନଗର (କାଠଯୋଡ଼ି ନଦୀ) | 1.30 | ସିଡିପିରେ ଉପଲବ୍ଧ ନାହିଁ |
| 3 | ଏମ୍‌ଏସ୍‌ଡବ୍ଲ୍ୟୁସି-II | ଏନଏଚ-5 ଓଏମ୍‌ପି ଛକ ନିକଟ | ଗୁଲୁଗୁଲି (ମହାନଦୀ ନଦୀ) | 5.24 | ସିଡିପିରେ ଉପଲବ୍ଧ ନାହିଁ |
| | **ମୋଟ** | | | **18.12** | |

***(ଉତ୍ସ: ମନୋନୀତ ଏମସିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

<u>ନୋଟ୍</u>: ବ୍ରହ୍ମପୁରର ସିଡିପିରେ ଡ୍ରେନର ବିବରଣୀ ଏବଂ ଲମ୍ବ ଓ ଆକାର ଉପଲବ୍ଧ ନାହିଁ । ରାଉରକେଲା ଏବଂ ସମ୍ବଲପୁର ପାଇଁ ସିଡିପି ଚୂଡ଼ାନ୍ତ ହୋଇନଥିଲା (ମାର୍ଚ୍ଚ 2022 ସୁଦ୍ଧା) ।

## ପରିଶିଷ୍ଟ – IV

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.2.7, ପୃଷ୍ଠା: 46)

### 2015-20 ରେ ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରକଳ୍ପ

| କ୍ର.ସଂ. | ପ୍ୟାକେଜ୍ ଆଇଡ୍ | ପ୍ରକଳ୍ପ ନାମ | ପ୍ରକଳ୍ପ ମୂଲ୍ୟ(ଟଙ୍କା କୋଟିରେ) | ପ୍ରକଳ୍ପ ଅବଧି | ଆରମ୍ଭର ନିର୍ଦ୍ଧାରିତ ତାରିଖ | ସମାପ୍ତ ହେବାର ନିର୍ଦ୍ଧାରି ତାରିଖ | ଖର୍ଚ୍ଚ (ଟଙ୍କା କୋଟିରେ) |
|---|---|---|---|---|---|---|---|
| ଭୁବନେଶ୍ୱର ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରକଳ୍ପ | | | | | | | |
| 1 | ଓଡିଆଇ-ବିଏଚୟୁ-001 | ସାମାଜିକ ଭାବେ ସ୍ମାର୍ଟ ଭୁବନେଶ୍ୱର | 3.48 | 2015-20 | 18.11.2016 | 31.12.2027 | 7.50 |
| 2 | ଓଡିଆଇ-ବିଏଚୟୁ -009 | ସାର୍ବଜନୀନ ସେଇକେଲ ସେୟାରିଂ ଯୋଜନା | 11.80 | 2015-20 | 15.10.2018 | 15.10.2018 | 2.81 |
| 3 | ଓଡିଆଇ-ବିଏଚୟୁ -010 | ଇ-ରିକ୍ସା | 0.00 | 2015-20 | | କାମ ଚାଲୁଅଛି | 6.12 |
| 4 | ଓଡିଆଇ-ବିଏଚୟୁ -012 | ସ୍କୁଲ୍ ଇକ୍ୱିଟି ସେଣ୍ଟର, ନିର୍ମାଣ ଶ୍ରମିକଙ୍କ ପାଇଁ ଭଡ଼ା, ପ୍ରକଳ୍ପ କୁଟୁମ୍ବ, ୱାନ୍ ଷ୍ଟପ୍ ସୋସିଆଲ ଇକ୍ୱିଟି ସେଣ୍ଟର | 9.71 | 2015-20 | 15.04.2017 | 14.04.2018 | 1.86 |
| 5 | ଓଡିଆଇ-ବିଏଚୟୁ -014 | ମୁଁ ଭୁବନେଶ୍ୱର ଇନିସିଏଟିଭ୍ | 2.56 | 2015-20 | 05.11.2016 | 11.04.2019 | 3.56 |
| 6 | ଓଡିଆଇ-ବିଏଚୟୁ -015 | ସମନ୍ୱିତ ଜନସେବା କେନ୍ଦ୍ର, ସାର୍ବଜନୀନ ଇଣ୍ଟରନେଟ୍ ଆକସେସ୍ ସେଣ୍ଟର, ସହିଦ ନଗର | 3.58 | 2015-20 | 04.10.2017 | 04.09.2018 | 25.00 |
| 7 | ଓଡିଆଇ-ବିଏଚୟୁ -017 | ଆସନ୍ତୁ ବର୍ଜ୍ୟବସ୍ତୁ ପୁନଃବ୍ୟବହାର କରିବା | 25.00 | 2015-20 | 10.03.2017 | 03.12.2020 | 82.65 |
| 8 | ଓଡିଆଇ-ବିଏଚୟୁ -019 | ଆଇସିଓଏମ୍‌ସି ବିଲ୍ଡିଂ | 83.02 | 2015-20 | 01.06.2019 | 31.05.2021 | 316.84 |
| 9 | ଓଡିଆଇ-ବିଏଚୟୁ -021 | ସ୍ମାର୍ଟ ସମାଧାନ ଆଇସିଓଏମ୍‌ସି | 641.40 | 2015-20 | 23.12.2017 | 22.01.2020 | 8.50 |
| 10 | ଓଡିଆଇ-ବିଏଚୟୁ -022 | ଭୁବନେଶ୍ୱର ସହରାଞ୍ଚଳ ଜ୍ଞାନ କେନ୍ଦ୍ର ପ୍ରକଳ୍ପ | 8.50 | 2015-20 | 05.11.2016 | 11.04.2019 | 10.50 |
| 11 | ଓଡିଆଇ-ବିଏଚୟୁ -023 | ଟ୍ରାଫିକ ପରିଚାଳନା ପ୍ରକଳ୍ପ (ଏଟିଏସସି) | 14.69 | 2015-20 | 05.01.2017 | 11.05.2017 | 0.00 |
| 12 | ଓଡିଆଇ-ବିଏଚୟୁ -024 | ଛାତ ଉପର ସୋଲାର ସିଟି | 20.00 | 2015-20 | 09.06.2016 | 18.10.2018 | 0.00 |
| 13 | ଓଡିଆଇ-ବିଏଚୟୁ -025 | ସାଧାରଣ ଦେୟ କାର୍ଡ | 19.19 | 2015-20 | 14.09.2017 | 13.09.2025 | 2.22 |
| 14 | ଓଡିଆଇ-ବିଏଚୟୁ -026 | ସ୍ମାର୍ଟ ପାର୍କ | 2.22 | 2015-20 | 20.03.2017 | 30.11.2017 | 1.00 |
| 15 | ଓଡିଆଇ-ବିଏଚୟୁ -027 | ସମ୍ବେଦନଶୀଳ ପାର୍କ | 1.20 | 2015-20 | 11.05.2018 | 08.08.2018 | 2.53 |
| 16 | ଓଡିଆଇ-ବିଏଚୟୁ -028 | ଭୁବନେଶ୍ୱର ଏକ | 2.53 | 2015-20 | 07.05.2016 | 31.08.2018 | 0.00 |
| 17 | ଓଡିଆଇ-ବିଏଚୟୁ -029 | ମିଶନ ଆବାସ-ଶାନ୍ତି ନଗର ପିପିପି ପ୍ରକଳ୍ପ | 55.00 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 18 | ଓଡିଆଇ-ବିଏଚୟୁ -030 | ମିଶନ ଆବାସ-ସତ୍ୟନଗର ଇପିସି ପ୍ରକଳ୍ପ | 64.48 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 19 | ଓଡିଆଇ-ବିଏଚୟୁ -031 | ମିଶନ ଆବାସ-ପ୍ରକଳ୍ପ ଚନ୍ଦ୍ରଶେଖରପୁର ପିପିପି ପ୍ରକଳ୍ପ | 155.00 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 20 | ଓଡିଆଇ-ବିଏଚୟୁ -032 | ମିଶନ ଆବାସ-ପ୍ରକଳ୍ପ ଗାଡକଣା ଇପିସି ଚୁକ୍ତି | 79.63 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 21 | ଓଡିଆଇ-ବିଏଚୟୁ -033 | ସ୍ମାର୍ଟ ଜନପଥ | 100.11 | 2015-20 | 04.10.2017 | 20.11.2019 | 94.55 |
| 22 | ଓଡିଆଇ-ବିଏଚୟୁ -034 | ରାଜମହଲ ଛକରେ ବହୁସ୍ତରୀୟ କାର ପାର୍କିଂ | 46.81 | 2015-20 | 27.12.2017 | 26.06.2019 | 38.86 |
| 23 | ଓଡିଆଇ-ବିଏଚୟୁ -035 | ସହୀଦ ନଗରରେ ବହୁସ୍ତରୀୟ କାର ପାର୍କିଂ | 31.02 | 2015-20 | 27.12.2017 | 26.12.2018 | 29.22 |
| 24 | ଓଡିଆଇ-ବିଏଚୟୁ -037 | ସ୍ୱେରେଜ ଜିଲ୍ଲା -1 ର ସ୍ୱେରେଜ ବ୍ୟବସ୍ଥା ନିର୍ମାଣ | 0.00 | 2015-20 | 27.07.2017 | 23.08.2020 | 0.00 |
| 25 | ଓଡିଆଇ-ବିଏଚୟୁ -040 | ବାପୁଜୀ ନଗରରେ ସମନ୍ୱିତ ଜନସେବା କେନ୍ଦ୍ର | 5.66 | 2015-20 | 01.02.2019 | 31.01.2020 | 5.66 |
| 26 | ଓଡିଆଇ-ବିଏଚୟୁ -041 | ଟ୍ୟାପରୁ ପିଅନ୍ତୁ | 25.00 | 2015-20 | | 2015-20 | 10.00 |
| 27 | ଓଡିଆଇ-ବିଏଚୟୁ -042 | ଡିଜିଟାଲ ଦ୍ୱାର ନମ୍ବରିଂ | 5.00 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 28 | ଓଡିଆଇ-ବିଏଚୟୁ -043 | ଲେକ୍ ଜୋନ୍ III ର ଦକ୍ଷିଣ ପାର୍ଶ୍ୱରେ ନୂତନ ରାସ୍ତା ନିର୍ମାଣ | 11.67 | 2015-20 | | ଆରମ୍ଭ ହେବାର ଅଛି | 0.02 |
| 29 | ଓଡିଆଇ-ବିଏଚୟୁ -044 | ବିଏମ୍‌ସିର ନୂଆ ଆଇସିଓଏମ୍‌ସି କୋଠାର 5 ନମ୍ବର ମହଲାରେ ଆଭ୍ୟନ୍ତରୀଣ ସଜ୍ଜା କାର୍ଯ୍ୟ | 32.86 | 2015-20 | | ଚାଲୁଅଛି | 3.20 |
| 30 | ଓଡିଆଇ-ବିଏଚୟୁ -045 | ମାଷ୍ଟର କ୍ୟାଣ୍ଟିନରୁ ବାଣୀବିହାର ପର୍ଯ୍ୟନ୍ତ ଜନପଥ ମଝିରେ ବାଉଁଶ ବାଡ଼ ଯୋଗାଇବା | 1.00 | 2015-20 | | ଚାଲୁଅଛି | 1.00 |
| 31 | ଓଡିଆଇ-ବିଏଚୟୁ -046 | ଦକ୍ଷତା ବିକାଶ କେନ୍ଦ୍ର | 1.00 | 2015-20 | | ଆରମ୍ଭ ହେବାର ଅଛି | 0.00 |

| କ୍ର.ସଂ. | ପ୍ୟାକେଜ୍ ଆଇଡ୍ | ପ୍ରକଳ୍ପ ନାମ | ପ୍ରକଳ୍ପ ମୂଲ୍ୟ(ଟଙ୍କା କୋଟିରେ) | ପ୍ରକଳ୍ପ ଅବଧି | ଆରମ୍ଭର ନିର୍ଦ୍ଧାରିତ ତାରିଖ | ସମାପ୍ତ ହେବାର ନିର୍ଦ୍ଧାରି ତାରିଖ | ଖର୍ଚ୍ଚ (ଟଙ୍କା କୋଟିରେ) |
|---|---|---|---|---|---|---|---|
| 32 | ଓଡିଆଇ-ବିଏଚୟୁ -047 | ମୋ ସେବା କେନ୍ଦ୍ର | 2.00 | 2015-20 | | ଚାଲୁଅଛି | 0.12 |
| 33 | ଓଡିଆଇ-ବିଏଚୟୁ -048 | ସିଟି ସର୍ଭିଲାନ୍ସ ସିଷ୍ଟମ | 25.00 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 34 | ଓଡିଆଇ-ବିଏଚୟୁ -049 | ହ୍ରଦ ଜୋନ୍ -2ର ଉତ୍ତର ପାର୍ଶ୍ୱରେ ନୂତନ ସଡ଼କ ନିର୍ମାଣ | 11.20 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 35 | ଓଡିଆଇ-ବିଏଚୟୁ -050 | ଟ୍ରାଫିକ ପୋଷ୍ଟର ପୁନଃ ନିର୍ମାଣ | 1.00 | 2015-20 | | ଆରମ୍ଭ ହେବାର ଅଛି | 0.00 |
| 36 | | କେନ୍ଦ୍ରାଞ୍ଚଳ ସହରାଞ୍ଚଳ ପରିବହନ | 0.00 | 2015-20 | | ଚାଲୁଅଛି | 29.32 |
| 37 | | ପ୍ରଶାସନିକ ଓ କାର୍ଯ୍ୟାଳୟ ଖର୍ଚ୍ଚ | 0.00 | 2015-20 | | ଚାଲୁଅଛି | 62.56 |
| | ମୋଟ | | **1,502.32** | | | | **745.60** |
| | | **ରାଉରକେଲା ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରକଳ୍ପ** | | | | | |
